
ଅଗଷ୍ଟ-ସେପ୍ଟେମ୍ବର ୨୦୧୯ • ୫୦ ଟଙ୍କା
ଆମ ମାଟିର ସ୍ୱର


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# REBATI AMA MATIRA SWARA

*A Family Feature monthly Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ପ୍ରଥମ ବର୍ଷ : ୧୦ ଓ ୧୧ଶ ସଂଖ୍ୟା, ଅଗଷ୍ଟ-ସେପ୍ଟେମ୍ବର, ୨୦୧୯ ■ Vol-1, Issue-10 & 11, August-September, 2019



ମାର୍ଗଦର୍ଶକ | Advisor

**ଇଂ. ରବୀନ୍ଦ୍ର କୁମାର ଜେନା | Er. Rabindra Kumar Jena**



ସମ୍ପାଦିକା | Editor

**ଶ୍ରୀମତୀ ସୁବାସିନୀ ଜେନା | Mrs. Subasini Jena**


ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଚିତ୍ରକଳା(ମୁଖ୍ୟ) : **ସଂଜୟ ଭଟ୍ଟ**
- ଚିତ୍ରକଳା(ସହଯୋଗୀ) : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**



**ସମ୍ପାଦକୀୟ କାର୍ଯ୍ୟାଳୟ**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*



Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

# ସୂ ଚୀ ପ ତ୍ର

୧ମ ବର୍ଷ ୧୦ ଓ ୧୧ଶ ସଂଖ୍ୟା । ଅଗଷ୍ଟ-ସେପ୍ଟେମ୍ବର ୨୦୧୯ ।

ରେବତୀ
ଆମ ମାଟିର ସର




୯ ସମ୍ପାଦକୀୟ : ନାରୀମୁକ୍ତିର ସ୍ୱାଦ : ସୁବାସିନୀ ଜେନା




୧୦
ବିଭୂତି-ବିଚାର : ଗୋରୁ, ଗୁରୁ ....
: ବିଭୂତି ପଟ୍ଟନାୟକ


୧୪
ଅନୁଶୀଳନ-୧ : 'ରେବତୀ' : ସେକାଳରୁ..
: ଡକ୍ଟର ସୁଷମା ମିଶ୍ର


୧୮
ଭ୍ରମଣ-କାହାଣୀ : ସାବରମତୀରେ ଦିନେ
: ଲକ୍ଷ୍ମୀପ୍ରିୟା ଓଝା

୨୫
ପର୍ଯ୍ୟଟନ : ଦେଉଳଝରି
: ସଂଗ୍ରାମ କେଶରୀ ପୃଷ୍ଟି

୩୧
ମାନନୀୟାସୁ : ମନସ୍ୱିନୀ ମନୋରମା
: ମନୋଜ ମେହେର

୪୦ ନଦନଦୀ : ଦ୍ୱିତୀଚନ୍ଦ୍ର ସାହୁ
୪୬ ଭଲ ବହି : କରୁଣାମୟୀ କସ୍ତୁରବା
୫୧ ଅନୁଶୀଳନ-୨ : ଡକ୍ଟର ହରିଶ୍ଚନ୍ଦ୍ର ବେହେରା
୫୪ କବି-କବିତା : ଇଂ. ବିଷ୍ଣୁ ସାହୁ
୫୭ ସମକାଳ କବିତା : ରାମକୃଷ୍ଣ ସାହୁ
: ପୂରବୀ ଶତପଥୀ
୫୮ : ନରେଶ ମଣ୍ଡଳ
: ସୁରେଶ ନାୟକ
୫୯ : ତ୍ରିନାଥ ସିଂହ
: ରଂଜନ କୁମାର ଦାସ
୬୦ : ଅଙ୍ଗୁରବାଳା ପରିଡ଼ା
: ଡକ୍ଟର ଶ୍ରୀହରି ଧଳ
୬୧ : ସୁସ୍ମିତା ବେହେରା
: ଲିପ୍‌ସା ପଟେଲ
୬୨ କଥାକାହାଣୀ-୧ : ଦିଲ୍ଲୀପ ବେହେରା
୬୭ କଥାକାହାଣୀ-୨ : ଅଞ୍ଜଳି ସାହୁ
୭୩ ମୋ ବାପା : ଶୁଭ ନାରାୟଣ ସ୍ୱାଇଁ









୧୮



୧୪



୭୩

୭୭ ପଛ-ଝର୍କା : **ନେତାଜୀ ଅଭିନନ୍ଦନ**

୮୦ ସଂସ୍ମରଣ : **ଦୁର୍ଗା ପ୍ରସାଦ ପଣ୍ଡା**

୮୫ ପଞ୍ଚତନ୍ତ୍ର କାହାଣୀ : **ଡକ୍ଟର ବିବୁଧରଂଜନ**

୯୨ ସ୍ୱାସ୍ଥ୍ୟ-ଚର୍ଚ୍ଚା : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

୯୬ ରୂପ-ରାଗ : **ସସ୍ମିତା ମେହେର**



୧୦୦

## ନିୟମିତ ବିଭାଗ

୮୮ ଗୃହ ସମସ୍ୟା :
**ଡକ୍ଟର ହରପ୍ରସନ୍ନ ଦାସ**

୯୮ ରୋଷେଇ :
**ରିମି ଦାସ**
**ଶୁଭଶ୍ରୀ ମହାପାତ୍ର**
**ବିଶ୍ୱ ଭାରତୀ ଦାଶ**

୧୦୫ ମୁଦ୍ରା : **ସୌଭାଗ୍ୟ ମିଶ୍ର**



୯୬

୧୦୬ ଶେଷପୃଷ୍ଠା : **ଲେଖକର ଜାତିଗୋତ୍ର : କୃଷ୍ଣ କୁମାର ମହାନ୍ତି**




୪୬



ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ଦୃଶ୍ୟାଙ୍କନ : **ସଞ୍ଜୟ ଭଟ୍ଟ**
ପ୍ରଚ୍ଛଦ ଫଟୋଗ୍ରାଫି : **ସଞ୍ଜୟ ଭଟ୍ଟ**
ପ୍ରଚ୍ଛଦ ମଡେଲ୍ : **ରାମେଶ୍ୱରୀ**
ଉଚ୍ଚତା : **୫ ଫୁଟ୍ ୬ ଇଞ୍ଚ୍**
ଶିକ୍ଷା : **ସ୍ନାତକ**
ବୃତ୍ତି : **ଅଭିନୟ**
କଷ୍ଟ୍ୟୁମ୍ ଓ ମେକ୍ଅପ୍ : **ସାଇ ଲକ୍ଷ୍ମୀ**
ସ୍ଥାନ : **କ୍ରିଏଟିଭ୍ ଆଇ କଲଚର୍ ସେଣ୍ଟର୍, ଭୁବନେଶ୍ୱର**
ବିଶେଷ କୃତଜ୍ଞତା : **କେଶବ୍ ମଲ୍ଲିକ**

**ମଲାଟ କଥା :** ନାରୀର ସୁରକ୍ଷା ପାଇଁ ଆମେ ସର୍ବଦା ଚେଷ୍ଟିତ ଥାଉ ସତ କିନ୍ତୁ ତା ସତ୍ତ୍ୱେ ନାରୀ କୋଉଠି ନା କୋଉଠି ଅସୁରକ୍ଷିତ । ଏ କଥା ବହୁବାର ପ୍ରମାଣିତ । ତେବେ ନାରୀ ବି ଆମକୁ ବହୁ ପରିମାଣରେ ସୁରକ୍ଷା ଦେଇଥାଏ । ଖୁବ୍ କ୍ୱଚିତ୍ ଆମେ ସ୍ୱୀକାର କରୁ ଏ କଥା । ନାରୀ ସବୁବେଳେ ସମାଜ ଓ ପରିବାରର ଦାୟିତ୍ୱ ନେବା ସହ ପ୍ରତିଟି କ୍ଷେତ୍ରରେ ପୁରୁଷର ପାଖେ ପାଖେ ଥାଇ ତାର ସେବା ଓ ସୁରକ୍ଷାର ଭାର ନେଇଥାଏ । ଭାଇ ହାତରେ ରାକ୍ଷୀ ବାନ୍ଧିବାର ପରମ୍ପରା ପ୍ରାଚୀନ । ଏ ପରଂପରା ବି ଆମକୁ ଶିଖାଏ ନାରୀକୁ ସୁରକ୍ଷିତ ରଖିବାର ଦାୟିତ୍ୱବୋଧ । ରାକ୍ଷୀ ବାନ୍ଧିବା ପାଇଁ ଭଉଣୀଟିଏ ଅପେକ୍ଷାରେ ଥାଏ ଭାଇର । ବନ୍ଦାପନା କରି ସେ ଭାଇର ମଙ୍ଗଳ କାମନା କରେ । ଠିକ୍ ସେମିତି ସମଗ୍ର ଭାତୃ ସଂପ୍ରଦାୟ ନାରୀର ରକ୍ଷା-କବଚ ସାଜି ପାରିଲେ ନାରୀ ମୁହଁରେ ଫୁଟିଉଠନ୍ତା ବାରମାସୀ ଫୁଲ ପରି ହସ । ମଙ୍ଗଳକାମୀ ନାରୀର ସେଇ ସେବା, ତ୍ୟାଗ ଓ ତିତିକ୍ଷା ହିଁ ଆମ ପ୍ରଚ୍ଛଦ ଭାବନା ।






## ରବେତୀ ପଠନୀୟ ଓ ସଂଗ୍ରହଣୀୟ

● ଆଜି 'ରେବତୀ'କୁ ଦେଖିଲି ଭବାନୀପାଟଣା ବସ୍‌ଷ୍ଟାଣ୍ଡ୍ ସ୍ଥିତ ଇନ୍ଦ୍ରଧନୁ ବୁକ୍ ଷ୍ଟଲ୍‌ରେ । କିଣି ଆଣିଲି । ବେଶ୍ ରୂପବତୀ, ଗୁଣବତୀ ଓ ଅଳଙ୍କାର ବିମଣ୍ଡିତା ବେଶଭୂଷାରେ 'ରେବତୀ' ମୁଗ୍ଧ କଲା । ଏହାର ପ୍ରତ୍ୟେକଟି ପ୍ରସଙ୍ଗ କେବଳ ପଠନୀୟ ନୁହଁ, ସଂଗ୍ରହଣୀୟ ମଧ୍ୟ । ଏଥର ବିପ୍ଳବୀ କବି ରବି ସିଂଙ୍କ ସମ୍ପର୍କରେ ରଂଜନ ପ୍ରଧାନଙ୍କ ଉପସ୍ଥାପନାଟି ଜୀବନ୍ତ ଓ ଚମତ୍କାର ହୋଇଛି । ଏଥିପାଇଁ ଉପସ୍ଥାପକଙ୍କୁ ଅଜସ୍ର ବଧାଇ । ପତ୍ରିକାର ସମ୍ପାଦନା ମଣ୍ଡଳୀ ଏବଂ ପ୍ରକାଶିକାଙ୍କୁ ଆମର ହାର୍ଦ୍ଦିକ ଅଭିନନ୍ଦନ ।

**ଡାକ୍ତର ଦୀନବନ୍ଧୁ ସାହୁ**
ଭବାନୀପାଟଣା

## ହରିହର ମିଶ୍ରଙ୍କ ଆଲେଖ୍ୟଟି ମର୍ମସ୍ପର୍ଶୀ

● ଜୁନ୍-ଜୁଲାଇ ସଂଖ୍ୟା 'ରେବତୀ'ରେ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା'ରେ 'ସାହିତ୍ୟିକର ସ୍ୱଭାବଚରିତ୍ର' ଆଲେଖ୍ୟଟି ପାଠକୀୟ ସ୍ୱୀକୃତିର ସୂଚନା ଦିଏ । ବରିଷ୍ଠ-କନିଷ୍ଠ ବିଚାର ପ୍ରସଙ୍ଗରେ ଆପଣ ସୁଚିନ୍ତିତ ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି । କନିଷ୍ଠ ତଥା ଯୁବବର୍ଗର ଅନେକ କବି ଓ ଲେଖକ ଅଛନ୍ତି ଆମ ସାହିତ୍ୟର ଆକାଶରେ ତାରା ପରି । ସେମାନେ ବରିଷ୍ଠ ସ୍ରଷ୍ଟା ଠାରୁ ମଧ୍ୟ ଭଲ ଲେଖୁଛନ୍ତି ପତ୍ରପତ୍ରିକାରେ । 'ଶେଷକଥା' ଏଥିପାଇଁ ଚମତ୍କାର ଓ ସମୟୋପଯୋଗୀ ହୋଇଛି । ସେମାନେ ହିଁ ଆମ ସାହିତ୍ୟ ଆକାଶରେ ଭବିଷ୍ୟତର ଚନ୍ଦ୍ରମା । ଅଶେଷ ଅଭିନନ୍ଦନ । ଚଳନ୍ତା ବହିମେଳା ଏକ ଭିନ୍ନ ସ୍ୱାଦ ଓ ଚେତନାର ଚିତ୍ରପଟ୍ଟ ପରି ଲାଗିଲା । ଏହା ଗୋଟେ ନୂତନ ଦିଗନ୍ତର ସୂଚନା ପ୍ରଦାନ କରେ ପୁସ୍ତକ ଆନ୍ଦୋଳନର ପୃଷ୍ଠଭୂମିରେ । 'ବାଲୁଗାଁର ବାଲ୍ମିକୀ'ର ପ୍ରଖ୍ୟାତ କବି ତପନ ପଟ୍ଟନାୟକଙ୍କ 'କୋହ ଓ ମୋହ'ର ସଫଳ ରୂପାୟନ କରିଛନ୍ତି କବି ଓ କଥାକାର ଅଜୟ ସ୍ୱାଇଁ । 'ହୃଦୟଖୋଲା ହରିହର'ଙ୍କ ସମ୍ପର୍କରେ ତାଙ୍କ ଝିଅ କବି ମୋନାଲିସା ମିଶ୍ର 'ସେ ଏମିତି ଚଢ଼ନ୍ତି ଉଠାଣି' ଆଲେଖ୍ୟକୁ ବେଶ୍ ମର୍ମସ୍ପର୍ଶୀ ଓ ମନୋଜ୍ଞ କରି ପାରିଛନ୍ତି । କବି ହରିହର ମିଶ୍ର ଏକାଧାରରେ କବି, ନାଟ୍ୟକାର, ଅଭିନେତା, ଅଧ୍ୟାପକ ଓ ଗୀତର ଜଣେ ସଫଳ ବ୍ୟକ୍ତିତ୍ୱ । 'ମୁଦ୍ରା' ପୃଷ୍ଠାରେ ସୁନାମଧନ୍ୟ ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ରେବତୀ' ସହ ଭାବଗମ୍ଭୀର ଭଙ୍ଗୀ ପାଠକଙ୍କ ଦୃଷ୍ଟି ଆକର୍ଷଣ କରେ । 'କବି ଓ କବିତା'ରେ ପ୍ରବାସିନୀ ମହାକୁଡ଼ଙ୍କ ସହ ଅନ୍ୟ କବିଙ୍କ କବିତାର ଭାବ ଓ ଶବ୍ଦବିନ୍ୟାସ ମୁଗ୍ଧକର ।

**ସୌଭାଗ୍ୟବନ୍ତ ମହାରଣା,** ସମ୍ବଲପୁର

## ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଆଲେଖ୍ୟଟି ନିଆରା

● ଆଜି ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡ୍‌ରୁ 'ରେବତୀ'ର ମଇ ସଂଖ୍ୟା ୨ଖଣ୍ଡ କପି ସଂଗ୍ରହ କରିଛି । ସୁନ୍ଦର ପରିପାଟୀ ଓ ଗ୍ଲସି ପେପର୍‌ରେ ଛପା ସମ୍ପୂର୍ଣ୍ଣ ରଙ୍ଗୀନ ପତ୍ରିକା । ମାତ୍ର ୩୦ଟଙ୍କାରେ ଉପଲବ୍ଧ ହେବା ନିଶ୍ଚିତ ଭାବେ କୌଣସି ସାହିତ୍ୟପ୍ରେମୀଙ୍କୁ ଆକୃଷ୍ଟ କରିବ । ମୋର ପ୍ରଥମ କବିତା ପୁସ୍ତକ 'ପକ୍ଷୀ' ସମ୍ପର୍କିତ ଆଲେଖ୍ୟକୁ ଆକର୍ଷଣୀୟ ଶୈଳୀରେ ଉପସ୍ଥାପିତ କରିଥିବାରୁ ମୁଁ ଧନ୍ୟବାଦ ଜଣାଉଛି । ବିପ୍ଳବୀ କବି ରବି ସିଂଙ୍କ ଉପରେ ରଞ୍ଜନ ପ୍ରଧାନଙ୍କ ଆଲେଖ୍ୟ ମନକୁ ପାଇଲା । 'ଭଲ ବହି' ସ୍ତମ୍ଭରେ 'ଗାନ୍ଧିକଳା ଓ କବିତାର ଅର୍ଘ୍ୟ' ସମ୍ପର୍କିତ ଆଲେଖ୍ୟ ଗାନ୍ଧି ଭାବନାରୁ ଅନେକକଥା ଜାଣିହେଲା । ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ଆଲେଖ୍ୟ ଜଗଦୀଶଙ୍କ କଥାଦୃଷ୍ଟି ଚିନ୍ତାଦ୍ୟୋତକ । ଭଲ ଲାଗିଲା ପ୍ରଖ୍ୟାତ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଉପରେ ପ୍ରସ୍ତୁତ ଆଲେଖ୍ୟ 'ନାଟକର ନିୟତି' । ନାଟ୍ୟକାରଙ୍କ ସୁପୁତ୍ରୀ ଅନିନ୍ଦିତା ପାଣିଗ୍ରାହୀ ଏହି ଲେଖାର ସ୍ରଷ୍ଟା ହୋଇଥିବାରୁ ଏହାର ଆବେଦନ ନିଆରା ମନେହେଲା । ଷ୍ଟାଚ୍ୟୁ ଅଫ୍ ୟୁନିଟି ଉପରେ ଲିଖିତ 'ଏକତାର ମହାମନ୍ତ୍ର' ବେଶ୍ ସୁଖପାଠ୍ୟ । ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା 'ସିଡ଼୍‌ନୀର ମାଡାମ୍ ତୁଷାଡ଼୍' ମନକୁ ପାଇଲା । ମୋଟାମୋଟି ପତ୍ରିକାଟି କେବଳ ମନଲୋଭା ନୁହେଁ ସଂଗ୍ରହଣୀୟ ମଧ୍ୟ । ଏଥିପାଇଁ ସମ୍ପାଦିକା ଓ ସହଯୋଗୀ ସମ୍ପାଦକଙ୍କୁ ବଧେଇ ।

**ମନୋଜ କୁମାର ମେହେର,** 'ସମାଜ' କାର୍ଯ୍ୟାଳୟ, କଟକ

## ବେଣୁ ସାର୍‌ଙ୍କ ଉପରେ ଲେଖା 'ରେବତୀ' ହିଁ ଲେଖାଇ ନେଲା

● ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡ୍ ସ୍ଥିତ ମା' ନାରାୟଣୀ ବୁକ୍‌ଷ୍ଟୋର୍‌ରୁ ମଇମାସର 'ରେବତୀ' ସଂଗ୍ରହ କରିବା ଅବସରରେ ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି । ମୋ ପାଇଁ କୋଡ଼ିଏ ଖଣ୍ଡ କପି ସଂରକ୍ଷିତ ରଖିଛି ଏଇଥିପାଇଁ ଯେ, ମୋ ନିଜ ଲୋକମାନଙ୍କୁ ମୁଁ ପତ୍ରିକାଟିକୁ ଉପହାର ସହ ଦେବାକୁ ଚାହୁଁଛି । କୃଷ୍ଣ ସାର୍‌ଙ୍କୁ ଧନ୍ୟବାଦ ମୋ ପାଖରୁ ବେଣୁ ସାର୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଲେଖାଟିଏ ଲେଖାଇ ନେଇ ପାରିଥିବାରୁ । 'ଶେଷକଥା'ରୁ ହିଁ ମୁଁ 'ରେବତୀ'ର ପ୍ରତିଟି ସଂଖ୍ୟା ପଢ଼ା ଆରମ୍ଭ କରିଥାଏ । ଆପଣ ଏହି ସ୍ତମ୍ଭରେ ପ୍ରକୃତରେ ପ୍ରତ୍ୟେକ ଥର ଏକ ନୂତନ ତଥା ଅନାଲୋଚିତ ପ୍ରସଙ୍ଗ ଉପରେ ବ୍ୟାଖ୍ୟା କରି ସମସ୍ତଙ୍କ ମନକୁ ପାଇଲା ଭଳି ଏକ ଯୁକ୍ତିଯୁକ୍ତ ସତ୍ୟ ଉପସ୍ଥାପନ କରିଥାନ୍ତି । ଏହା ମଧ୍ୟ 'ରେବତୀ'ର ନିଆରାପଣର ଅନ୍ୟ ଏକ ନିଦର୍ଶନ । ଏଭଳି ତିକ୍ତ ବାସ୍ତବତା ଉପସ୍ଥାପନ କରିବାକୁ ଅନ୍ୟାନ୍ୟ ପତ୍ରିକା କ୍ୱଚିତ୍ ପ୍ରୟାସ କରିଥାନ୍ତି । ଆପଣଙ୍କ ମତାମତକୁ ଉଭୟ ନୂତନ ତଥା ଅଭିଜ୍ଞ କନିଷ୍ଠ ତଥା ବରିଷ୍ଠ ସବୁ ଶ୍ରେଣୀର ସାହିତ୍ୟିକମାନେ ବାହାବା ଦେବାକୁ ଅନେକ କାରଣ ଖୋଜି ପାଇବେ । ପରବର୍ତ୍ତୀ ସଂଖ୍ୟାରେ ପୁନଶ୍ଚ ଏହିଭଳି ଏକ ବଳିଷ୍ଠ ତଥ୍ୟର ଉପସ୍ଥାପନ ଅପେକ୍ଷାରେ ।

**ଯଶୋବନ୍ତ ସେଠୀ**
ଏସିପି, ପୋଲିସ କମିଶନ୍‌ରେଟ୍, ଭୁବନେଶ୍ୱର

## ନିଜକୁ ଆବିଷ୍କାର କରେ ରେବତୀରେ

●ବ୍ୟସ୍ତତା ଭିତରେ ମଧ୍ୟ ମୁଁ 'ରେବତୀ' ପଢ଼େ... । କାରଣ 'ରେବତୀ' ମୋର ଖୁବ୍ ପ୍ରିୟ ଓ ଅତି ଆପଣାର । ଏହି ପତ୍ରିକା ଭିତରେ ମୁଁ କେବେ କେବେ ନିଜକୁ ଆବିଷ୍କାର କରିବା ସହ ଓଡ଼ିଶାର ଜନଜୀବନ ଓ ସଂସ୍କୃତିର ପ୍ରତିଛବି ଦେଖିପାରେ ଜୀବନ୍ତ ଭାବରେ । ମୋର ଶୁଭେଚ୍ଛା ।

**ଶୁଭଶ୍ରୀ ମହାପାତ୍ର,**
ଜି-ଟିଭି ଓଡ଼ିଶା, ନୟାପଲ୍ଲୀ, ଭୁବନେଶ୍ୱର

## ପୁରୀରେ 'ରେବତୀ' କେବେ ମିଳିବ

●ସାହିତ୍ୟର କୋଣାର୍କ ଗଢ଼ା ହେବା ବେଳେ ଜଣେ ବି ଧର୍ମପଦର ନିଷ୍ଠା ଅଦେଖା ନରହୁ...ତାର ସର୍ଜନା, ତାର ସାଧନା, ଆତ୍ମହତ୍ୟା ନକରୁ । 'ଶେଷପୃଷ୍ଠା'ର ଚିନ୍ତାଧାରା ସହ ମୁଁ ସମ୍ପୂର୍ଣ୍ଣ ଏକମତ । ଧନ୍ୟବାଦ । ପୁରୀରେ 'ରେବତୀ' କେବେ ମିଳିବ ?


**ସୁଚେତା ମିଶ୍ର,** ଲିଙ୍କ୍ ବ୍ୟାଙ୍କ୍ ଲେନ୍, ପୁରୀ

## ବାହୁଡ଼ା ଦାସଙ୍କୁ ପ୍ରଥମ ଜାଣିଲି

●ବିଳମ୍ବରେ ହେଲେ ବି 'ରେବତୀ' ପାଇଲି । ରଜରେ ରେବତୀ ଖୁବ୍ ମୁଗ୍ଧ କଲା । 'ମାନନୀୟେଷୁ'ରେ କବି ରବି ସିଂଙ୍କ ବିଷୟରେ ଅନେକ କଥା ଜାଣିବାକୁ ପାଇଲି । 'ନନା ଆଉ ଆମ ଚା' ଚର୍ଚ୍ଚା' ଖୁବ୍ ଶିକ୍ଷଣୀୟ । ଜୀବନର ଯୁଗଳବନ୍ଦୀ- ଜଗଦୀଶ ଓ ସରୋଜିନୀ, ଜାଣି ନଥିଲି । ଏକ ସର୍ଜ୍ଜନାର ଅପମୃତ୍ୟୁ ଖୁବ୍ ଯନ୍ତ୍ରଣା ଦେଲା । ନୂଆ ଘର ଖଣ୍ଡି ଦିନେ ପୁରୁଣା ହେବ.... ଭଜନର ଲେଖକ ବାହୁଡ଼ା ଦାସଙ୍କୁ ମୋ ପରି ଅନେକେ ପ୍ରଥମ ଥର ଜାଣିଥିବେ । ପକ୍ଷୀର ବ୍ୟାକରଣ ଖୁବ୍ ଭଲ ଲାଗିଲା । ଏମିତି ଖୁବ୍ ନୂଆ ନୂଆ କଳେବରରେ ପରିପୁଷ୍ଟ ହୋଇଥିବା ପତ୍ରିକାଟିର ନାମ 'ରେବତୀ' । ଏହାର ପ୍ରତ୍ୟେକଟି ଫିଚର୍ ବେଶ୍ ସମ୍ଭ୍ରାନ୍ତ । କଭର୍‌ପେଜ୍‌ରେ ପ୍ରତୀକ୍ଷା ଜେନାଙ୍କୁ ଦେଖି ଖୁସି ହେଲି ।

**ଗାୟତ୍ରୀ ଦାସ(ପିଙ୍କି),** ଅନୁଗୁଳ

## ସମ୍ପାଦିକାଙ୍କ 'ମାଆକୁ ମର୍ଯ୍ୟାଦା' ଉଚ୍ଚକୋଟୀର




● ଜୁଲାଇ ୨୦୧୯ ସଂଖ୍ୟା 'ରେବତୀ' ଖୁବ୍ ଆକର୍ଷଣୀୟ ହୋଇଛି । ମାଆର କଥା ଓ କାମ ସବୁବେଳେ ତା ପିଲାମାନଙ୍କ ପାଇଁ ହିତକର ହୋଇଥାଏ । ମାଆ ହେଉଛି ଦୟା, କ୍ଷମା, ସ୍ନେହ, ପ୍ରୀତିର ପ୍ରତୀକ ଓ ଏହି ମାଆ ଉପରେ ଆଧାରିତ ସମ୍ପାଦକୀୟ 'ମାଆକୁ ମର୍ଯ୍ୟାଦା' ବେଶ୍ ଉଚ୍ଚକୋଟୀର ହୋଇଛି ମାଡ଼ାମ୍ ସୁବାସିନୀ ଜେନାଙ୍କୁ ଧନ୍ୟବାଦ । ଅଜୟ ସ୍ୱାଇଁଙ୍କ 'ଶାଳିଆ ନଈ ଓ ରାତିପକ୍ଷୀର ଗୀତ' ପଢ଼ିଲା ପରେ ଗୋଟିଏ କଥା ମନକୁ ଆସେ ଜୀବନ ପଥ ବହୁ କଣ୍ଟକିତ ଓ ଜୀବନ ରହସ୍ୟପୂର୍ଣ୍ଣ । ଶରୀରଂ ବ୍ୟାଧି ମନ୍ଦିରଂ, କେତେବେଳେ କେଉଁ ରୋଗ ବାହାରି କାହା ଶରୀରକୁ ଆକ୍ରମଣ କରେ, ତାହା କେହି ଜାଣି ପାରନ୍ତି ନାହିଁ । ରୋଗର ଚିକିତ୍ସା ସମ୍ଭବ । କିନ୍ତୁ ଭାଗ୍ୟର ନୁହେଁ । ଆଜିର ସମସ୍ୟା ବହୁଳ ସମୟରେ ସାହିତ୍ୟ ସ୍ରଷ୍ଟା ଯେ ଅନ୍ୟମାନଙ୍କ ପରି ବିଭିନ୍ନ ସଂକଟର ସମ୍ମୁଖୀନ ହୁଏ, ଏ କଥା ସର୍ବତୋଃ ଅନୁଭୂତ । 'ବହିବିଚାର'ରୁ ପୁସ୍ତକ 'ଚରିତ୍ର ଚିତ୍ରକଥା'ର ସୂଚନା ପାଇଲି । ଗଳ୍ପ, କବିତା ଓ ଅନ୍ୟାନ୍ୟ ଲେଖାଗୁଡ଼ିକ ପଢ଼ି ଖୁସି ହେଲି ।

**ନିରଂଜନ ସାହୁ,** ଘାଟିକିଆ, ଭୁବନେଶ୍ୱର-୩

## ଆଜିର 'ରେବତୀ' ଆପଣାର ପରିଚୟରେ ଏବେ ବେଶ୍ ଉର୍ଦ୍ଧ୍ୱମୁଖୀ

● 'ରେବତୀ' ଆଉ ନବାଗତା ହୋଇନାହିଁ । ଏହି ପତ୍ରିକାର ମାନ ତାର ଭବିଷ୍ୟତ ନିର୍ଦ୍ଧାରଣ କରୁଛି । ସାନନ୍ଦା, କାଦମ୍ବିନୀ ପରେ 'ରେବତୀ' ଏବେ ମୋ ପରିବାରର ସଦସ୍ୟା । ସବୁଠାରୁ ସୁନ୍ଦରକଥା ହେଉଛି, 'ରେବତୀ' ଧରିଲା ମାତ୍ରେ ମୁଁ 'ଶେଷକଥା'ରୁ ହିଁ ଆରମ୍ଭ କରେ । ସମ୍ପାଦକଙ୍କ ତଥ୍ୟ ସମ୍ବଳିତ ଉଚ୍ଚ ବିଚାରଧାରା ମୋତେ ଖୁବ୍ ପ୍ରଭାବିତ କରେ । ଏଥର 'ଶେଷକଥା'ରେ 'ସାହିତ୍ୟିକର ସ୍ୱଭାବ' ଏକ ଚିନ୍ତନର କଥା । ସତରେ ଆମେ ଅନେକ ସମୟରେ ଆମ ସୌଜନ୍ୟ ଭୁଲି ଯାଉଛୁ । 'ସମ୍ପାଦକୀୟ'ରେ ସୁବାସିନୀ ଜେନା 'ମାଆକୁ ମର୍ଯ୍ୟାଦା' ଶୀର୍ଷକରେ ଯେଉଁ ଆଲେଖ୍ୟ ଲେଖିଛନ୍ତି ତାହା ଏକ ସଂକଳ୍ପ ହେଉ ।

ଡକ୍ଟର ହେନେରିତା ମିଶ୍ରଙ୍କ 'ରଥେତୁ ବାମନଂ ଦୃଷ୍ଟ୍ୱା' ଜଗନ୍ନାଥ ସଂସ୍କୃତି ଉପରେ ଧାରଣା ଦେଲା । ସ୍ନିଗ୍ଧା ତ୍ରିପାଠୀଙ୍କ 'ରଜ'ରେ ଗାଁ ମାଟିର ବାସ୍ନା, ପୋଡ଼ପିଠାର ମହକ, ପଟାଦୋଳିର କୁହୁକ, କୁଆଁରୀ ସଜେଇ ଦେଲା କିଛିକ୍ଷଣ ପାଇଁ । 'ଚଳନ୍ତା ବହିମେଳା' ଏକ ଚମତ୍କାର ପ୍ରତିବେଦନ । ଏମିତି ବହିଧରି ଭାରତ ଆବିଷ୍କାର କରିବା ସତରେ ଆଶ୍ଚର୍ଯ୍ୟଚକିତ କରିଦେଲା । 'ମହୁଫେଣାରୁ ତିଆରି ହୁଏ ମଇନ ଅଠା' ପୁଣି ସେଥିରୁ ତିଆରି ହୁଏ ପାରମ୍ପରିକ ଡୋକ୍ରା ସାମଗ୍ରୀ । ଅନେକ ଅଜଣା ତଥ୍ୟ ଜାଣି ହେଲା । ରାତି ପକ୍ଷୀମାନଙ୍କୁ ଭଲ ପାଉଥିବା ନିଆରା ଲେଖକ ଅଜୟ ସ୍ୱାଇଁଙ୍କୁ ଖୁବ୍ ପାଖରୁ ଅନୁଭବି ହେଲା । 'ଗୃହସ୍ଥ ଓ ଗୃହିଣୀ' ଅଧୁନା ପରିବାର ପାଇଁ ଏକ ଶିକ୍ଷଣୀୟ ଓ ଉପାଦେୟ ବିଭାଗ । କବି ହରିହର ମିଶ୍ରଙ୍କ ସୁଯୋଗ୍ୟ କନ୍ୟା ଯେ ମୋନାଲିସା ମିଶ୍ର, ଏ କଥା ଜାଣିବାକୁ ପାଇଲି 'ସେ ଏମିତି ଚଢ଼ନ୍ତି ଉଠାଣି' ପାଠ କରି । 'କଳାହାଣ୍ଡିର ଅମ୍ଳଜାନ ଇନ୍ଦ୍ରାବତୀ' ପଢ଼ି ଇନ୍ଦ୍ରାବତୀ ବିଷୟରେ ଅନେକ କଥା ଜାଣିବାକୁ ପାଇଲି । ସବୁଠାରୁ ଆକର୍ଷଣୀୟ 'ସୌନ୍ଦର୍ଯ୍ୟମୟୀ ଦାରିଙ୍ଗବାଡ଼ି' । ଦାରିଙ୍ଗବାଡ଼ି ବୁଲିଯିବାର ଆଗ୍ରହକୁ ଦ୍ୱିଗୁଣିତ କଲା । ସୃଜନପୃଷ୍ଠାରେ ସମ୍ପାଦକଙ୍କ ପରିପକ୍ୱତା ବେଶ୍ ସ୍ପଷ୍ଟ । 'ଶାନ୍ତିନିକେତନ' ବିଷୟରେ କିଛି ଜାଣିବା ପାଇଁ ଅନେକ ଦିନରୁ ଆଗ୍ରହ ଥିଲା । ପ୍ରତ୍ୟାଶା ଧଳ ପୁଙ୍ଖାନୁପୁଙ୍ଖ ବିବରଣୀ ଦେଇଛନ୍ତି ତାଙ୍କର ଶାନ୍ତିନିକେତନ ଆଲେଖ୍ୟରେ । ଅନେକ କଥା ଜାଣିବାକୁ ପାଇଲି । ବ୍ରହ୍ମାଣ୍ଡ ସୃଷ୍ଟିକର୍ତ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅତୀତ ଇତିହାସ ଏତେ ଅଲୌକିକ, ନେତାଜୀ ଅଭିନନ୍ଦନଙ୍କ ଧାରାବାହିକ ଆଲେଖ୍ୟରୁ ଜାଣି ହେଲା । 'ଭାରତୀୟ ସଂସ୍କୃତିରେ ଶଙ୍ଖ' ଭିନ୍ନ ଏବଂ ନିଆରା ବିଷୟ । ଶଙ୍ଖ ବିଷୟରେ ଅନେକ ଅଜଣା ତଥ୍ୟ ଜାଣି ହେଲା । 'ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା'ରେ ଅଙ୍ଗଦାନ ନିର୍ଣ୍ଣିତ ଭାବରେ ପ୍ରେରଣା ଦେବ ଅଙ୍ଗଦାନ ପରି ଏକ ପୁଣ୍ୟତମ ଦାନ ପାଇଁ । 'ପ୍ରତିଭା'ରେ ଶୀତଲ ସାହୁ ଭଲ ଲାଗିଲେ । ପ୍ରତ୍ୟାଶା ପ୍ରିୟମ୍ୱଦାଙ୍କ କୋଳଥଡାଲି, ସସ୍ମିତା ମେହେରଙ୍କ ସୌନ୍ଦର୍ଯ୍ୟ ଟିପ୍ସ 'ଖରାଦିନେ ଦହି ଫେସିଆଲ', ସୁଚେତା ନନ୍ଦଙ୍କ 'ଆନ୍ଧ୍ର ଓ ଆମେରିକୀୟ ରାନ୍ଧଣା', ପୁରୁଣା ଦିନର 'ସାନନ୍ଦା' ପୃଷ୍ଠାସବୁକୁ ମନେ ପକେଇ ଦେଲା ।

ଏଥରର ଜୁନ୍-ଜୁଲାଇ ସଂଖ୍ୟାଟି ଶିକ୍ଷା, ସଂସ୍କୃତି, ସାହିତ୍ୟ, ସ୍ୱାସ୍ଥ୍ୟ, ଜଣାଅଜଣାର ଚମତ୍କାର ସିମ୍ଫୋନି । ବିବିଧତାରେ ଭରପୂର ସୃଜନ ଅରଣ୍ୟ । ସାଇତି ରଖିବା ଭଳି ସଂଖ୍ୟାଟିଏ । ଏହା କେବଳ ଜଣେ ସୃଜନ ମନସ୍କ ସାଲିସ ବିହୀନ କଠୋର ସମ୍ପାଦନ ଦ୍ୱାରା ହିଁ ସମ୍ଭବ । ଆଜିର ରେବତୀ ଫକୀରମୋହନ ସେନାପତିଙ୍କ ତୁଳିରୁ ଉତୁରି ଆସି ତାହା ଆପଣାର ପରିଚୟରେ ଏବେ ଉର୍ଦ୍ଧ୍ୱମୁଖୀ ।

**ଗାୟତ୍ରୀ ଦାସ,**
ଅନୁଗୁଳ

## କବିତା ପୃଷ୍ଠା ଭାବଦ୍ଦୀପୋକ

● 'ରେବତୀ'ର କବିତା ପୃଷ୍ଠା ପ୍ରତ୍ୟେକଥର ନୂଆ ନୂଆ ଆବେଗ ଆଣି ଦେଇଥାଏ । ଏଥର ମଧ୍ୟ ଜୁନ୍-ଜୁଲାଇ ସଂଖ୍ୟାରେ ସ୍ରଷ୍ଟାମାନଙ୍କର ଶାଣିତ ଭାବାବେଗର ପ୍ରତିଫଳନ ସୁସ୍ପଷ୍ଟ । ସମକାଳର କବିତାଗୁଚ୍ଛ ମୋତେ ବିବିଧ ପୁଷ୍ପର ସମାହାରରେ ପ୍ରସ୍ତୁତ ପୁଷ୍ପଗୁଚ୍ଛ ସଦୃଶ ପ୍ରତୀତ ହେଲା । ମୋର ଅଧିକ ପସନ୍ଦ ଚିତ୍ତରଂଜନ ନାୟକଙ୍କ 'ଝିଅ' କବିତା । ସତରେ ସେ ତାଙ୍କର କବିତା ରୂପକ ଛୋଟ ଝିଅଟିକୁ ବାପା ନୁହେଁ, ମା' ସାଜି ସଜେଇ ଦେଇଛନ୍ତି । କବିଙ୍କୁ ଶୁଭେଚ୍ଛା ।

**ଯଶୋବନ୍ତ ସେଠୀ,**
ଏସିପି, କମିଶନ୍‌ରେଟ୍ ପୋଲିସ୍,
ଭୁବନେଶ୍ୱର

## ପ୍ରଚ୍ଛଦ ପାଇଁ ସୁରଭି ଓ ସଂଜୟଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା

● ଆଜି ସନ୍ଧ୍ୟାରେ ସମ୍ବଲପୁର ପଣ୍ଡା ବୁକ୍‌ଷ୍ଟଲ୍‌ରୁ କିଣିଲି 'ରେବତୀ' । ଏହାର ପ୍ରଚ୍ଛଦ ଖୁବ୍ ସୁନ୍ଦର ଓ ଲୋଭନୀୟ ହୋଇଛି । ପ୍ରଚ୍ଛଦ ପାଇଁ ମଡ଼େଲ ସୁରଭି ଓ ସଞ୍ଜୟଙ୍କୁ ମୋର ଶୁଭେଚ୍ଛା । 'ଶେଷକଥା'ରୁ ଆରମ୍ଭ କଲି ପଢ଼ିବା । କୃଷ୍ଣ କୁମାର ମହାନ୍ତିଙ୍କୁ ତାଙ୍କର 'ଶେଷପୃଷ୍ଠା' ପାଇଁ ଧନ୍ୟବାଦ ଓ ଅଭିନନ୍ଦନ । ତାଙ୍କର ସାହିତ୍ୟ ଓ ସାହିତ୍ୟିକଙ୍କ ସମ୍ପର୍କରେ ଆଲେଖ୍ୟ ପାଇଁ । 'ରେବତୀ'ର ଅନ୍ୟ ବିଭାଗକୁ କ୍ରମଶଃ ପଢ଼ି ପଢ଼ି ଯିବି । ଏକାଥରେ ସାରିଦେବାକୁ ଇଚ୍ଛା ହେଉ ନାହିଁ ।

**ସୌଭାଗ୍ୟବନ୍ତ ମହାରଣା,** ସମ୍ବଲପୁର

## ସୁବାସିନୀ ଜେନାଙ୍କ ସମ୍ପାଦକୀୟ ଖୁବ୍ ପ୍ରଭାବଶାଳୀ

● ଆଜି ପଢ଼ିବା ଆରମ୍ଭ କରିଛି 'ରେବତୀ'କୁ । 'ବହିର ଭାରତ' ପଢ଼ି ଚମତ୍କୃତ ହେଲି । ଅକ୍ଷୟ ଓ ଶତାବ୍ଦୀଙ୍କ ଏ ପ୍ରଚେଷ୍ଟା ଅନ୍ୟ ଯୁବବର୍ଗଙ୍କୁ ପ୍ରେରଣା ଦେବ ନିଶ୍ଚୟ । ତାଙ୍କୁ ମୋର ସାଧୁବାଦ । ଏହାବ୍ୟତୀତ ଏ ସଂଖ୍ୟାରେ ପଢ଼ିଲି ସମ୍ପାଦିକା ସୁବାସିନୀ ଜେନାଙ୍କ 'ସମ୍ପାଦକୀୟ' । ବେଶ୍ ପ୍ରଭାବଶାଳୀ ଶୈଳୀରେ ସେ ମା'ଙ୍କୁ ମର୍ଯ୍ୟାଦା କଥାଟିର ମର୍ମ ବୁଝାଇଛନ୍ତି । ସେହିପରି ପ୍ରଣମ୍ୟ କବି ହରିହର ମିଶ୍ରଙ୍କ ଉପରେ ତାଙ୍କ ଝିଅ ମୋନାଲିସା ମିଶ୍ରଙ୍କ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି । ସର୍ବୋପରି ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ସାହିତ୍ୟିକର ସ୍ୱଭାବ ଚରିତ୍ର' ଲେଖାଟି 'ଶେଷପୃଷ୍ଠା'ରୁ ପଢ଼ି ଆମୋଦିତ ହେଲି । ଲାଗିଲା ସାହିତ୍ୟିକମାନେ ଏ ବିଷୟରେ ସଚେତନ ହେବାର ଅଛି ।

**ପ୍ରମୀଳା ଶତପଥୀ**
ଆଦ୍ୟମନ୍ଦିର, ବାଲିଆ, ବାଲେଶ୍ୱର

## ବାଲୁଗାଁର ବାଲ୍ମିକୀ ଭଲ ଲାଗିଲା

● ଅଜୟ ସ୍ୱାଇଁଙ୍କ 'ବାଲୁଗାଁର ବାଲ୍ମିକୀ' ପଢୁଥିଲି ଏ ମାସର 'ରେବତୀ'ରେ । କେତେବେଳେ ସରୁ ସରୁ ଲୁହ ଆସିଗଲା ଜଣା ପଡ଼ିଲାନି । ଭୁବନେଶ୍ୱରରେ ପାଠପଢ଼ା ବେଳେ ଅନେକଥର କବି ତଥା ଗୀତିକାର ତପନ ପଟ୍ଟନାୟକଙ୍କ ସହ ଭେଟ ହୋଇଛି । ସେ ସ୍ୱାଭିମାନୀ ଲୋକ । ଈଶ୍ୱର କରନ୍ତୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପୁଣି ନିଜ ସୃଜନଶୀଳ ଦୁନିଆରେ ହଜି ଯାଆନ୍ତୁ । ସେହିପରି ପାର୍ଥ ସାରଥୀ ରାଉତଙ୍କ ଉପସ୍ଥାପିତ ଆଲେଖ୍ୟ 'ଚଳନ୍ତା ବହିମେଳା' ବି ମନୋଜ୍ଞ ହୋଇଛି । ଏହା ପାଠକଙ୍କୁ ଆମୋଦିତ କରିବା ସହ ପ୍ରେରଣା ଯୋଗାଇ ଦେବ । ବାଃ ଅତ୍ୟନ୍ତ ଚମତ୍କାର ଆଲେଖ୍ୟ । ଆଉ ଅନ୍ୟ ବିଭାଗ ବା ଫିଚର୍ ଗୁଡ଼ିକ ପଢ଼ି ପାରି ନାହିଁ । ପରେ ସେସବୁ ପଢ଼ିଲା ପରେ ମତାମତ ଦେବି ।

**ଚିତ୍ତରଂଜନ ନାୟକ,** କେନ୍ଦୁଝର

## ଅଜୟ ସ୍ୱାଇଁଙ୍କ ଶାଳିଆ ନଈ...ଲେଖା ଆଖି ଜକେଇ ଦେଲା

● କାଲି ପାଇଲି 'ରେବତୀ' । ସବୁଥର ଭଳି 'ଶେଷକଥା'ରେ ସୁନ୍ଦର କଥା ଉତ୍ଥାପନ କରିଛନ୍ତି କୃଷ୍ଣ ବାବୁ । ଅଜୟ ଭାଇଙ୍କର 'ଶାଳିଆ ନଈ ଓ ରାତିପକ୍ଷୀର ଗୀତ' ଆଖି ଜକେଇ ଦେଲା । ବାପାଙ୍କୁ ନେଇ ମୋନାଲିସା ମିଶ୍ରଙ୍କ 'ସେ ଏମିତି ଚଢ଼ନ୍ତି ଉଠାଣି' ଗୋଟେ ଚମତ୍କାର ଗଳ୍ପ ଠୁ କମ୍ ନୁହେଁ । 'ଚଳନ୍ତା ବହିମେଳା'ର ଅକ୍ଷୟ ଓ ଶତାବ୍ଦୀଙ୍କ ପ୍ରଚେଷ୍ଟାକୁ ସତ ପ୍ରଣିପାତ ଓ ଉପସ୍ଥାପନା ପାଇଁ ପାର୍ଥସାରଥି ରାଉତଙ୍କୁ ଓ 'ରେବତୀ' ଟିମ୍‌କୁ ଧନ୍ୟବାଦ ।

କବିତା ସବୁ ମନଛୁଆଁ । ସିତାଂଶୁ ଲେଙ୍କାଙ୍କର ଦୁଇଟି କବିତା ଓ ବାଦଲ ମହାନ୍ତିଙ୍କ 'ଠକ' ମନକୁ ଛୁଇଁଗଲା । ପ୍ରବାସିନୀ ମହାକୁଡ଼ଙ୍କ ଲେଖା ତ ସବୁବେଳେ ଛୁଏଁ । ତାଙ୍କର ଅସୁସ୍ଥତା ବ୍ୟଥିତ କଲା । ଆହୁରି କିଛି ବାକି ରହିଛି ପଢ଼ିବାକୁ । 'ରେବତୀ' ପତ୍ରିକା ଜଗତରେ ଆଲୋଡ଼ନଟିଏ- ଏକଥା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ।

**ପ୍ରତ୍ୟୁଷ ପଣ୍ଡା,** କଟକ

## ଅଜୟ ସ୍ୱାଇଁ ଭଲ ଲାଗିଲେ

● 'ବାଲୁଗାଁର ବାଲ୍ମିକୀ' ଓ 'ସେ ଏମିତି ଚଢ଼ନ୍ତି ଉଠାଣି' ମୋତେ ତାଜୁବ୍ କରିଦେଲା । ଏଥରର 'ରେବତୀ'ରୁ ଅଜୟ ସ୍ୱାଇଁ ଓ ମୋନାଲିସା ମିଶ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏ ଦୁଇ ଆଲେଖ୍ୟ ପଢ଼ି ଆଖିରୁ ଲୁହ ଆସିଗଲା...ବାଃ ! ଅତି ସୁନ୍ଦର ଆଲେଖ୍ୟ ଦୁଇଟି । ଧନ୍ୟବାଦ କୃଷ୍ଣ ଭାଇ ଓ 'ରେବତୀ'ର ସମ୍ପାଦିକା ସୁବାସିନୀ ମାଡ଼ାମ୍‌ଙ୍କୁ । 'ରେବତୀ' ଦୀର୍ଘାୟୁ ହେଉ, ଏହା ହିଁ ପ୍ରାର୍ଥନା ।

**ବାଦଲ ମହାନ୍ତି,** ବର୍ଷା ଏସେନ୍‌ସିଆଲ୍, ଭୁବନେଶ୍ୱର



## ସମ୍ପାଦକୀୟ ବେଶ୍ ହୃଦୟସ୍ପର୍ଶୀ

● 'ରବତୀ' ପଢ଼ିବା ପରେ ମୁଗ୍ଧ ହେଲି । ବିଶେଷକରି ଆପଣଙ୍କ ସମ୍ପାଦକୀୟ ଲେଖା ଏତେ ହୃଦୟସ୍ପର୍ଶୀ, ମର୍ମସ୍ପର୍ଶୀ ତାହା କେବଳ ଜଣେ ହୃଦୟ ଥିବା ମଣିଷ ହିଁ ଅନୁଭବ କରିପାରିବ । ଆଉ କେହି ନୁହେଁ । ପ୍ରତି ଲେଖାରେ ବାସ୍ତବ ଚିତ୍ର ସ୍ପଷ୍ଟ ବାରି ହୁଏ । ବିଶେଷତଃ ଆପଣଙ୍କ ଦୃଶ୍ୟ ନମ୍ବର ଏକ- ଦୃଶ୍ୟ ନମ୍ବର- ଦୁଇ... ଏହା ମନ ଭିତରେ ଗଭୀର ରେଖାପାତ ସୃଷ୍ଟି କରେ । କ୍ଷତ ଭରି ଦିଏ । ଘର ପରିବାର ସଂସାରର ଅତି ନିଛକ ସତ୍ୟ, ଯାହା ଅସ୍ୱୀକାର କରି ହେବ ନାହିଁ । ସତ୍ୟ କେବଳ ସତ୍ୟ ଏହାର ବିକଳ୍ପ ନାହିଁ । ସେ ନାରୀ ହେଉ ବା ପୁରୁଷ ଯେଉଁଟା ସତ୍ୟ ଘଟଣା ଲେଖିବାରେ ତ୍ରୁଟି ନାହିଁ ।

**ଦେବ ପ୍ରସାଦ ଦାଶ,**
ଗୋପାଳ ସାଗର, ଜଗତସିଂହପୁର

## ପ୍ରତିଟି ବିଭାଗ ଖୁବ୍ ମନଲୋଭା

● ସେଦିନ ବର୍ଷାର ବେଗ ଠାରୁ ଅହୁରି ଗତିଶୀଳ ହୋଇଥିଲା ମୋ ମନ ଓ ପାଦର ବେଗ । କଟକର ମାଧବ ବୁକ୍‌ଷ୍ଟୋର୍‌ରୁ କିଣି ଆଣିଥିଲି ଏ ମାସର 'ରେବତୀ' । ଅଟୋରେ ଘରକୁ ଫେରୁଥିବା ସମୟରେ 'ରେବତୀ' ସହିତ ସେଲ୍‌ଫି ନେବାର ଲୋଭକୁ ମୁଁ ଏଡ଼ାଇ ପାରି ନଥିଲି । ଏହାର ପ୍ରତିଟି ବିଭାଗ ବେଶ୍ ମନୋଲୋଭା ହୋଇଛି । ଯେଉଁ ବିଶ୍ୱକର୍ମାଙ୍କ ହାତଗଢ଼ା ଏ ପତ୍ରିକାଟି ଏତେ ସରସ ସୁନ୍ଦର ହୋଇ ସାରା ଓଡ଼ିଶା ବ୍ୟାପିଛି ତାଙ୍କୁ ମୋର ଅଭିନନ୍ଦନ ।

**ନର୍ମଦା ନୀଳୋତ୍ପଳା,** କଟକ

## ମନଲୋଭା ଉପାଦାନରେ ଭରପୂର୍

● 'ରେବତୀ'ର ଜୁନ୍-ଜୁଲାଇ ସଂଖ୍ୟା ଖୁବ୍ ମନୋଲୋଭା ଉପାଦାନରେ ଭରପୁର୍ । ପ୍ରଚ୍ଛଦ ପୃଷ୍ଠାରୁ ବ୍ୟଞ୍ଜନ ପୃଷ୍ଠା ଯାଏଁ ସବୁଠି କିଛି ନା କିଛି ଶିଖିବାକୁ ଅଛି । ଭଲ ଲାଗିଲା କବି ବାଦଲ ମହାନ୍ତି ଓ ସ୍ୱପ୍ନା ମିଶ୍ରଙ୍କ କବିତା । "କାଠହଣା କିନ୍ତୁ / ଗଛର ଗଣ୍ଡିକୁ / କାଟୁଥାଏ ସେଇମିତି / ଠକ୍ ଠକ୍ ଠକ୍ ।" ଚମତ୍କାର ଅଭିବ୍ୟକ୍ତି । ସ୍ୱପ୍ନାଙ୍କ କବିତାରେ ଭୁଲ୍‌ଟି ଅଛି ଲାଗୁଛି, କେବେ ଠୁ ଡେଇଁ ବସିଛି ନା ଚେଇଁ ବସିଛି ? ତେବେ ଏସବୁ ପାଇଁ ଆମର ପ୍ରିୟ କୃଷ୍ଣ ଭାଇଙ୍କୁ ବଧେଇ ତଥା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନାଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା । ଏପରି ଏକ ଲୋଭନୀୟ ପତ୍ରିକା ଆମମାନଙ୍କ ପାଇଁ ପ୍ରସ୍ତୁତ କରିଥିବାରୁ ।

**ମୋନାଲିସା ମିଶ୍ର,** ରାଉରକେଲା

ଆମ ଉତ୍ତର : ଧନ୍ୟବାଦ । ମତାମତ ପାଇଁ । ହଁ ସ୍ୱପ୍ନା ମିଶ୍ରଙ୍କ କବିତାରେ ଭୁଲ୍‌ଟିକୁ ସୂଚେଇ ଥିବାରୁ । ଆମ ତରଫରୁ କ୍ଷମା ପ୍ରାର୍ଥନା ଚାହୁଁଚୁ । ପ୍ରକୃତରେ ତାହା 'କେବେଠୁଁ ଚେଇଁ ବସିଛି' ବୋଲି ପଢ଼ିବାକୁ ଅନୁରୋଧ । ଏ ପ୍ରକାର ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖ ପ୍ରକାଶ କରୁଛୁ ।

### ତ୍ରୁଟି ସଂଶୋଧନ


ଜୁନ-ଜୁଲାଇ ସଂଖ୍ୟାରେ ପ୍ରତ୍ୟାଶା ଧଳଙ୍କ ଆଲେଖ୍ୟର ମୁଖ୍ୟ ଶୀର୍ଷକ 'ଶାନ୍ତିପୀଠ ଶାନ୍ତିକାନନ' ପରିବର୍ତ୍ତେ 'ଶାନ୍ତିପୀଠ ଶାନ୍ତିନିକେତନ' ପଢ଼ିବାକୁ ଅନୁରୋଧ । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ । ଏ ସମ୍ପର୍କରେ ଗଂଗାଧର ବିଶ୍ୱାଳ ଓ ଲକ୍ଷ୍ମୀକାନ୍ତ ତ୍ରିପାଠୀ ସୂଚେଇ ଥିବାରୁ ଧନ୍ୟବାଦ ।

# ନାରୀମୁକ୍ତିର ମନ୍ତ୍ର

ସୁସ୍ଥ ସମାଜ ଗଠନରେ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ । ସେହିପରି ଏକ ଉତ୍ତମ ପରିବାର ପାଇଁ ମଧ୍ୟ ନାରୀର ମହତ୍ୱପୂର୍ଣ୍ଣ ଅବଦାନକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଜନନୀ, ଜାୟା, କନ୍ୟା ଓ ଭଗିନୀ ଭାବରେ ଭିନ୍ନ ଭିନ୍ନ ଭୂମିକା ନିର୍ବାହ କରି ନାରୀଟିଏ ବହୁଳ ଭାବେ ସ୍ୱୀକୃତ ଓ ସ୍ୱୟଂସିଦ୍ଧ । ନାରୀକୁ ବାଦ୍ ଦେଇ ସମାଜ ହେଉ କି ପରିବାର, କିଛି ବି କଳ୍ପନା କରିହେବ ନାହିଁ । ନାରୀର ଏ ଅବଦାନ, ନାରୀର ଏ ଭୂମିକା, ନାରୀର ଏ ପ୍ରକାର ସେବା ମନୋଭାବକୁ ନେଇ ଆମେ ସବୁବେଳେ ଗର୍ବ କରି ଆସିଛୁ । କିନ୍ତୁ କେଉଁଠି ନା କେଉଁଠି ଆଜି ମଧ୍ୟ ଶୁଭେ ନାରୀର ଅସ୍ମିତାକୁ ନେଇ ପ୍ରଶ୍ନବାଚୀର ସ୍ୱର । ନାରୀର ସ୍ୱତନ୍ତ୍ରତାକୁ ନେଇ କେଉଁଠି ନା କେଉଁଠି ଆଜି ମଧ୍ୟ ରହିଛି ହେୟ ମନୋବୃତ୍ତି । ପୁରୁଷକୈନ୍ଦ୍ରିକ ସମାଜରେ, ପୁରୁଷ ବହୁଳ ପରିବାରରେ ନାରୀଟିଏ ସତରେ ଯେମିତି ଅଦୃଶ୍ୟ ଏକ ବେଡ଼ିରେ ବନ୍ଧା ଜୀବନ ଅତିବାହିତ କରୁଥାଏ । ଏଥିପ୍ରତି ଯେପରି ଭ୍ରୂକ୍ଷେପ ନଥାଏ କାହାରି । କେହି ଭାବନ୍ତି ନାହିଁ ନାରୀର ଏ ପରାଧୀନତାରୁ ତାକୁ ମୁକୁଳେଇ ଦେବାର ବୈଚାରିକ ପଦ୍ଧତି । ସେଇଥପାଇଁ ତ ଗୁମୁରି ଗୁମୁରି ଶୁଭୁଥାଏ ନାରୀମୁକ୍ତିର ଏକ ଚାପା ଦୀର୍ଘଶ୍ୱାସ । ଅନେକ ଦିନରୁ, ଯୁଗ ଯୁଗରୁ ନାରୀର ଏ ଯାତନା, ଏ କଷଣ, ଏ ପୀଡ଼ାପୂର୍ଣ୍ଣ ଜୀବନକୁ ନେଇ ସମୟ ଅତିବାହିତ ହୋଇ ଚାଲିଛି । ସ୍ଥିତି ବଦଳିଛି ସତ, କିନ୍ତୁ ସଂପୂର୍ଣ୍ଣ ଭାବରେ ବଦଳି ନାହିଁ । ପରିବର୍ତ୍ତନ ଆସିଛି । ଆଧୁନିକତାର ଚାକଚକ୍ୟ ପୂର୍ଣ୍ଣ ଜୀବନ ମିଳିଛି ଜିଇଁବା ପାଇଁ । କିନ୍ତୁ ତା'ରି ଭିତରେ ବି କେଉଁଠି ନା କେଉଁଠି କଣ୍ଟା ପରି ଅଟକି ରହିଛି ନାରୀମୁକ୍ତିର ଏ ନାରା ।

କ'ଣ ଏଇ ନାରୀମୁକ୍ତି ସତରେ ! କ'ଣ ଏହାର ସ୍ୱରୂପ ? କିଏ ଦେବ କାହାକୁ ମୁକ୍ତି ? କାହା ଠୁ ପୁଣି ଏ ମୁକ୍ତି ? ଏମିତି ନାନାଦି ପ୍ରଶ୍ନ ଉଠେ ଏ ନାରୀମୁକ୍ତିକୁ ନେଇ । ହଁ, ଆମେ କଦାଚିତ୍ ଭୁଲିଯିବା ଉଚିତ ନୁହେଁ ଯେ, ନାରୀର କଲ୍ୟାଣରେ ହିଁ ବିଶ୍ୱକଲ୍ୟାଣ ନିହିତ । ଏଣୁ ଆମକୁ ପ୍ରଥମେ ନାରୀର କଲ୍ୟାଣ ଦିଗରେ ଚିନ୍ତା ଭାବନା କରିବାକୁ ପଡ଼ିବ । ଆଜିର ସମୟରେ ନାରୀ ଉଚ୍ଚଶିକ୍ଷିତା ହେବା ସାଙ୍ଗକୁ ବଡ଼ବଡ଼ ପଦବୀରେ ବୃତ୍ତିଗତ ଭାବରେ ଥାଇ ବେଶ୍ ସଫଳ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବିଷୟ ଆମ ଆଗରେ ଅଛପା ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ନାରୀ ନୁହେଁ ସ୍ୱାଧୀନ । ଯେତେ ଶିକ୍ଷିତ ହେଲେ ବି, ଯେତେ ବଡ଼ ପଦବୀରେ ଥିଲେ ବି ନାରୀଟିଏ ମୁକ୍ତ ନୁହେଁ ତା'ର ଶୃଙ୍ଖଳରୁ । ତା'ପାଖରେ ତଥାପି ନଥାଏ ମନଇଚ୍ଛା ଜୀବନ ଜିଇଁବାର ଅଧିକାର । ବୃତ୍ତିଧାରୀ ନାରୀଟିଏ ତ ମାସଶେଷର ବେତନକୁ ବି ନିଜ ଇଚ୍ଛାରେ ଖର୍ଚ୍ଚ କରି ପାରେନା । ତା' ସ୍ୱାମୀର କି ତା ବାପାଙ୍କର ଅନୁମତି ନେବାକୁ ପଡ଼େ । ଏ ପ୍ରଥା ଏବେ ମଧ୍ୟ ଆମ ସମାଜରେ, ଆମ ପରିବାରରେ ବଳବତ୍ତର ଅଛି । ଉଚ୍ଚଶିକ୍ଷିତା ନାରୀଟିଏ ମଧ୍ୟ ତା' ଶ୍ୱଶୁରଙ୍କ ବିନା ଅନୁମତିରେ ଡ୍ରେସ୍‌ଟେ ପିନ୍ଧି ପାରିବନି କି ବାହାରକୁ ଯାଇ ପାରିବନି । ଏ ପ୍ରକାର ଚିତ୍ର ଏବେ ମଧ୍ୟ ଆମମାନଙ୍କ ପରିବାର ଓ ଆମେ ରହୁଥିବା ସମାଜରେ ଦୁଷ୍ପ୍ରାପ୍ୟ ନୁହଁ । ତାହେଲେ, ନାରୀଟିଏ ତା'ର ଅସ୍ମିତାକୁ ନେଇ ଗର୍ବ କରିବ କେମିତି ? ନାରୀଟିଏ ତା'ର ପରିଚୟ ସଂକଟରେ ତିଳ ତିଳ ହୋଇ ମହମବତୀ ପରି ଜଳି ଜଳି ଅନ୍ୟ ପାଇଁ, ଶେଷ ହେଇଯିବାର ନିୟତି ନେଇ ଜନ୍ମୁଥିବ କେବଳ ?

ପ୍ରଶ୍ନ ଉଠେ, ନାରୀଟିଏ ମୁକ୍ତ ହେବ ତ କାହାଠୁ ହେବ ? କିଏ ଦେବ ତାକୁ ମୁକ୍ତି । କିଏ ଫେରାଇ ଦେବ ତାକୁ ତା'ର ସ୍ୱଚ୍ଛନ୍ଦତା । ସେ କାହାକୁ ମାଗୁଛି ତା'ର ମୁକ୍ତିର ଚାବିକାଠି ? କାହିଁକି ସେ ଆଜି ନିଜ ଅଧିକାରରୁ, ନିଜ ଇଚ୍ଛାରୁ ବଞ୍ଚିତା ? ନାରୀକୁ ଆମେ ଗୋଟିଏ ପାଖରେ ସୃଷ୍ଟି ବା ପ୍ରକୃତି ସହ ବର୍ଣ୍ଣନା କରୁଛୁ । ଆରପଟେ ଆମେ ହିଁ ତାକୁ ଲାଞ୍ଛନା ଦେଉଛୁ, ଆମେ ଇ ତାକୁ ଆମ ଇଚ୍ଛା ଅନୁସାରେ ବାନ୍ଧି ଦେଉଛୁ । ଏ ପ୍ରକାର ମାନସିକତାକୁ ବର୍ଜନ କରିବାର ସମୟ ଆସିଛି । ପୁରୁଷ ଓ ନାରୀ ଉଭୟକୁ ନେଇ ମଣିଷ ସମାଜ । ଅଥଚ ନାରୀଟିକୁ ମଣିଷ ଭାବେ ଗଣା ଯିବ ନାହିଁ; ପୁରୁଷମାନେ ପ୍ରତ୍ୟେକ କ୍ଷେତ୍ରରେ ନିୟାମକ ହେଉଥିବେ । ନାରୀଟିକୁ ବସ୍ତୁ ଭାବେ ବ୍ୟବହାର ମିଳୁଥିବ । ଏ ପ୍ରକାର ଅସମାନତା ଆମ ମାନସିକତାରୁ ଦୂରେଇଦେଲେ ହିଁ ଗୋଟିଏ ସମାଜରେ ନାରୀ ଓ ପୁରୁଷ ଉଭୟଙ୍କ ସହାବସ୍ଥାନ ସୌନ୍ଦର୍ଯ୍ୟମୟ ହୋଇ ଉଠିବ । ଏଥିପାଇଁ କେବଳ ପୁରୁଷକୁ ଦାୟୀ କରିପାରିବା ନାହିଁ । କାରଣ ଅନେକ ପୁରୁଷ ଅଛନ୍ତି ଯେଉଁମାନେ ନାରୀକୁ ଯଥେଷ୍ଟ ସମ୍ମାନ ଦିଅନ୍ତି । ନାରୀକୁ ତା'ର ଇଚ୍ଛା ଅନୁସାରେ ବଞ୍ଚିବାର ସୁଯୋଗ ବି ଦେଇଥାନ୍ତି । କିନ୍ତୁ ଅନେକ କ୍ଷେତ୍ରରେ ନାରୀର ମାନସିକତାରେ ପୁରୁଷ-ବିଦ୍ୱେଷ ଭାବଟି ରହିଥିବା କାରଣରୁ ଏଇ ସକାରାତ୍ମକ ଦିଗଟି ବିଷୟରେ ସେମାନେ ଭାବି ହିଁ ପାରନ୍ତି ନାହିଁ । ନାରୀର ଇଚ୍ଛାଅନିଚ୍ଛା, ନାରୀର ସମ୍ମାନବୋଧ, ନାରୀର ଅଧିକାର ଆଦିରେ ସମାନତା ଆସିଲେ ହିଁ ପ୍ରକୃତ ମୁକ୍ତିର ସ୍ୱାଦ ପାଇ ପାରିବେ ଆମ ନାରୀ । ଏଥିପାଇଁ ଉଭୟଙ୍କ ମାନସିକତାରେ, ବିଶେଷ କରି ପୁରୁଷଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଜରୁରୀ । ହେଲେ ହିଁ ଏପରି ଏକ ଗମ୍ଭୀର ବିଷୟର ସମାଧାନ ଅଚିରେ ହୋଇ ପାରିବ ।



ସମ୍ପାଦିକା

# ଗୋରୁ, ଗୁରୁ ଏବଂ ହେନ୍ରି ମିଲାର୍




**ବିଭୂତି ପଟ୍ଟନାୟକ**

୩-ଏଚ୍, ଲୁଇସ୍‌ରୋଡ଼୍, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪
ଫୋନ : ୦୬୭୪୨୪୩୦୫୧୨


ଫଟୋ ସୌଜନ୍ୟ : ଗୁଗୁଲ୍

୧୯୬୬ ମସିହା ଥିଲା ଆମ ଦେଶର ଅର୍ଥନୈତିକ ଇତିହାସରେ ଦୁର୍ଗପତନର ଲଗ୍ନ । କେନ୍ଦ୍ର ସରକାରଙ୍କ ବୈଦେଶିକ ମୁଦ୍ରା ଭଣ୍ଡାରର ପ୍ରାୟ ଦେବାଳିଆ ଅବସ୍ଥା । ଭାରତୀୟ ମୁଦ୍ରାର ଆନ୍ତର୍ଜାତିକ ବଜାରରେ ମୂଲ୍ୟ ହ୍ରାସ ପାଇବା ଫଳରେ ବୈଦେଶିକ ପୁଂଜି ବିନିଯୋଗର ମଧ୍ୟ ତଳିତଳାନ୍ତ ଅବସ୍ଥା । ଏହି ଅର୍ଥନୈତିକ ସଂକଟର ମୁକାବିଲା କରିବା ପାଇଁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ କରିଥିଲେ । ଆଶା କରାଯାଉଥିଲା ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ଫଳରେ ରପ୍ତାନୀ ବଢ଼ିବ, ବିଶ୍ୱବ୍ୟାଙ୍କ୍ ମଧ୍ୟ ସଂକଟ ମୋଚନ ପାଇଁ ଅଧିକ ପରିମାଣରେ ବୈଦେଶିକ ମୁଦ୍ରା ଋଣ ଆକାରରେ ଯୋଗାଇ ଦେବ ।

କିନ୍ତୁ ଆନ୍ତର୍ଜାତିକ କ୍ଷେତ୍ରରେ ଆର୍ଥିକ ମାନ୍ଦା ଅବସ୍ଥା ଲାଗି ରହିଥିବାରୁ ନା ଭାରତୀୟ ପଣ୍ୟର ରପ୍ତାନି ବଢ଼ିଲା, ନା ବିଶ୍ୱବ୍ୟାଙ୍କ୍ ଡଲାର୍ ଋଣ ଯୋଗାଇ ଦେବା ଲାଗି ଆଗୁସାର ହେଲା । ଅପରପକ୍ଷରେ ସେ ବର୍ଷ ଅନାବୃଷ୍ଟି ଯୋଗୁଁ ଖାଦ୍ୟଶସ୍ୟ ଉତ୍ପାଦନ ଯଥେଷ୍ଟ କମି ଯାଇଥିଲା । ବିହାରରେ ସୃଷ୍ଟି ହୋଇଥିଲା



ଦୁର୍ଭିକ୍ଷ ପରିସ୍ଥିତି । ଫଳରେ ସରକାରଙ୍କୁ ବାହାରୁ ଖାଦ୍ୟଶସ୍ୟ ଆମଦାନି କରିବାକୁ ହେଲା । ଟଙ୍କାର ଅବମୂଲ୍ୟାୟନ କରା ଯାଇଥିବାରୁ ଆମଦାନି କରାଯାଉଥିବା ଖାଦ୍ୟଶସ୍ୟ ପାଇଁ ଅଧିକ ଭାରତୀୟ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥିଲା ।

ଦେଶର ଏହି ଦୁଃସମୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରରୋଚନାରେ ଭାରତ ସାଧୁ ସମାଜ ତରଫରୁ ଗୋହତ୍ୟା ବନ୍ଦ କରିବାରେ ଇନ୍ଦିରା ଗାନ୍ଧୀ ସରକାର ବ୍ୟର୍ଥ ହୋଇଥିବାରୁ ଦେଢ଼ ହଜାର-ଦୁଇ ହଜାର ତ୍ରିଶୂଳଧାରୀ ନାଗା ସାଧୁ ପାର୍ଲାମେଣ୍ଟ ଉପରେ ଆକ୍ରମଣ କରିବା ଲାଗି ଦିଲ୍ଲୀରେ ଶୋଭାଯାତ୍ରା ଆରମ୍ଭ କରିଦେଲେ । ପାର୍ଲିଆମେଣ୍ଟ ଆକ୍ରମଣ କରିବାର କାରଣ ସ୍ୱରୂପ ଭାରତ ସାଧୁ ସମାଜ ତରଫରୁ ପ୍ରଚାର କରାଗଲା- ଭାରତୀୟ ସମ୍ବିଧାନର ୪୮ ଧାରାରେ ଗୋବଧ ବାରଣ କରାଯାଇଥିଲେ ମଧ୍ୟ ଇନ୍ଦିରା ଗାନ୍ଧିଙ୍କ ସରକାର ଆଖି ଆଗରେ ବଙ୍ଗଳା, କେରଳ, ଗୋଆ ଏବଂ ଦକ୍ଷିଣ ଭାରତର ଅନ୍ୟ ରାଜ୍ୟମାନଙ୍କରେ ଖୋଲାଖୋଲି ଗୋରୁମାନଙ୍କୁ ହତ୍ୟା କରାଯାଉଛି, ଗୋମାଂସ ବିକ୍ରି କରାଯାଉଛି । ଭାରତବର୍ଷ ହିନ୍ଦୁମାନଙ୍କ ଦେଶ, ହିନ୍ଦୁମାନେ ଗୋହତ୍ୟାକୁ ମହାପାପ ବୋଲି ବିବେଚନା କରନ୍ତି । ହିନ୍ଦୁମାନଙ୍କ ଗୋହତ୍ୟା ବିରୋଧରେ ଥିବା ଭାବାବେଗକୁ ଉପେକ୍ଷା କରି ଇନ୍ଦିରା ଗାନ୍ଧିଙ୍କ ସରକାର ସମ୍ବିଧାନ ବିରୋଧୀ କାର୍ଯ୍ୟ କରୁଥିବା ହେତୁ ଭାରତ ସାଧୁ ସମାଜ ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପରିଚାଳିତ ଜାତୀୟ ଗୋରକ୍ଷା ସମିତି ମିଳିତ ଭାବରେ ସଂସଦ ଭବନ ଉପରେ ଆକ୍ରମଣ କରିଥିଲେ । ସଂସଦ ଭବନ ଚାରିପଟେ ତ୍ରିଶୂଳ-ହସ୍ତ କୌପୀନ ଏବଂ ଜଟାଧାରୀ ସାଧୁମାନେ ସଂସଦ ଭବନ ଭିତରେ ପଶିବାକୁ ଚେଷ୍ଟା କରିଥିବା ବେଳେ ପୋଲିସ୍ ମୃଦୁ ଲାଠି ଚାଳନା ଏବଂ ଲୁହବୁହା ଗ୍ୟାସ୍ ପ୍ରୟୋଗ କରି ସେମାନଙ୍କୁ ଘଉଡ଼ାଇ ଦେଇଥିଲେ ।

ମୃଦୁ ଲାଠି ଚାଳନା ଏବଂ ଲୁହବୁହା ସେଲ୍ ବିସ୍ଫୋରଣରେ ଆହତ ଅଳ୍ପ କେତେଜଣ ସାଧୁଙ୍କୁ ସମବେଦନା ଜଣାଇ ଦିଲ୍ଲୀର ରାଜନୈତିକ ପରିବେଶ ଉଷ୍ମ ହୋଇ ଉଠି କେବଳ କଂଗ୍ରେସ-ବିରୋଧୀ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ନୁହେଁ, ଭାରତ ସାଧୁ ସମାଜର ଅନ୍ୟତମ ପୃଷ୍ଠପୋଷକ କଂଗ୍ରେସ ନେତା ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଗୁଲ୍‌ଜାରିଲାଲ୍ ନନ୍ଦା ମଧ୍ୟ ସାଧୁମାନଙ୍କ ଉପରେ ଲାଠି ପ୍ରୟୋଗକୁ ନାପସନ୍ଦ କରିଥିଲେ । ୧୯୬୭ ମସିହାରେ ସାଧାରଣ ନିର୍ବାଚନ ଆଉ ଅଳ୍ପ କେତେମାସ ଅବଶିଷ୍ଟ ଅଛି, ଆର୍ଥିକ ସଂକଟ, ଅନାବୃଷ୍ଟି ଯୋଗୁଁ ଫସଲହାନୀ ଦୁର୍ଭିକ୍ଷ ସାଙ୍ଗକୁ ଗୋବଧକୁ ନେଇ ସଂସଦ ଉପରେ ଆକ୍ରମଣ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ଅଡୁଆରେ ପକାଇ ଦେଇଥିଲା ।

ସେ ଅଡୁଆ ପରିସ୍ଥିତିରୁ ମୁକୁଳି ଆସିବା ପାଇଁ ସାଧୁମାନଙ୍କ ଦାବି ସମ୍ପର୍କରେ ବିଚାର କରି ପ୍ରତିକାର ବ୍ୟବସ୍ଥା କରିବା ଲାଗି ପ୍ରଧାନମନ୍ତ୍ରୀ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିବା କଥା ଘୋଷଣା କରିଥିଲେ । କମିଟିର ଅଧ୍ୟକ୍ଷ ଭାବରେ ଅବସରପ୍ରାପ୍ତ ସୁପ୍ରିମକୋର୍ଟର ବିଚାରପତି ନ୍ୟାୟାଧୀଶ ଅମଲ କୁମାର ସରକାର ଏବଂ ସଭ୍ୟ ଭାବରେ ଅନ୍ୟମାନଙ୍କ ମଧ୍ୟରେ ସାଧୁ ସମାଜ ତରଫରୁ ପୁରୀର ଶଙ୍କରାଚାର୍ଯ୍ୟ, ଗୋରକ୍ଷା ସମିତିର ପୃଷ୍ଠପୋଷକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶୀର୍ଷ ସଂଚାଳକ ଗୁରୁ ଗୋଲ୍‌ଓ୍ୱାଲ୍‌କର୍, ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ମାର୍କ୍ସବାଦୀ ଅର୍ଥନୀତିଜ୍ଞ ଅଶୋକ ମିତ୍ର ଏବଂ ଦୁଗ୍ଧ ବିଶେଷଜ୍ଞ ଭର୍ଗିସ୍ କୁରିୟାନ୍ ।

ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧିଙ୍କ ଦ୍ୱାରା ମନୋନୀତ କମିଟିର ଶିଷ୍ଟ ଓ ବିଶିଷ୍ଟ ସଭ୍ୟ ଗୁରୁ ଗୋଲ୍‌ଓ୍ୱାଲ୍‌କର୍ ଏବଂ କମ୍ୟୁନିଷ୍ଟ ନେତା ଅଶୋକ ମିତ୍ର ଥିଲେ ରାଜନୈତିକ ଆଦର୍ଶ ଦୃଷ୍ଟିରୁ ପରସ୍ପରର ଘୋର ବିରୋଧୀ । ଆର.ଏସ୍.ଏସ୍. ସୁପ୍ରିମୋ ଗୁରୁ ଗୋଲ୍‌ଓ୍ୱାଲ୍‌କର୍ ଲେଖାରେ ଏବଂ ବକ୍ତବ୍ୟରେ ବହିରାଗତ ମୁସଲମାନ, ଖ୍ରୀଷ୍ଟିୟାନମାନଙ୍କ ଭଳି କମ୍ୟୁନିଷ୍ଟମାନଙ୍କୁ ଭାରତୀୟ ଭାବରେ ଗ୍ରହଣ କରି ନଥିଲେ । ତାଙ୍କ ମତରେ ଅଶୋକ ମିତ୍ରଙ୍କ ଭଳି କମ୍ୟୁନିଷ୍ଟମାନଙ୍କ ମାତୃଭୂମି ଭାରତ ହୋଇପାରେ କିନ୍ତୁ ସେମାନଙ୍କ ପିତୃଭୂମି ସୋଭିଏତ ଋଷିଆ,



ଭାରତୀୟ ଭାବବାଦୀ ଦର୍ଶନ ପରିବର୍ତ୍ତେ ସେମାନେ ଜର୍ମାନୀର ବସ୍ତୁବାଦୀ, ଦାର୍ଶନିକ କାର୍ଲମାର୍କ୍ସଙ୍କ ରାଜନୈତିକ ଦର୍ଶନରେ ଅଭିମନ୍ତ୍ରିତ। ତେଣୁ କମ୍ୟୁନିଷ୍ଟ୍‌ମାନେ ନିଜକୁ ସଂପୂର୍ଣ୍ଣ ଭାରତୀୟ ବୋଲି ଦାବି କରି ପାଇବେ ନାହିଁ।

ଅଶୋକ ମିତ୍ର କେବଳ ଜଣେ ମାର୍କ୍ସବାଦୀ ଅର୍ଥନୀତିଜ୍ଞ, କମ୍ୟୁନିଷ୍ଟ୍ ରାଜନେତା ନଥିଲେ, ଜଣେ ପ୍ରାବନ୍ଧିକ, ସ୍ତମ୍ଭଲେଖକ ଭାବରେ ସେ ଅପୂର୍ବ ସିଦ୍ଧିର ଅଧିକାରୀ ଥିଲେ। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସାଂପ୍ରଦାୟିକତାର ଘୋର ବିରୋଧୀ ଥିଲେ, ସମ୍ବିଧାନର ୪୮ ଧାରାରେ ଗୋବଧ ବିପକ୍ଷରେ ଯାହା ଉଲ୍ଲେଖ ଅଛି ତାକୁ ଆୟୁଧ କରି ଗୁରୁ ଗୋଲ୍‌ଓ୍ୱାଲ୍‌କର୍ ସାଧୁସନ୍ଥମାନଙ୍କୁ ମତାଇ ସଂସଦ ଉପରେ ହାମ୍‌ଲା କରୁଛନ୍ତି। କିନ୍ତୁ ସେ ମୂଳରୁ ଭାରତ ସମ୍ବିଧାନ ଓ ତ୍ରିରଙ୍ଗା ଜାତୀୟ ପତାକାକୁ ଗ୍ରହଣ କରିନଥିଲେ। ଗାନ୍ଧି ହତ୍ୟାରେ ତାଙ୍କର ପରୋକ୍ଷ ସମର୍ଥନ ଥିବା ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଇ ଜେଲ୍ ଦଣ୍ଡରେ ଦଣ୍ଡିତ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘକୁ ବେଆଇନ୍ ଘୋଷଣା କରାଯାଇଥିଲା। ଧର୍ମ-ନିରପେକ୍ଷ ଭାରତ ସମ୍ବିଧାନ ଏବଂ ତ୍ରିରଙ୍ଗା ଜାତୀୟ ପତାକାକୁ ଗ୍ରହଣ କରିବା ଲାଗି ଲିଖିତ ସ୍ୱୀକୃତି ଦେଲା ପରେ ତତ୍କାଳୀନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ପଟେଲ୍ ତାଙ୍କୁ ଜେଲ୍‌ରୁ ଖଲାସ କରିବା ସହିତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଉପରୁ ନିଷେଧାଜ୍ଞା ପ୍ରତ୍ୟାହାର କରି ନେଇଥିଲେ। ତେଣୁ ଅକଳରେ ପଡ଼ି ଭାରତ ବର୍ଷର ସମ୍ବିଧାନ ଏବଂ ତ୍ରିରଙ୍ଗା ଝଣ୍ଡାକୁ ଗ୍ରହଣ କରିଥିବା ସଂଘ-ମୁଖିଆ ଗୁରୁ ଗୋଲ୍‌ଓ୍ୱାଲ୍‌କର୍‌ଙ୍କ ସହ ତାଙ୍କ ଭଳି ଜଣେ ମାର୍କ୍ସବାଦୀ ଅର୍ଥନୀତିଜ୍ଞଙ୍କୁ ଯେ କମିଟି ବୈଠକରେ ତୁମୂଳ ସଂଘର୍ଷର ସମ୍ମୁଖୀନ ହେବାକୁ ପଡ଼ିବ, ଏହା ଧ୍ୟାନରେ ରଖି ଅଶୋକ ମିତ୍ର ବୈଠକରେ ଯୋଗ ଦେଇଥିଲେ।

କିନ୍ତୁ ବୈଠକରେ ଯୋଗ ଦେଲା ପରେ ତାଙ୍କର ଗୁରୁ ଗୋଲ୍‌ଓ୍ୱାଲ୍‌କର୍‌ଙ୍କ ସଂପର୍କରେ ଥିବା ତାଙ୍କର ପୂର୍ବାନୁମାନ ଭୁଲ୍ ପ୍ରମାଣିତ ହୋଇଥିଲା। ଗୁରୁଙ୍କ ସହ ନୁହେଁ, ପୁରୀ ଶଙ୍କରାଚାର୍ଯ୍ୟଙ୍କ ସହ ସମ୍ବିଧାନର ୪୮ ଧାରା ସଂପର୍କରେ କଥା କଟାକଟି ଆରମ୍ଭ ହୋଇଥିଲା।

ବୈଠକ ସରକାରୀ କୃଷି ଭବନରେ ବସୁଥିଲା ଜଗତଗୁରୁ ଶଙ୍କରାଚାର୍ଯ୍ୟ କୃଷି ଭବନରେ ପାଦ ରଖିବା ମାତ୍ରେ ତାଙ୍କର ଭକ୍ତମାନେ ତାଙ୍କର ଆଶୀର୍ବାଦ ଭିକ୍ଷା କରି ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ। ଶଙ୍କରାଚାର୍ଯ୍ୟଙ୍କ ଆଚରଣ ଓ ଉଚ୍ଚାରଣରୁ ବାରି ହୋଇ ପଡୁଥିଲା କମିଟିର ସରକାରୀ ସଦସ୍ୟମାନଙ୍କୁ ସେ ମ୍ଳେଚ୍ଛ ଜ୍ଞାନ କରୁଥିଲେ ଏବଂ ସେମାନେ ତାଙ୍କ ସହିତ ସମାନ ଆସନରେ ବସିବା ଲାଗି ଯୋଗ୍ୟ ବୋଲି ମନେ କରୁନଥିଲେ, ସେ ସମ୍ଭବତଃ ଆଶା କରୁଥିଲେ- କୃଷିଭବନର ସରକାରୀ କର୍ମଚାରୀମାନେ ଯେପରି ତାଙ୍କୁ ଆଭୂମ ପ୍ରଣତି ଜଣାଇ ସମ୍ବର୍ଦ୍ଧିତ କରୁଥିଲେ, କମିଟିର ଅଧ୍ୟକ୍ଷ ନ୍ୟାୟାଧୀଶ ସରକାରଙ୍କ ସମେତ ଅନ୍ୟ ସଦସ୍ୟମାନେ ଅନୁରୂପ ସମ୍ମାନ ଜ୍ଞାପନ କରିବେ। କିନ୍ତୁ କମିଟି ବୈଠକରେ ଶ୍ରୀ ମିତ୍ରଙ୍କ ସମେତ ଅନ୍ୟ ସଭ୍ୟମାନେ ଜଗତଗୁରୁ ପ୍ରବେଶ କଲାବେଳେ ନିଜ ଆସନରୁ ନଉଠି କେବଳ ହାତ ଉଠାଇ ସ୍ୱାଗତ ସମ୍ଭାଷଣ ଜଣାଇବା ଫଳରେ ଶଙ୍କରାଚାର୍ଯ୍ୟଙ୍କ ଆଖିରୁ ଅନଳ ବୃଷ୍ଟି ହେଉଥିବା ଭଳି ଶ୍ରୀ ମିତ୍ର ଅନୁଭବ କରିଥିଲେ। ଜଗଦ୍‌ଗୁରୁ ସରକାରଙ୍କ ମନୋନୀତ ସଦସ୍ୟମାନଙ୍କୁ ଜ୍ଞାନ ଗାରିମାରେ ହେୟଜ୍ଞାନ କରୁଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମୁଖ୍ୟ ଗୁରୁ ଗୋଲ୍‌ଓ୍ୱାଲ୍‌କର୍ ବିନମ୍ରତାର ସହିତ ଜ୍ୟେଷ୍ଠ-କନିଷ୍ଠ ସବୁ ସଦସ୍ୟମାନଙ୍କୁ ହାତଯୋଡ଼ି ପ୍ରଣାମ କରିଥିଲେ।

ସମ୍ବିଧାନର ୪୮ ଧାରାରେ ଯେପରି ଗୋହତ୍ୟା ବାରଣ କରିବାର ଔଚିତ୍ୟ ସଂପର୍କରେ ସୂଚନା ଦିଆ ଯାଇଛି, ସେହିପରି ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ସରକାର ପଶୁ ପାଳନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। କମିଟିରା ପଶୁପାଳନ ବିଶେଷଜ୍ଞ ଭର୍ଗିସ୍ କୁରିୟାନ୍ ଏବଂ ପ୍ରିୟବ୍ରତ ଭଟ୍ଟାଚାର୍ଯ୍ୟ ଗାଈଗୋରୁ ଚରିବୁଲି ଘାସ ଖାଇବା ପାଇଁ ଉଦ୍ଦିଷ୍ଟ ଚାରଣ ଭୂମି କ୍ରମଶଃ ହ୍ରାସ ପାଉଥିବା ବେଳେ ଗୋରୁଗାଈଙ୍କ ସଂଖ୍ୟା ହ୍ରାସ କରିବା ଏକାନ୍ତ ପ୍ରୟୋଜନ ବୋଲି ମତବ୍ୟକ୍ତ କରିଥିଲେ। ତା ନହେଲେ ଖାଦ୍ୟ ଅଭାବରୁ ଗୋରୁଗାଈମାନଙ୍କୁ କଂସେଇ ହାତରୁ ବଞ୍ଚାଇଲେ ମଧ୍ୟ ଅକାଳ ମୃତ୍ୟୁ ମୁଖରୁ ବଞ୍ଚାଇବା ସମ୍ଭବ ହେବ ନାହିଁ। ସମ୍ବିଧାନର ୪୮ ଧାରାରେ ଗୋବଧ ନିଷେଧ ସପକ୍ଷରେ ଉଲ୍ଲେଖ କରାଯାଇଥିଲେ ମଧ୍ୟ ଦୁଗ୍ଧ ଦେଉନଥିବା ମଡ଼ିଆ ଗାଈ, କୃଷିକର୍ମରେ ଲାଗିବା ଅବସ୍ଥା ଅତିକ୍ରମ କରିଥିବା ବଳଦମାନଙ୍କ ମାଂସ ଭୋଜନ ନକରିବା ଲାଗି ସ୍ପଷ୍ଟ କିଛି କୁହାଯାଇ ନାହିଁ। କେବଳ ସଂଖ୍ୟାଲଘୁ ମୁସଲମାନ୍, ଖ୍ରୀଷ୍ଟିୟାନ୍ ନୁହଁନ୍ତି, ହିନ୍ଦୁ ଧର୍ମର କୋଟି କୋଟି ନିମ୍ନବର୍ଗର ଦରିଦ୍ର ଲୋକେ ଗୋମାଂସ ଭକ୍ଷଣ ଓ ମୃତ ଗୋରୁମାନଙ୍କ ଚମଡ଼ା ବିକ୍ରି କରି ଜୀବିକା ଅର୍ଜନ କରନ୍ତି। ଦକ୍ଷିଣ ଭାରତର ଏହି ନିମ୍ନବର୍ଗର ଦରିଦ୍ର ହିନ୍ଦୁମାନଙ୍କ ସଂଖ୍ୟା ଅଧିକ, ନିଜ ରୁଚି ଓ ଆବଶ୍ୟକତା ଅନୁଯାୟୀ ଗୋମାଂସ ଭୋଜନ ମଧ୍ୟ ସେମାନଙ୍କ ସାମ୍ବିଧାନିକ ଅଧିକାର, ସେଥିପାଇଁ ସେ ରାଜ୍ୟଗୁଡ଼ିକରେ ଗୋମାଂସ ଭୋଜନକୁ ବେଆଇନ ଘୋଷଣା କରାଯାଇ ନାହିଁ।



ମାର୍କ୍ସବାଦୀ ଅର୍ଥନୀତିଜ୍ଞ ଅଶୋକ ମିତ୍ର

ଇନ୍ଦିରା ଗାନ୍ଧି

ସଂଘ ସୁପ୍ରିମୋ ଗୁରୁ ଗୋଲ୍‌ଓ୍ୱାଲ୍‌କର୍



▲ଜଗତଗୁରୁ ଶଙ୍କରାଚାର୍ଯ୍ୟ

ସମ୍ବିଧାନର ୪୮ ଧାରାର ଏହି ଜଟିଳତାକୁ ନେଇ ଜଗତ୍ଗୁରୁ ଶଙ୍କରାଚାର୍ଯ୍ୟ ଏବଂ ହିନ୍ଦୁ ଧର୍ମଗୁରୁ ଗୋଲ୍ଓ୍ୱାଲ୍କର୍ଙ୍କ ମଧ୍ୟରେ ବୈଚାରିକ ମତଭେଦ ଦେଖା ଦେଇଥିଲା । ଜଗତ୍ଗୁରୁ ମୁସଲମାନ, ଖ୍ରୀଷ୍ଟିୟାନ ଏବଂ ହିନ୍ଦୁ ନିମ୍ନବର୍ଗର କୋଟି କୋଟି ଗୋମାଂସଭୋଜୀ ଲୋକଙ୍କୁ ମ୍ଲେଛ ଆଖ୍ୟା ଦେଇ ସଂପୂର୍ଣ୍ଣ ଗୋବଧ ନିଷିଦ୍ଧ କରିବା ପାଇଁ ଦାବି କଲା ବେଳେ ଗୁରୁ ଗୋଲ୍ଓ୍ୱାଲ୍କର୍ ଅସବର୍ଣ୍ଣ, ଦଳିତ, ନିମ୍ନବର୍ଗର ସଂଖ୍ୟାଗରିଷ୍ଠ ହିନ୍ଦୁମାନଙ୍କୁ ବିକଳ୍ପ ପୁଷ୍ଟିକର ଖାଦ୍ୟ ଓ ଭିନ୍ନ ଜୀବିକା ଯୋଗାଇ ଦିଆ ନଯିବା ପର୍ଯ୍ୟନ୍ତ ସଂପୃକ୍ତ ରାଜ୍ୟରେ ସଂପୂର୍ଣ୍ଣ ଗୋବଧ ନିଷିଦ୍ଧ କରାନଯିବା ସଂପର୍କରେ ଅଶୋକ ମିତ୍ରଙ୍କ ପ୍ରସ୍ତାବ ପ୍ରତି କୋହଳ ମନୋଭାବ ବ୍ୟକ୍ତ କରିଥିଲେ ।

ଧର୍ମ ନିରପେକ୍ଷ ଭାରତବର୍ଷରେ ସଂପୂର୍ଣ୍ଣ ଗୋବଧ ନିଷିଦ୍ଧ କରିବା ସପକ୍ଷରେ ଶଙ୍କରାଚାର୍ଯ୍ୟଙ୍କ ଆକ୍ରମଣାତ୍ମକ ତର୍କ କମିଟି ବୈଠକରେ ଉତ୍ତେଜନାମୟ ପରିବେଶ ସୃଷ୍ଟି କରିଥିବା ବେଳେ, ଭାରତବର୍ଷକୁ ସମ୍ବିଧାନରେ ହିନ୍ଦୁରାଷ୍ଟ୍ର ଭାବରେ ଘୋଷଣା କରାଯିବା ପୂର୍ବରୁ ଏଥିପ୍ରତି କୋହଳ ମନୋଭାବ ବ୍ୟକ୍ତ କରିଥିବା ଯୋଗୁଁ ଗୋଲ୍ଓ୍ୱାଲ୍କରଙ୍କ ପ୍ରତି କମ୍ୟୁନିଷ୍ଟ ଅଶୋକ ମିତ୍ରଙ୍କର ଶ୍ରଦ୍ଧା ବଢ଼ି ଯାଇଥିଲା ।

ଶଙ୍କରାଚାର୍ଯ୍ୟଙ୍କ ଭଳି ଗୋଲ୍ଓ୍ୱାଲ୍କର୍ ବେଦ, ବେଦାନ୍ତ, ଗୀତା, ମନୁସ୍ମୃତି ପ୍ରଭୃତି ହିନ୍ଦୁ ଧର୍ମଶାସ୍ତ୍ରରେ ପାଣ୍ଡିତ୍ୟ ଅର୍ଜ୍ଜନ କରିବା ସହିତ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ଉପାଧ୍ୟୁତ୍ତର ଡିଗ୍ରୀ ହାସଲ କରିଥିଲେ । ଧର୍ମୀୟ ଆବେଗ ସହିତ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର ସମନ୍ୱୟ ତାଙ୍କ ଚିନ୍ତା ଓ ଚେତନାକୁ ପ୍ରଭାବିତ କରିଥିଲା । ସେଥିପାଇଁ ସମ୍ବିଧାନ ୪୮ ଧାରା ସମ୍ପର୍କରେ ଆଲୋଚନା ବେଳେ ଅଶୋକ ମିତ୍ରଙ୍କ ସହିତ ଗୋଲ୍ଓ୍ୱାଲ୍କରଙ୍କ ଶତ୍ରୁତା ବଦଳରେ ଏକ ପ୍ରକାର ବନ୍ଧୁତ୍ୱ ଗଢ଼ି ଉଠିଥିଲା । ଏ ବନ୍ଧୁତ୍ୱ ଆହୁରି ଗାଢ଼ ହୋଇ ଯାଇଥିଲା, ଯେତେବେଳେ ଗୁରୁ ଗୋଲ୍ଓ୍ୱାଲ୍କର୍ ବଙ୍ଗଳା ଭାଷାରେ ଶ୍ରୀମିତ୍ରଙ୍କ ସହ ମଝିରେ ମଝିରେ ଗୋବଧ ସଂପର୍କରେ ନିଜର ମନୋଭାବ ବ୍ୟକ୍ତ କରୁଥିଲେ । କେବଳ ବଙ୍ଗଳା ନୁହେଁ, ଇଂଲିସ୍, ହିନ୍ଦି, ମରାଠି, ସଂସ୍କୃତ ପ୍ରଭୃତି ବହୁ ଭାଷାରେ ଗୁରୁଜୀଙ୍କର ପାରଦର୍ଶିତା ଥିଲା, ତାଙ୍କର ଏହି ଭାଷା ଜ୍ଞାନ ମାର୍କ୍ସବାଦୀ ଶ୍ରୀ ମିତ୍ରଙ୍କୁ ମୁଗ୍ଧ କରିଥିଲା ।



▲ହେନେରି ମିଲାର

ଗୋବଧ ନିଷିଦ୍ଧ ସମ୍ପର୍କରେ ପରାମର୍ଶ ଦେବା ପାଇଁ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଦ୍ୱାରା ଗଠିତ କମିଟି ଭାଙ୍ଗିଯିବାର ବର୍ଷକ ପରେ ଭୋପାଳ ଯିବା ଲାଗି ଅଶୋକ ମିତ୍ର ଦିଲ୍ଲୀ ରେଳ ଷ୍ଟେସନରେ ଟ୍ରେନ୍ ପାଇଁ ଅପେକ୍ଷା କରିଥିଲେ । ସନ୍ଧ୍ୟାବେଳ । ଟ୍ରେନ୍ ଆସିଲା । ଶ୍ରୀମିତ୍ର ପ୍ରଥମ ଶ୍ରେଣୀ କଂପାର୍ଟମେଣ୍ଟରେ ଗୋଟିଏ କୁପେରେ ନିଜ ସ୍ଥାନ ଦଖଲ କଲେ । କୁପେର ଉପର ବର୍ଥରେ ଉଠିବା ଆଗରୁ ତଳ ବଗିର ସହଯାତ୍ରୀଙ୍କୁ ଅପେକ୍ଷା କରି ସେ ବସି ରହିଥିଲେ । ଟ୍ରେନ୍ ଛାଡ଼ିବାର ଠିକ୍ ଅବ୍ୟବହିତ ପୂର୍ବରୁ ତଳ ବର୍ଥର ଯେଉଁ ସହଯାତ୍ରୀ କୁପେରେ ପ୍ରବେଶ କଲେ, ସେ ଥିଲେ ଗୁରୁ ଗୋଲ୍ଓ୍ୱାଲ୍କର୍ ।

ଶ୍ରୀ ମିତ୍ର ତାଙ୍କୁ ନମସ୍କାର କରିବା ଆଗରୁ ଗୁରୁଜୀ ତାଙ୍କୁ ଆନନ୍ଦ ଓ ବିସ୍ମୟରେ ଏପରି କୁଣ୍ଢେଇ ଧରିଲେ ଯେ ତାଙ୍କ ପାଟିରୁ ନମସ୍କାର ଶବ୍ଦଟି ଉଚ୍ଚାରିତ ହୋଇ ପାରିଲା ନାହିଁ । ତାଙ୍କ ଆଲିଙ୍ଗନର ଉଷ୍ମତାର ହିନ୍ଦୁ ସାଂପ୍ରଦାୟିକତା ବିରୋଧୀ ଶ୍ରୀମିତ୍ରଙ୍କର ହୃଦୟ ବିଗଳିତ ହୋଇ ଯାଇଥିଲା ।

ମତାଦର୍ଶ ଦୃଷ୍ଟିରୁ ଦୁଇ ପରସ୍ପର ବିରୋଧୀ ବ୍ୟକ୍ତି ସେଦିନ ରାତିରେ ବନ୍ଧୁ ଭଳି ଟ୍ରେନ୍ କଂପାର୍ଟମେଣ୍ଟରେ ହସଖୁସିରେ ମାତି ଯାଇଥିଲେ । ଶ୍ରୀ ମିତ୍ର ଯାଇଥିଲେ ଭୋପାଳ ଆଉ ଗୋଲ୍ଓ୍ୱାଲ୍କର୍ ଝାନ୍ସି । ରାତି ଆଠଟା ବେଳକୁ ଶ୍ରୀମିତ୍ର ଉପର ବର୍ଥକୁ ଉଠି ବିଛଣା ସଜାଇଲେ । ତଳ ବର୍ଥରେ ଗୁରୁଜୀ ବ୍ୟାଗରୁ ଖଣ୍ଡେ ବହି ବାହାର କରି ପଢ଼ିବାରେ ମନୋନିବେଶ କଲେ । ପଢୁ ପଢୁ ତାଙ୍କ ଆଖିପତା କେତେବେଳେ ଯୋଡ଼ି ହୋଇ ଯାଇଛି, ସେ ପଢୁଥିବା ବହି ତଳେ ପଡ଼ି ଯାଇଛି ।

ମାର୍କ୍ସବାଦୀ ମିତ୍ର ଭାବିଥିଲେ ହିନ୍ଦୁ ଧର୍ମଗୁରୁ ଗୋଲ୍ଓ୍ୱାଲ୍କର୍ ନିଶ୍ଚୟ ଶୋଇବା ପୂର୍ବରୁ ହିନ୍ଦୁ ଧର୍ମଶାସ୍ତ୍ର ପଢୁଥିବେ । ତେଣୁ ତଳେ ପଡ଼ି ଯାଇଥିବା ଧର୍ମଗ୍ରନ୍ଥକୁ ଉଠାଇ ଆଣି ଗୁରୁଜୀଙ୍କ ମୁଣ୍ଡ ପାଖରେ ରଖି ଦେବା ପାଇଁ ସେ ଉପର ବର୍ଥରୁ ତଳକୁ ଓହ୍ଲାଇଗଲେ ।

ବହିଟି ଉଠାଇ ଆଣି ଦେଖିବା ମାତ୍ରେ ତାଙ୍କ ଦେହରେ ଏକ ଶୀତଳ ଶିହରଣ ପ୍ରବାହିତ ହୋଇ ଯାଇଥିଲା ।

କୌଣସି ଧର୍ମଗ୍ରନ୍ଥ ନୁହେଁ ସେ ବହିଟି ଥିଲା ଅଶ୍ଳୀଳତା ଦୋଷରେ ଅଭିଯୁକ୍ତ ହେନ୍ରି ମିଲାରଙ୍କ ଏକ ନିଷିଦ୍ଧ ଉପନ୍ୟାସ !



# 'ରେବତୀ': ସେକାଳରୁ ଏକାଳ ପର୍ଯ୍ୟନ୍ତ

ରେବତୀ କ'ଣ କେବଳ ଏକ ଚରିତ୍ର ! ଏକ ଅତିକ୍ରାନ୍ତ ସମୟଖଣ୍ଡର ସ୍ୱରୂପ ? ଅଥବା ନାରୀଶିକ୍ଷା ପ୍ରତି ଲେଖକୀୟ ଆହ୍ୱାନ ! ବ୍ୟାସକବି ଫକୀରମୋହନ ସେନାପତିଙ୍କ ଦୃଷ୍ଟିରେ ରେବତୀ ସେକାଳରେ ଚାହିଁଥିଲା ଦି' ଅକ୍ଷର ପାଠ ପଢ଼ିବ । ପ୍ରକାରାନ୍ତରେ ଏହା ଥିଲା ନାରୀ ପାଇଁ ଅଶିକ୍ଷା ପଞ୍ଜୁରୀରୁ ମୁକ୍ତ ହେବାର ନିଦାନ । ସେକାଳରୁ ଏକାଳ ପର୍ଯ୍ୟନ୍ତ ଶିକ୍ଷା ସହିତ ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ବିହିତ ସ୍ୱାଧୀନତା ହାସଲ ପାଇଁ ରେବତୀମାନଙ୍କର ସଂଘର୍ଷ ଜାରି ରହିଛି । ମୋଟାମୋଟି ଭାବରେ ହୁଏତ ରେବତୀମାନଙ୍କର ସ୍ଥିତି ଗତି ଚଳଣି ଓ ଚେତନା ଗତାନୁଗତିକ । କିନ୍ତୁ ସେମାନଙ୍କ ଭିନ୍ନମୁଖୀ ପଦପାତରେ ଧୀରେ ଧୀରେ ଉନ୍ମୋଚିତ ହୋଇଛି ପରିବର୍ତ୍ତନର ପ୍ରେକ୍ଷାପଟ । ସମୟ କଡ଼ ଲେଉଟାଇଛି । ବଦଳି ଯାଇଛି ଯୁଗ । ଯୁଗଯୁଗର ଅବଦମିତ ନିଷ୍ପେଷିତ, ଅବଗୁଣ୍ଠିତ ରେବତୀ ପୂର୍ବବତ୍ ଶାସିତ, ଶୋଷିତ ଓ ବାକ୍‌ରହିତ ଅବସ୍ଥାରେ ଯେ ନାହିଁ ଏହା ସ୍ୱୀକାର୍ଯ୍ୟ । ରେବତୀମାନଙ୍କର ସେକାଳ ଓ ଏକାଳ ଅର୍ଥାତ୍ ବିଗତ ଓ ବର୍ତ୍ତମାନ ମଧ୍ୟରେ ରହିଛି ଆକାଶ ପାତାଳ ପ୍ରଭେଦ ।

ମୋ ଜେଜେମା'ଙ୍କ ତୁଣ୍ଡରୁ ଶ୍ରୁତିପଟରେ ମୁଁ ସାଉଁଟି ଆଣିଛି ନାରୀ ଚଳଣିର ଅତୀତ ଇତିହାସ । ନାରୀ ଭାବରେ ମୋ ବହନ୍ତି ସମୟର ଅନୁଭୂତିକୁ ମୁଁ ଅଙ୍ଗେ ଲିଭାଇଛି । ପୁନଶ୍ଚ ମୋ ଉତ୍ତର ପିଢ଼ିର ନାରୀମାନଙ୍କ ପୃଥକ ଯାତ୍ରାପଥରେ ସହଯାତ୍ରୀ ହୋଇ ମୁଁ ଅନୁଭବ କରୁଛି ନାରୀ ଦୃଷ୍ଟିଭଙ୍ଗୀର ନୂତନ ରୂପରେଖ ।



ଜେଜେମା' ଥିଲେ ନିରକ୍ଷର । ସେ କାଳର ନିଚ୍ଛକ ପ୍ରତିରୂପ । ଝୋଟିଲେଖା, ପିଠାପଣା, ରନ୍ଧାବଢ଼ା ଓ ଶଣ୍ଢୁଣାରେ ଥିଲେ ନିପୁଣ । ବାଲ୍ୟ ବିବାହ ପ୍ରଥାନୁସାରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ତାଙ୍କ ଶାଶୁଙ୍କ କଥା ତାଙ୍କରି ମୁହଁରୁ ମୁଁ ଶୁଣିଚି । ସରୁ ଚକୁଳି ଉଠିଲାନି ବୋଲି ମା'ଙ୍କ ଶାଶୁ ତାଙ୍କ ହାତକୁ ତାତିଲା ତାୱାରେ ଘଷି ଦେଇଥିଲେ । ଏହା ଶୁଣି ମୁଁ ଯେତେବେଳେ କଟାକ୍ଷପାତ କରିଥିଲି ମା' ଶୂନ୍ୟକୁ ଯୋଡ଼ହସ୍ତ ହୋଇ କହିଥିଲେ, "ନାଇଁଲୋ ଧନ ମୋ ଶାଶୁ ମୋର ମହାଗୁରୁ । ସେମିତି କୁହନ୍ତିନି ।" ମା'ଙ୍କ ଅମଳ ଯାଏଁ ଶାଶୁମାନଙ୍କ ଆଦେଶ ଥିଲା ବୋହୂମାନଙ୍କର ଶିରୋଧାର୍ଯ୍ୟ । ଢଗରେ ଅଛି, 'ଚିହ୍ନିବାକୁ ଶିଖିନାହିଁ ଶାଶୁ ମନ/ସେ କି କେବେ ବୋହୂପଣକୁ ଭାଜନ ।' ଗୃହାଙ୍ଗନ ଥିଲା ସେମାନଙ୍କ ପାଇଁ ମନ୍ଦିର । ଯୌଥ ପରିବାରରେ ଥିବା ବହୁ ସଦସ୍ୟଙ୍କୁ ଖାଦ୍ୟ ପରଷିବା ଓ ଅନ୍ୟାନ୍ୟ ଅନେକ କଠିନ ଘରୋଇ କାର୍ଯ୍ୟ ତୁଲାଇବାରେ ସେକାଳର ନାରୀମାନଙ୍କ ପରି ଯେ ମା' ଥିଲେ ପାରଦର୍ଶୀ । ରେବତୀ ସଦୃଶ ସେ ବି ସେଦିନ ସ୍ୱପ୍ନ ଦେଖିଥିଲେ ଦି'ଅକ୍ଷର ପଢ଼ି ପାରନ୍ତେନି ? ସମୟକାଳୀନ ପରିବେଷ୍ଟନୀରେ ଆବଦ୍ଧ ହୋଇ ଶିକ୍ଷାରୁ ବଞ୍ଚିତ ମା' ମୋର ଶାଶୁଙ୍କ ପାଖରେ






## ଡ. ସୁଷମା ମିଶ୍ର

ସ୍ପନ୍ଦନ, ଏମ୍.ଆଇ.ଜି-୩୯, ଫେଜ୍- ୧, ଲେନ୍- ୬
କୋଲଥିଆ ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର-୭୫୧୦୩୦
ଫୋନ୍ : ୯୦୪୦୦୪୨୦୦୭


ଫଟୋ ସୌଜନ୍ୟ : ଗୁଗୁଲ୍

'ଚୁଁ' ମାରୁଥିଲେ । 'ଚୁଁ' ମାରିବାର ଅର୍ଥ ଦୁଇଦାନ୍ତ ମଝିରେ ଜିଭ ରଖି ଚୁଁ ଚୁଁ କରି ଠାରରେ ଭାବ ପ୍ରକାଶ କରିବା । ରାତି ପାହିଲେ ସ୍ନାନ ସାରି, ଶାଶୁଙ୍କ ବୁଢ଼ା ଆଙ୍ଗୁଠିର ଟିପ ଛୁଆଁ ପାଣି, ପ୍ରସାଦ ପରି ସେବନ କରୁଥିଲେ । ମାତ୍ର ୨୦ବର୍ଷ ବୟସରୁ ବୈଧବ୍ୟ ଭୋଗି ମା' ଜଳୁଥିଲେ ଯନ୍ତ୍ରଣାର ଯୁଇରେ । ମୋ ଜେଜେମା'ଙ୍କ ରେବତୀତ୍ୱ ଥିଲା ସେ କାଳର ନାରୀମାନଙ୍କ ଭାଗ୍ୟଲେଖ । ମା' ଆଶୁକବି ଥିଲେ । ପରବର୍ତ୍ତୀ ଜୀବନରେ ସେ ମନରୁ ଫାଳି ଗୀତ ଡାକୁଥିଲେ ଯାହା ବୋଉ ଲେଖି ରଖୁଥିଲା । ତାଙ୍କ ଲେଖାରୁ ପଦଟିଏ, "ତାଲା ପଡ଼ି କୁଞ୍ଚି / ଗଲା ସିନା ହଜି / ସବୁ ରହିଗଲା ପେଟରେ । ସେ କୁଞ୍ଚି ତ ଅଣଲେଇଟା/ ସେ ତ ଫେରିବ ନାହିଁ / କୂଅରେ ବେଙ୍ଗଟି ପଡ଼ିଛି / ତାର ଆୟତ୍ତ ନାହିଁ ।" ଜେଜେମା'ଙ୍କ ଲେଖାରେ ସେ କାଳର ନାରୀ ଭାବନା ବିମ୍ବିତ ହୋଇଛି ।

ଊନବିଂଶ ଶତାବ୍ଦୀର ଅନ୍ତିମ କାଳରେ ଜନ୍ମ ନେଇଥିବା ମୋ ଜେଜେମା'ଙ୍କ ପିଢ଼ି ଓ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଜନ୍ମିଥିବା ମୋ ବୋଉର ପିଢ଼ି ମଧ୍ୟରେ ଯେଉଁ ଯାତ୍ରାପଥ, ତହିଁରେ ରେବତୀମାନଙ୍କର ପଠନ-ପିପାସା କେତେକାଂଶରେ ଚରିତାର୍ଥ ହୋଇଛି । ଏହି ଅବଧିରେ ବାଲ୍ୟବିବାହ ପ୍ରଥାର ଅବସାନ ସହିତ କାଁ ଭାଁ ବାଳଶ୍ରୀ ବିଧବା ବିବାହ ପ୍ରଚଳନର ଅୟମାରମ୍ଭ ହୋଇଥିଲା । ନାରୀଶିକ୍ଷାର ଅଧିକ ପ୍ରସାର ନଥିଲେ ମଧ୍ୟ ଝିଅମାନଙ୍କୁ ଶିକ୍ଷାୟତନରେ ପଢ଼େଇବାର ମନୋବୃତ୍ତି ବୃଦ୍ଧି ପାଇବାରେ ଲାଗିଲା । ସେହି ସୂତ୍ରରେ ମୋ ବୋଉ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ଯାଇ ୧୫ବର୍ଷ ବୟସରେ ତା'ର ବିବାହ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ପଢ଼ିବାର ଆକାଂକ୍ଷା ଯୋଗୁ ବୋଉ ଶାଶୁଘରୁ ଆସି ମାଟ୍ରିକ ପରୀକ୍ଷା ଦେଇ ସଫଳତା ପାଇଲା । ଅଧିକ ପଢ଼ିବା ନିମନ୍ତେ




ତା'ର ସ୍ୱପ୍ନ ଥିଲା ସତ କିନ୍ତୁ ସାଧନ ନଥିଲା । ରେବତୀ କ'ଣ ଗୋଟିଏ ପିଢ଼ିର ବ୍ୟବଧାନରେ ଯାଇ ପାରନ୍ତା ଏତେ ଉଚ୍ଚକୁ । ବୋଉ ସମୟରେ ହାତଗଣତି ନାରୀ କର୍ମକ୍ଷେତ୍ରରେ ଆବିର୍ଭୂତ ହୋଇଥିଲେ । ତେବେ ଜୀବିକାର ଦାୟରେ ଜୀବନର ଦାୟିତ୍ୱକୁ ଜଳାଞ୍ଜଳି ଦେଇନଥିଲା ନାରୀ । ଉତ୍କଳୀୟ ନାରୀମାନେ ଏକ ବୃହତ୍ ପରିବାରର ମେରୁଖୁଣ୍ଟି ସାଜିଥିଲେ ବି ସେମାନଙ୍କର କୌଣସି ଘରୋଇ କଥାରେ ଆଧିପତ୍ୟ ନଥିଲା । ରେବତୀମାନଙ୍କ ପାଇଁ ନିଧାର୍ଯ୍ୟ ସେ କାଳର ଉକ୍ତି ଥିଲା, "ଶାଶୁଶ୍ୱଶୁରରେ ଘର / ସୁନାଖୁମ୍ବ ପରି ଚାରି ଦିଅର ଲୋ / ଚନ୍ଦର ଉଦିଆ ବର, / ସୁନାନାକୀ ପରି ନଣନ୍ଦ କଡ଼ାକ / ସେ ପରା ଘର ସୁନ୍ଦର ।"

ବୋଉର ବୋହୂକାଳରେ ଅଳ୍ପବୟସୀ ରେବତୀମାନଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରାଯାଉଥିଲା ଘରସଂସାର ସମ୍ଭାଳିବାକୁ । ସେତେବେଳେ ନିଃସର୍ତ୍ତ ଥିଲା ନାରୀର ସେବା । ଗୁରୁଜନଙ୍କୁ ଦେବତୁଲ୍ୟ ମାନିବା ସହିତ ଦିଅ ନଣନ୍ଦ, ପୁଅ ପୁତୁରା, ଝିଅଝିଆରୀ ସଭିଙ୍କ ଉପରେ ସେ ଆଚ୍ଛାଦିତ କରୁଥିଲା ସ୍ନେହମମତାର ପଣତ । ଅର୍ଥ ଉପାର୍ଜନ, ବାହ୍ୟ ଦାୟିତ୍ୱ ପାଳନ, ତଥା ନିଷ୍ପତ୍ତି ପ୍ରଦାନରେ ଥିଲା ପୁରୁଷର ଏକଚାଟିଆ ଅଧିକାର । ନାରୀମାନେ ଗମ୍ଭୀର ଘର ଭିତରେ ସ୍ଥିର ହୋଇ ରହୁଥିଲେ, ଘୋରଣାର ତଳ ଚକି ପରି । ଗୃହକାର୍ଯ୍ୟ ସମ୍ପାଦନରେ ସେମାନଙ୍କର ଅବସ୍ଥାନ ଥିଲା ଉପର ଚକିର ଘୂର୍ଣ୍ଣନ ତୁଲ୍ୟ । ବୋଉ ସମୟରେ ରେବତୀ ମାନେ ଥିଲେ କେବେ ଡେଣାକଟା ପକ୍ଷୀ ତ କେବେ ସୁଆ ମୁହଁରେ ପତର । ସେହି ଅସୂର୍ଯ୍ୟଂପଶ୍ୟା ରେବତୀମାନଙ୍କ ଆଲୋକସ୍ନାନ ଅଧିକାଂଶ ସ୍ଥଳରେ ବିଳମ୍ବିତ, ଉପେକ୍ଷିତ ଓ ଅପହଞ୍ଚ ନୁହେଁ କି !

ତଥାପି ଅନ୍ଧାରର ଅତଳ ଭେଦି ପ୍ରଗତି ପଥରେ ପାଦେ ପାଦେ କରି ପ୍ରଧାବିତ ହେଉଥିବା ରେବତୀମାନଙ୍କର ନୀରବତା ନାରୀ ଜାଗୃତିର ସ୍ୱରରେ ସ୍ପନ୍ଦିତ ହୋଇଛି । ମୋ ବୋଉ ଠାରୁ ମୋର ଯେଉଁ ଦୂରତା ତାହା ରେବତୀକୁ ପାଖେଇ ଆଣିଛି ଆକାଂକ୍ଷିତ ପୃଥିବୀକୁ । ହଁ, ବୋଉ ମତେ ପାଠ ପଢ଼େଇଛି । ମୋ ପାଇଁ ସେ ଶାଠର ବାଟ ଅର୍ଥାତ୍ ଅଭିନୟ, ବକ୍ତୃତା ଓ ଲେଖାଲେଖିର ଦୁଆର ବି ଫିଟାଇ ଦେଇଛି । ତିନୋଟି ଭାଇଙ୍କ ମେଳରେ ନିରପେକ୍ଷ ସ୍ନେହ ଅଜାଡ଼ି ମତେ ବଢ଼େଇ କୁଢ଼େଇ ମଣିଷ କରିଛି । ହେଲେ ବୋଉର ମନୋଭାବ ଆସ୍ତେ ଆସ୍ତେ ବଦଳି ଯାଉଥିଲା ମତେ ବଢ଼ିବା ଦେଖି । ତାଳପତ୍ର ମେଲି ଉପରକୁ ବଢୁଥିଲା ବେଳେ ଗଛ ପରି ମୁଁ ହାଣ ଖାଉଥିଲି ବୋଉର ସବୁଥିକୁ ଅହେତୁକ ବାରଣରେ । ମୋ ପିଲାମନ ବିଦ୍ରୋହ କରୁଥିଲା । ବୋଉ ମୁକୁଳି ପାରିନଥିଲା ତା ବୋଉ ପାଖରୁ ଅର୍ଜ୍ଜନ କରିଥିବା ଚିନ୍ତାଧାରାର ଅର୍ଗଳିରୁ । 'ଝିଅକୁ ଝିଅ ପରି ଚଳେଇବାକୁ ହେବ ପୁଅ ପରି ନୁହେଁ'- ଏପରି ଏକ ବଦ୍ଧମୂଳ ଧାରଣାରୁ ବୋଉ କିପରି ବା ଭିନ୍ନ ହୁଅନ୍ତା ! ଯେତେବେଳେ ମୁଁ ଷଷ୍ଠ କି ସପ୍ତମରେ ପଢୁଥାଏ, ମୋ ଉପରତଳ ଦୁଇଭାଇଙ୍କ ପରି ଅଧା ପ୍ୟାଡେଲ୍ ମାରି ସାଇକଲ୍ ଧରି ମାଡ଼ି ଯାଉଥିଲି କଲୋନୀର ନାଲି ରାସ୍ତାରେ, ବୋଉ ମତେ ରୋକିବାକୁ ଲାଗିଲା । ଏମିତି ପୁଅଙ୍କ ଭଳିଆ ଚଳିବା ଢଙ୍ଗ ଛାଡ଼ିବା ପାଇଁ ବୋଉ କେତେ ତାଗିଦ୍ କରୁଥିଲା । ଜେଜେମା' ବୁଝେଇଥିଲେ, "ବୋଉ କଥାରେ ଅମାନିଆ ହ'ନା ଲୋ ଧନ । ତୁ ପରା ଝିଅ, ପର ସମ୍ପତ୍ତି । ସାଇକଲରୁ ପଡ଼ି ଗୋଡ଼ହାତ ଭାଙ୍ଗିଲେ ତତେ କ'ଣ ଆଉ ଚନ୍ଦରଉଦିଆ ବର ମିଳିବ ?" ଭାଇମାନଙ୍କର, ସାଇକେଲ ଉଡ଼େଇବା, ପହଁରିବା, ଗୁଡ଼ି ଉଡ଼େଇବା, କବାଡ଼ି ଖେଳିବା ଆଦି ଅବାଧ ସ୍ୱାଧୀନତା ଭୋଗର ଏକ ଅଚଳ ଦେଖଣାହରୀ ସାଜି ମୁଁ କ୍ରମଶଃ ଝିଅପଣରେ ମାଜି ହୋଇ ବଢ଼ିଲି । ଅନେକଥର ଗୀତ ଶିଖିବା ପାଇଁ ମୁଁ ଜିଦି କରୁଥିଲି । ମୋ କଥା ତ ଚାଲିଲାନି । ମୁଁ କଲେଜ୍‌ରେ ପଢ଼ିଲା ବେଳେ ମୋ ସାନଭାଇକୁ ଗୀତ ସାର୍ ଆମ ଘରକୁ ଆସି ଗୀତ ଶିଖାଇଲେ । ମୁଁ ବି ଶିଖିବା ପାଇଁ ଝୁଙ୍କ୍ ଧରିବାରେ ବୋଉ କହିଥିଲା, "ପୁରୁଷ ଲୋକ ପାଖରେ ବସି ଝିଅ ପିଲା ଗୀତ ଶିଖିବ ଏ ପରମ୍ପରା ଆମ ଘରେ ନାହିଁ ।" ଝିଅ ବୋଲି କଟକଣାର ବନ୍ଧ ଭିତରେ ବୋଉ ମତେ ଅଟକାଇ ରଖୁଥିଲା । ଏମିତିକି ଶୈଳବାଳା କଲେଜ୍‌ର ବାର୍ଷିକ ଉତ୍ସବରେ ମୋ ଅଭିନୟରେ ମୁଗ୍ଧ ହୋଇ ସେଦିନର ଅତିଥି ଯିଏକି ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରିନ୍ସିପାଲ୍‌ଙ୍କ ପାଖରୁ ଠିକଣା ସଂଗ୍ରହ କରି ଆମ ଘରକୁ ଆସିଥିଲେ ମତେ ସିନେମାର ନାୟିକା ଭୂମିକାରେ ନେବା ପାଇଁ । ସେ ବୋଉ ନନାଙ୍କୁ ଅନୁରୋଧ କରିଥିଲେ । ତାଙ୍କ ଯିବା ପରେ ବୋଉ ବିରକ୍ତ ହୋଇ କହିଲା, "ଏଥର ତୋର ଡ୍ରାମାଫ୍ରାମା ବନ୍ଦ୍ ।" ଆନ୍ତଃକଲେଜ୍ ବକ୍ତୃତା ପ୍ରତିଯୋଗିତା ହେଉ ଅଥବା ଆକାଶବାଣୀ କାର୍ଯ୍ୟକ୍ରମ ଭାଇନା ମତେ ନେବା ଆଣିବା କରେ । କଲେଜ୍‌ରେ ସାଙ୍ଗ ଘରକୁ ଗଲେ ବି ବୋଉ ମୋ ସହିତ ମୋ ସାନଭାଇକୁ ପଠାଏ । ମୋ ବୋଉ କ'ଣ ତା' ବୋଉ ପରି ବିଶ୍ୱାସ କରୁଥିଲା 'ବିନାଶ୍ରୟେ ନ ବର୍ତ୍ତନ୍ତି କବିତା ବନିତା ଲତା ।' ଥାକ ଥାକ ବହି ପଢୁଥିବା ମୋ ବୋଉ ପରି ଲୋକ ବି ଭାବୁଥିଲା 'ଅବଳା ଦୁର୍ବଳା' । ବି.ଏ. ପରୀକ୍ଷା ଦେଇ ଦେଇ ମତେ ପରଗୋତ୍ରୀ କରିଦେବାର କର୍ତ୍ତବ୍ୟ ତୁଲାଇ ବୋଉ ନନା ମୋ ପାଠରେ ଡୋରି ବାନ୍ଧିଦେଲେ । ଜେଜେମା ଚାହୁଁଥିଲେ, ଆଖି ମୁଦିବା ଆଗରୁ ନାତୁଣୀର ବାହାଘର ଦେଖିବେ । ମୁଁ କାନ୍ଦିଲା ବେଳେ ମା' ମତେ ବୁଝାଇଥିଲେ, "ଆଲୋ ଚନ୍ଦରବଦନୀ ତୁ'ତ ଆମର ଏତେ ପାଠ ପଢ଼ିଲୁ । ଆଉ ଅଧିକ ପଢ଼ି ତୁ କ'ଣ ହାକିମ ହବୁ ? ମୋ ସୁଝୁମି ପାଇଁ ତ ରଜାପୁଅ ପରି ବର ଆସିବ । ତେଲିଙ୍ଗି ବାଇଦ ବାଜୁଥିବ, ବିଭା ହୋଇ ମୋ ଧନ ଶାଶୁଘରକୁ ଯିବ ।" ଜେଜେମା'ଙ୍କ ଇଚ୍ଛାକୁ ସାକାର କରି ମୋ ପଢ଼ିବାର ଜିଦିକୁ ଅଣଦେଖା କରିବାରେ କି ତତ୍ପର ଥିଲା ବୋଉ ମୋର । ପାଠପଢ଼ିବାର ବାଟ ନପାଇ ଭାବିଥିଲି, 'ସେକାଳର ରେବତୀ ଠାରୁ ମୁଁ ସେତେ ବେଶୀ ଭିନ୍ନ ନୁହେଁ ।'

ବିଂଶ ମଧ୍ୟାନ୍ତରରେ ଜନ୍ମ ହୋଇ ଅଶୀ ଦଶକରେ କୁଳବଧୂ ସାଜି ରେବତୀର ଜେଜେମାଙ୍କୁ ମୁଁ ପ୍ରତୀକ୍ଷା କରିଥିଲି ମୋ ଗୋସେଇଁ ଶାଶୁ, ଖୁଡ଼ୀ ଶାଶୁ ଓ ଶାଶୁଙ୍କ ଭିତରେ । ଶାଶୁଘରେ ତଥାକଥିତ ବାରଣସିଦ୍ଧ ଦୈନନ୍ଦିନ ଚଳଣି ଓ ପର୍ବପର୍ବାଣୀର ପାଳନ ଭିତରେ ମିଶି ଯାଇଥିବା ଅନେକ ଅନ୍ଧବିଶ୍ୱାସର ଶଗଡ଼ଗୁଳାରେ ଚାଲିବା ବେଳେ ମୋ ପରି ଯୁକ୍ତିପ୍ରବଣ ଝିଅ ସେଥିରୁ ମୁକ୍ତି ଖୋଜି ନଥିଲା । ଝିଅ ବେଳେ ବୋଉ ମତେ ପିନ୍ଧାଇଥିବା ଗୁଣର ଗହଣାଗୁଡ଼ିକ



ମୋ ବୋହୂପଣିଆକୁ ଉଜ୍ଜ୍ୱଳ କରିଥିଲା । ହେଲେ ତାହା ଫିକା ପଡ଼ିଗଲା ମୋ ଉଦାରଚେତା ସ୍ୱାମୀ ଯେତେବେଳେ ମୋର ଉଚ୍ଚଶିକ୍ଷା ପାଇଁ ମନ ବଳାଇଲେ । ମାତ୍ର ଗୋଟିଏ ବର୍ଷ ପରେ ବୋହୂ ପିଲା ବାହାରକୁ ଗୋଡ଼ କାଢ଼ିବ । ତା' ପୁଣି ଭଞ୍ଜନଗରରୁ ଯାଇ ଭୁବନେଶ୍ୱରରେ ପାଠ ପଢ଼ିବ । ଧିକ୍ ସେ ବୋହୂକୁ । ପୁଅକୁ ପକେଇ ଦେଲା ତା' ପାଲରେ । ଏପରି ଅଭିଯୋଗ କରି ଶାଶୁ ବିରକ୍ତ ହୋଇଥିଲେ । ରାଗିପାଚି ଗୋସେଇଁ ଶାଶୁ କହିଥିଲେ, "ବୋହୂପିଲା ହୋଇ ଆସିଥିଲୁ କ'ଣ ମୋ ନାତିର ମାନମହତ ସବୁ ପଦାରେ ପକେଇ ପଣ୍ଡିତ ହବାକୁ ? ଅତି ଉତ୍‌କୂଳ ହୁଅନା କରତି, ବଢ଼ିଗଲେ ହେବୁ ବାଉଁଶ / ଚିରି ଦେଲେ ହେବୁ କୁଲା ବାଉଁଶିଆ ପୋଡ଼ିଦେଲେ ହେବୁ ପାଉଁଶ ।" ଏହିପରି କେତେ କଥା କହି ସେ ଦୁଃଖୀ ହୋଇଗଲେ । ମୋ ଲିଭି ଯାଇଥିବା ସ୍ୱପ୍ନକୁ ଚରିତାର୍ଥ କରିଥିବା ମୋ ସ୍ୱାମୀ ମୋ ପାଇଁ ସର୍ତ୍ତ ରଖିଥିଲେ, "ଚାକିରୀ କରିବା ପାଇଁ କେବେ ବି କହିବନି ।" ଏତେ ଦୂରକୁ ମୁଁ କୋଉ ଭାବନା କରିଥିଲି । ନିୟମିତ ଛାତ୍ରୀ ହେବା ମୋ ପାଇଁ ଥିଲା କାଠିକର ପାଠ । ଏମିତିକି ଷଷ୍ଠ ବର୍ଷ ବେଳକୁ ମୋର ୟୁନିଭର୍ସିଟି ଯିବା ସମ୍ଭବ ହେଲାନି । ମୋର ପ୍ରିୟ ବିଷୟବସ୍ତୁ ଦର୍ଶନ ଶାସ୍ତ୍ରରେ ପି.ଜି. କରିବାର ଆନନ୍ଦ ଜଳ ବୁଦ୍‌ବୁଦ ପରି ବିଲୀନ ହୋଇଗଲା । କେବଳ ପଢ଼ିବାର ନିଶା ଯୋଗୁଁ ଘରୋଇ ଭାବରେ ପରେ ଏମ୍.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲି । ଅଛିଣ୍ଡା ଗୃହ ଜଞ୍ଜାଳ ଭିତରେ ବି ପି.ଏଚ୍.ଡି. ପାଇଁ ମନ ବଳାଇ ଈଶ୍ୱରଙ୍କ କରୁଣାରେ ସଫଳ ହେଲି । ଶାଶୁଘରେ ବୋହୂ ମନପ୍ରାଣ ଦେଇ କର୍ତ୍ତବ୍ୟ ତୁଲାଇବା ଥିଲା ଆମ ସାମାଜିକ ଚଳଣିର ଧାରା । ଜେଜେମା' ଆଉ ଗୋସେଇଁ ଶାଶୁଙ୍କ ବେଳରେ ନାରୀମାନେ ନିରକ୍ଷର ଥିଲେ ବି ବ୍ୟାବହାରିକ ଜ୍ଞାନରେ ସିଦ୍ଧ ଥିଲେ । ବୋଉ ସମୟରେ ଝିଅମାନଙ୍କୁ ଦୁଇ ଅକ୍ଷର ପଢ଼େଇବାର ମନୋବୃତ୍ତି ଆରମ୍ଭ ହେଲା । ଶାଶୁଘରକୁ ଗଲାବେଳେ ଝିଅର ପେଡ଼ିରେ ଖଣ୍ଡେ ଦୁଇଖଣ୍ଡ ବହି ଦିଆଗଲା । ଓଷାବ୍ରତରେ ବହି ପଢ଼ିବା ଓ ଶାଶୁ, ଜେଜେଶାଶୁମାନଙ୍କୁ ପୁରାଣ ପଢ଼ି ଶୁଣାଉଥିବା ବୋହୂମାନେ ପ୍ରଶଂସାଭାଜନ ହେଉଥିଲେ । ମୋ ବେଳକୁ ବହୁଳ ନାରୀ ଶିକ୍ଷା ଏବଂ ଆଜି ଏକବିଂଶର ଦ୍ୱିତୀୟ ଦଶକରେ ପୂର୍ଣ୍ଣମାତ୍ରାରେ ନାରୀ ଶିକ୍ଷାର ଆହ୍ୱାନ ସମାଜରେ ପଠନପ୍ରିୟ ରେବତୀମାନଙ୍କର ଜୀବନ ପ୍ରବାହକୁ ଭିନ୍ନମୋଡ଼ ଦେଇଛି । ଆଜି ମୋ ପରପିଢ଼ିର ଝିଅବୋହୂଙ୍କର ଉଲ୍ଲେଖନୀୟ ସଫଳତାର ଅନ୍ତରାଳରେ ରହିଛି ନାରୀଶିକ୍ଷାର ଭୂମିକା । କାଲିର ରେବତୀ ଥିଲା ଅଶିକ୍ଷାର ଅନ୍ଧାରରେ । ଆଜି ରେବତୀକୁ ଶିକ୍ଷାର ଆଲୋକରେ ସ୍ନାତ କରିବା ପାଇଁ ପରିବାରରେ ପ୍ରତିଟି ମା' ସଙ୍କଳ୍ପବଦ୍ଧ । ସରକାରୀ ଓ ବେସରକାରୀ ସ୍ତରରେ ମଧ୍ୟ ଝିଅମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ପାଇଁ ବହୁ ଫଳପ୍ରଦ ଯୋଜନା କାର୍ଯ୍ୟକାରୀ ହେଉଛି । ଶିକ୍ଷାରୁ ବଞ୍ଚିତ ହୋଇଥିବା ସେକାଳର ଅନଗ୍ରସର ନାରୀ ସମାଜକୁ ପ୍ରତିନିଧିତ୍ୱ କରି ଗଳ୍ପର ଚଉହଦୀକୁ ଆସିଥିଲା ରେବତୀ । କ୍ରମଶଃ ପରିବର୍ତ୍ତିତ ସାମାଜିକ ବ୍ୟବସ୍ଥା ଭିତରେ ରେବତୀ ଚାରିପିଢ଼ି ଅତିକ୍ରମ କରି ଏଇ ଯୁଗର ପ୍ରତିନିଧି ସାଜି ହାତରେ ଧରିଛି ଶିକ୍ଷାର ଜ୍ୱଳନ୍ତ ମଶାଲ ।

ରେବତୀର ପଢ଼ିବା ଇଚ୍ଛା ତା ଜୀବଦ୍ଦଶାରେ ସମ୍ଭବ ହୋଇନଥିଲା । ମାତ୍ର ଆଜି ଆମ ଝିଅ, ବୋହୂରୂପୀ ରେବତୀମାନେ ବୁଦ୍ଧିବଳ ଓ ଜ୍ଞାନର ଉଦ୍‌ଭାସରେ ପୁଅମାନଙ୍କୁ ବି ବଳି ଗଲେଣି । ସେମାନେ ନାରୀଶିକ୍ଷାର, ନାରୀଶକ୍ତିର, ନାରୀ ସାମର୍ଥ୍ୟର ବାର୍ତ୍ତାବହ ସାଜିଛନ୍ତି । ଉଚ୍ଚଶିକ୍ଷିତ ତରୁଣୀମାନଙ୍କର ପ୍ରଯୁକ୍ତିବିଦ୍ୟା ସମ୍ବଳିତ ଅବସ୍ଥାପନା ହେଉ, ଦିନମଜୁରିଆ ମହିଳାମାନଙ୍କର ହାଡ଼ଭଙ୍ଗା ଖଟଣି ହେଉ ପୁଣି, ରାଜନୀତି, କଳା, ସାହିତ୍ୟ, ଗଣମାଧ୍ୟମରେ ନାରୀ ବ୍ୟକ୍ତିତ୍ୱମାନଙ୍କର ଆବିର୍ଭାବ ହେଉ- ଏହା ହେଉଛି ରେବତୀର ନବକଳେବର ।


ସେକାଳ ହେଉ କି ଏକାଳ ଧରାବନ୍ଧା ସାମାଜିକ ଚଳଣିରେ ନାରୀ ଆକ୍ରାନ୍ତ ହୋଇଛି ।

ରେବତୀ ଉନ୍ନତିର ସୋପାନରେ ଯେବେ ବି ପାଦ ଥାପିଛି ସେ ସହି ଆସିଛି କେତେ କଟାକ୍ଷ । ମୋର ତ ମନେ ପଡୁଛି, ପାଞ୍ଚ ଦଶନ୍ଧି ତଳର ସେଇ ସ୍ୱର । ଛୁଟିରେ ଗାଁକୁ ଆସି ସାଙ୍ଗ ଝିଅମାନଙ୍କ ସହ ଅଡ଼ଙ୍ଗରେ ଧାଇଁଲା ବେଳେ ଜଣେ ପିୟୁସୀ ନାନୀ କହୁଥିଲେ, "ମାଇନ କ'ଣ ଉଠିଗଲା ? କେଡ଼େ ଉପୁଢଙ୍ଗର ହୋଇ ଧାଇଁଗଲେ ମାଇକିନା ଝିଅଗୁଡ଼ା.. ?" ଜେଠେଇ ମା' ଢଗ ମେଲି ଥିଲେ: "ବିରିପୋତାପୁର ଶାସନ/ ଶାଶୁଯାକ ହେଲେ ରାନ୍ଧୁଣି ମାନ୍ଧୁଣି / ବୋହୂଯାକ ହେଲେ ମହାଜନ / ଝିଅଯାକ ହେଲେ ଜଗଜିତା / ହଲାଇ ଦିଅନ୍ତି କାନ ମଲକଡ଼ି / ଦେଖେଇ ହୁଅନ୍ତି ବାହା ଚିତା ।" ଉଲୁଗଣା ସହି ସହି ଜିଇଁ ଥାଉ ତାଉ ମରିଯିବା, ଲୁହର ନଇ ପହଁରିବା ଏସବୁ ତ ରେବତୀର ନିତିଦିନିଆ କଥା । ଚିଲ ଶାଗୁଣା ଶବକୁ ଖୁମ୍ପିଲା ପରି ତା ଦେହକୁ ବିଦାରି ପକାଏ ନରରାକ୍ଷସ । ଝିଅ କେବେ ବି ପୁଅ ପରି ମାଟି ହାଣ୍ଡିରୁ ହୋଇ ପାରିବନି ପିତ୍ତଳ ମାଠିଆ ? ବିଜ୍ଞାନର ଛତ୍ରଛାୟା ତଳେ ଥାଇ ବି ଆଜିବି ନିରୀହ ନାରୀକୁ ମାରିଦିଆ ଯାଉଛି ଡାଆଣୀ ସନ୍ଦେହରେ । ଜନ୍ମିବା ଆଗରୁ ମା' ଗର୍ଭରୁ ହତ୍ୟା ବି କରା ହେଉଛି କନ୍ୟାଭ୍ରୂଣକୁ । ଅଧିକାଂଶ ସ୍ଥଳରେ ସ୍ତ୍ରୀ ଲୋକଟି ହୁଏ ପୁରୁଷର ଇଚ୍ଛାଦାସୀ । ତେବେ ଆମ ଝିଅମାନେ ଆମ ପରି, ସମାଜ ତିଆରି ବାଟରେ ନ'ଯାଇ ସମାଜରେ ନିଜ ପାଇଁ ଯଥାର୍ଥ ମାର୍ଗ ନିରୂପଣ କରିବାକୁ ଯୋଗ୍ୟ ହୋଇଛନ୍ତି । କିନ୍ତୁ ଏହି ଉଚ୍ଚଶିକ୍ଷିତ, ଶକ୍ତିସମ୍ପନ୍ନ ନାରୀମାନଙ୍କର ସଂଖ୍ୟା ତୁଳନାରେ ଅଶିକ୍ଷିତ, ଭୀତତ୍ରସ୍ତ ନାରୀମାନଙ୍କର ସଂଖ୍ୟା ଅଧିକ । ନାରୀଶିକ୍ଷାର ପ୍ରସାର ସତ୍ତ୍ୱେ ପୁରପଲ୍ଲୀ ଓ ସହରତଳି ବସ୍ତି ଅଞ୍ଚଳରେ ଝିଅମାନେ ଅଧାରୁ ପାଠ ଛାଡ଼ି ଦେଇ ସମାଜର ମୁଖ୍ୟସ୍ରୋତରୁ ବିଚ୍ଛିନ୍ନ ହେଉଛନ୍ତି । ଅଧୁନା ରେବତୀମାନଙ୍କର ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଥିଲେ ବି ସେମାନଙ୍କୁ ସାମଗ୍ରିକ ଭାବରେ ଶିକ୍ଷିତ ତଥା ସଚେତନ କରାଇବାର ଆବଶ୍ୟକତା ଏବେ ବି ଅନୁଭୂତ ହେଉଛି ।

ସେ କାଳରୁ ଏକାଳ ପର୍ଯ୍ୟନ୍ତ ପିଢ଼ିରୁ ପିଢ଼ି ଧରି ଯେଉଁ ଭିନ୍ନତା ବାରି ହୋଇଯାଉଛି ଆଚରଣ, ଉଚ୍ଚାରଣ, ଭୋଜନ, ପରିଧାନ, ଦୃଷ୍ଟିଭଙ୍ଗୀ ଓ ଚିନ୍ତନରେ, ତାହା ହିଁ ରବତୀକୁ ଦେଇଛି ପୁନର୍ଜୀବନ । ରେବତୀ ପାଖରୁ ଆରମ୍ଭ ହୋଇଥିବା ସେହି ନାରୀଶିକ୍ଷାର ବାର୍ତ୍ତା ଆଜି ପାଲଟି ଯାଇଛି ଏକ ଚଳମାନ ବାସ୍ତବତା । ରେବତୀ ସତରେ ଯେମିତି ବହମାନ ନଈଟିଏ ନାରୀ ଜାତିକୁ ସ୍ପନ୍ଦିତ କରୁଛି ଜ୍ଞାନର ଅନନ୍ତ ସମୁଦ୍ରରେ ।

# ସ୍ମୃତିର ସାବରମତୀ


1917-2017
साबरमती आश्रम
SABARMATI ASHRAM
સાબરમતી આશ્રમ
El Sabarmati Áshram
L'Ashram de Sabarmati
Сабармати Ашрам



# ସାବରମତୀରେ ଦିନେ

ସାବରମତୀ ଆଶ୍ରମର ନାଁ ଶୁଣିଲେ ସ୍ୱତଃ ମନରେ ଭାସି ଆସେ ଗୀତଟିଏ: 'ସାବର୍‌ମତୀ କା ସନ୍ଥ ତୁନେ କର୍‌ଦିଆ କମାଲ୍, ରଘୁପତି ରାଘବ ରାଜା ରାମ ।' ଗୁଜୁରାଟର ଅହମ୍ମଦାବାଦ ସହର ମଝିରେ, ସାବରମତୀ ନଦୀ କୂଳରେ ଥିବା ଏଇ ଆଶ୍ରମ ସ୍ୱାଧୀନତା ସଂଗ୍ରାମର ଜୀବନ୍ତ ସାକ୍ଷୀ । ଏଇ ଆଶ୍ରମରେ ବସି ସ୍ୱାଧୀନତା ସଂଗ୍ରାମ ପାଇଁ ଜାତିର ପିତା ମହାତ୍ମା ଗାନ୍ଧୀ ଅନେକ ବଡ଼ବଡ଼ ନିଷ୍ପତ୍ତି ନେଇଥିଲେ । ଆଶ୍ରମବାସୀଙ୍କୁ ଶିଖାଇଥିଲେ ଜୀବନକୁ ବଞ୍ଚିବାର କଳା । ପରପିଢ଼ିକୁ ବୁଝେଇ ଦେଇ ଗଲେ ବଡ଼ରୁ ବଡ଼ ସମସ୍ୟାକୁ ମଧ୍ୟ କେମିତି ଅହିଂସା ଦ୍ୱାରା ସମାଧାନ କରି ହେବ । ଏହି ସାବରମତୀ ଆଶ୍ରମ ଗାନ୍ଧୀଜୀଙ୍କର ଅନେକ ବାସସ୍ଥାନ ମଧ୍ୟରୁ ପ୍ରମୁଖ । ଏହା ସତ୍ୟାଗ୍ରହ ଆନ୍ଦୋଳନର ପ୍ରଥମ ସଙ୍ଗଠିତ ଆଶ୍ରମ । ବାହାର ଦୁନିଆରୁ ସମ୍ପୂର୍ଣ୍ଣ ଭିନ୍ନ । ଏଠି ଜାତି, ଧର୍ମ, ବର୍ଣ୍ଣ, ଧନୀ, ଗରିବର ପ୍ରଭେଦ ଠୁ ବହୁ ଉର୍ଦ୍ଧ୍ୱରେ କେବଳ ଗୋଟିଏ ପରିଚୟ :


**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦି ଆଟ୍‌ଲାଣ୍ଟିକ୍, ଏସ୍‌ଆର୍‌ପି ଗ୍ରାଉଣ୍ଡ୍-୯ ପାଖ,
ମକରପୁର ରୋଡ଼୍, ବରୋଦା, ଗୁଜରାଟ-୩୯୦୦୧୦,
ଫୋନ: ୭୪୯୦୯୯୬୮୬୫


ଫଟୋ ସୌଜନ୍ୟ : ଲେଖିକା



▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା

‘ସ୍ୱାଧୀନତା ସଂଗ୍ରାମୀ ଆଶ୍ରମବାସୀ’ । କାମ : ସମାଜର ସେବା ଆଉ ଦେଶମାତୃକାର ପୂଜା ।


ଧୂଆଁଧୂଳି ଘେରା ଗୁଜୁରାଟର ବ୍ୟବସାୟିକ ସହର ଅହମଦାବାଦର ମଧ୍ୟଭାଗରେ ଏଇ ସାବରମତୀ ଆଶ୍ରମ ଅବସ୍ଥିତ । ଏବେବି ସହରୀ ଚାକଚକ୍ୟ ଠୁ ଅନେକ ଦୂରରେ । ଆଶ୍ରମ ଭିତରକୁ ପଶିଗଲେ ଏକ ଶାନ୍ତସ୍ନିଗ୍ଧ ଓ ଶୀତଳ ପରିବେଶ ମନ ମୋହି ନିଏ । ବାହାରର ବ୍ୟସ୍ତବହୁଳ କୋଳାହଳ ଜୀବନକୁ ଏ ପରିବେଶ କ୍ଷଣକେ ଭୁଲାଇ ଦିଏ । ଆଶ୍ରମ ଭିତରକୁ ପ୍ରବେଶ କଲେ ହିଁ ଆଖିରେ ପଡ଼ିବ ବଡ଼ ବଡ଼ ବୃକ୍ଷ ଭିତରେ ଛୋଟ ଛୋଟ ଟାଇଲି ଛପର ଘର, ଶୁଭିବ ଜାତିଜାତି ପକ୍ଷୀଙ୍କର କଳରବ । ସାବରମତୀ ପରିବେଶକୁ ଏସବୁ ଶୀତଳତା ପ୍ରଦାନ କରିବା ସହ ହୃଦୟକୁ ଦେଇଥାଏ ଶାନ୍ତି ।

ଗାନ୍ଧିଜୀ ଜାଣିଥିଲେ ଇଂରେଜମାନଙ୍କ ସହ ଲଢ଼ିବାକୁ ହେଲେ ପ୍ରଥମେ ସଙ୍ଗଠିତ ହେବାକୁ ପଡ଼ିବ । ସମାଜରେ ଥିବା କୁସଂସ୍କାର, ଜାତିପ୍ରଥା, ହୀନମନ୍ୟତା ଆଦି ଦୂର କରିବାକୁ ପଡ଼ିବ । ବିଦେଶୀ ବସ୍ତୁକୁ ବର୍ଜନ କରି ସ୍ୱଦେଶୀ ବସ୍ତୁକୁ ଆପଣେଇବାକୁ ପଡ଼ିବ । ସ୍ୱାବଲମ୍ବୀ ହେବାକୁ ପଡ଼ିବ । ଲୋକଙ୍କ ଭିତରେ ଜାତୀୟତାବୋଧ ଉଦ୍ରେକ କରିବାକୁ ପଡ଼ିବ । ସେ ଜାଣିଥିଲେ କୌଣସି କାମକୁ ସ୍ଥାୟୀ ରୂପ ଦେବାକୁ ହେଲେ ଗୋଟେ ସଂସ୍ଥା ବା ସଙ୍ଗଠନ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରନ୍ତି । ସ୍ୱାଧୀନତା ସଂଗ୍ରାମ ପାଇଁ ଗୋଟେ ସଙ୍ଗଠନ ନିହାତି ଆବଶ୍ୟକ । ତେଣୁ ଦକ୍ଷିଣ ଆଫ୍ରିକାରୁ ଫେରିଲା ପରେ ଭାରତରେ ସ୍ୱାଧୀନତା ସଂଗ୍ରାମକୁ ଶକ୍ତ କରିବା ପାଇଁ ଜାତିର ପିତା ମହାତ୍ମାଗାନ୍ଧୀ ନିଜଗୁରୁ ଗୋପାଳକୃଷ୍ଣ ଗୋଖ୍‌ଲେଙ୍କ ନିକଟରେ ନିଜର ଅଭିପ୍ରାୟ ପ୍ରକାଶ କଲେ । ଶ୍ରୀ ଗୋଖ୍‌ଲେ ମହାତ୍ମା ଗାନ୍ଧୀଙ୍କୁ ପ୍ରଥମେ ଭାରତ ଭ୍ରମଣ କରିବାକୁ ନିର୍ଦ୍ଦେଶ ଦେଲେ । ଗୁରୁଙ୍କ କଥା ଅନୁଯାୟୀ ମହାତ୍ମାଗାନ୍ଧୀ ପ୍ରଥମେ ବର୍ଷେ ପର୍ଯ୍ୟନ୍ତ ଭାରତର କୋଣ ଅନୁକୋଣ ପରିଭ୍ରମଣ କରି ପରିଶେଷରେ ଅହମଦାବାଦରେ ନିଜର ଆଶ୍ରମ ପ୍ରତିଷ୍ଠା ପାଇଁ ମନସ୍ଥ କଲେ । ଅହମଦାବାଦ ବାଛିବାର ମୁଖ୍ୟ କାରଣ ଥିଲା, ପ୍ରଥମତଃ, ସେ ଗୁଜୁରାଟୀ ଥିଲେ, ଦ୍ୱିତୀୟତଃ ଅହମଦାବାଦରେ ହସ୍ତଶିଳ୍ପର ପ୍ରାଧାନ୍ୟ ଥିଲା । ଆଶ୍ରମବାସୀଙ୍କୁ ଚରଖା ଚଳେଇ ସ୍ୱାବଲମ୍ବୀ କରିବା ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ ଥିଲା । ତୃତୀୟତଃ ଏହା ଗୁଜୁରାଟର ମୁଖ୍ୟ ସହର ହେତୁ ଏଠାରେ ଧନୀ ବ୍ୟବସାୟୀମାନଙ୍କ ବହୁଳତା ଥିଲା । ଯାହାପ ରବର୍ତ୍ତୀ ସମୟରେ ଆଶ୍ରମ ପ୍ରତିଷ୍ଠା ପାଇଁ ଆର୍ଥିକ ସହାୟତାରେ ସହାୟକ ହେବ ।

ପ୍ରଥମେ ୨୫ ମଇ ୧୯୧୫ରେ ‘ସତ୍ୟାଗ୍ରହ ଆଶ୍ରମ’ ଅହମ୍ମଦାବାଦ ସହର ସନ୍ନିକଟ କୋଚ୍‌ରବ୍‌ରେ ଗାନ୍ଧିଜୀଙ୍କ ବନ୍ଧୁ ବାରିଷ୍ଟର ଜୀବନଲାଲ୍ ଦେଶାଇଙ୍କ ଘରେ ପଚିଶ ଜଣ ଅନ୍ତେବାସୀଙ୍କୁ ନେଇ ଉଡ଼ା ଆକାରରେ ଆରମ୍ଭ ହେଇଥିଲା । ସେଠାରେ ଦୁଇ ବର୍ଷ ରହଣୀ ଭିତରେ ଆଶ୍ରମର କାୟାକଳ୍ପ ବଢ଼ିବାକୁ ଲାଗିଲା । ଅନ୍ତେବାସୀଙ୍କ ସଂଖ୍ୟା ବୃଦ୍ଧି ସହ ଆଶ୍ରମର କାର୍ଯ୍ୟକଳାପ ପାଇଁ ଅପେକ୍ଷାକୃତ ବଡ଼ ସ୍ଥାନର ଆବଶ୍ୟକତା ପଡ଼ିଲା । ତେଣୁ ଅନେକ ଅନୁସନ୍ଧାନ ପରେ ସାବରମତୀ ନଦୀ କୂଳରେ ୩୬ ଏକର ପରିମିତ ବର୍ତ୍ତମାନର ଏହି ସ୍ଥାନଟି ଉପଯୁକ୍ତ ମନେହେଲା । ପ୍ରଥମତଃ ୫୦୦୦ବର୍ଷ ତଳେ ଇନ୍ଦ୍ରଙ୍କୁ ବଜ୍ର ପାଇଁ ନିଜ ଅସ୍ଥିକୁ ଦାନ କରିଥିବା ମହାନ ଋଷି ଦଧୀଚିଙ୍କର ଏହା ହେଉଛି ତ୍ୟାଗପୂତ ତପୋଭୂମି । ଦ୍ୱିତୀୟତଃ ନଦୀ କୂଳରେ ଅବସ୍ଥିତି ଯୋଗୁ ଆଶ୍ରମବାସୀଙ୍କ ଦିନଚର୍ଯ୍ୟା, ଚାଷବାସ, ପଶୁପାଳନ ଆଦି କାର୍ଯ୍ୟ ପାଇଁ ,ହା ବେଶ୍ ଅନୁକୂଳ କ୍ଷେତ୍ର ଥିଲା । ତୃତୀୟତଃ ଆଶ୍ରମର ଗୋଟେ ପଟେ ସାବରମତୀ ସେଣ୍ଟ୍ରାଲ୍ ଜେଲ୍ ଓ ଅନ୍ୟପଟେ ଶ୍ମଶାନ ଭୂମି ଥିଲା । ଗାନ୍ଧିଜୀ ଜାଣିଥିଲେ ସ୍ୱାଧୀନତା ସଂଗ୍ରାମୀର ଶେଷ ବିରାମସ୍ଥଳ ଜେଲ୍ ନହଲେ ଶ୍ମଶାନ । ତେଣୁ ସେ ଏହି ସ୍ଥାନଟିକୁ ବାଛିଲେ । ଆବଶ୍ୟକୀୟ କାଗଜପତ୍ର ପରେ ଗାନ୍ଧିଜୀ ବିହାରର ଚମ୍ପାରନ୍ ଚାଲିଗଲେ । ସେହି ସମୟରେ ଅହମ୍ମଦାବାଦରେ ପ୍ଲେଗ୍ ରୋଗ ବ୍ୟାପିଲା । ସମଗ୍ର ଗୁଜୁରାଟରେ ପ୍ଲେଗ୍ ରୋଗବ୍ୟାପକତର ହେଲା । ତେଣୁ କାଳେ ଆଶ୍ରମବାସୀଙ୍କୁ ଏ ରୋଗ ଆକ୍ରାନ୍ତ କରିବ, ସେଇ ଭୟରେ ୧୭ ଜୁନ୍ ୧୯୧୭ ଦିନ ନିଜର ଆବଶ୍ୟକୀୟ ଜିନିଷ ପତ୍ର ଧରି ଆଶ୍ରମବାସୀ କୋଚରବ୍ ଆଶ୍ରମରୁ ସାବରତମତୀ କୂଳକୁ ଆସିଗଲେ । ସେଠି କିଛିଦିନ ତମ୍ବୁରେ ରହିବା ପରେ ଗାନ୍ଧୀଜୀଙ୍କର ପୁତୁରା ମଗନଲାଲ ଗାନ୍ଧୀ ଏବଂ ଠକର ବାପାଙ୍କର ଅକ୍ଳାନ୍ତ ପରିଶ୍ରମ ପରେ ବର୍ତ୍ତମାନର ଆଶ୍ରମର ପ୍ରାଣପ୍ରତିଷ୍ଠା ହେଲା । ମଗନଲାଲ ଗାନ୍ଧୀ ଏକାଧାରରେ ଆଶ୍ରମର ପ୍ରତିଷ୍ଠାତା, ସଞ୍ଚାଳକ, ନିର୍ଦ୍ଦେଶକ ଥିଲେ । ଏହିପରି ସାବରମତୀ ନଦୀ କୂଳରେ ଦଧୀଚି ଋଷିଙ୍କ ତପୋଭୂମି ଉପରେ ଗଢ଼ି ଉଠିଥିଲା ଭାରତର ସ୍ୱାଧୀନତା ସଂଗ୍ରାମରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସାବରମତୀ ଆଶ୍ରମ ।

ଆଶ୍ରମ ଭିତରକୁ ପ୍ରବେଶ କଲେ ହିଁ ଯାହା ଆଖିରେ ପ୍ରଥମେ ପଡ଼େ ତାହା ଭାରତର ୧୪ଟି ମୁଖ୍ୟ ଭାଷା ସହ ସ୍ପେନିଶ୍, ଫ୍ରେଞ୍ଚ, ଉର୍ଦ୍ଦୁ, ରୁଷିଆ, ଚାଇନିଜ୍ ଆଦି ପାଞ୍ଚୋଟି ବିଦେଶୀ ଭାଷାରେ ଲେଖାଥିବା ଆଶ୍ରମର ନାଁ । ଭାରତୀୟ ପ୍ରାନ୍ତୀୟ ଭାଷା ଭିତରେ ଓଡ଼ିଆରେ ଲେଖାଥିବା ‘ସାବରମତୀ ଆଶ୍ରମ’ ଦେଖିଲେ ଓଡ଼ିଆ ହିସାବରେ ମନ ସ୍ୱତଃ ଉତ୍‌ଫୁଲିତ ହେଇଯାଏ । ଓଡ଼ିଆ ଅକ୍ଷର ସବୁଠୁ ସୁନ୍ଦର ଲାଗେ । ତାହାଣପଟେ ଗାନ୍ଧିଜୀଙ୍କର ପ୍ରସିଦ୍ଧ ପ୍ରେରଣାଦାୟୀ ତିନି ମାଙ୍କଡ଼ଙ୍କ ରେପ୍ଲିକା । ଯାହାକୁ ଜାପାନର ବୌଦ୍ଧଗୁରୁ ନିଚିଦାସ୍ତୁ ଫ୍ୟୁଜି ଦେଇଥିଲେ ଏବଂ ଗାନ୍ଧିଜୀ ତାକୁ ନିଜ ପଢ଼ା ଟେବୁଲ୍‌ରେ ସବୁବେଳେ ରଖୁଥିଲେ । ଏବେ ମଧ୍ୟ ସେଇ ଉପହାରଟି ହୃଦୟକୁଞ୍ଜର ରୋଷେଇଘର କାନ୍ଥ ଆଲମାରୀରେ ଅକ୍ଷୁର୍ଣ୍ଣ ଅବସ୍ଥାରେ ଅଛି ।

ସାବରମତୀ ଆଶ୍ରମ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ପ୍ରଥମଟି ହେରିଟେଜ ସାଇଟ୍ ଏବଂ ଦ୍ୱିତୀୟଟି ମର୍ଡ଼ନ ସାଇଟ୍ । ହେରିଟେଜ୍ ସାଇଟ୍‌ରେ ଥିବା ଘରଗୁଡ଼ିକ ୧୯୧୮ରେ ତିଆରି ହେଇଥିଲା ଓ ଏବେ ଏହାର ଶହେ ବର୍ଷ ପୂର୍ତ୍ତି ହେଲା । ଘରଗୁଡ଼ିକ ଇଟା, ସିମେଣ୍ଟ, କାଠ ଏବଂ ଟାଇଲ୍ ଓ ଚୁନରେ ତିଆରି । ଘରଗୁଡ଼ିକ ଏପରି ତିଆରି ହେଇଛି ଯେ କେତେ ବି ଗରମ ହେଲେ ମଧ୍ୟ ଘର ଭିତରଟି ଥଣ୍ଡା ରହିବ । ଶହେ ବର୍ଷ ପୁରା ହେଲା ପରେ ମଧ୍ୟ ଏବେ ବି ଘରଗୁଡ଼ିକ ଅକ୍ଷୁର୍ଣ୍ଣ ଅବସ୍ଥାରେ ଅଛନ୍ତି । ସେଗୁଡ଼ିକ ହେଲେ, ୧. ମଗନ ନିବାସ, ୨. ହୃଦୟ କୁଞ୍ଜ, ୩. ବିନୋବା ଓ ମୀରା କୁଟୀର, ୪. ନନ୍ଦିନୀ ନିବାସ, ୫. ଉପାସନା ମନ୍ଦିର । ପରେ ତିଆରି ହେଇଥିବା ଘର ଗୁଡ଼ିକ ହେଲା ୧. ମିୟୁଜିୟମ୍, ୨. ଖଦି ଭଣ୍ଡାର, ୩. ବୁକ୍‌ଷ୍ଟୋର୍ ।



**ମଗନ ନିବାସ :** ମଗନ ନିବାସ ଆଶ୍ରମର ପ୍ରତିଷ୍ଠାତା, ସଂସ୍ଥାପକ, ପରିଚାଳକ ମଗନଲାଲ ଗାନ୍ଧୀଙ୍କର ବାସସ୍ଥାନ ଥିଲା । ସେ ଗାନ୍ଧୀଙ୍କର ସହଯୋଗୀ ଓ ପୁତୁରା ମଧ୍ୟ ଥିଲେ ।



ଗାନ୍ଧିଜୀଙ୍କ ସହ ଦକ୍ଷିଣ ଆଫ୍ରିକାରୁ ସେ ଭାରତ ଆସିଥିଲେ । ଏହି ଘରେ ସେ ସପରିବାର ରହୁଥିଲେ । ଏହା ଚାରି କୋଠରୀ ବିଶିଷ୍ଟ । ମଗନଲାଲ୍ ଗାନ୍ଧୀଙ୍କର ଚରଖା ଉପରେ ବିଶେଷ ଜ୍ଞାନ ଓ ରୁଚି ଥିଲା । ତେଣୁ ଏବେ ତାଙ୍କ ବାସଗୃହରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଚରଖା ରଖାଯାଇ ମିୟୁଜିୟମ୍ ତିଆରି କରାଯାଇଛି । ଏଠି ଛୋଟରୁ ବଡ଼ ଯାଏ ଭିନ୍ନ ଭିନ୍ନ ପ୍ରକାରର ଚରଖା ଦେଖିବାକୁ ମିଳେ । ତନ୍ମଧ୍ୟରୁ ରାଜସ୍ଥାନ, ଗୁଜୁରାଟ, ପଞ୍ଜାବରୁ ଆସିଥିବା ଚରଖା ଅନ୍ୟତମ । ତତ୍‌ସହ କୃଷକମାନେ ବ୍ୟବହାର କରୁଥିବା ଚରଖା ମଧ୍ୟ ଅଛି । ୧୯୫୬ରେ ଦକ୍ଷିଣ ଭାରତର ଅକମ୍ବର ନାଥ ଭାଇ ଦ୍ୱାରା ନିର୍ମିତ ଅମ୍ବର ଚରଖା ଗାନ୍ଧୀଙ୍କ ଚରଖା ଠୁ ଭିନ୍ନ । ଏହା ଅନେକ ମାତ୍ରାରେ ଆଧୁନିକ ବୁଣା ମେସିନ୍ ପରି ଲାଗେ । ସୋଲାର୍‌ରେ ଚାଲୁଥିବା ଚରଖା ମଧ୍ୟ ଅଛି । ଏହା ଉଭୟ ସୋଲାର୍ ଓ ମାନୁଆଲି ଚାଲି ପାରିବ । ଚରଖା ଦ୍ୱାରା ପ୍ରସ୍ତୁତ ହାତବୁଣା ସୂତା ମଧ୍ୟ ଏଠି ଡିସ୍‌ପ୍ଲେରେ ଅଛି ।

**ହୃଦୟ କୁଞ୍ଜ :** ଏହା ଗାନ୍ଧିଜୀଙ୍କର ବାସ ଭବନ ଥିଲା । ଏଠି ଗାନ୍ଧିଜୀ ତାଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କ ସହ ୧୯୧୮ ରୁ ୧୯୩୦ ଯାଏଁ ବାରବର୍ଷ ଅତିବାହିତ କରିଥିଲେ । ବିହାର ମୋତିହାରରୁ ଫେରିଲା ବେଳକୁ ଗାନ୍ଧିଜୀଙ୍କର ଆଶ୍ରମ ତିଆରି ସରିଥିଲା । ଏତେ ସୁନ୍ଦର ଘର ଦେଖି ଗାନ୍ଧିଜୀ ଏଠି ରହିବାକୁ ଇଚ୍ଛା ପ୍ରକାଶ କରିନଥିଲେ । ପରେ ମଗନଭାଇ ଗାନ୍ଧୀ ବୁଝେଇଥିଲେ ଯେ, ଯେହେତୁ ଆଶ୍ରମ ସାବରମତୀ ନଦୀ କୂଳରେ ତେଣୁ ବନ୍ୟାର ସମ୍ଭାବନାକୁ ଏଡ଼ାଇ ଦିଆ ଯାଇନପାରେ । ବନ୍ୟାରେ ମାଟିଘର ଶୀଘ୍ର ନଷ୍ଟ ହେଇଗଲେ ମରାମତିରେ ବେଶୀ ଖର୍ଚ୍ଚ ହେବ । ତେଣୁ ଏମିତି ପକ୍କାଘର ଆବଶ୍ୟକ ଥିଲା । ପରେ ଗାନ୍ଧିଜୀ ମାନିଗଲେ କିନ୍ତୁ ତାଙ୍କ ଦିନଚର୍ଯ୍ୟା ଯେମିତିକି ଖାଇବା, ପିଇବା, ଶୋଇବା, ଚରଖା ଚଳେଇବା ଆଦି କାମ ଘରର ବାହାର ବାରଣ୍ଡାରେ କରୁଥିଲେ । କୌଣସି ମିଟିଙ୍ଗ୍ ହେଲେ ସେ ନିଜ କୋଠରୀର ଉପଯୋଗ କରୁଥିଲେ ।

ହୃଦୟକୁଞ୍ଜରେ ସମୁଦାୟ ପାଞ୍ଚଟି କୋଠରୀ ଅଛି । ବାହାରପଟ କୋଠରୀ ଗାନ୍ଧିଜୀଙ୍କର ଥିଲା । ଯେଉଁଠି ସେ ମିଟିଙ୍ଗ୍ କରୁଥିଲେ । ଏହି କୋଠରୀରେ ଏବେ ବି ଗାନ୍ଧିଜୀ ଚଳାଉଥିବା ଚରଖା ଓ ବ୍ୟବହାର କରୁଥିବା ଦୁଇଟି ରାଇଟିଙ୍ଗ୍ ଟେବୁଲ୍ ଅଛି । ଏହା ଶହେବର୍ଷ ପୁରୁଣା । ଦ୍ୱିତୀୟ କୋଠରୀଟି କସ୍ତୁରବାଙ୍କର, ତୃତୀୟ କୋଠରୀରେ କେହି ମହିଳା ଅତିଥି ଆସିଲେ ତାଙ୍କର ରହିବା ବ୍ୟବସ୍ଥା କରା ଯାଉଥିଲା । ଚତୁର୍ଥ ବଖରା ରୋଷେଇ ଘର ଓ ତା'ପାଖକୁ ଲାଗି ଷ୍ଟୋର୍‌ରୁମ୍ । ରୋଷେଇଘର କାନ୍ଥ ଆଲମାରୀରେ ଗାନ୍ଧୀ ଓ କସ୍ତୁରବା ବ୍ୟବହାର କରୁଥିବା କିଛି ଜିନିଷ, ଯେମିତିକି ଗାନ୍ଧୀଙ୍କ ଲାଠି, ଚଷମା, ଅସ୍ଥି କଳସ, ଉପହାରରେ ମିଳିଥିବା ଚରଖା, ପଥର ଓ କାଠ ଥାଳି, ତାଟିଆ, ଚାମଚ ଆଦି ଦେଖିବାକୁ ମିଳେ । ଓଡ଼ିଆ ଘର ପରି ଘର ମଝିରେ ଛୋଟ ଦୁଆର ଓ ବାରଣ୍ଡା । ଉପରେ କାଠ ଓ ଟାଇଲି ଛପର । ତଳେ ପଥର ଫ୍ଲୋରିଙ୍ଗ୍ । କୋଠରୀର ସାଇଜ୍ ମଧ୍ୟ ଛୋଟ । (ଗୁଜୁରାଟର ଘର ଶୈଳୀ ଟିକେ ଅଲଗା । ସେଠି ବାରଣ୍ଡା ଓ ଘର ମଝିରେ ଦୁଆର ନଥାଏ ପ୍ରାୟ । ଟ୍ରେନ ଡବା ପରି ଗୋଟେ ପରେ ଗୋଟେ ଘର ଥାଏ ଓ ପ୍ରବେଶ ଦ୍ୱାର ଗୋଟେ ।) ଏତେ ସାଧାରଣ ବାସଗୃହକୁ ମଧ୍ୟ ଗାନ୍ଧିଜୀଙ୍କୁ ଭବ୍ୟ ଲାଗିବା ଓ ସେ ଏହାକୁ ପରିତ୍ୟାଗ କରି ବାରଣ୍ଡାରେ ନିଜ କାର୍ଯ୍ୟକଳାପ କରିବା, ଯେତିକି ଆଶ୍ଚର୍ଯ୍ୟ ଚକିତ କରେ ସେତିକ 'ସିମ୍ପଲ୍ ଲିଭିଙ୍ଗ୍ ହାଇ ଥିଙ୍କିଙ୍ଗ୍'କୁ ନିଜ ଜୀବନରେ କେମିତି ବ୍ୟବହାର କରାଯାଇ ପାରିବ ତାହା ସହଜରେ ବୁଝି ହେଇଯାଏ ।

ହୃଦୟକୁଞ୍ଜ ବାରଣ୍ଡାରେ ବସି ଏବେ ବି ଆଶ୍ରମର କେହିନା କେହି କର୍ମୀ ଚରଖାରେ ସୂତା କାଟୁଥାନ୍ତି । ପର୍ଯ୍ୟଟକ ନିଜ ଇଚ୍ଛା ବ୍ୟକ୍ତ କଲେ ସେ ତାଙ୍କୁ ଶିଖାନ୍ତି ଏବଂ ପଚାରିଲେ ଆଶ୍ରମ ଉପରେ ବିବରଣୀ ମଧ୍ୟ ଦିଅନ୍ତି । ମୁଁ ଇଚ୍ଛାବ୍ୟକ୍ତ କଲାରୁ ସେ ସମୟରେ ସେଠି ବସିଥିବା ହେତଲ୍ ସୋନି ନାମକ ଝିଅଟି ସୁନ୍ଦର ଭାବରେ ତୁଳାରୁ ସୂତା କେମିତି ବାହାରିବ ଶିଖାଇବା ସହ କରିକି ଦେଖେଇଲା । ମୁଁ ମଧ୍ୟ କିଛି ସମୟ ସୂତା କାଟି ନିଜକୁ ଧନ୍ୟ ମନେକଲି ।

**ପ୍ରାର୍ଥନା ଭୂମି :** ହୃଦୟକୁଞ୍ଜକୁ ଲାଗି ଇଟା ସିମେଣ୍ଟର ଛୋଟ ପାଚେରୀ ହେଇ (ଭୂମି ଚିହ୍ନଟ ପାଇଁ ପାଚେରୀ ପରେ ତିଆରି ହେଇଛି) ଗୋଟେ ଖୋଲା ଜାଗା ଅଛି । ଏହାକୁ ପ୍ରାର୍ଥନା ଭୂମି ବା ଉପାସନା ଗୃହ କୁହାଯାଏ । ଏଠି ସେ ସମୟରେ ପ୍ରତିଦିନ ସକାଳ ଓ ସନ୍ଧ୍ୟା ୪.୨୦ରେ ସର୍ବଧର୍ମ ପ୍ରାର୍ଥନା ହେଉଥିଲା । ହିନ୍ଦୁ, ମୁସଲମାନ୍, ବୌଦ୍ଧ, ଖ୍ରୀଷ୍ଟିଆନ୍, ଶିଖ୍ ଆଦି ସମସ୍ତ ଧର୍ମର ଲୋକ ଯୋଗ ଦେଉଥିଲେ । ପ୍ରାର୍ଥନା ପରେ ବାଇବେଲ୍, ଗୀତା, କୋରାନ୍ ଆଦି ଧର୍ମଗ୍ରନ୍ଥର ପଠନ ହେଉଥିଲା । ଏବଂ ଏଇଠି ବସି ଗାନ୍ଧୀ ଆଶ୍ରମବାସୀଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ଦେଉଥିଲେ । ପ୍ରାର୍ଥନା ସମୟରେ ଗାନ୍ଧୀ ଆଉଜିକି ବସୁଥିବା ପଟା ଏବେ ବି ମିୟୁଜିୟମରେ ସଂରକ୍ଷିତ ଅଛି ।

**ବିନୋବା ଓ ମୀରା କୁଟୀର :** ହୃଦୟକୁଞ୍ଜ ପରେ ଏକ ଛୋଟ ଟାଇଲି ଛପର କୁଟୀରଟିଏ ଅଛି । ଯାହା ବିନୋବା ଓ ମୀରା କୁଟୀର ନାମରେ ପରିଚିତ । ସେ ସମୟରେ କିଛି ସମ୍ଭ୍ରାନ୍ତ ଓ ପ୍ରତିପତ୍ତି ଲୋକଙ୍କ ପାଖରେ ହିଁ କେବଳ ଚାଷଜମି ଥିଲା । ବାକି ଲୋକ ସେହି ଜମିରେ ଦିନ ମଜୁରିଆ ଭାବରେ କାମ କରି ନିଜର ଜୀବିକା ନିର୍ବାହ କରୁଥିଲେ । ସମାଜରେ ସାମ୍ୟତା ଆଣିବା ପାଇଁ ବିନୋବା ଭାବେ ଭୂମିଧାରୀମାନଙ୍କୁ ଭୂମିହୀନମାନଙ୍କୁ ଭୂମିଦାନ କରିବା ପାଇଁ ଆହ୍ୱାନ କଲେ । ଫଳସ୍ୱରୂପ ଅନେକ ଜମିଦାର ଓ ସମ୍ଭ୍ରାନ୍ତ ଲୋକ ନିଜ ଜମିର କିଛି ଭାଗ ନିଜ ଜମିରେ ଚାଷ କରୁଥିବା ମୂଲିଆ ଓ ଭୂମିହୀନମାନଙ୍କୁ ଦାନ କଲେ । ଏହି ଘରେ ସେହି ମହାନ ସ୍ୱାଧୀନତା ସଂଗ୍ରାମୀ ଓ ଭୂଦାନର ପ୍ରଣେତା ବିନୋବା ଭାବେ ୧୯୧୮ ରୁ ୧୯୨୧ଯାଏଁ ରହିଥିଲେ । ଏତେ ଛୋଟ ବଖୁରିଆ ଘରେ ରହି ସମାଜର ଏତେବଡ଼ ସୁଧାର କେବଳ ଜଣେ ମହାପୁରୁଷ ହିଁ କରିପାରେ ।

ସେ ସମୟରେ ଜଳସେନା (ନେଭି) ସେନାଧ୍ୟକ୍ଷ ଝିଅ ମେଡ଼ଲିନ ସ୍ଲେଡ଼ ଗାନ୍ଧିଜୀଙ୍କର ଆଦର୍ଶରେ ଅନୁପ୍ରାଣିତ ହେଇଥିଲେ । ନିଜ ବିଳାସପୂର୍ଣ୍ଣ ଜୀବନ ଯାପନ ଠୁ ନିଜକୁ ଅଲଗା କରି ଆଶ୍ରମ ଉପଯୋଗୀ ହେବା ପାଇଁ ଲଣ୍ଡନରେ ୬ ମାସ ଚଟେଇ ପାରି ତଳେ ଶୋଉଥିଲେ । ସେ ଆଶ୍ରମକୁ ଆସିଲା ପରେ ଗାନ୍ଧିଜୀ ତାଙ୍କୁ ସ୍ନେହରେ ମୀରା ନାମ ଦେଇଥିଲେ । ବିନୋବା ଭାବେ ନାଗପୁର ସେବାଗ୍ରାମ ଗଲା ପରେ ସେ କୁଟୀର ସେମିତି ଖାଲି ପଡ଼ିଥିଲା । ସେଥିରେ ମୀରା ବେନ୍ ରହିଲେ । ୧୯୨୫ ରୁ ୧୯୫୯ ପର୍ଯ୍ୟନ୍ତ ସେ ଭାରତରେ ଥିଲେ ଓ ଗାନ୍ଧିଜୀଙ୍କର ବ୍ୟକ୍ତିଗତ ସଚିବ ଭଳି କାମ କରୁଥିଲେ । ଭାରତ ସରକାର ତାଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରିବା ସହ ତାଙ୍କ ନାମରେ ଡାକଟିକଟ ମଧ୍ୟ ବାହାର କରିଥିଲେ । ସହଜଲବ୍ଧ ସୁଖ ସୁବିଧାକୁ ଛାଡ଼ି ଆବଶ୍ୟକ ନଥାଇ ଜଣେ ଯେ କାହା ଆଦର୍ଶରେ ଅନୁପ୍ରାଣିତ ହେଇ ଏତେ କଷ୍ଟକର ଜୀବନ



ବାଛିପାରେ ଏହି କୁଟୀରକୁ ଦେଖିଲେ ସହଜରେ ବୁଝି ହେଇଯାଏ ।

**ନନ୍ଦିନୀ ନିବାସ:** ହୃଦୟକୁଞ୍ଜ ଠୁ ଦୂରରେ ନନ୍ଦିନୀ ନିବାସ । ଏହା ଆଶ୍ରମର ଅତିଥିଭବନ ଥିଲା । ଏଠି ବାହାରୁ ଆସୁଥିବା ପୁରୁଷ ଅତିଥିମାନଙ୍କର ରହିବା ବ୍ୟବସ୍ଥା କରାଯାଉଥିଲା । ରବୀନ୍ଦ୍ରନାଥ ଟାଗୋର, ମୋତିଲାଲ ନେହେରୁ, ଖାଁ ଅବଦୁଲ୍ଲା ଗଫର ଖାଁ ତନ୍ମଧ୍ୟରୁ ଅନ୍ୟତମ ।

**ମିୟୁଜିୟମ୍ :** ଗାନ୍ଧୀ ସ୍ମାରକ ସଂଗ୍ରହାଳୟ ବା ମ୍ୟୁଜିୟମ ସାବରମତୀ ଆଶ୍ରମ ଭିତରେ ଥିବା ଆକର୍ଷଣୀୟ ସ୍ଥାନ ମଧ୍ୟରୁ ଅନ୍ୟତମ । ପ୍ରଥମେ ଗାନ୍ଧିଙ୍କର ସମସ୍ତ ଜିନିଷ ହୃଦୟକୁଞ୍ଜରେ ଥିଲା । ପରେ ୧୯୬୩ରେ ଏହି ମ୍ୟୁଜିୟମ ତିଆରି ପାରେ ଏଠିକୁ ସ୍ଥାନାନ୍ତରିତ କରାଯାଇଥିଲା । ଆର୍କିଟେକ୍ଟ୍ ଚାର୍ଲସ ବେରେୟ ଏ ସୁନ୍ଦର ଭବ୍ୟ ମ୍ୟୁଜିୟମ୍‌ର ଡିଜାଇନ କରିଥିଲେ ।

ଏହି ମ୍ୟୁଜିୟମ୍ ତିନୋଟି ଭାଗରେ ବିଭକ୍ତ । ପ୍ରଥମଟି ଫଟୋ ଗ୍ୟାଲେରୀ । ଏଥିରେ ଗାନ୍ଧିଜୀଙ୍କର ଆଠଟି ଲାଇଫ୍ ସାଇଜ୍ ଫଟୋ ଅଛି । ଦ୍ୱିତୀୟଟି 'ମାଇଁ ଲାଇଫ୍ ଇଜ୍ ମାଇଁ ମେସେଜ' ଗ୍ୟାଲେରୀ । ଏହି ଗ୍ୟାଲେରୀରେ ମହାତ୍ମାଗାନ୍ଧୀଙ୍କର ବାଲ୍ୟାବସ୍ଥା, ଦକ୍ଷିଣ ଆଫ୍ରିକାର ଜୀବନ, ବିଶ୍ୱ ଯୁଦ୍ଧ ସମୟରେ ରେଡ଼କ୍ରସ ମାଧ୍ୟମରେ ସହାୟତା, ଜୁଲୁ ଯୁଦ୍ଧ ସମୟରେ ମିଳିଥିବା ମେଡ଼ାଲ, ସ୍ୱାଧୀନତା ସଂଗ୍ରାମର ସଂଘର୍ଷ, ମୃତ୍ୟୁ, ନିଜ ପିତାମାତା, ପତ୍ନୀ ପୁତ୍ର, ସାଙ୍ଗସାଥୀ, ସ୍ୱାଧୀନତା ସଂଗ୍ରାମୀ, ବିଶ୍ୱର ବିଶିଷ୍ଟ ଲୋକଙ୍କ ସହ ପ୍ରାୟ ୨୫୦ ପେଣ୍ଟିଙ୍ଗ୍ ଓ ଫଟୋ ଅଛି । ତଥ୍ୟ ସମ୍ବଳିତ ଅନେକ ଐତିହାସିକ ଘଟଣାର ସୂଚନା ଏଠୁ ମିଳିଯାଏ ।

ତୃତୀୟ ଗ୍ୟାଲେରୀ ଗାନ୍ଧିଜୀଙ୍କର ଅହମ୍ମଦାବାଦରେ ରହଣୀ ସମୟର ଖବରରେ ଭରପୁର । ଗାନ୍ଧିଜୀ ୧୯୧୫ରୁ ୧୯୩୦ ଯାଏଁ ଏଠି ଥିଲେ । ଏହି ଗ୍ୟାଲେରୀରେ କୋଚ୍‌ରବ୍ ଆଶ୍ରମ, ସାବରମତୀ ଆଶ୍ରମ, ଆଶ୍ରମବାସୀଙ୍କ ଜୀବନଶୈଳୀ, ପ୍ରସିଦ୍ଧ ଦାଣ୍ଡିଯାତ୍ରାର କାହାଣୀ ସହ ଫଟୋ ଓ ଅନେକ ତଥ୍ୟ ଯୋଗାଇ ଦେଇଥାଏ ।

ଏହି ଆଶ୍ରମ ଭିତରେ ଗୋଟେ ଲାଇବ୍ରେରୀ ମଧ୍ୟ ଅଛି । ଏଥିରେ ଗାନ୍ଧିଜୀଙ୍କ ଦ୍ୱାରା ଲିଖିତ, ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ, ବିଭିନ୍ନ ଲେଖକଙ୍କ ଦ୍ୱାରା ଗାନ୍ଧିଜୀଙ୍କ ଉପରେ ଲିଖିତ ଏବଂ ଦେଶ ବିଦେଶର ପ୍ରାୟ ୩୫୦୦୦ ବହି ଅଛି । ଗାନ୍ଧିଜୀଙ୍କ ଦ୍ୱାରା ଲିଖିତ ଓ ତାଙ୍କୁ ମିଳିଥିବା ପ୍ରାୟ ୩୪,୧୧୭ଟି (ଓରିଜିନାଲ ଓ ଜେରକ୍ସ) ଚିଠି ମଧ୍ୟ ଅଛି । ଯାହାକି ଗାନ୍ଧୀ ବା ତାଙ୍କ ଚିନ୍ତାଧାରା ଉପରେ ଗବେଷଣା କରୁଥିବା ଲୋକଙ୍କ ପଇଁ ବହୁ ଉପାଦେୟ । ଏହି ଲାଇବ୍ରେରୀ ଗବେଷକମାନଙ୍କୁ ଖାଲି ପୁସ୍ତକ ଯୋଗାଇ ଦିଏନି, ସେମାନଙ୍କର ରିସର୍ଚ୍ଚ ପେପର୍ ପ୍ରକାଶ କରି ପ୍ରୋତ୍ସାହିତ ମଧ୍ୟକରେ । ବିଭିନ୍ନ ପ୍ରଦର୍ଶନୀ, ପ୍ରତିଯୋଗିତା ଆଦି କରି ଗାନ୍ଧୀବାଦକୁ ଲୋକଙ୍କ ପାଖରେ ପହଞ୍ଚେଇବାକୁ ସଫଳ ପ୍ରୟାସ କରେ ।

**ବୁକ୍‌ଷ୍ଟୋର୍ :** ଆଶ୍ରମ ଭିତରେ ଥିବା ବହି ଦୋକାନରେ ଗାନ୍ଧିଜୀଙ୍କ ଦ୍ୱାରା ଲିଖିତ ଏବଂ ସ୍ୱାଧୀନତା ସଂଗ୍ରାମ ସମ୍ବନ୍ଧିତ ଅନେକ ବହି ଅଛି । ଖଦି ଗ୍ରାମୋଦ୍ୟୋଗ ଦ୍ୱାରା ପ୍ରସ୍ତୁତ ସାବୁନ, ଧୂପବତୀ, ଚାବି ରିଂ, ଗାନ୍ଧୀଙ୍କର ମୂର୍ତ୍ତି, ଡାଏରୀ, ଛୋଟ ପିଲାଙ୍କ ପାଇଁ ଛବି ଓ ଛୋଟ କାହାଣୀ ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମର କଥା ଏବଂ ଗାନ୍ଧୀଙ୍କ ଉପରେ ରିସର୍ଚ୍ଚ କରୁଥିବା ଲୋକଙ୍କ ପାଇଁ ବହୁ ଉପାଦେୟ ପୁସ୍ତକ ଅଛି ।

**ଖଦି ଭଣ୍ଡାର :** ଆଶ୍ରମ ବାହାରେ ଅପେକ୍ଷାକୃତ ବଡ଼ବଡ଼ ଅନେକ ଖଦି ଭଣ୍ଡାର ଥିଲେ ମଧ୍ୟ ଆଶ୍ରମ ଭିତରେ ଗୋଟେ କୋଣରେ ଛୋଟ ଖଦି ଭଣ୍ଡାରଟିଏ ଅଛି । ଯଦିଓ ସେଠି କିଛି ଖଦି କପଡ଼ାର ନାଇଟି, ଗାମୁଛା, ସାର୍ଟ ଆଦି ମିଳୁଛି, କିନ୍ତୁ ଏହାକୁ ଆହୁରି ଉନ୍ନତ କରି ହୁଅନ୍ତା ।

## ସାବରମତୀ ଆଶ୍ରମର ମୁଖ୍ୟ କାର୍ଯ୍ୟକଳାପ

ମୁଖ୍ୟତଃ ସାବରମତୀ ଆଶ୍ରମ ସେ ସମୟରେ ସମାଜ ସୁଧାର କାମରେ ବିଶେଷ ରୂପରେ ନିୟୋଜିତ ଥିଲା । ଗାନ୍ଧିଜୀ ଜାଣିଥିଲେ ଅଙ୍ଗ୍ରେଜମାନଙ୍କ ସହ ଲଢ଼ିବାକୁ ହେଲେ ପ୍ରଥମେ ସମାଜରୁ କୁରୀତି, ଅନ୍ଧବିଶ୍ୱାସ, ଜାତିପ୍ରଥା, ଧର୍ମାନ୍ଧତା ଆଦିକୁ ଦୂର କରିବାକୁ ପଡ଼ିବ । ତେଣୁ ଏଥିପାଇଁ ସେ ପ୍ରୟାସରତ ଥିଲେ ।

**ସର୍ବଧର୍ମ ପ୍ରାର୍ଥନା:** ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ନିତ୍ୟକର୍ମ ସମାପନ କରି ପ୍ରତ୍ୟେକ ଆଶ୍ରମବାସୀ ସର୍ବଧର୍ମ ପ୍ରାର୍ଥନାରେ ଯୋଗ ଦେଉଥିଲେ । ବାହାରୁ ମଧ୍ୟ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ୍, ଶିଖ ଆଦି ସବୁଧର୍ମର ଲୋକ ଯୋଗ ଦେଉଥିଲେ । ପରେ ଗୀତା, ବାଇବେଲ୍, କୋରାନ୍ ପାଠ ହେଉଥିଲା । ମୁଖ୍ୟ

ପ୍ରାର୍ଥନା ମଧ୍ୟରୁ 'ରଘୁପତି ରାଘବ ରାଜା ରାମ୍, ପତିତପାବନ ସୀତାରାମ୍ । ଈଶ୍ୱର, ଆଲ୍ଲା ତେରୋ ନାମ୍, ସବ୍‌କୋ ସନ୍‌ମତି ଦେ ଭଗବାନ୍' ଅନ୍ୟତମ ଥିଲା । ସବୁ ଧର୍ମର ମାଲିକ ଯେ ଏକ ତାହା ସେ ବୁଝାଇବାକୁ ଚେଷ୍ଟା କରୁଥିଲେ । ହେଲେ ଆଜିଯାଏଁ ଆମେ ସେ କଥା ବୁଝି ନପାରି ନିଜ ଭଗବାନକୁ ବଡ଼ ଭାବି ଅନ୍ୟର ଭଗବାନକୁ ନ୍ୟୁନ ଭାବୁଛେ । ଏବେ ବି ଆମ ଧର୍ମ ଆଉ ଜାତିର ଗୋଲାମୀରୁ ସ୍ୱାଧୀନତା ପାଇ ନାହୁଁ । ଯାହାର ସ୍ୱପ୍ନ ଗାନ୍ଧୀ ଶହେ ବର୍ଷ ତଳେ ଦେଖିଥିଲେ ।

**ଅସ୍ପୃଶ୍ୟତା ବିରୁଦ୍ଧରେ ଲଢ଼େଇ:** ଦକ୍ଷିଣ ଆଫ୍ରିକାରୁ ଫେରି ଗାନ୍ଧିଜୀ ପ୍ରଥମେ କୋଚ୍‌ରବ୍ ଓ ପରେ ସାବରମତୀ ଆଶ୍ରମକୁ ବାଛିଥିଲେ । ତେଣୁ ତାଙ୍କର ସମାଜ ସୁଧାର କାମ ଏଇଠୁ ହିଁ ଆରମ୍ଭ ହୋଇଥିଲା । ସେ ସମୟରେ ଭାରତରେ ଜାତିପ୍ରଥା ବଡ଼ ଉତ୍କଟ ଥିଲା । ବ୍ରାହ୍ମଣ ଓ ଉଚ୍ଚଜାତିର ଲୋକଙ୍କର ପ୍ରାଧାନ୍ୟ ଥିଲା । ଏମିତିକି ଛୋଟ ଜାତି ଲୋକମାନଙ୍କୁ ସେମାନେ ଛୁଉଁ ନଥିଲେ । ସେମାନଙ୍କୁ ମନ୍ଦିର ବା କାହା ଘର ଅଗଣାରେ ପ୍ରବେଶ ନିଷିଦ୍ଧ ଥିଲା । ସବର୍ଣ୍ଣ ପିଉଥିବା କୂଅରୁ ମଧ୍ୟ ପାଣିନେବା ମନା ଥିଲା । ନିହାତି ଅବହେଳିତ ଓ ଗରିବ ଅବସ୍ଥାରେ ସେମାନଙ୍କର ଜୀବନ ଅତିବାହିତ ହେଉଥିଲା । ତେଣୁ ସାମାଜିକ ସମନ୍ୱୟତା ଆଣିବା ପାଇଁ ଗାନ୍ଧିଜୀ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆଶ୍ରମରେ ସମସ୍ତେ ରହି ପାରିବାର ନିୟମ ବନେଇଥିଲେ । ସମସ୍ତ ଆଶ୍ରମବାସୀଙ୍କ ପାଇଁ ଗୋଟେ ଜାଗାରେ ରୋଷେଇ ହେଉଥିଲା ଓ ସମସ୍ତେ ମିଶି ସେଠି ଖାଉଥିଲେ ।

ଠକର ବାପାଙ୍କ ଅନୁରୋଧ କ୍ରମେ ଯେତେବେଳେ କୋଚ୍‌ରବ୍ ଆଶ୍ରମରେ ଅତ୍ୟନ୍ତ ଛୋଟ ଜାତିର ଡୁଡ଼ା ଭାଇ ଓ ତାଙ୍କ ପରିବାରକୁ ଗାନ୍ଧିଜୀ ଆଶ୍ରମରେ ଜାଗା ଦେଲେ ସେତେବେଳେ ଉଭୟ ଆଶ୍ରମ ଭିତରୁ ଓ ବାହାରୁ ବିରୋଧର ସ୍ୱର ଉଠିଲା । କୋଚ୍‌ରବ୍ ଆଶ୍ରମ ଘରର ମାଲିକ ମଧ୍ୟ ଡୁଡ଼ା ଭାଇକୁ କୂଅରୁ ପାଣି କାଢ଼ିବାକୁ ଅନୁମତି ଦେଲେ ନାହିଁ । ଧନାଢ଼୍ୟ ବ୍ୟବସାୟୀଙ୍କ ଠୁ ଆଶ୍ରମ ଚଳେଇବାକୁ ଆସୁଥିବା ପଇସା ମଧ୍ୟ ବନ୍ଦ୍ ହେଇଗଲା । ଆଶ୍ରମ ଭିତରୁ ମଧ୍ୟ ବିରୋଧର ସ୍ୱର ଉଠିଲା । ଏମିତି କି କସ୍ତୁରବା ଗାନ୍ଧୀ ମଧ୍ୟ ବାକି ମହିଳା ସଦସ୍ୟାଙ୍କ ସହ ଏହାର ବିରୋଧ କରୁଥିଲେ । ସେମାନେ ଡୁଡ଼ା ଭାଇ ଓ ତାଙ୍କ ପତ୍ନୀ ଦାନୀ ବେନ୍‌ଙ୍କୁ ଘୃଣା ଦୃଷ୍ଟିରେ ଦେଖୁଥିଲେ । ଗାନ୍ଧିଜୀ ଧୈର୍ଯ୍ୟର ସହକାରେ ପରିସ୍ଥିତିକୁ ସାମ୍ନା କରିବାକୁ ଡୁଡ଼ା ଭାଇଙ୍କୁ ପରାମର୍ଶ ଦେଉଥିଲେ । ଅର୍ଥ ସଙ୍କଟ ସହ ଆଶ୍ରମ ଭିତରର ସ୍ୱର ଗାନ୍ଧିଜୀଙ୍କୁ ବ୍ୟସ୍ତ କରୁଥିଲେ ମଧ୍ୟ ସେ ନିଜ ପ୍ରତିଜ୍ଞାରେ ଅଟଳ ଥିଲେ । ସତ୍ୟ ପାଇଁ ଅସହଯୋଗ ଆନ୍ଦୋଳନ ବା ସତ୍ୟାଗ୍ରହ କରିବା ସେ କସ୍ତୁରବାଙ୍କ ଠାରୁ ଶିଖିଥିଲେ ବୋଲି ତାଙ୍କ ଅଟୋବାୟୋଗ୍ରାଫି 'ଦ ଷ୍ଟୋରି ଅଫ ମାଇଁ ଏକ୍ସପେରିମେଣ୍ଟ୍ ଉଇଥ୍ ଟ୍ରୁଥ୍'ରେ ଲେଖିଛନ୍ତି । କସ୍ତୁରବା ଏକ ସରଳ, ଧାର୍ମିକ, ଦୃଢ଼ମନା ମହିଳା ଥିଲେ । ଗାନ୍ଧିଜୀଙ୍କର କୌଣସି କଥା ତାଙ୍କୁ ପସନ୍ଦ ନଆସିଲେ ଚୁପ୍‌ଚାପ୍ ସେ କଥାକୁ ସେ ବିରୋଧ କରୁଥିଲେ ।

ଅସ୍ପୃଶ୍ୟତା ବିରୁଦ୍ଧରେ ସଂଗ୍ରାମ ଫଳରେ ଆଶ୍ରମ ଭିତରେ ଓ ବାହାରେ ଅସହଯୋଗର ସାମ୍ନା କରିବାକୁ ପଡୁଥିବା ସମୟରେ ହଠାତ ଦିନେ ଜଣେ ଅଜଣା ବ୍ୟବସାୟୀ ଆସି ଗାନ୍ଧିଜୀଙ୍କୁ ୧୩,୦୦୦ ଟଙ୍କା ସାହାଯ୍ୟ କରିଥିଲେ । ଯାହା ବର୍ଷେ ଆଶ୍ରମକୁ ଚଳେଇବା ପାଇଁ ଯଥେଷ୍ଟ ଥିଲା । ତା'ପରେ ଆଶ୍ରମବାସୀଙ୍କୁ ବୁଝେଇବା ସହ ଯାହାକୁ ଆଶ୍ରମର ନିୟମ ପସନ୍ଦ ନାହିଁ ସେ ଆଶ୍ରମ ଛାଡ଼ିପାରିବେ ବୋଲି ଶକ୍ତ ନିର୍ଦ୍ଦେଶ ପରିସ୍ଥିତିକୁ ଧୀରେ ଧୀରେ ସାମାନ୍ୟ କଲା ।

**ସ୍ୱଚ୍ଛତା ଅଭିଯାନ:** ଏହି ଆଶ୍ରମରୁ ଗାନ୍ଧିଜୀ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଥିଲେ । କୋଚ୍‌ରବ୍ ଆଶ୍ରମର ଭିତର ପାଖ ପରିଷ୍କାର ଥିଲେ ମଧ୍ୟ ପାଖ ବସ୍ତି ବହୁତ ଅପରିଷ୍କାର ଥିଲା । ତେଣୁ ପ୍ଲେଗର ଭୟାବହତାକୁ ସାମ୍ନା କରିବାକୁ ପଡ଼ିଲା । ଆଶ୍ରମ ସାବରମତୀକୁ ଉଠି ଆସିଲା ପରେ ପାଖ ଗାଁମାନଙ୍କରେ ଉଭୟ ଘର ଓ ବାହାର କିପରି ସ୍ୱଚ୍ଛ ରଖାଯିବ ଏବଂ ସ୍ୱଚ୍ଛ ରହିବାର ସୁପରିମାଣ




ଉପରେ ଲୋକଙ୍କୁ ସେ ସଚେତନ କରାଉଥିଲେ । ଏଥିରେ ଆଶ୍ରମବାସୀଙ୍କର ମଧ୍ୟ ପ୍ରମୁଖ ଭୂମିକା ଥିଲା ।

**ଅହିଂସା ମନ୍ତ୍ର:** କାଚ୍‌ରବ୍‌ରୁ ଆସି ସାବରମତୀ କୂଳରେ ରହିବା ସମୟରେ ଆଶ୍ରମବାସୀଙ୍କୁ ବହୁ ଅସୁବିଧାର ସାମ୍ନା କରିବାକୁ ପଡୁଥିଲା । ଏହା ଏକ ଖାଲି ଅପରିଷ୍କାର ଭୂମି ଥିଲା । ଅନେକ ବିଷଧର ସାପ, ବିଛା ଆଦିଙ୍କର ଚାରଣ ଭୂମି ଥିଲା । ଆଶ୍ରମବାସୀ ତମ୍ବୁରେ ରହୁଥିଲେ । ଆଶ୍ରମରେ ଅନେକ ଛୋଟ ପିଲା ମଧ୍ୟ ରହୁଥିଲେ । ତା ସତ୍ତ୍ୱେ କୌଣସି ସାପ ବା ଜୀବଯନ୍ତୁଙ୍କୁ ମାରିବାର ନିୟମ ନଥିଲା ।

**କଠିନ ଶାରୀରିକ ପରିଶ୍ରମ:** ସକାଳ ପ୍ରାର୍ଥନା ପରେ ସମସ୍ତ ଆଶ୍ରମବାସୀ କଠିନ ପରିଶ୍ରମ କରୁଥିଲେ । ସ୍ୱାବଲମ୍ବୀ ହେବା ପାଇଁ ଆଶ୍ରମ ଭିତରେ ପରିବା ଚାଷ, ପଶୁ ପାଳନ, ଚରଖାରେ ସୂତା କାଟିବା ଆଦି ନିଜର ସମସ୍ତ ଆବଶ୍ୟକତା ଆଶ୍ରମବାସୀ ପୂରା କରୁଥିଲେ । ମହିଳା ସ୍ୱାବଲମ୍ବନ ଓ ପ୍ରାଥମିକ ଶିକ୍ଷାର ପ୍ରଚାର ପ୍ରସାର, କୃଷକ ଓ ଶ୍ରମିକ ଆନ୍ଦୋଳନ ମଧ୍ୟ ଗାନ୍ଧିଜୀ ଏହି ଆଶ୍ରମରୁ ଆରମ୍ଭ କରିଥିଲେ ।

**ଲବଣ ସତ୍ୟାଗ୍ରହ:** ସାବରମତୀ ଆଶ୍ରମର ମୁଖ୍ୟ ଘଟଣା ମଧ୍ୟରୁ ଲବଣ ସତ୍ୟାଗ୍ରହ ଅନ୍ୟତମ । ଏହି ସତ୍ୟାଗ୍ରହ ପର ଠୁ ଇଙ୍ଗ୍ରେଜ୍‌ମାନେ ଭାରତଭୂମିରୁ ନିଜ ପାଦତଳର ମାଟି ଢ଼ିଲା ହେଉଥିବା ଅନୁଭବ କଲେ । ଗୁଜୁରାଟର ତଟୀୟ ଅଞ୍ଚଳର ବାସିନ୍ଦାମାନେ ସମୁଦ୍ର ପାଣିରୁ ଲୁଣ ମାରି ନିଜର ଜୀବିକା ନିର୍ବାହ କରୁଥିଲେ । ଇଙ୍ଗ୍ରେଜ୍ ଉଭୟେ ଲୁଣ ନମାରିବାର ଆଇନ ସହ ଲୁଣ ଉପରେ ଟିକସ ବସେଇଲେ । ଯାହା ଦ୍ୱାରା ସାଧାରଣ ଗରିବ ଜନତା ଅସୁବିଧାର ସମ୍ମୁଖୀନ ହେଲେ । ଗାନ୍ଧିଜୀଙ୍କ ମତରେ ପାଣି, ପବନ ପରି ଲୁଣ ମଧ୍ୟ ପ୍ରକୃତିଦତ୍ତ ଓ ଏହା ଉପରେ ଲୋକଙ୍କର ମୌଳିକ ଅଧିକାର ଅଛି । ଏହି ଟିକସର ବିରୋଧ କରି ୧୨ ମାର୍ଚ୍ଚ ୧୯୩୦ ଦିନ ଗାନ୍ଧିଜୀ ମାତ୍ର ୭୮ ଜଣ ଲୋକଙ୍କ ସହ ସାବରମତୀ ଆଶ୍ରମରୁ ୩୮୪ କିଲୋମିଟର ଗୁଜୁରାଟର ଏକ ତଟୀୟ ଗାଁ ଦାଣ୍ଡି ଯାଏଁ ପଦଯାତ୍ରା କଲେ । ରାସ୍ତାରେ ତାଙ୍କୁ ପ୍ରଚୁର ଜନ ସମର୍ଥନ ମିଳିବା



ସହ ହଜାର ହଜାର ସଂଖ୍ୟାରେ ଲୋକ ତାଙ୍କ ସହ ଯୋଗ ଦେଲେ । ଏଥିରେ ପ୍ରଥମ ଥର ପାଇଁ ମହିଳାମାନେ ମଧ୍ୟ ବହୁଳ ସଂଖ୍ୟାରେ ଯୋଗ ଦେଇଥିଲେ । ଚବିଶ ଦିନରେ ଯାତ୍ରା ପୁରା ହୋଇଥିଲା । ଗାନ୍ଧିଜୀ ଦାଣ୍ଡି ଠାରେ ମୁଠାଏ ଲୁଣ ମାରି ଯାତ୍ରାର ଶୁଭାରମ୍ଭ କରିଥିଲେ । ଯାହା ସମଗ୍ର ଦେଶବ୍ୟାପୀ ଆନ୍ଦୋଳନରେ ପରିଣତ ହୋଇଥିଲା । ନିରୀହ, ନିରସ୍ତ୍ର ଲୋକଙ୍କ ଉପରେ ଇଂରେଜ୍ ଅକଥନୀୟ ଅତ୍ୟାଚାର କରିଥିଲେ । ଗାନ୍ଧୀଙ୍କ ପ୍ରାୟ ଷାଠିଏ ହଜାର ଲୋକଙ୍କୁ ବନ୍ଦୀ ବନା ଯାଇଥିଲା । ଏ ସତ୍ୟାଗ୍ରହ ବର୍ଷେ ଯାଏଁ ଚାଲିଲା । ଦ୍ୱିତୀୟ ଗୋଲ୍ ଟେବୁଲ୍ ବୈଠକରେ ଗାନ୍ଧୀ ଓ ଲର୍ଡ଼ ବାର୍‌ଓ୍ୱେନ୍‌ଙ୍କ ମଧ୍ୟରେ ଚୁକ୍ତି ପରେ ଏ ସଂଗ୍ରାମର ଅନ୍ତ ଘଟିଥିଲା । ପ୍ରାୟ ସମସ୍ତ ଆଶ୍ରମବାସୀ ଜେଲ୍‌ରେ ଥିବା ଯୋଗୁଁ ଏବଂ ଆଶ୍ରମ ଇଂରେଜଙ୍କ କବଳକୁ ଚାଲିଯାଇଥିବାରୁ ତାହା ଜନଶୂନ୍ୟ ହୋଇ ଯାଇଥିଲା । ସ୍ୱାଧୀନତା ନମିଳିଲା ଯାଏଁ ଗାନ୍ଧିଜୀ ଆଉ ଆଶ୍ରମକୁ ଫେରିବେନି ବୋଲି ସଂକଳ୍ପ ନେଇଥିଲେ । ରାମଚନ୍ଦ୍ର ଚଉଦ ବର୍ଷ ବନବାସ ସାରି ଅଯୋଧ୍ୟା ଫେରିଥିଲେ । କିନ୍ତୁ ଗାନ୍ଧିଜୀ ଆଉ କେବେ ସାବରମତୀ ଫେରିନଥିଲେ । ଭାରତ ସ୍ୱାଧୀନତା ପାଇବାର ଖୁବ୍ କମ୍ ଦିନ ଭିତରେ ତାଙ୍କ ମରଶରୀର ପଞ୍ଚତତ୍ତ୍ୱରେ ବିଲୀନ ହୋଇ ଯାଇଥିଲା ।

ମଗନ ଲାଲ୍ ଓ ଠକର ବାପା ଉଭୟ ସିଭିଲ୍ ଇଞ୍ଜିନିୟର ଥିଲେ । ତାଙ୍କ ଇଞ୍ଜିନିୟରିଂ ଜ୍ଞାନ କୌଶଳ ଯୋଗୁଁ ଆଜି ବି ପାଞ୍ଚୋଟି ଯାକ କୁଟୀର ଅକ୍ଷତ ଅବସ୍ଥାରେ ଅଛି । ସେତେବେଳେ ବିଜୁଳି ନଥିଲା, ଏବେ ରାତିରେ ବିଜୁଳି ବତୀ ଜଳୁଛି ଆଉ ସମୟ ସମୟରେ ରଙ୍ଗମରା କାମ ବି ହେଉଛି । ସେ ସମୟର ଆଶ୍ରମ ଓ ଏବେକାର ଆଶ୍ରମ ମଧ୍ୟରେ ଏତିକି ତଫାତ୍ ଖାଲି । ସରକାର ଏହାକୁ ଜାତୀୟ ସମ୍ପତ୍ତି ଭାବେ ଘୋଷଣା କରିଛନ୍ତି । ତେବେ ଆହୁରି ଅନେକ କିଛି କରିବାକୁ ବାକି ଅଛି । ମଗନ କୁଟୀରର ଗୋଟେ ଛୋଟ କୋଠରୀରେ ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀଙ୍କ ଉପରେ ଲଗାତର ସନ୍ଧ୍ୟା ତିନିଟା ଯାଏଁ ଭିଡ଼ିଓ ଚାଲିଥାଏ । ପ୍ରତି ଭିଡ଼ିଓ ଦଶ ମିନିଟ ଲେଖା । ଗୋଟେ ଛୋଟ ଅନ୍ଧାର କଣିକିଆ ଘରେ ଏହି ଶୋ ଚାଲିଥିବାରୁ ଏହା ଲୋକଙ୍କୁ ଆକର୍ଷିତ କରିପାରେନି ବା ଲୋକେ ଜାଣି ପାରନ୍ତିନି । ତେଣୁ ପ୍ରାୟ ଖାଲି ଟିଭି ଚାଲିଥାଏ, ଲୋକ ନଥାନ୍ତି । ହୃଦୟକୁଞ୍ଜର ରୋଷେଇଘରେ ଗାନ୍ଧିଜୀ ଏବଂ କସ୍ତୁରବା ବ୍ୟବହାର କରୁଥିବା ଜିନିଷ କାଠ ଆଲମାରୀରେ ଅଛି । ଯାହା ଅନ୍ଧାର ଯୋଗୁଁ ସ୍ପଷ୍ଟ ଦିଶେନି । ତେଣୁ ଟ୍ରଷ୍ଟର କର୍ତ୍ତୃପକ୍ଷ ବା ସରକାର ଧ୍ୟାନ ଦେଲେ, ଗାନ୍ଧିଜୀ, ଆଶ୍ରମବାସୀ ଏବଂ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂଘର୍ଷର କାହାଣୀ, ସ୍ୱାଧୀନତା ସଂଗ୍ରାମର ଘଟଣା ସବୁକୁ ଥିଏଟର୍ କରି ବଡ଼ ସ୍କ୍ରିନ୍ ଲଗାଇ ଚଲେଇଲେ ସାଧାରଣ ଜନତା ସ୍ୱାଧୀନତା ଯେ ଏତେ ସହଜଲବ୍ଧ ନୁହେଁ ତାହା ହୃଦୟଙ୍ଗମ କରି ପାରନ୍ତେ । ଆଶ୍ରମରୁ ଦେଶାତ୍ମବୋଧର ଜ୍ଞାନ ନେଇ ଘରକୁ ଫେରନ୍ତେ । ଅନ୍ତତଃ ନିଜ କାର୍ଯ୍ୟକଳାପରେ କିଛି ପରିବର୍ତ୍ତନ କରି ଦେଶ ମାତୃକାର ସେବାରେ ନିଜକୁ କିଛି ମାତ୍ରାରେ ନିୟୋଜିତ କରି ପାରନ୍ତେ । ଯଦିଓ ଲାଇବ୍ରେରୀ ଓ ମ୍ୟୁଜିୟମ୍‌ରେ ଅନେକ ବହି ଓ ଫଟୋ ଅଛି ତେବେ ସାଧାରଣ ଜନତା ଏହାକୁ ବେଶୀ ଧ୍ୟାନ ସହକାରେ ଦେଖନ୍ତିନି । ତେଣୁ ଏହାକୁ ରୋଚକ କରିବାକୁ ହେଲେ ଲେଜର୍ ଶୋ, ଡକ୍ୟୁମେଣ୍ଟାରୀ ମାଧ୍ୟମରେ ଗାନ୍ଧିଜୀଙ୍କର ଜୀବନ ବଞ୍ଚିବାର ଶୈଳୀ, ଦେଶକୁ ସନ୍ଦେଶ ଆଦି ଦେଖାଇଲେ ସାଧାରଣ ଜନତା ଉପକୃତ ହେବା ସହ ଯୁବକମାନେ ନିଜ ଅଜାଣତରେ ଅନେକ ଜ୍ଞାନ ଅର୍ଜନ କରିପାରନ୍ତେ ।

ଅହମ୍ମଦାବାଦ ସହର ମଝିରେ ଏହି ଆଶ୍ରମ ଥିବାରୁ ଦେଶ ଓ ବିଦେଶରୁ ଏଠିକୁ ପହଁଚିବାରେ କୌଣସି ଅସୁବିଧା ନାହିଁ । ସାବରମତୀ ଆଶ୍ରମ ବର୍ଷକ ବାରମାସ ସକାଳ ୮ଟାରୁ ସନ୍ଧ୍ୟା ୬ଟା ଯାଏଁ ଖୋଲା ଥାଏ । ଦେଶ ବିଦେଶରୁ ପ୍ରାୟ ବର୍ଷକୁ ସାତ ଲକ୍ଷ ପର୍ଯ୍ୟଟକ ଏହି ଆଶ୍ରମକୁ ଆସିଥାନ୍ତି । ସରକାର ଓ ମ୍ୟୁନିସିପାଲଟିର ମିଳିତ ଉଦ୍ୟମରେ ଯଦିଓ ଆଶ୍ରମ ନିକଟ ସାବରମତୀ ନଦୀର ଦୁଇ ପାର୍ଶ୍ୱକୁ ସିମେଣ୍ଟ ବନ୍ଧ କରି ରିଭରଫ୍ରଣ୍ଟ୍ କରାଯାଇଛି, ତେବେ ଅହମ୍ମଦାବାଦର ଅନ୍ୟ ରିଭରଫ୍ରଣ୍ଟ ପରି ଏହା ଏତେ ଆକର୍ଷଣୀୟ ନୁହେଁ । ଏଥିପ୍ରତି ଉପରୋକ୍ତ ବିଭାଗ ଧ୍ୟାନ ଦେଲେ ଆହୁରି ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିହୁଅନ୍ତା ।

ଏଠାକୁ ଆସିଲେ ଲାଗେ ଗାନ୍ଧୀ ଜଣେ ମଣିଷ ନୁହଁନ୍ତି, ଗୋଟେ ଚିନ୍ତାଧାରା । ସେହି ଚିନ୍ତାଧାରାକୁ ବୁଝିବା ପାଇଁ, ତାକୁ ନିଜ ଜୀବନରେ ବ୍ୟବହାର କରିବା ପାଇଁ, ଆମେ ଭୋଗୁଥିବା ସ୍ୱାଧୀନତାକୁ ପାଇବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଯେ ନିଜ ଜୀବନକୁ କେମିତି ତିଳ ତିଳ କରି ଉତ୍ସର୍ଗ କରିଦେଇଛନ୍ତି, ତାହା ଅନୁଭବ କରିବା ପାଇଁ ଭାରତର ପ୍ରତ୍ୟେକ



ସମ୍ବେଦନଶୀଳ ବ୍ୟକ୍ତି ଥରେ ଏହି ଆଶ୍ରମକୁ ଆସିବା କଥା । ଆଜିର ସମାଜରେ ନିର୍ମୂଳିଳତା ପରି ମାଡ଼ୁଥିବା ଜାତି, ଧର୍ମ, ବର୍ଣ୍ଣ ଅସୂୟାର ସହଜ ନିରାକରଣ ପାଇଁ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ସ୍ୱାବଲମ୍ବୀ ହେବା ପାଇଁ ଥରଟିଏ ଗାନ୍ଧୀଙ୍କ ଅଟୋବାୟୋଗ୍ରାଫି ପଢ଼ିବା କଥା । ଗୀତା ପରି ଜୀବନର ସମସ୍ତ ମନ୍ତ୍ର ଏଠି ମିଳିଯିବ ।

ଏବେ ସାବରମତୀ ଆଶ୍ରମରେ ଗାନ୍ଧୀଜୀଙ୍କର ଜନ୍ମତିଥି, ପୁଣ୍ୟତିଥି, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ୧୨ ମାର୍ଚ୍ଚ (ଡାଣ୍ଡିଯାତ୍ରା) ଆଦି କିଛି ବିଶେଷ ଦିନକୁ ଛାଡ଼ିଦେଲେ ବାକି ଦିନମାନଙ୍କରେ କୌଣସି କାର୍ଯ୍ୟକ୍ରମ ଆୟୋଜିତ ହେଉନି । ସୁତରାଂ ଗାନ୍ଧୀ ଚିନ୍ତାଧାରାର ପ୍ରଚାର ପ୍ରସାର ପାଇଁ ଏମିତି ସବୁ କାର୍ଯ୍ୟକ୍ରମ ଆଉ ଅଧିକ ମାତ୍ରାରେ ହେବାର ଆବଶ୍ୟକତା ଆଜିର ସମାଜ ପାଇଁ ଅଛି । କିଛିଲୋକ ଯଦି ତାଙ୍କ ଚିନ୍ତାଧାରାକୁ ନିଜ ଜୀବନରେ କାର୍ଯ୍ୟକାରୀ କରିପାରନ୍ତେ ତାହାଲେ ତାହା ହିଁ ହୁଅନ୍ତା ଗାନ୍ଧିଜୀଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

# ଦେଉଳଝରିର ଦିଅଁ



# ଶୈବ ଓ ଶାକ୍ତଧର୍ମର ପୀଠ ଦେଉଳଝରି


**ସଂଗ୍ରାମ କେଶରୀ ପୃଷ୍ଟି**

ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋର ନଗର
ଅନୁଗୋଳ-୭୫୯୧୨୬
ଫୋନ : ୯୪୩୭୫୪୭୧୪୬


ଫଟୋ ସୌଜନ୍ୟ : ଲେଖକ

ଦେଉଳଝରି : ଅନୁଗୁଳ ଜିଲ୍ଲା ଆଠମଲ୍ଲିକର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳି । ଶୈବ ଓ ଶାକ୍ତ ସଂସ୍କୃତିର ଅପୂର୍ବ ସମନ୍ୱୟ ଏଠାରେ ଦେଖିବାକୁ ମିଳିଥାଏ । କିଆବଣ ପରିବେଷ୍ଟିତ ଏହି ଉଷ୍ଣ ପ୍ରସ୍ରବଣ ସ୍ଥାନରେ ରହିଛି ଅନେକ ଉଷ୍ଣ ଓ ଶୀତଳ ଜଳକୁଣ୍ଡ । ଯାହାକି ଦେଖଣାହାରୀଙ୍କୁ କରିଦିଏ ବିମୋହିତ । ପୂର୍ବରୁ ଏଠାରେ ୮୪ଟି ଜଳକୁଣ୍ଡ ଥିବା କାରଣରୁ ପ୍ରଗଣାର ନାମକରଣ ହୋଇଛି 'ଚଉରାଶି' । ନିଜର ଅପରୂପ ସୌନ୍ଦର୍ଯ୍ୟ ଓ ଗାରିମା ବଳରେ ଉଭୟ ଭକ୍ତ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଦେଉଳଝରି ।

ବିବାହିତ ନାରୀର ସିନ୍ଦୁର ଟିପା ପରି ପଞ୍ଚଧାର ପର୍ବତମାଳା ଶିଖରରୁ ମୁହଁ ଦେଖାଏ ସୂର୍ଯ୍ୟଦେବତା । ମୁହୂର୍ତ୍ତକ ମଧ୍ୟରେ ତା କିରଣ ଝଲସାଇ ଦିଏ ଦେଉଳଝରି ଅଗଣାକୁ । ମନ୍ଦିର ପରିସର ମଧ୍ୟରେ ଥିବା ଦେବଦେବୀ ମନ୍ଦିରରେ ବାଜି ଉଠେ ଘଣ୍ଟଶଙ୍ଖ । ଧୂପ ନୈବେଦ୍ୟର ମହମହ ମହକରେ ଭରିଉଠେ ସମଗ୍ର ପରିବେଶ । କ୍ରମଶଃ ସେଠାକୁ ଲୋକଙ୍କ ସୁଅ ଛୁଟେ । ଦିଅଁ ଦର୍ଶନ ସାରି କିଆବଣର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନ କରିବା ପାଇଁ ବ୍ୟଗ୍ର ହୋଇଉଠେ ମନ । ଜଳକୁଣ୍ଡମାନଙ୍କରେ ହାତବୁଡ଼ାଇ ତାପମାତ୍ରା ପରଖିବାର ଇଚ୍ଛା ଟିକକ ଚେଇଁ ଉଠେ । ଏହାର ଅନନ୍ୟ ଆକର୍ଷଣ ଅନ୍ୟମାନଙ୍କ ପରି ମୋତେ ମଧ୍ୟ ଦିନେ ଟାଣି ନେଇଥିଲା ତା ପାଖକୁ ଦେଉଳଝରି ପରିସରରେ ଥିବା ମୁଖ୍ୟ ମନ୍ଦିରରେ ବାବା ଶିବଙ୍କ ଦର୍ଶନ ସାରି  ଆସୁ ଆସୁ ଭେଟ ହେଲା ମନ୍ଦିର ସେବାୟତ କମିଟିର ସଭାପତି ଧାର୍ମିକ ପରଚ୍ଛାଙ୍କ ସହିତ । ଏ ମନ୍ଦିରର ଐତିହ୍ୟ ସମ୍ପର୍କରେ ଜାଣିବାକୁ ଚାହିଁଲି ତାଙ୍କ ଠାରୁ । ସେ ବଖାଣି ବସିଲେ ଏ ମନ୍ଦିରର ଇତିବୃତ୍ତ:




ଲେଖକ ସଂଗ୍ରାମ କେଶରୀ ପୃଷ୍ଟି



"ଦେଉଳଝରିର ଚାରିଶମ୍ଭୁଙ୍କ ମଧ୍ୟରେ ମୁଖ୍ୟ ହେଉଛନ୍ତି- ବାବା ସିଦ୍ଧେଶ୍ୱର ମହାଦେବ । ଏହି ବୃହତ୍ ଓ ଆକର୍ଷଣୀୟ ମନ୍ଦିର ମଧ୍ୟରେ ସେ ପୂଜା ପାଉଛନ୍ତି । ଖ୍ରୀଷ୍ଟିୟ ଅଷ୍ଟମ ଶତାବ୍ଦୀରେ ଶୈବ-ଶାକ୍ତ ଧର୍ମର ପେଣ୍ଠସ୍ଥଳି ବୌଦ୍ଧ-ସୋନପୁର ଭଞ୍ଜରାଜାଙ୍କ ଅଧୀନରେ ଥିଲା । କୋଦଳକ ମଣ୍ଡଳ ଭଞ୍ଜରାଜା ଥିଲେ ରଣଭଞ୍ଜ । ସେ ଥିଲେ ଶିବ ଓ ଖମ୍ଭେଶ୍ୱରୀଙ୍କ ଉପାସକ । ତେଣୁ ତାଙ୍କ ଦ୍ୱାରା ଏହି ଶୈବ ପୀଠ ନିର୍ମିତ ହୋଇଥିବାର ଜଣାଯାଏ । ପ୍ରଥମେ ବାବା ପୂଜା ପାଉଥିଲେ ଏକ ଚାଳଘରେ । ୧୯୩୩ ମସିହାରେ ଆଠମଲ୍ଲିକର ତତ୍କାଳୀନ ରାଜା କିଶୋର ଚନ୍ଦ୍ର ଦେଓ ସିଦ୍ଧେଶ୍ୱରଙ୍କ ପାଇଁ ଏକ ପକ୍କା ମନ୍ଦିର ନିର୍ମାଣ ଆରମ୍ଭ କଲେ ।"

"ସିଦ୍ଧେଶ୍ୱର ! ଶିବଶଙ୍କରଙ୍କ ଏଠାରେ ଏପରି ନାମକରଣ ହୋଇଛି କାହିଁକି ?" ଆଗ୍ରହକୁ ଚାପିନପାରି ପଚାରିଦେଲି । ପରିଚ୍ଛା ମହୋଦୟ ଖୋଲି ବସିଲେ ଗୁମର- "ବହୁଦିନ ପୂର୍ବେ ଦେଉଳଝରି ସନ୍ନିକଟ ପଞ୍ଚଧାର ପର୍ବତମାଳାର ପାଦଦେଶ ଥିଲା କୁରୁମିକୁଡ଼ା ମାନଙ୍କର ନିବାସସ୍ଥଳି । ଜଙ୍ଗଲଜାତ ଫଳମୂଳ ପ୍ରଭୃତି ଥିଲା ସେମାନଙ୍କ ଖାଦ୍ୟ । ଏହି ଉଦ୍ଦେଶ୍ୟରେ ଥରେ ସେମାନେ ବୁଲୁଥିବା ବେଳେ ତାଙ୍କର ଦୃଷ୍ଟିଗୋଚର ହେଲା ଏକ ପଦ୍ମପତ୍ର । କୌତୁହଳବଶତଃ ସେମାନେ ସେହି ପଦ୍ମପତ୍ରକୁ ଉଠାନ୍ତେ ତା ତଳେ ଗୋଟିଏ ଶିବଲିଙ୍ଗ ଥିବାର ଦେଖିବାକୁ ପାଇଲେ । ସେହି  ଶିବଲିଙ୍ଗର ଚତୁର୍ପାର୍ଶ୍ୱରେ ବେଢ଼ି ରହିଥିଲା ପୁଷ୍ପ ଓ ବେଲପତ୍ର । ଏ ଅଲୌକିକ ଘଟଣାଟି ତୁରନ୍ତ ପଞ୍ଚଧାର ପର୍ବତରେ ତପସ୍ୟା କରୁଥିବା ମୁନିଋଷିମାନଙ୍କ କାନରେ ପଡ଼ିଲା । ସେମାନେ ପରମ ଭକ୍ତି ଓ ଆନନ୍ଦର ସହିତ ସେହି ଶିବଲିଙ୍ଗଟିକୁ ପୂଜାର୍ଚ୍ଚନା କଲେ । ସିଦ୍ଧ ଶବ୍ଦର ଅର୍ଥ ମୁନିଋଷି । ପ୍ରଥମେ ମୁନିଋଷିମାନେ ସେହି ଶିବଲିଙ୍ଗଙ୍କୁ ପୂଜା କରୁଥିବାରୁ ଠାକୁରଙ୍କ ନାମ ହେଲା ସିଦ୍ଧେଶ୍ୱର ମହାଦେବ ।"




ଏ ପ୍ରସଙ୍ଗ ଚାଲିଥିବା ବେଳେ ମନ୍ଦିର ବେଢ଼ାକୁ ପରିକ୍ରମା କରି ସାରିଥାଉଁ । ପରିଚ୍ଛା ମହାଶୟ ହାତ ବଢ଼ାଇ ଜଗମୋହନ, ନାଟମନ୍ଦିର, ଭୋଗ ମନ୍ଦିର ଦେଖାଇ ଚାଲିଥାନ୍ତି । ଟିକିଏ ରହି ସେ ପୁଣି କଥା ଆରମ୍ଭ କଲେ- "ଜଗମୋହନ ମନ୍ଦିରର ଗର୍ଭଗୃହରେ ରହିଛି ଅଷ୍ଟଧାତୁରେ ନିର୍ମିତ ଶିବ-ପାର୍ବତୀଙ୍କ ପ୍ରତିମା । ଶିବଲିଙ୍ଗ ଗର୍ଭଗୃହର ଅନ୍ୟତମ ଆକର୍ଷଣ ହେଲା, ଏହା ମୁଖଶାଳା ଠାରୁ ପ୍ରାୟ ଛଅ ଫୁଟ୍ ତଳେ ଅବସ୍ଥିତ । ସବୁଠୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା, ଏହି ସ୍ୱୟଂମ୍ଭୂ ଲିଙ୍ଗର ନିମ୍ନଭାଗରେ ଏକ ଉଷ୍ଣଝର ଅନବରତ ଭାବରେ ଉତ୍ସାରିତ ହୋଇ ଏହାକୁ ଧୌତ କରିଚାଲିଛି ।"

"ବାଃ କି ଚମତ୍କାର ସତରେ ! ଏହାପଛରେ ବି ତ କିଛି କିମ୍ବଦନ୍ତୀ ନିଶ୍ଚିତ ଥିବ ।" ମୁହଁରୁ ମୋର ସ୍ୱତଃପ୍ରବୃତ୍ତ ଭାବେ ବାହାରି ପଡ଼ିଲା ।

ସେଠାରେ ଉପସ୍ଥିତ ଅନ୍ୟଜଣେ ବରିଷ୍ଠ ପୂଜକ ମୋ ମୁହଁରୁ କଥା ଛଡ଼େଇ ନେଇ କହିଲେ- "ହଁ, ହଁ, ଏହା ପଛରେ ବି ସୁନ୍ଦର କଥାଟିଏ ଅଛି । ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର ତାଙ୍କ ବନବାସ କାଳରେ ଏହି ଦେଉଳଝରି ସନ୍ନିକଟ ପଞ୍ଚଧାର ପର୍ବତର ପାଦଦେଶରେ ଥିବା ସିଦ୍ଧେଶ୍ୱର ବାବାଙ୍କ ସ୍ୱୟଂଭୁ ଲିଙ୍ଗକୁ ପୂଜାର୍ଚ୍ଚନା କରୁଥିଲେ । ଏଠାରେ ସେମାନେ ବିଦାୟ ନେଲା ବେଳକୁ ମାତା ସୀତା ଗଙ୍ଗାଦେବୀଙ୍କୁ ଆରାଧନା କରି ପ୍ରତ୍ୟହ ସିଦ୍ଧେଶ୍ୱର ବାବାଙ୍କୁ ସ୍ନାନ କରାଇ ପୂଜାର୍ଚ୍ଚନା କରିବାକୁ ପ୍ରାର୍ଥନା କଲେ । ମା' ସୀତାଙ୍କ ଅନୁରୋଧରେ ସେହିଦିନ ଠାରୁ ଗଙ୍ଗାମାତା ସବୁଦିନ ଶିବଲିଙ୍ଗଙ୍କୁ ସ୍ନାନ କରାଇ ଆସୁଛନ୍ତି । ଗଙ୍ଗାରେ ବୈଶାଖ ମାସରେ ବାରୁଣୀ ଯୋଗ ପଡ଼ିଲେ ପ୍ରଚୁର ଉଷ୍ଣଜଳ ନିର୍ଗତ ହୋଇ ଲିଙ୍ଗ ପାଣିରେ ବୁଡ଼ିଯାଏ । ଏମିତି ଏକ ବାରୁଣୀଯୋଗ ପଡ଼ିଥିଲା ୧୯୭୧ ମସିହାରେ ।"

ପ୍ରଭୁଙ୍କ ମହିମା ଶୁଣି ମୁଁ ତଲ୍ଲୀନ ହୋଇପଡ଼ିଥିବା ବେଳେ ସଂପୃକ୍ତ ପୂଜକ ମହାଶୟ ପୁଣି କହି ଚାଲିଲେ- "ଦେଖନ୍ତୁ ଅନ୍ୟ ଶିବମନ୍ଦିର ପରି ଏଠାରେ ମଧ୍ୟ ପାର୍ଶ୍ୱଦେବତା ଭାବରେ ଦକ୍ଷିଣରେ ଗଣେଶ୍ୱର, ପଶ୍ଚିମରେ କାର୍ତ୍ତିକେଶ୍ୱର ଓ ଉତ୍ତରରେ ଦେବୀ ସରସ୍ୱତୀ ବିରାଜମାନ କରିଛନ୍ତି । ସିଦ୍ଧେଶ୍ୱର ମନ୍ଦିରର ବେଢ଼ା ଭିତରେ ଦକ୍ଷିଣ ଦିଗରେ ରହିଛି ବରୁଣ କୁଣ୍ଡ । ଠାକୁରଙ୍କ ସ୍ନାନ ଓ ଭୋଗ ଇତ୍ୟାଦି ନିମିତ୍ତ ଏହି କୁଣ୍ଡର ଜଳ ହିଁ ବ୍ୟବହାର କରାଯାଏ । ଏହି ମନ୍ଦିରର ଉତ୍ତର ଦିଗରେ ରହିଛି ମା' ପାର୍ବତୀଙ୍କ ମନ୍ଦିର । ଏ ପୀଠ ପରିସରରେ ଆହୁରି ଏମିତି ଅନେକ ମନ୍ଦିର ରହିଛି । ଯେମିତିକି ମା' ଖମ୍ଭେଶ୍ୱରୀ, ମା' ମାହେଶ୍ୱରୀ, ନାରାୟଣୀ, ମହେଶ୍ୱର, ସିଦ୍ଧେଶ୍ୱର, କେଦାରନାଥ ଓ ବୀର କାର୍ତ୍ତିକେୟ । କତିପୟ ମାରୱାଡ଼ି ଭକ୍ତଙ୍କ ଉଦ୍ୟମରେ ଏଠାରେ ଜାଗେଶ୍ୱର, ମହେଶ୍ୱର, ଗୁପ୍ତେଶ୍ୱର ଓ କେଦାରେଶ୍ୱରଙ୍କ ମନ୍ଦିର ନିର୍ମିତ ହୋଇଥିଲା ।"

"ଆରେ ବାଃ, ଦେଉଳଝରି ତାହେଲେ ଶୈବ ଓ ଶାକ୍ତଧର୍ମର ଏକ ଅପୂର୍ବ ମିଳନସ୍ଥଳି ! ନୁହେଁ ? ବହୁତ ଭଲ ଲାଗୁଛି ଏ ଜାଗା ।" ଖୁସିକୁ ଚାପିନପାରି ମୁହଁରୁ ମୋର ବାହାରି ପଡ଼ିଲା ।

ମୋତେ ଜଣା ନାହିଁ କେତେବେଳେ ଆମ ଭିତରେ ସାମିଲ୍ ହୋଇ ସାରିଥିଲେ ଇତିହାସ ବିଭାଗର ଅଧ୍ୟାପକ ଡକ୍ଟର ହିମାଂଶୁ ଶେଖର ପାଢ଼ୀ । ମୋ ଆଗ୍ରହକୁ ଦେଖି ଏଥର ସେ ମୁହଁ ଖୋଲିଲେ- "ଦେଉଳଝରିର ପ୍ରତ୍ୟକ୍ଷ ଦେବୀ ଯାଜପୁର ବିରଜା ଧାମରୁ ମା' ମାହେଶ୍ୱରୀଙ୍କୁ ଆଣି ଦେଉଳଝରିରେ ସ୍ଥାପନ କରିଥିଲେ । ସମୟଚକ୍ରରେ ଏଠାରେ ପୂଜିତା ମା' ମାହେଶ୍ୱରୀଙ୍କୁ (ସୁବର୍ଣ୍ଣ ପ୍ରତିମା) ଆଠମଲ୍ଲିକର ତତ୍କାଳୀନ ରାଜା ଏଠାରୁ ନେଇ ଆଠମଲ୍ଲିକ ଗଡ଼ରେ ରଖି ପୂଜାର୍ଚ୍ଚନା କରିଥିଲେ । ୧୯୨୧ ମସିହାରେ ଆଠମଲ୍ଲିକ ଗଡ଼ଜାତ ବ୍ରିଟିଶ୍ ସରକାରଙ୍କ ଖାସ୍ ତତ୍ତ୍ୱାବଧାନରେ COURT OF WORDS ଥିବା ବେଳେ ମାହେଶ୍ୱରୀ ଦେବୀଙ୍କ ସ୍ଥାୟୀ ମନ୍ଦିର ଗଠନ କରାଯାଇ ୧୯୨୨ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ଏକାଦଶ ଭୂଜା ଦେବୀ କ୍ରମଶଃ ପାଲଟି ଗଲେ



ଆଠମଲ୍ଲିକର ଅଧିଷ୍ଠାତ୍ରୀ ଦେବୀ ।"

"ଆଚ୍ଛା, ଏମିତି କଥା ! ମୁଁ ଶୁଣିଛି ଏଠାରେ ମା' ଖମ୍ବେଶ୍ୱରୀଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ ।" - ପଚାରିଲି ମୁଁ ।

ଡକ୍ଟର ପାଢ଼ୀ ଏଥର କହିଲେ- "ହଁ ହଁ ଠିକ୍ କହିଛନ୍ତି । ଏ ପୀଠରେ ଥିବା କେଦାରେଶ୍ୱର ମନ୍ଦିର ସମ୍ମୁଖରେ ମା' ଖମ୍ବେଶ୍ୱରୀଙ୍କ ଆସ୍ଥାନ ରହିଛି । ଯାହା ପଶ୍ଚିମାମୁଖୀ । ଆପଣ ଜାଣିଥିବେ ଅତୀତରେ ଆଠମଲ୍ଲିକ ରାଜାଙ୍କୁ ତାଙ୍କ ଶାସନ କାର୍ଯ୍ୟରେ ଆଠଜଣ ମାଲିକ ବା ମଲ୍ଲିକ ସାହାଯ୍ୟ କରୁଥିଲେ । ସେମାନେ ଥିଲେ ପ୍ରଭାବଶାଳୀ କ୍ଷତ୍ରିୟ ବଂଶର । ଏମାନେ ଦାକ୍ଷିଣାତ୍ୟର ଖେମୁଣ୍ଡି ରାଜ୍ୟରୁ ଆସି ବୌଦ୍ଧ ରାଜ୍ୟର ମହାନଦୀକୂଳସ୍ଥ ଏକ ଗାଁ (ମଲିକପଡ଼ା) ଠାରେ ଅବସ୍ଥାନ କରୁଥିଲେ । ସେମାନଙ୍କ ଇଷ୍ଟଦେବୀ ହେଉଛନ୍ତି, ମା' ଖମ୍ବେଶ୍ୱରୀ । ଏମାନେ ହିଁ ଦେଉଳଝରି ପୀଠରେ ମା' ଖମ୍ବେଶ୍ୱରୀଙ୍କୁ ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରୁଥିଲେ ।"

ଏ କଥା ଶୁଣି ମୁଁ କୃତକୃତ୍ୟ ହୋଇ କହିଲି- "ଏବେ ବୁଝିଗଲି ଆଜ୍ଞା, ଏହି ଆଠଜଣ ମଲ୍ଲିକ ଏ ଅଞ୍ଚଳକୁ ଶାସନ କରୁଥିବା କାରଣରୁ ଏହି ଗଡ଼ଜାତ ରାଜ୍ୟର ନାମ ଆଠମଲ୍ଲିକ ହୋଇଛି । ନୁହେଁ କି ?"

ଦେଉଳଝରି ବିଷୟରେ ଅନୁଭୂତି ସାଉଁଟୁ ସାଉଁଟୁ ମୋ ଅଲକ୍ଷ୍ୟରେ ମୋ ପୁଅ ଗୁଗୁଲ୍ ଓ କୁନି ଝିଅାରୀ ମାମୁନ୍ କେତେବେଳେ ଯେ ମୋ ଠୁ ଖସି ଯାଇଛନ୍ତି ମୋତେ ଜଣା ନାହିଁ । ବିଚଳିତ ହୋଇ ଏଣେତେଣେ ଆଖିବୁଲାଇଲା ବେଳକୁ ହଠାତ୍ ସେମାନଙ୍କୁ ଆବିଷ୍କାର କଲି ଏକ ବିଶାଳ ଜଳକୁଣ୍ଡ ପାଖରେ । ଆଶ୍ୱସ୍ତ ହେଲି ଯେ ସେମାନେ ଦୁଇଜଣ ଜଣେ ପୂଜକଙ୍କ ପାଖରେ ସୁରକ୍ଷିତ ଥିଲେ । ବୁଝୁ ବୁଝୁ ଜାଣି ପାରିଲି ସେ ବ୍ୟକ୍ତିଜଣକ ହେଉଛନ୍ତି, ଦେଉଳଝରି ମନ୍ଦିର ପରିଚାଳନା କମିଟି ସମ୍ପାଦକ ଭବାନୀ ଶଙ୍କର ବଡ଼ମାଳି । ମାହେଶ୍ୱରୀ ମନ୍ଦିର ସମ୍ମୁଖ ଭାଗରେ ଦୁଇଟି ବଡ଼ ଜଳକୁଣ୍ଡ ଦେଖି ସେ ବିଷୟରେ ଜାଣିବା ପାଇଁ ଇଚ୍ଛା ପ୍ରକାଶ କରନ୍ତେ ଭବାନୀ ବାବୁ କହିଲେ- "ଆପଣ ଦେଖନ୍ତୁ, ଏ ଦୁଇଟି କୁଣ୍ଡ ଖୁବ୍ ନିକଟରେ ଲଗାଲଗି ହୋଇ ରହିଛି । ହେଲେ ଆଶ୍ଚର୍ଯ୍ୟର କଥା, ଗୋଟିଏ କୁଣ୍ଡର ଜଳ ଉଷ୍ଣ ଓ ଅନ୍ୟଟି ଶୀତଳ । ଉଷ୍ଣ ଜଳକୁଣ୍ଡଟି ଶିବଙ୍କ ପ୍ରତୀକ । ଶୀତଳ ଜଳକୁଣ୍ଡଟି ଶକ୍ତିଙ୍କ ପ୍ରତୀକ । ବର୍ଷ ତମାମ୍ ଏଠି କୁଣ୍ଡ ଦୁଇଟିର ଜଳର ତାପମାତ୍ରା ଅକ୍ଷୁର୍ଣ୍ଣ ରହିଥାଏ ।

ହେଲେ ଏମିତି କାହିଁକି ? ଏହା ପ୍ରାକୃତିକ ବୈଚିତ୍ର୍ୟ ନା ଦୈବୀଶକ୍ତି ?

ଦେଖନ୍ତୁ, ଏ ସ୍ଥାନଟି ହେଉଛି ଏକ ଉଷ୍ଣପ୍ରସ୍ରବଣ କେନ୍ଦ୍ର । ଭୁଗର୍ଭସ୍ଥ ଗନ୍ଧକର ତପ୍ତବାଷ୍ପ ଓ ଜଳ ଉଦ୍‌ଗୀରଣ ହୋଇ ଉପରକୁ ଉଠି କ୍ଷୀଣ ସ୍ରୋତ ଧାରରେ ପ୍ରବାହିତ ହେଉଛି । ଏଠାକାର ଜଳରେ ଗନ୍ଧକ ମିଶି ରହିଥିବାରୁ ଅଧିକାଂଶ କୁଣ୍ଡର ଜଳ ଉତ୍ତପ୍ତ ହେଉଥିବା କଥା ବୈଜ୍ଞାନିକମାନେ ମତ ଦିଅନ୍ତି । ଏଠାରେ ଥିବା କୁଣ୍ଡ ଗୁଡ଼ିକ ମଧ୍ୟରୁ ସବୁଠୁ ଉତ୍ତପ୍ତ ଜଳକୁଣ୍ଡର ଉତ୍ତାପ ହେଉଛି ୧୩୪ ଡିଗ୍ରୀ ସେଲ୍‌ସିୟସ୍ । ଏଣୁ ଏହାକୁ ଆମେ ପ୍ରାକୃତିକ ବୈଚିତ୍ର୍ୟ କହି ପାରିବା । କହିଲେ ପୂଜକ ମହାଶୟ ।

- ଆଚ୍ଛା, ଏମିତି ଆଉ କେତୋଟି ଜଳକୁଣ୍ଡ ଏଠାରେ ଅଛି । "ପଚାରିଲି ମୁଁ । ପୂଜକ ଭବାନୀବାବୁ କହିଲେ- "ଆଗରୁ ତ ଦେଉଳଝରି ପରିସରରେ ମୋଟ ୮୪ଟି ଉଷ୍ଣ ଓ ଶୀତଳ ଜଳକୁଣ୍ଡ ଥିଲା । ଆଉ ସେଇଥିପାଇଁ ଏ ପ୍ରଗଣାର ନାମ 'ଚଉରାଶି' ହୋଇଛି । ତେବେ ଯତ୍ନ ଅଭାବରୁ ଅନେକ କୁଣ୍ଡ ଏବେ ମାଟି ଭିତରେ ପୋତି ହୋଇ ରହିଛି । ଏବେ ଯାହା ୨୩ /୨୪ଟି କୁଣ୍ଡ ଦେଖିବାକୁ ମିଳୁଛି ।"

କୁଣ୍ଡ କଥା ଶୁଣି ସେଥିରେ ଥିବା ଜଳର ତାପାମାତ୍ରା ଜାଣିବାକୁ ମନ ବଳିଲା । ଅଗତ୍ୟା ଗୋଟିଏ କୁଣ୍ଡ ଜଳକୁ ଛୁଇଁ ଦେଖେ ତ ତାହା ଗରମ ଥିଲା । ସେଥିରୁ ବାମ୍ପ ବାହାରୁଥିଲା । ତା'ପରେ ଆଉ ଏକ କୁଣ୍ଡର ଜଳକୁ ଛୁଇଁଲା ବେଳକୁ ତାହା ଥଣ୍ଡା ଥିଲା । ଏବେ ମୁଁ ବାସ୍ତବତାକୁ ବୁଝି ପାରୁଥିଲି । କିଛି ଲୋକ କୁଣ୍ଡର ଜଳରେ ପଇସା ପକାଇ ପୁଣ୍ୟ ଅର୍ଜନ କରିବାକୁ ଚେଷ୍ଟା କରୁଥିବା ବେଳେ ଆଉ କିଛି ଲୋକ ଗରମ ଜଳପୂର୍ଣ୍ଣ କୁଣ୍ଡରେ ମୁଠାଏ ଚାଉଳ ପକାଇ ଭାତ ହେବାର ମୁହୂର୍ତ୍ତକୁ ଅପେକ୍ଷା କରିଥିଲେ ।

କ୍ରମଶଃ ଏ କୁଣ୍ଡଗୁଡ଼ିକ ପ୍ରତି ମୋ କୌତୁହଳ ବଢ଼ି ଯାଇଥିଲା । ଏହାକୁ ଲକ୍ଷ୍ୟ କରି ପୂଜକ ମହାଶୟ ପୁଣି କହିଲେ- "ଏଠାରେ ଥିବା କୁଣ୍ଡ ଗୁଡ଼ିକର ଅଲଗା ଅଲଗା ନାଁ ମଧ୍ୟ ରହିଛି । ଏଇ ଯେମିତି- ହିମକୁଣ୍ଡ, ଅଗ୍ନିକୁଣ୍ଡ, ଘୃତକୁଣ୍ଡ ଇତ୍ୟାଦି । ଆଉ ପ୍ରତ୍ୟେକ କୁଣ୍ଡର ବିଶେଷତ୍ୱ ମଧ୍ୟ ଅଲଗା ଅଲଗା ।"

- ତାହା କେମିତି ?

"ଦେଖନ୍ତୁ ସନ୍ତାନହୀନା ନାରୀ ମରୀଚିକୁଣ୍ଡରେ ସ୍ନାନ କଲେ ତା'ର ସନ୍ତାନ ପ୍ରାପ୍ତି ହେବାର ବିଶ୍ୱାସ କରାଯାଏ । ବାରୁଣୀ ସ୍ନାନଯୋଗ ତିଥିରେ କ୍ଷୀରକୁଣ୍ଡର ଜଳ କ୍ଷୀରରେ ପରିଣତ ହୋଇଯାଏ । ସେହିପରି ଅଗ୍ନିକୁଣ୍ଡର ତାପମାତ୍ରା ସବୁ ସମୟରେ ଅଧିକ ରହିଥାଏ । ଏହିପରି ପ୍ରତ୍ୟେକ କୁଣ୍ଡ ପଛରେ କିଛି ନା କିଛି ପୌରାଣିକ ଆଖ୍ୟାନ ରହିଛି । ଯାହା ମନରେ ଅଭୂତପୂର୍ବ କୌତୁହଳ ଜାଗ୍ରତ କରାଏ ।"

କୁଣ୍ଡ ବିଷୟରେ ପୁଣି ଏତେ କଥା ! ତାହା ପୁଣି ବିଜ୍ଞାନସମ୍ମତ ଓ ପୌରାଣିକ କାହାଣୀ ଆଧାରରେ । ଏହି ସମୟରେ ହାତରେ ଗୋଟିଏ ଲେଖାଏଁ କିଆଫୁଲ ଧରି ମୋ ପାଖକୁ ଧାଇଁ ଆସିଲେ ପୁଅ ଓ ଝିଅାରୀ । ଫୁଲଟିକୁ ମୋ ନାକପାଖକୁ ନେଇ ପୁଅ କହିଲା- "ଦେଖ ନା ବାପା, ଏ ଫୁଲର କି ସୁନ୍ଦର ବାସ୍ନା । ଆଉ



## ଏମାନଙ୍କ ମୁହଁରୁ....



**କବି ମାନିନୀ ମିଶ୍ର, ରେଢ଼ାଖୋଲ, ସମ୍ବଲପୁର**

ଶୈବପୀଠ ଦେଉଳଝରିର ଯେ ସ୍ୱତନ୍ତ୍ରତା ରହିଛି, ଏହାକୁ ଅସ୍ୱୀକାର କରାଯାଇ ନପାରେ । ବିସ୍ତୃତ କିଆବଣ ହିଁ ଏହାର ଆକର୍ଷଣର କେନ୍ଦ୍ରବିନ୍ଦୁ । ତେବେ ଏ ପର୍ଯ୍ୟଟନସ୍ଥଳିଟି ଅବହେଳିତ ଭାବରେ ପଡ଼ି ରହିଛି । ତା ରକ୍ଷଣାବେକ୍ଷଣ ପାଇଁ ଯେତିକି ଧ୍ୟାନ ଦିଆଯିବା କଥା ସେତିକି ଦିଆ ଯାଇ ପାରୁନାହିଁ । ଏପରିକି କୁଣ୍ଡମାନଙ୍କରେ ପତ୍ର ପଡ଼ି ପଚି ଗନ୍ଧ ହେଉଥିଲେ ମଧ୍ୟ ପାଣି ସଫା କରାଯାଉ ନାହିଁ । ଏ ଦିଗରେ ସରକାରୀ ଓ ବେସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।



**ଲେଖିକା ଅନୀତା ପାଣି, ତାଳଚେର, ଅନୁଗୋଳ**

ଦେଉଳଝରି ପର୍ଯ୍ୟଟନସ୍ଥଳିଟି ସୁନ୍ଦର, ସୁବ୍ୟବସ୍ଥିତ ଓ ନିରାପତ୍ତା ଯୁକ୍ତ ଅଟେ । ତେବେ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯଥେଷ୍ଟ ଧ୍ୟାନ ଦିଆ ଯାଉ ନାହିଁ । ଏଠାକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକ ପ୍ରଥମେ ଏ ଦିଗଟି ପ୍ରତି ସଚେତନ ହେବା ଆବଶ୍ୟକ । ମନ୍ଦିରକୁ ପ୍ରବେଶ ପୂର୍ବରୁ ଗୋଡ଼-ହାତ ଧୋଇବା ନିମିତ୍ତ ପାଣିର ବ୍ୟବସ୍ଥା ନାହିଁ । ପୁନଶ୍ଚ ଏଠାରେ ଥିବା କୁଣ୍ଡ ଜଳର ତାପମାତ୍ରା କେତେ ତାହା ପରୀକ୍ଷା କରି ଏକ ଫଳକରେ ଉଲ୍ଲେଖ କରିବା ବିଧେୟ । ଯାହାଦ୍ୱାରା ଅଘଟଣକୁ ଏଡ଼ାଇ ଦିଆଯାଇ ପାରିବ ।



**ଭବାନୀ ଶଙ୍କର ବଡ଼ମାଳି, ସମ୍ପାଦକ, ମନ୍ଦିର ପରିଚାଳନା ସମିତି**

ଠାକୁରଙ୍କ ନିଜସ୍ୱ କୌଣସି ଆୟ ପାଣ୍ଠି ନାହିଁ । ଠାକୁରଙ୍କ ନାଁରେ ଥିବା ଜାଗା ମଧ୍ୟରୁ ଅଧିକାଂଶ କିଆବଣ ଥିବାରୁ ସେଥିରୁ କୌଣସି ଆୟ ମିଳି ପାରୁ ନାହିଁ । ମନ୍ଦିରରେ ହେଉଥିବା ବିଭିନ୍ନ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ଠାରୁ ଧାର୍ଯ୍ୟ ଅର୍ଥ ଆଦାୟ ହୋଇ ସିଧାସଳଖ ଦେବୋତ୍ତର ବିଭାଗ ହାତକୁ ଚାଲି ଯାଉଛି । କିନ୍ତୁ ସେହି ତୁଳନାରେ ଏ ସ୍ଥାନର କୌଣସି ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଦକ୍ଷେପ ନିଆ ଯାଉ ନାହିଁ । ଏଣୁ ଲୁପ୍ତପ୍ରାୟ କୁଣ୍ଡଗୁଡ଼ିକର ପୁନରୁଦ୍ଧାର ସହିତ ମନ୍ଦିରର ଦୈନନ୍ଦିନ ରୀତିନୀତି ପାଇଁ ଆବଶ୍ୟକୀୟ ଖର୍ଚ୍ଚ ମଞ୍ଜୁର କରିବା ଏକାନ୍ତ ଆବଶ୍ୟକ ।



**କବି ରମେଶ ଚନ୍ଦ୍ର ନାୟକ, ବିଡ଼ିଓ, ଆଠମଲ୍ଲିକ ବ୍ଲକ**

ଦେଉଳଝରି ହେଉଛି ସଂସ୍କୃତିର ପୀଠସ୍ଥଳୀ, ସଂସ୍କୃତିର ବାର୍ତ୍ତାବହ ଓ ଐତିହ୍ୟ ସ୍ଥଳୀ । ଏହା ମଧ୍ୟରେ ଆଠମଲ୍ଲିକର ଚିନ୍ତା ଓ ଚେତନା ସନ୍ନିହିତ । ସେ ହିଁ କହେ ଆଠମଲ୍ଲିକର ଇତିବୃତ୍ତ । ଏଥିପାଇଁ ଆଠମଲ୍ଲିକର ପରିଚୟ ଦିଗନ୍ତବିସ୍ତାରୀ । ସାଂସ୍କୃତିକ ଦୃଷ୍ଟିରୁ ଏ ମାଟି ଓଡ଼ିଶା ପ୍ରସିଦ୍ଧ । ପଞ୍ଚଧାର ପାଦଦେଶରେ ଥିବା ଏ ସ୍ଥାନଟି ଏହାର ପ୍ରାସଙ୍ଗିକତା ରଖୁଥିବା ବେଳେ ଏହାର ଗୁରୁତ୍ୱ ଅନୁଯାୟୀ ଆଶାନୁରୂପ ଉନ୍ନତି ନହେବା ଦୁର୍ଭାଗ୍ୟଜନକ ।



ସୁନ୍ଦର ବି ।”

– “ଆରେ, ତୁମେ ଦୁହେଁ ଏ ଫୁଲ ପାଇଲ କେଉଁଠୁ?” ଏକରକମ ଆଶ୍ଚର୍ଯ୍ୟ ଓ ବିସ୍ମୟରେ ସେମାନଙ୍କୁ ପଚାରିଲି ।

“କାହିଁକି, ଗଛରୁ ପରା । ସେ ଅଙ୍କଲ୍ ଆମକୁ ଦେଲେ ।” ଦୁଇ ଭାଇ-ଭଉଣୀ ଏକ ସ୍ୱରରେ ଓ ନିର୍ଭୟରେ ଉତ୍ତର ରଖିଲେ ।

ମୋ ପିଲାମାନେ ଅଙ୍କଲ୍ ବୋଲି ଯାହାକୁ କହୁଥିଲେ ସେ ଥିଲେ ଆଠମଲ୍ଲିକର ବିଡ଼ିଓ ତଥା କବି ରାହାସ ଚନ୍ଦ୍ର ନାୟକ । ବହୁପୂର୍ବରୁ ପରିଚିତ ସେ । ମୋତେ ଦେଖି ସ୍ମିତହାସ୍ୟ ପୂର୍ବକ କହିଲେ- “ଆପଣ ଜାଣିନାହାନ୍ତି କି, ଦେଉଳଝରିର ୨୪ ଏକର ୫୫ଡେସିମିଲ୍ ଜାଗା ମଧ୍ୟରୁ ଅଧିକାଂଶ କିଆବଣରେ ପରିପୂର୍ଣ୍ଣ । ଏତଦ୍ ବ୍ୟତୀତ ଏଠାରେ ହାତୀବାଡ଼, ଖଉ, କ୍ଷୀରକୋଳି, ହେମତୁରୁକୁଣି ଲତା, କଣ୍ଟିଶାଗ, ଶଙ୍ଖପୁଷ୍ପି ଲତା, ହେମଲତା, କେତେକୀ ଆଦି ବୃକ୍ଷଲତା ଭରି ରହିଛି । ଏସବୁ ଔଷଧୀୟ ଗୁଳ୍ମଲତା ଏଠାରେ ମିଳିବା କିଛି କମ୍ କଥା ନୁହେଁ ।”

କଥୋପକଥନ ଭିତରେ ଆମେ କିଆବଣ ଭିତରେ ମାଡ଼ି ଚାଲିଥାଉ ଆଗକୁ ଆଗକୁ । ଗୋଟିଏ ପରେ ଗୋଟିଏ କୁଣ୍ଡ ଆଖି ଆଗରେ ଭାସି ଉଠୁଥାଏ । ବାହୁରେ ବାହୁ ଛନ୍ଦି ଆନନ୍ଦରେ ଛିଡ଼ା ହୋଇଥାନ୍ତି କିଆଗଛ ସବୁ । ଭିତରକୁ ଗଲା ବେଳକୁ କେମିତି ଏକ ବିକୃତ ଗନ୍ଧ ନାକରେ ବାଜିଲା । ପୁଅ ନାକ ଚାପି



ଧରି କହିଲା- "ବାବା, ଇହି କି ଗନ୍ଧ !"

ନାୟକ ବାବୁ ବୁଝାଇ ଦେଲେ- "ପୁଅରେ, ଇଏ ହେଉଛି କିଆବଣ ତଳେ ଥିବା କାଦୁଅର ଗନ୍ଧ । କାହିଁ କେଉଁକାଳରୁ ଏହା କିଆବଣରେ ଜମି ରହିଛି । ଆଉ ଜାଣିଛ ନା ଏହି କାଦୁଅ ର୍ୟୁମାଟିକମ୍ (ଆଣ୍ଠୁଗଣ୍ଠି ବାତ) ଓ ଆର୍ଥ୍ରାଇଟିସ୍ (ମଡ୍‌ଥେରାପି) ରୋଗ ନିମିତ୍ତ ଔଷଧ ଭାବରେ ବ୍ୟବହାର କଲେ ଉପଶମ ମିଳିଥାଏ ।"

କାଦୁଅରୁ ପୁଣି ଔଷଧ! ଏ କଥା ମୁଁ ପ୍ରଥମଥର ପାଇଁ ଶୁଣୁଥିଲି । ପିଲା ଦୁଇଜଣ ଏଠାରୁ ଯିବା ପାଇଁ ମୋ ହାତ ଧରି ବାହାରକୁ ଟାଣି ନେଉଥାନ୍ତି । କିଆ ବଣରୁ ବାହାରି ମନ୍ଦିର ସମ୍ମୁଖରେ ପହଞ୍ଚିଲା ବେଳକୁ ଦେଖା ହେଲା ସେ ମନ୍ଦିରର ଜଣେ ବୟସ୍କ ପୂଜକଙ୍କ ସହିତ । ମନ୍ଦିରର ରୀତିନୀତି ସମ୍ପର୍କରେ ଅନ୍ତତଃ ଜାଣିବା ନିହାତି ଦରକାର । ଏଣୁ ତାଙ୍କୁ ପଚାରିବା ଉଚିତ୍ ମଣିଲି ।

କାନ୍ଧରେ ପଡ଼ିଥିବା ଗାମୁଛାକୁ ଭଲଭାବରେ ସଜାଡ଼ି ନେଇ ସେ କହିଲେ- "ଏହା ହେଉଛି ଶୈବ ଓ ଶାକ୍ତ ଧର୍ମର ମିଳନସ୍ଥଳି । ଏଣୁ ଏଠାରେ ମହା ଶିବରାତ୍ରି, ଶୀତଳ ଷଷ୍ଠୀ, ମାଘ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ଫାଲ୍‌ଗୁନ ଚତୁର୍ଦ୍ଦଶୀ ଆଦି ପର୍ବପର୍ବାଣୀ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ । ଶ୍ରାବଣ ମାସର ପ୍ରତିଟି ସୋମବାରରେ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ବୋଲବମ ଭକ୍ତଙ୍କ ଆଗମନରେ ପରିବେଶ ମୁଖରିତ ହୋଇଉଠେ । ବର୍ଷ ତମାମ୍ ଏଠାରେ ବିବାହ, ବ୍ରତ, ଏକୋଇଶିଆ ଆଦି ମାଙ୍ଗଳିକ କାର୍ଯ୍ୟମାନ ଅନୁଷ୍ଠିତ ହୋଇଥାଏ । ଆଉ ରହିଲା ଭୋଗ କଥା । ସବୁଦିନ ଦେବ-ଦେବୀଙ୍କ ପାଖରେ ସକାଳେ ବାଳଭୋଗ, ମଧ୍ୟାହ୍ନରେ ଅନ୍ନଭୋଗ ଓ ସନ୍ଧ୍ୟାରେ ବାଳଭୋଗ ଅର୍ପଣ କରାଯାଏ । ପ୍ରତ୍ୟେକ ଦିନ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିରରେ ଅଧଘଣ୍ଟା ପହଡ଼ ପଡ଼େ ।"

ଏ କଥା ଶୁଣି ସାରିଲା ପରେ ତଥାପି ମନ ଭିତରେ କଥାଟିଏ ଉଙ୍କି ମାରିଲା । ଆଗ୍ରହକୁ ଚାପି ନପାରି ପଚାରିଲି- "ଆଜ୍ଞା ଆଜ୍ଞା ସବୁ ତ ଜାଣିଲି । ହେଲେ ଏ ଜାଗାର ନାଁ 'ଦେଉଳଝରି' ଯେ କାହିଁକି ହେଲା ସେକଥା ଅବୁଝା ରହିଗଲା ।"

ହେଃ...ହେଃ...କରି ହସଟିଏ ଛାଡ଼ି ସେ ଉତ୍ତର ଦେଲେ, "ଏଇ ସାମାନ୍ୟ କଥାଟା ବୁଝି ପାରୁ ନାହାନ୍ତି କେମିତି ! ଏ ପୀଠରେ ଅନେକଗୁଡ଼ିଏ କ୍ଷୀଣ ଅଥଚ ଚିରସ୍ରୋତା ଝର ଅବିରତ ଭାବରେ ବୋହି ଚାଲିଛି । ଅନେକ ଦେଉଳ ବି ଅଛି । ଏଣୁ ଉଭୟ ଦେଉଳ ଓ ଝରର ଅପୂର୍ବ ସମନ୍ୱୟ ହିଁ 'ଦେଉଳଝରି' ନାମକୁ ସାର୍ଥକ କରୁଛି !"

ଧେତ୍, ଏଇ ଛୋଟିଆ କଥାଟା ମୁଁ ବୁଝି ପାରୁନଥିଲି କେମିତି । ଭାରି ଲାଜ ଲାଗୁଥାଏ ମୋତେ । ମୁଣ୍ଡ ଟେକି ଚାହିଁଲା ବେଳକୁ ପୂଜାରୀ ଜଣକ ସେତେବେଳକୁ ଖଣ୍ଡେ ଦୂର ଯାଇ ସାରିଲେଣି । ସେତେବେଳକୁ ମୋ ପୁଅ ଓ ଝିଆରୀଙ୍କ ବ୍ୟସ୍ତତା ବଢ଼ି ଯାଇଥିଲା । ଦୁହେଁ ମୋ ଦୁଇ ହାତକୁ ଧରି ଟାଣିଟାଣି ନେଇ ଯାଉଥିଲେ ଗାଡ଼ି ପାଖକୁ । ମନରେ ଅସୁମାରୀ ଭକ୍ତି, ଆନନ୍ଦ ଓ ଅନୁଭବକୁ ସାଉଁଟି ଧରି ଏହି ପର୍ଯ୍ୟଟନ ପୀଠରୁ ବିଦାୟ ନେଉଥିଲି । ସ୍ମୃତି ଭାବରେ ସାଉଁଟି ତୋଳି ଧରିଥିଲି କିଆଫୁଲଟେ । ତା ବାସ ପ୍ରତି ମୁହୂର୍ତ୍ତରେ ମୋତେ କରି ପକାଉଥାଏ ଆନମନା । ଇଚ୍ଛା ହେଉଥାଏ ରହିଯାଆନ୍ତି କି ଘଡ଼ିଏ ଆଉ ।

**"ଘଞ୍ଚଧାର ଜଳଦର କେଳି ମଞ୍ଚରୂପୀ / କେତକୀ ନିକୁଞ୍ଜେ ଯା'ର ଝରଇ ଅଦୂରେ / ତପ୍ତପୂତ ପ୍ରସ୍ରବଣ ରୁଦ୍ର ଅଧିଷ୍ଠାନେ / ଏ ଆଜି ବିଶାଳଶୃଙ୍ଗ କୂଳେ ବିରାଜିତ / ଉତ୍କଳ କଳିଙ୍ଗ ବପୁ ମଣ୍ଡିଛି ଶିଖରୀ / ମଧ୍ୟେ ଦ୍ୱିଖଣ୍ଡିତ ହୋଇ ଏହି ଦେବଖାତେ ।"**

ମହାଯାତ୍ରା: କବିବର ରାଧାନାଥ ରାୟ

**"କୋଶାଧିକ ଦୂରେ ଦେଉଳ ନିର୍ଝର /ଉଷ୍ଣ ଜଳ ତହିଁ ଝରେ ନିରନ୍ତର । / ଚଉରାଶି କୁଣ୍ଡ ଥିଲା ସେଇଠାରେ /ଜନଶ୍ରୁତି ତାହା ଅବଧି ପ୍ରଚାରେ ।"**

ପଞ୍ଚଧାର ଖଣ୍ଡକାବ୍ୟ: କବିଶେଖର ଚିନ୍ତାମଣି ମହାନ୍ତି

**ପ୍ରକୃତିର ଚାରୁ ଅପୂର୍ବ ସମ୍ଭାର, ଉଷ୍ଣ ପ୍ରସ୍ରବଣ ହେ ଦେଉଳଝର ! ଦେଉଳ ଓ ଝର ସମାବେଶ ଶୋଭା, କାହାର ନହେବ ମତ ଅତି ଲୋଭା । / ଏକଶତୁ ଊଣା ଷୋହଳ କୁଣ୍ଡରେ, ଉଷ୍ଣ ଜଳସ୍ରୋତ ନିୟତ ହିଁ ଝରେ । / ସବୁଠି ଝରୁଛି ନିର୍ଝର ଝର୍ଝର, ତେଣୁ ସିନା ହେଲା ଏ ଦେଉଳଝର ।**

ସ୍ଥାନୀୟ କବି କୃଷ୍ଣଚନ୍ଦ୍ର ପ୍ରଧାନ

# ମାନବବାଦର ମନ୍ତ୍ରଦାତ୍ରୀ



# ମନସ୍ୱିନୀ ମନୋରମା




**ମନୋଜ ମେହେର**

'ସମାଜ' କାର୍ଯ୍ୟାଳୟ, ଗୋପବନ୍ଧୁ ଭବନ, ବକ୍ସିବଜାର, କଟକ-୧
ଦୂରଭାଷ: ୯୪୩୮୭୦୫୨୫୬


ଫଟୋ ସୌଜନ୍ୟ : ଲେଖକ

**ଓଡ଼ିଆ ସାହିତ୍ୟ ଜଗତରେ ଡକ୍ଟର ମନୋରମା ମହାପାତ୍ର ଏକ ବ୍ୟତିକ୍ରମ ନାରୀପ୍ରତିଭା । ମାନବବାଦର ସେ ମନ୍ତ୍ରଦାତ୍ରୀ । କବିତାରେ ସମତା ଓ ସଂହିତିର କଥା କହିବା ଭିତରେ ନୀରବ ବିପ୍ଳବର ସ୍ୱର ଉତ୍ତୋଳନ କରିବାରେ ତାଙ୍କର ପଟାନ୍ତର ନାହିଁ । ଜାତୀୟତାବାଦୀ ଭାବନା ସହ ସଂସ୍କାରୀ ଅନୁଚିନ୍ତା ଏବଂ ଏକ ଉତ୍ତରିତ ଅଧ୍ୟାତ୍ମର ମୁଦ୍ରାଙ୍କ ତାଙ୍କ କାବ୍ୟମାନସକୁ କରିଛି ଋଦ୍ଧିମନ୍ତ । ନାରୀମୁକ୍ତି ଓ ନାରୀ ସଶକ୍ତୀକରଣ ପାଇଁ ତାଙ୍କର ଲେଖନୀ ଖୁବ୍ ଶାଣିତ । ତାଙ୍କର ବ୍ୟକ୍ତିସତ୍ତା ସେବା ପରାୟଣତାର ଆଲୁଅରେ ସମୁଜ୍ଜ୍ୱଳ । ମମତ୍ୱର ସେ ମୂର୍ତ୍ତିମନ୍ତ ପ୍ରତୀକ । ଯେଉଁମାନେ ତାଙ୍କର ନିକଟତର ହୋଇଛନ୍ତି, ଅସୀମ ଧୈର୍ଯ୍ୟର ସହ ତାଙ୍କୁ ସାମ୍ନା କରିଛନ୍ତି, ସେମାନେ ନିଶ୍ଚିତ ଭାବେ ତାଙ୍କର ପ୍ରେମ, ଦୟା, ଶ୍ରଦ୍ଧା, କରୁଣା, ସେବା ସର୍ବୋପରି କ୍ଷମା ଭଳି ମହାମାନବୀୟ ଗୁଣକୁ ଉପଲବ୍ଧି କରି ପାରିଥିବେ । ୮୫ ବର୍ଷୀୟ ଏହି ସାରସ୍ୱତ ସାଧିକାଙ୍କୁ ତାଙ୍କ କଟକସ୍ଥିତ ବାସଭବନ 'ପଦାରବିନ୍ଦ ନିଳୟ'ରେ ସାକ୍ଷାତ କରିବା ସହ ଏକ ମନୋଜ୍ଞ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି  ପ୍ରତିଭାଦୀପ୍ତ ଯୁବକବି ମନୋଜ ମେହେର ।**

'ରେବତୀ ଆମ ମାଟିର ସ୍ୱର'ର ସୁଯୋଗ୍ୟ ସହଯୋଗୀ ସମ୍ପାଦକ କୃଷ୍ଣକୁମାର ମହାନ୍ତି ଅପ୍ରତ୍ୟାଶିତ ଭାବେ ପ୍ରାୟ ମାସେ ତଳେ ଫୋନ୍ କରି ମୋତେ ଅନୁରୋଧ(ଏକପ୍ରକାର ନିର୍ଦ୍ଦେଶ ବି) କଲେ ବିଶିଷ୍ଟ ସାରସ୍ୱତ ସେବିକା ମନୋରମା ମହାପାତ୍ରଙ୍କ ଉପରେ ଆଲେଖ୍ୟ ପ୍ରସ୍ତୁତ କରିବା ପାଇଁ । ତାଙ୍କ କଥାରେ ସ୍ପଷ୍ଟ ଇଙ୍ଗିତ ଥିଲା ଯେ ବର୍ତ୍ତମାନର ଯେଉଁ ଜୀବିତ ବର୍ଷୀୟାନ ସ୍ରଷ୍ଟାଗଣ ପ୍ରାପ୍ତିଅପ୍ରାପ୍ତିକୁ ଅପେକ୍ଷା ନରଖି ଜୀବନର ସାୟାହ୍ନରେ ବି ଅବିରତ ସାଧନା ଜାରି ରଖିବା ସହ ଓଡ଼ିଆ ବାଣୀଭଣ୍ଡାରକୁ ଅନନ୍ୟ-ଅତୁଳନୀୟ ଅବଦାନ ଦେଇ ଚାଲିଛନ୍ତି, ଅଥଚ ସେମାନେ ଯେତିକି ପରିମାଣରେ ସ୍ୱୀକୃତି ଓ ସମ୍ମାନ ପାଇବା କଥା ସେଥିରୁ ବଂଚିତ ହୋଇଛନ୍ତି, ସେମାନଙ୍କୁ ଯଥାର୍ଥ ସମ୍ମାନ ଦେବା ହେଉଛି ଏହାର ମୂଳ ଲକ୍ଷ୍ୟ । ଏହାଛଡ଼ା କୃଷ୍ଣଭାଇଙ୍କ ମତ ଥିଲା, ଯେଉଁମାନେ ସାରାଜୀବନ ଏକ ଅର୍ଥପୂର୍ଣ୍ଣ-ସଂଘର୍ଷପୂର୍ଣ୍ଣ ଜୀବନ ଜିଇଁଛନ୍ତି,  ନାନା ପ୍ରତିକୂଳତାରେ ବଢ଼ିଥିଲେ ହେଁ ଅନ୍ୟ ପାଇଁ ପ୍ରେରଣାର ଉତ୍ସ  ଓ ଆଲୋକବର୍ତ୍ତିକା ବନିଛନ୍ତି ଏବଂ ଅପ୍ରମିତ ସେବା ଦେଇଛନ୍ତି, ସମାଜ ପ୍ରତି ଯାହାଙ୍କର ଯଥେଷ୍ଟ ପ୍ରତିଦାନ ରହିଛି, ସେମାନଙ୍କୁ ଭୁଲିଯିବା ଘୋର ଅନ୍ୟାୟ । ସେଥିରେ ପୁଣି ସେ ସୂଚନା ଦେଉଥିଲେ ମନୋରମାଙ୍କ ସାହିତ୍ୟକୃତିର ଯେତିକି ନୁହେଁ, ମୁଁ ତାଙ୍କୁ ଯେମିତି-ଯେତିକି ଜାଣେ ତାହାକୁ ନେଇ ଅନ୍ତରଙ୍ଗ ଆଲୋଚନା କରିବା ପାଇଁ ।

କୃଷ୍ଣଭାଇଙ୍କ କଥାକୁ ମୁଁ ଏଡ଼ାଇ ପାରିଲି ନାହିଁ; କାରଣ ତାଙ୍କର ଉଦ୍ଦେଶ୍ୟ ଥିଲା ମହତ୍ ଏବଂ ପୂଜ୍ୟପୂଜା ପରମ୍ପରାକୁ ଆଗେଇ ନେବାର ସଂକଳ୍ପ ରଖି ପୂର୍ବରୁ ଏକ ସ୍ୱତନ୍ତ୍ର ସ୍ତମ୍ଭ ଜରିଆରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ଜୟନ୍ତ ମହାପାତ୍ର ଓ ବିପ୍ଳବୀକବି ରବି ସିଂ ପ୍ରମୁଖଙ୍କ ଉପରେ ସୁଦୀର୍ଘ ଆଲେଖ୍ୟ 'ରେବତୀ'ରେ ଛାପିଛନ୍ତି ।  ଅନ୍ୟପକ୍ଷରେ ଏହି କ୍ଷୁଦ୍ର ଜୀବନରେ ମୁଁ  ଯେତିକି ଜଗତ ଓ ଜନଜୀବନକୁ ଅବଲୋକନ କରିଛି, ଓଡ଼ିଶାରେ ପ୍ରତିଭାପୂଜା ପରମ୍ପରା ଉତ୍ସାହଜନକ ବା ସମୃଦ୍ଧ ନୁହେଁ । ଜଣେ ଯେତେ ବଡ଼ ପ୍ରତିଭାଧାରୀ ହୋଇଥାଆନ୍ତୁ ନା କାହିଁକି, ଏଠାରେ 'ଯିଏ ମଲେ, ସିଏ ଗଲେ' ବେଶି ଚାଲିଛି । ଯେଉଁ ପ୍ରତିଭାଧରଙ୍କ ଯୋଗ୍ୟ ଦାୟାଦ ନାହାନ୍ତି କିମ୍ବା ଯାହାଙ୍କୁ ନେଇ ଶସ୍ତା ରାଜନୀତି ବା ହଟଚମଟ କରିହେବ ନାହିଁ, ସେମାନଙ୍କ ପରଲୋକ ପରେ ସେମାନଙ୍କୁ ସହଜରେ ସାଧାରଣ ବା ସାଂସ୍କୃତିକ-ସାହିତ୍ୟ ପରିମଣ୍ଡଳରେ ସମ୍ମାନ ସହକାରେ ସ୍ମରଣ କରାଯାଏ ନାହିଁ । ଯେଉଁଠି କିଛିକିଛି ହେଉଛି, ଅନେକ ସ୍ଥାନରେ  ବିଧି ରକ୍ଷା ଏବଂ ଧରାବନ୍ଧା ନିୟମରେ ଚାଲିଛି । ଏହି ପ୍ରସଙ୍ଗରେ ଗୋଟିଏ କଥା ନ କହି ରହି ପାରୁନାହିଁ । ତାହାହେଲା, ମୁଁ କଟକ ଆସିବା ବେଳେ ୧୯୯୪ ମସିହାରେ ଦେଖିଲି, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି



ଦେବା ପାଇଁ ଗୋରାକବରରେ ୫୦ ଜଣ ଲୋକ ମଧ୍ୟ ହେଉ ନ ଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା, ତ୍ୟାଗ ଓ କୀର୍ତ୍ତିମାନଙ୍କୁ ପ୍ରଚାରପ୍ରସାର କରିବା ପାଇଁ 'ସମାଜ' ପରି ଖବରକାଗଜ ବା ଅନୁଷ୍ଠାନ ଯଦି ନ ଥାଆନ୍ତା, ସ୍ଥିତି କ'ଣ ହୁଅନ୍ତା ଜଳଜଳ ହୋଇ ଦିଶୁଛି । ଯେଉଁଠି ଉତ୍କଳଗୌରବ ଓ ଉତ୍କଳମଣିଙ୍କ ଏ ଅବସ୍ଥା, ଅନ୍ୟମାନଙ୍କର କ'ଣ ହେଉଥିବ ନ କହିବାଟା ଭଲ ।

କୃଷ୍ଣଭାଇଙ୍କ କଥାରେ 'ହଁ' ଭରି ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇଦେଲି ସିନା, ହେଲେ ମୋ ପାଇଁ ବଡ଼ ଅଡୁଆ ସୃଷ୍ଟି କଲା ଯେ ମନୋରମା ଦେବୀଙ୍କୁ ମୁଁ କିପରି ଆରମ୍ଭ କରିବି ଏବଂ ତାଙ୍କର କେଉଁ ସବୁ ଦିଗକୁ ଅନାବରଣ କରିବି । ତାଙ୍କ ବିଷୟରେ ଲେଖିବା ପାଇଁ ଯେଉଁପ୍ରକାର ପ୍ରସ୍ତୁତି ଓ ସତ୍‌ସାହସ ଲୋଡ଼ା ମୋ ପାଖରେ ତାହାର ଘୋର ଅଭାବ । ସାହିତ୍ୟର ପ୍ରାୟ ସବୁ ବିଭାଗରେ ମନୋରମାଙ୍କ ଲେଖନୀ ଚାଲିଛି ଏବଂ ତାଙ୍କ ବ୍ୟକ୍ତିଜୀବନ ବହୁମୁଖୀ । ମୁଁ ମଧ୍ୟ ସଜାଗ ଯେ, ବିଶାଳ ହୃଦୟର ଅଧିକାରିଣୀ ଏବଂ ଅସାଧାରଣ ମମତ୍ୱର ପ୍ରତିଭୂ ମନୋରମାଙ୍କୁ ଆକଳନ କରିବା ଅର୍ଥ ମୋ ପାଇଁ ଅନ୍ଧଙ୍କ ହାତୀଦେଖା ପରି ହିଁ ହେବ । ତାଙ୍କୁ ବା ମୁଁ କେତେ ଜାଣିଛି ? ଏଣୁ କିଛି ଲେଖି ଅପଦସ୍ତ ହେବା ଅପେକ୍ଷା ନିରବ ରହିଯିବାଟାକୁ ଶ୍ରେୟ ଧରି ନେଇଥିଲି ।

କୃଷ୍ଣଭାଇ କି ଛାଡ଼ିବା ଲୋକ ! ପୁଣି ହଠାତ୍ କିଛିଦିନ ତଳେ ଫୋନ୍‌ରେ ପଚାରିଲେ: ମନୋଜ୍ ତମର ପାଠ କାହିଁ ? କେତେ ବାଟ ଗଲା ? ସନ୍ତୋଷଜନକ ଉତ୍ତର ନ ଥିଲା ମୋ ପାଖରେ । ସେ ତାଗିଦା କରି କହିଲେ, ଦେଖ ମନୋଜ୍ ଆମର ପୁଣି ତ ଗୋଟିଏ କର୍ତ୍ତବ୍ୟବୋଧ ଅଛି । ପୃଥିବୀରେ କେହି ବା କିଛି ନିଚ୍ଛକ(ଅବ୍‌ସୁଲ୍ୟୁଟ୍) ନୁହେଁ, ନୁହନ୍ତି । ଯେଉଁ ସାରସ୍ୱତ ସାଧକସାଧିକମାନେ ନିଃସର୍ତ୍ତ କିଛି ବା ଅନେକ ଦେଇଛନ୍ତି, ତାଙ୍କୁ ଭୁଲିଯିବା କିମ୍ବା ଉପେକ୍ଷା କରିବା ଆମ ପାଇଁ ଅପରାଧ ହେବ । ଆମେ ଯଦି ବାହାନା କରି ଖସିଯିବା ବା ପଳାୟନପନ୍ଥୀ-ସୁବିଧାବାଦୀ ସାଜିବା, ଯା'ଠାରୁ ବିଡ଼ମ୍ବନା ନାହିଁ; ଆଉ କାହାକୁ ବିଶ୍ୱାସ କରିବା ? ସବୁକଥାରେ କ'ଣ ପାଇବା-ହରାଇବା ହିସାବ କରାଯାଏ ! !

କୃଷ୍ଣଭାଇଙ୍କ କଥା ମୋତେ ବିବେକର ବାଣୀ ଶୁଣିଲା ପରି ଲାଗିଲା । ହୃଦ୍‌ବୋଧ ହେଲା : ଆଜି ଏ ପୃଥିବୀ ଯଦି ଏତେ ସୁନ୍ଦର ହୋଇରହିଛି, ତାହା କେବଳ ସମ୍ଭବ ହୋଇଛି କିଛି ମହତ୍ ଓ ସଦ୍‌ଗୁଣଧାରୀଙ୍କ ଯୋଗୁଁ; କାରଣ ଜଗତରେ ଖରାପ ଲୋକ ଓ ଖରାପ ରାସ୍ତାଙ୍କ ସଂଖ୍ୟା ଅଧିକ । ଯେଉଁମାନେ କାହାଠାରୁ କିଛି ଆଶାପ୍ରତ୍ୟାଶା ନ ରଖି ନିଃସର୍ତ୍ତ ଜଗତର କଲ୍ୟାଣ କରି ଚାଲିଛନ୍ତି, ଅନ୍ୟର ଅଶେଷ ମଙ୍ଗଳ ସାଧନ କରିଛନ୍ତି, ଅଚିରେ ଅନେକଙ୍କୁ କେହି ମନେପକାନ୍ତି ନାହିଁ । ତେବେ ପୃଥିବୀକୁ ସୁନ୍ଦର କରିବାରେ ଯେ ସେମାନଙ୍କର ଅବଦାନ ରହିଛି ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଅଗତ୍ୟା ମୁଁ ଭିତରେ ଭିତରେ ସାହସ ଠୁଳ କରି ନିଷ୍ପତ୍ତି ନେଲି, ଯାହା ହୋଇଯାଉ 'ମନୋରମା ମ୍ୟାଡମ୍ ଓ ତାଙ୍କ ସାରସ୍ୱତ କୃତିକୁ ମୁଁ ଯେତିକି ଜାଣିଛି' ସେ ଉପରେ କିଛି ଲେଖିବି । ମୂଲ୍ୟାୟନ କରିବା ଭିତରେ କେଉଁଠି ଭୁଲ୍ ପରିଦୃଶ୍ୟ ହେଲେ ସହୃଦୟ ପାଠକେ ମୋତେ ଉଦାର ଚିତ୍ତରେ କ୍ଷମା ଦେବେ ବୋଲି ଆଶା ଓ ବିଶ୍ୱାସ ।

୧୯୯୪ ମସିହାର କଥା । ଦୀପାବଳି ପରେ ପରେ ଆସିଥାଏ କଟକ ଆଇନ୍ ପଢ଼ିବା ପାଇଁ । ସେତେବେଳେ କୌଣସି ଲେଖକ, କବିଙ୍କ ସହିତ ମୋର ବ୍ୟକ୍ତିଗତ ପରିଚୟ ନ ଥାଏ । ବିଭିନ୍ନ ଲାଇବ୍ରେରୀ ଠାବ କରିବା ଏବଂ ପାଠଚକ୍ର ତଥା ବିଭିନ୍ନ ସାହିତ୍ୟ ଆସରରେ ଯୋଗ ଦେବା ପାଇଁ ପୂରାଦମ୍‌ରେ ଲାଗି ପଡ଼ିଥାଏ । ସେହି ସମୟରେ ଏକ ଶୀତମୁଖର ସନ୍ଧ୍ୟାରେ କଟକ କିଲା ପଡ଼ିଆରେ ଆୟୋଜନ ହୋଇଥାଏ ପୁସ୍ତକମେଳା । ସେଠାରେ କବିତା ପଢ଼ିବା ପାଇଁ ମୁଁ ପାଠୋତ୍ସବ ଆରମ୍ଭର ଯଥେଷ୍ଟ ପୂର୍ବରୁ ପହଂଚି ଆୟୋଜକଙ୍କୁ କବିତା ଦେଇଥିଲି । କବିତା ପାଠୋତ୍ସବର ଅଧ୍ୟକ୍ଷତା କରୁଥିଲେ କବି ଡକ୍ଟର ପ୍ରସନ୍ନ କୁମାର ମିଶ୍ର ଏବଂ ମଞ୍ଚାସୀନ ଥିଲେ 'ସମାଜ'ର ତତ୍‌କାଳୀନ ସମ୍ପାଦିକା ତଥା ବିଶିଷ୍ଟ କବି ମନୋରମା ମହାପାତ୍ର । ଯଦିଓ ନିୟମ କରାଯାଇଥିଲା ପ୍ରଥମେ ଆସିଥିବା କବିତାଗୁଡ଼ିକୁ କ୍ରମାନ୍ୱୟରେ ଡକାଯିବ; ହେଲେ ତଳଉପର କରି ଖୁବ୍ ବିଳମ୍ବରେ ମୋତେ ଡକା ଯାଇଥିଲା । ପାଠ କରିଥିଲି କବିତା 'ପାଦଚିହ୍ନ',

# ମୁଁ ଏକ ସ୍ରୋତସ୍ୱିନୀ କବିତା ନିର୍ଝର



**◆ସାହିତ୍ୟ ପ୍ରତି ଅନୁରାଗ ବଢ଼ିଲା କାହିଁକି ? ଆପଣ କାହିଁକି କବିତା ଲେଖନ୍ତି ?**

▶▶ ସାହିତ୍ୟ ପ୍ରତି ଅନୁରାଗ କାବ୍ୟ ପରମ୍ପରାରୁ ପାଇଛି କହିଲେ ଭୁଲ୍ ହେବ ନାହିଁ । ମୋ ଜେଜେବାପା ପଣ୍ଡିତ ଥିଲେ । ମୁଁ ତିନିବର୍ଷ ଯାଏ ଜନ୍ମଭୂମି ଆଠଗଡ଼ରେ ଥିଲି । ତା'ପରେ ବଢ଼ିଲି 'ସମାଜ' କାର୍ଯ୍ୟାଳୟରେ । ନିମଚୌଡ଼ି ଆକବର ଖାନ୍ ଗୁଡ଼ାଖୁ ଗଳିରେ ଥିବା ଦର୍ପଣୀରାଣୀଙ୍କ କୋଠା 'ସମାଜ କାର୍ଯ୍ୟାଳୟ' ଛାତ ଉପରେ ତିଆରି ହୋଇଥିଲା ବିରାଟ ପାଠାଗାର । ତା'ରି ତଳେ ଗୋଟିଏ ପଟେ ଦିନସାରା ଘରେ ରହୁଥିଲୁ । ଛାତରେ ଚାଳଘରେ ହୋଇଥିଲା ବାବୁଜୀଙ୍କ ଅଫିସ୍ । ଆଉ ସାମ୍ନା ପଟେ 'ସମାଜ' କାର୍ଯ୍ୟାଳୟର ସମ୍ପାଦକୀୟ ବିଭାଗ ଓ ମେସିନ୍ । ସେଠାରେ କାମ କରୁଥିଲେ ଉଦୟନାଥ ଷଡ଼ଙ୍ଗୀ, ଜ୍ଞାନେନ୍ଦ୍ର ବର୍ମା, ଅନନ୍ତ ପଟ୍ଟନାୟକ, ଦୁର୍ଗାମାଧବ ମିଶ୍ର, ଏମିତି କେତେ କବି ଓ ବରେଣ୍ୟ ସାହିତ୍ୟସାଧକ । 'ଗୋପବନ୍ଧୁ ସାହିତ୍ୟ', 'ରାଧାନାଥ ଗ୍ରନ୍ଥାବଳୀ', 'ଭାଗବତ' ପିଲାଦିନୁ ମୋତେ ମୋ ମନରେ ସାହିତ୍ୟ ଅନୁରାଗ ସୃଷ୍ଟି କରିଥିଲା । ସେହି ପାଠାଗାର ଥିଲା ଆମ



ଯାହା ପରବର୍ତ୍ତୀ ସମୟରେ 'ଝଙ୍କାର'ରେ ପ୍ରକାଶ ପାଇଥିଲା । ମନେମନେ ଭାବୁଥିଲି କବିତା ଶୁଣିବା ପରେ ନିଶ୍ଚିତ ଭାବେ ଉପସ୍ଥିତ ଜଣାଶୁଣା କବିଙ୍କ ଦୃଷ୍ଟି ଆକର୍ଷଣ କରିବି । ସଭା ସମାପ୍ତ ହେବା ପରେ ସତକୁ ସତ କବି ଡ. ମିଶ୍ର ମୋତେ କୋଳେଇ ନେଲେ । ମୋ ବିଷୟରେ ଜାଣିବାକୁ ଚାହିଁଲେ ଏବଂ ତାଙ୍କ ଘରକୁ ସୁବିଧା ଦେଖି ଆସିବା ପାଇଁ କହିଥିଲେ । ସେହିପରି ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ତଥା କବି ଡକ୍ଟର ନୃସିଂହ ଷଡ଼ଙ୍ଗୀ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ । ହେଲେ ଏହି ସମୟ ଭିତରେ ଜଣେ ଭଦ୍ରବ୍ୟକ୍ତି ମୋତେ କହିଲେ, "ମନୋରମା ମ୍ୟାଡମ୍ ଡାକୁଛନ୍ତି ।" ଚମକି ଗଲି । ବୁଝି ପାରିଲିନି କାହିଁକି ଡାକୁଛନ୍ତି । ତୁରନ୍ତ ତାଙ୍କ ନିକଟକୁ ଯାଇ ପାଦ ସ୍ପର୍ଶ କରି ପ୍ରଣିପାତ ହେଲି । ସେ ଧରିଥିବା ଫୁଲତୋଡ଼ା ମୋତେ ଦେଇ ମୋ ପଠିତ କବିତାର ଉଚ୍ଛ୍ୱସିତ ପ୍ରଶଂସା କଲେ । ଆଶୀର୍ବାଦ କଲେ ଆହୁରି ଭଲ କରିବା ଲେଖିବା ପାଇଁ, ସାଧନା ଜାରି ରଖିବା ପାଇଁ । ଏହାଛଡ଼ା ସେ ତାଗିଦା ମଧ୍ୟ କଲେ ଯେ ଯେତେ ଶୀଘ୍ର ହେବ 'ସମାଜ' କାର୍ଯ୍ୟାଳୟ ଯାଇ ତାଙ୍କୁ ଦେଖାକରିବି ଏବଂ 'ସମାଜ' ଓ 'ସାପ୍ତାହିକ' ପାଇଁ କବିତା ଦେବି ।

ସେଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ଏବଂ ଓଡ଼ିଶାର ସର୍ବାଧିକ ଲୋକାଦୃତ ଖବରକାଗଜ 'ସମାଜ'ର ସମ୍ପାଦକଙ୍କ ପିଠି ଥାପୁଡ଼ା ପାଇ ମୋର ଖୁସିର ସୀମା ରହିଲା ନାହିଁ । ନିଜ ଭିତରେ ଆତ୍ମବିଶ୍ୱାସ ଆହୁରି ବଢ଼ିଗଲା । ବ୍ୟାକୁଳ ହୋଇଉଠିଲି କିପରି ଏକ ଦିନ ବାହାର କରି ମ୍ୟାଡମ୍‌ଙ୍କୁ ଦେଖା କରିବି ଏବଂ କବିତା ଦେବି । ସାମାନ୍ୟ ଡର ମାଡୁଥାଏ, ମୋ ପରି ଜଣେ ଛାତ୍ର ତାଙ୍କୁ ଦେଖା କରିବାକୁ ଗଲେ ସେ କିପରି ଗ୍ରହଣ କରିବେ । ଗାଆଁ ପରିବେଶରେ ରହି ବଢ଼ିଥିବାରୁ ଭିତରେ ଭିତରେ ଏକ ସଙ୍କୁଚିତ ଭାବନା କୋରି ଖାଉଥାଏ । ପ୍ରଥମେ ତାହାକୁ କାଢ଼ି ବାହାର କରିଦେଲି ଏବଂ ସାହସ ସଞ୍ଚୟ କରି ଦିନେ ଉପରଓଳି ମ୍ୟାଡମ୍‌ଙ୍କୁ ଦେଖା କରିବାକୁ 'ସମାଜ' କାର୍ଯ୍ୟାଳୟରେ ପହଞ୍ଚିଲି । ତାଙ୍କର ବ୍ୟକ୍ତିଗତ ସହାୟକଙ୍କୁ ମୋର ପରିଚୟ ଦେଇ ଦେଖା କରିବା ପାଇଁ ଜିଜ୍ଞାସା କଲି । ମୋ ନାଁ ଲେଖି ସେ ଚିର୍‌କୁଟିଏ ପଠାଇ ଦେଲେ । ମନେମନେ ଭାବୁଥାଏ ବିଳମ୍ବରେ ଡାକିବେ; କିନ୍ତୁ ତୁରନ୍ତ ଡାକରା ଆସିଲା । ମୋତେ ଦେଖି ମ୍ୟାଡମ୍ ବେଶ୍ ଉତ୍‌ଫୁଲ୍ଲିତ ହୋଇ ବସିବାକୁ କହିଲେ ଏବଂ ପ୍ରଥମେ ପଚାରିଲେ

ଚାରି ଭାଇଭଉଣୀଙ୍କର ମନୋରମ ଭୂମି, ବନ୍ଧୁ ପୁଣି ଜ୍ଞାନଦାତା । ଅବଶ୍ୟ ବାବୁଜୀଙ୍କ କଡ଼ା ହୁକୁମ୍ ବିନା କେହି ପାଠାଗାରକୁ ଯାଇପାରିବେ ନାହିଁ । କବିତା ମୁଁ ଲେଖେ, ଏଥିପାଇଁ ଯେ କବିତା ନ ଲେଖିଲେ ରହିପାରେ ନାହିଁ । ମୁଁ ଭାବେ, କବିତାରେ ମୁଁ ନିଜକୁ ସ୍ୱଚ୍ଛନ୍ଦରେ ପରିପ୍ରକାଶ କରିପାରେ, କୃତଜ୍ଞତା ଜଣାଇ ପାରେ, ପ୍ରଭୁଙ୍କୁ ପୂଜା କରିପାରେ ।

**◆ ଆପଣ ଯେଉଁ ସମୟରେ କବିତା ଲେଖିବା ଆରମ୍ଭ କରିଥିଲେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲେଖିକା ତଥା କବୟିତ୍ରୀଙ୍କ ଉପସ୍ଥିତି କେମିତି ଥିଲା ? କେଉଁ କବି ବା ସାହିତ୍ୟିକ ଆପଣଙ୍କୁ କାବ୍ୟସାଧନାର ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରଭାବିତ କରିଥିଲେ ?**

▶▶ ପ୍ରକୃତ କବିତା ଲେଖିବା ଆରମ୍ଭ କଲି ୧୯୪୭ ମସିହା ସ୍ୱାଧୀନତା ଦିବସ ଦିନ । ମୋତେ ୧୨ ବର୍ଷ ହୋଇଥିଲା । ସେତେବେଳେ ଓଡ଼ିଆ ସାହିତ୍ୟରେ ଆମ ସମସ୍ତଙ୍କ ନମସ୍ୟା ଥିଲେ କବି କୁନ୍ତଳାକୁମାରୀ ସାବତ, ପ୍ରାବନ୍ଧିକା ସରଳା ଦେବୀ, କବି ଅପର୍ଣ୍ଣାଦେବୀ, ସୀତାଦେବୀ ଖାଡ଼ଙ୍ଗା, ବିଦ୍ୟୁତ୍‌ପ୍ରଭା ଦେବୀ ଓ ବ୍ରହ୍ମୋତ୍ରୀ ମହାନ୍ତି ପ୍ରମୁଖ । ଅନେକେ ଲେଖୁଥିଲେ; କିନ୍ତୁ ଆଜି ଭଳି ଏତେ ଆଲୋକକୁ ଆସୁନଥିଲେ । ଗୋପବନ୍ଧୁ ଦାସ, ଗୋଦାବରୀଶ ମହାପାତ୍ର, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ, କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ରାଧାମୋହନ ଗଡ଼ନାୟକ ଏପରିକି ଗଙ୍ଗାଧର-ରାଧାନାଥ-ମଧୁସୂଦନ-ନନ୍ଦକିଶୋର ଗ୍ରନ୍ଥାବଳୀ ମୋ ଜୀବନରେ ପ୍ରଭାବ ପକାଇଛନ୍ତି । ସେତେବେଳର ପତ୍ରିକା 'ଉତ୍କଳ ସାହିତ୍ୟ', 'ଶଙ୍ଖ', 'କୁଙ୍କୁମ', 'ଆସନ୍ତାକାଲି', 'ଝଙ୍କାର', 'ପ୍ରଜାତନ୍ତ୍ର' ଆଦି ପତ୍ରିକା ମୋତେ ସାହିତ୍ୟ ସର୍ଜନା ପାଇଁ ଅନୁପ୍ରେରିତ କରିଛି । ଅନ୍ୟପକ୍ଷରେ କହିବାକୁ ଗଲେ ବୈଦିକ ଋଷି ଠାରୁ ଆରମ୍ଭ କରି ବାଲ୍ମୀକି, ବ୍ୟାସ, କାଳିଦାସଙ୍କ ସମେତ ବର୍ତ୍ତମାନ ଯୁଗର ଅନେକ ସାହିତ୍ୟ ସାଧକଙ୍କ ରଚନା ମୋ ପ୍ରାଣକୁ ପ୍ରଭାବିତ କରିଛି, ସ୍ପନ୍ଦିତ କରିଛି । ସେମାନଙ୍କ ଜୀବନଦର୍ଶନ, ଆଦର୍ଶବୋଧ, ମୌଳିକ ଚିନ୍ତନ ମୋ ଉପରେ ଗଭୀର ପ୍ରଭାବ ପକାଇଛି । ମୋର ଦୃଷ୍ଟି ଓ ଦୃଷ୍ଟିଭଙ୍ଗୀକୁ ଗଭୀର ଭାବେ ପ୍ରଭାବିତ, ପରିବର୍ତ୍ତିତ ତଥା ମାର୍ଜିତ କରିବାରେ ସହାୟକ ହୋଇଛି ।

**◆ଆପଣଙ୍କ କାବ୍ୟ ସାଧନାର ଆଦ୍ୟସ୍ମାରକ ହେଉଛି 'ଜୁଆର ଯେଉଁଠି ଉଠେ'(୧୯୬୦) । ଏହି କବିତା ଗ୍ରନ୍ଥ ପାଇଁ ସେ ସମୟରେ ଆପଣ ବେଶ୍ ଚର୍ଚ୍ଚିତ ହୋଇଥିଲେ । ଏଥିରେ ମୁଖ୍ୟତଃ ଆପଣ କ'ଣ ସବୁ କହିବାକୁ ଚାହିଁଛନ୍ତି ?**

▶▶'ପ୍ରଜାତନ୍ତ୍ର ପ୍ରଚାର ସମିତି' ଓ ଡକ୍ଟର ହରେକୃଷ୍ଣ ମହତାବ ଆମ ସମୟରେ ଲେଖିକାମାନଙ୍କୁ ଆଲୋକକୁ ଆଣିବା ପାଇଁ ସୁଯୋଗର ଦ୍ୱାର ଖୋଲିଦେଲେ । ସମଗ୍ର ଓଡ଼ିଶାର ଲେଖିକା ତାଙ୍କ ପାଖରେ ଋଣୀ । ସାହସର ସହିତ ଚିନ୍ତାକୁ ପ୍ରକାଶ କରିବା ପାଇଁ ପ୍ରେରଣାର ଉତ୍ସ ଥିଲେ ସରଳା ଦେବୀ, ମାଳତୀ ଚୌଧୁରୀ, କୁନ୍ତାଳାକୁମାରୀ ସାବତ, ରମାଦେବୀ ଚୌଧୁରୀ ପ୍ରମୁଖ ସାହିତ୍ୟିକା ଓ ନାରୀନେତ୍ରୀ । କବିତା ଜରିଆରେ ତତ୍‌କାଳୀନ ଓଡ଼ିଆ ଝିଅର ଜୀବନଧାରା, ତା' ପ୍ରତି ଅବିଚାର, ବାଲ୍ୟବିବାହ, ଉଚ୍ଚଶିକ୍ଷାର ଅଭାବ, ଲିଙ୍ଗଗତ ବୈଷମ୍ୟ ଦୂର କରିବା ପାଇଁ ମୋ ପ୍ରାଣ ବ୍ୟାକୁଳିତ ହେଉଥିବା ବେଳେ ମୋ ଅପଟୁ ହାତରେ ୧୫ ବର୍ଷ ବୟସରୁ ଯେଉଁ କବିତା ସବୁ 'ପ୍ରଜାତନ୍ତ୍ର', 'ଆସନ୍ତାକାଲି'ରେ ପ୍ରକାଶ ପାଇଥିଲା, ତାହା ମୋ ସ୍ୱାମୀଙ୍କ ଉଦାରତା-ସହାୟତା ଯୋଗୁଁ ପ୍ରଥମ କବିତା ପୁସ୍ତକ ଭାବରେ 'ଜୁଆର ଯେଉଁଠି ଉଠେ'ରେ ଆତ୍ମପ୍ରକାଶ କଲା । କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଡକ୍ଟର ମାୟାଧର ମାନସିଂହ ଏହାର ମୁଖବନ୍ଧ ଲେଖିଥିଲେ । ଏହା ଥିଲା ଅନୁଭବୀ ଝିଅଟିଏର ସାମାଜିକ ନେତୃତ୍ୱ ପାଇଁ ସମାଜକୁ ବିନମ୍ର ଆହ୍ୱାନ ।



'ମୁଁ କ'ଣ ଖାଇବି' । ମ୍ୟାଡମ୍‌ଙ୍କ ମୁଖମଣ୍ଡଳ ଆହୁରି ଆଭାମୟ ହେଲା ପରି ଲାଗିଲା । ହାତରେ ଧରିଥିବା 'ପକ୍ଷୀ' ସିରିଜ୍‌ର ଦୁଇଟି କବିତା ତାଙ୍କୁ ବଢ଼େଇ ଦେଲି । ସେ ଆବୃତ୍ତି କରିବାକୁ କହିଲେ । ମୋର ପଠନ ଶୈଳୀ, କବିତାର ବିଷୟବସ୍ତୁ, ସୃଜନାତ୍ମକ ଦୃଷ୍ଟିକୋଣ ଏବଂ ମୁହଁରେ ମୁହଁରେ କବିତା ପାଠକୁ ନିରେଖି ସେ ମୋର ଦୀର୍ଘ କବିତାଯାତ୍ରା ଓ ଭବିଷ୍ୟତ କାମନା କଲେ । ଏହାପରେ ମୋ ବିଷୟରେ ଜାଣିବାକୁ ଚାହିଁଲେ । ଲୋକସେବକ ଯୁବମଣ୍ଡଳର ସେ ଅଧକ୍ଷା ଥିବା ସୂଚାଇ ତା'ର ବିଭନ୍ନ ସେବାମୂଳକ କାର୍ଯ୍ୟକ୍ରମ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇ ଏହାର ସଦସ୍ୟ ହେବାକୁ କହିଲେ । ଭଲ କରି ଜଳଖିଆ, ମିଠା ଓ କଫି ଖୁଆଇଲେ । ମୁଁ ଫେରିବା ସମୟରେ ସେ ତାଙ୍କର ବ୍ୟକ୍ତିଗତ ସହାୟକଙ୍କୁ ସୂଚାଇ ଦେଇଥିଲେ ଏ ପୁଅ ଦେଖା କରିବାକୁ ଆସିଲେ ନ ଅଟକାଇ ସିଧା ଛାଡ଼ି ଦେବା ପାଇଁ ।

ମ୍ୟାଡମ୍‌ଙ୍କ ମୋ ପ୍ରତି ଅଫୁରନ୍ତ ଶ୍ରଦ୍ଧା, ଭଲପାଇବା ଓ ସମ୍ମାନ ମୋତେ ଅଭିଭୂତ କଲା । କବିତା ରଚନା ପ୍ରତି ଅନୁରକ୍ତ ହେବାକୁ ଅଧିକ ପ୍ରେରଣା ଯୋଗାଇଲା । ସେ ଭିତରେ ମୁଁ ଲୋକସେବକ ଯୁବମଣ୍ଡଳର ସଦସ୍ୟତା ଗ୍ରହଣ କରି ବିଭିନ୍ନ ଗଠନମୂଳକ ଓ ସେବାକାର୍ଯ୍ୟରେ ନିଜକୁ ସଂପୃକ୍ତ ରଖିଥିଲି । ମଝିରେ ମଝିରେ ତାଙ୍କୁ ଦେଖା କରିବାକୁ ଯାଏ, କବିତା ଦିଏ, ସାହିତ୍ୟ ବିଷୟରେ ଆଲୋଚନା ହୁଏ । ଆଶ୍ଚର୍ଯ୍ୟ ଓ ପୁଲକିତ ହୁଏ ଯେ କବିତା ଦେବାର ଆର ସପ୍ତାହରେ ହିଁ ତାହା ପ୍ରକାଶ ପାଏ । ଏହା ମୋତେ କବିତା ପ୍ରତି ଆତ୍ମବିଶ୍ୱାସକୁ କିପରି ବଢ଼ାଇ ଦେଉଥିଲା ତାହା ବର୍ଣ୍ଣନାତୀତ । ତେବେ, କବିତା ସର୍ଜନା ପ୍ରସଙ୍ଗରେ କଥା ଉଠିଲେ ବିଶେଷକରି ପକ୍ଷୀ ରଚନା ସମୟରେ ମୁଁ ଧରି ନେଉଥିଲି ଗୋଟିଏ କବିତା ରଚନା ହେବା ପରେ ସେଇଠି ଗୋଟିଏ କବିର ମୃତ୍ୟୁ ହୋଇଗଲା ଏବଂ ମୁଁ ପୁନର୍ଜନ୍ମ ଘେନି ପୁଣି ଏକ ନୂଆ କବିତା ସର୍ଜନାରେ ମନୋନିବେଶ କରିଛି । ଦର୍ପଣାନୁଭୂତି ଓ ଛାଇ ସହ ଆତ୍ମସାକ୍ଷାତକାରକୁ ବି ପ୍ରୟୋଗ କରୁଥିଲି । ସବୁଠୁ ମୋତେ ବେଶି ଅଭିଭୂତ

**◆କବିତା ଲେଖିବା ଦ୍ୱାରା ଆପଣ କ'ଣ ପାଇଛନ୍ତି, କ'ଣ ହରାଇଛନ୍ତି ?**

▶▶କବିତା ହିଁ ମୋତେ ଦୁଃଖକୁ ଜିଣିବାର ଶକ୍ତି ଦେଇଛି । କବିତା କାଳେ କାଳେ ହୃଦୟର ଭାଷା କହେ । ସେ ବନ୍ଧନ-ବିଭେଦ ଭାଙ୍ଗିଦିଏ । ସେତୁବନ୍ଧ ବାନ୍ଧିଦିଏ । ଆତ୍ମନିରୀକ୍ଷଣ କରି କବିଟିଏ ଗଭୀର ପ୍ରେମରେ ବିଭୋର ହୋଇ ସବୁରି ମନଗହ୍ୱରକୁ ପ୍ରବେଶ କରିପାରେ । ଆତ୍ମୀକରଣ କରି ସବୁ ମଣିଷର ବେଦନା, ଯାତନା, ଆନନ୍ଦଙ୍କୁ ଅନୁଭବ କରିପାରେ । ମଣିଷର ଅକୁହା ଭାଷା ସେ ଶୁଣେ, ଚିହ୍ନେ, ପୁଣି ବିଶ୍ୱକୁ ଚିହ୍ନାଏ । ଉପଲବ୍‌ଧିର ମହାସାଗରରେ ବୁଡ଼ିବାର ପ୍ରୟାସ ଏକ ଅନୁପମ ପବିତ୍ର ପ୍ରୟାସ । ସମ୍ବେଦନଶୀଳଭରା ହାତରେ ତହିଁରୁ ମୁକ୍ତା ଆହରଣ କରିବା- ବିଶ୍ୱର କଲ୍ୟାଣ ପାଇଁ ଅପରର ଆର୍ତ୍ତି ଅପହରଣ କରିବାର ଆବେଗ କ୍ରାନ୍ତିକାରୀ ସୃଜନଶୀଳ କବିଟିର ଅନ୍ତଃସମ୍ପଦ । ସେ ହିଁ ବିଷର୍ଣ୍ଣତାରୁ ଆନନ୍ଦ ନିଗାଡ଼ି ଆଣେ- ବୁହାଇ ଦିଏ ଶବ୍ଦର ତରଙ୍ଗରେ । ଭୂଗୋଳର ସୀମା ତା'କୁ ବାନ୍ଧି ରଖିପାରେ ନାହିଁ । ଉପଲବ୍‌ଧିର ଗଭୀରତମ ସ୍ତରରେ ସବୁ ସୃଜନଶୀଳ ଶିଳ୍ପୀଙ୍କର ହୁଏ ମହାମିଳନ । କବିତା ଦ୍ୱାରା ଯାହା ମୁଁ ପାଇଛି, ସେହି ତୁଳନାରେ ହରାଇବା କିଛି ମୂଲ୍ୟ ରଖେ ନାହିଁ । ହରାଇବାରେ ବି ଆନନ୍ଦ ଅଛି ।

**◆ ଆପଣ 'ସମାଜ'ର ପୂର୍ବତନ ସମ୍ପାଦକ ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ସୁପୁତ୍ରୀ । ତାଙ୍କର ଦାୟାଦ ଭାବେ ତାଙ୍କୁ କିପରି ବ୍ୟକ୍ତ କରିବାକୁ ଚାହିଁବେ ?**

▶▶ ବାବୁଜୀ ଜଣେ ଏକାନ୍ତ ନିଷ୍ଠାପର, ନୀତିନିଷ୍ଠ-ଅଭୂତପୂର୍ବ ପ୍ରତିଭାସମ୍ପନ୍ନ ସମ୍ବେଦନଶୀଳ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ । ବାବୁଜୀଙ୍କୁ ମୁଁ ଭଲପାଏ । ବହୁତ ଭୟ କରେ । ଅକଳନୀୟ ସମ୍ମାନ କରେ । ମୁଁ ତାଙ୍କ ସହିତ କେବେ ଖୋଲାଖୋଲି ଆଲୋଚନା କରିପାରେ ନାହିଁ । ମୋର ମନେହୁଏ, ତାଙ୍କର ନିକଟତମ ବଳୟର ଆରପଟେ ମୁଁ ଠିଆ ହୋଇ ଗୁରୁ ପରି ତାଙ୍କୁ ପ୍ରଣାମ କରେ । ପିତା ବୋଲି ଗର୍ବ ଅନୁଭବ କରେ; କିନ୍ତୁ ମୁଁ ମୋର ବୋଉ ପାଖେ ଯେମିତି ମନଟା ଖୋଲି ଦେଇପାରେ, ମୁଁ ମୋର ଉଦାରମନା ସ୍ନେହାଶିଷ ପିତାଙ୍କ ପାଖରେ ଆଦୌ ତାହା କରିପାରେ ନାହିଁ । ଯେଉଁଥି ପାଇଁ ଏତେ ବଡ଼ ଦୁର୍ଲଭ ସୁଯୋଗ ପାଇ ମଧ୍ୟ ତାଙ୍କର ପୂର୍ଣ୍ଣ ଜୀବନୀଟିଏ ଲେଖିପାରି ନାହିଁ । ସେ ଜେଲ୍‌ରେ ଲେଖିଥିବା ବହି ଟ୍ରଙ୍କ୍‌ର ଚାବି ପାଇ ପାରିଲି ନାହିଁ । ରକ୍ଷଣଶୀଳ ପରିବାରର ପିଲାଦିନରେ ଭୟମିଶା ଭକ୍ତି, ଶ୍ରଦ୍ଧା ଓ ସ୍ନେହ ଏତେ ବଡ଼ ବିରାଟ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିବା ପାଇଁ ମୋତେ ସାହସ ଦେଲା ନାହିଁ । ତାଙ୍କୁ କଳନା କରିବା ଶକ୍ତି ମୋର କାହିଁ ? ମୋର ସ୍ୱାମୀ ପଦାରବିନ୍ଦ ମହାପାତ୍ରଙ୍କ ପ୍ରତି ତାଙ୍କର ଥିଲା ଅତୁଳନୀୟ ସ୍ନେହ; କିନ୍ତୁ ନନ୍ଦନକାନନ ହେଲାବେଳେ ଜଙ୍ଗଲ ବିଭାଗର ମନ୍ତ୍ରୀ ବାବୁଜୀ ନୀତିରୁ ଓହରି ଯାଇନାହାନ୍ତି, ସ୍ନେହାନ୍ଧ ହୋଇନାହାନ୍ତି । ଦୀର୍ଘକାଳ ମନ୍ତ୍ରିମଣ୍ଡଳରେ ଥାଇ ସେ କ୍ଷମତାର କେବେ ହେଲେ ଅସତ୍ ବ୍ୟବହାର କରିନାହାନ୍ତି । ତାଙ୍କର ବଖରାଏ ଘର ନାହିଁ । ଅଛି ଏକ ସମର୍ପିତ ହୃଦୟ ଏବଂ ଗୁରୁଦତ୍ତ 'ସମାଜ' ଦାୟିତ୍ୱ ପାଳନରେ ଅତୁଳନୀୟ ନିଷ୍ଠା । ଦିନକୁ ସେ ୧୮ ଘଣ୍ଟା କାମ କରନ୍ତି । ସେ କ୍ଷଣକୋପୀ; କିନ୍ତୁ କ୍ଷମାଶୀଳ । ବହୁ ପ୍ରତିଭାକୁ ସେ ଲୋକଲୋଚନକୁ ଆଣିଛନ୍ତି । ସାଧାରଣ ମଣିଷ ଠାରୁ ବଡ଼ ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ମନ ଖୋଲି ଦିଅନ୍ତି । ନେବା ଠାରୁ ଦେବାର ସୁଖ- ଏ ଧାରଣା ଆମେ ପିଲାଦିନୁ ବାବୁଜୀ-ବୋଉଙ୍କ ଠୁ ପାଇଛୁଁ ।

**◆ ଆପଣଙ୍କ ସ୍ୱାମୀ ପଦାରବିନ୍ଦ ମହାପାତ୍ର ଜଣେ ଦେବୋପମ ବ୍ୟକ୍ତିତ୍ୱ ଏବଂ ବିଶିଷ୍ଟ ପରିବେଶବିତ୍, ପ୍ରକୃତିପ୍ରେମୀ । ତାଙ୍କ ବିଷୟରେ କିଛି କହିବେ କି ?**

▶▶ ମୁଁ ମାଟ୍ରିକ୍ ପାଶ୍ କରି ୧୯୫୦ ମସିହାରେ ଡେରାଡୁନ୍ ଫେରିଥିବା ଜଙ୍ଗଲ ବିଭାଗର ସହାୟକ ବନ ସଂକ୍ଷରକ ପଦାରବିନ୍ଦ ମହାପାତ୍ରଙ୍କୁ ବିବାହ

କରିଥିଲା, ଆନନ୍ଦ ଦେଇଥିଲା ସେହିବର୍ଷ ବିଶିଷ୍ଟ ପରିବେଶବିତ୍, 'ସମାଜ'ର ପୂର୍ବତନ ମୁଖ୍ୟ ପରିଚାଳକ ତଥା ମନୋରମା ଦେବୀଙ୍କ ସ୍ୱାମୀ ପଦାରବିନ୍ଦ ମହାପାତ୍ରଙ୍କ ପୁଣ୍ୟତିଥି ଅବସରରେ ଲୋକସେବକ ଯୁବମଣ୍ଡଳ ପକ୍ଷରୁ ଶ୍ରେଷ୍ଠ ଯୁବକବି ଭାବେ ସମ୍ବର୍ଦ୍ଧିତ କରିବା। ପୁରସ୍କାର ବାବଦରେ ମୋତେ ଦୁଇଟି ଦାମୀ କଲମ ମିଳିଥିଲା; ଢେର୍ ଦିନ ଯାଏଁ ସାଇତା ରଖିଥିଲି। ମୋ କବି ଜୀବନର ଏହା ହେଉଛି ପ୍ରଥମ ସମ୍ବର୍ଦ୍ଧନା ତଥା ସମ୍ମାନ ପ୍ରାପ୍ତି। ଏହାସବୁ ମ୍ୟାଡମ୍‌ଙ୍କର ଅପାର ମହିମା।

ଆଇନ ପାଠ ଶେଷ ପରେ ମୁଁ ହାଇକୋର୍ଟରେ ଓକିଲାତି କରିବା ପାଇଁ ନାମ ପଞ୍ଜୀକରଣ କଲି। ଆଜିର ଓଲିଉଡ୍ ସୁପର୍‌ଷ୍ଟାର୍ ତଥା ଲୋକସଭା ସାଂସଦ ଅନୁଭବ ମହାନ୍ତିଙ୍କ ବଡ଼ବାପା ଆଡ୍‌ଭୋକେଟ୍ ଅଜୟ ମହାନ୍ତିଙ୍କ ଚାମ୍ବର୍‌ରେ ଯୋଗଦେଲି। କିଛି ମାସ କାମ କରିବା ପରେ ତାହା ମୋତେ ଭଲଲାଗିଲା ନାହିଁ। ବହୁ ଆତ୍ମମନ୍ଥନ ପରେ ସାମ୍ବାଦିକତାକୁ ପେସା କରିବାକୁ ନିଷ୍ପତ୍ତି ନେଲି। ସେତେବେଳେ ଓଡ଼ିଶାର ପ୍ରମୁଖ ଦୈନିକ ଖବରକାଗଜ 'ସମାଜ'ରେ କାମ କରିବାର ଇଚ୍ଛା ଥିଲେ ହେଁ ସେଠାରେ ନୂଆପିଢ଼ିର ସାମ୍ବାଦିକଙ୍କୁ ଏଣ୍ଟ୍ରି ମିଳୁନଥିବାରୁ 'ପ୍ରଜାତନ୍ତ୍ର'କୁ ଯାଇ ଭାଗ୍ୟ ପରୀକ୍ଷା କରିବା ଶ୍ରେୟସ୍କର ବିବେଚନା କଲି। କଳା, ସାହିତ୍ୟ, ସଂସ୍କୃତି ଓ ସାମ୍ବାଦିକତାର ପୃଷ୍ଠପୋଷକତା ସାଙ୍ଗକୁ ନୂତନ ପ୍ରତିଭାଙ୍କ ପାଇଁ 'ପ୍ରଜାତନ୍ତ୍ର' ଏକ ବଡ଼ ପ୍ଲାଟ୍‌ଫର୍ମ ପାଲଟିଥିଲା। ସେତେବେଳେ 'ପ୍ରଜାତନ୍ତ୍ର ସାପ୍ତାହିକ', 'ଝଙ୍କାର' ଓ 'ବିଷୁବ ମିଳନ'ର କ୍ରେଜ୍ ଥାଏ। ଛାତ୍ର ସମୟରୁ ମୋର ଲେଖା 'ପ୍ରଜାତନ୍ତ୍ର'ର ସମସ୍ତ ପ୍ରକାଶନରେ ପ୍ରକାଶ ପାଇ ଆସୁଥିବାରୁ ଏହାର ସମ୍ପାଦକ ଭର୍ତ୍ତୃହରି ମହତାବଙ୍କ ସହିତ ଭଲ ସମ୍ପର୍କ ଗଢ଼ି ଉଠିଥାଏ। ସେ ମୋତେ ଖୁବ୍

## ଅକ୍ଷରେ ମନୋରମା



- ନାମ : ଡକ୍ଟର ମନୋରମା ମହାପାତ୍ର
- ଜନ୍ମ ତାରିଖ : ୧୦ ଜୁନ ୧୯୩୪
- ଜନ୍ମସ୍ଥାନ : କଟକ ଜିଲାର ଆଠଗଡ଼ ରାଧାନାଥପୁର ଶାସନ
- ମାତା : ସାବିତ୍ରୀ ଦେବୀ
- ପିତା : ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥ
- ଶିକ୍ଷା : ଅର୍ଥନୀତି ଶାସ୍ତ୍ରରେ ସ୍ନାତକୋତ୍ତର
- ବୃତ୍ତି ଓ ପ୍ରବୃତ୍ତି : ଅଧ୍ୟାପନା, ସାମ୍ବାଦିକତା, ସମାଜସେବା, ସାହିତ୍ୟସାଧନା
- ପଦ : ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରଥମ ମହିଳା ସମ୍ପାଦିକା, ଉତ୍କଳ ସାହିତ୍ୟ ସମାଜର ପ୍ରଥମ ମହିଳା ସମ୍ପାଦିକା, ପ୍ରସିଦ୍ଧ ଦୈନିକ ଖବରକାଗଜ 'ସମାଜ'ର ପ୍ରଥମ ମହିଳା ସମ୍ପାଦିକା, ଓଡ଼ିଶା ନାରୀ ସେବା ସଦନର ସଭାନେତ୍ରୀ ଏବଂ ଶତାଧିକ ଅନୁଷ୍ଠାନ ସହ ସଂପୃକ୍ତ
- ପ୍ରକାଶିତ କବିତା ପୁସ୍ତକ : ଜୁଆର ଯେଉଁଠି ଉଠେ, ଅର୍ଦ୍ଧ ନାରୀଶ୍ୱର, ବୈଦେହୀ ବିସର୍ଜିତା, ଝଡ଼ ପରେ ସୂର୍ଯ୍ୟୋଦୟ, ଆମେ ସବୁ ନୀରବ ଦର୍ଶକ, ସଂହତିର ସଂହିତା, ରୂପପ୍ ରୂପମ୍ ପ୍ରତିରୂପମ୍, ସ୍ମୃତିଚନ୍ଦନ, ଶକ୍ତିରୂପେଣ ସଂସ୍ଥିତା, ସମୟ ପୁରୁଷ, ଅରୂପ ଆଲୋ(ବଙ୍ଗଳା କବିତା), ମନୋରମା ମହାପାତ୍ରଙ୍କ ନିର୍ବାଚିତ ୧୫୧ କବିତା, ସ୍ମୃତିର ନୈମିଷାରଣ୍ୟ
- ସମ୍ମାନ-ସ୍ୱୀକୃତି : ବିଷୁବ କବିତା ପୁରସ୍କାର, କାଦମ୍ବିନୀ କବିତା ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ସମ୍ମାନ, ଶକୁନ୍ତଳା ସମ୍ମାନ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍ଟରେଟ୍। ୫୦୦ରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ଓ ସମ୍ବର୍ଦ୍ଧିତ

କଲି। ମୁଁ ଆଜି ପ୍ରାୟ ୭୦ ବର୍ଷରୁ ଊର୍ଦ୍ଧ୍ୱ କାଳ ସାରସ୍ୱତ, ସାମାଜିକ, ଆଧ୍ୟାତ୍ମିକ ତଥା ବୌଦ୍ଧିକ କର୍ମ କରି ପାରିଛି, ଏ ସମସ୍ତ କେବଳ ମୋ ଉଦାରମନା ଯଥାର୍ଥ ସଜ୍ଜନ, ସମସ୍ତ ଜଗତକୁ ପ୍ରାଣଭରି ଭଲ ପାଉଥିବା ମୋ ସ୍ୱାମୀଙ୍କ ଯୋଗୁଁ ହିଁ ସମ୍ଭବ ହୋଇପାରିଛି। ମୁଁ ତିଳତିଳ କରି ଅନୁଭବ କରିଛି ଯେ ପଶୁପକ୍ଷୀ, କୀଟପତଙ୍ଗ ଠୁ ଆରମ୍ଭ କରି ସମସ୍ତଙ୍କୁ ସେ ଚିହ୍ନି ପାରନ୍ତି। ମୋ ପିଲାମାନଙ୍କୁ ଓ ପରିବାରର ସମସ୍ତଙ୍କୁ ଭଲମଣିଷ କରାଇବା ଦିଗରେ ତାଙ୍କର ପ୍ରେରଣା, ସହଯୋଗ ପ୍ରତି ନିମିଷରେ ପାଇଛି। ମୁଁ ବାହାଘରର ୧୩ ବର୍ଷ ପରେ ତାଙ୍କ ଠାରୁ ସାହସ ନେଇ କଲେଜରେ ନାଁ ଲେଖାଇଲି, ପ୍ରଥମ ହେଲି ଏବଂ ବହୁ ପ୍ରତିକୂଳ ପରିବେଶରେ ଅର୍ଥନୀତି ଶାସ୍ତ୍ରରେ ସ୍ନାତକୋତ୍ତରରେ ପ୍ରଥମ ହେଲି। ପରେ ଅଧ୍ୟାପନା ଚାକିରି କଲି। ମୋ ପାଖରେ ସହୃଦୟ ସ୍ୱାମୀ ନଥିଲେ ମୋ ଭଳି ଜଣେ ଭାବପ୍ରବଣା, ଅଭିମାନିନୀ, ଡରକୁଳା ଝିଅ ଜୀବନରେ କିଛି କରିପାରି ନ ଥାଆନ୍ତା, ମାଟିରେ ମିଶି ଯାଇଥାଆନ୍ତା। ମୋ ଶାଶୁ-ଶ୍ୱଶୁରଙ୍କ ଆଶୀର୍ବାଦ ମୋର ସମ୍ପଦ। ମୋ ସ୍ୱାମୀ ମୋ କବିତା ବହି ଛାପିବାକୁ ମୋତେ ୩୨୦ ଟଙ୍କା ଦେଇଥିଲେ। ତାଙ୍କରି ଭରସାରେ ମୁଁ ପୁଣି ଉଠି ଆଗକୁ ଚାଲିଛି। ଆଜି ତାଙ୍କର ତିରୋଧାନର ପ୍ରାୟ ତିନି ଦଶନ୍ଧି ହୋଇଯିବ। ମୋତେ ଲାଗେ ସେ ପାଖେପାଖେ ଥାଇ ମୋତେ ଧୈର୍ଯ୍ୟ ଦେଉଛନ୍ତି। ଗୋଟିଏ ବାକ୍ୟରେ କହିଲେ ସେ ସ୍ନେହ, ଧୈର୍ଯ୍ୟ ଏବଂ ଦେବୋପମ ଗୁଣାବଳୀରେ ପରିପୂର୍ଣ୍ଣ ଯଥାର୍ଥ ମଣିଷ ଥିଲେ। ମୋର ବହୁ ଜନ୍ମ, ତପସ୍ୟାର ଫଳ। ମୋ ସ୍ୱାମୀ ହିଁ ମୋ ସଫଳତାର ନିର୍ମାତା। ମୋର ବିଫଳତା ମୋ ନିଜସ୍ୱ।

**◆ସାମଗ୍ରିକ ଭାବେ ଆପଣଙ୍କ କବିତାକୁ ଅନୁଶୀଳନ କଲେ ଆପଣଙ୍କ କବିତାରେ 'ମାନବବାଦ'ର ସ୍ୱର ଅନୁରଣିତ। ଏ ସତ୍ତ୍ୱେ ସାମାଜିକ ପ୍ରତିବଦ୍ଧତା, ସଂସ୍କାରାଭିମୁଖୀ ଅନୁଚିନ୍ତା ଓ ବ୍ୟବସ୍ଥା ବିରୋଧରେ ସ୍ୱର ତୀବ୍ର। ଏ ସମ୍ପର୍କରେ କିଛି କହିବେ କି ?**

▶▶ ମୁଁ ସାହିତ୍ୟକୁ ପ୍ରାଣଭରି ଭଲପାଏ; କିନ୍ତୁ ଆମ ସମୟରେ ରକ୍ଷଣଶୀଳ ପରିବାରର ଝିଅମାନଙ୍କର ସୃଜନଶକ୍ତିକୁ ବିନିଯୋଗ କରିବାର ସୁଯୋଗ ନ ଥିଲା କହିଲେ ଚଳେ। ପ୍ରଚଳିତ ସମାଜରେ ବାଲ୍ୟବିବାହ ଥିଲା, ଝିଅମାନେ ଉଚ୍ଚଶିକ୍ଷା ପାଇପାରୁନଥିଲେ। ମୋ ମନରେ ଏହି ପ୍ରଥା ବିରୋଧ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା, ତାହା ମୋର ପ୍ରଥମ କବିତା ପୁସ୍ତକ 'ଜୁଆର ଯେଉଁଠି ଉଠେ'ରେ ପ୍ରତିଫଳିତ ହୋଇଛି। ସେହି ସମୟରେ ଜାତିଭେଦ ପ୍ରଥା, ଧନୀ-ଦରିଦ୍ରର ବ୍ୟବଧାନ, ଦୁର୍ବଳ ଉପରେ ସବଳର ଅତ୍ୟାଚାର ମୋତେ ବୈପ୍ଳବିକ କବିତା ଲେଖିବା ପାଇଁ ପ୍ରେରିତ କରିଥିଲା। ଅନନ୍ତ ପଟ୍ଟନାୟକ ଓ ମନମୋହନ ମିଶ୍ରଙ୍କ ବିପ୍ଳବାତ୍ମକ କବିତା ମଧ୍ୟ ଅଧିକ ପ୍ରେରଣା ଦେଇଛି। ଅର୍ଥନୀତି ସହିତ ପରିଚୟ ହେବା ପରେ ମାର୍କ୍ସୀୟ ଚିନ୍ତାଧାରାରେ ପ୍ରଭାବିତ ହୋଇ ବହୁ କବିତା ଲେଖିଛି। ଏକ ବିକଶିତ ରାଷ୍ଟ୍ର ପାଇଁ ମୋର ଭାଷା, ସାହିତ୍ୟ, ସଂସ୍କୃତିକୁ ଆମ ଘରର ସାରସ୍ୱତ, ସାଂସ୍କୃତିକ ପରିବେଶ ଭିତରେ ସୀମିତ ରଖିଥିବା ହେତୁ ମୁଁ ଦେଶାତ୍ମବୋଧ କାବ୍ୟକବିତା, ପ୍ରବନ୍ଧ ରଚନାରେ ଅଧିକ ମନୋନିବେଶ କରିଛି। ଭାଷଣ ମାଧ୍ୟମରେ ସାମାଜିକ ପରିବର୍ତ୍ତନ ପାଇଁ ଯେତେବେଳେ ମୋତେ ସୁଯୋଗ ମିଳିଲା ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି କବିତା ସବୁ ମୋ ଲେଖନୀକୁ ଆସି ଯାଇଛି। ବନ୍ୟା ମରୁଡ଼ି, ସ୍ୱାଧୀନ ଭାରତର ଅସହାୟ, ବଞ୍ଚିତ ନରନାରୀଙ୍କୁ ଦେଖି ମୁଁ ଭାବପ୍ରବଣ ହୋଇ ବହୁ କବିତା ରଚନା କରିଛି ହୃଦୟରେ ବିଶ୍ୱାସ ନେଇ ଯେ ଶାସକର ଆଖି ଖୋଲିବ। ମୁଁ ସେହି ସ୍ଥାନରେ ବସି (ବନ୍ୟାପ୍ଳାବିତ ଅଂଚଳ) କବିତା ଲେଖିଛି। ପ୍ରତିବାଦ, ବିପ୍ଳବ, ଅନ୍ୟାୟ ବିରୋଧରେ ସ୍ୱର ସ୍ୱତଃ ଫୁଟି ଉଠିଛି। ଏହା ଅନୁଭବୀର ସ୍ୱର।

**◆ ଅନୁବାଦିକା ଭାବେ ମଧ୍ୟ ଆପଣଙ୍କ ସୁଖ୍ୟାତି ରହିଛି। 'ସମସାମୟିକ**



ଶ୍ରଦ୍ଧା କରୁଥିଲେ । ଦିନେ ପ୍ରଜାତନ୍ତ୍ର ପ୍ରଚାର ସମିତିକୁ ଯାଇ ଭର୍ତ୍ତୃହରି ମହତାବଙ୍କୁ ଦେଖାକଲି । ସାମ୍ବାଦିକତାକୁ କ୍ୟାରିଅର୍ କରିବି ବୋଲି ଜିଜ୍ଞାସା କଲି । ମୋର ଆଗ୍ରହ ଓ ଉତ୍କଣ୍ଠାକୁ ଲକ୍ଷ୍ୟ କରି ସେ କହିଲେ, "ତମେ ଯୋଗ ଦେବାରେ ଅସୁବିଧା ନାହିଁ; ହେଲେ ସମିତି ତମକୁ ସେପରି ଆକର୍ଷଣୀୟ ଦରମା ଦେଇପାରିବ ନାହିଁ । ଏଥିରେ ତୁମର ଭବିଷ୍ୟତ ଆଉ ବିଶେଷକରି ଆର୍ଥିକ ନିରାପତ୍ତା କଥା ରହିଛି; ଧୀରସ୍ଥିର ଚିତ୍ତରେ ପୁଣି ଥରେ ବିଚାର କର, ପନ୍ଦର ଦିନ ପରେ ଆସି ଜଣାଇବ ତମର ନିଷ୍ପତ୍ତି ।"

ସେଇଠୁ ଫେରିଆସିଲି ସିନା, ମୁଁ ତ ସ୍ଥିର କରି ସାରିଥିଲି ଯାହା ହୋଇଯିବ ପଛେ ପଛକୁ ଫେରିବି ନାହିଁ । ଚଉଦ ଦିନ ହୋଇଥାଏ । ନିଜକୁ ସମ୍ଭାଳି ନ ପାରି ସାର୍ଟିଫିକେଟ୍ ଓ ଦରଖାସ୍ତ ଧରି ଭର୍ତ୍ତୃହରି ବାବୁଙ୍କୁ ପୁଣି ଦେଖା କଲି । ସେ ସେହି ସମୟରେ କହିଥିଲେ, ପନ୍ଦର ଦିନ ହୋଇନାହିଁ, ତମ ପାଖରେ ଆଉ ଗୋଟିଏ ଦିନ ଅଛି ଭାବିବା ପାଇଁ । ନଛୋଡ଼ବନ୍ଧା ଥିଲି ମୁଁ । ବିନା ସାକ୍ଷାତକାରେ ସେ ମୋତେ ଗ୍ରହଣ କଲେ ଏବଂ ଏକ ଚିଠାରେ କିଛି ଲେଖି ସେତେବେଳର ମୁଖ୍ୟ ପରିଚାଳକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଦେଖା କରିବାକୁ କହିଲେ । ପ୍ରଫୁଲ୍ଲ ବାବୁ ମାସର ପହିଲାରୁ ଯୋଗ ଦେବାକୁ କହିଲେ । 'ପ୍ରଜାତନ୍ତ୍ର'ରେ ଯୋଗ ଦେବା ପରେ ମନୋରମା ମ୍ୟାଡମ୍‌ଙ୍କୁ ଦେଖାସାକ୍ଷାତ କରିବା ପ୍ରାୟତଃ କମିଗଲା । ତେବେ କେଉଁ ସାହିତ୍ୟ ସଭାସମିତି, କବିତା ଆସରରେ ଦେଖା ହେଲେ ମୋ ପ୍ରତି ଅଯାଚିତ ସ୍ନେହ ଢାଳି ଦିଅନ୍ତି ।

'ପ୍ରଜାତନ୍ତ୍ର'ରେ ପ୍ରାୟ ପାଞ୍ଚବର୍ଷରୁ ଊର୍ଦ୍ଧ୍ୱ ସମୟ କାମ କରିବା ପରେ ଦେଖିଲି ଭବିଷ୍ୟତ ଅନିଶ୍ଚିତ, ସ୍ୱାଭିମାନର ସହିତ ବଂଚିବା ଦୁଷ୍କର । ହୃଦ୍‌ବୋଧ ହେଲା ମୋତେ

**ରଷୀୟ କବିତା' ତାହାର ଉଲ୍ଲେଖନୀୟ ଦସ୍ତାବିଜ୍ । ଏହି ପୁସ୍ତକ ପାଇଁ ଆପଣ ମର୍ଯ୍ୟାଦାଜନକ 'ସୋଭିଏତ୍ ଲ୍ୟାଣ୍ଡ୍ ନେହେରୁ ପୁରସ୍କାର' ଲାଭ କରିଛନ୍ତି । ଅନୁବାଦ ପ୍ରତି ଆଗ୍ରହ ଜାତ ହେଲା କାହିଁକି ? ରଷୀୟ କବିତା ଅନୁବାଦ ପଛରେ କି କାରଣ ରହିଛି ?**

▶▶ କାର୍ଲ ମାର୍କ୍ସଙ୍କର ମୁଁ ଜଣେ ଦୃଢ଼ ସମର୍ଥକ । ଅର୍ଥନୀତିର ଛାତ୍ରୀ ହିସାବରେ ମାର୍କ୍ସ-ଲେଲିନ୍ ଦର୍ଶନ ଉପରେ କିଛି ଜ୍ଞାନ ହାସଲ କରିବା ପରେ ମୁଁ ରଷୀୟ କବିତା ପ୍ରତି ଯଥା- ମାୟାକୋଭୋସ୍କିଙ୍କ ପ୍ରତି ଆକର୍ଷିତ ହେଲି । ଏହାର ଇଂରାଜୀ ଅନୁବାଦ ପଢ଼ି ବିମୋହିତ ହେଲି । ଅନ୍ୟ ଭାଷାର ଅନୁବାଦ ମୋତେ ମୁଗ୍ଧ କଲା । ବିଶ୍ୱର ପ୍ରତ୍ୟେକ କବିଙ୍କର ଅନ୍ତଃରାଜ୍ୟରେ ଯେଉଁ ଆଲୋଡନ ଦେଖା ଦିଏ, ତାହା ଭାଷାର ବନ୍ଧନୀକୁ ଡେଇଁ କିଭଳି ମାନବବାଦୀ ଚେତନାକୁ ପରିସ୍ଫୁଟ କରେ, ତାହାର କେତେକ ସାମ୍ୟ ଦେଖି, ଅନୁଭବ କରି ମୁଁ ଏକ ପ୍ରକାର ଆବିଷ୍ଟ ହୋଇଗଲି । କେବଳ ଇଂରାଜୀ ନୁହେଁ, ବଙ୍ଗଳା, ହିନ୍ଦୀ, ସଂସ୍କୃତରୁ ବହୁ ଅନୁବାଦ କରିଛି ।

**◆ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବଙ୍ଗଳା ପ୍ରଭୃତି ଭାଷା ଉପରେ ଆପଣଙ୍କର ଚମତ୍କାର ଦଖଲ ରହିଛି ଏବଂ ସୁନ୍ଦର ଭାବେ କହିପାରନ୍ତି । ବହୁଭାଷୀ ହେବାର ବାସନା ଜାତ ହେଲା କିପରି ?**

▶▶ ଏକ ସଂସ୍କାରଶୀଳ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ମୋର ଜନ୍ମ । ବାବୁଜୀ (ମୋର ବାପା) ରାଧାନାଥ ରଥ, ମୋ ବୋଉ ବୋହୂ ହୋଇ ଆସିବା ପରେ 'ତ୍ରିଭାଷୀ' ପୁସ୍ତକ ଦେଇଥିଲେ । ବୋଉ ତା'କୁ ଅଧ୍ୟୟନ କରି ବଙ୍ଗଳା, ହିନ୍ଦୀ, ଓଡ଼ିଆ ପୁସ୍ତକ ବହୁତ ପଢ଼ିଛି । ପିଲାଦିନୁ ବୋଉ ଆମକୁ ଭାଷାପ୍ରୀତି ଶିଖାଇଛି । ଆମ ଘରର 'ସମାଜ' ପରିବେଶ ବହିପ୍ରୀତି ପିଲାଦିନୁ ଆମ ମନରେ ଏଭଳି ସଂଚାର କରିଥିଲା ଯେ ଆମେ ଚାରି ଭାଇଭଉଣୀ ଭିନ୍ନଭିନ୍ନ ଭାଷାରେ ବହି ପଢ଼ି ଶିଖିଥିଲୁ; ବଙ୍ଗଳା ଭାଷାରେ ରବୀନ୍ଦ୍ରନାଥ ଏବଂ ଶରତଚନ୍ଦ୍ରଙ୍କୁ ପଢ଼ି ମୋର ବଙ୍ଗ ସାହିତ୍ୟ ପ୍ରତି ପିଲାଦିନୁ ଶ୍ରଦ୍ଧାସମ୍ମାନ ବଢ଼ିଥିଲା । ମଉସା ପଣ୍ଡିତ ଲିଙ୍ଗରାଜ ମିଶ୍ର ପ୍ରେମ୍‌ଚାନ୍ଦଙ୍କ ଅନୁବାଦ କରି 'ସମାଜ'ରେ ପ୍ରକାଶ କରିଥିଲେ 'ଗୋଦାନ', ଯାହା ହିନ୍ଦୀସାହିତ୍ୟ ଅଧ୍ୟୟନ କରିବା ପାଇଁ ମୋତେ ବହୁ ଗୁଣରେ ଉତ୍ସାହିତ କରିଥିଲା ।

**◆ ଓଡ଼ିଶାରେ ସ୍ମରଣଶକ୍ତି ଥିବା ବ୍ୟକ୍ତିଙ୍କ ମଧ୍ୟରେ ଡକ୍ଟର ରାଧାନାଥ ରଥ, ଡକ୍ଟର ସଦାଶିବ ମିଶ୍ର, ଗୌରୀକୁମାର ବ୍ରହ୍ମା, ଡକ୍ଟର ଶ୍ରୀରାମ ଦାସ ପ୍ରମୁଖଙ୍କ କ୍ରମରେ ଆପଣଙ୍କ ନାମ ଉଚ୍ଚାରଣ କରାହୋଇଥାଏ । ଏପରି ସ୍ମରଣଶକ୍ତିର ଅଧିକାରିଣୀ ହେଲେ କେମିତି ?**

▶▶ ବାବୁଜୀଙ୍କ ସ୍ମରଣଶକ୍ତିର ପଟାନ୍ତର ନାହିଁ । ଦିନକୁ ସେ ବହୁ ସମୟ ଧରି ପଢ଼ନ୍ତି ଏବଂ କିଛି ଭୁଲିଗଲେ ତା'କୁ ମନେପକାଇବା ପର୍ଯ୍ୟନ୍ତ ସ୍ଥିର ରହନ୍ତି ନାହିଁ । ପଠନ-ଲିପ୍ସା ବୋଧହୁଏ ମୁଁ ଉତ୍ତରାଧିକାରୀ ସୂତ୍ରରୁ ପିତାଙ୍କ ଠାରୁ ପାଇଛି । ମୋତେ ଯାହା ଭଲ ଲାଗେ ମୁଁ ତା'କୁ ବାରମ୍ବାର ପଢ଼ି ମନରେ ରଖିବା ପାଇଁ ସବୁବେଳେ ଚେଷ୍ଟା କରେ । ପାଠ ମହୁକୁ ମନ ଫେଣାରେ ରଖିଲେ ଦରକାର ବେଳେ କର୍ମରେ ଆସେ ।

**◆ ଆପଣ ଜଣେ ଓଜସ୍ୱିନୀ ବକ୍ତା । ବକ୍ତୃତା ଦେବା ସମୟରେ ଓଡ଼ିଆ ଢଗଢମାଳି, ଲୋକଗୀତ ସର୍ବୋପରି ପ୍ରାଚୀନ ଗୀତ, ଛନ୍ଦ, ବୋଲି, ଗାଉଁଲି ଗୀତ ଆଦି ଚମତ୍କାର ଭାବେ ଗାନ କରି ପରିବେଷଣ କରିଥାଆନ୍ତି । ପ୍ରାଚୀନ ଗୀତ ପ୍ରତି ଅନୁରକ୍ତି ରହିବା ପଛରେ କି କାରଣ ରହିଛି ?**

▶▶ ରେଭେନ୍ସା ଗାର୍ଲ ସ୍କୁଲରେ ଆମର ପ୍ରତି ପୂଜାଛୁଟି ପୂର୍ବରୁ ଶ୍ରେଣୀସ୍ତରୀୟ ବକ୍ତୃତା, ହାସ୍ୟରସ୍ୟ ଅଭିନୟ, ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ହୁଏ । ଆମର ଶିକ୍ଷୟିତ୍ରୀମାନେ ଆମକୁ ପୁରସ୍କାର ଦିଅନ୍ତି । ଆବୃତ୍ତି



ସାମ୍ବାଦିକତାରେ ତିଷ୍ଠିବାକୁ ଏବଂ ସମ୍ମାନର ସହ ବଞ୍ଚିବାକୁ ହେଲେ ‘ସମାଜ’କୁ ଯିବାକୁ ପଡ଼ିବ । ଯୋଗକୁ ସେତେବେଳେ ‘ସମାଜ’ରେ ପ୍ରଥମର ଥର ପାଇଁ ସହ-ସମ୍ପାଦକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥାଏ । କ’ଣ କରିବି ନ କରିବି ଭାବିପାରୁ ନଥାଏ । ସାହସ ଠୁଳ କରି ମନୋରମା ମ୍ୟାଡମ୍‌ଙ୍କୁ ଦେଖା କରି ନିଜର ଅସୁବିଧା ଓ ଅସହାୟତା ସମ୍ପର୍କରେ ଅବଗତ କଲି । ସେ ମୋତେ ନିର୍ଭୟବାଣୀ ନ ଦେଲେ ମଧ କହିଥିଲେ ସର୍ଟଲିଷ୍ଟ୍‌ରେ ରହିବା ପରେ ଲିଖିତ ଓ ମୌଖିକ ପରୀକ୍ଷା ସାମ୍ନା କରିବାକୁ ହେବ । ବିଧିବଦ୍ଧ ଭାବେ ଆବେଦନ କଲି । ପରିଶେଷରେ ମୌଖିକ ପରୀକ୍ଷାକୁ ସାମ୍ନା କଲି । ବିଚାରକମଣ୍ଡଳୀ ସମ୍ମୁଖରେ ମ୍ୟାଡମ୍ ମୋତେ ଜଣେ ପ୍ରତିଭାବାନ ଯୁବକବି ଏବଂ ମୋର ଅନେକ ଫିଚର୍, ସାକ୍ଷାତକାର ପଢ଼ିଥିବା ପ୍ରକାଶ କରି କେତେକ ପ୍ରଶ୍ନ କରିଥିଲେ । ଯାହା ହେଉ, ‘ସମାଜ’କୁ ପ୍ରବେଶ କରିବାରେ ମ୍ୟାଡମ୍‌ଙ୍କ ଯେ ପ୍ରଚ୍ଛନ୍ନ ଆଶୀର୍ବାଦ ଥିଲା ଏବଂ ସେଥିଯୋଗୁଁ ମୁଁ ଗୋପବନ୍ଧୁଙ୍କ ଏହି ପୁଣ୍ୟପୀଠରେ କାମ କରିବାର ଅପୂର୍ବ ସୁଯୋଗ ପାଇଲି ଏଥିରେ ତିଳେ ହେଲେ ସନ୍ଦେହ ନାହିଁ । ହଁ, ମହତ୍ତର ଜୀବନଟିଏ ଜିଇଁବାର ଦୁର୍ଲଭ ରାସ୍ତାଟିଏ ଯେ ସେ ଫିଟାଇ ଦେଲେ ମୋ ପାଇଁ ଏହା ମଧ କହିବା ବାହୁଲ୍ୟ ମାତ୍ର ।

ଏସବୁ ଉଲ୍ଲେଖ କରିବାର ତାତ୍ପର୍ଯ୍ୟ ଏହି କି ଯେ ମନୋରମା ଦେବୀ କେବଳ ମୋତେ ନୁହେଁ, କେତେ  ଲୋକଙ୍କୁ କେତେ ଭାବରେ ଓ ବାଟରେ ଉପକୃତ କରିଛନ୍ତି, ସେବା ଦେଇଛନ୍ତି, ସାହାଯ୍ୟ  କରିଛନ୍ତି, ନୂଆ ଜୀବନ ଦେଇଛନ୍ତି ତାହାର ଇୟତ୍ତା ନାହିଁ । ମ୍ୟାଡମ୍‌ଙ୍କ ‘ଦେବାରେ ଆନନ୍ଦ’ ହେଉଛି ତାଙ୍କ ବ୍ୟକ୍ତିସତ୍ତାର ଅନ୍ୟତମ ଶ୍ରେଷ୍ଠ ଭୂଷଣ । ଜଣେ ବିଶାଳ ହୃଦୟର ମାଆ ଭାବେ ସେ ଅନେକଙ୍କ ନିକଟରେ ପ୍ରତିଭାତ । ତାଙ୍କ କରୁଣା ଓ ସେବାର ପଟାନ୍ତର ନାହିଁ (ତାହା ସୀମିତ ସ୍ତରରେ ହେଉ ପଛକେ) । କୌଣସି ଅସହାୟ, ନିଃସହାୟ ତାଙ୍କ ନିକଟରେ ପହଂଚିଲେ ସାହାଯ୍ୟ କରିବାକୁ ତତ୍ପର ହୁଅନ୍ତି । କିଏ ଯେପରି ତାଙ୍କ ଦୁଆର ମୁହଁରୁ ଖାଲିହାତରେ ନ ଫେରନ୍ତୁ, ଯଥାସମ୍ଭବ ଚେଷ୍ଟିତ ହୋଇଥାଆନ୍ତି । ମନେହୁଏ କାହା ଦୁଃଖରେ ଦୁଃଖୀ ହେବା, ସମବେଦନା ଜଣାଇବା ଏବଂ ଆପଦବିପଦରେ

ପ୍ରତିଯୋଗିତାରେ ଯିଏ ଭଲ ବୋଲେ ତା’କୁ ପୁରସ୍କାର ବିତରଣୀ ଉତ୍ସବରେ ଗୀତ ବୋଲିବାକୁ ସୁଯୋଗ ଦିଆଯାଏ । ଥରେ ଗୋଦାବରୀଶ ମିଶ୍ର (ଶିକ୍ଷାମନ୍ତ୍ରୀ) ଆମ ସ୍କୁଲ୍‌ର ପୁରସ୍କାର ବିତରଣୀ ସଭାକୁ ଆସିଥିଲେ । ଶିଶୁ କବିତା ଆବୃତ୍ତି କରି ପୁରସ୍କାର ପାଇଥିଲି । ସେ ଖୁସି ହୋଇ ମାଳ ମୋ ବେକରେ ପକାଇ ଦେଇଥିଲେ । ହେଲେ, ସ୍କୁଲ୍ ଛାଡ଼ିକି ବୋହୂ ହେବା ପରେ ଭାଷଣ ଦେବାର ସୁଯୋଗ ମୋତେ ‘ପ୍ରଜାତନ୍ତ୍ର ପଚାର ସମିତି’ ଦେଲା ବିଷୁବ ମିଳନରେ । ଏ କ୍ଷେତ୍ରରେ ମୋର ପ୍ରେରଣାଦାୟୀ  ବକ୍ତାଗଣ ହେଲେ- ସରଳା ଦେବୀ, ଡକ୍ଟର ହରେକୃଷ୍ଣ ମହତାବ, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ । ମୁଁ  ପ୍ରଥମେ ଜେଜେମାଆ ତୁଣ୍ଡର ଢଗଢମାଳିକୁ ଭଲପାଇଛି, ପରେ କବିତାକୁ । ଜେଜେମାଆ ତୁଣ୍ଡର ଢଗଢମାଳି ମୋର କଣ୍ଠସ୍ଥ ହୋଇଯାଏ । ମାଆର ଭାଷା ସହ ଅନ୍ୟମାନଙ୍କୁ ପରିଚିତ କରାଇବାର ବାସନା ମୋତେ ଉଦ୍‌ବେଳିତ କରେ କବିତା ଲେଖିବା ପାଇଁ ।  ସେ ସବୁ କେତେ ଅର୍ଥବହ, ତା’କୁ ଉପଲବ୍‌ଧି କରିବାର ସୁଯୋଗ ନୂଆ ଭାବରେ ଦେଲା ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ କାଗଜ ‘ସମାଜ’ ଓ ପ୍ରବାଦପୁରୁଷ ରାଧାନାଥ ରଥଙ୍କ ‘ଝିଟିପିଟି କହେ’ ।

**◆ ନାରୀ ସଶକ୍ତୀକରଣର ଆପଣ ଜଣେ ଦୃଢ଼ ସମର୍ଥକ । ନାରୀ ଜାତିର ଉତ୍‌ଥାନ ପାଇଁ  କିଛି କୁହନ୍ତୁ ?**

▶▶ ନାରୀ ଓ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ମଣିଷ କହିଲେ ଦୁଇଟି ଜାତି, ଗୋଟିଏ ପୁରୁଷ ଅନ୍ୟଟି ନାରୀ । ସୁସ୍ଥ ସମାଜ ଗଠନରେ ଦୁହିଁଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । କନ୍ୟା, ଭଗ୍ନୀ, ଜାୟା ଓ ଜନନୀ ଭାବରେ ଭିନ୍ନଭିନ୍ନ ଭୂମିକା ନିର୍ବାହ କରି ଜଣେ ନାରୀ ବହୁଭାବରେ ସ୍ୱୟଂସିଦ୍ଧା । ନାରୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ । ତେବେ ଆମର ପ୍ରଚଳିତ ସମାଜ ପୁରୁଷକୈନ୍ଦ୍ରିକ ଏବଂ ସେଠି ନାନା ଭାବେ ନାରୀ ଅବହେଳିତ ଓ ଉପେକ୍ଷିତ ହୋଇଆସୁଛି । କୌଣସି ଦୃଷ୍ଟିରୁ ନାରୀ ନ୍ୟୂନ ହେବା ଅନୁଚିତ । ଏଣୁ ନାରୀ ସଶକ୍ତୀକରଣ  ଜରୁରୀ । ନାରୀ ଉଚ୍ଚଶିକ୍ଷିତା, ସ୍ୱାବଲମ୍ବୀ ଓ ସ୍ୱାଧୀନଚେତା ହେଲେ ଯାଇ ଏହା ସମ୍ଭବ ହୋଇପାରିବ । ନାରୀଜାତିର କଲ୍ୟାଣରେ ବିଶ୍ୱର କଲ୍ୟାଣ ନିହିତ । ନାରୀଶକ୍ତିର ଜାଗରଣ,ସୁରକ୍ଷା ଓ ସଶକ୍ତୀକରଣ ପାଇଁ ସଭିଏଁ ଆଗେଇ ଆସିବାର ଆବଶ୍ୟକତା ରହିଛି । ବିଜୟଦର୍ପରେ ଓଡ଼ିଆ ଝିଅ କିପରି ଆଗେଇବ ତାହା ଆଜିର ଦିନରେ ବଡ଼ ଆହ୍ୱାନ ।

**◆ଶେଷ ପ୍ରଶ୍ନ: ଜଣେ ଅଧ୍ୟାପିକା, ସାହିତ୍ୟିକା-କବି, ସମ୍ପାଦକ ଓ ସମାଜସେବୀ ଭାବେ ଆପଣଙ୍କ ସ୍ୱତନ୍ତ୍ର ପରିଚୟ ରହିଛି । ଏ ଭିତରୁ କେଉଁ ପରିଚୟରେ ଆପଣଙ୍କୁ ଅଧିକ ସନ୍ତୁଷ୍ଟି ମିଳେ ଓ କାହିଁକି ?**

▶▶ ପିଲାଟି ଦିନରୁ ମୋର ସ୍ୱପ୍ନ ଥିଲା ମୁଁ କବି ହେବି । କବିତାକୁ ମୁଁ ପ୍ରାଣଭରି ଭଲ ପାଉଥିଲି ଅକ୍ଷର ଚିହ୍ନିବା ଆଗରୁ । ମୋ ଜେଜେମାଆ, ବୋଉ ତୁଣ୍ଡର କବିତା ‘ନାନାବାୟା ଗୀତ’ ଓ ‘ଢଗଢମାଳି’ ବୋଧହୁଏ ମୋ ଭିତରେ ଏହି କବିସତ୍ତାକୁ ଉଜ୍ଜୀବିତ କରିଥିଲା । ପିଲାଦିନେ କବିତାକୁ ମୁଁ ବୁଝି ପାରୁନଥିଲେ ମଧ କବିତା ସବୁ ପଢ଼ି ମନେ ରଖି ଦେଉଥିଲି । ଘର ଓଳେଇଲା ବେଳେ, ଶାଗ ବାଛିଲା ବେଳେ ମୁଁ ସେସବୁ କବିତା ବୋଲୁଥିଲି । କବିତା ମୋର ଆତ୍ମା । କବିତା ମୋତେ ପ୍ରତିକୂଳ ପରିବେଶ ଭିତରେ ଆଜିଯାଏ ଆନନ୍ଦରେ ବଂଚାଇ ରଖିଛି । ହେଲେ ଅଧ୍ୟାପନା, ସାମ୍ବାଦିକତା, ସମାଜସେବା- ଏ ମୋର କେତେ ପ୍ରିୟ ଓ ନମସ୍ୟ ତାହାକୁ ଅସ୍ୱୀକାର କରିବି କେମିତି  ! ମୋ ମାଟିର ମହାକବି ସଚ୍ଚିଦାନନ୍ଦ ରାଉତରାୟଙ୍କ ଭାଷାରେ ‘ଝରଣା ତା’ର କଲା ଯେ କବି, ନୟନେ ଦେଲା ରୂପ ଛବି’ । କେତେ କାହା ପାଖରେ ମୁଁ ଋଣୀ । ସେସବୁ ମୋ  କବିତାର ଉତ୍ସ । ମୁଁ ଏକ ସ୍ରୋତସ୍ୱିନୀ କବିତା ନିର୍ଝର ।



ଛିଡ଼ା ହେବା ପାଇଁ ବୋଧହୁଏ ସେ ଜନ୍ମ ହୋଇଛନ୍ତି । ତାଙ୍କ ଘରକୁ ଆସୁଥିବା କୌଣସି ଅଭ୍ୟାଗତ ଅତିଥି ବା ଲେଖକଲେଖିକାଙ୍କୁ ନ ଖୁଆଇ କାହାକୁ ଛାଡ଼ନ୍ତି ନାହିଁ । କେତେକ ସ୍ଥଳରେ କିଛି ଲୋକ ମିଛର ଆଶ୍ରୟ ନେଇ ଏବଂ ଅଭିନୟ କରି ମ୍ୟାଡମ୍‌ଙ୍କୁ ଠକି ଅଯଥା ଅନୁଗ୍ରହ ଓ ଅର୍ଥ ହାତେଇ ଥାଆନ୍ତି । ସେଥିରେ କିନ୍ତୁ ମ୍ୟାଡମ୍‌ଙ୍କ ଧ୍ୟାନ ନ ଥାଏ । ସେ ବିଚାର କରନ୍ତି ନେବା ମୋର ଧର୍ମ ନୁହେଁ, କାହାକୁ କିଛି ଦେଇପାରିଲେ ସେଥିରେ ମୋର ମହାଆନନ୍ଦ ।

କୌଣସି ଅବସ୍ଥାରେ ସେ ଘର, କାର୍ଯ୍ୟାଳୟ, ସଭାସମିତି, ମଂଚ ବା ସର୍ବସାଧାରଣସ୍ଥଳରେ କିଛି ଗୋଟିଏ ପୀଡ଼ା ବା ଆପତ୍ତିକୁ ନେଇ ସ୍ୱତଃ କାନ୍ଦିବା, ଲୁହ ଗଡ଼ାଇବା ବ୍ୟକ୍ତିଟିଏ ଆଜିର ଦିନରେ ଖୋଜିଲେ ମ୍ୟାଡମ୍‌ଙ୍କ ମୁହଁ ସର୍ବପ୍ରଥମେ ସାମ୍ନାକୁ ଆସିଯାଏ । ଏ ଦିଗରେ ସେ ଉତ୍କଳମଣୀୟ ଭାବନା ଦ୍ୱାରା ଅନୁପ୍ରାଣିତ; କାରଣ ଗୋପବନ୍ଧୁ ଅନ୍ୟର ଦୁଃଖରେ କାତର ହୋଇ ସର୍ବସମ୍ମୁଖରେ ଏବଂ ନୀରବରେ ବି ଭୋ-ଭୋ କାନ୍ଦୁଥିଲେ । ବେଳେବେଳେ ମ୍ୟାଡମ୍‌ଙ୍କୁ ଏକାବେଳେ ଫୁଲ ଓ ନିଆଁର ରୂପରେ ବି ଦେଖିବାକୁ ମିଳିଥାଏ । ସେ କ୍ଷଣକୋପୀ ହେଲେ ହେଁ କ୍ଷମାଶୀଳ । ଏହିସବୁ ଗୁଣାବଳୀ ତାଙ୍କ ବ୍ୟକ୍ତିସତ୍ତାକୁ ଅଧିକ ଉଜ୍ଜ୍ୱଳ କରିଥାଏ । ନାରୀଶକ୍ତି ପ୍ରଦର୍ଶନ କରିବାକୁ ଯାଇ କେବେ ଯଥେଚ୍ଛାଚାରିଣୀ ହୋଇନାହାନ୍ତି । କେବେ କେବେ ମନେହୁଏ ବିନୟୀ ଭାବ ଓ ନମ୍ରତା ତାଙ୍କ ବ୍ୟକ୍ତିସତ୍ତାର ଦୁଇଟି ପକ୍ଷୀ ।

ଅନ୍ୟପକ୍ଷରେ, ଓଡ଼ିଆ ସାହିତ୍ୟର ଇତିହାସରେ ମନୋରମାଙ୍କ ସ୍ଥାନକୁ ଯଦି ଖୋଜିବା, ତେବେ ଓଡ଼ିଶା ସାହିତ୍ୟ କ୍ଷେତ୍ରରେ ଆବିର୍ଭାବ ଘଟିଥିବା ନାରୀକବିଙ୍କ ମଧ୍ୟରେ ସେ ଏକ ବ୍ୟତିକ୍ରମ ସ୍ୱର । ପ୍ରାୟତଃ ସମସ୍ତ ନାରୀକବି ନିଜକୁ ବିଭୂଚେତନା, ପ୍ରକୃତିପ୍ରୀତି, ବାତ୍ସଲ୍ୟପ୍ରେମ, ବାମାବାଦୀଚିନ୍ତା ଓ ପ୍ରେମ ଆଦିର ପରିସରରେ ରଖି ନିଜ ନିଜର କାବ୍ୟିକ କାନ୍‌ଭାସ୍‌କୁ ଫର୍ଚ୍ଚା କରିଛନ୍ତି । ମନୋରମା କିନ୍ତୁ ନିର୍ଦ୍ଦିଷ୍ଟ ଠି ଅଟକି ରହିନାହାନ୍ତି । ନାରୀ-ପୁରୁଷ ଊର୍ଦ୍ଧ୍ୱରେ ମଣିଷର ସ୍ୱରରେ ନିଜର କାବ୍ୟସୌଧ ନିର୍ମାଣ ଦିଗରେ ଯତ୍ନଶୀଳ ହୋଇଛନ୍ତି । ତଥାକଥିତ ଦେହଜ ପ୍ରେମକବିତା ପ୍ରତି ଆସ୍ଥା ରଖିନାହାନ୍ତି । ରୋମାଣ୍ଟିସିଜ୍‌ମ୍ ନାଁରେ ସେ ଦେହମନକୁ ନେଇ କେବେ କାବ୍ୟିକ ଉଡ଼ାଣ ଜାରି ରଖିନାହାନ୍ତି; ବରଂ ବଂଚିତ ପ୍ରତି ଆକୁତି, ଅସହାୟ ପ୍ରତି ସମ୍ବେଦନା, ସର୍ବୋପରି ଶୋଷଣ, ଅନ୍ୟାନ୍ୟ, ଅତୀତ ବିରୋଧରେ ସ୍ୱର ଉତ୍ତୋଳନ ସାଙ୍ଗକୁ ଏକ ସାମ୍ୟବାଦୀ ସମାଜ ଗଠନ ଦିଗରେ ଆତ୍ମସ୍ପର୍ଦ୍ଧାର ପରିଚୟ ଦେଇଛନ୍ତି । ନାରୀ ଓ ପୁରୁଷ ସତ୍ତାର ଏକ ଦ୍ୱୈତ ସ୍ୱରରେ ସେ ରଚଛନ୍ତି କାବ୍ୟଭାଷାର ଯେଉଁ ଅର୍କେଷ୍ଟ୍ରା, ସେଥିରେ ଏକାବେଳେ ଅନୁଭବ କରିହୁଏ ଶିଶୁର କୁଆଁକୁଆଁ ଓ ଯୋଦ୍ଧାର ରଣହୁଙ୍କାର । ଗୋଟିଏ ପକ୍ଷରେ ନାରୀଭାବର ଦୟା, କରୁଣା, ସହନଶୀଳତା ଆଦିର ବର୍ଣ୍ଣାଳୀମୟ ଛଟା ତାଙ୍କ କବିତାରେ ଦେଖିବାକୁ ମିଳୁଥିବା ବେଳେ, ଅନ୍ୟପକ୍ଷରେ ପୁରୁଷଭାବର ସ୍ପର୍ଦ୍ଧା ଓ ଯୋଦ୍ଧାପଣର ମୁଦ୍ରାଙ୍କ ବର୍ତ୍ତମାନ । କାଳିନ୍ଦୀଚରଣ ପାଣିଗ୍ରାହୀ, ବୈକୁଣ୍ଠନାଥ ପଟ୍ଟନାୟକ, ମାୟାଧର ମାନସିଂହ, ରାଧାମୋହନ ଗଡ଼ନାୟକ, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ ପ୍ରମୁଖଙ୍କ କ୍ରାନ୍ତିଦର୍ଶୀ କାବ୍ୟ-ପରମ୍ପରା ଓ ପରାଧୁନିକ ପୁରୋଦୃଷ୍ଟି ସହିତ ଗୋଟିଏ ନିବିଡ଼ ଆତ୍ମୀୟତାର ସୂତ୍ରରେ ନିଜର କାବ୍ୟିକ ଚାରିତ୍ରିକତାକୁ ଛନ୍ଦିଛନ୍ତି ସେ । ଭୂମିରୁ ଭୂମା ବ୍ୟାପୀ ବିସ୍ତାରିତ ମନୋରମାଙ୍କ କାବ୍ୟଭୂମି ମନୋମୟତାରେ ମର୍ମରିତ ଏକ ତପଃଭୂମି । ଅତିକଥା, ଉପକଥା, ଲୋକକଥା, ଦନ୍ତକଥା ଇତ୍ୟାଦିରୁ ଇତିବୃତ୍ତ, ପୁରାବୃତ୍ତ ତଥା ପୌରାଣିକ ପରିସରବ୍ୟାପୀ ଗୋଟିଏ ଚିଚିତ୍ରବର୍ଣ୍ଣାଭ ଭୂଚିତ୍ରରୁ ତାଙ୍କ କବିତା ସବୁ ପାଇଛି ନାନା ପ୍ରତୀକୀତ ପ୍ରତିଭାସ । ବିଶେଷକରି ସମନ୍ୱୟବାଦ ବା ସନାତନଧର୍ମୀ ପ୍ରତି ସେ ବେଶ୍ ଅନୁରକ୍ତ । ତାଙ୍କର କାବ୍ୟିକ ଉଡ଼ାଣ ସେ ଅନୁସାରେ ପ୍ରଜାପତିୟ ମାର୍ଗ ଖୋଜିଛି ।

ମନୋରମାଙ୍କ କବିତାର ସବୁଠାରୁ ଉଲ୍ଲେଖନୀୟ ପ୍ରସଙ୍ଗ ଏହା ଯେ ସେ ବାମାବାଦୀ ଓ ଦେହବାଦୀ ଚେତନା ଦ୍ୱାରା ଆଦୌ ସଂକ୍ରମିତ ହୋଇନାହାନ୍ତି । ମାନବବାଦର ସେ ମନ୍ତ୍ରଦାତ୍ରୀ । ସନାତନୀ ଅନୁଚିନ୍ତା ତାଙ୍କ ସାହିତ୍ୟସତ୍ତାର ପ୍ରାଣବିନ୍ଦୁ । ତାଙ୍କ କବିତାରେ ଉପନିଷଦୀୟ ଭାବଧାରା, ବୈଦିକ ଚିନ୍ତା ସହ ଭାରତୀୟ ସଂସ୍କୃତି ଓ ଅଧ୍ୟାତ୍ମିକ ଚେତନା ପରିପ୍ଳୁତ । ଏହା ମାନବିକ ଅନୁଭୂତିରୁ ଆରମ୍ଭ ହୋଇ ନୈର୍ମାନବିକ ସ୍ତରକୁ ସ୍ପର୍ଶ କରିପାରିଛି । ସମୟସୀମାକୁ ଅତିକ୍ରମ କରି ନିଃସମୟର ଦ୍ୱାର ଉନ୍ମୋଚନ କରିପାରିଛି । ସେହିଦୃଷ୍ଟିରୁ ଦେଖିଲେ ସେ ନୈସର୍ଗିକ, ଆଧ୍ୟାତ୍ମିକ, ଆନନ୍ଦ ସନ୍ଧାନୀ । ଜୀବନର ଶେଷପାହାଚରେ ମଧ୍ୟ ସର୍ବଶକ୍ତିମାନଙ୍କୁ ଉପଲବ୍ଧି କରିବାର ପ୍ରୟାସ ଜାରି ରଖିଛନ୍ତି ।

ଦୀର୍ଘ ୭୦ ବର୍ଷରୁ ଅଧିକ କାଳ ଧରି ଓଡ଼ିଆ ସାହିତ୍ୟ, ଶିଶୁସାହିତ୍ୟ, ଏକାଙ୍କିକା, ରମ୍ୟରଚନା, ଅନୁବାଦ ଆଦି ପ୍ରାୟ ପ୍ରତି ବିଭାଗରେ ଲେଖନୀ ଚାଳନା କରି ମନୋରମା ନିଜର ଅପୂର୍ବ ସାରସ୍ୱତ ପ୍ରତିଭାର ପରିଚୟ ଦେଇଛନ୍ତି । ଓଡ଼ିଆ କବିତା ଜଗତରେ ସେ ପ୍ରଗଲ୍‌ଭା, ଖରସ୍ରୋତା ସ୍ରୋତସ୍ୱିନୀ ପରି ବହି ଚାଲିଛନ୍ତି । ବେଶ୍ କଳରବିତ ଓ ଉଡ଼ାଣମୁଖର ହୋଇଛି ତାଙ୍କର କାବ୍ୟସଂସାର । ମୁଖ୍ୟତଃ ସେ ଜଣେ ମାନବବାଦୀ, ସଂସ୍କାରଧର୍ମୀ ସମ୍ବେଦନଶୀଳ କବି । ମାନବର ଆର୍ତ୍ତିହରଣ, ସମାଜରେ ସଂହତି ଓ ସମତା ଆଣିବା ଦିଗରେ ସେ ସଦା ସଚେତନ । ତାଙ୍କର ଅଧିକାଂଶ କବିତାରେ ବିନ୍ଦୁରୁ ସିନ୍ଧୁ, ଭୂମିରୁ ଭୂମାକୁ, ବିଦେହ ଚେତନାର ସର୍ଜନା ପ୍ରସାରିତ ହୋଇଛି । ଦୁଃଖବାଦ ଓ ସୁଖବାଦ ଯୁଗପତ୍ କବିଚେତନାକୁ ଆଚ୍ଛାଦନ କରିଛି । ସେହିପରି 'ଝିଟିପିଟି କହେ' ସ୍ତମ୍ଭ ଶତାକ୍ଷୀ ନାମରେ ସେ 'ସମାଜ' ପୃଷ୍ଠାରେ ବହୁ ବର୍ଷ ଧରି ଲେଖୁ ଆସୁଥିଲେ । ଏହା ଖୁବ୍ ଜନାଦୃତି ଲାଭ କରିଥିଲା । ମନୋରମା ନିରଳସ ସାହିତ୍ୟ ସେବା ସହ ସମାଜ ସେବାରେ ସଦା ନିୟୋଜିତ ହୋଇଥିବାରୁ ତାଙ୍କ ସାହିତ୍ୟରେ ସାଧାରଣ ମଣିଷର ସମସ୍ୟା, ଯନ୍ତ୍ରଣା, ସଂଘର୍ଷ, ସଂସ୍କାରଧର୍ମୀ, ବିପ୍ଳବାତ୍ମକ ଚେତନା ପ୍ରତିଭାତ । ନୀରବ କ୍ରାନ୍ତିରେ ସେ ବିଶ୍ୱାସୀ । ଐତିହ୍ୟର ଉତ୍ତିଷ୍ଠମନା ଉଦ୍‌ଗାତ୍ରୀ ସେ । ସମୟ ବଡ଼ ବଳବାନ, ଏ କଥାକୁ ଭଲ ଭାବରେ ହୃଦୟଙ୍ଗମ କରିଛନ୍ତି । ଏଥିପାଇଁ ସମୟ ଭିତରେ ସମୟହୀନତାକୁ ଚିତ୍ରଣ କରିବାରେ କେବେ ଭୁଲି କରିନାହାନ୍ତି । ଅସମୟ, ଦୁଃସମୟ ଓ ନିଃସମୟ ସବୁକୁ ସମାନୁପାତିକ ଭାବେ ଗ୍ରହଣ କରି ଅନାସକ୍ତଭାବକୁ ବୀଜମନ୍ତ୍ର କରିଛନ୍ତି । ପ୍ରତିଟି ମୁହୂର୍ତ୍ତ ଯେ ମହାର୍ଘ ଏବଂ କ୍ଷଣିକର ଅନୁଭବ କବିସତ୍ତାକୁ କେଉଁଠିରୁ କେଉଁଠିକୁ ନେଇଯିବ ସେ ବେଶ୍ ଭଲ ଭାବେ ଜାଣନ୍ତି । ଏଣୁ କେବେକେବେ ସେ ସମୟକୁ ସତ୍ତା ଓ ସ୍ମୃତିର ନିର୍ଜନ ସାକ୍ଷାତକାର ଆଖ୍ୟାୟିତ କରିଛନ୍ତି । ତେବେ ଏହା ସତ୍ୟ ଯେ ମନୋରମା ସାହିତ୍ୟର ସବୁ ବିଭାଗରେ ଲେଖନୀ ଚାଳନା କରିଥିଲେ ହେଁ ତାଙ୍କର କବିସତ୍ତା ଅଧିକ ପରିସ୍ଫୁଟିତ । ତାଙ୍କ କାବ୍ୟସୃଷ୍ଟି ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସ୍ୱୀକୃତି ଦାବି କରେ ।

# ଜୀବନର ଧାରା : ବଂଶଧାରା

ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରବାହିତ ହେଉଛି ଅନେକ ନଦୀ । ବଂଶଧାରା ଅନ୍ୟତମ । ଏହା ଓଡିଶାର କଳାହାଣ୍ଡି, ରାୟଗଡା ଓ ଗଜପତି ଜିଲ୍ଲା ଦେଇ ପ୍ରବାହିତ । ନଦୀ ଶଯ୍ୟା ଖୁବ ପ୍ରଶସ୍ତ । ବର୍ଷସାରା ଏଥିରେ ପାଣି ଥାଏ ।

ଦକ୍ଷିଣ ଓଡିଶାର ଅନ୍ୟତମ ବୃହତ୍ତମ  ନଦୀ ଭାବେ ବଂଶଧାରା ପରିଚିତ । ୨୬୫ କି.ମି ବିଶିଷ୍ଟ ଏହି ନଦୀର ୧୫୪ କିଲୋମିଟର ଓଡିଶାର ପ୍ରବାହିତ ହେଉଛି । ଅବଶିଷ୍ଟ ୧୧୧ କିଲୋମିଟର ଆନ୍ଧ୍ର ପ୍ରଦେଶ ଦେଇ ପ୍ରବାହିତ ହେଉଛି । ଓଡିଶାର କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ନିକଟବର୍ତ୍ତୀ  ନିୟମଗିରି ପାହାଡରୁ ବାହାରିଛି । ପ୍ରଥମେ କଳାହାଣ୍ଡି ଜିଲ୍ଲାର ଲାଂଜିଗଡ ଦେଇ ରାୟଗଡା ଜିଲ୍ଲାରେ ପ୍ରବେଶ କରିଛି ବଂଶଧାରା । ରାୟଗଡା ଜିଲ୍ଲାର କୁଟ୍ରାଗଡ, ଗୁଡାରୀ , ଗୁଣପୁର, ଗଜପତିର କାଶୀନଗର ଦେଇ ଆନ୍ଧ୍ରକୁ ଲମ୍ବିଛି । ଆନ୍ଧ୍ରକୁ ପ୍ରବେଶ କରି କଳିଙ୍ଗ ପାଟନାମଠାରେ ବଙ୍ଗୋପ ସାଗରରେ ମିଶିଛି । ଓଡିଶାର ୮୦୧୫ ବର୍ଗ କିଲୋମିଟର ଓ ଆନ୍ଧ୍ରର ୨୮୧୫ ବର୍ଗ କିଲୋମିଟରକୁ ନେଇ ବଂଶଧାରା ନଦୀ ଅବବାହିକା ଅବସ୍ଥିତ । ପ୍ରତିବର୍ଷ ପ୍ରାୟ ୧୦୦ ମିଲିମିଟର ବର୍ଷା ଜଳ ପ୍ରବାହିତ ହୋଇଥାଏ ଏଇ ନଦୀରେ ।



## ନାମକରଣ ପଛର କାହାଣୀ

ବଂଶଧାରାର ନାମକୁ ନେଇ ରହିଛି ଅନେକ କଥା ଓ କାହାଣୀ । ଏକ ବାଉଁଶ ବୁଦା ମୂଳରୁ ଏହା ବାହାରିଥିବାରୁ ଏହାର ନାମ କାଳେ ବଂଶଧାରା । ମତ୍ସ ପୁରାଣ, ବରାହ ପୁରାଣ, ବ୍ରହ୍ମାଣ୍ଡ ପୁରାଣ ଆଦି ବହୁ ପୁରାଣରେ ବଂଶଧାରା ନଦୀ ସଂପର୍କରେ ଉଲ୍ଲେଖ ରହିଥିବାରୁ ଏହା ବହୁ ପ୍ରାଚୀନ ନଦୀ ବୋଲି ଗଣାଯାଏ । ପ୍ରାଚୀନ ସମୟରେ ଏଇ ନଦୀ ଅବବାହିକାରେ ଆଦିମ ଯୁଗର ସଭ୍ୟତା ଦେଖିବାକୁ ମିଳେ ବୋଲି ବହୁ ଗବେଷକ କହିଛନ୍ତି । ମାନବ ସଭ୍ୟତାର ଉତ୍ପତ୍ତି ପ୍ରସଂଗରେ ବଂଶ /କୂଳର ଧାରାନୁଯାୟୀ ଏହାର ନାମ ବଂଶଧାରା ରଖାଯାଇଥିବା ଗବେଷକ ଶ୍ରୀରଂଗ ନାୟକ କହିଛନ୍ତି । ଏଇ କାରଣରୁ ଏଇ ନଦୀରେ ପିତୃପୁରୁଷ ତର୍ପଣ ଲାଗି ପୂଜା କରାଯାଏ । ବଂଶ ଉଦ୍ଧାର କରୁଥିବାରୁ କ୍ରମଶଃ ବଂଶ ଉଦ୍ଧାରରୁ ବଂଶଧାରା ହୋଇଥିବା ଲୋକଶ୍ରୁତିରୁ ଜଣାଯାଏ ।

## କିମ୍ବଦନ୍ତୀ ଓ ଜନଶ୍ରୁତି

କେବଳ ସେତିକି ନୁହେଁ ଏହାର ଅବବାହିକାରେ ଅନେକ ପୁରାତନ ଓ ଐତିହ୍ୟସଂପନ୍ନ ବହୁ ଶୈବ, ଶାକ୍ତ, ବୈଷ୍ଣବ ପୀଠ ରହିଥିବାରୁ ବଂଶଧାରା ଓଡିଶାର ଅନ୍ୟତମ ପବିତ୍ର ନଦୀ ଭାବେ ଗଣାଯାଏ । ରାୟଗଡ ଜିଲ୍ଲାର ଗୁଡାରୀ ଓ ଚନ୍ଦ୍ରପୁର ସୀମାରେ ବଂଶଧାରା ନଦୀରେ ରହିଛି ପବିତ୍ର ପୀଠ ମୀନାଝୋଲା । ବଂଶଧାରା, ଚାଉଳଧୂଆ ଓ ଫଳଫଳିଆ ତିନୋଟି ନଦୀର ମିଳନସ୍ଥଳରେ ମୀନରୂପକ ଭଗବାନଙ୍କୁ ପୂଜା କରାଯାଏ । ପୌରାଣିକ ଗାଥା ଅନୁସାରେ ରାମଙ୍କ ସହ ଏଇ ନଦୀର ସଂପର୍କ ରହିଛି । ପ୍ରଭୁ ରାମ ବନବାସ କାଳରେ ଏଇ ପୀଠରେ ମୀନକେତନଙ୍କୁ ପୂଜା କରିଥିଲେ । ଫଳ ଧୋଇଥିବାରୁ ଫଳଫଳିଆ ଓ ଚାଉଳ ଧୋଇଥିବାରୁ ଚାଉଳଧୁଆ ହୋଇଥିବା ଜଣାଯାଏ । ନଦୀ ଓ ସମୁଦ୍ରର ମିଳନସ୍ଥଳ ଆନ୍ଧ୍ରର କଳିଙ୍ଗପାଟଣା ନିକଟବର୍ତ୍ତୀ ମୁଖଲିଙ୍ଗମରେ ହୋଇଛି । ଏହା ଏକ ପୋତାଶ୍ରୟ ଥିଲା । ସେହିପରି ଏହା ଏକ ପ୍ରସିଦ୍ଧ ଶୈବପୀଠ ରୂପେ ପରିଚିତ । ଗଂଗ ବଂଶ ସମୟରେ ଏହା ପ୍ରାଚୀନ କଳିଙ୍ଗରେ ରହିଥିଲା । କିନ୍ତୁ ସ୍ୱାଧୀନତା ପରେ ଏହା ଆନ୍ଧ୍ରପ୍ରଦେଶରେ ରହିଛି । ବହୁ ପୂର୍ବେ ନଦୀ ଅବବାହିକାର ଗୁଡାରୀ, ଗୁଣପୁରରେ ଥାଟରାଜାଙ୍କ ଶାସନ ଚାଲୁଥିଲା । ଗୁଡାରୀରେ ଗଡ ଓ




**ଦ୍ୱିତୀଚନ୍ଦ୍ର ସାହୁ**

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା-୭୬୫୦୦୧
ଫୋନ୍ : ୯୫୫୬୨୮୭୭୭୫


ଫଟୋ ସୌଜନ୍ୟ : ଲେଖକ



ଗୁଣପୁରରେ ରଜା ନହର ଏବେ ବି ଦେଖିବାକୁ ମିଳେ ।

## ପୀଠ ଓ ପର୍ଯ୍ୟଟନ

ବଂଶଧାରା ଅବବାହିକାରେ ରହିଛି ଅନେକ ପୀଠ ଓ ପର୍ଯ୍ୟଟନ । ରାୟଗଡା ଜିଲ୍ଲା ଗୁଡାରୀରେ ରହିଛି ମୀନାଝୋଲା ଓ ମାଣିକେଶ୍ୱରୀ । ଲିମାପଦରର ଶୈବପୀଠ, ଭାଲେରୀର ଶୈବପୀଠ, ତୁରକାଣିଗୁଡା, ପ୍ରଧାନୀଗୁଡାରେ ରହିଛି ପୁରାତନ ଶୈବପୀଠ । ସେହିପରି ଗୁଣପୁରରେ ରହିଛି ଅନେକ ସାନ ମଠ ସମେତ ବହୁ ପୁରାତନ ମନ୍ଦିର ଓ ଶୈବ ପୀଠ । ପେଙ୍ଗୁଡାରେ ରହିଛି ବହୁ ପ୍ରାଚୀନ ପୀଠ । କେବଳ ସେତିକି ନୁହେଁ ଏଇ ନଦୀ ଅବବାହିକାରେ ଉଭୟ ବୌଦ୍ଧ ଓ ଜୈନ ସଂସ୍କୃତି ମଧ୍ୟ ଗଢି ଉଠିଥିବା ଜଣାଯାଏ । ପୁରାତନ ଅମ୍ବାଦଳା ନିକଟରେ ଷଷ୍ଠ ଶତାବ୍ଦୀର ଜୈନ ପୀଠର ସନ୍ଧାନ ମିଳିଥିବା ବେଳେ ପଦ୍ମପୁର ଜଗମୁଣ୍ଡା ପାହାଡରେ ରହିଛି ବୌଦ୍ଧ ଧର୍ମର ସ୍ମାରକୀ । ଲିଉରୀଠାରେ ରହିଛି ଗୋପିନାଥ ମନ୍ଦିର । ସେହିପରି ଆନ୍ଧ୍ର ପ୍ରଦେଶରେ ନଦୀ ଅବବାହିକାରେ ବହୁ ଶୈବ ପୀଠ, ରାମ ମନ୍ଦିର ଶୋଭା ପାଉଛି । କାର୍ତ୍ତିକ ପୂର୍ଣିମାରେ ବୋଇତ ବନ୍ଧାଣ , ବାଲି ପୂଜା, ଶ୍ରାବଣରେ ଅଭିଷେକ କରି ଜଳ ଉଠେଇବା କାର୍ଯ୍ୟ କରାଯାଏ ।

## ସାହିତ୍ୟ ଓ ସଂସ୍କୃତି

ବଂଶଧାରା ନଦୀ ଅବବାହିକା ବହୁ ପ୍ରାଚୀନ ହୋଇଥିବାରୁ ଏଠାରେ ବହୁ ପୁରାତନ ସଂସ୍କୃତି ଦେଖିବାକୁ ମିଳେ । ଏଇ ନଦୀ ଅବବାହିକା ଶୈବ, ବୈଷ୍ଣବ, ବୌଦ୍ଧ ଓ ଜୈନ ସଂସ୍କୃତିର ମିଳନସ୍ଥଳ । ଏଇ ନଦୀ ଓଡିଶା ଓ ଆନ୍ଧ୍ର ପ୍ରଦେଶ ଦେଇ ଯାଇଥିବାରୁ ଉଭୟ ଆନ୍ଧ୍ର ଓ ଉତ୍କଳୀୟ ସଂସ୍କୃତିକୁ ବହନ କରିଛି । ସବୁଠାରୁ ବଡ କଥା ହେଲା ଏଇ ନଦୀର ଉଭୟ ପଟେ ଆଦିବାସୀ ସଂସ୍କୃତିର ଝଲକ ଦେଖିବାକୁ ମିଳେ । ଓଡିଶାର ବୃହତ୍ତମ ଜନଜାତି କନ୍ଧ ଓ ସଉରା ସଭ୍ୟତା ଗଢି ଉଠିଛି । ସେମାନଙ୍କର ପରଂପରା, ଐତିହ୍ୟ, ସଂସ୍କୃତି ଆଦି ବଂଶଧାରା ସହ ଜଡିତ ହୋଇ ରହିଛି । ଶବରଙ୍କ ପିତୃପୁରୁଷ ଉତ୍ସବ 'କାର୍ଯ୍ୟ' ବେଳେ ଏଇ ନଦୀର ଜଳକୁ ବ୍ୟବହାର କରାଯାଉଛି । ସେହିପରି କ୍ରମଶଃ ଏଠାରେ ଅନ୍ୟାନ୍ୟ ସଂପ୍ରଦାୟର ଲୋକ ମଧ୍ୟ ବସବାସ କରିଆସୁଛନ୍ତି । ଏଠାରେ ବହୁ ପ୍ରାଚୀନ ଲୋକ ସଂସ୍କୃତି ଓ ଲୋକନୃତ୍ୟ ବି ଦେଖିବାକୁ ମିଳେ । ସଉରା-ସଉରୁଣୀ ,ଭୂତକେଳି, ଧୋବାଧୋବୁଣୀ, ବେଜୁ ନାଚ, ପ୍ରହ୍ଲାଦ ନାଚ, ରାଧାପ୍ରେମ ଲୀଳା ଭଳି ବହୁ ପୁରାତନ ନୃତ୍ୟ ପ୍ରଦର୍ଶିତ ହୋଇଆସୁଛି । ସେହିପରି ବହୁ ଲୋକ ସଂସ୍କୃତି ସମୃଦ୍ଧିରେ ବଂଶଧାରା ସମୃଦ୍ଧ ।

ବଂଶଧାରା ଅବବାହିକାରେ ଗଢି ଉଠିଛି ଅନେକ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ । ୧୯୭୬ ମସିହାରେ ଗଠନ ହୋଇଛି ବଂଶଧାରା ସାହିତ୍ୟ ସମାଜ ସାହିତ୍ୟ ସଂଗଠନ । ସାହିତ୍ୟ ରଚନା କ୍ଷେତ୍ରରେ ଏଇ ସଂଗଠନ ଓ ଏଇ ମାଟି ଅନେକଙ୍କୁ ଯୋଗାଇଛି ପ୍ରେରଣା । ଅନେକ ସାହିତ୍ୟିକ ନିଜ ନିଜ ସ୍ତରରେ ପ୍ରତିଷ୍ଠିତ ଓ ପରିଚିତ । ଅନେକ ଅଦ୍ୟାବଧି ସାହିତ୍ୟ ସାଧନାରେ ନିମଗ୍ନ ଅଛନ୍ତି । ଏଦିଗରେ ବଂଶଧାରା ସାହିତ୍ୟ ସମାଜ ଓ ଗୁଣପୁର ସୁସ୍ଥ ସାହିତ୍ୟ ସମାଜ ବଳିଷ୍ଠ ପ୍ରେରଣା ଭାବେ ଦାୟିତ୍ୱ ନିର୍ବାହ କରିଛି । ସେହିପରି ଗୁଣପୁର ନବ ନିର୍ମାଣ ସଂଗଠନ ପକ୍ଷରୁ ଗତ ସାତ ବର୍ଷ ଧରି ବଂଶଧାରା ଅବବାହିକା ଅନ୍ତର୍ଗତ ଗୁଣପୁରଠାରେ ଆୟୋଜିତ ହେଉଛି ବଂଶଧାରା ବସନ୍ତ ମହୋତ୍ସବ । ବସନ୍ତର ଆଗମନରେ ପ୍ରକୃତି ବର୍ଣ୍ଣବିଭାରେ ଉଚ୍ଛାଟିତ ହୋଇ ଉଠିଲାବେଳକୁ ବଂଶଧାରା ତଟ ମଧ୍ୟ ଉତ୍ସବମୁଖର ହୋଇଉଠୁଛି । ଦୀର୍ଘ ଏମାସ ବ୍ୟାପୀ ଏଇ ଉତ୍ସବର ଆୟୋଜନ୍ରମରେ କ୍ରୀଡା, ମାରାଥନ, ଆଧ୍ୟାତ୍ମିକ ଚେତନା ଜାଗ୍ରତ ସହ ତିନିଦିନ ବ୍ୟାପୀ ରାଜ୍ୟସ୍ତରୀୟ ଉତ୍ସବ ଆୟୋଜନ ପରେ ସମାପନ ହେଉଛି । ଏଇକ୍ରମରେ ସାହିତ୍ୟ, ସଂସ୍କୃତି,ଆଦିବାସୀ ପରଂପରା ,ଜନଜୀବନ ସମ୍ବଳିତ 'ବଂଶଧାରା' ନାମରେ ଉତ୍ସବର ମୁଖପତ୍ର ଶୁଭ ଉନ୍ମୋଚନ କରାଯାଉଛି ।

ସେହିପରି ଏଇ ମାଟିରେ ଜନ୍ମ ହୋଇଛନ୍ତି ଅନେକ ଯୋଗଜନ୍ମା । ସତୁରୀ ଦଶକର ନକ୍ସଲ ଆନ୍ଦୋଳନର ପୁରୋଧା କୁହାଯାଉଥିବା ସ୍ୱର୍ଗତ ନାଗଭୂଷଣ ପଟ୍ଟନାୟକ, ସ୍ୱର୍ଗତ ଭୂବନ ମୋହନ ପଟ୍ଟନାୟକ , ସଉରା ଭାଷା ଲିପିର ଉଦ୍ଭାବକ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗ , ଗୁରୁ ମାଳିଆ ଗମାଙ୍ଗ , ସଦଗୁରୁ ଅର୍ଜ୍ଜୁନ, ସୁରମଣୀ ରଘୁନାଥ ପାଣିଗ୍ରାହୀ,ସଂଗୀତଜ୍ଞ ଜଗନ୍ନାଥ ପାଣିଗ୍ରାହୀ , ଅନ୍ଧଗୁରୁ



ଗୋପାଳ ଶବର ପ୍ରମୁଖ ଏଇ ମାଟିକୁ ନିଜ ନିଜ ସ୍ତରରେ ମହିୟାନ କରିଛନ୍ତି । ଅପରପକ୍ଷେ କୋରାପୁଟ ଲୋକସଭା ଆସନରୁ କ୍ରମାଗତ ନଅଥର ଜିତି ରେକର୍ଡ ସୃଷ୍ଟି କରିଥିବା ଡଃ ଗିରିଧର ଗମାଙ୍ଗ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ମାଟିର ଗୌରବ ବୃଦ୍ଧି କରିଛନ୍ତି । ସେହିପରି ପାରଂପରିକ ଟାଙ୍ଗୁ ବାଦ୍ୟ ଓ ବେଜୁ ନାଚକୁ ବିଶ୍ୱସ୍ତରରେ ପ୍ରଦର୍ଶନ କରି ସଉରା ବାଦ୍ୟ ସଂଗୀତକୁ ଲୋକପ୍ରିୟ କରାଇପାରିଛନ୍ତି ସେ ।

## ସଉରା ବିଦ୍ରୋହ

ପ୍ରାକ୍ ସ୍ୱାଧୀନତା କାଳରେ ବଂଶଧାରା ଅବବାହିକା ଅଂଚଳର ସଉରା ଦେଶପ୍ରେମ ଏବଂ ଇଂରେଜମାନବ ମଧ୍ୟରେ ଲଢେଇ ସବୁବେଳେ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଇତିହାସ ପୃଷ୍ଠାରରେ ସଉରା ବିଦ୍ରୋହର ସ୍ଥାନ ସ୍ୱତନ୍ତ୍ର । ସଉରାମାନେ ଯେ କେବଳ ସରଳ ନୁହଁନ୍ତି ପରିସ୍ଥିତିରେ କେତେ ହିଂସ୍ର ଏବଂ ପରାକ୍ରମୀ ସେମାନେ ନିଜର ପରିଚୟ ପ୍ରଦାନ କରିଛନ୍ତି । ଭାରତ ସ୍ୱାଧୀନତା ଲାଗି ବିଭିନ୍ନ ଅଂଚଳରେ ବିଦ୍ରୋହ ଦେଖାଦେଇଥିବାବେଳେ ବଂଶଧାରା ଅବବାହିକାର ଅଧୁନା ରାୟଗଡ ଓ ଗଜପତି ଜିଲ୍ଲାର ସଉରାମାନଙ୍କ ମଧ୍ୟରେ ଅନୁରୂପ ବିଦ୍ରୋହ ସୃଷ୍ଟି ହୋଇଥିଲା। ୧୭୭୫ରେ ମୋଗଲ ସମ୍ରାଟଙ୍କ ଆଦେଶ ଅସ୍ଥାୟୀ ଦାକ୍ଷିଣାତ୍ୟର ସମସ୍ତ ଅଂଚଳ ଇଂରେଜ ସରକାରଙ୍କୁ ହସ୍ତାନ୍ତର କରାଯାଇଥିଲେ ସୁଦ୍ଧା ହାଇଦ୍ରାବାଦ ଯୁକ୍ତିକୁ ପାରଳା ରାଜା ଗଜପତି ନାରାୟଣ ଦେବ ଅସ୍ୱୀକାର କରି ଦୁର୍ଦ୍ଧାନ୍ତ ମାଳିଆ ଶବରଙ୍କ ସହାୟତାରେ ବିଦ୍ରୋହ କଲେ । ଏହା ହିଁ ସଉରା ବିଦ୍ରୋହର ପ୍ରଥମ ପର୍ଯ୍ୟାୟ । ଏହି ଶବର ମେଳି ଏତେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଲା ଯେ ବ୍ରିଟିଶ ସରକାରଙ୍କ ଚିନ୍ତାର କାରଣ ହୋଇପଡିଥିଲେ ।

୧୮୬୮ରେ ଜାଲମୁର ରଣାଂଗନରେ ଇଂରେଜମାନେ ନାରାୟଣ ଦେବ ଓ ଶବର ସେନାଙ୍କୁ ପରାସ୍ତ କରିଥିଲେ । ତଥାପି ସେମାନେ ବିଟ୍ରିଶଙ୍କ ବଶତା ସ୍ୱୀକାର କରିନଥିଲେ । ୧୭୬୭ ରୁ ୧୮୩୨ ଯାଏ ଏପରି ଶବରମାନେ କ୍ରମାଗତ ସରକାରଙ୍କୁ ବିରୋଧ ଜାରି ରଖିଥିଲେ । ୧୮୩୨ ଘୁମୁସର ବିଦ୍ରୋହକୁ ଦମନ କରିବାକୁ ଯାଇ ପାରଳାର ବିଦ୍ରୋହକୁ ଦମନ କରି ୧୫୦ ଜଣ ସଉରାବୁ କଠୋର ଦଣ୍ଡ ଦେଇଥିଲେ । ସେଥିମଧ୍ୟରୁ ୧୫ ଜଣ ଫାଶିଦଣ୍ଡ ଓ ୨୮ ଜଣଙ୍କୁ ଦ୍ୱୀପାନ୍ତର କରାଯାଇଥିଲା ।୧୮୫୧ ରୁ ୧୮୫୬ ଯାଏ ନାରାୟଣ ଦେବଙ୍କ ପୁତ୍ରଙ୍କୁ ସମର୍ଥନ ଜଣାଇ ସଉରାମାନେ ବିଟ୍ରିଶ ସରକାରଙ୍କ ବ୍ୟାପକ

କ୍ଷତି ପହଁଚାଇଥିଲେ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ରାୟଗଡର ଅବଦାନ କିଛି କମ୍ ନୁହେଁ। ରାୟଗଡ ଜିଲ୍ଲାର ଗୁଣପୁର ଉପଖଣ୍ଡରେ ଥିବା ବିରଳ ଜନଜାତି ଦେଶ ମାତୃକା ପାଇଁ କରିଥିବା ସଂଗ୍ରାମ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ଦେଶ ମାତୃକା ପାଇଁ ସରଳ ଆଦିବାସୀ କିଭଳି ଦୁର୍ଦ୍ଧର୍ଷ ଓ ଆକ୍ରମଣାତ୍ମକ ଭୁମିକା ଗ୍ରହଣ କରିପାରନ୍ତି ତାହା ସୌରା ମେଳି ସଦାସର୍ବଦା ସ୍ମରଣ କରାଏ ।

୧୮୬୪ ମସିହାରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଗୁଣପୁର ଅଂଚଳର ସଉରାମାନେ ବିଦ୍ରୋହ କରିଥିଲେ । ଏହି ସମୟରେ ସଉରାମାନେ ଜଣେ ମୁଖିଆବୁ ବିନାକାରଣରେ ପୁଟାସିଂ ପୋଲିସ ବାନ୍ଧି ନେଇ ଥାନା ହାଜତରେ ରଖିବାରୁ ଏଭଳି ଅନ୍ୟାୟର ପ୍ରତିବାଦ ପାଇଁ ସଉରାମାନେ ମେଳି ହୋଇ ଏ ଅଂଚଳରୁ ଇଂରେଜ ଶାସକମାନଙ୍କୁ ହଟେଇ ଦେବା ପାଇଁ ବିଦ୍ରୋହ ଆରମ୍ଭ କରିଥିଲେ । ଏହିମାନେ ମେଳି ହୋଇ ଜଣେ ପୋଲିସ ସବ-ଇନସପେକ୍ଟର ଓ ଚାରି ଜଣ କନେଷ୍ଟବଲଙ୍କୁ ଆକ୍ରମଣ କରି ମାରି ଦେବା ସହ ପୁଟାସିଂ ଥାନାରେ ନିଆଁ ଲଗାଇ ଦେଇଥିଲେ । ଇଂରେଜମାନେ ବହୁ ଚେଷ୍ଟା କରି ମଧ୍ୟ ଏହି ବିଦ୍ରୋହକୁ ଦମନ କରିପାରିନଥିଲେ କି ବିଦ୍ରୋହରେ ସାମିଲ ଥିବା ନେତା ମାନଙ୍କୁ ଖୋଜି ପାଇପାରିନଥିଲେ । ଜୟପୁରର ତତକାଳୀନ ରାଜା ତୃତୀୟ ରାମଚନ୍ଦ୍ର ଦେବଙ୍କ ସହାୟତାରେ ଇଂରେଜମାନେ ଏହି ସଉରା ବିଦ୍ରୋହୀମାନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଜୟପୁର ରାଜକର୍ମଚାରୀମାନଙ୍କ ସାହାଯ୍ୟରେ ଚବିଶ ଜଣ ସଉରା ନେତାଙ୍କୁ ବନ୍ଦୀ କରାଗଲା । ସେମାନଙ୍କ ମଧ୍ୟରୁ ନଅ ଜଣଙ୍କୁ ଦ୍ୱୀପାନ୍ତର ଦଣ୍ଡ ଓ ପାଂଚ ଜଣଙ୍କୁ ଫାଶୀ ଦଣ୍ଡ ଦିଆ ଯାଇଥିଲା । ଏମାନଙ୍କୁ ଧରାଇ ଦେବାରେ ସହାୟତା କରିଥିବାରୁ ଜୟପୁର ରାଜାଙ୍କୁ ଇଂରେଜ ପ୍ରଶାସନ ପକ୍ଷରୁ ଗୋଟିଏ ବନ୍ଧୁକ ସହ କିଛି ମୂଲ୍ୟବାନ ଦ୍ରବ୍ୟ କୁଆଡେ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏଥିରେ କ୍ରୋଧିତ ହୋଇ ସଉରାମାନେ ୧୮୬୫ରେ ପୁଣି ଏକ ନୂତନ ପୋଲିସ ଫାଣ୍ଡି ଖୋଲାଯାଉଥିବା ଅବସରରେ ଦଳେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ପୋଲିସମାନେ ଆହତ ହୋଇ ଫେରିଯାଇଥିଲେ ଓ ଅଧିକ ପୋଲିସ ଫୋର୍ସ ସହାୟତାରେ ଆକ୍ରମଣକାରୀମାନଙ୍କ ସହ କ୍ରମାଗତ ଲଢେଇ କରି ଶେଷରେ ସେମାନବୁ ପରାସ୍ତ କରି ବନ୍ଦୀ କରିଥିଲେ । ଏହି ବନ୍ଦୀମାନଙ୍କ ମଧ୍ୟରୁ ତିନି ଜଣ ସଉରା ନେତାଙ୍କୁ ପୁଣି ଦ୍ୱୀପାନ୍ତର ଦଣ୍ଡରେ ଦଣ୍ଡିତ କରାଗଲା । ୧୮୬୪ରୁ ଆରମ୍ଭ ହୋଇଥିବା ଏହି ବିଦ୍ରୋହ କ୍ରମାଗତ ଭାବେ ଦଶବର୍ଷ ଧରି ୧୮୭୪ ମସିହା ଯାଏ ଲାଗି ରହିଥିଲା । ଏମାନେ ଦୀର୍ଘ ଦଶ ବର୍ଷ କାଳ ଧରି ଇଂରେଜମାନଙ୍କୁ ଏ ଅଂଚଳରେ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦେଇ ନଥିଲେ ଓ ପ୍ରତିମୁହୂର୍ତ୍ତରେ ଇଂରେଜମାନଙ୍କ ପାଇଁ ଭୟ ଓ ଆତଙ୍କର କାରଣ ପାଲଟି ଯାଇଥିଲେ । ସମୟକ୍ରମେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଇଂରେଜ ସେନାମାନଙ୍କ ମୁକାବିଲା କରିବା ପାଇଁ ସେମାନଙ୍କ ମେଳିକୁ ନେତୃତ୍ୱ ଦେବା ଉପଯୁକ୍ତ ନେତାଙ୍କ ଅଭାବ ଘଟିଲା । କୌଣସି ରାଜଶକ୍ତି ଓ ଅନ୍ୟାନ୍ୟ ଅଂଚଳର ପ୍ରଜାମାନଙ୍କ ସହଯୋଗ ନମିଳିବାରୁ ଏମାନେ ବାଧ୍ୟ ହୋଇ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହେବା ପର୍ଯ୍ୟନ୍ତ ବିଦେଶୀ ଶାସକଙ୍କ ଶାସନକୁ ମାନି ନେଇଥିଲେ । ପୁଟାସିଂ ବିଦ୍ରୋହକୁ ଦମନ କରିବା ଲାଗି ଗୋରା ସାହେବମାନେ ଭୂତଳ ଜେଲ ଖାନା ମଧ୍ୟ ନିର୍ମାଣ କରିଥିଲେ । ଯାହାକି ଏବେ ବି ପୁଟାସିଂ ଥାନାରେ ଦେଖିବାକୁ ମିଳେ । ଏମାନଙ୍କ ଆନ୍ଦୋଳନର ପ୍ରଭାବ ୧୮୭୯ରେ ମାଲକାନଗିରି ଅଂଚଳରେ ଆରମ୍ଭ ହୋଇଥିବା କୋୟା ବିଦ୍ରୋହକୁ ଯେମିତି ପ୍ରଭାବିତ କରିଥିଲା, ପରବର୍ତ୍ତୀ ସମୟରେ ସଂଗଠିତ କଲ୍ୟାଣସିଂପୁର ପ୍ରଜାମେଳି ଓ ନାରାୟଣପାଟଣା କନ୍ଧ ବିଦ୍ରୋହକୁ ମଧ୍ୟ ସେମିତି ପ୍ରେରଣା ଯୋଗାଇ ପାରିଥିଲା । ତେବେ ଦୁଃଖର କଥା ସରକାର ସଉରା ବିଦ୍ରୋହ ପ୍ରସଂଗକୁ ଯେମିତି ଭୁଲିଯାଇଛି ।

## ଭୂ ସତ୍ୟାଗ୍ରହ

୧୯୫୧ ମସିହାରେ ପ୍ରଥମ ଭୂଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓଡିଶାରେ ପ୍ରକୃତରେ ଏହା ୧୯୫୩ ମସିହାରେ ଆରମ୍ଭ ହୋଇଥିଲା । କିନ୍ତୁ ୧୯୫୧ ମସିହାରେ ରାୟଗଡରେ ଏଇ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିଲା । ୧୯୫୧ରେ ଉକ୍ରଟ ମରୁଡି ଯୋଗୁଁ ଖାଦ୍ୟାଭାବ ଦେଖାଦେଇଥିଲା । ଖାଦ୍ୟାଭାବ ଯୋଗୁଁ କିଛି ଲୋକଙ୍କ ଅନାହାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ଅନାହାର ମୃତ୍ୟୁକୁ ରୋକିବାକୁ ବିଶ୍ୱନାଥ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ମାଗଣା ରନ୍ଧାଖାଦ୍ୟ ବିତରଣ ଶିବିର । ଦୁଇ ମାସ ବ୍ୟାପୀ ଚାଲିଲା ଶିବିର । ପରବର୍ତ୍ତୀ ସମୟରେ ସାହୁକାରଙ୍କ ଦ୍ୱାରା ହୋଇଥିବା ଜବର ଦଖଲ ଜମି ଚିହ୍ନଟ ଏବଂ ଶାନ୍ତିପୂର୍ଣ୍ଣ ଉପାୟରେ ଏସବୁକୁ ଫେରାଇ ଆଣିବା ଲାଗି ବଂଶଧାରା ନଦୀ ତଟବର୍ତ୍ତୀ ଗୁଣପୁର ଉପଖଣ୍ଡର କୁଜେନ୍ଦ୍ରୀଠାରେ ଆରମ୍ଭ ହୋଇଥିଲା ଶିବିର । ଏଥିରେ ବହୁ ପରିମାଣରେ ଆଦିବାସୀ ସାମିଲ ହୋଇଥିଲେ । ଏଥିରେ ଅନୁପ୍ରେରିତ ହୋଇ କିଛି ସ୍ୱେଚ୍ଛାସେବୀ ଜମି ଫେରାଇ ଆଣିବାରେ ସକ୍ଷମ ହୋଇଥିଲେ । ଅନେକସ୍ଥାନରେ ଆଦିବାସୀମାନେ ସାହୁକାରଙ୍କ ଦ୍ୱାରା ଅଧିକୃତ ଜମିରେ ଜବରଦସ୍ତି ଚାଷ କରିବା ଆରମ୍ଭ କଲେ । ଫଳରେ ସୃଷ୍ଟି ହୋଇଥିଲା ଆଇନ ଶୃଂଖଳା ପରିସ୍ଥିତି । ଅନେକଙ୍କୁ ପୋଲିସ ଗିରଫ କଲା । ତେବେ ତତକାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ହସ୍ତକ୍ଷେପ ପରେ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତ ଗୋପିନାଥ ମହାନ୍ତିଙ୍କ ଉଦ୍ୟମରେ ଅନେକ ଜମି



ମୁକିଳିପାରିଥିଲା । ଏହା ଆନ୍ଦୋଳନକୁ ନୂଆ ରୂପ ଦେଇଥିଲା ।

ତେବେ ରାୟଗଡରେ ପ୍ରଥମ ଭୂ ଆନ୍ଦୋଳନ ବଂଶଧାରା ନଦୀ ତଟବର୍ତ୍ତୀ ଗୁଣପୁର,ଗୁଡାରୀ ଓ ବିଷମକଟକ ଅଂଚଳରେ ଆରମ୍ଭ ହୋଇଥିଲା । ଓଡିଶାର ବହୁ ବିଶିଷ୍ଟ ଗାନ୍ଧୀବାଦୀ ନେତା ଓ ଭୁଦାନ କର୍ମୀ ଏଇ ଆଂଚଳକୁ ଆସି ଗାଁରେ ରାତ୍ରୀଯାପନ କରି ଭୂଦାନ ଲାଗି ଲୋକଙ୍କୁ ବୁଝାଇଥିଲେ । ୧୯୫୫ ମସିହାରେ ଭୂଦାନ ଆନ୍ଦୋଳନ ଶୀର୍ଷରେ ପହଂଚିଥିବା ଥିବାବେଳେ ସନ୍ଥ ବିନୋବା ରାୟଗଡ ଆସିଥିଲେ । ଯାଜପୁରର ମାନପୁର ଗ୍ରାମଦାନରେ ଓଡିଶାର ପ୍ରଥମ ହୋଇଥିବାବେଳେ ରାୟଗଡର ଦୁନ୍ଦୁଲି ନିକଟବର୍ତୀ ଗୋବରପଲ୍ଲୀ ନାମକ ଏକ ଆଦିବାସୀ ଗ୍ରାମ ଗ୍ରାମଦାନରେ ଦ୍ୱିତୀୟ । ବିନୋବା ୧୯୫୫ରେ ଏଇ ଗ୍ରାମ ଦେଇ ଥେରୁବାଲିକୁ ପଦଯାତ୍ରାରେ ଯାଇଥିଲେ । ସେତେବେଳେ ଆକର୍ଷଣକୁ ଏଡାଇ ନପାରି ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଥେରୁବାଲି ଆସି ଦୁଇଦିନ ରହି ଭୁଦାନ ଆନ୍ଦୋଳନ ସଂପର୍କରେ ଆଲୋଚନା କରିଥିଲେ । ସେହିପରି ୧୯୫୫ରେ ମହାନ ସମାଜବାଦୀ ନେତା ଜୟପ୍ରକାଶ ନାରାୟଣ ବଂଶଧାରା ନଦୀ କୂଳବର୍ତ୍ତୀ ଗୁଣପୁରର ବିକ୍ରମପୁରଠାରେ ଆସି କୁଜେନ୍ଦ୍ରୀଠାରେ ଅବସ୍ଥାନ କରୁଥିବା ବିନୋବାଙ୍କୁ ସାକ୍ଷାତ କରିଥିଲେ ଏବଂ ଆନ୍ଦୋଳନକୁ ବ୍ୟାପକ ଲାଗି କର୍ମୀମାନଙ୍କୁ ପ୍ରେରଣା ଦେଇଥିଲେ । ଜମି ବଂଟନ ପରେ ଗ୍ରାମସଭା ଗଠନ କରାଯାଇ ସାମୂହିକ ନିଷ୍ପତି ନେବା ପାଇଁ ଲୋକମାନଙ୍କୁ ଶିକ୍ଷା ଦିଆଗଲା । ଗ୍ରମାକୋଷ ଓ ଶସ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଗଲା । କିନ୍ତୁ ପରବର୍ତୀ ସମୟରେ ସରକାରୀ ଉଦାସୀନତା ଯୋଗୁଁ ସାହୁକାରମାନଙ୍କ ଉତରାଧିକାରୀମାନେ ବଳପୂର୍ବକ ଦାନ କରିଥିବା ଜମିକୁ ନିଜ ଅଧୀନକୁ ନେଇଯାଇଥିଲେ । ତେବେ ରାୟଗଡ ଅଧିବାସୀଙ୍କ ଭୂଦାନ କ୍ଷେତ୍ରରେ ପ୍ରଶଂସାଜନକ ଅବଦାନ ଇତିହାସ ପୃଷ୍ଠାରେ ଚିରକାଳ ଲାଗି ଲିପିବଦ୍ଧ ହୋଇ ରହିଛି ।

## ପ୍ରାକୃତିକ ସଂପଦ ଓ ବନ୍ୟ ସଂପଦ

ନଦୀର ଉଭୟ ଧାର ପ୍ରାକୃତିକ ଶୋଭା ବିମଣ୍ଡିତ । ପାହାଡ, ଜଂଗଲ ଓ ଆଖି ପାଉ ନଥିବା ଚାଷ ଜମି ଭିତରେ ବଂଶଧାରାର ଗତି ସବୁବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିଛି । ଥୁଆମୂଳ ରାମପୁର, ଚନ୍ଦ୍ରପୁର ଓ ଗୁଡାରୀ ଅଂଚଳ ଦେଇ ଗତି କଲାବେଳେ ନଦୀ ଉଭୟ ପଟେ ଘଂଚ ଜଂଗଲ ରହିଛି । ଏଠାରେ ବହୁ ପୁରାତନ ବୃକ୍ଷରାଜି ରହିଛି । ଜନଜାତିର ଲୋକେ ଏଠାରୁ ଅଁଳା, ମହୁଲ, ହରିଡା, ବାହାଡା , ପାଳୁଅ, ଝୁଣା, ମହୁ , ବାଉଁଶ, ଛଣ, ଶାଳ ପତ୍ର , କେନ୍ଦୁ ପତ୍ର ,ପଣସ ,ଆମ୍ବ ସମେତ ଅନେକ ଦୁର୍ଲଭ ବନ୍ୟ କୋଳି ସଂଗ୍ରହ କରି ଜୀବିକା ନିର୍ବାହ କର଼ି । ସେହିପରି ଏଇ ଜଂଗଲରେ ଶାଳ, ପିଆଶାଳ, ଗମ୍ଭାରୀ, କେନ୍ଦୁ , ପଣସ, ଆମ୍ବ, ବାଉଁଶ ଭଳି ବୃକ୍ଷ ରହିଛି । ବନ୍ୟ ଜୀବଜଂ଼ୁ ମଧ୍ୟରେ କଲରାପତରିଆ ବାଘ , ଭାଲୁ , ସମ୍ବର, କୁଟ୍ରା , ବାରିଆ , ଜିଆଦ, ଠେକୁଆ ,ମୟୁର ,ହେଟା ବାଘ ,ହାତୀ ସହ ଶୁଆ, ଶାରୀ , ପାରା , କୋଇଲି , ବଣି , ବନ୍ୟ କୁକୁଡା , ଗୁଣ୍ଡୁରୀ ଭଳି ପକ୍ଷୀ ଦେଖାଯାନ୍ତି । ଏବେ ବଂଶଧାରା କୂଳ ଭାଲେରୀଠାରେ ଶୀତଦିନେ ବହୁ ବିଦେଶାଗତ ପକ୍ଷୀ ଆସି ରହୁଥିବାରୁ ବନ୍ୟ ବିଭାଗ ପକ୍ଷରୁ ପକ୍ଷୀମାନଙ୍କ ସୁରକ୍ଷା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି ।

ବହୁ ପୂର୍ବେ ନଦୀ ଅବବାହିକାର ଚନ୍ଦ୍ରପୁର ଜଂଗଲରେ ବାଘ ଓ ନୀଳ ଗାଈ ଥିବାର ଜନଶ୍ରୁତିରୁ ଜଣାଯାଏ । ସେହିପରି ନଦୀ ଅବବାହିକାର ଗୁଡାରୀ ଓ ବିଷମକଟକ ସୀମାନ୍ତରେ ରତ୍ନ ପଥର ଖଣି ରହିଛି । ନଦୀର କୂଳରେ ଥିବା ଅନେକ ପାହାଡରେ ଗ୍ରାନାଇଟ ପଥର ରହିଛି ।

## କୃଷି

ଏଇ ନଦୀ ଅବବାହିକାରେ ଭଲ କୃଷି ହୁଏ । ପ୍ରଚୁର ବର୍ଷା ହେଉଥିବାରୁ ଚାଷବାସ ଲାଗି ପାଗ ଅନୁକୂଳ ରହିଥାଏ । ପଟୁ ମାଟି ସାଙ୍ଗକୁ କୃଷ୍ଣକର୍ପାସ ମୃତ୍ତିକା ଯୋଗୁଁ ପ୍ରଚୁର ପରିମାଣର ଫସଲ ଉତ୍ପାଦନ ହୁଏ । ଏଠାରେ ମୁଖ୍ୟ ଫସଲ ଭାବେ ଢାଲୁ ଜମିରେ ଧାନ ଚାଷ କରାଯାଏ । ଅପରପକ୍ଷେ ଉଚ୍ଚା ଜମି ତଥା ପଡିଆ ଜମିରେ କପା ଚାଷ କରାଯାଏ । ଏଠାକାର କପାର ଦାମ ଅଧିକା ଓ ବଜାରରେ ଚାହିଦା ଅଧିକା ।

ଏହାବାଦେ ଅଣ ପାରଂପରିକ ଫସଲ ଭାବେ କାନ୍ଦୁଲ, ବିରି ,ମୁଗ, ସୋରିଷ, ମକା, ଆଖୁ ,ବାଦାମ,ମାଣ୍ଡିଆ ,କାଂଗୁ, ସୁଆଁ ,ଧୁଆଁ ପତ୍ର ସମେତ ପ୍ରଚୁର ପରିମାଣରେ ପନିପରିବା ଚାଷ କରାଯାଏ । ବଂଶଧାରା ଅବବାହିକାକୁ ଅବିଭକ୍ତ କୋରାପୁଟ ଜିଲ୍ଲାର ଭାତହାଣ୍ଡି ବୋଲି କୁହାଯାଏ ।

## ପ୍ରମୁଖ ସହର ଓ ଜନପଦ

ବଂଶଧାରା ନଦୀ ଅବବାହିକାରେ ବହୁ ସହର ଓ ଜନପଦ ଗଢି ଉଠିଛି । ଓଡିଶାର କୁଟ୍ରାଗଡ ,ଗୁଡାରୀ, ଗୁମୁଡା ,ଲିମାପଦର, ଉକାମ୍ବା, ଭାମିନୀ ,କାରେଣୀ , ଭାଲେରୀ ,ଚାଲକମ୍ବା, ଗୁଣପୁର, ବିକ୍ରମପୁର, ଗାଦିଆଖଲା, ତୁର୍କାନିଗୁଡା, ପ୍ରଧାନୀଗୁଡା, ପଗଡବିଲି, ମାଛଖୁଂଟି, ପାଲସିଂ, ବାଡିଗାଁ, ସାରା, ଖାଣ୍ଡବା, ଓନା, ଗୌରୀ, ବଥବା, ପୁରୁଟିଗୁଡା, କାଶୀନଗର ଓ ଆନ୍ଧ୍ରର ଗୋଟା ,ହୀରମଣ୍ଡଳ , ମୁଖଲିଂଗମ , କଳିଙ୍ଗପାଟଣା ଆଦି ଜନପଦ ଗଢି ଉଠିଛି । ଏଇ ନଦୀର ଜଳକୁ ବ୍ୟବହାର କରି ଲକ୍ଷ ଲକ୍ଷ ଲୋକ ଜୀବନ ଧାରଣ କରିଆସୁଛନ୍ତି।

## ଉପନଦୀ

ବଂଶଧାରାର କୌଣସି ଶାଖା ନଦୀ ନଥିବାବେଳେ ବିଭିନ୍ନ ସ୍ଥାନରେ ଅନେକ ଉପନଦୀ ଆସି ମିଶି ବଂଶଧାରାକୁ ଚିରସ୍ରୋତା କରିପାରିଛନ୍ତି । ଅନ୍ୟତମ ବଡ





ନଦୀ ରୂପେ ପରିଚିତି ଲାଭ କରିପାରିଛି । ରାୟଗଡା ଜିଲ୍ଲାର ଗୁଡାରୀ ସୀମାନ୍ତରେ ଚାଉଳଧୁଆ, ଫଳଫଳିଆ, ଗୁଣପୁରଠାରେ ସାନ ନଦୀ, ଗଜପତି ଜିଲ୍ଲାରେ ମହେନଦ୍ର ତନୟା ନଦୀ ଆସି ବଂଶଧାରାରେ ମିଶିଛନ୍ତି । ସେହିପରି ଓଡିଶାର ସାନ ନାଳ, ହଳଦିଆ ନାଳ ,ବାଙ୍ଗୀ ନାଳ,ଚିଲବା ନାଳ,ବଡଘରା ନାଳ,ପାଣ୍ଡକା ନାଳ, ଭୁଷିବୁଲଗା ନାଳ,ଗଙ୍ଗଡା ନାଳ, ବାହାଡା ନାଳ, ହରଭଂଗୀ ଓ ଆନ୍ଧ୍ର-ଓଡିଶାର ପେଦାଗେଡା ନାଳ,ଗଣ୍ଡାହାତୀ, ଲାଙ୍ଗୁଲ୍ୟାର,ପାଦଓାଲସା, ବଡ ନାଳ,ପୋଲାଡି ନାଳ ଓ ବେଲଗଡା ନାଳ ଏହିପରି ମୋଟ ୧୮ଟି ଛୋଡବଡ ନଦୀନାଳ ବଂଶଧାରାରେ ଲୀନ ହୋଇଛନ୍ତି ।

## ନଦୀ ବନ୍ଧ

ବଂଶଧାରା ନଦୀଜଳକୁ ବ୍ୟବହାର ନେଇ ଅନେକ ଥର ବିବାଦ ଉଠିବା ପରେ ୧୯୬୧ ମସିହାରେ ଦୁଇ ରାଜ୍ୟ ମଧରେ ୫୦-୫୦ ଭାଗ ଜଳ ବ୍ୟବହାର କରିପାରିବେ ବୋଲି ଏକ ରାଜିନାମା ହେଲା । ପରେ ବଂଶଧାରା ଫେଜ -୧ ନାମରେ ଆନ୍ଧ୍ରର ଗୋଟା ଠାରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ୧୯୭୯ ମସିହାରେ ନିର୍ମାଣ ହୋଇଛି ଏକ ବେରେଜ । ଏହାଦ୍ୱାରା ୧.୪୮ ଲକ୍ଷ ଏକର ଜମିରେ ଜଳ ସେଚିତ ହୋଇପାରୁଛି । ସେହିପରି ନେରେଡି ଠାରେ ହୋଇଛି ଆଉ ଏକ ବ୍ୟାରେଜ । ଏହା ଆନ୍ଧ୍ରର ୧.୦୭ ଲକ୍ଷ ଏକର ଜମିକୁ ଜଳ ସେଚିତ କରୁଛି । ଅନ୍ୟପକ୍ଷରେ ୨୦୦୫ ମସିହାରୁ ପୁଣି ଆନ୍ଧ୍ରପକ୍ଷରୁ କାଟ୍ରାଗାଡା ଠାରେ ଏକ କେନାଲ କରି ଜଳ ଭଣ୍ଡାର କରିବାର ଉଦ୍ୟମ ଆରମ୍ଭ କରିଛି । ଓଡିଶାର ପ୍ରତିବାଦ ପରେ ଏହା ଉଚ୍ଚତମ ନ୍ୟାୟାଳୟରେ ବିଚାର ଚାଲିଛି ।

ଓଡିଶା ପକ୍ଷରୁ ନିମ୍ନ ବଂଶଧାରା ନାମରେ ରାୟଗଡା ଜିଲ୍ଲାର ମୀନାଝୋଲାଠାରେ ଏକ ନଦୀ ବନ୍ଧ ନିର୍ମାଣ ଲାଗି ପ୍ରସ୍ତାବ ରଖିଥିବାବେଳେ ବଂଶଧାରା ସହ ଋଷିକୂଲ୍ୟା ନଦୀ ସଂଯୋଗୀ ଯୋଜନା ମଧ୍ୟ ସରକାରଙ୍କ ବିଚାରରେ ରହିଛି । ବଂଶଧାରା ମାତ୍ର ୨୫ ପ୍ରତିଶତ ଜଳ ବିନଯୋଗ ହୋଇ ଅବଶିଷ୍ଟ ୭୫ ପ୍ରତିଶତ ଜଳ ସମୁଦ୍ରକୁ ଚାଲିଯାଉଥିବାରୁ ଏହି ପ୍ରକଳ୍ପ ସଫଳ ହେଲେ ନଦୀ ଜଳର ସଦ ବିନିଯୋଗ ହୋଇପାରିବ ।

## ଗମନାଗମନ

ଏଇ ନଦୀ ଅବବାହିକାର ଗୁଡାରୀ,ଗୁମୁଡା, ଗୁଣପୁର ଠାରେ ଯାତାୟତର ସୁବିଧା ସୁଯୋଗ ଲାଗି ବଡ ପୋଲମାନ ନିର୍ମାଣ କରାଯାଇଛି । ୧୯୮୦ ମସିହାରେ ପୋଲ ଭାସିଗଲା ପରେ ଗୁମୁଡା ବଂଶଧାରା ପୋଲ ଉପରେ ଅଧା ଝୁଲନ୍ତା ଅବସ୍ଥାରେ ଥିବା ସରକାରୀ ଯାତ୍ରୀବାହୀ ବସର ଚିତ୍ର ସେତେବେଳେ ଗଣମାଧ୍ୟମରେ ବେଶ ଚର୍ଚ୍ଚିତ ଥିଲା । ସେହିପରି ୨୦୦୪ ମସିହାରେ ବନ୍ୟାଜଳରେ ଗୁମୁଡା ପୋଲ ଭାସିଯିବାର ଲାଇଭ ଦୃଶ୍ୟ ଅନୁରୂପ ଜାତୀୟ ଓ ଆନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଥିଲା । ଅପରପକ୍ଷେ ବଂଶଧାରା କୂଳ ଦେଇ ପାରଳଖେମୁଣ୍ଡି -ରାୟଗଡା ରାସ୍ତା ନିର୍ମାଣ ହୋଇଛି । ଅପରପକ୍ଷେ ପାରଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନିଜ ଉଦ୍ୟମରେ ନିଜସ୍ୱ ରାଜସ୍ୱରୁ ୧୯୦୧ ମସିହାରେ ନୌପଡା-ଗୁଣୁପୁରକୁ ରେଳପଥ ବିଛାଇଥିଲେ । ସେହିଦିନଠାରୁ ନେରୋଗେଜରେ ଦୁଇ ଡବା ବିଶିଷ୍ଟ ରେଳ ଯାତାୟାତ ଆରମ୍ଭ କରିଥିଲା । ଏହି ରେଳପଥ ଉଭୟ ଆନ୍ଧ୍ର-ଓଡିଶାର ଜୀବନ ରେଖା ଥିଲା । ବାଣିଜ୍ୟ ବ୍ୟବସାୟ ଅଭିବୃଦ୍ଧି କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ତେବେ ଗତ ୨୦୦୨ ମସିହାରେ ଏହି ପଥକୁ ବ୍ରଡଗଜରେ ପରିଣତ କରିବା ଲାଗି ନେରୋଗଜର ରେଳଧାରଣାକୁ ଉଠାଯାଇଥିଲା । ଦୀର୍ଘ ନଅ ବର୍ଷ ଅପେକ୍ଷା ପରେ ୨୦୧୧ରେ ଏହା ବ୍ରଡଗଜରେ ପରିଣତ ହୋଇ ରେଳ ଚଳାଚଳ କରୁଛି । ଫଳରେ ଲୋକଙ୍କ ମୁହଁରେ ହସ ଖେଳିଛି । ବଂଶଧାରା ନଦୀ କୂଳ ଦେଇ ପ୍ରାକୃତିକ ଶୋଭାରାଶିରେ ଟ୍ରେନରେ ଯାତ୍ରା ସବୁବେଳେ ଯାତ୍ରୀଙ୍କୁ ମନ୍ତ୍ରମୁଗ୍ଧ କରୁଛି ।

## ରଜାଘର ଗାଡି

ସେହିପରି ରେଳ କ୍ଷେତ୍ରରେ ମଧ୍ୟ ଏହି ଅଂଚଳ ଅବହେଳାର ଶୀକାର ହୋଇଛି । ଓଡିଶାରେ ରେଳର ପ୍ରସାର ହେବା ସମୟରେ ପାରଳା ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନିଜ ଉଦ୍ୟମରେ ନିଜସ୍ୱ ରାଜସ୍ୱରୁ ୧୯୦୧ ମସିହାରେ ନୌପଡା-ଗୁଣୁପୁରକୁ ରେଳପଥ ବିଛାଇଥିଲେ । ସେହିଦିନଠାରୁ ନେରୋଗେଜରେ ଦୁଇଡବା ବିଶିଷ୍ଟ ରେଳ ଯାତାୟାତ ଆରମ୍ଭ କରିଥିଲା । ଏହି ରେଳପଥ ଉଭୟ ଆନ୍ଧ୍ର-ଓଡିଶାର ଜୀବନ ରେଖା ଥିଲା । ବାଣିଜ୍ୟ ବ୍ୟବସାୟ ଅଭିବୃଦ୍ଧି କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା । ତେବେ ଗତ ୨୦୦୨ ମସିହାରେ ଏହି ପଥକୁ ବ୍ରଡଗଜରେ ପରିଣତ କରିବା ଲାଗି ନେରୋଗଜର ରେଳଧାରଣାକୁ ଉଠାଯାଇଥିଲା । କିନ୍ତୁଏହି ପଥରେ ବଡ ରେଳ ଚାଲିବା ନେଇ ଦୀର୍ଘ ନଅ ବର୍ଷ ଅପେକ୍ଷା କରିବାକୁ ପଡିଲା । ତାହା ବି ସ୍ଥାନୀୟ ଲୋକଙ୍କ ବହୁ ଆନ୍ଦୋଳନ ପରେ । ଗୋଟିଏ ଶତାବ୍ଦୀ ବିତିଯାଇଥିଲେ ମଧ୍ୟ ନେରୋଗଜ ସମୟରେ ଏହି ରେଳଷ୍ଟେସନରେ ଯେଉଁ ସବୁ ସୁବିଧା ଥିଲା, ସେହି ସୁବିଧା ହିଁ ଉପଲବ୍ଧ ଅଛି । ଗୁଣୁପୁରରୁ ବିଶାଖାପାଟଣା ଓ ଭୁବନେଶ୍ୱରକୁ ଟ୍ରେନ ଚଳାଚଳ ନେଇ ଜନସାଧାରଣଙ୍କ ପକ୍ଷରୁ ଦାବୀ ପୂରଣ ହୋଇଛି। ଗୁଣୁପୁର- ପୁରୀ ଓ ଗୁଣପୁର-ବିଶାଖାପାଟଣା ମଧ୍ୟରେ ପାସେଂଜର ଟ୍ରେନ ଏବଂ ରାଉରେଲା-ଗୁଣପୁର ରାଜାରାଣୀ ଏକ୍ସପ୍ରେସ ଚଳାଚଳ କରୁଛି ।। ଗୁଣୁପୁରକୁ ଏକ ନିତିଦିନିଆ ରେଳଷ୍ଟେସନରେ ପରିଣତ କରିବା ସହ ପ୍ରସ୍ତାବିତ ଗୁଣୁପୁର-ଥେରୁବାଲିକୁ ରେଳ ସଂଯୋଗ କରିହେବାକୁ ହେଲେ ଆହୁରି ଦୀର୍ଘ ବର୍ଷ ଅପେକ୍ଷା କରିବାକୁ ପଡିବ ।


## ଓଡିଶାର ଦୁଃଖ ବଂଶଧାରା

ବଂଶଧାରା ତଳ ମୁଣ୍ଡରେ ନଦୀବନ୍ଧ ନିର୍ମାଣ ହୋଇଥିବାରୁ ଉପରମୁଣ୍ଡର ନଦୀ ଶଯ୍ୟାରେ କ୍ରମଶଃ ପଟୁ ଜମି ଅଗଭୀର ହୋଇପଡିଥିବାରୁ ବଂଶଧାରା ବର୍ଷା ଋତୁରେ ଓଡିଶା ପାଇଁ ଦୁଃଖ ପାଲଟିଛି । ଲଗାଣ ବର୍ଷା ହେଲେ ବର୍ଷା ଜଳ ଯୋଗୁଁ ନଦୀ ଅବବାହିକା ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଓଡିଶାର ଗଜପତି ଓ ରାୟଗଡା ଜିଲ୍ଲାର ଅନେକ ଗ୍ରାମବାସୀଙ୍କ ଲାଗି ବିପଦ ସୃଷ୍ଟି କରୁଛି। ୧୯୮୦ରେ ବଡ ଧରଣର ବନ୍ୟା ହୋଇ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ୨୦୦୫ ପରଠାରୁ ପ୍ରାୟ ପ୍ରତିବର୍ଷ ବଂଶଧାରାରେ ବନ୍ୟା ପରିସ୍ଥିତି ଦେଖାଯାଉଛି । ହୋୟାଂ ହୋ ଚୀନର ଦୁଃଖ ପରି ଓଡିଶାର ଦୁଃଖ ପାଲଟିଛି ବଂଶଧାରା । ବର୍ଷା ଆସିଲେ ତଟବର୍ତ୍ତୀ ଇଲାକାର ଲୋକଙ୍କ ମଧ୍ୟରେ ଛନକା ପଶିଯାଉଛି । ତଥାପି ବଂଶଧାରା ପବିତ୍ରତାର ସହ ଅନେକ ସୁଖକୁ ବାଂଟି ଆସିଛି ।

# କରୁଣାମୟୀ କସ୍ତୁରବା







ନେପଥ୍ୟ
ନାୟିକା
ପୁଷ୍ପାଞ୍ଜଳି କର
a biographical sketch of kasturba gandhi

# ଯୁକ୍ତି ଓ ଆବେଗର ଉଜ୍ଜ୍ୱଳ ପାଦଟୀକା : ‘ନେପଥ୍ୟ ନାୟିକା’

‘ନେପଥ୍ୟ ନାୟିକା’ ପୁଷ୍ପାଞ୍ଜଳି କରଙ୍କର ତୃତୀୟ ପ୍ରକାଶିତ ଉପନ୍ୟାସ ଓ ଓଡ଼ିଆ ଭାଷାରେ ମା’ କସ୍ତୁରବାଙ୍କର ଜୀବନୀମୂଳକ ଉପନ୍ୟାସ, ଯାହା ବହୁ ଦିଗରୁ ପ୍ରଥମ ପଦକ୍ଷେପ ଭାବେ ସ୍ମରଣୀୟ । ଦୁଇହଜାର ସତର ମସିହା ଅକ୍ଟୋବର ମାସରେ ସେ ପୁନେ ଯାଇ ସେଠାରୁ ଆଗା ଖାଁ ପ୍ୟାଲେସ୍ ଯାଇଛନ୍ତି । ସେଠାରେ ବାନ୍ଧବୀମାନଙ୍କ ଠାରୁ ଟିକିଏ ଅଲଗା ହୋଇଯାଇ ସେ ଦେଖିଛନ୍ତି ବ୍ୟଥାଭରା ଚକ୍ଷୁ ନେଇ ତାଙ୍କୁ ଆକର୍ଷିତ କରୁଥିବା ପୂର୍ଣ୍ଣାବୟବ କସ୍ତୁରବାଙ୍କ ମୂର୍ତ୍ତିକୁ । ସତେ ଯେପରି ସେ ଅନେକ କଥା କହିବାକୁ ଚାହାନ୍ତି । ତାପରେ ଆରମ୍ଭ ହୋଇଛି ଲେଖିକାଙ୍କ ଖୋଜାଲୋଡ଼ା । ମହାତ୍ମାଗାନ୍ଧିଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱକୁ ନେଇ ମୁଖର ଲେଖକମାନେ ମା’ କସ୍ତୁରବାଙ୍କ ସମ୍ପର୍କରେ ବିଶେଷ କିଛି ଲେଖି ନଥିବା ତାଙ୍କର ହୃଦ୍‌ବୋଧ ହୋଇଛି । ତେଣୁ ସେ ପୁଣି ଯାଇଛନ୍ତି ଆଗା ଖାଁ ପ୍ୟାଲେସ୍ । ସଂଗୃହୀତ ତଥ୍ୟକୁ ନେଇ ସମ୍ଭାବ୍ୟ ସତ୍ୟ ପାଖରେ ପହଞ୍ଚିଛନ୍ତି ଓ ନିଜେ ପାଲଟି ଯାଇଛନ୍ତି କସ୍ତୁରୀ ନାମ୍ନୀ ତରୁଣୀ । ତାଙ୍କ ଭାଷାରେ, “+ + ଲେଖିବା ବେଳେ ଅନେକ ଜାଗାରେ ବିହ୍ୱଳିତ ହୋଇଛି ମୁଁ । ମୋ ଭିତରର ନାରୀ ସତ୍ତାଟି କୋଉଠି ବିଦ୍ରୋହୀ ହୋଇ ଉଠିଛି ତ ଆଉ କୋଉଠି ଦୁଃଖରେ ଦ୍ରବୀଭୂତ ହୋଇ ପଡ଼ିଛି । କୋଉଠି ପ୍ରତିବାଦର ସ୍ୱର ଉଠେଇଛି ତ ଆଉ କୋଉଠି ସମର୍ପିତା ହୋଇଯାଇଛି ”– ଏହି ଧାଡ଼ି କେତୋଟି କସ୍ତୁରବାଙ୍କୁ ବୁଝିବାର ଓ ତାଙ୍କୁ ନିଜ ଅନ୍ତଃକରଣରେ ଅନୁଭବ କରିବାର କଥା କହେ । କସ୍ତୁରବା ଏକାଧାରରେ ଜଣେ ପତ୍ନୀ, ଜଣେ ମାଆ ଓ ଜଣେ ସତ୍ୟାଗ୍ରହୀ । ମୋହନଦାସଙ୍କ ସହିତ ବାଷଠି ବର୍ଷର ଦାମ୍ପତ୍ୟ ବିତାଇଥିବା ଏହି ସାଧାରଣ ନାରୀ ନିଜ ଭିତରେ ଅସାଧାରଣ ଆତ୍ମଶକ୍ତି ଠୁଳ କରି ପାରିଛନ୍ତି ଓ ଜୀବନରେ ଆସିଥିବା ଅଗଣିତ ଘନଘଟାକୁ ଅବଲୀଳା କ୍ରମେ ଅତିକ୍ରମ କରି ପାରିଛନ୍ତି । ଖାଲି ମୋହନଦାସ ଯେ ‘ମହାତ୍ମା’ରେ ପରିଣତ ହୋଇଛନ୍ତି ତା’ ନୁହେଁ, ତାଙ୍କୁ ସେବା, ସଖ୍ୟ, ପ୍ରେମ ଓ ଆତ୍ମବିଶ୍ୱାସ ଦେଇ କସ୍ତୁର ନାମ୍ନୀ ତରୁଣୀ ନିଜ ଅଜାଣତରେ ପାଲଟିଛନ୍ତି ‘ବା’ ଅର୍ଥାତ୍ ଜନନୀ । ଏସବୁ ଲେଖିବା ବେଳେ ତିନୋଟି ଦିଗ ଆମକୁ ସ୍ପଷ୍ଟ ଦିଶେ । ଜଣେ ମହାନ୍ ଦେଶପ୍ରେମୀ ଅସାଧାରଣ ବ୍ୟକ୍ତିତ୍ୱ ମହାତ୍ମାଗାନ୍ଧିଙ୍କର ଜୀବନର ଦୁର୍ବଳ ଦିଗ ଗୁଡ଼ିକ, ଯାହା ଅନେକ ସମୟରେ ଅନ୍ଧାରରେ ରହିଯାଏ, ତାହା ସହାନୁଭୂତିର ଆଲୋକରେ ଉଜ୍ଜ୍ୱଳ ଦିଶିଛି । ଦ୍ୱିତୀୟତଃ ଜଣେ ବୁଦ୍ଧିମତୀ ଗୃହିଣୀ ବାରମ୍ବାର ନିଜର ସନ୍ତାନ ପ୍ରତି ହେଉଥିବା ଅନ୍ୟାୟକୁ ସହିଗଲା ବେଳେ




**ସଂଘମିତ୍ରା ମିଶ୍ର**

ଅବସରପ୍ରାପ୍ତ ପ୍ରଫେସର୍, ଉତ୍କଳ ବିଶ୍ୱବିଦ୍ୟାଳୟ,
ପ୍ଲଟ୍ ନମ୍ବର : ବି-୩୫, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ : ୯୪୩୭୦୧୯୧୩୩



ଉପନ୍ୟାସରେ ବାରମ୍ବାର ତାହା ଉଚ୍ଚାରିତ ହୋଇଛି । ମହାତ୍ମାଙ୍କ ଜୀବନର ଅନେକ ନିଷ୍ପତ୍ତି କସ୍ତୁରବାଙ୍କ ଉପରେ ଲଦି ଦିଆ ଯାଇଥିବାରୁ ସେ ପ୍ରତିବାଦ କରିଛନ୍ତି । ଲେଖିକା ପୁଷ୍ପାଞ୍ଜଳିଙ୍କ ଭାଷା ଖୁବ୍ ମର୍ମସ୍ପର୍ଶୀ, ତେଣୁ ତାଙ୍କର ପ୍ରତିବାଦ ମଧ୍ୟ କର୍କଶ ନୁହେଁ, ଆତ୍ମୀୟତାରେ ଛଳଛଳ । ତେଣୁ ଅନେକ ପୂର୍ବଜ୍ଞାତ ଘଟଣା ନୂତନ ଘଟଣା ଭାବେ ପ୍ରତିଭାତ ହୋଇଛି ଓ ପାଠକକୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖି ପାରିଛି ।

କୈଶୋରରେ ଖେଳସାଥୀ ମୋହନଙ୍କୁ ଜୀବନସାଥୀ ଭାବେ ଗ୍ରହଣ କରିଥିବା କସ୍ତୁରବା ସ୍ୱାମୀଙ୍କର ସବୁ ଚଗଲାମି, ଭୀରୁତା, ନିଷ୍ପତ୍ତି ଗ୍ରହଣ କରିବାରେ ତ୍ରୁଟି ଓ ହୀନମନ୍ୟତାକୁ ଅତି ନିକଟରୁ ଦେଖିଛନ୍ତି । ଗାନ୍ଧିଙ୍କର ପିଲାଦିନର ଯେଉଁ ତ୍ରୁଟି ଓ ତା' ଉପରେ ତାଙ୍କ ବିବେକର ବିଜୟ କଥା ଆମେ ପଢ଼ିଛେ ତାହା ସେ ଅଙ୍ଗେ ଲିଭାଇଛନ୍ତି । ବୟସରେ ମୋହନଙ୍କ ଠାରୁ ଛଅମାସ ବଡ଼ କସ୍ତୁର ପତିଙ୍କ ପ୍ରେମ ପାଇଁ ନିର୍ବିଚାରରେ ଶାଶୁଘରର ଅଭାବକୁ ସହିଛନ୍ତି । ପୀଡ଼ିତ ପିତାଙ୍କ ଶଯ୍ୟାଧାରରୁ ଉଠି ଆସି ପତ୍ନୀ ସମ୍ଭୋଗରେ ଲିପ୍ତ ମୋହନଙ୍କର ମାନସିକ ମନ୍ତ୍ରଣାକୁ ସେ କଳନା କରିଛନ୍ତି । ପିତାଙ୍କ ମୃତ୍ୟୁ ପରେ ମୋହନ ସ୍ୱାଭାବିକ ଭାବରେ ପତ୍ନୀଙ୍କ ଉପରେ ସ୍ୱାମୀତ୍ୱ ଜାହିର କରିଛନ୍ତି । ରକ୍ଷଣଶୀଳତା ଓ ଅଭାବ ନେଇ କଷ୍ଟ ପାଉଥିବା ତରୁଣୀ କସ୍ତୁର ସ୍ୱାମୀଙ୍କୁ Barat Law ପଢ଼ିବାକୁ ଲଣ୍ଡନ ପଠାଇବାରେ ସମ୍ମତ ହୋଇଛନ୍ତି । ମୋହନଙ୍କ ପଢ଼ା ଖର୍ଚ୍ଚ ପାଇଁ ଭାଇମାନଙ୍କୁ କଷ୍ଟ କରିବାକୁ ପଡ଼ିଛି । ମାତ୍ର ବାରିଷ୍ଟର୍ ମୋହନଙ୍କ ଫଟୋଟିଏ ଦେଖି କସ୍ତୁରବା ତାଙ୍କ ସ୍ୱାମୀଙ୍କର ମାନସିକ ଦୃଢ଼ତାକୁ କଳନା କରିପାରିଛନ୍ତି । ରାଜକୋଟ ଓ ବମ୍ବେରେ ଓକିଲାତିରେ ବିଫଳ ହେବା ପରେ ସେ ଦକ୍ଷିଣ ଆଫ୍ରିକା ଯିବାକୁ ବାଧ୍ୟ ହୋଇଛନ୍ତି । ସୁନା ବ୍ୟବସାୟୀ ଦାଦା ଆବ୍ଦୁଲ୍ଲାଙ୍କ କେସ୍ ଲଢ଼ିବାକୁ ବର୍ଷକ ପାଇଁ ଯାଇ ସେଠାରେ ସେ ପାଲଟିଛନ୍ତି ଦରିଦ୍ର ପ୍ରବାସୀ ଭାରତୀୟମାନଙ୍କର ପ୍ରାଣକର୍ତ୍ତା । ଭୀରୁ ମୋହନ ଭିତରୁ ଦୃଢ଼ ଚେତା ଜିଦ୍‌ଖୋର ମୋହନ ବାହାରି ଆସିଛନ୍ତି ସମୟର ଆବଶ୍ୟକତା ପୂରଣ ପାଇଁ । ବର୍ଷକ ପାଇଁ ଯାଇ ସେ ଦୀର୍ଘକାଳ ଦକ୍ଷିଣ ଆଫ୍ରିକାରେ ରହି ଯାଇଛନ୍ତି ।

୧୮୯୬ରେ କସ୍ତୁରବା ନିଜର ଦୁଇ ସନ୍ତାନ ଓ ଭଣଜାଙ୍କୁ ନେଇ ଦକ୍ଷିଣ ଆଫ୍ରିକା ଯାଇଛନ୍ତି । ସେଠାରେ ସେ ସ୍ୱାମୀଙ୍କର କାର୍ଯ୍ୟଧାରାର ପରିଚୟ ପାଇଛନ୍ତି । ମାଆ ଭାବରେ କସ୍ତୁରବା ନିଜର ବଡ଼ପୁଅ ହରିଲାଲ୍ ପ୍ରତି ବାରମ୍ବାର ହେଉଥିବା ଅନ୍ୟାୟ ଦେଖି ବିଷର୍ଣ୍ଣ ହୋଇ ପଡ଼ିଛନ୍ତି । ହରିଲାଲ୍‌ର ବିଦ୍ୟାଳୟ ଶିକ୍ଷା ହେଉ ବା ବିଦେଶ ଯାତ୍ରା ହେଉ ସବୁଠାରେ ନିଜର ଆଦର୍ଶକୁ ଜାବୁଡ଼ି ଧରି ଗାନ୍ଧିଜୀ ପୁଅ ରାସ୍ତାର କଣ୍ଟା ପାଲଟିଛନ୍ତି । ପତ୍ନୀଙ୍କ ଅନୁରୋଧ ବ୍ୟର୍ଥ ହୋଇଛି । ଏ ଅବସାଦକୁ ବା' ସହ୍ୟ କରିଛନ୍ତି ମାତ୍ର ହରିଲାଲ ଅବାଟରେ

## ଲେଖିକା ପୁଷ୍ପାଞ୍ଜଳି କରଙ୍କ ଅଭିବ୍ୟକ୍ତି

ଭାରତୀୟ ନାରୀର ତ୍ୟାଗ, ଧୈର୍ଯ୍ୟ, ସହନଶୀଳତା ଆଉ କ୍ଷମାଶୀଳତା ଅତୁଳନୀୟ । ବିନା ଦୋଷରେ ଦଣ୍ଡିତ ହେଇ ଶିଳା ପାଲଟି ଯାଇ ପାରେ, ଜ୍ୱଳନ୍ତ ଅଗ୍ନିରେ ପ୍ରବେଶ କରି ନିଜ ସତୀତ୍ୱର ପରୀକ୍ଷା ଦେଇ ପାରେ, ଆଉ ଏତେ ସବୁ ପରେ ମଧ୍ୟ ଦଣ୍ଡଦାତାକୁ କ୍ଷମା କରି ଦେଇପାରେ କେବଳ ଭାରତୀୟ ନାରୀଟିଏ । ଯୁଗେ ଯୁଗେ ପୁନରାବୃତ୍ତି ଘଟେ ଇତିହାସର । ଆଉ କାୟା ବଦଳେଇ ସେଇ ମୌଳିକ ଗୁଣ ସବୁକୁ ଧାରଣ କରି ଜନ୍ମ ହେଉଥାଏ ନାରୀଟିଏ, ଯିଏ ତା ପୂର୍ବ ପିଢ଼ିଙ୍କ ଠାରୁ କୌଣସି ଗୁଣରେ କମ୍ ନଥାଏ ।

ଆଜି ଠାରୁ ଦେଢ଼ ଶହ ବର୍ଷ ପୂର୍ବେ ଗୁଜରାଟର ପୋର୍‌ବନ୍ଦର ସହରରେ ଜନ୍ମ ହେଇଥିଲେ ସେମିତି ଜଣେ ନାରୀ, ଯିଏ ନିଜର ଅସୀମ ଧୈର୍ଯ୍ୟ, ସହନଶୀଳତା ଆଉ ତ୍ୟାଗ ବଳରେ ଏ ସଂସାରକୁ ଦେଇ ପାରିଥିଲେ ଜଣେ ମହାତ୍ମାଙ୍କୁ । ହଁ, ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସଫଳତାର ନେପଥ୍ୟରେ ରହିଥିଲା ଯେଉଁ ନାରୀଙ୍କର ପ୍ରଚ୍ଛନ୍ନ ହାତ, ସିଏ ଆଉ କେହି ନୁହନ୍ତି, ତାଙ୍କର ସହଧର୍ମିଣୀ ଆଉ ସହକର୍ମିଣୀ କସ୍ତୁରବା ଗାନ୍ଧୀ ।



କସ୍ତୁରବା ଗାନ୍ଧୀ ଏକାଧାରରେ ଥିଲେ ଜଣେ ପତ୍ନୀ, ଜଣେ ମାଆ ଆଉ ସତ୍ୟାଗ୍ରହୀ ।

ପତ୍ନୀ ହିସାବରେ ମୋହନ ଦାସଙ୍କ ସହିତ ଦୀର୍ଘ ବାଷଠୀ ବର୍ଷର ଦାମ୍ପତ୍ୟ ନିଭେଇଛନ୍ତି ସେ । ମୋହନ ଦାସଙ୍କ ପରି ଜଣେ ଅତିରିକ୍ତ ଆଦର୍ଶବାଦୀ, ଦେଶମନସ୍କ, ଜାତିମନସ୍କ ବ୍ୟକ୍ତିଙ୍କ ସହିତ ଦୀର୍ଘବର୍ଷର ଦାମ୍ପତ୍ୟ ନିଭେଇବା ଏତେ ସହଜ କଥା ନୁହେଁ । ଅନ୍ୟ ଦାମ୍ପତ୍ୟ ପରି ତାଙ୍କର ଦାମ୍ପତ୍ୟରେ ମଧ୍ୟ ଅଛି ହସଲୁହର କଥା, ମାନଅଭିମାନର କଥା, ବୁଝାମଣା ଆଉ ସମର୍ପଣର କଥା । କିନ୍ତୁ ତା' ସହିତ ଆଉ ଏକ ନୂଆ କଥା ଯୋଡ଼ି ହୋଇ ଯାଇଛି ତାଙ୍କ ଦାମ୍ପତ୍ୟ ଜୀବନରେ । ତାହା ହେଉଛି ଦେଶ ପ୍ରତି କର୍ତ୍ତବ୍ୟ ପାଳନ ସହିତ ପରିବାରର ସନ୍ତୁଳନ ରକ୍ଷା । ସେଇ ସନ୍ତୁଳନ ରକ୍ଷା ଭିତରେ ଅନେକ କ୍ଷେତ୍ରରେ ପ୍ରଭାବିତ ହେଇଛି ଦାମ୍ପତ୍ୟ । କିନ୍ତୁ ସିଏ ତାକୁ ଭୁଷୁଡ଼ିବାକୁ ଦେଇ ନାହାନ୍ତି ।

ମୋହନ ଦାସଙ୍କ ଆଦର୍ଶର ପଥରେ କେବେ ମଧ୍ୟ ପ୍ରତିବନ୍ଧକ ସାଜି ନାହାନ୍ତି ସିଏ । ବରଂ ନିଜର ଇଚ୍ଛାକୁ ତାଙ୍କ ଇଚ୍ଛାରେ ମିଶେଇ ଦେଇ ତାଙ୍କ ସହିତ ଗୋଟିଏ ସ୍ରୋତ ହେଇ ବହି ଯାଇଛନ୍ତି ସାରାଜୀବନ ।

ଯାଇଛି । ପିତାଙ୍କ ଉତ୍ତୁଙ୍ଗ ଆଦର୍ଶ ତାକୁ ବାଟକୁ ଆଣିପାରି ନାହିଁ । ମା ଭାବରେ ହରିଲାଲ ପାଇଁ ଦୀର୍ଘଶ୍ୱାସ ପକାଉଥିବା କସ୍ତୁରବା ତାର ଧର୍ମାନ୍ତର ଗ୍ରହଣ ଓ ପିତାଙ୍କ ପ୍ରତି ଅବମାନନା ସହ୍ୟ କରିପାରି ନାହାନ୍ତି ଓ ପୁତ୍ରକୁ ଚେତାବନୀ ଦେଇ ତା ଉଦ୍ଦେଶ୍ୟରେ ଖବରକାଗଜରେ ପତ୍ର ଲେଖିଛନ୍ତି । ଗାନ୍ଧିଙ୍କ ବ୍ୟକ୍ତିତ୍ୱ ନିର୍ମାଣ ପାଇଁ ନିଜର ଛୋଟବଡ଼ ଖୁସିକୁ ଅନାଇ ନଥିବା ବା'ଙ୍କ ସହିତ ପୂର୍ବରୁ ପରାମର୍ଶ ନକରି ଗାନ୍ଧିଜୀଙ୍କ ଉପରେ ବ୍ରହ୍ମଚର୍ଯ୍ୟ ପାଳନର ବୋଝ ଲଦି ଦେଇଛନ୍ତି । ସ୍ୱାଭିମାନୀ କସ୍ତୁରବା ତାକୁ ମଧ୍ୟ ସହ୍ୟ କରିଛନ୍ତି । ମାତ୍ର ପୁଅର ବୋହୂ ନିର୍ବାଚନ, ଦକ୍ଷିଣ ଆଫ୍ରିକାରୁ ଦେଶକୁ ଫେରିବା ସମୟରେ ପାଇଥିବା ସ୍ୱର୍ଣ୍ଣ ଅଳଙ୍କାର ତକ ସେଠାରେ ଛାଡ଼ି ଦେଇ ଆସିବାର ନିଷ୍ଠୁର ନିର୍ଦ୍ଦେଶ, ଗୁଲାବଙ୍କର ଦେହାନ୍ତ ତାଙ୍କ ସନ୍ତାନମାନଙ୍କ ଲାଳନପାଳନ, ଗାନ୍ଧିଙ୍କର ବାରମ୍ବାର ସ୍ଥାନ ପରିବର୍ତ୍ତନ, ଅନେକ ଆଶ୍ରିତଙ୍କ ଦାୟିତ୍ୱକୁ ନେଇ ଅଯଥା ପରିଶ୍ରମ ପ୍ରଭୃତି ତାଙ୍କୁ ଖୁବ୍ ଆଘାତ ଦେଇଛି । ନିଜ ବିବେକର ଆହ୍ୱାନରେ ସେ ଫୋଏନିକ୍ସ, ଟଲଷ୍ଟୟ ତଥା ସାବରମତୀ ଆଶ୍ରମର ପରିଚାଳନା ଭାର ଗ୍ରହଣ କରିଛନ୍ତି । ଦକ୍ଷିଣ ଆଫ୍ରିକାରେ ଅଣଖ୍ରୀଷ୍ଟିୟାନ ପଦ୍ଧତିର ବିବାହ ପାଇଁ ବିଦ୍ରୋହ କରି କାରାବରଣ ମଧ୍ୟ କରିଛନ୍ତି । ରାଜକୋଟର ଅତ୍ୟାଚାରୀ ଶାସକ ବିରୁଦ୍ଧରେ ସେ ଠିଆ ହୋଇଛନ୍ତି ଅସୁମାରୀ ଆତ୍ମବଳ ନେଇ । ନିଜର ତ୍ରୁଟି ପାଇଁ ବାରମ୍ବାର ଅଶ୍ରୁ ବିସର୍ଜନ କରୁଥିବା ସ୍ୱାମୀଙ୍କୁ ଆଶ୍ୱାସନା ଦେଇଛନ୍ତି ମାତ୍ର ତାଙ୍କ ଜୀବନର ଗତି ବାରମ୍ବାର ପ୍ରତିହତ ହୋଇଛି । ପରିଣତ ବୟସରେ ଗାନ୍ଧି ସରଳା ଦେବୀ ଚୌଧୁରାଣୀଙ୍କ ସହିତ ଘନିଷ୍ଠ ହୋଇଛନ୍ତି, ଯାହା କସ୍ତୁରବାଙ୍କୁ ଆଘାତ ଦେଇଛି । ହୁଏତ କସ୍ତୁରବା ନିଜର ସ୍ୱାଭାବିକ ନିରବତା ଓ ସହନ କ୍ଷମତା ନେଇ ଏସବୁ ଅବିଚାର ସହି ଯାଇଛନ୍ତି ମାତ୍ର ଲେଖିକା (କସ୍ତୁରୀ) ତାଙ୍କ ତରଫରୁ ପ୍ରତିବାଦର ସ୍ୱର ଉଠାଇଛନ୍ତି, ସେଇମିତି ନାତୁଣୀ ବୟସର ଆଭା ଓ ମନୁଙ୍କ ସହିତ ଉଲଗ୍ନ ହୋଇ ଶୟନ କରିବା ବ୍ୟାପାରକୁ ମଧ୍ୟ ସେ ସହି ପାରିନାହାନ୍ତି । ବ୍ରହ୍ମଚର୍ଯ୍ୟ ଶରୀରରେ ନଥାଏ ବରଂ ମାନସିକତାରେ ଥାଏ । ତେଣୁ ନିଜର ଦୃଢ଼ତାକୁ ପରୀକ୍ଷା କରିବା ପାଇଁ ଦୁଇଟି କିଶୋରୀଙ୍କୁ ବିନିଯୋଗ କରିବା କିଭଳି ଆଦର୍ଶ ବୋଲି ସେ ପ୍ରଶ୍ନ କରିଛନ୍ତି ।

ଗାନ୍ଧିଙ୍କର ଅନେକ ନିଷ୍ପତ୍ତିରେ ବିବ୍ରତ କରୁଥିବା ଆତ୍ମହତ୍ୟା କରିବାକୁ ହୁଏତ ଚାହିଁଥିବେ ମାତ୍ର ତାଙ୍କର ଦୃଢ଼ମନା ବ୍ୟକ୍ତିତ୍ୱ ଅଟକି ଯାଇଥିବ ନାତିନାତୁଣୀଙ୍କ ପ୍ରତି ଥିବା ତାଙ୍କ କର୍ତ୍ତବ୍ୟର ସ୍ମରଣ କରି । ଏକ ପାରିବାରିକ ମର୍ଯ୍ୟାଦା ଭିତରେ ଗାନ୍ଧିଙ୍କୁ ବାନ୍ଧି ରଖିବାକୁ ସେ ଯଥାସାଧ୍ୟ ପ୍ରୟାସ କରିଛନ୍ତି । ନିଜର ଅଶ୍ରୁ ଆବେଗ ଆଘାତ ଓ ଅସହାୟତାକୁ ପତ୍ନୀତ୍ୱର ଯଜ୍ଞରେ ବଳି ଚଢ଼ାଇ ଦେଇଛନ୍ତି । ୨୨।୨।୧୯୪୪ରେ ତାଙ୍କର ଦେହାନ୍ତ ପରେ ସୂକ୍ଷ୍ମ ଶରୀରରେ ଆସି ସେ ଗାନ୍ଧିଙ୍କୁ ପ୍ରଶ୍ନ କରିଛନ୍ତି "କୁହ ମୋହନ ଦାସ ! ତୁମେ କ'ଣ ସତରେ ତୁମର

ଧନ ଥାଇ ଦାରିଦ୍ର୍ୟ ଆଉ ଯୌବନ ଥାଇ ବ୍ରହ୍ମଚର୍ଯ୍ୟ ପାଳନ କରିପାରନ୍ତି କେବଳ ମୋହନ ଦାସଙ୍କ ପରି ଜଣେ ବ୍ୟକ୍ତି ଆଉ ତାକୁ ନିର୍ବିବାଦରେ ଗ୍ରହଣ କରିଥାନ୍ତି କେବଳ କସ୍ତୁରବା । ଲୋକସେବାର ଆଦର୍ଶ, ଦାରିଦ୍ର୍ୟ ଓ ସଂଯମର ଶପଥ, ଏପରିକି ତାଙ୍କ ବିନାନୁମତିରେ, ତାଙ୍କ ସହ ବିନା ପରାମର୍ଶରେ ମୋହନ ଦାସ ଏକତରଫା ଭାବେ ନେଇଥିବା ବ୍ରହ୍ମଚର୍ଯ୍ୟର ନିଷ୍ପତ୍ତିକୁ ମଧ୍ୟ ଗ୍ରହଣ କରିନେଇଛନ୍ତି ସିଏ । ବ୍ରହ୍ମଚର୍ଯ୍ୟର ନିଷ୍ପତ୍ତି ତାଙ୍କ ପାଇଁ ଏକ ଆହ୍ୱାନ ପାଲଟି ଯାଇଛି । ସ୍ୱାଭିମାନୀ ନାରୀସତ୍ତା ତାଙ୍କର ଆହତ, କ୍ଷତାକ୍ତ ହେଇଛି । ପ୍ରତିବାଦର ସ୍ୱର ମନରେ ଉଠି ମିଳେଇ ଯାଇଛି ତାଙ୍କର । ତଥାପି ତାକୁ ସିଏ ଗ୍ରହଣ କରିନେଇଛନ୍ତି । ମୋହନଦାସଙ୍କ ଉପରୁ ଆସ୍ଥା ଆଉ ବିଶ୍ୱାସ ସିଏ ହରେଇନାହାନ୍ତି କୌଣସି ବି ପରିସ୍ଥିତିରେ । ଏପରିକି ଜୀବନର ଅର୍ଦ୍ଧଶତକରେ ପାଦ ଦେବା ପରେ ମଧ୍ୟ, ଯେତେବେଳେ ମୋହନ ଦାସ ମାତ୍ରାଧିକ ଅନ୍ତରଙ୍ଗ ହୋଇ ପଡ଼ିଛନ୍ତି ସରଳାଦେବୀ ଚୌଧୁରାଣୀଙ୍କ ସହ, ସେତେବେଳେ ଗଭୀର ମାନସିକ ଆଘାତ ପାଇଛନ୍ତି ବା', ଭାଙ୍ଗି ପଡ଼ିଛି ତାଙ୍କର ସୂକ୍ଷ୍ମ ମନ । ତଥାପି ଧୈର୍ଯ୍ୟର ସହିତ ମୁକାବିଲା କରିଛନ୍ତି ସିଏ ସେଇ ପରିସ୍ଥିତି । ଭସାମେଘର ସ୍ଥାୟୀତ୍ୱ ନଥିବା ପରି ଭାଙ୍ଗି ଯାଇଛି ମୋହନଦାସଙ୍କ ବିମୋହନ ଓ କିଛିଦିନ ପରେ ସିଏ ଫେରି ଆସିଛନ୍ତି ତାଙ୍କ ପାଖକୁ । ଏଇ ପରିପ୍ରେକ୍ଷୀରେ ଚକବର୍ତ୍ତୀ ରାଜଗୋପାଳଚାରୀଙ୍କର ତୁଳନାଟି ଯଥାର୍ଥ ମନେହୁଏ । ତାଙ୍କ ଭାଷାରେ 'ସରଳାଦେବୀ ଯଦି କିରୋସିନିରେ ଜଳୁଥିବା ଲଣ୍ଠନ ହୁଅନ୍ତି, ତେବେ କସ୍ତୁରବା ହେଉଛନ୍ତି ସକାଳର ସୂର୍ଯ୍ୟ ।'

ମାଆଟିଏ ହେବା ସହଜ, କିନ୍ତୁ ମାତୃତ୍ୱକୁ ନିଭେଇବା ଯେ କେତେ କଷ୍ଟ ସେ କଥା ସମସ୍ତେ ଜାଣନ୍ତି । ଆଉ ଯଦି ନିଜ ଆଖି ଆଗରେ ନିଜର ସନ୍ତାନଟି ଅବହେଳିତ ହୁଏ, ଉପେକ୍ଷିତ ହୁଏ, ଆଉ ପକ୍ଷପାତିତାର ଶୀକାର ହୁଏ ନିଜ ପିତାଙ୍କ ଦ୍ୱାରା, ତେବେ ଅସହାୟତା ଆଉ ବିବଶତାର ଜାଲରେ ଛନ୍ଦି ହେଇ ପଡ଼େ ମାଆଟିଏ । ଚାରିପୁଅଙ୍କ ଭିତରୁ ବଡ଼ପୁଅ ହରିଲାଲ୍ ଥିଲା କସ୍ତୁରବାଙ୍କର ସବୁଠାରୁ ବଡ଼ ଦୁର୍ବଳତା । ବାରମ୍ବାର ନିଜ ବାପୁଙ୍କର ଉପେକ୍ଷା ଆଉ ପକ୍ଷପାତିତାର ଶୀକାର ହେଇ ବିଦ୍ରୋହୀ ହେଇ ପଡ଼ିଥିଲା ସିଏ । ଆଦର୍ଶବାଦୀ ମୋହନଦାସ ନିଜର ଭାବମୂର୍ତ୍ତିକୁ ନିର୍ମଳ ରଖିବାର ମୋହରେ ବାରମ୍ବାର ଭାଙ୍ଗି ଚାଲିଥିଲେ ହରିଲାଲର ସୂକ୍ଷ୍ମ ମନକୁ, କୋମଳ ଆକାଂକ୍ଷାକୁ ଆଉ ଭବିଷ୍ୟତ ଗଢ଼ିବାର ସ୍ୱପ୍ନକୁ । ବାପ ପୁଅଙ୍କ ଭିତରେ ସୃଷ୍ଟି ହେଇଥିବା ବ୍ୟବଧାନର ଫାଙ୍କରେ ସାରାଜୀବନ ପେଷି ହେଇ ଯାଉଥିଲେ ସିଏ । ଏମିତିକି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମୁକୁଳି ପାରିନଥିଲେ ସିଏ ସେଇ ଦୁଃଖରୁ ।

ପରିବାର ଚାଳନା ସହିତ ଫୋଏନିକ୍ସ, ଟଲଷ୍ଟୟ, କୋଚ୍‌ରବ ଆଉ ସାବରମତୀର ଆଶ୍ରମ ସବୁକୁ ସୁରୁଖୁରୁରେ ଚଳେଇ ନେଇଛନ୍ତି କସ୍ତୁରବା । ଚାରିପୁଅଙ୍କ ବ୍ୟତୀତ ସମଗ୍ର ଆଶ୍ରମବାସୀଙ୍କର ସିଏ ପାଲଟି ଯାଇଛନ୍ତି ସ୍ନେହମୟୀ 'ବା' । କିନ୍ତୁ ପରିବାର ଭିତରେ ସୀମିତ ହେଇ ରହିନାହିଁ ତାଙ୍କର ବ୍ୟକ୍ତିତ୍ୱ । ନିଜ ଭିତରର ସତ୍ୟାଗ୍ରହୀ ସତ୍ତାଟିକୁ ନିରବିଯିବାକୁ ଦେଇନାହାନ୍ତି ସିଏ । ଦକ୍ଷିଣ ଆଫ୍ରିକାର ସୁପ୍ରିମକୋର୍ଟ ସେତେବେଳେ ଅଣଖ୍ରୀଷ୍ଟିଆନ୍ ପଦ୍ଧତିରେ ହେଇଥିବା ବିବାହକୁ ଅବୈଧ ଘୋଷଣା କରିଛି, ବିଦ୍ରୋହ କରି କାରାବରଣ କରିଛନ୍ତି ସିଏ ମ୍ୟାରିଜ୍‌ବର୍ଗ ଜେଲ୍‌ରେ, ଆଉ ପାଲଟି ଯାଇଛନ୍ତି ଦକ୍ଷିଣ ଆଫ୍ରିକାର ପ୍ରଥମ ମହିଳା ସତ୍ୟାଗ୍ରହୀ । ଭାରତ ଫେରିବା ପରେ ମଧ୍ୟ ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହେଇ ଏକାଧିକ ବାର କାରାବରଣ କରିଛନ୍ତି କସ୍ତୁରବା । ଅସ୍ପୃଶ୍ୟତା ନିବାରଣ, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାର ଶିକ୍ଷାଦାନ ପରି ସାମାଜିକ ସଂସ୍କାରରେ ମଧ୍ୟ ଜଡ଼ିତ କରିଛନ୍ତି ନିଜକୁ । ଚମ୍ପାରନ୍ ସତ୍ୟାଗ୍ରହରେ ତାଙ୍କର ଅବଦାନ ଅବିସ୍ମରଣୀୟ । ରାଜକୋଟର ଅତ୍ୟାଚାରୀ ଠାକୁର ଯେତେବେଳେ ଯୌନ ନିର୍ଯାତନା ଦେଇଛି ଝିଅମାନଙ୍କୁ, ସେତେବେଳେ ନାରୀମାନଙ୍କର ଆତ୍ମସମ୍ମାନର ସୁରକ୍ଷା ପାଇଁ ଏକାଏକା ଯାଇ ମୁକାବିଲା କରିଛନ୍ତି ଠାକୁର ସହ । ଭାରତଛାଡ଼ ଆନ୍ଦୋଳନରେ ମୋହନ ଦାସ ଗରିବ ହେବା ପରେ ବମ୍ବେର ଶିବାଜୀ ପାର୍କ ଠାରେ ମୋହନ ଦାସଙ୍କର ପ୍ରତିନିଧିତ୍ୱ କରି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଭାଷଣ ମଧ୍ୟ ଦେଇଛନ୍ତି । ସେଇଠି ଗରିବ ହେଇ କାରାବରଣ କରିଛନ୍ତି ଶେଷଥର ପାଇଁ । ଶେଷଜୀବନ କଟିଛି ତାଙ୍କର ପୁନେଇ ଆମାଯାନ୍ ପ୍ୟାଲେସ୍ ଭିତରେ, ଆଉ ସେଇଠି ମଧ୍ୟ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି ସିଏ ।

ଏତେସବୁ ସତ୍ତ୍ୱେ ଆମର ଇତିହାସ ତାଙ୍କୁ ଯଥେଷ୍ଟ ସ୍ଥାନ ଦେଇନାହିଁ ତା ବକ୍ଷରେ । ପାଇନାହାନ୍ତି ସିଏ ଏକ ସ୍ୱତନ୍ତ୍ର ପରିଚୟ । ଦୀପତଳ ଅନ୍ଧାର ପରି ଅନ୍ଧାରରେ ରହି ଯାଇଛି ତାଙ୍କର ତ୍ୟାଗ ଆଉ ବଳିଦାନର କଥା, ଯାହା ଆନ୍ଦୋଳିତ କରିଛି ମତେ ଆଉ ପ୍ରେରଣା ଦେଇଛି କିଛି ଲେଖିବା ପାଇଁ ତାଙ୍କ ଉପରେ । ସେଇ ଚିରନମସ୍ୟା ନେପଥ୍ୟ ନାୟିକାଙ୍କୁ ଲୋକଲୋଚନକୁ ଆଣିବାର କ୍ଷୁଦ୍ର ପ୍ରୟାସଟିଏ କରିଛି ମୁଁ ମାତ୍ର ।

ଲକ୍ଷ୍ୟ ସାଧନ କରିପାରିଛ ? ଜୀବନଯାକ ଯେଉଁ ସତ୍ୟ, ଅହିଂସା ଆଉ ନିଃସ୍ୱାର୍ଥପରତାର ଡିଣ୍ଡିମ ପିଟି ଚାଲିଥିଲ ଆଉ ଯେଉଁ ବ୍ରତରେ ବ୍ରତୀ ହୋଇ ବିତେଇ ଦେଇ ତୁମର ସମଗ୍ର ଆୟୁଷ, ଯେଉଁ ସତ୍ୟର ପ୍ରୟୋଗ କରି ଚାଲିଥିଲ ମୃତ୍ୟୁ ପର୍ଯ୍ୟନ୍ତ, ସେଥିରେ ସଫଳ ହେଇଛ ?"

ଏ ପୁସ୍ତକର ଅନେକ ସ୍ଥାନରେ ଲେଖିକାଙ୍କର ବର୍ଣ୍ଣନାର ଦକ୍ଷତା ଏହିପରି: "ସ୍ୱାମୀ ନଥିବା ଶାଶୁଘର ମତେ ଲାଗୁଥିଲା ଜହ୍ନ ନଥିବା ଆକଶ ପରି ।" ଯେଉଁଦିନ ମୋହନ ଦାସ ଏକତରଫା ନିଷ୍ପତ୍ତି ନେଲେ ବ୍ରହ୍ମଚର୍ଯ୍ୟ ପାଳନର ସେଦିନ କସ୍ତୁରବାଙ୍କ ମାନସିକତାର ବର୍ଣ୍ଣନା: "କୁହ ମୋହନ ଦାସ । କେମିତି ନେଇ ପାରିଲ ତୁମେ ଏତେ ବଡ଼ ନିଷ୍ପତ୍ତି! ନବା ଆଗରୁ ଥରୁଟିଏ ବି ମତେ ପଚାରିବାଟା ଉଚିତ ମନେ କଲ ନାହିଁ ? ତୁମର ଏଇ ନିଷ୍ଠୁର ନିଷ୍ପତ୍ତିର ପରିଣାମ କ'ଣ ହେବ ତାହା କ'ଣ ଭାବିପାରିଲ ନାହିଁ ତୁମେ ? ଚିରଦିନ ବନ୍ଧୁ ହୋଇ ରହିବାର ଶପଥ ପରା ଆମେ ନେଇଥିଲେ ବିବାହ ବେଦୀରେ ?..." ହେଲେ ଶବ୍ଦଟିଏ ବି ସେ ଉଚ୍ଚାରଣ ନକରି ନିଜକୁ ସେହି ଆଦର୍ଶ ଓ ଛାଞ୍ଚରେ ଢାଳିବାର ପ୍ରୟାସ କରିଥିଲେ । ଏପରିକି ବିପଥଗାମୀ ହରିଲାଲର ଜନ୍ମ ପାଇଁ ନିଜକୁ ଦାୟୀ କରୁଥିବା ମୋହନ ଦାସ ନିଷ୍ଠୁର ଭାବରେ ତା ନାମରୁ ନିଜ ନାମ ହଟାଇ ଦେବାର ପ୍ରୟାସ କରିଥିଲେ, ଯାହା ଜନନୀଙ୍କ ପାଇଁ ସବୁ ଦୁଃଖ ଠାରୁ ବଳି ପଡ଼ିଥିଲା ।



## ପ୍ରକାଶକ ବନୋଜ ତ୍ରିପାଠୀ ଯାହା କହନ୍ତି



ମୋହନଦାସ କରମଚାନ୍ଦ୍ ଗାନ୍ଧୀ ଦିନକ, ମାସକ ବା ବର୍ଷକ ଭିତରେ ମହାତ୍ମା ଗାନ୍ଧୀ ପାଲଟି ଯାଇ ନଥିଲେ । ଏହା ପଛରେ ତାଙ୍କ ନିଜସ୍ୱ ପରାକାଷ୍ଠା, ନିଷ୍ଠା ଓ ସଂକଳ୍ପ ଯେତିକି ଥିଲା, ତାଙ୍କ ପ୍ରତି ସେତିକି ସମର୍ପଣ, ବୁଝାମଣା ଓ ତ୍ୟାଗ ଥିଲା ତାଙ୍କ ପାରିବାରିକ ସଂସାରର; ବିଶେଷକରି ତାଙ୍କ ପତ୍ନୀ କସ୍ତୁରବା ଗାନ୍ଧୀଙ୍କର । ଜଣେ ସାଧାରଣ ବ୍ୟକ୍ତିଙ୍କୁ 'ମହାତ୍ମା' ଏପରିକି 'ଜାତିର ଜନକ' କରି ଗଢ଼ି ତୋଳିବାରେ କସ୍ତୁରବାଙ୍କର ଥିଲା ସବୁଠାରୁ ପ୍ରମୁଖ ଅବଦାନ । ସ୍ୱାଧୀନତା ସଂଗ୍ରାମ ଓ ସଂସାର ଭିତରେ ଆଶ୍ଚର୍ଯ୍ୟ ସମନ୍ୱୟ ରକ୍ଷା କରି ସେ ଆମ ଇତିହାସର ଜଣେ ନମସ୍ୟ ବ୍ୟକ୍ତିତ୍ୱ । ଏହାରି ଭିତରେ ତାଙ୍କ ତ୍ୟାଗ ଓ ତିତିକ୍ଷା ଅବିସ୍ମରଣୀୟ । ଏସବୁ ସତ୍ତ୍ୱେ କସ୍ତୁରବାଙ୍କୁ ନେଇ ଆମ ଚଳନ୍ତି ଇତିହାସ କେତେବେଳେ ନିରବ ତ କେଉଁଠି କେମିତି ସରବ ହେଲେ ବି ତାହା ସାନ୍ତ୍ୱନାମୂଳକ । ଜଣେ ପୂର୍ଣ୍ଣାଙ୍ଗ ତଥା ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଭାବରେ ତାଙ୍କୁ ଦେଖିବାର ଏକ ଐତିହାସିକ ଅନାଗ୍ରହ ବେଳେବେଳେ ବ୍ୟଥିତ କରେ । ତାଙ୍କ ଭିତରେ ଥିବା ମାନସିକ ସଂଘାତ, ଦ୍ୱନ୍ଦ୍ୱ, ଏକାକୀତ୍ୱ ଓ ବ୍ୟକ୍ତିଗତ ଦୁଃଖ ତଥା ଆକ୍ରୋଶକୁ କେହି ହୁଏତ ଠଉରାଇ ପାରି ନାହାନ୍ତି । ତାଙ୍କ ମନ ଭିତରେ ଥିବା ପ୍ରଶ୍ନ ଅନୁତ୍ତରିତ ହୋଇ ରହିଯାଇଛି । ଏଭଳି ଏକ ସମୟରେ କସ୍ତୁରବାଙ୍କ ବ୍ୟକ୍ତିତ୍ୱ ଓ ପୂର୍ଣ୍ଣାଙ୍ଗ ଜୀବନ କାହାଣୀକୁ ନେଇ ପ୍ରଥମ କରି ଓଡ଼ିଆ ଭାଷାରେ ପୁଷ୍ପାଞ୍ଜଳି କରଙ୍କର ଏ ଉପନ୍ୟାସ 'ନେପଥ୍ୟ ନାୟିକା' ମୋତେ ଆନ୍ଦୋଳିତ କରିଥିଲା । ନେପଥ୍ୟ ନାୟିକାର ନିରବତାର କଥା ପାଠକଙ୍କୁ ବି ଆନ୍ଦୋଳିତ କରିବ ଆଶା କରି ମୁଁ ଏହାର ପ୍ରକାଶନ ଭାର ବହନ କଲି ।

କସ୍ତୁରବାଙ୍କ ଦେହାନ୍ତ ପରେ ଗାନ୍ଧିଙ୍କ ମାନସିକତାକୁ ଏ ପୁସ୍ତକରେ ଦର୍ଶାଯାଇଛି । ମାତ୍ର ସୂକ୍ଷ୍ମ ଶରୀରରେ କରିଥିବା ପ୍ରଶ୍ନତକ ଲେଖିକାଙ୍କ ଭିତରେ ଥିବା ସକଳ ବେଦନାକୁ କାଗଜ କଲମରେ ଉତାରିବାରେ ସଫଳ ହୋଇଛି । ଏଠାରେ ବା'ଙ୍କର ଗୋଟିଏ ପ୍ରଶ୍ନ ଯାହା ଗାନ୍ଧିଜୀଙ୍କର ସରଳା ଦେବୀ ଚୌଧୁରୀଙ୍କ ସହିତ ସଂପର୍କିତ ହେବା ସମୟରେ ଅନୁତ୍ତରିତ ଥିଲା ତାହା ଏହିପରି: "ସାବରମତୀର ସ୍ୱଚ୍ଛ ଜଳରେ ପହଁରୁଥିବା ମାଛମାନଙ୍କୁ ପଚାରୁଥିଲି ମୁଁ ପ୍ରଶ୍ନଟିଏ । ପଚାରୁଥିଲି ମଧ୍ୟ ଆଶ୍ରମ ପରିସରରେ ଦର୍ପରେ ଠିଆ ହୋଇଥିବା ଗଛଡାଳରେ ବସିଥିବା ମୁକ୍ତ ପକ୍ଷୀଟିକୁ । ଆଉ ମଧ୍ୟ ପଚାରୁଥିଲି ପବନକୁ । ଆକାଶକୁ । 'କୁହ, ସମସ୍ତେ କୁହ । ମୋର ଭୁଲ୍ କେଉଁଠି ? କୋଉ ପାପର ପରିଣାମ ଭୋଗ କରୁଛି ମୁଁ । ମାନୁଛି, ସରଳାଙ୍କ ପରି ସୁନ୍ଦରୀ ମୁଁ ନୁହେଁ । ଶିକ୍ଷିତା ବି ନୁହେଁ । ମୋର ବୌଦ୍ଧିକ ସ୍ତର ତାଙ୍କ ସହିତ ସମାନ ମଧ୍ୟ ନୁହେଁ । କିନ୍ତୁ ତା ବୋଲି କ'ଣ ମୋ ସହିତ ପ୍ରତାରଣା କରି ପାରିବ ଜଣେ, ଯାହାପାଇଁ ମୁଁ ଉତ୍ସର୍ଗ କରି ଦେଇଛି ମୋର ସାରା ଜୀବନ ? ଆଖିବୁଜି ବିନା ପ୍ରତିବାଦରେ ସହି ଆସିଛି ମୁଁ ତାଙ୍କର ନିଷ୍ଠୁରତାକୁ, ମୋ ଦେହ ଆଉ ମନ ସହିତ ସିଏ କରିଥିବା ଅତ୍ୟାଚାରକୁ । ସେ ସବୁର କ'ଣ କିଛି ମୂଲ୍ୟ ନାହିଁ !" ଏହିଭଳି ପ୍ରଶ୍ନ ସେ କରିଛନ୍ତି ସତ୍ୟ, ଅହିଂସା ଆଉ ନିଃସ୍ୱାର୍ଥପରତାର ଡିଣ୍ଡିମ ପିଟି ତାର ଅନ୍ତରାଳରେ ସେ ତାଙ୍କ ପ୍ରତି କରିଥିବା ଚରମ ଅବିଚାର ପାଇଁ ମୋହନ ଦାସଙ୍କୁ ।

ଏ ସମସ୍ତ କଥା ମା କସ୍ତୁରବାଙ୍କ ମୂର୍ତ୍ତି ସତେ ଯେପରି କହିଛନ୍ତି ଲେଖିକାଙ୍କୁ । ଜାତିର ପିତା ଭାବେ ଜନମାନସରେ ଅଧିଷ୍ଠିତ ମହାତ୍ମାଙ୍କ ଜୀବନର ଭୁଲ ତ୍ରୁଟିକୁ ସ୍ପଷ୍ଟ ଭାବେ ଦେଖାଇବା, ତାହା ପୁଣି ଅନୁଗତା ପତ୍ନୀଙ୍କ ସଂଳାପ ମାଧ୍ୟମରେ, ଅତ୍ୟନ୍ତ ଦୁଃସାହସର ବ୍ୟାପାର । ଏହିଭଳି ଦୁଃସାହସ କରିଛନ୍ତି ଲେଖିକା ପୁଷ୍ପାଞ୍ଜଳି ଓ ପାଠକର ସବୁ ଜାଣିଥିବା ମାନସିକତାକୁ ଓଟାରି ଆଣିଛନ୍ତି ଅକୁହା ସତ୍ୟତକ । ହୁଏତ ସାଧାରଣ ଦାମ୍ପତ୍ୟ ମଧ୍ୟରେ ଏଭଳି ଘଟୁଥିବା ସମ୍ଭବ । ମାତ୍ର 'ମହାମାନବ' ପର୍ଯ୍ୟାୟକୁ ଉନ୍ନୀତ ମୋହନ ଦାସଙ୍କର ମାନସିକତା ଯେ ଜମା ଅସାଧାରଣ ନଥିଲା ଏହା ପ୍ରମାଣିତ ହୋଇଛି । ଇତିହାସରେ ଏକ ସହଯୋଗୀ ଚରିତ୍ର ଭାବେ କିଞ୍ଚିତ୍ ସ୍ଥାନିତ ହୋଇଥିବା କସ୍ତୁରବା ପାଲଟିଛନ୍ତି ନେପଥ୍ୟ ନାୟିକା, ମହାନାୟିକା । ଏହି ଉପନ୍ୟାସ ସୁଖପାଠ୍ୟ, ତଥ୍ୟ ସମ୍ବଳିତ ପୁଣି ସମୟ ଉପଯୋଗୀ । କାରଣ ଇତିହାସ ଚଢ଼ ଲେଉଟାଇଲା ବେଳେ ସାଧାରଣ ଚରିତ୍ରମାନେ ଅସାଧାରଣ ଦୃଢ଼ତା ନେଇ ଆମ ଆଖି ଆଗରେ ଉଭା ହୁଅନ୍ତି । ଏଭଳି ଏକ ଉପନ୍ୟାସ ରଚନା କରି ପୁଷ୍ପାଞ୍ଜଳି କର ଅଶେଷ ଧନ୍ୟବାଦର ପାତ୍ରୀ । ପୁସ୍ତକଟି ଯେ ପାଠକ ମହଲରେ ଆଦୃତ ହେବ, ଏ ଆଶା ମୁଁ ରଖୁଛି ।



# ଯେଉଁ ସଡ଼କ ଛୁଇଁଲେ ଛୁଇଁ ହୁଏ ଶ୍ରୀଜଗନ୍ନାଥଙ୍କୁ



**ଡକ୍ଟର ହରିଶ୍ଚନ୍ଦ୍ର ବେହେରା**
କଲ୍ୟାଣନଗର, ବାଲେଶ୍ୱର-୧
ଫୋନ:୯୪୩୭୮୧୩୭୦୮

ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଜାତୀୟ ଦେବତା । ଭାରତର ପ୍ରସିଦ୍ଧ ଚାରି ବୈଷ୍ଣବ ଧାମ ମଧ୍ୟରୁ ଶ୍ରୀଜଗନ୍ନାଥଙ୍କ ଧାମ ପୁରୀ ଅନ୍ୟତମ ଏବଂ ଏହି ଚାରି ଧାମ ମଧ୍ୟରେ ପୁରୀ ଶ୍ରେଷ୍ଠ ଧାମ ଭାବରେ ମାନ୍ୟତା ଲାଭ କରିଛି । ବୈଦିକ ଯୁଗରୁ ଏ କ୍ଷେତ୍ରର ମହାତ୍ମ୍ୟ ତଥା ଶ୍ରୀଜଗନ୍ନାଥଙ୍କର ମହିମା ପ୍ରଚାରିତ ହୋଇ ଆସିଛି । ଭାରତର ସର୍ବପ୍ରାଚୀନ ଗ୍ରନ୍ଥ ଋକ୍‌ବେଦର ତନ୍ତ୍ର ଯାମଳରେ ବର୍ଣ୍ଣିତ ଅଛି:

"ଅଦୋଯଦ୍ଦାରୁ ପ୍ଳବତେ ସିନ୍ଧୋଃପାରେ ଅପୁରୁଷମ / ତଦ୍ଦାରଭସ୍ୱ ଦୁର୍ହୋଣ ତେନ ଗଚ୍ଛ ପରସ୍ତରମ୍ ।"

ସେଇ ତନ୍ତ୍ର ଯାମଳରେ ପୁଣି ଅଛି :

"ଭାରତେ ଉତ୍କଳ ଦେଶେ ଭୂସ୍ୱର୍ଗେ ପୁରୁଷୋତ୍ତମେ / ଦାରୁଭୂତୀ ଜଗନ୍ନାଥୋ ଭକ୍ତାନାମ ଭୟ ପ୍ରଦଃ ।"

ବୈଦିକ ଯୁଗରୁ ଏଯାଏଁ ହଜାର ହଜାର ଗ୍ରନ୍ଥ ରଚିତ ହୋଇ ଦାରୁଭୂମୀ ଜଗନ୍ନାଥ ଭକ୍ତଙ୍କୁ କିପରି ଅଭୟପ୍ରଦାନ ସହ ମୁକ୍ତି ପ୍ରଦାନ କରନ୍ତି ତାହା ବର୍ଣ୍ଣିତ ହୋଇଛି ।

ଯେତେବେଳେ ଶ୍ରୀଜଗନ୍ନାଥ ଧାମକୁ ଯିବା ପାଇଁ ରେଳ କିମ୍ବା ମଟର ଯାନର ସୁବିଧା ନଥିଲା, ସେତେବେଳେ ଦୂରଦୂରାନ୍ତରୁ ଭକ୍ତମାନେ ମାସ ମାସ ଧରି ଚାଲି ଚାଲି ଜଗନ୍ନାଥ ଧାମକୁ ଯାତ୍ରା କରୁଥିଲେ । ବାଟରେ ଚଟିଘର ସବୁ

ଥିଲା ଏବଂ ସେଠାରେ ରୋଷେଇବାସ କରି ରାତ୍ରିଯାପନ ଅନ୍ତେ ପୁଣି ଯାତ୍ରା ଆରମ୍ଭ ହେଉଥିଲା । ପିଚ କି ପକ୍କା ସଡ଼କ ନଥିଲା । ନଦୀମାନଙ୍କରେ ପୋଲ ହୋଇ ନଥିଲା, ଲୋକେ ପାଦଚଲା କଚ୍ଚା ରାସ୍ତାରେ ଚାଲି ଚାଲି ନୌକାରେ ନଦୀ ପାର୍ ହୋଇ ଏ ଧାମରେ ପହଞ୍ଚୁଥିଲେ । ଦୂର ଦୂରାନ୍ତର ଯାତ୍ରୀମାନେ ଗୋଟିଏ ଗୋଟିଏ ଦଳରେ ସାଥିହୋଇ ଆସୁଥିଲେ ଏବଂ ପ୍ରତି ଦଳରେ କୋଡିଏରୁ ପଚାଶ ପର୍ଯ୍ୟନ୍ତ ଯାତ୍ରୀ ରହୁଥିଲେ । ଏହାର କାରଣ ଥିଲା ବାଟରେ ଡକାଏତ୍ ଓ ଚୋରଙ୍କ ଉପଦ୍ରବ । ମରହଟ୍ଟା ଶାସନର ଆଦ୍ୟଭାଗରେ ବର୍ଗୀ ଡକାଏତ୍‌ମାନେ କିପରି ଜଗନ୍ନାଥ ଯାତ୍ରୀଙ୍କୁ ଲୁଣ୍ଠନ କରୁଥିଲେ, ତା'ର ଲୋମହର୍ଷଣକାରୀ ଚିତ୍ର ଫକୀରମୋହନ ତାଙ୍କ 'ଲଛମା' ଉପନ୍ୟାସରେ ଦେଇଛନ୍ତି : "ଠିକ୍ ଏହିପରି ଗୋରୁବାହୁଡ଼ା ସମୟରେ ଗୋଡିଖାଲ ଚଟି ପାଖ ଲାଗେ ଲାଗେ ବଡ଼ଦାଣ୍ଡରେ ପଞ୍ଚାଏ ଯାତ୍ରୀ ଦେଖାଗଲେ । ଜଣାଯାଏ ଜଗନ୍ନାଥ ଯାତ୍ରୀ ସୁବର୍ଣ୍ଣରେଖା ପାରି ହୋଇ ଦକ୍ଷିଣ ମୁହାଁ ଚାଲିଛନ୍ତି । ଆଲୁଅ ଥାଉଣୁ ଚଟି ଧରିବା ଆଶାରେ ଚାଲିଟା କିଛି ଚଞ୍ଚଳ । ଦିନ ଯାକ ଚାଲି ଚାଲି ଥକି ପଡିଛନ୍ତି । କାହାରି ମୁହଁରେ କଥା ନାହିଁ, ଏକ ମନରେ ଚାଲିଛନ୍ତି । ବେଶଭୂଷଣରୁ ଜଣାଯାଏ, ପଶ୍ଚିମା ଯାତ୍ରୀ ହେବେ । ଆଗେ ଆଜିକାଲିକା ପରି ଭଲ ବନ୍ଧା ଶଗଡ଼ଦଣ୍ଡା ନଥିଲା । ମଧ୍ୟମ ଭଳି ଲୋକ ଟଟ୍ଟୁ (ଛୋଟଘୋଡ଼ା)ରେ ବଡ଼ଲୋକଙ୍କ ଭଡ଼ା ଦେଇ ଓଟ ସବାରୀରେ ଯିବା ଆସିବା କରୁଥିଲେ । ଯାତ୍ରୀ ପଞ୍ଚାରେ ସ୍ତ୍ରୀ ତିନିଜଣ ଆଉ ପୁରୁଷ ପାଞ୍ଚଜଣ । ସମସ୍ତେ ଟଟ୍ଟୁରେ ସବାର । ଏଇ ଆଠଟା ଟଟ୍ଟୁ ଛାଡ଼ି ଆଉ ୬ଟା ମାଲ ଲଦନ ଟଟ୍ଟୁକୁ ଚାରିଜଣ ପୟଦଲ୍ (ପଦାତିକ) ଲୋକ ହେଟ୍ ହେଟ୍ କରି ଅଡ଼ାଇ ନେଉଛନ୍ତି । ପଞ୍ଚ ହତ୍ୟାର ବଂଧା (ହତିଆରରେ ସଜ୍ଜିତ) ଆଠ ଜଣ ଭେଣ୍ଡିଆ ଆଗପଛ ହୋଇ ଚାଲୁଛନ୍ତି । ଏମାନେ ଯାତ୍ରୀ ଦଳର ରକ୍ଷକ ।" ହଠାତ୍ ବର୍ଗୀ ଡକାଏତ୍‌ମାନେ ଏମାନଙ୍କୁ ଅତର୍କିତ ଆକ୍ରମଣ କରିଛନ୍ତି । ଦୁଇ ଦଳ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଛି । ଶତାଧିକ ଡକାଏତ୍ ସହ ଯୁଦ୍ଧ କରି ଏ ଦଳ ବେଶି ସମୟ ତିଷ୍ଠି ପାରିନି । "ତସ୍କରମାନେ ଦେଖିଲେ, ବାଟୋଇ ମାନେ ତଳେ ପଡ଼ି ଯାଇଛନ୍ତି । ଢ଼େର୍ ଗୁଡାଏ ମରିଗଲେଣି - ଜଣକେତେ ମୃତ୍ୟୁ ଯନ୍ତ୍ରଣାରେ ଆର୍ତ୍ତନାଦ କରୁଅଛନ୍ତି । କେହି ବା ପାଣି ପାଣି ବୋଲି ରଡି ଛାଡୁଛି । ଦରମଲା ମଇଁଷି ପଣ୍ଡା ତଳେ ପଡ଼ି ଛଟପଟ ହେଉଥିବା ଦେଖି କେନ୍ଦୁଆ (ଚିତାବାଘ) ଯେମନ୍ତ ଖୁସିଟାଏ ହୁଏ, ତସ୍କରମାନେ ସେହିପରି ଆନନ୍ଦରେ ଯାତ୍ରୀମାନଙ୍କର ମାଲମତା ସବୁ ଗୋଟେଇ ନେଇ ଚାଲିଗଲେ ।" **(ଲଛମା)**

ଏ ବର୍ଣ୍ଣନାରୁ ସେତେବେଳେ ଅର୍ଥାତ୍ ସପ୍ତଦଶ - ଅଷ୍ଟାଦଶ ଶତାବ୍ଦୀରେ ଜଗନ୍ନାଥ ସଡ଼କରେ ଶ୍ରୀଜଗନ୍ନାଥ ଦର୍ଶନାଭିଳାଷୀ ଯାତ୍ରୀମାନଙ୍କର ଅବସ୍ଥା ତଥା କେମିତି ଯାତ୍ରା କରୁଥିଲେ ତା'ର ବର୍ଣ୍ଣନା ଦେଇଛନ୍ତି । ବାଟସାରା ନଦୀନାଳ ଥିବାରୁ ଶଗଡ଼ ଦ୍ୱାରା ଯାତ୍ରା ସମ୍ଭବ ନଥିଲା ବୋଲି ଉପରୋକ୍ତ ବର୍ଣ୍ଣନାରୁ ଜଣାପଡ଼େ । ସେ ସମୟରେ ବିଭିନ୍ନ ସ୍ଥାନରୁ ସଡ଼କ ପଥରେ ପୁରୀକୁ ଆସିବା କେତେ ଦୂରୁହ ଥିଲା ତା'ର ବର୍ଣ୍ଣନା ମଧ୍ୟ ଫକୀରମୋହନ ଏହି 'ଲଛମା' ଉପନ୍ୟାସରେ ଦେଇଛନ୍ତି: "ଆଜିକାଲି ଯେଉଁ ବନ୍ଧା ସଡ଼କ ଭାରତର ଉତ୍ତର ଭାଗରେ ପଞ୍ଜାବ ଠାରୁ ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ଦକ୍ଷିଣକୁ ସମୁଦ୍ର ଉପକୂଳବ୍ୟାପୀ ମାନ୍ଦ୍ରାଜ୍, ରାମେଶ୍ୱର ଏବଂ ପଶ୍ଚିମ ସୀମା ପୁନା, ବମ୍ବେ ସ୍ପର୍ଶ କରି ଭାରତର ଆକଣ୍ଠ ପଦ ପର୍ଯ୍ୟନ୍ତ ଯଜ୍ଞୋପବୀତ ପରି ବିସ୍ତୃତ ରହିଅଛି, ବର୍ତ୍ତମାନ ସମୟରେ ସେଥିରେ ଚିହ୍ନବର୍ଣ୍ଣ ମାତ୍ର ନଥିଲା । ଭାରତର ଅଧିକାଂଶ ସ୍ଥାନ ଜଙ୍ଗଲାବୃତ୍ତ, ଏଥକୁ ମାର୍ଗ ନିତାନ୍ତ ଦୁର୍ଗମ । ନଦୀ ନାଳ ତ ସବୁଦିନେ ଅଛି, ବନ୍ଧାବାଟ ତ ନଥିଲା, ପୋଲ କାହୁଁ ଆସିବ ? ବର୍ଷାକାଳରେ ବାଟୋଇମାନଙ୍କର ସଳଖ ବାଟରେ ଚାଲିବାର ଉପାୟ ନଥିଲା, ବନପର୍ବତ ମଧ୍ୟରେ ବୁଲି ବୁଲି ଚାଲୁଥିଲେ । କାଶୀଧାମରୁ ଶ୍ରୀକ୍ଷେତ୍ରକୁ ଆସିବାକୁ ଦୁଇ-ତିନି ବର୍ଷକାଳ ଲାଗୁଥିଲା ।" ଏହା ଥିଲା ସପ୍ତଦଶ ଶତାବ୍ଦୀର ଅବସ୍ଥା । **(ଲଛମା)**

ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଗାଁଗହଳି ଲୋକେ ଜଗନ୍ନାଥ ଧାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ପାଦଦେବା ପୂର୍ବରୁ ପ୍ରଥମେ ସେ ରାସ୍ତାକୁ ମୁଣ୍ଡିଆ ମାରନ୍ତି, ନତୁବା ରାସ୍ତାରୁ ଧୂଳି ଆଣି ମୁଣ୍ଡରେ ମାରନ୍ତି । ମୋ ପିଲାବେଳେ ଦେଖିଛି, କିଛି ଲୋକ ପାଦରେ ନଚାଲି ଶୋଇ ଶୋଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାନ୍ତି । ଦୂରଦୂରାନ୍ତର ଯାତ୍ରୀକୁ ଏମିତି ଦେହଲଗା ବା ଗଡ଼ପାଲି ଯାତ୍ରାରେ ବର୍ଷ ବର୍ଷ ଲାଗି ଯାଉଥିଲା ପହଞ୍ଚିବା ଲାଗି ।

ପ୍ରାଚୀନ ଜଗନ୍ନାଥ ସଡ଼କ ଭାବେ କଲିକତାରୁ ପୁରୀଧାମ ପର୍ଯ୍ୟନ୍ତ ବିସ୍ତୃତ ୫୧୬ କି.ମି. ସଡ଼କକୁ ବୁଝାଉଥିଲା । ଏଥିରୁ ୨୦୦ କି.ମି. ଥିଲା ପଶ୍ଚିମବଙ୍ଗ ଅଧୀନରେ ଏବଂ ଅବଶିଷ୍ଟ ୩୧୬ କି.ମି. ଅଛି ଓଡ଼ିଶା ଭିତରେ । ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ଏଇ ମାଟି ରାସ୍ତା ନିର୍ମିତ ହୋଇଥିଲା । ପୂର୍ବତନ ଓଡ଼ିଆ ଭାଷାସାହିତ୍ୟସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଇନ୍‌ଟାକ୍ (INTACH, BBSR Chapter) ଦ୍ୱାରା ପୁରାତନ ଜଗନ୍ନାଥ ସଡ଼କ ଉପରେ ସଂଗୃହୀତ ୮୦୦ ପୃଷ୍ଠାର ପୁସ୍ତକକୁ ଉନ୍ମୋଚନ କରିଥିଲେ । ବ୍ରିଟିଶ୍ ଲାଇବ୍ରେରୀ, ଲଣ୍ଡନରେ ଏହି ସଡ଼କର ନକ୍‌ସା (Sketch Map) ମହଜୁଦ୍ ଅଛି । ୨୦୧୫ ମସିହା ମାର୍ଚ୍ଚ ୧୨ ତାରିଖରୁ ଇନ୍‌ଟାକ୍, ଭୁବନେଶ୍ୱର ଚାପ୍‌ଟର୍ (Intach, Bhubaneswar Chapter) ପୁରୁଣା ଜଗନ୍ନାଥ ସଡ଼କର ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ୮୦୦ ପୃଷ୍ଠାର ପୁସ୍ତକ ୨୦୧୭ ମସିହାରେ ପୂର୍ଣ୍ଣାଙ୍ଗ



କରିଥିଲା, ଯେଉଁଥିରେ ରାସ୍ତାର ଅବସ୍ଥା, ନଦନଦୀ, ପାହାଡ଼ପର୍ବତ, ରାସ୍ତାଧାରରେ ଥିବା ସ୍ମରଣୀୟ ସ୍ଥାନ, ମନ୍ଦିର, ମସ୍‌ଜିଦ୍‌, ଗୀର୍ଜା, ବିଭିନ୍ନ ଦର୍ଶନୀୟ ସ୍ଥାନର ବର୍ଣ୍ଣନା ଏଥିରେ ଅଛି । ଜୁଲାଇ ମାସ ୧୪ ତାରିଖ ୨୦୧୬ ମସିହାରେ ପୁରୁଣା ଜଗନ୍ନାଥ ସଡ଼କ ସମ୍ପର୍କରେ Telegraph of Indiaରେ ଲେଖିଥିଲା : Jagannath Sadak, an ancient road that several old structures still stand and can be restored. ଯାହାକୁ ଗୁରୁତ୍ୱ ଦେଇ ଇନ୍‌ଟାକ୍‌ ଏ କାର୍ଯ୍ୟ ହାତକୁ ନେଇଥିଲା । ନଭେମ୍ବର ୨୦ ତାରିଖ ୨୦୧୫ରୁ ଇନ୍‌ଟାକ୍‌ ଏହି ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲା । ଗବେଷକ ଅନୀଲ ଧୀର୍‌ (Anil Dhir) ଶଗଡ଼ ଗାଡ଼ିରେ କଲିକତାରୁ ପୁରୀ ଯାତ୍ରା କରି ଯେଉଁସବୁ ଉପାଦେୟ ତଥ୍ୟ ସଂଗ୍ରହ କରିଥିଲେ, ତାହା ତାଙ୍କର ପୁସ୍ତକStudy throws new light on old Jagannath Sadakରେ ସନ୍ନିବେଶିତ ହୋଇଛି ।

ତେବେ ଏହି ଜଗନ୍ନାଥ ସଡ଼କର ଇତିହାସ ଅନୁଧ୍ୟାନ କଲେ ଜଣାଯାଏ, ପୁରାଣ ଯୁଗରେ ଏହାର ନାମ ଥିଲା ଉତ୍ତରା ପଥ । ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ରାଜା ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଖ୍ରୀଷ୍ଟପୂର୍ବ ୩୨୭ରେ ଏହି ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ କରିଥିଲେ । ଯାହା ଧୂଳିମାଟିର କଚା ସଡ଼କ ଥିଲା । ତାପରେ କଳିଙ୍ଗର ରାଜା ଅଶୋକ, ମୋଗଲ ରାଜସ୍ୱ ସମୟରେ ଶେରଶାହ ଶୂରୀ, ଏବଂ ଇଂରେଜ ଶାସନ ସମୟରେ ୧୮୩୩ ରୁ ୧୮୬୦ ମସିହା ମଧ୍ୟରେ ଏ ସଡ଼କ ନିର୍ମାଣ ଓ ବିକାଶ ହୋଇଥିଲା । ଇଂରେଜ ସରକାର ଜଳପଥ ଅପେକ୍ଷା ସ୍ଥଳପଥର ବିଶେଷ ବିକାଶ କରେଇଥିଲେ । ସେମାନଙ୍କ ଅମଳରେ ନଦୀଗୁଡ଼ିକରେ ପୋଲ ନିର୍ମାଣ କରେଇବା ସହ ଭାରତର ଅଧିକାଂଶ ସଡ଼କ ପିଚୁ ଢଳେଇ କରିଥିଲେ ଏବଂ ଏସବୁ



ସଡ଼କର ନାମ Grand Trunk Road ବୋଲି ନାମିତ କରିଥିଲେ । ଇଂରେଜ ଶାସନ ପୂର୍ବରୁ ଭାରତରେ ପିଚୁ ଢ଼ଳେଇ ରାସ୍ତା (Tarmal Road) ନଥିଲା । ଗ୍ରାଣ୍ଡ୍‌ ଟ୍ରଙ୍କ୍‌ ରୋଡ଼୍‌ ଥିଲା ସମଗ୍ର ଏସିଆ ଭୂଖଣ୍ଡର ସର୍ବବୃହତ୍‌ ଐତିହାସିକ ରାସ୍ତା । ଏହି Grand Trunk Road ଭାରତର ୨୨୮ଟି ଜାତୀୟ ରାଜପଥକୁ ନେଇ ଗଠିତ । ଏହି ୨୨୮ଟି ବିଭିନ୍ନ ଜାତୀୟ ରାଜପଥର ଦୈର୍ଘ୍ୟ ସର୍ବମୋଟ ଲକ୍ଷେ ୩୧ ହଜାର ୩୨୬ କି.ମି. । ଏଥି ମଧ୍ୟରୁ ୪୪ ନମ୍ବର ଜାତୀୟ ରାଜପଥ ହେଉଛି ସବୁଠୁଁ ଦୀର୍ଘତମ ଏବଂ ଏହାର ଦୈର୍ଘ୍ୟ ହେଉଛି ୩୭୪୫ କି.ମି. । ଏଇ ରାଜପଥ ଉତ୍ତରରେ ଶ୍ରୀନଗର ଠାରୁ ଦକ୍ଷିଣରେ କନ୍ୟାକୁମାରୀ ଯାଏଁ ବିସ୍ତୃତ । ଭାରତର ସବୁଠୁ କ୍ଷୁଦ୍ରତମ ଜାତୀୟ ରାଜପଥ ହେଉଛି N.H.- 47 (A), ଯାହାର ଦୈର୍ଘ୍ୟ ହେଉଛି ମାତ୍ର ୬ କି.ମି. । ଏହା କେରଳର କୁଣ୍ଡାନ୍ନୋର୍‌(Kundannoor) ରୁ ଆରମ୍ଭ ହୋଇ କୋଚିର ଉଇଲିଙ୍ଗ ଡନ୍‌ (Willingdon) ଦୀପପୁଞ୍ଜ ଯାଏଁ ବିସ୍ତୃତ । ଦୀର୍ଘତମ ଜାତୀୟ ରାଜପଥ ୪୪ ପୂର୍ବରୁ ଜାତୀୟ ରାଜପଥ ୭ ନାମରେ ନାମିତ ଥିଲା । ଏହା ଭାରତର ୧୧ଟି ରାଜ୍ୟ ଏବଂ ୩୦ଟି ମୁଖ୍ୟ ସହର ଦେଇ ଯାଇଛି । ଏହି ଦୀର୍ଘପଥ N.H. 44ରେ ମଧ୍ୟ ଆଉ କେତୋଟି N.H. ମିଶି ରହିଛି । ଯେମିତି ଏଥିରେ N.H. 16 ମିଶି ରହିଛି । ୧୬ ନଂ. ଜାତୀୟ ରାଜପଥ ପଶ୍ଚିମବଙ୍ଗର ଡାଙ୍କୁଣି (Dankuni, Kolkata)ରୁ ଆରମ୍ଭ ହୋଇ ଓଡ଼ିଶା, ଆନ୍ଧ୍ର ଦେଇ ତାମିଲ୍‌ନାଡୁର ଚେନ୍ନାଇ ଠାରେ ଶେଷ ହୋଇଛି । ଏହା ପୂର୍ବରୁ ୫ ନମ୍ବର ଜାତୀୟ ରାଜପଥ ଭାବେ ପରିଗଣିତ ହେଉଥିଲା । ଏଥିରେ ୬୦ ନମ୍ବର ରାଜପଥର କିଛି ଅଂଶ ମିଶି ରହିଛି । ଏବେ ଭାରତ ସରକାର ପୂର୍ବରୁ ଥିବା ସମୁଦାୟ ୨୨୮ଟି ରାଜପଥ ମଧ୍ୟରୁ କେତୋଟିକୁ ଅନ୍ୟ କେତେକ ସହ ମିଶେଇ ସମୁଦାୟ ୮୭ଟି ରାଜପଥ ନାମିତ କରିଛନ୍ତି । ଆମର ପୁରୁଣା ଜଗନ୍ନାଥ ସଡ଼କ, ଯାହା କଲିକତାରୁ ପୁରୀ ପର୍ଯ୍ୟନ୍ତ ବିସ୍ତୃତ, ତାହା ଜାତୀୟ ଜଗନ୍ନାଥ ସଡ଼କ୪୪ ଭିତରେ ଅନ୍ତର୍ଭୁକ୍ତ । ସ୍ୱାଧୀନତା ପରେ  ଭାରତ ସରକାର ପିଚୁ ଢ଼ଳେଇ ରାଜପଥଗୁଡ଼ିକୁ କଂକ୍ରିଟ୍‌ ଢ଼ଳେଇ ପକ୍କା ରାସ୍ତାରେ ପରିଣତ କରିଛନ୍ତି ଏବଂ କେଉଁଟିକୁ ୪ ଲେନ୍‌ ତ କେଉଁଟାକୁ ୬ ଲେନ୍‌ ବିଶିଷ୍ଟ କରୁଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ଜାତୀୟ ରାଜପଥର ବିକାଶ ନିମନ୍ତେ ସ୍ୱର୍ଣ୍ଣ ଚତୁର୍ଭୁଜ (Golden Quadrilateral) ସଡ଼କ ଯୋଜନା ଆରମ୍ଭ କରିଥିଲେ, ଯାହା ୪ ଗୋଟି ମେଟ୍ରୋସିଟିକୁ ସଂଯୋଗ କରିଥିଲା । ଏହି ୪ଟି ହେଉଛି ଉତ୍ତରରେ ଦିଲ୍ଲୀ, ପୂର୍ବରେ କଲିକତା, ପଶ୍ଚିମରେ ମୁମ୍ବାଇ, ଦକ୍ଷିଣରେ ଚେନ୍ନାଇ ନଗର । ଏହି ସ୍ୱର୍ଣ୍ଣ ଚତୁର୍ଭୁଜ ସଡ଼କର ଦୈର୍ଘ୍ୟ ମୋଟ ୫୮୪୬ (ପାଞ୍ଚ ହଜାର ଆଠଶତ ଛୟାଳିଶ) କିଲୋମିଟର ଏବଂ ଏହା ୨୦୦୧ରେ ଆରମ୍ଭ ହୋଇଥିଲା ଜାତୀୟ ରାଜପଥ ଉନ୍ନୟନ ଯୋଜନା (NHDP)ର ଏକ ଅଂଶ ଭାବରେ । ଏହା ସମଗ୍ର ବିଶ୍ୱର ପଞ୍ଚମ ସର୍ବବୃହତ୍‌ ସଡ଼କ ଯୋଜନା । ୭ ଜାନୁଆରୀ ୨୦୧୨ରେ ଏହି ଯୋଜନା ପୂର୍ଣ୍ଣାଙ୍ଗ ହୋଇଥିଲା ଏବଂ ଏହି ଦିନ ସରକାର ପୂର୍ଣ୍ଣ ହେଲା ବୋଲି ଘୋଷଣା କରିଥିଲେ । ଏନ୍‌.ଡି.ଏ. ସରକାରଙ୍କର ଏହା ଥିଲା ସବୁଠୁ ବଡ଼ ଅବଦାନ । ଏହି ଯୋଜନାରେ ୬୦୦ ବିଲିୟନ୍‌ ଟଙ୍କା ଖର୍ଚ୍ଚ ହୋଇଥିଲା ।

ଭାରତର ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାରିଧାମ ଜାତୀୟ ରାଜପଥ ଉନ୍ନୟନ ଯୋଜନା ହାତକୁ ନେଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ୯୦୦ କି.ମି. କାର୍ଯ୍ୟ ଆରମ୍ଭ ହୋଇଛି । ପୂର୍ବୋକ୍ତ ଜଗନ୍ନାଥ ସଡ଼କ ଏହି ସ୍ୱର୍ଣ୍ଣ ଚତୁର୍ଭୁଜ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି । ଓଡ଼ିଶା ସରକାର ଆଉ କେତେକ ସଡ଼କକୁ ନୂଆ ଜଗନ୍ନାଥ ସଡ଼କ ରୂପେ ନାମିତ କରିଛନ୍ତି । ୧୯୯୬ ମସିହାରେ ପୁରୀ ଜିଲ୍ଲାର ବୀର ନରସିଂହପୁର ଠାରୁ ନୟାଗଡ଼ ଜିଲ୍ଲାର ଶରଣକୁଳ ପର୍ଯ୍ୟନ୍ତ ବିସ୍ତୃତ ୯୬ କି.ମି. ରାସ୍ତାକୁ ଓଡ଼ିଶା ସରକାର ନୂଆ ଜଗନ୍ନାଥ ସଡ଼କ ନାମରେ ନାମିତ କରିଛନ୍ତି । ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ – ଏ ତିନୋଟି ଜିଲ୍ଲାକୁ ଏ ରାସ୍ତା ସ୍ପର୍ଶ କରୁଛି ।

ପୁରୁଣା ହେଉ କି ନୂଆ ହେଉ ଆଜି ବି ଗ୍ରାମୀଣ ମଣିଷର ବିଶ୍ୱାସ, ଜଗନ୍ନାଥ ସଡ଼କକୁ ଛୁଇଁଲେ ସ୍ୱୟଂ ଜଗନ୍ନାଥଙ୍କୁ ଛୁଇଁ ହୁଏ । ବିଜ୍ଞାନ ଓ ପ୍ରଯୁକ୍ତି ଯୁଗରେ ମଧ୍ୟ ଏ ବିଶ୍ୱାସ ବଳବତ୍ତର ରହିଛି । ଧନ୍ୟ ମହାପ୍ରଭୁଙ୍କ ମହିମା !

# ପାରୁଲ୍ କିଏ ଓ କାହିଁକି?

## ମୋ' ପ୍ରାଣତନ୍ତ୍ରୀରେ ପାରୁଲ୍ ଏକ ପ୍ରବାହ....ପାରୁଲ୍ ବୁନ୍ଦେ ପ୍ରେମାଗ୍ନି

ମୁଁ ପାରୁଲ୍‌ର ପ୍ରେମିକ ।

ଏହାପରେ ମୋର ଅଗଣିତ ପ୍ରିୟ ପାଠକଙ୍କର ପରବର୍ତ୍ତୀ ପ୍ରଶ୍ନ- ପାରୁଲ୍ କିଏ ?

ମୁଁ ନିଜକୁ ପାରୁଲ୍‌ର ପ୍ରେମିକ ବୋଲି ଘୋଷଣା କରିସାରିଲା ପରେ ଅବଶ୍ୟ, ପାରୁଲ୍ ସମ୍ପର୍କରେ ଆଉ କୌଣସି ପ୍ରଶ୍ନ ରହିବା କଥା ନୁହେଁ ।

କିନ୍ତୁ ଏଇ କଥାଟିକୁ ସହଜରେ ଗ୍ରହଣ କରିବା ପାଇଁ ଅନେକଙ୍କର ଦ୍ୱିଧା ବହୁତ । ଏଇ ଦ୍ୱିଧା ଭିତରୁ ସେମାନଙ୍କର ପ୍ରଚ୍ଛନ୍ନ ଅଭିପ୍ରାୟ କେତୋଟି, ସଂଗ୍ରାମଭୂମିରେ ଘୂରି ବୁଲୁଥିବା କେତେ ଗୁଡ଼ିଏ ପ୍ରାଣଘାତୀ ତୀର ଭଳି ମୋ ଚତୁର୍ଦ୍ଦିଗରୁ ଛୁଟି ଆସି ମୋତେ କିଂକର୍ତ୍ତବ୍ୟବିମୂଢ଼ କରିପକାନ୍ତି ।

ସେଗୁଡ଼ିକର ଅକ୍ଷର-ବର୍ଣ୍ଣନା ହୁଏତ ଏଇ ପ୍ରକାର ହେବ- ସେମାନେ ପାରୁଲ୍‌ର ଫଟୋଟିଏ ନୟନ ପୂରାଇ ଦେଖିବାକୁ ଚାହାନ୍ତି । କିମ୍ବା ପାରୁଲ୍‌ର ସାଂପ୍ରତିକ ଠିକଣା ଜାଣିବାକୁ ଚାହାନ୍ତି । କିମ୍ବା ପାରୁଲ୍ ସହିତ ସଂପର୍କ ମୋର କେବେ ଠାରୁ ଏବଂ ସେ ବିବାହିତା କି ଅବିବାହିତା, ତାହା ଜାଣିବାକୁ ଚାହାନ୍ତି କିମ୍ବା ଯେଉଁ କବିତା ପ୍ରବଣ ପ୍ରେମିକା, ପଦ୍ମ ପାଖୁଡ଼ା ପରି ମୁଲାୟମ୍ ଯାହାର ହୃଦୟ, ତୀରବିଦ୍ଧ କପୋତୀଟିଏ ପରି ଆନତ ଯାହାର ଦୃଷ୍ଟି, ଦିଗହଜା ସାମୁଦ୍ରିକ ପୋତଟିଏ ପରି ମଧ୍ୟରାତ୍ରର ଅଗାଧ ଜଳରାଶି ଭିତରେ ଥାଇ ବି ଆକାଶରେ ଆଳାପରତ ତାରା ତଥା ସାମୁଦ୍ରିକ ପକ୍ଷୀଙ୍କ ଚଞ୍ଚୁରୁ ବିଚ୍ଛୁରିତ ହେଉଥିବା ସଙ୍ଗୀତକୁ, ମୃତ୍ୟୁର କୁଟିଳ ବନ୍ଧନୀ ଭିତରୁ ବି କାନ ଡେରି ଶୁଣିପାରେ କିମ୍ବା କେଉଁ କଳ୍ପଲୋକରୁ ପୃଥିବୀର ପୃଷ୍ଠଦେଶରେ ଖସି ପଡ଼ିଥିବା ପ୍ରେମର ପ୍ରୋଜ୍ଜ୍ୱଳ ପ୍ରବାଳଟିଏ ପରି ଯେଉଁ ଲାସ୍ୟମୟୀ ପାରୁଲ୍, ତା ସହିତ ମୋର ପ୍ରେମାଭିସାରର ଧାରା ବିବରଣୀ ଶୁଣିବାକୁ ଚାହାନ୍ତି କିମ୍ବା ଯେଉଁ ପତ୍ନୀ ମିନୁଶ୍ରୀ ପ୍ରତି ମୁହୂର୍ତ୍ତର ମୋ ପାର୍ଥିବ ସତ୍ତା ଚାରିକଡ଼େ ଦେଦୀପ୍ୟମାନ, ସେ ଅଗ୍ନିବଳୟ ଭେଦ କରି ପାରୁଲ୍ ସହିତ ମୋର ଆତ୍ମିକ ଘନିଷ୍ଠତା ଓ ପାଗଳପଣକୁ ସେ କିପରି ବିନା କୌଣସି ପ୍ରତିବାଦରେ ଏତେଦିନ ଧରି ସହ୍ୟ କରିଆସିଛନ୍ତି, ତା'ର ରହସ୍ୟ ସେମାନେ ଭେଦ କରିବାକୁ ଚାହାନ୍ତି ।

ସମସ୍ତଙ୍କର ସେଭଳି ବିପୁଳ ଉତ୍ସୁକତା ହିଁ ଏ ପ୍ରଚ୍ଛଦ କାହାଣୀକୁ ଉନ୍ମୋଚନ କରିବା ପାଇଁ ଏକ ତାଡ଼ନା ଓ ଅନ୍ୟ ଦିଗରୁ ଅନ୍ତରାୟ ବି । ତାଡ଼ନାଟି ତ ସ୍ପଷ୍ଟ, କିନ୍ତୁ ଅନ୍ତରାୟ ଅସ୍ପଷ୍ଟ । ଅନ୍ତରାୟ ଏଇଥିପାଇଁ ଯେ ଯେଉଁ ନାରୀସତ୍ତାଟିକୁ ମୁଁ ବହୁଦିନରୁ ଲାଳନ ପାଳନ କରି ମୋର ସମସ୍ତ ରକ୍ତକୋଷରେ ଉଜାଗର କରି ରଖିଚି, ତା'ର ଅନାବରଣ କରିବା ପାଇଁ ରହିଥିବା ଦ୍ୱିଧାକୁ ମୋତେ ଅତିକ୍ରମ କରିବାର ପ୍ରସ୍ତୁତି ।

ତେବେ 'ପାରୁଲ୍' ନାଁଟିର ଉତ୍ସ ହେଉଚି 'ପାର୍ବତୀ' । ପାର୍ବତୀର ଡାକନାମ 'ପାରୁ' ଓ ପ୍ରିୟକବି ପାଖରେ ସେ ପାରୁଲ୍ । ଏସବୁର ଉଲ୍ଲେଖ ରହିଛି 'ପାରୁଲ୍‌ର ପ୍ରେମିକ' କବିତା ସଂକଳନର ପ୍ରଥମ କବିତାରେ ।


ପାରୁଲ୍ ସହିତ ମୋ ଜୀବନରେ ପ୍ରଥମ ଓ ଶେଷଥର ପାଇଁ ସାକ୍ଷାତ ହୁଏ ପାରାଦ୍ୱୀପରେ, ଜଣେ ବନ୍ଧୁଙ୍କ ସ୍କୁଟର୍ ନେଇ ଗୋଟେ ଅପରାହ୍ନରେ



ଖାମଖିଆଲି ଭାବେ ଘୂରାଘୂରି କରୁଥିଲା ବେଳେ । ସେଦିନର ସେଇ ଶୂନ୍‌ଶାନ୍ ରାସ୍ତା ଓ ବର୍ଷାକ୍ରାନ୍ତ ଅପରାହ୍ନରେ ତାକୁ କିଛି ବାଟ ପର୍ଯ୍ୟନ୍ତ ଲିଫ୍ଟ ଦେବା ଓ ପର୍ଯ୍ୟାପ୍ତ ବର୍ଷା କାରଣରୁ ବନ୍ଦ ରହିଥିବା ଗୋଟେ ଦୋକାନଘର ବାରଣ୍ଡାରେ ଠିଆ ହୋଇ ବେଶ୍ କିଛି ସମୟର ଆଳାପ ଆଲୋଚନା ସହିତ ବିଲୁପ୍ତ ହୋଇଥିଲା ସେଦିନର ସେଇ ଆକସ୍ମିକ, ଅବିସ୍ମରଣୀୟ ଓ ବିଧିପ୍ରେରିତ ସର୍ବମୋଟ ଗୋଟେ ଘଣ୍ଟାର ଆୟୁଷ ।

ସେଇ ଦୋକାନଘର ବାରଣ୍ଡାରେ, କୁହୁକଭରା ବର୍ଷାର ସଂଗୀତ ଓ ସ୍ୱର୍ଗୀୟ ନିର୍ଜନତାର ନୃତ୍ୟ ଭିତରେ ସେ ଚମତ୍କାର ଭଙ୍ଗୀରେ ଆବୃତ୍ତି କରିଥିଲା ଗୋଟେ କବିତା । ତା'ର କିୟଦଂଶ –

"ପ୍ରତିଦିନ ସନ୍ଧ୍ୟାରେ ଫୁଟୁଥିବା ରଜନୀଗନ୍ଧା
ରାତିର ମୋତିଫୁଲ ପରି ମୁଠାମୁଠା ତାରା
ଓ ଚୈତ୍ରର ଜିଦ୍‌ଖୋର ପବନ,
ଅନ୍ଧାର ରାତିରେ
ଓଦା ଜୁବୁବୁବୁ ଗୋଟେ କୁଆଁରୀ ଦେହର କବିତା
ଏବଂ ବତାସରେ ଲିଭି ଯାଇଥିବା ମହମବତୀକୁ
ଛାଡ଼ି ଯାଉଚି ଏଇଠି
ଅନ୍ତତଃ କେହିଜଣେ ପ୍ରେମିକ



▲ପୁସ୍ତକାୟିତ ପାରୁଲ୍

ପୁଣି ଏଠାକୁ ଫେରିବା ପର୍ଯ୍ୟନ୍ତ ।"

ପରେ ପରେ ତା'ର ସଲଜ୍ଜ ଓ କ୍ଷୀଣ ପ୍ରଶ୍ନଟିଏ ଥିଲା– ମୁଁ ଏ କବିତାଟିକୁ ପଢ଼ିଛି କି ନା ଓ ଏ କବିଙ୍କୁ ଜାଣିଛି କି ନା । ଯଦିଓ ସେଇ ପଙ୍‌କ୍ତିଗୁଡ଼ିକ ଥିଲା ମୋ ପ୍ରକାଶିତ କବିତା 'ଯେଉଁ ପୃଥିବୀ ମୁଁ ଛାଡ଼ି ଯାଉଛି'ର, ତଥାପି ମୁଁ ଚୁପ୍ ରହିଥିଲି; ସମ୍ପୃକ୍ତ କବିତା ଓ କବିଙ୍କ ପ୍ରତି ତା'ର ଚରମ ଆସକ୍ତି ଓ ତଲ୍ଲୀନତାକୁ ଲକ୍ଷ୍ୟ କରି । ସେ ମଧ୍ୟ କହିଥିଲା ଯେ ସେଇ କବିତା ଓ କବିଙ୍କୁ ସେ ପାଗଳ ପରି ଭଲପାଏ ଓ ଭେଟିବାକୁ ଚାହେଁ ।

ତାର ସେତକ କଥା ଭିତରୁ ମୁଁ ତା'ର ସମଗ୍ର ଚେତନା ଜଗତକୁ ପ୍ରଦକ୍ଷିଣ କରି ସାରିଥିଲି । ତା'ର ସେଇ କଥାଗୁଡ଼ିକ ଥିଲା, ଯେମିତି ରାତିର ନିର୍ଜନ ପ୍ରହରରେ ସ୍ତିମିତ ଆଲୋକ ଓ ପୁଷ୍ପବାଟିକାର ସୁଗନ୍ଧିତ ପଛଭୂମିରେ କୌଣସି ବୀଣାର ତାରରୁ ଅସ୍ପଷ୍ଟ ଭାବେ ନିର୍ଗତ ହେଉଥିବା ନୈସର୍ଗିକ ସଙ୍ଗୀତର ମୃଦୁ ମୂର୍ଚ୍ଛନା ଭଳି ।

ଗୋଟେ ସାଧାରଣ ସୂତାଶାଢ଼ିରେ, ଅରଣ୍ୟ ଅରଣ୍ୟ ଲାଗୁଥିବା ତା' ଦୀର୍ଘ କେଶ ର ମୃଦୁ ସୁରଭିରେ, ଶଙ୍ଖଶୁଭ୍ର ଉନ୍ନତ ଗ୍ରୀବାରେ, ନିବିଷ୍ଟ ଦୁଇଟି ତାରକା ଭଳି ତା ଆଖିର ତ୍ରସ୍ତ ଚାହାଣିରେ, ତାର ସୁପୁଷ୍ଟ ଦୁଇବାହୁର ଚନ୍ଦ୍ରବନ୍ଧନୀରେ, ଲୁକ୍କାୟିତ ଦୁଇଟି ପଦ୍ମକୋରକ ପରି ସ୍ପର୍ଦ୍ଧିତ ଛାତି ଉପରେ ଗୋଲାକାର ନିଆଁର

## ପାରୁଲ୍ ଉତ୍ସବମୟୀ

**ଇଂ ବିଷ୍ଣୁ ସାହୁ**

ସତରେ ପାରୁଲ୍
ତମକୁ ଏମିତି ଗଢ଼ିଚି ବିହି
ଯେମିତିକି...
ଆଞ୍ଜୁଳାଏ କାଠଚମ୍ପା
କାକରଭିଜା ଜହ୍ନ କିରଣ
ଓ ଦୂରବର୍ତ୍ତୀ ବଂଶୀର ସ୍ୱରରେ
ଫେଣ୍ଟାଫେଣ୍ଟି ହୋଇଥିବା
ତମେ ଗୋଟେ ଲବଣୀ ପିତୁଳା ।

ଜାଣେନା, କ'ଣ ଥାଏ
ତମର ସେ ଆଖିରେ
ଯାହା ବାରମ୍ବାର ନଷ୍ଟ କରେ ମୋ
ପୌରୁଷ ଓ ଯେତେ ଅବିଶ୍ୱାସ ।

କ'ଣ ଥାଏ ସେ ସ୍ୱରରେ
ଯେଉଁଥିରେ ବୋଝେଇ ହୋଇ
ରହିଥାଏ ରଜନୀଗନ୍ଧାର ବାସ୍ନା,
କ'ଣ ଥାଏ ସେ ମୁହଁରେ
ଯାହାକୁ ଦେଖିଲେ ଲାଗେ
ଯେମିତିକି ସେଠି
ବସାବାନ୍ଧି ରହିଚି
ଗୋଟେ ବିହ୍ୱଳ କବିତା ।

କିନ୍ତୁ ସେଦିନ ତମକୁ ଦେଖି
ମୁଁ ହେଲି ହତବାକ୍
ଗୋଟେ ନିବୁଜ ଘର ଭିତରେ
ତମେ ଗୁଣୁଗୁଣୁ ଗାଉଥିଲ ଗୀତ
ତମ ଚାରିପାଖରେ ଜଳୁଥିଲେ
ମାଳମାଳ ମହମବତୀ
ସେମାନଙ୍କ ଶିଖାସବୁ
ଦିଶୁଥିଲେ ନୃତ୍ୟରତ
ଯେମିତି ସେମାନେ ଝୁମୁଛନ୍ତି
ତମ ଗୀତର ତାଳେ ତାଳେ ।
ମଥାରେ ଥିଲା ତମର
ଧଳା ରିବନର ଫୁଲଝରି
ଝାଲର ଥିବା ଜର୍ଜେଟ୍ ଫ୍ରକ୍‌ରେ
ତମେ ଦିଶୁଥିଲ ସତେକି
ମାର୍ବଲ ରଙ୍ଗର ଗୋଟେ ପରୀ !

ମୋତେ ଦେଖୁ ଦେଖୁ
ଗୋଟେ ମହମବତୀ ହାତରେ ଧରି
ଚାଲି ଆସିଲ ମୋ ପାଖକୁ
ଓଠରେ ଥିଲା
ସେଇ ମାର୍ବଲ ରଙ୍ଗର ହସ
କହିଥିଲ
ଆଜି ମୋର ଉତ୍ସବ ଦିବସ ।

ବର୍ଷସାରା ଯେତେସବୁ
ମିଠାମିଠା ମୁହୂର୍ତ୍ତ
ସେଗୁଡ଼ିକୁ ମୁଁ ନିଦରୁ ଉଠାଏ
ସବୁକୁ ଏକାଠି କରି
ସବୁ ସ୍ମୃତିଙ୍କ ପାଇଁ ଜାଳେ ମହମବତୀ
ତା'ପରେ ଆରମ୍ଭ ହୁଏ
ମୋର ନୃତ୍ୟଗାନ,
ସେଥିପାଇଁ ପ୍ରିୟକବି
ତମ ଠାରୁ ମୁଁ ଦୂରେଇ ରହେ
ଏଇ ଗୋଟିଏ ଦିନ
ମାତ୍ର ଗୋଟିଏ ଦିନ । ♥


ବିଷ୍ଣୁ ଲୋକ, ଦେଉଳି ଗ୍ରାମେଶ୍ୱର,
ଜଗତସିଂହପୁର ଟାଉନ,
ଜଗତସିଂହପୁର– ୭୫୪୧୦୩
ଫୋନ : ୭୦୦୮୩୭୭୯୬୭



▲ବନ୍ଧୁମାନଙ୍କ ଗହଣରେ କବି ବିଷ୍ଣୁ ସାହୁ

ଗାର ପରି ପଡ଼ିଥିବା ସରୁ ସୁନାଚେନ୍‌ଟିରେ ଓ ଆଦୌ ପ୍ରସାଧନ ନଥିବା ବୁଦ୍ଧିମତ୍ତା ତଥା ନିରୀହତା ଭରପୂର ଗୋଟେ ସ୍ନିଗ୍ଧ ମାୟାବିନୀ ମୁହଁଟିରେ ସେ ଅସାଧାରଣ ଦ୍ୟୁତିରେ ଝଟକୁଥିଲା ।

ଏମିତି ବି ଲାଗୁଥିଲା, ସତେ ଯମିତି ପୃଥିବୀରେ ଲେଖା ସରିଥିବା ସବୁଗୁଡ଼ିକ କବିତାରୁ ଆଲୁଅତକ ଲୁଣ୍ଠନ କରି ସେ ଜଳି ଉଠିଚି, ତେଜୀୟାନ ପ୍ରଦୀପଟିଏ ପରି ।

ଅନିର୍ବାପିତ ସେ ଚେହେରା । ଅନିର୍ବାଚିତ ସେ କବିତା । ଅନିର୍ବାପିତ ସେ ନର୍ତ୍ତକୀସୁଲଭ ଭଙ୍ଗିମା ।

ଏ ଲେଖକର ସ୍ମୃତିର ପୃଷ୍ଠାରେ ଅନିର୍ବାପିତ ରହିଛି ସେଇ ଅମୃତ ମୁହୂର୍ତ୍ତ ।

ସେ ଯେତେବେଳେ ମୋ କବିତାର ପଙ୍‌କ୍ତି କେତୋଟି ତାର ଅଶ୍ରୁତପୂର୍ବ ସ୍ୱର ଲାବଣ୍ୟରେ ଆବୃତ୍ତି କରୁଥିଲା, ଲାଗୁଥିଲା ଯେମିତି ଏକା ସାଙ୍ଗରେ ସହସ୍ର ସହସ୍ର ପଦ୍ମ ପାଖୁଡ଼ା ମୁକୁଳିତ ହୋଇ ପଡୁଛି, ବର୍ଷାଧୁଆ ଆକାଶରୁ ଭିଜା ଭିଜା ତାରାସବୁ ଓହ୍ଲାଇ ଆସୁଛନ୍ତି ମାଟି ଉପରକୁ, କବିତାର ପରୀଗୁଡ଼ିକ ସେମାନଙ୍କର ଡେଣା ସଞ୍ଚାଳନ କରି ଉଡ଼ି ବୁଲୁଛନ୍ତି ନଭମଣ୍ଡଳରେ, ସାନ୍ଦ୍ର ସବୁଜିମାରେ ଭରପୂର ହୋଇ ଯାଉଛନ୍ତି ଅରଣ୍ୟର ସବୁ ବନସ୍ପତି, ସେ ସମ୍ମୋହନରେ ନଦନଦୀ ଏକାସାଙ୍ଗରେ ହୋଇ ଯାଉଛନ୍ତି ଗର୍ଭବତୀ ।

ବାସ୍, ତାପରେ ମାତ୍ର ଗୋଟିଏ ପ୍ରଶ୍ନ ସେ ପଚାରିଥିଲା ଓ ପରେ ପରେ ନୀରବ ହୋଇଯାଇଥିଲା । ସେଭଳି ନିରବତା ଯେ କେତେ ମର୍ମସ୍ପର୍ଶୀ, କେତେ ବାଙ୍‌ମୟ, କେତେ କମନୀୟ ଓ କେତେ ହାର୍ଦ୍ଦିକ- ତାହା କେବଳ ଥିଲା ମୋର ଅନୁଭବର କଥା ।

ସେ ମୋ ଠାରୁ ବିଦାୟ ନେଲାବେଳେ ଅତି ସନ୍ତର୍ପଣରେ ତା' ହାତ ବଢ଼ାଇ ଦେଇଥିଲା ମୋ ଆଡ଼କୁ । ସେ ହାତକୁ ଯେତେ କମ୍ ସ୍ପର୍ଶ କରି, ବିଦାୟ ସମ୍ଭାଷଣ ଜଣାଇବା କଥା, ତାହା ମୁଁ କରିଥିଲି ।

ସେ ହାତର ଅଙ୍ଗୁଳିଗୁଡ଼ିକ ଥିଲା ସୁଗଠିତ, କବିତାର ସୁକୋମଳ ପଙ୍‌କ୍ତି ଗୁଡ଼ିକ ପରି ତରଳ ଓ ଛନ୍ଦୋବଦ୍ଧ । ମୋତେ କ'ଣ ଜଣାଥିଲା, ସେଇ କାଣିଚାଏ ସ୍ପର୍ଶ ଭିତର ଦେଇ ପାରୁଲ୍ ନଈଟିଏ ହୋଇ ବହି ଚାଲି ଆସିବ ମୋ ଛାତି ଭିତରକୁ ଏବଂ ମୋତେ ଭସେଇ ନେଇ ଚାଲିଥିବ ଏମିତି, ମୋର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ !

ବାସ୍, ଏହାପରେ ଆଉ କିଛି ନାହିଁ । କିଛି ହିଁ ନାହିଁ ।

ପାରୁଲ୍ ମୋ ଭିତରେ କେବଳ ଏକ ଚିତ୍ତାକର୍ଷକ ଶୂନ୍ୟସ୍ଥାନ ହୋଇ ରହି ଯାଇଛି । କ'ଣ ପାଇଁ ସେଦିନ ମୁଁ ନିଜେ ସେଇ କବିତା ପଙ୍‌କ୍ତି ଗୁଡ଼ିକର କବି ବୋଲି ତାକୁ କହି ପାରିଲି ନାଇଁ, ତାହା ମଧ୍ୟ ରହସ୍ୟ ମୋ ନିଜ ପାଖରେ । ସେ ମୋତେ ଭଲପାଏ ବୋଲି ଯେଉଁ ସ୍ୱୀକାରୋକ୍ତି ପେଶ୍ କଲା, ସେତିକି ମାତ୍ର ହିଁ ମୋ ପ୍ରେମାନୁଭବର ଅର୍ଜିତ ଐଶ୍ୱର୍ଯ୍ୟ, ଯାହାକୁ ନେଇ ବିସ୍ତାରିତ ହୋଇଚି, ମୋ କଳ୍ପନାର ଡେଣା ।

ସେଇ ଶବ୍ଦ କେତୋଟିର ଅମୃତବିନ୍ଦୁରୁ ଜନ୍ମ ନେଇଚି- 'ପାରୁଲ୍' ଶୀର୍ଷକର ଅନ୍ତତଃ ଶହେଟି କବିତା । ପାରୁଲ୍‌କୁ ମୁଁ ମୋର ଇଚ୍ଛାମତେ ଗଢ଼ି ଚାଲିଚି । ତା' ବ୍ୟକ୍ତିତ୍ୱର, ତା' କବିତାପ୍ରାଣତାର ଯେତିକି ଚନ୍ଦ୍ରକିରଣ ମୋତେ ଆଲୋକିତ କରିଥିଲା ସେତିକି ମାତ୍ର ମୋର ପୁଞ୍ଜି ଏବଂ ସେତକ ପାରୁଲ୍-କବିତା ଲେଖିବାର ପ୍ରଚ୍ଛନ୍ନ ପ୍ରେରଣା ।

ଜୀବନରେ ଦ୍ୱିତୀୟବାର ଦେଖା ହୋଇନଥିବା ଏବଂ ଆଉ ଯେ କେବେ ଦେଖା ହେବ ସେ ସମ୍ଭାବନା ସରିସରି ଆସୁଥିବା ସତ୍ତ୍ୱେ ସେଇ ଛାୟାମୂର୍ତ୍ତିଟି ନିକଟରେ ଏ ଲେଖକ, ବିରାଟ ଏକ ବିସ୍ମୟ ଚିହ୍ନ ଭଳି ଅଟକି ରହିଛି । ସେଇ ମୃଦୁ ଯନ୍ତ୍ରଣା ଭିତରେ ପାରୁଲ୍ ମୋତେ ଆଞ୍ଜୁଳାଏ କବିତା ଭଳି ହିଁ ଦିଶି ଯାଉଛି । ଗୋଟେ ନିଷ୍ପାପ, ନିରୁଦ୍‌ବେଗ କବିତାପ୍ରାଣ ନାୟିକାକୁ ନେଇ ମୁଁ ଯେତେ ଯେତେ କବିତା ଲେଖୁଚି, ସେତେସେତେ ମୋତେ ଲାଗୁଛି, ପାରୁଲ୍ କେବଳ ଜଣେ ପ୍ରେମିକା ନୁହେଁ, ପାରୁଲ୍ ଏକ ଅପାର୍ଥିବ ପ୍ରାପ୍ତି ।

ଯେତେବେଳେ କେହି କୁଆଡ଼େ ନଥାନ୍ତି, ଦୂର ଆକାଶରେ ମିଟ୍‌ମିଟ୍ କରୁଥାନ୍ତି ତାରାମାନେ, ନଈପାଣି ଗୁଣୁଗୁଣୁ ଗୀତ ଗାଉଥାଏ ଫୁଲେଇ ଝିଅଟିଏ ପରି, ପବନର ମୃଦୁ ମୃଦୁ ଠେଲାରେ ମେଘମାନେ ଆସୁଥାନ୍ତି ଯାଉଥାନ୍ତି, ମାଳତୀ ଫୁଲର ବାସ୍ନାରେ ଭର୍ତ୍ତି ହୁଏ ମୋ' କୋଠରି ଓ ମୋ ଅନ୍ତଃସ୍ଥଳ ଏବଂ ଖୁବ୍ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ଛାତିକୁ କାଟି ପକାଉଥାଏ ନିରବତାର ଛୁରୀ-

ଠିକ୍ ସେତିକିବେଳେ ପାରୁଲ୍ ଆସିଚି ମୋ ପାଖକୁ । ବିଶ୍ୱାସ ଜନ୍ମାଇଚି, ମୋତେ ସେ ଭଲପାଏ ବୋଲି ।

ତା' ପ୍ରିୟକବି ପାଖରେ ସେ ଯେଭଳି ହାଲ୍‌କା ଭାବରେ ଆସି ଠିଆ ହୁଏ, ତାର ସେଇ ବିଚିତ୍ର ନରମ ଠାଣି, ହିଲ୍ଲୋଳ ମୁଠାଏ ବିଞ୍ଚି ହୋଇଗଲା ପରି ତା'ର ଯିବା ଓ ଆସିବା ଦାଗ କାଟେ ମନରେ, ନୂଆ ନୂଆ ମୁହାଁମୁହିଁ ହେଉଥିବା ଦୁଃଖଗୁଡ଼ିକ ବଡ଼ ଅର୍ଥପୂର୍ଣ୍ଣ ମନେହୁଏ । ତା' ସହିତ ଆଳାପ ସମୟରେ ।

ମନର ସବୁକଥା ବର୍ଣ୍ଣନା କରିପାରୁଥିବା, ସବୁ ସମସ୍ୟାର ସମାଧାନ ନିର୍ଣ୍ଣୟ କରି ପାରୁଥିବା ଅବାକ୍ ବିସ୍ମୟଭରା ସେଭଳି ଆଖି ଦିଓଟି ଦିଶୁଥାଏ ଅତି ମାତ୍ରାରେ ବିହ୍ୱଳ, ଯେତେବେଳେ ପ୍ରେମିକାଟିଏ ହୋଇ ରହିଯିବା ବ୍ୟତୀତ ଆଉ କୌଣସି ବାଟ ହିଁ ନଥାଏ । ସେତେବେଳେ ସେଭଳି ଆଖି ଦିଓଟି ଛଡ଼ା ଆଉ କିଛି ଦୁଶେନି । ବେଳେବେଳେ ସେତକ ମଧ୍ୟ ଦେଖା ଯାଏନା ।

ପାରୁଲ୍ ଆସି ଭର୍ତ୍ତି ହୋଇଯାଏ ମୋର ସାରା ଶରୀରର ଲୋମକୂପରେ ତା'ର ଆସିଥିବା ନଆସିବା, ଭଲପାଇବା ନପାଇବା, ଆଳାପ କରିବା ନ କରିବା, ଆଶା ଦେଖାଇବା ନ ଦେଖାଇବାର କୌଣସି ଅର୍ଥ ହିଁ ନଥାଏ ସେତେବେଳେ ।

ପାରୁଲ୍‌କୁ ଶୀର୍ଷକ କରି ଯେତେ କବିତା ମୁଁ ଲେଖିବି, ସେତକ ମୋ ଦ୍ୱାରା ସେ ହିଁ ଲେଖାଇଛି ଏବଂ ମୁଁ ମାନୁଚି ସେଗୁଡ଼ିକ ମଧ୍ୟ ତାକୁ ସର୍ବତୋ ଭାବେ ଚିହ୍ନାଇବାକୁ ଅକୁଳାଣ, କାରଣ ଏତେଗୁଡ଼ିଏ କବିତା ଲେଖିଲା ପରେ ସେ ଯେଭଳି ଭାବେ ପ୍ରତିଭାତ ହେବା କଥା ପାଠକମାନଙ୍କ ନିକଟରେ- ତା'ର କାଣିଚାଏ ବି ହୋଇନି ।

ଗଳ୍ପ ଲେଖୁଲେଖୁ କ୍ଲାନ୍ତ ହେଲାବେଳେ, 'ପାରୁଲ୍' ମୋ କଲମରେ ଦେଇଚି ପ୍ରଚୁର ଜୀବନୀଶକ୍ତି । ପ୍ରେମମୟ ପୃଥିବୀର ସଂରଚନା ପାଇଁ କଲମ ଚଳାଇ ରଖିବାକୁ ପ୍ରଚଣ୍ଡ ଆଶାବାଦ ସେ ତୋଳି ଧରିଚି ମୋ ଚେତନାରେ । ପ୍ରେମରେ ଓ ପାର୍ବଣରେ, ଅଭାବ ଓ ଦୁଃଖରେ, ଏପରିକି ମୋର ଚରମ ନୈରାଶ୍ୟ ଓ ହାହାକାର ସମୟରେ ବି ସେ ଆସି ଠିଆ ହୋଇଚି ମୋ ସାମ୍ନାରେ ଏବଂ ମୁହଁରେ ସ୍ମିତ ହସଟିଏ ଫୁଟାଇ କହିଚି- ଧୈର୍ଯ୍ୟ ଧର । ଜମା ଭାଙ୍ଗିପଡ଼େ ନାହିଁ ।

ମୋ ପ୍ରାଣତନ୍ତ୍ରୀରେ ପାରୁଲ୍ ଏକ ପ୍ରବାହ...ପାରୁଲ୍ ଏକ ପ୍ରେମାଗ୍ନି ।

ସମକାଳୀନ କବିତା

# କାଠଗଡ଼ାରେ ଜୀବନ

## ରାମକୃଷ୍ଣ ସାହୁ

ଆରମ୍ଭରୁ ଏ ଯାବତ
କାଠଗଡ଼ାରେ ମୁଁ ଛିଡ଼ା ହୋଇଛି
ଦୋଷ : କାହାକୁ ଦେଇନି କିଛି
ଖାଲି ନେଇଛି

ବାପା ବୋଉର ଶେଷ ସ୍ୱପ୍ନ ଥିଲା
ସହରରେ ପୁଅର ଚାକିରି
ଗୋଟେ ଛୋଟିଆ ଭଡ଼ାଘର
ନାତିନାତୁଣୀର କୋଳାହଳ
ସ୍ୱପ୍ନ ସ୍ୱପ୍ନରେ ରହିଲା, ସେମାନେ ଚାଲିଗଲେ
କବିତାର ମୋହରେ ବାଟ ଭୁଲି
ମୁଁ ଘୁରି ବୁଲୁଥିବା ବେଳେ ବେକାରୀ ବେଘର

ତୁଚ୍ଛା ମତୁଆଲି ସ୍ୱପ୍ନର ଆଳରେ
ବିଦାୟର ହାତ ହଲାଇ ଦେଲା ପ୍ରେମ
ମାଳ ମାଳ ଚୁମ୍ବନ ଫସିଲ୍ ହୋଇ
ଲାଖି ରହିଲା ଫଟା ଓଠରେ

ବାସ୍ତୁ ଶାସ୍ତ୍ରରେ ମୁଁ ଜରଦ୍‌ଗବ
ଦକ୍ଷିଣ ଦୁଆରୀ ଘର ଅଶୁଭ
ସମ୍ପର୍କ ସଂଘର୍ଷରେ ଜଡ଼ଭରତ
ରନ୍ଧାଘରେ ପତ୍ନୀ ଅଣନିଶ୍ୱାସ
ଅଜାଗା ଘା' ସଂକଟରେ ଦାମ୍ପତ୍ୟ
ମନଜାଣି କିଛି ଦେଲିନାହିଁ ବୋଲି
ପୁଅ ଚାଲିଗଲା କଞ୍ଚା ବଅସରେ
କହିଲା, ସମ୍ଭାଳ ତମର ସଂସାର


ଝିଅର ଭାରି ଦୁଃଖ, ଅଭିଯୋଗ
କୋଳକୁ ଆସିଲା ବୋଲି

ମୋର ଢଳନ୍ତି ବୟସରେ
ଠିକ୍ ବେଳରେ ତାକୁ ଦେଲିନାହିଁ ବୋଲି
ନଦୀ ପାହାଡ଼, ଗ୍ରହ ଓ ନକ୍ଷତ୍ର

ହଳଦିଆ ପଡ଼ି ଆସିଲାଣି
ସାଇତା ସ୍ୱପ୍ନର ମାଦଳାପାଞ୍ଜି
ଏଣେ ପୋକ, ଉଈ ଓ ମୂଷାଙ୍କ ଆକ୍ରମଣ
ଥମି ଆସୁଛି ହୃତ୍‌ସ୍ପନ୍ଦନ ଓ କଳ୍ପନାର ଉଡ଼ାଣ
ତେଣେ ପ୍ରକାଶକ କହିଲେ
ବହି ଛପା ହେବ ଶହେ ଖଣ୍ଡ
ଚକ୍ ଚକ୍ ସୁନ୍ଦର ମଲାଟ
ଦେବ କୋଡ଼ିଏ ହଜାର, ନେବ କୋଡ଼ିଏ ଖଣ୍ଡ
ରାଜି ତ ଆସ
ଈଶ୍ୱର ଦୂର ଦିଗ୍‌ବଳୟ ମରୀଚିକା
ଯେତେ ଚାଲିଲେ ବି ସେଇ ଦୂର
ପାଏ ନାହିଁ ଯେତେ ବଢ଼ାଇଲେ ହାତ
ବାଟ ଖୋଜି ଖୋଜି ଘାଏଲ୍ ଘର୍ମାକ୍ତ

ଏ କଲମରୁ କେବେ ଝରିଲା ନାହିଁ
ଲୋଭରୁ ଶୂନ୍ୟତାରୁ ମୁକ୍ତ ହେବା ଭଳି
ପୂର୍ଣ୍ଣଚ୍ଛେଦ ଟାଣିଦେବା ଭଳି ଗୋଟେ କବିତା
ଏ ଘୋଡ଼ାମୁହଁ ଦେଖାଇଥାନ୍ତି ବା କାହାକୁ
କଞ୍ଚା କବିତାର ପାପୁଲିରେ
ତାକୁ ଲୁଚାଇ ରଖିଛି
ତଥାପି କେମିତି କହିବି
ଭରିନାହିଁ ମୋ ଜୀବନ ପାତ୍ର
ଶୂନ୍ୟତାରେ ତ ଉଛୁଳୁଛି ହୃଦୟ
ଆଜି ଏଇ କାଠଗଡ଼ାରେ
ଦୋଷ ମୋର ମାନୁଛି
କାହାକୁ ଦେଇନି କିଛି । ❤

ଡିଆଇଇଟି ରୋଡ଼, ସମ୍ବଲପୁର
ଫୋନ : ୭୯୭୮୦୫୫୬୩୪



# ତୁମେ ଏକ ଅକ୍ଷମ ଜହ୍ଲାଦ

## ପୂରବୀ ଶତପଥୀ

କିଏ ଜାଣେ
କେଉଁ ରୂପକଳ୍ପ ହେବ ତାର ?
ବିକଳ୍ପ ଅପାର ?
କେଉଁ ତୂଳୀରେ ଆଙ୍କି ଦେଲେ ତାର ଚକ୍ଷୁ ଯୋଡ଼ା;
ଅପାଙ୍ଗରେ ଠାରି
ଉଜ୍ଜ୍ୱଳତମ ବିନ୍ଦୁଟି ଝଲସି ଉଠି କହିବ,
ତୁମେ କଣ ନିହିତାର୍ଥ ସତେ ବୁଝିପାର ?

ଯେଉଁ ତୀକ୍ଷ୍ଣ ଅସି ଧାରେ
ବୈରାଗ୍ୟ ଓ ମାଧୁର୍ଯ୍ୟ
ବିରହ ଓ ଅନୁରାଗ
ସମର୍ପଣ ଓ ସମ୍ଭୋଗର
ସାର୍ବିକ ଏକାତ୍ମତା
ତାହା ତୁମେ ଅନୁଭବି ପାର ?

ତୁମର ଅବବୋଧର ସୂକ୍ଷ୍ମତା ଆଗରେ
ପ୍ରଶ୍ନ ଚିହ୍ନଟିଏ ଦିଏ କୁଚକ୍ରୀ !
କିଏ ସେ ଛଳ-ଆଧ୍ୟାତ୍ମର ?
ସତରେ ତୁମେ କଣ ଜାଣିଛ ସେଇଟି ?

ଦିଶୁଥିବା ମୁଖା ଆରପାଖେ ତ
ତୁମ ପରି ଆତ୍ମଘୋଷିତ ଚକ୍ଷୁଷ୍ମାନ୍‌କୁ
ବହଳ ଅନ୍ଧତ୍ୱ ଘଟିଥିବା ନିଶ୍ଚିତ ।

ଜାଣିରଖ,
ତୁମର ଷଡ଼ଯନ୍ତ୍ରରେ
ସେମାନଙ୍କ ହୁଏତ
ମୃତ୍ୟୁ ଘଟିପାରେ ଆପାତ ଦୃଶ୍ୟରେ
ନିପାତ ହୁଏନା କେବେ ।

ଖାଲି ଆଜି ନୁହଁ,
କେବେ ବି
ତାହା ତୁମେ କରିପାରିନ,କରି ପାରିବନି କେବେବି,

ତୁମେ ଏକ ଅକ୍ଷମ ଜହ୍ଲାଦ ।❤

ପିଙ୍ଗୁଆ, ଢେଙ୍କାନାଳ
ଫୋନ :୮୮୪୭୮୨୫୬୮୮



# ପ୍ରତିଯୋଗୀ

## ସୁରେଶ ନାୟକ

ପଛରେ କେହି ନଥାଏ
ଯାହାକୁ ଛାଡ଼ି ଆସିଥାଏ ଅପାରଗ ମନେକରି
ସେ କେବେ ଠୁ ଆଗରେ ମୋର ।
ସାମ୍ନା ଲୋକ ସହ ମୋର ପ୍ରତିଯୋଗିତା
ଜାରି ଥାଏ ଅହରହ ।

କିଏ ଏ ସାମ୍ନା ଲୋକ ?

ଯାହାର ନିଜର ବୋଲି ଖଣ୍ଡେ ଛପର ନଥାଏ ମୁଣ୍ଡକୁ
ମୁଁ ଖୁସି ଥାଏ ଯେ ମୁଁ ଆଗରେ ।

ମୋ ଆଗରେ ପୁଣି କେହି ଜଣେ ଥାଏ ସେବେ ।

ମୁଁ ଦୌଡ଼େ ଓ ଦେଖେ ଯେ
ତା' ଚଳାଉଥିବା ସାଇକେଲ୍ ଚକରୁ
ବାହାରି ଯାଇଛି ପବନ ଓ ସେ ଦୁଃଖୀ ।

ମୁଁ ଖୁସି ହୁଏ ନିଜ ଲାଗି ଓ ସେବେ ଦୃଶ୍ୟ ହୁଏ
ସାମ୍ନାରେ ଆଉ ଜଣେ କେହି,
ମୋ ଦୌଡ଼ ଜାରି ରହେ ।

ଆଗରେ
ଜଣେ କେହି ଦୟାଳୁ ବୟସ୍କ ଧ୍ୟାନ ମୁଦ୍ରାରେ
ଥାଳିରେ
ହାତ ଉଠାଇ ଧରିଥାନ୍ତି ଆଧାର
ଅଦୃଶ୍ୟ ଗ୍ରହନକ୍ଷତ୍ରକୁ ।
ମୁଁ ହେୟ ମନେ କରେ ତାଙ୍କୁ, ବେଖାତିର୍ ବି ।
ମୋର ଜାରି ରହେ ପ୍ରତିଯୋଗିତା
ଯିଏ ଦୂରରେ ବହୁତ ଦୂରରେ, ମୋ ଆଗରେ ।

ଯିଏ ଦୂରରେ ଚଢୁଥାଏ ପାହାଡ଼,
ଯିଏ ମେଘ ଭିତରୁ ଉଦ୍ଧାର କରୁଥାଏ ପକ୍ଷୀ ଶାବକ,
ଯିଏ ପାଣି ଭିତରେ ଖୋଜୁଥାଏ ଜୀବନ,
ଯିଏ ପ୍ରତି ଗଳି ଶେଷ ଘର ଚାଳରେ
ଖୋସି ସାରି ପତାକା,
ଦାବି କରୁଥାଏ ଆସି ଯାଇଛି ବିପ୍ଳବ ।
ଯିଏ ଅନ୍ଧ ଭିକାରୀ ଥାଳିରୁ ହରଣ କରୁଥାଏ ସୁଖ ।
ଯିଏ ଆମ ଦୁଃଖକୁ ପୁଞ୍ଜି କରି
ଆରମ୍ଭ କରିଥାଏ ବଣିଜ ।

ଦୌଡ଼ ଜାରି ରହେ ମୋର
ଦେଖେ ଯେ କେହି ନାହିଁ ପଛରେ
ଏବେ ସବୁ ଚରିତ୍ର ମୋ ଆଗରେ
ମୋର ପ୍ରତିଯୋଗୀ ।

ମୁଁ ନିଜକୁ ଆହୁରି ଶକ୍ତ କରେ
ଓ ଦୌଡ଼େ ଦୌଡ଼େ ଦୌଡ଼େ...
ଏ ଭିତରେ ମୁଁ ଭୁଲି ଯାଇଥାଏ ଘରର ଠିକଣା
ନିଜ ଲାଗି ଆଚାର ବେଭାର
ପିଲାମାନେ ଶୋଇ ପଡିଥାନ୍ତି
ଘରେ ଭିତରେ ରାଜୁତି ଅସମ୍ଭବ ନିରବତା ।

ମୋର କିଛି କାମ ସାରି ଦେବାର ଥାଏ ।
ପକ୍ଷୀଙ୍କ ଲାଗି ଖୁଦ କଣିକା ବୁଣି ଦେବା
ଫୁଲ କୁଣ୍ଡରେ ପାଣି,
ସାରିବାର ଥାଏ ଚାଷ କାମ
ସଂପର୍କମାନଙ୍କ ଠୁ ମାଗିବାର ଥାଏ ନିର୍ଦ୍ଦିଷ୍ଟ ଦୂରତା
ପ୍ରିୟ ନାରୀ ପାଖେ ଗୁମାନ ।

ଏବେ ମୋ ଆଖି ଆଉ ନିଜର ହେଉନି
ନିଜର ହେଉନି ଏ ଦେହ
ମୁଁ ଦୌଡ଼ିଛି ଦୌଡ଼ିଛି ଅଣନିଃଶ୍ୱାସୀ
ଯେବେ ଥକ୍କା ହୋଇ ବସି ପଡ଼ିଛି,
ମୋ ସାମ୍ନାରେ କେହିଜଣେ ।
ସିଏ ମୋତେ ମନେ କରୁକି ନ କରୁ ପ୍ରତିଦ୍ୱନ୍ଦ୍ୱୀ
ମୋତେ ତାକୁ ପଛରେ ପକାଇ ଦୌଡ଼ିବାର ଅଛି ।

ପ୍ଲଟ ନଂ ୧୭୩ ଓ ୧୭୪, ଏଚ୍ କ୍ରସ୍, ୧୨ ମେନ୍
ରୋଡ୍, କ୍ରିଷ୍ଣା ନଗର, ଲଜ୍ ପେଟ୍,
ପୁଡୁଚେରୀ-୬୦୫୦୦୭
ଫୋନ : ୯୦୪୩୦୮୭୪୫୬



ଫଟୋ ସୁରେଶ ନାୟକ



ଫଟୋ ନରେଶ ମଣ୍ଡଳ

# ବିଭକ୍ତି

## ନରେଶ ମଣ୍ଡଳ

ତମ
ଭାବ ପ୍ରବଣତାର
ତୀର୍ଯ୍ୟକ ରଶ୍ମିରେଖା
ତମର
ଅନନ୍ୟ ଅନୁଭବରେ
ଚକ୍‌ମକ୍ ହୋଇ
ଫୁଟୁଥିବା
ନୀଳରକ୍ତର ଛିଟା,

ଯେତେଥର ମୋ
ଛାତିରେ ପିଟି ହୁଏ
ମୁଁ ନିଜକୁ ଜାଳି ଦେବାର
ମିଠା ମିଠା ନଗ୍ନତାରେ
ଉତୁରୁଥାଏ
ବାରମ୍ବାର !

ନିରବିଯାଏ ମୋର
ଅନୁତ୍ତରିତ ପ୍ରଶ୍ନ
ଅପେକ୍ଷା କରେ
କେହିଜଣେ
ମୋ କଳିଜାର
ମିଠାପଣ
ଚିହ୍ନିବା ପର୍ଯ୍ୟନ୍ତ !

ପ୍ରାଚୀ ନଗର, ଭଦ୍ରକ-୭୫୬୧୮୧
ଫୋନ :୯୪୩୮୩୨୧୪୫୪

# ଯାହାକୁ ଯାହାର ଦିନ

## ତ୍ରିନାଥ ସିଂହ

ସମ୍ମୁଖରେ ଧାଡ଼ି ଧାଡ଼ି ତାଳଗଛର
ହରିତ୍-ଶୃଙ୍ଖଳ
ସନ୍ ସନନ୍ ସନ୍‌ତା' ଭିତରେ ଦଉଡ଼ି ବୁଲୁଛି
ପବନ ।
ଗୋଟିଏ ଦୁର୍ଦ୍ଧର୍ଷ ଜଙ୍ଗଲୀ ପାହାଡ଼
ଠିକ୍ ତା'ର ପଛପାଖକୁ ଶୋଇ ରହିଛି ଚିତ୍‌ହେଇ
କୋଉକାଳୁ ।

ତାଳବଣ ପାରିହେଇ ପାହାଡ଼ର ନିଃଶ୍ୱାସପ୍ରଶ୍ୱାସ
ଏଠିକି ଶୁଭୁଛି ସ୍ପଷ୍ଟ...
ଶୁଭୁଛି ତା'ର ହୃତ୍‌ପିଣ୍ଡର ଦୁକ୍ ଦୁକ୍ ଶବ୍ଦ ।

ଛୋଟଛୋଟ ମେଘଖଣ୍ଡ କିଛି
ଓ ବେଶ୍ କେତେହଳ ଚଢ଼େଇ ଚିତ୍ରାଙ୍କନ ପରି
ଉଡ଼ିଯାଉଛନ୍ତି ସଫାସୁତୁରା ଆକାଶର ପ୍ରଚ୍ଛଦରେ
ସଦ୍ୟ ବିଧବା ହାତର ଟୁକୁଡ଼ାଏ ଭଙ୍ଗା ଚୁଡ଼ି ପରି
ଜହ୍ନ
ଅଟକି ଯାଇଛି ଆକାଶ ଦାଢ଼ରେ ...

ପାହାଡ଼ ଶୋଇ ରହିଛି ସେମିତି
ପ୍ରାକ୍ ଐତିହାସିକ ସମୟର ନିଶ୍ଚିନ୍ତ ନିଦରେ ।

ସେ ଜାଣେ
ଆଉ ଟିକକ ପରେ ପୂର୍ବତଟ ଦିଗନ୍ତରୁ
ବାଗୁଡ଼ି ଖେଳିବା ପରି ଘୋଟି ଆସିବ ଅନ୍ଧାର...

ଓ ତା'ପରେ ଏଇ ସବୁ ଚଢ଼େଇମାନେ
ମେଘମାନେ
ସବୁଜ ଶ୍ୟାମଳ ତାଳବଣ ଓ ପବନ
ଜଣ ଜଣ କରି ସମସ୍ତେ ରଖି ଦେଇ ଯିବେ
ସେମାନଙ୍କର ସ୍ୱେଦ ଓ ନିଦକୁ
ସ୍ୱପ୍ନ ଓ ସମୟକୁ
ରାତି, କ୍ଳାନ୍ତି ଓ ଭ୍ରାନ୍ତିକୁ...
ତା' ପଥର ଖୋଳର ନିବୁଜ ଗୁହାମାନଙ୍କରେ ।

ସେ ଏ କଥା ବି ଜାଣେ
ଯେ, ସକାଳ ହେବା ଆଗରୁ ତାକୁ
ଫେରେଇ ଦେବାକୁ ହେବ ପୁଣି
ଗୋଟି ଗୋଟି କରି
ଯାହାକୁ ଯାହାର
ଆଉ ଗୋଟିଏ ଲେଖାଁଏ ଦିନ ।

ପାହାଡ଼ ସେପାଖର ଜଙ୍ଗଲରୁ ଶୁଭିଲାଣି
ଘଂଚ ବନାନୀ ଦେଇ ଚାଲି ଯାଉଥିବା
ସଂଜବେଳ ରେଳଗାଡ଼ିର ଧାତବ ଶବ୍ଦ...
ଶୁଭିଲାଣି
ଜଙ୍ଗଲ ମଝି କୋଉ ଆଦିବାସୀ ବସ୍ତିରୁ
ମାଦଳ ବାଜିବାର ଡ୍ରିମ୍ ଡ୍ରିମ୍ ନାଦ !

ପାହାଡ଼ ଶୋଇ ରହିଛି ସେଇମିତି
ଚିତ୍ ହେଇ ପ୍ରାଗୈତିହାସିକ ନିଦରେ
କୋଉକାଳୁ । ♥

ଭବିଷ୍ୟନିଧି କାର୍ଯ୍ୟାଳୟ, ପାନ୍‌ପୋଷ ମାର୍ଗ,
ରାଉରକେଲା - ୭୬୯ ୦୦୪
ଫୋନ : ୮୮୯୫୦୯୯୪୭୪



◄ କବି ତ୍ରିନାଥ ସିଂହ



◄ କବି ରଞ୍ଜନ କୁମାର ଦାସ

# ଜୀବନ ମୃତ୍ୟୁ

## ରଂଜନ କୁମାର ଦାସ

ଜୀବନ ଯାକ
ତମର ଆଉ ମୋର
ଗୋଟିଏ ଛତା
ଗୋଟିଏ କମ୍ବଳ
ଗୋଟିଏ ଛାତ
ଗୋଟିଏ ସମ୍ବଳକୁ ନେଇ
ଏବେ ପୁଣି କାହିଁକି
ଅଲଗା ଅଲଗା
କବର ଆମର ?

ଜୀବନ ଯାକ ତ'
ନିଜର ହେଇ ରହିଥିଲେ
ଏବେ କାହିଁକି ରହିବା
ଯେମିତି ଆମେ
କେହି ନୁହେଁ କାହାର ? ♥

୨୮୮/୨୬୮୩, ବଜରଙ୍ଗ ନଗର
ଝାରପଡା, ଭୁବନେଶ୍ୱର
ଫୋନ୍ :୯୪୩୭୨୮୬୫୧୨



ରୂପାୟନ : ପ୍ରଦତ୍ତା ସୌମ୍ୟଜିତ୍ ►

# ପ୍ରାର୍ଥନା

ଅଙ୍ଗୁରବାଳା ପରିଡ଼ା

ହଁ, ଏତେ ଡାକିଲଣି ଯେତେବେଳେ
ଦିନେ ନିଶ୍ଚୟ ଯିବି ।

ଅପେକ୍ଷା କର,
ଆକାଶର ଝରକାରେ ମୁଣ୍ଡ ଟେକି ଚାହିଁଥିବା
ଜହ୍ନ, ତାରାମାନେ ଶୋଇ ଯା'ନ୍ତୁ ।

ଦାଉଦାଉ ହୋଇ ଜଳୁଥିବା ଦ୍ରୋହୀ ସୂର୍ଯ୍ୟ
ଟିକେ ଶୀତଳେଇ ଯାଉ ।

ପୃଥିବୀର ପରିସୀମା ଟାଣି
ଠିଆ ହୋଇଥିବା ସବୁଜ ପାଚେରୀର
ଜଳା ଦେଇ
ଗୋଟିଏ ଆଖିରେ ଚାହିଁଥିବା ପିଶାଚମାନଙ୍କୁ
ମୋ ପଲକର ପାଖୁଡ଼ାରେ
ପ୍ରୀତିର ମଦିରା ଢାଳି ବଶ କରି ସାରେ ।

ପବନର ଚୋରା ଚଳଣିରେ
ଝରାପତ୍ରଙ୍କ ମର୍ମର ଶବ୍ଦସବୁ
ଥିର ହୋଇ ସାରୁ ।

ନିହାଣମୁନରେ ନିର୍ମିତ
ମୋ ଦେହ ଦେଉଳର ସ୍ଥାପତ୍ୟ ସବୁ
ଲୁଣି ହାୱାରେ
ଯେତେ ଝରିବା କଥା ଝରିସାରୁ ।

ଯିବି ।
ତୁମ ସ୍ୱରକୁ ସରଗ ମଣି
ପ୍ରାର୍ଥନାରେ ପ୍ରାଣଦାନ ଦେବି ।

ନିଶ୍ଚୟ ଯିବି । ♥

ବି/୧୨, ସେକ୍ଟର-୧୮, ରାଉରକେଲା-୩
ଫୋନ: ୯୪୩୮୦୫୭୫୭୮



ଡ଼. ଅଙ୍ଗୁରବାଳା ପରିଡ଼ା



ଡ଼. ଶ୍ରୀହରି ଧଳ

# କବନ୍ଧ ନୃତ୍ୟ

ଡକ୍ଟର ଶ୍ରୀହରି ଧଳ

ମୋର ଗୋଡ଼ କାହିଁ,
ହାତ କାହିଁ,
ଅଥଚ ମୁଁ ନୃତ୍ୟରତ ।

କେଉଁ ତାଳ, କେଉଁ ଛନ୍ଦରେ
ବିଭୋର ?

ଦୁଃଖ ନଚାଏ, ନା
ମୁଁ ନାଚେ ?

କଷ୍ଟର ଫୁଲ ପାଲଟେ
ଛାତିଝରା ରକ୍ତ, ଆଖି ନିଗିଡ଼ା ଲୁହ ।
ବେଶ୍ ତାରିଫ୍ ଦେଖଣା ହାରୀଙ୍କ,
ବର୍ଷେ ତାଳି ।

ଉତ୍ସୁକ ଆଖିରେ ଫୁଟେ ଶେଷର ଫୁଲ ।
କଷ୍ଟର କଳା କର୍ମ ପ୍ରତି ମୁଦ୍ରାରେ,
ପ୍ରତି ଛନ୍ଦରେ ।
ଲୁହ କି ରକ୍ତ ଯାହା ଝରୁଥାଏ
ଆଖିରୁ ସେତକ
ଦୃଶ୍ୟହୀନ ସୁଖ ଆଖିକୁ ।

ଏଥର ଈଶ୍ୱର
ଦର୍ଶକ ଗ୍ୟାଲେରୀରେ
ଶେଷ ଚେୟାର୍‌ରେ ଜରଜର
ପାଶବିକ ଭୋକରେ ।

ବିବସ୍ତ୍ର ଦେହରେ
ଫୁଟୁଥିବା ନେଳି ନେଳି ମାଂସଫୁଲ,
ଉଚ୍ଚାଟ ବାସ୍ନାରେ ମାତାଲ୍
ଈଶ୍ୱର ଠୁ ଅସୁର ।
ବେଶି ବେଶି
ଭୋକ ଜରଜର ଅଂଧାର ।

ଭୋକ ସଂଚରେ
ଆଲୁଅରୁ ଅନ୍ଧାରକୁ
କଳାରୁ କଳଙ୍କକୁ ।

ନାଚ ଶେଷକୁ ପଡ଼ିଥାଏ
ଗୋଟେ ଝରାଫୁଲ ।
ଥାଏ ଦେହରେ ଧାଡ଼ିଧାଡ଼ି
ପାପର ଅକ୍ଷର । ♥

ତାଉଁତରା, କପାସି,
ଚିତାଳୋ, ଯାଜପୁର,
ଫୋନ : ୯୪୩୮୪୩୭୦୯୨



ଫୋଟୋ ମଡେଲ ଶାଶ୍ବତୀ ପଣ୍ଡା

# ଜୀବନ ପାଇଁ

## ସୁସ୍ମିତା ବେହେରା

ବାମ ହାତ ପାପୁଲିର
ଗୋଟିଏ ବି ରେଖାର ଅର୍ଥ ମୁଁ ବୁଝିନି,
ତଥାପି କାହିଁକି ସେଇଠି
ଖୋଜେ ମୋର ବାରମ୍ବାର
ଯୋଗିନୀ ହେବାର ଯୋଗ ।

ସେ କେବେକେବେ
ଚିର ଆକାଂକ୍ଷିତ ସ୍ୱପ୍ନ ପାଲଟେ,
ନିର୍ବିସ୍ତତାରେ ମୋର ନିଜକୁ
ଗଢୁଥାଏ ମୁହୂର୍ତ୍ତ ମୁହୂର୍ତ୍ତରେ
ଆଉ କେବେ ଚରମ ଅଭିଳାଷ ପାଇଁ
ଖୋଜୁଥାଏ ଉନ୍ନତ ବକ୍ଷୋଜର ଭିଡ଼,
ଜାନ୍ତବ ସ୍ପର୍ଶକୁ ଅଞ୍ଜନ ପରି
ଆଖିପତାରେ ନେସିନିଏ,
କେଜାଣି କେମିତି ତା ଆଖିପତାରେ
ଭରିଦିଏ କେତେ ଜନ୍ମର ପରିତୃପ୍ତିର ନିଦ,
ତେବେ ବି ବେଳେବେଳେ
ତା ଖୁସିରେ ଦେବୀ ବୋଲି ଡାକେ
ଅଥଚ ଚଟାଣରେ ମିଶୁଥାଏ,
ମୁଁ ଜାଣିଥିବା ମୋର ଗୋଟାଏ ଜନ୍ମର
ସାରା ସ୍ୱପ୍ନ ।

ମୋ ଆଡ଼କୁ ତାର ଗୋଟିଏ ହାତ
ଗୋଟିଏ ପାଦ ଥାଏ,
ଅନ୍ୟ ହାତ ପାଦ ଶୂନ୍ୟରେ ସବୁବେଳେ...
ମୋ ଦେହର ରକ୍ତରେ ତା ଦେହର
ମାଂସ ତିଆରି ହୁଏ, ସ୍ୱପ୍ନ ତିଆରି ହୁଏ
ମୋତେ ଛୁଇଁଲେ ଦେବୀଙ୍କୁ ଛୁଇଁଲା ପରି ଛୁଏଁ

ଆଶ୍ଳେଷରେ ନେଲେ ଅସୀମ
ଆକୁଳତାରେ ଚାହେଁ,
ସେ ଧୀରେ ଧୀରେ
ପାହାଚରେ ବସେ
ପାହାଚରେ ଗରୁଡ଼ ପକ୍ଷୀର
ଡେଣା ଲାଗେ
କିଛି ସମୟ ଏକ ଆବର୍ତ୍ତରେ
ଝୁଲି ଝୁଲି
ଆଖି ସାମ୍ନାରୁ ଅଦୃଶ୍ୟ ହୁଏ,
ହଜାରେ ମାଇଲ୍ ଦୂରରୁ
ଅଚିହ୍ନା ସ୍ୱରରେ
ଦେବୀ ଦେବୀ ଡାକ ଶୁଭେ,
ଦେବୀମାନଙ୍କୁ ସମୁଦ୍ରର ସହ
ସମ୍ପର୍କ ଯୋଡ଼ିବାକୁ ପଡ଼େ
ଜୀବନ ପାଇଁ ଜୀବନ
ଦେବାକୁ ହିଁ ପଡ଼େ । ♥



ଫଟୋ ସୁସ୍ମିତା ବେହେରା

ରସୁଲଗଡ଼, ଭୁବନେଶ୍ୱର-୧୦, ଫୋନ : ୭୮୯୪୧୦୪୪୯୪

# ବର୍ଷର ସେଇଦିନ

## ଲିପ୍ସା ପଟେଲ

ମୁହୂର୍ତ୍ତ ସବୁ ମନତଳ କୋହରେ
ସେକି ହେଲା ବେଳେ
ଝର୍କା ସେପଟେ
କିଛି ଜଟିଳ ଦୃଶ୍ୟ;
ଫୁଟ୍‌ପାଥରେ ଧାଡ଼ିବନ୍ଧା
ଦାରିଦ୍ର୍ୟର କରୁଣ କ୍ରନ୍ଦନ



ଫଟୋ ଲିପ୍ସା ପଟେଲ

ଠିକ୍ ସେଇ ମୁଣ୍ଡ ଉପରେ
ତ୍ରିରଙ୍ଗାର ତୋରଣ ।

ବାର୍ଦ୍ଧକ୍ୟର ପୁରୁଣା ପୀଡ଼ାସବୁ
ନଥିପତ୍ରର କୀଟ ପରି
ଟିକ୍‌ଟିକ୍ କାଟି ଚାଲିଥିଲେ କଲିଜା,
ଜାଲୁଆ ଆଖିରେ ଅପେକ୍ଷା
ସେଇ ପୁଅର
ଯିଏ ଦେଶଦ୍ରୋହୀ ହୋଇ
ପଡ଼ୋଶୀ ଦେଶରେ କାଟି ଚାଲିଥିଲା ସଜା ।

ଠିକ୍ କାନ୍ଥଘଣ୍ଟାର ତାଳରେ
ତାଳ ମିଶେଇ
ଶବ୍ଦସବୁ ଶୂନ୍ୟତାରେ
ଯାଉଥିଲା ଉଭେଇ
ଚତୁର୍ଦ୍ଦିଗ ନିଶୂନ୍ ଥିଲାବେଳେ
ଭାସି ଆସିଲା ପ୍ରଭାତଫେରିର ଧୂନ୍ ।

ବରଫ ଜମାଟ ବାନ୍ଧୁଥିଲା
ବିଯୁକ୍ତାତ୍ମକ ଅଙ୍କର ପାରଦରେ
ଉଦ୍ଧତ ରାତିଟିରେ
ସାବରମତୀର ସନ୍ଥକୁ ମନେପକାଇ
ତ୍ରିରଙ୍ଗା ହସୁଥିଲା ସାହସୀ ବୀରର ସୀମାରେ ।

କେଉଁଠି ଫେଣେଇ ଯାଉଥିଲା
ଧୋବଧୋବଳିଆଙ୍କ ଖୁସିର ମୁହୂର୍ତ୍ତ,
ବାଜି ମାରି ଚାଲି ଯାଉଥିଲା ସମୟ
ତଥାପି...
ଆଖି ସାମ୍ନାରେ ନାଚି ଯାଉଥିଲା
ସେଇ ବିଭାଜନର ଦୃଶ୍ୟ ।

ଚଉଦ ପାରି କରି ପହଞ୍ଚିଲା ପନ୍ଦର
ପ୍ୟାରେଡ୍, ଡାକବାଜି, ଭାଷଣ, ତ୍ରିରଙ୍ଗାରେ
ପରିବେଶ ଥିଲା...,
କିଛି ଭିନ୍ନ, କିଛି ସୁନ୍ଦର
ମନେପଡ଼ିଲେ ମହାପୁରୁଷ
କାନରେ ପଡ଼ିଲା ଦେଶାତ୍ମବୋଧକ ସଂଗୀତ
ଫେରି ଯାଉ ଯାଉ ଅଗଷ୍ଟ ପନ୍ଦର
ବଦଳିଗଲା ପରିବେଶ
ବଦଳିଗଲେ ଭାଷଣର ଚରିତ୍ର ।♥

ଇରିଗେସନ କଲୋନୀ, ଭବାନୀପାଟଣା, କଳାହାଣ୍ଡି,
ଫୋନ : ୯୪୩୯୪୦୦୩୪୮

ରୂପାୟନ: କବି କବିତା କର୍ମକାର



# ସନାଗୌଡ଼ ଓ ଅନ୍ୟମାନେ






## ଦିଲ୍ଲୀପ ବେହେରା

**ହାଉସ୍ ନଂ-୨୦୫, ଗୋପୀନାଥ ରେସିଡେନ୍ସି, ଲାଞ୍ଜିପଲ୍ଲୀ**
**ବ୍ରହ୍ମପୁର, ଗଞ୍ଜାମ-୭୬୦୦୦୮**
**ଫୋନ : ୮୨୪୯୯୮୧୦୨୩**


**ଏ ଗଳ୍ପର ଅଳଙ୍କରଣ ପରିକଳ୍ପନା ଓ ଦୃଶ୍ୟାୟନ : ସଂଜୟ ଭଞ୍ଜ**
**ରୂପାୟନ : ପାୟଲ୍, ପଲ୍ଲବୀ ଓ ସବ୍ୟସାଚୀ**

ସନାତନ ଓରଫ୍ ସନା ଗୌଡ଼ ଘରକୁ ଫେରିଛି ଏହା ହୁଏତ କିଛି ବଡ଼କଥା ନୁହେଁ । ସନା ଗୌଡ଼ର ଘର ଲେଉଟାଣିରେ ଦେଶର କୌଣସି ରାଜନୈତିକ ପରିବର୍ତ୍ତନ ଘଟୁନି କିମ୍ବା ତାକୁ ନେଇ କୌଣସି ମନ୍ତ୍ରୀଫନ୍ତ୍ରୀ ବାହାବା ବି ନେବେନି । ତା'ର ଘର ଲେଉଟାଣିରେ ଦେଶର କୁଟନୀତିରେ ମଧ୍ୟ କୌଣସି ପରିବର୍ତ୍ତନ ହେଉନି କିମ୍ବା ପାକିସ୍ଥାନ କି ଚୀନ୍ ସହ ଅଶାନ୍ତ ପରିସ୍ଥିତିର ସୁଧାର ବି ଆସୁନି । ତାକୁ ନେଇ ଅର୍ଥନୀତିଜ୍ଞମାନେ ଦେଶର ଜିଡିପିରେ କୌଣସି ବଡ଼ ପରିବର୍ତ୍ତନର ଆଭାସ ବି ଦେଉନାହାନ୍ତି କିମ୍ବା କୌଣସି ମିଡ଼ିଆବାଲାଙ୍କ ପାଇଁ ଉଚ୍ଚ ଟିଆରପି ବାଲା ବାଇଟ୍ ବି ସେ ନୁହଁ ।

ସନା ଗୌଡ଼ ଏମିତି ଏକ ଗୋଷ୍ଠୀର ପ୍ରତିନିଧିତ୍ୱ କରେ ଯାହାର କୌଣସି ଶ୍ରେଣୀ ନାହିଁ କିମ୍ବା ପରିଚୟ ନାହିଁ । ସନା ଗୌଡ଼ ପରି ସାରା ଦେଶର ଯୁବକ ସୁପରଫାଷ୍ଟ୍ ଟ୍ରେନ୍‌ର ମୁଣ୍ଡରେ ଦିଇଟି ବଗି ଆଉ ଲାଞ୍ଜରେ ଦିଇଟି ବଗିରେ ଲଦା ହୋଇ ଚାଲାଣ ହୁଅନ୍ତି । ପାଖ ଏ.ସି. ବଗିରେ ଥାଇ ଲୋକେ କୁହନ୍ତି ଏ ଶଳେ ଇଲିଟେରେଟ୍, ଅପର୍‌ଚୁନିଷ୍ଟ୍ । ସନା ଗୌଡ଼ କେବେ ଜେନେରାଲ୍ ବଗିର ଫ୍ଲୋର୍‌ରେ, କେବେ ଟଏଲେଟ୍ କଡ଼ରେ ଜାକିହୋଇ କିମ୍ବା କେବେ ଗାମୁଛା ଟାଙ୍ଗି ଦେଇ ସେହି ମୁଣିରେ କୁଙ୍କୁଡ଼ି ଶୋଇ ସ୍ୱପ୍ନ ଦେଖେ ଆରବ ଦେଶର । ଆଉ ସେତିକିବେଳେ ଆର.ପି.ଏଫ୍. ରୋଲ୍ ବାଡ଼ି କେଞ୍ଚା ବାଜେ ପଞ୍ଜରା କଡ଼ରେ । ସେ ପ୍ରକୃତିସ୍ଥ ହୁଏ, ଟିଟିଇକୁ ଫାଇନ୍ ଗଣି ରେଲୱେ ପାଣି ପିଇ ପଡ଼ି ରହେ ।

ସନାଗୌଡ଼ ମାନଙ୍କର ତ ଅନେକ କାହାଣୀ ଅଛି କିନ୍ତୁ ଏ ସନା ଗୌଡ଼ ଟିକେ ଅଲଗା ।

ସନା ଗୌଡ଼ର ସୁରତରୁ ଗଞ୍ଜାମକୁ ଲେଉଟାଣି ଗଞ୍ଜାମ ପାଇଁ ବଡ଼କଥା ନୁହେଁ କିମ୍ବା ଗଞ୍ଜାମ ଜିଲ୍ଲାର ଅମୁକ ଥାନା ଅନ୍ତର୍ଗତ ସମୁକ ଗାଁ ପାଇଁ ବଡ଼ ଉପଲବ୍ଧି ନୁହଁ । ଦିଗପହଣ୍ଡି, ଛତ୍ରପୁର, ଇଚ୍ଛାପୁର, ପୋଲସରା, ଆସିକା, ଚିକିଟି, ବେଲଗୁଣ୍ଠାର ସନା ଗୌଡ଼ ମାନେ ଏମିତି ଯିବେ ଚେନ୍ନାଇ, ମୁମ୍ବାଇ, ଭାଇଜାଗ୍, ବିଜୟୱାଡ଼ା, ସୁରତ, ଅହମ୍ମଦାବାଦ ଏବଂ ଫେରିବେ କିମ୍ବା ଫେରି ବି ନ ପାରନ୍ତି । କିନ୍ତୁ ସନା ଗୌଡ଼ ଫେରିଛି ଏ କଥା ଚାତକ ପାଇଁ ବର୍ଷା ଭଳି ପ୍ରିୟଙ୍କା ଗୌଡ଼ ପାଇଁ ଏକ ବଡ଼ ଉପଲବ୍ଧି ଯିଏକି ପାଖାପାଖି ଦୁଇବର୍ଷ ହେଲା ଚାହିଁ ବସିଛି ସନା ଗୌଡ଼ର ଫେରିବା ବାଟ । ସନା ଗୌଡ଼ ଆଜି ନୁହଁ ବରଂ ପାଞ୍ଚବର୍ଷ ପୂର୍ବରୁ ସୁରତ ମୁହାଁ ହେଲାଣି । ସେତେବେଳେ ସେ ବାହା ହେଇ ନଥାଏ । ତିନି ବର୍ଷ କାମ କରି ଯାହା ସଞ୍ଚୟ କରିଥିଲା ସେଥିରେ ସେ ଛୋଟିଆ ମୋଟିଆ ଘର ଦି ବଖରା ବନେଇଛି, ଆଉ ନିଜ ବାହାଘର ଖର୍ଚ୍ଚ ବି ଉଠେଇଛି । ଏତକ ବଡ଼କଥା ଯେ ବାପା ଯିବା ଆଗରୁ ବଡ଼ ଭଉଣୀର ବାହାଘର କରି ଯାଇଥିଲା ।

ପାଠ ଦି'ଅକ୍ଷର ଯେହେତୁ ପଢ଼ିଛି ତେଣୁ କାମ ପାଇବା କିମ୍ବା ଲୁଗା କଳରେ ପଦୋନ୍ନତି ପାଇବା ତା' ପାଇଁ ବେଶୀ କଷ୍ଟ ହୋଇନି । ସନାର ଗାଁ, ଆଖପାଖ ଗାଁ, ଏମିତି କି ପଡ଼ୋଶୀ ଫୁଲବାଣୀ, ରାୟଗଡ଼ା, ପାରଳାଖେମୁଣ୍ଡିର ପିଲା ବି ତା' ସହ କାମ କରନ୍ତି । ସନାର ଗାଁ ପିଲା ମହେନ୍ଦ୍ର ବସ୍ତିଆ, ଦଶରଥ ପାତ୍ର, ବାଇରୀ ବେହେରା, ଭୀମ ବେହେରା ପ୍ରଭୃତି ଅନେକ ବର୍ଷ ହେଲା ସୁରତରେ । ଏମିତି ଦେଖିଲେ ସୁରତ ସାରା ଓଡ଼ିଆ ଲୋକ । ବେଶୀ ଅସୁବିଧା ହେଇନି ତାକୁ ଖାପ ଖୁଆଇବାକୁ । ପାଞ୍ଚଜଣ ସାଙ୍ଗରେ ରୁହନ୍ତି ସେମାନେ । ସମସ୍ତେ ବ୍ୟାଚେଲର୍ । ସେତେବେଳେ ସନା ଏକ ନୂଆ କମ୍ପାନୀକୁ ଯାଇଥାଏ, ଅଧିକ



ଦରମା ଆଶାରେ । ଦଶ ପନ୍ଦର ଦିନ ଯାଇଛି ହାତ ସାରା ଫୁଲିକି ଚମଡ଼ା ଛାଡ଼ିଲା । ଭୀଷଣ କୁଣ୍ଡେଇ ହେବା ସହ ପାଣି ବାହାରିଲା । କାମରୁ ଛୁଟି । ସନା ଫେରିଲା ଗାଁକୁ । ବରହମପୁର ବଡ଼ ମେଡ଼ିକାଲରେ ଚିକିତ୍ସା କଲା । ଡାକ୍ତର କହିଲେ ଲୁଗା କଳର କଲର୍ ଲାଗି ରିଏକ୍ସନ୍ ହେଇଛି । ଏକ୍‌ଜିମା ରୋଗ । କାମ ବଦଳେଇବାକୁ ହେବ । କିନ୍ତୁ ସଙ୍ଗେ ସଙ୍ଗେ ଭଲକାମ କୋଉଠୁ ମିଳିବ । ଏ କାମ ହାଲ୍‌କା ଥିଲା । ଦରମା ବି ଭଲ । ତଥାପି ସନା ଟେନ୍‌ସନ୍ ନେଲାନି । ବଳେ ଠିକ୍ ହେବ । ଏଇଟା କିଛି ବଡ଼ କଥା ନୁହଁ । ତିନିବର୍ଷର ଅଭିଜ୍ଞତା ଅଛି ତା'ସହ । ସନା ଭାବିଲା ଏଥର ରହିଯିବ ଘରେ ଦୁଇ-ତିନି ମାସ ।

ମା' କହିଲା, ବାହା ହେଇଯା । ଘରକୁ ମୁଁ ଏକୁଟିଆ ଦେହପା' ଭଲ ରହୁନି । ବୋହୂଟେ ଦରକାର । ତୁ ତ ଗଲେ କେବେ ଚାରିମାସ ତ କେବେ ଛଅ ମାସ । ମିନତୀର ଶାଶୁଘରେ ଦୁନିଆ ଝାମେଲା । ପିଲାଛୁଆ ଛାଡ଼ି ସେ ଆସି ପାରୁନି ।

ସନା ଗାମୁଛାଟା କାନ୍ଧରେ ପକେଇ ବାହାରିଲା ଗାଁ ଆଡ଼େ । ମା'ତା'ର ଆଉ କିଛି କହୁଥିଲା ବୋଧେ, ସେ କାନ ଡେରିଲାନି । ବାହାଘର କଥା ଶୁଣି କେମିତି ଗୋଟେ ଲାଗିଲା ତାକୁ । ପୁଣି ଭାବିଲା ମା' ଠିକ୍ କହୁଛି । ଗାଁ ମୁଣ୍ଡ ଟପି ଋଷିକୂଲ୍ୟା କଡ଼େକଡ଼େ ହେଇ ଘେରେ ମାରି ମୁହଁସଞ୍ଜ ବେଳକୁ ଗାଁ ଦାଣ୍ଡ କଡ଼ରେ ଶୌଚ ସାରି ଫେରିଲା ବେଳକୁ ଅନ୍ଧାର । ଘରେ ପହଁଚି ଡାକିଲା- ମା', ନଡ଼ିଆ ତେଲ ଡବାଟା ଆଣ, ହାତରେ ଲଗେଇବି । ମା' ତେଲ ଡବା ଆଉ ଲଣ୍ଠନ ନେଇକି ଆସିଲା ।

ସନା ନଡ଼ିଆ ତେଲ ଡବା ନେଇକି ଲଣ୍ଠନ ଠୁଁ ଟିକେ ଦୂରେଇ ଗଲା, ଯେଉଁଠିକି ମା' ତା' ମୁହଁ ଦେଖି ପାରିବନି ।

- ମା', ତୁ କ'ଣ ଗୋଟେ କହୁଥିଲୁ । ସନା ପଚାରିଲା ।

- ମୋ କଥା ତୁ କୋଉଠି ଶୁଣିଲୁ ଯେ ! ମୋ କଥା କିଏ ଶୁଣୁଛି ! ଭାଗ୍ୟକୁ ଆଦରି ପଡ଼ି ରହିଛି ଯାହା । ଯେଉଁଦିନ ଡାକରା ଆସିବ ଯିବି । ତୋ ମୁଖରେ କଣ୍ଟା ହେବି କିଆଁ ?

- ତୁ କିଛି ପ୍ରସ୍ତାବ ପକେଇଲୁଣି ନା ?

- ତୁ ହଁ କରିବୁ ଯଦି, ତୋ ଭାସ୍କର ମାମୁଁ ଝିଅ ବାବଦରେ କଥା ହେବି ।

ସନାର ମନ ଯାହା ଚାହୁଁଥିଲା ମା' ସେହିକଥା କହିଲା । ଭାସ୍କର ମାମୁଁ ଝିଅ ପ୍ରିୟଙ୍କାକୁ ବାହା ହେବ ବୋଲି ପିଲାବେଳୁ ସ୍ୱପ୍ନ ଦେଖିଛି ସେ । ପ୍ରିୟଙ୍କା ତା'ର ମାମୁଁ ଝିଅ ହେଲେ ବି ସନା ପ୍ରିୟଙ୍କା ସହ ଘନିଷ୍ଠ ହେବାର ସୁଯୋଗ ପାଇନି । କିନ୍ତୁ ପ୍ରିୟଙ୍କା ବ୍ୟତୀତ ଆଉ କାହାକୁ ସେ ସ୍ୱପ୍ନରେ ବି ଭାବିନି । ପ୍ରିୟଙ୍କା ବିଷୟରେ ସେ ଢେର୍‌କଥା ଶୁଣେ । ଥରେ ସେ କୋଉଁ ବରହମ୍ପୁରିଆ ଟୋକା ସହ ଭୁବନେଶ୍ୱର ଚାଲି ଯାଇଥିଲା ବୋଲି ଖବର ପାଇଥିଲେ ବି ସନା ବିଶ୍ୱାସ କରେନି ।

- କ'ଣ କହୁଛୁରେ ବାପା ସନା ?

- ହଁ ମା'ତୁ କଥା ବଢ଼ା । ତୋ କଥା କ'ଣ ମାମୁଁ କାଟିବ ।

- ତୁ ଟିକେ ମୀନତିକୁ ଫୋନ୍ ଲଗେଇଲୁ ।


ସନା କଛି ନକହି ଉଠି ଚାଲିଗଲା । ଲାଜ ମାଡ଼ିଲା ତାକୁ । ପ୍ରିୟଙ୍କାକୁ ବାହା ହେବା କଥା ଭାବିଲା ବେଳକୁ ଲୋମ ତା'ର ଟାଙ୍କୁରି ଉଠିଲା । ଭାବିଲା ଯିବ ତା' ସାଙ୍ଗ ନକୁଳ ପାତ୍ର ଘରକୁ କହିବ ତା' ବାହାଘର କଥା । କିନ୍ତୁ ପାଦ ତା'ର ଗଲାନି ନକୁଳ ପାତ୍ର ଘରପଟେ । ସେ ପଦାକୁ ବାହାରିଗଲା । ନକୁଳ ପାତ୍ର ପାଖକୁ ଗଲେ ସେ କହିବ ପ୍ରିୟଙ୍କା ବିରୋଧରେ । ତା' ଚରିତ୍ର ସମ୍ବନ୍ଧରେ । ବରଂ ନଯିବା ଭଲ । ହେଲେ ତା'ର ସେମିତି କେହି ସାଙ୍ଗ ନାହାନ୍ତି । ସୁବିଧା ଅସୁବିଧାରେ ନକୁଳ ପାତ୍ର ହିଁ ଠିଆ ହୁଏ । ବାକିସବୁ ସାଙ୍ଗ କିଏ ସୁରତ ତ କିଏ ଚେନ୍ନାଇରେ ।

ଜାଣିଲେ ସମସ୍ତେ । ନକୁଳ ପାତ୍ର । ତା' ଗାଁ ବାଲା- ସବୁ । ସନା ବାହାହେଲା ପ୍ରିୟଙ୍କାକୁ । ନକୁଳ ପାତ୍ର ଚୁପ୍ ରହିଲା । ଗାଁବାଲା ସବୁ ବାଃ ! ବାଃ ! କଲେ । କହିଲେ, ବୋହୂ ଖଣ୍ଡେ ଆଣିଛି ସନା । ରୂପରେ ଯେମିତି ଗୁଣରେ ସେମିତି ।

ସନା ରହିଗଲା ପୁରା ତିନିମାସ । ପ୍ରିୟଙ୍କାର ଖୋଲା ମନ । ଛଳନା ନାହିଁ । ଭଲ ଲାଗିଲା ସନାକୁ ଯେଉଁଦିନ ପ୍ରିୟଙ୍କା ତାର ସମସ୍ତ ଇତିହାସକୁ ବଖାଣିଲା । ନକୁଳ ପାତ୍ର କଥା ଠିକ୍ । ପ୍ରିୟଙ୍କା ଯାଇଥିଲା ସେ ବର୍‌ହମ୍ପୁରିଆ ଟୋକା ସହ ଭୁବନେଶ୍ୱର । ଧୋକା ଖାଇ ଫେରିଛି । ଥରେ ଧକ୍କା ଖାଇଥିବା ମଣିଷ ଆଉ କ'ଣ ଭୁଲ୍ କରେ ? ସନା ଭାବିଲା, ଅତୀତକୁ ନେଇ ବଞ୍ଚି ହୁଏନା । ବର୍ତ୍ତମାନଟା ତ ସୁନ୍ଦର ।

ପ୍ରିୟଙ୍କାର ହାତ ବାଜିଲେ ଫୁଲମୟ ହୋଇଉଠେ ତା ଜୀବନ । ଟିକିଏ ଛୁଆଁରେ ଜୁଆର ଆସେ ମନରେ । ପ୍ରିୟଙ୍କାର କଥା ଶୁଣିଲେ ଅଦିନେ ମୌସୁମୀ ବହେ । ସ୍ନାୟୁ ତନ୍ତ୍ରୀ ତା'ର ଝଙ୍କାର ତୋଳେ ।

ଦିନେ ସମସ୍ତେ ସାଙ୍ଗରେ ବସିଥାନ୍ତି । ଭଉଣୀ ମୀନତି କହିଲା, କାମ ଦାମ





କିଛି କରୁନୁ, ପେଟ ପୋଷିବୁ କେମିତି ? ସାରାଦିନ ସ୍ତ୍ରୀ କାନି ତଳେ ମୁଣ୍ଡ ଜାକିଲୁ । ମା' ତାର ସହମତି ଜଣେଇଲା ।

ସନା କ'ଣ କହିବ ଭାବୁଥିଲା ଚୁପ୍ ରହିଗଲା । ଭାବିଲା ଠିକ୍ କହୁଛି ମୀନତି । ପ୍ରେମରେ ମନବୁଝେ ସିନା କିନ୍ତୁ ପେଟ ପୂରେନା । ପେଟ ଭୋକ ନିର୍ଦ୍ଦୟ । ସେ ପ୍ରେମ ଫ୍ରେମ ବୁଝେନି । ପଇସା ପତ୍ର ସବୁ ବାହାଘରରେ ଖର୍ଚ୍ଚ ହୋଇଛି । ଆଗକୁ ଅଚଳ ।

ସନା ପ୍ରିୟଙ୍କାକୁ କହିଲା- ଏଥର ଯିବି ।

ପ୍ରିୟଙ୍କା ମୁହଁ ଶୁଖେଇଲା । କହିଲା ସେ ଗର୍ଭର ଅଛି । ସନା ଖୁସି ହେଲା । ବାପ ହେବ ସେ । ସନା ଗୌଡ଼ ଗଲା । ପ୍ରିୟଙ୍କା ମନକୁ ବୁଝେଇଲା ପେଟ ପାଇଁ । ସବୁ ସେଇ କ୍ଷୁଧାର ଦାଉ । ଭୋକର ଭଗ୍ନାଂଶ ସମାଧାନ କରୁକରୁ ବିତିଯିବ ସମୟ । ଭୋକ ଆଉ ସମୟ ଦିହେଁଯାକ ନିର୍ଦ୍ଦୟ । ସମୟ ଫାଙ୍କି ଚାଲିଥାଏ ତ ଭୋକ ସମୟ ଗଡ଼ିବା ସହ ଦହଗଞ୍ଜ କରେ । ଭୋକ ଠୁଁ ନିସ୍ତାର କାହିଁ ନା ସମୟକୁ ଫାଙ୍କିବାର ଉପାୟ କାହିଁ !

ଭାଗ୍ୟକୁ ସନା ଏଥର ଗେଷ୍ଟ୍ ହାଉସ୍‌ରେ କାମ ପାଇଗଲା । ଏକ୍‌ଜିମା ରଙ୍ଗ ଯୋଗୁଁ ଲୁଗା କାମ ଅସମ୍ଭବ । ତା' ସାଙ୍ଗ ମହେନ୍ଦ୍ର ବସ୍ତିଆ ମାଧ୍ୟମରେ ଚିହ୍ନାହେଲା ଏମ୍.ନାଗଭୂଷଣ ସହ । ଟୋକାର ଦି ନମ୍ବରୀ କାମ । ସେ ଇଚ୍ଛାପୁରରୁ । ଗୋଟେ ଜିଲ୍ଲାର ଲୋକ । ଦୋସ୍ତି ବଢ଼ିଲା । ସନା ଗେଷ୍ଟ୍ ହାଉସ୍‌ର ଓ୍ୱାର୍ଡବୟ କାମ କଲା । ଦରମା ସାଙ୍ଗକୁ ବାବୁମାନଙ୍କ ଠୁଁ ଦି'ପଇସା ବକ୍‌ସିସ୍ । ବେଶ୍ ରୋଜଗାର ହୁଏ । ହୋଟେଲ୍‌ରେ ବାବୁମାନଙ୍କ ଫର୍‌ମାଇସ୍ ଅନୁଯାୟୀ ଖାଦ୍ୟ, ସିଗାରେଟ୍, ହୁଇସ୍କି ସବୁ ଯୋଗେଇ ଦିଏ ସେ । ନାଗଭୂଷଣ ଆଣେ ଟୋକୀ । କେବେ କଲେଜ ଝିଅ ତ କେବେ କଲ୍ ଗାର୍ଲ । ଫର୍ଟି ପର୍‌ସେଣ୍ଟ୍ ତା'ର । ଗେଷ୍ଟ୍ ହାଉସ୍‌ର ସେଫ୍ ଭି.ସୁରେଶ ରାଓ ମନା କରେ ନାଗଭୂଷଣ ସହ ମିଶିବାକୁ । ସନା ନାଗଭୂଷଣ ଠୁଁ ଦୂରତା ବଢ଼େଇ ସାଙ୍ଗ ହୁଏ ସୁରେଶ ରାଓ ସହ ।

ସେଦିନ ପ୍ରିୟଙ୍କା ଫୋନ୍ କଲା । ଖାଲି କାନ୍ଦିବା ଛଡ଼ା କିଛି ବି କହି ପାରିଲାନି । ଢେର୍ ପଚାରିବାରୁ କହିଲା ଗର୍ଭ ନଷ୍ଟ ହୋଇଗଲା । ପ୍ରିୟଙ୍କାକୁ ବୁଝେଇବ ବୋଲି କ'ଣ କହି ବୁଝେଇବ ସେ ବୁଝି ପାରିଲାନି । ସେ ବି ତ ସମଦୁଃଖୀ । ନିଶ୍ଚିତ ପିତୃତ୍ୱରୁ ସେ ବଞ୍ଚିତ ।

ରାତିରେ ବାବୁମାନଙ୍କ ଫର୍‌ମାଇସ୍ ସବୁ ବୁଝିସାରିବା ପରେ ସୁରେଶ ରାଓ ପାଖକୁ ଗଲା । ସୁରେଶ ରାଓର କାମ ସରୁସରୁ ରାତି ବାରଟା ଟପେ । ସୁରେଶ ରାଓ ବୁଝିଲା, ଦରଦ ଦେଖେଇଲା । ରମ୍ ଦି ପେଗ୍ ଦେଲା । ସନା ଗୌଡ଼ ଶୋଇଲା । ସକାଳକୁ ସେଇ କଥା । ମନଟା ଭାରି ଲାଗୁଥାଏ । ଭାବିଲା ଘରକୁ ଯିବ । ପ୍ରିୟଙ୍କା ପାଖରେ ଠିଆ ହେବ । କହିବ ବ୍ୟସ୍ତ ହ'ନି । ଆଉ ଗୋଟେ ପିଲା ପାଇଁ ଚେଷ୍ଟା କରିବା । ନକୁଳକୁ ଫୋନ୍ କଲା । କହିଲା ଗାଁକୁ ଫେରୁଛି । ଆସିବୁ ବରହମ୍‌ପୁର ଷ୍ଟେସନ୍ ନେବା ପାଇଁ । ନକୁଳ ପାତ୍ର କହିଲା, ଏଇ ତ ଯାଇଥିଲୁ, ଫେର୍ କିଆଁ ଆସିବାକୁ ଉଚ୍ଛନ୍ନ ।

"ତୋ ଭାଉଜର ଗର୍ଭ ନଷ୍ଟ ହେଲା । ମନଟା ଭଲ ଲାଗୁନି ।"

"ମୁଁ ଭାବୁଥିଲି ସେମିତି ହିଁ ହେବ ।"

"ଭାବୁଥିଲି ଅର୍ଥ ?"

"ହଁ ପରା ତୁ ଗଲା ପରେ ତୋ ସ୍ତ୍ରୀ ସେ ବରହମପୁରିଆ ଟୋକା ସହ ଭଲ ଜମେଇ ରଖିଥିଲା ।"

ସନା ନକୁଳର ମା' ଭଉଣୀ ନେଇ ସାରି ଫୋନ୍ କାଟି ଦେଲା । ସନା ଜାଣେ ପ୍ରିୟଙ୍କା ସେ ଭୁଲ୍ ଆଉ କରିବନି । ତଥାପି ତା' ମନକୁ ପାପ ଛୁଇଁଲା । ଯଦି ସେ ଗାଁକୁ ଯାଇ ଜାଣିବାକୁ ପାଏ ଯେ ନକୁଳ କଥା ସତ ! ସାହି ପଡ଼ିଶା ବି ଯଦି ସେହି କଥା ଟାହିଟାପରା କରନ୍ତି ! ପଚାରିବ କି ପ୍ରିୟଙ୍କାକୁ ? ଯଦି ମିଛ ହେଇଥିବ ପ୍ରିୟଙ୍କାକୁ କଷ୍ଟ ହେବ । ଯଦି ସତ ହେଇଥାଏ ! ତେବେ ? ପଡ଼ିଥାଉ ସେ ବଜ୍ଜାତ୍ ମାଇକିନା ଗାଁରେ । ସନା ଆଉ ଫୋନ୍‌ଫାନ୍ କଲାନି ବେଶି । ମାସକୁ ଥରେ ଖାଲି ଟଙ୍କା ପଠେଇ ଦିଏ । ମା' ଘରକୁ ଡାକିଲେ କାମ ବାହାନା କରି ଫାଙ୍କିଦିଏ । ଗଡ଼ି ଚାଲେ ସମୟ ।

ଭି.ସୁରେଶ ରାଓ ଦରଦୀ । ଆବଶ୍ୟକତା ଠୁଁ ଟିକେ ବେଶି । ରାତିରେ କେବେ ବିୟର୍ ତ କେବେ ରମ୍ ଦିଏ । ଦୁଃଖ ବାଣ୍ଟେ । ନିଶା ହେଲେ ସନା ଠୁଁ ଝଡ଼ାଏ । ସନାର ବକ୍‌ସିସ୍ ଟଙ୍କା ଯାଏ ମାଲ୍‌ପିଆରେ । ମଝିରେ ମଝିରେ ସୁରେଶ ରାଓ ଛୁଟିନେଇ କୁଆଡ଼େ ଉଭାନ୍ ହୋଇଯାଏ । ସପ୍ତାହେ ଦି'ସପ୍ତାହ କିଛି ଖୋଜ୍ ଖବର ମିଳେନି । ଥରେ ତାକୁ ଭେଟିବାକୁ ତା'ର ପୁରୁଣା ରୁମ୍‌ମେଟ୍ ବାଇରୀ ଆଉ ଭୀମା ଆସିଥିଲେ । ସେମାନେ କହୁଥିଲେ ସୁରେଶ୍ ରାଓ ମାଇଚିଆ ବସ୍ତି ଯାଏ । ସେଇଠି ଗୋଟେ ମାଇଚିଆକୁ ମାଇକିନା କରିଛି ।

ସନା ଗୌଡ଼ ହସିଲା । କହିଲା ତୋ ଡମ୍ଫା କଥା ।

ସେଦିନ ସୁରେଶ ରାଓ ଆଉ ସେ ବସି ପିଉଥାନ୍ତି ଢେର୍ ରାତି ଯାଏଁ । ସୁରେଶ ରାଓ ଟେନ୍‌ସନ୍‌ରେ ଥାଏ । କେଉଁଠୁ ଆଣିଥାଏ ବିଦେଶୀ ହୁଇସ୍କି । ଢେର୍ ବେଳ ଯାଏଁ ଚୁପ୍‌ଚାପ୍ ବସି ପିଇଲେ । ସନାକୁ ପ୍ରବଳ ନିଶା ହୋଇଗଲା । ସୁରେଶ ରାଓ କୁଣ୍ଢେଇ ଧରିଲା ସନାକୁ ।

ସକାଳେ ଦେଖେ ତ ସନା, ସୁରେଶ ରାଓ ନାହିଁ । ଗେଷ୍ଟ୍ ହାଉସ୍ ଛାଡ଼ି ପଳେଇଛି ସେ । ବିଛଣାରୁ ଉଠି ବସିଲାରୁ ତାକୁ ଅସହଜ ଲାଗିଲା । ସେ ବୁଝିଗଲା ସବୁ । ଏକ ଅସହାୟତା ତା'ର ଦେହକୁ ଅବଶ ଏବଂ ମନକୁ ହାହୁତାଶମୟ କରି ପକେଇଲା । ସେ କ'ଣ ପାଟିକରି କହିପାରିବ ସେ ପୀଡ଼ିତ । ମାଗି ପାରିବ ନ୍ୟାୟ ? ଏକ ଅବାଞ୍ଛିତ ଆତ୍ମଗ୍ଲାନି ତାକୁ ଗ୍ରାସ କଲା । ପ୍ରିୟଙ୍କା କ'ଣ ତା ଠୁଁ ବେଶି ଘୃଣ୍ୟ । ସମାନ ଦଣ୍ଡ ଯଦି ପ୍ରିୟଙ୍କା ବି ତାକୁ ଦିଏ ?

ସେଦିନ ଦେଖା ହେଲା ଏମ୍.ନାଗଭୂଷଣ ସହ । ଦେଖୁ ଦେଖୁ ସେ ଛିଗୁଲେଇକି କହିଲା, ସୁରେଶ୍ ରାଓ ଏଚ୍.ଆଇ.ଭି. ପଜିଟିଭ୍ ବୋଲି ତଡ଼ା ଖାଇଲା ଗେଷ୍ଟ୍ ହାଉସରୁ । ଏଥର ତୋର ପାଳି । ନାଗଭୂଷଣ କେମିତି ଏକ ଛୁରୀ ଭୂଷା ହସଟେ ହସିଲା ।

କ'ଣ ସେଇଥିପାଇଁ ସୁରେଶ ରାଓ କାଲି ଟେନ୍‌ସନ୍‌ରେ ଥିଲା ? ସନାର ପାଦତଳୁ ପୃଥିବୀଟା ଖସି ପଡୁଥାଏ । ଜିନିଷ ପତ୍ର ବାନ୍ଧି ଜେନେରାଲ୍ ଟିକେଟ୍ କାଟି ରାତ୍ରି ଟ୍ରେନ୍ ଧରିଲା ସନା ଗୌଡ଼ କାହାକୁ କିଛି ନକହି ।

ଫେରି ଆସିଛି ସନା ଗୌଡ଼ । ଦେଶ ପାଇଁ, ରାଜ୍ୟ ପାଇଁ କି ଜିଲ୍ଲା ପାଇଁ କିଛି ବଡ଼ କଥା ହେଉ କି ନହେଉ ପ୍ରିୟଙ୍କା ଗୌଡ଼ ପାଇଁ ଢେର୍ ବଡ଼କଥା । ପ୍ରିୟଙ୍କା ଗୌଡ଼ ଭାବିଛି ଅଭିମାନ କରିବ, ପାରିନି । ପ୍ରିୟଙ୍କା ଗୌଡ଼ ଭାବିଛି ଅଭିଯୋଗ କରିବ, ପାରିନି । ଯେଉଁ କଥା ସନା ଗୌଡ଼ ଦିନେ ପଚାରିବ

ଭାବିଥିଲା, ତାକୁ ପଚାରି ପାରିନି ବରଂ ନିଜକୁ ସମାନ ପ୍ରଶ୍ନ ବାରମ୍ବାର କରିଛି ।

ରାତିରେ ପ୍ରିୟଙ୍କା ସନାକୁ ପିଠିକରି ଶୋଇନି ବରଂ ସନା ନିଜେ ପ୍ରିୟଙ୍କା ସହ ଆଖି ମିଶେଇ ପାରିନି । ଫେରିବା ପର ଠୁଁ ସନା ଆଉ ପ୍ରିୟଙ୍କା ଦିପଦ କଥା ହେଇନାହାନ୍ତି ଅଥଚ ମନେମନେ ହେଇ ଯାଇଛନ୍ତି ଅନେକ କଥା । ସୁଖ, ଦୁଃଖ, ଅଭିମାନ, ଅଭିଯୋଗ ମନଫଟା ଫଟି ଆଉ ପୁଣି ବୁଝିପାରିଛନ୍ତି ଭୁଲ୍ ।

ସନା ଗୌଡ଼ ପ୍ରିୟଙ୍କାର ଗାଲ ଛୁଇଁଲା । ପ୍ରିୟଙ୍କାର ମନରେ ନିଆଁ ଲାଗିଲା । ସନା ଭାବୁଥିଲା କେମିତି କରି କହିବ ତା'ର ଅସହାୟତା, କେମିତି ବଖାଣିବ ସେ ପୀଡ଼ିତ ବୋଲି । ସେପଟେ ଦାନା ବାନ୍ଧୁଥାଏ ଶତାବ୍ଦୀର ପୁଞ୍ଜିଭୂତ ଦାବାନଳ । ସେ ଦାବାନଳ ଗ୍ରାସିଲା ସନାକୁ । ସନା ହେଲା ଉନ୍ମାଦ, ତା'ଠୁଁ ବେଶୀ ପ୍ରିୟଙ୍କା । ବାହାରେ ବର୍ଷା ହେଲା । ଶୁଷ୍କ ଭୂଇଁ ଶାନ୍ତ ହେଲା । ନିର୍ମଳ ହେଲା ବାତାବରଣ ।

ସନା ଭୁଲିଗଲା ସବୁ । ଭୁଲିବାକୁ ପଡ଼େ ସବୁକଥା ସମସ୍ତଙ୍କୁ । ସମୟ ବିତିଗଲା ମାସ ପରେ ମାସ । ଦିନେ ନକୁଳ ପାତ୍ର ସାମ୍ନାରେ ଛାତି ଫୁଲେଇ ଠିଆ ହେଲା ସନା, କହିବାକୁ, ସେ ବାପା ହେଉଛି । ନକୁଳ ପାତ୍ର ଖୁସି ହେଲା, ଯାହାବି ହେଉ ସେ ସାଙ୍ଗ । ଭାଗ ଜମି ଚାଷ କଲା । ମନସ୍ଥ କଲା ଆଉ ଯିବନି ସୁରତ । ଏଇଠି ଖଟିବ, ପ୍ରିୟଙ୍କା ପାଖରେ ରହିବ, ବୁଢ଼ୀ ମା'କୁ ସାହାହେବ ।

ବର୍ଷାଦିନ ଯାକ ସେ ଖଟିଲା । ଖରାବର୍ଷାରେ ନିଜକୁ ଏକାକାର କଲା । ମାଟି ସବୁଜିମା ଉପହାର ଦେଲା, ହସିଲା ଆକାଶ । ହସ ଉକୁଟିଲା ସନାର ମୁହଁରେ । ପ୍ରିୟଙ୍କାର ଓଠରେ ଆଉ ତା' ବୁଢ଼ୀ ମା'ର କପାଳ କୁଞ୍ଚନରେ ।

ଚାଷ କାମ ଭିତରେ ଦେହ ପା' ଯତ୍ନ ନେଇ ହୁଏନି । ସଞ୍ଜକୁ ଥକାରେ ଜ୍ୱର କି ଥଣ୍ଡା କିଛି ଜଣା ପଡ଼େନି । କିନ୍ତୁ ଗହ୍ମା ପୂର୍ଣ୍ଣିମା ପରେ ପରେ ସଦା ଜାଣିଲା ତାକୁ ଜ୍ୱର ହେଉଛି । ଏଠୁସେଠୁ ଔଷଧ ଖାଇ ଚାପି ରଖିଲାଣି ମାସେ ଦି'ମାସ । ପ୍ରିୟଙ୍କା ଜିଦ୍ ଧରିଲା ବରହମପୁର ବଡ଼ ମେଡ଼ିକାଲ ଯାଇ ଦେଖେଇବାକୁ । ସନା ଭାବିଲା ଠିକ୍ କଥା । କହିଲା ସାଙ୍ଗରେ ପ୍ରିୟଙ୍କାକୁ ବି ନେଇକି ଯିବ । ଏକାଥରେ ଚେକ୍ଅପ୍ କରିକି ଆସିବ । ପ୍ରିୟଙ୍କା ଖୁସି ହେଲା । କିନ୍ତୁ ମନାକଲା ଆଶାଦିଦି । ମିଟିଂ ଅଛି, ତା'ପରେ ଦରମା ପାଇଁ ଷ୍ଟ୍ରାଇକ୍ । କୌଣସି ପ୍ରକାରେ ହେଇ ପାରିଲାନି, ରହିଗଲା ପ୍ରିୟଙ୍କା । ସନା ଗଲା । ଡାକ୍ତର ପଚାରିଲା ସବୁକଥା । କେବେଠୁଁ ଜ୍ୱର, କ'ଣ କାମ କରେ, କୋଉଁଠି କାମ କରୁଥିଲା । ସୁରତ ! ଯା' ରକ୍ତ ପରୀକ୍ଷା କରି ଆଣିବୁ । ସନା ରକ୍ତ ପରୀକ୍ଷା କଲା ।

ଏପଟେ ଦିନଗଡ଼ି ସଞ୍ଜହେଲା । ପ୍ରିୟଙ୍କା ଚାହିଁ ରହିଥାଏ । ଶାଶୁ କହିଲା, ଆଲୋ ବୋହୂ, ସନାକୁ ଟିକେ ଫୋନ୍ କଲୁନି । କୁଆଡ଼େ ଗଲା ଏଯାଏଁ । ଲାଗିଲାନି ସନାର ଫୋନ୍ । ସଞ୍ଜକୁ ପୋଲିସ୍ ବାଲା ଆସି ଖବର ଦେଲେ, ସନା ମୃତ । ଆସିଲେ ନକୁଳ ପାତ୍ର, ଆସିଲା ଭଉଣୀ ମିନତୀ । ପଡ଼ିଲା କାନ୍ଦ ବୋବାଳି । କିଏ କହିଲା ଆକ୍ସିଡେଣ୍ଟ, କିଏ କହିଲା ହତ୍ୟା, କିଏ ପୁଣି ଆତ୍ମହତ୍ୟା । ପୋଲିସ୍ କହିଲା ପ୍ରିୟଙ୍କା ଚାହିଁଲେ ପୋଷ୍ଟ୍‌ମର୍ଟମ୍ ହେବ ନହେଲେ ମୃତ ଦେହ ହସ୍ତାନ୍ତର କରିବେ । ଶାଶୁ ବୋହୂ ନିର୍ବାକ୍ ରହିଲେ । ପୋଲିସ୍ ମୃତ ଦେହ ହସ୍ତାନ୍ତର କଲା । ସରିଗଲା ଦଶାହ ଫେରିଗଲେ ବନ୍ଧୁବର୍ଗ ।

ପେଟର ପିଲାଟାକୁ ଚାହିଁ ପଡ଼ିରହିଲା ପ୍ରିୟଙ୍କା । ନା ଡାକ୍ତର ଦେଖା ନା ରକ୍ତ ପରୀକ୍ଷା । ଶାଶୁ ବୋହୂଙ୍କର ଅସହାୟତା ପରି ବଢ଼ି ଚାଲିଲା ପ୍ରିୟଙ୍କା ପେଟର ପିଲା । ହେଲା ପ୍ରସବ ବେଦନା । ଆଶାଦିଦି ନେଇଗଲା ବଡ଼ ମେଡ଼ିକାଲ । ମେଡ଼ିକାଲ୍‌ରେ ଦିଦିମାନେ ଦୂର୍‌ଦୂର୍ ଛି ଛି କଲେ । କେହି ଛୁଇଁବାକୁ ରାଜି ହେଲେନି । ଯିଏ ବି ଛୁଇଁଲା ଖଣ୍ଡେ ଦୂରରୁ । ପ୍ରିୟଙ୍କା ଜନ୍ମ ଦେଲା ଝିଅଟେ ।

ଆଶା ଦିଦି କହିଲା ସେ ଏଚ୍.ଆଇ.ଭି ପଜିଟିଭ୍ ପ୍ରିୟଙ୍କା ବୁଝି ପାରିଲାନି । ଚାହିଁ ରହିଲା । ଆଶା କହିଲା– ତୁ ଏଡ୍‌ସ୍ ରୋଗୀ, ଆଉ ତୋ ଝିଅ ବି । ଏବଂ ଡିସ୍‌ଚାର୍ଯ କରି ନେଇ ଆସିଲା ।

ପ୍ରିୟଙ୍କା କାନରେ ବାଜୁଥାଏ ଗୋଟିଏ କଥା– ସେ ଏଡ୍‌ସ୍ ରୋଗୀ । ତା ଝିଅକୁ ଚାହିଁଲା– ଗୁଲୁରୁ ଗୁଲୁରୁ ଆଖି ଠିକ୍ ସନା ପରି । ସେ ବି ଏଡ୍‌ସ୍ ରୋଗୀ ! ସେ ତା' ଥନରୁ କ୍ଷୀର ଖାଇବନି । ସନା ହସ୍‌ପିଟାଲରୁ ଫେରିଲାନି । ଫେରିଲା ମୃତ ଶରୀର । ସେ ବି କ'ଣ ? ପ୍ରିୟଙ୍କା ଗୁଡ଼େଇ ତୁଡ଼େଇ ଗଲା ନିଜ ପ୍ରଶ୍ନ ଜାଲରେ । ଛୁଆଟା କାନ୍ଦୁଥାଏ କ୍ଷୀର ଖାଇବାକୁ ।

ସକାଳେ ସନା ମା' ଡାକ ଛାଡ଼ିଲା । ଆସିଲେ ଗାଁ ବାଲା, ଆସିଲେ ପୋଲିସ ଆଉ ପରେପରେ ଖବର ପାଇ କୋଉଁ ଗୋଟେ ଫାଉଣ୍ଡେସନ୍‌ର ଲୋକେ । ଲୋକେ ଆଃ ! ଆଃ ! ଛୁଃ !ଛୁଃ ! କଲେ । ମା' ବିଷ ପିଇ ମରିଛି, ପାଖରେ ପଡ଼ିଛି ବିଷମିଶା କ୍ଷୀରଡବା । ଛୁଆଟା କାନ୍ଦୁଛି ମା' କଡ଼ରେ ।

ଫାଉଣ୍ଡେସନ୍ ବାଲା ପିଲାଟାକୁ କୋଳେଇ ନେଲେ । ସନା ମା' ବାହୁନୁଥାଏ ମୁଣ୍ଡପିଟି ।




# କଜଳୀ ମାଆର ପ୍ରଶ୍ନ ପେଡ଼ି



## ଅଞ୍ଜଳି ସାହୁ

**୧୦୬, ମହାନଦୀ ଆପାର୍ଟମେଂଟ୍**
**ଗୋଠପାଟଣା, ଭୁବନେଶ୍ୱର**
**ଫୋନ୍ : ୯୪୩୮୩୬୧୩୧୫**




କଜଳୀ ମାଆକୁ ନେଇ ଗାଁଆଟା ଯାକ ସଭିଙ୍କ ମନରେ ଗୋଟିଏ ବଡ଼ ପ୍ରଶ୍ନ । ଅସୀମା ବା ସେଥିରୁ ବାଦ୍ ପଡ଼ନ୍ତା କେମିତି ? କେତେ ଥର ଚେଷ୍ଟା କରି ବି ନିରାଶ ହୋଇଚି ଅସୀମା । କଣ ଗୋଟେ ଏଣୁ ତେଣୁ କହି ପ୍ରତି ଥର ଆଡ଼େଇ ଯାଇଛି କଜଳୀ ମାଆ । ଆସିକି ବୁଢ଼ୀ ହେଲାଣି, ହେଲେ ଆଜି ଯାକେ କାହାକୁ କହିଲାନି ତା ପେଟ ଭିତରର କଥା । ବରଷ ବରଷ ଧରି ଏକ ଘରିକିଆ ହୋଇ ରହିଲା, ନିଆଁ ପାଣି ଅଟକ ହେଲା, ନାଁଆ ଗଡ଼ିଲା ଯାଇ ପଂଚାୟତରେ, ତଥାପି ପାଟି ଖଣ୍ଡକୁ ଦିଖଣ୍ଡ କଲାନି । ପଦେ ବି ଖୋଲି କହିଲାନି ସେ ବିଷୟରେ ।

ହେଇ ତ କଜଳୀ ମାଆ ! ଅସୀମା ଅଳ୍ପ ଦୂରରୁ କାନେଇଛି...ପିଲା କେତେଟାକୁ ରୁଣ୍ଡେଇ ଦୁଆରେ ବସି ପଚାରୁଛି...

ଏଥର କହିଲ ଦେଖି...
'ଆଁ କରିଛି ପାଟି
ଗଣ୍ଡି ଖାଉଛି ମାଟି ।
ଆଇଗଣ କି ବାଇଗଣଟା
ଗାଇ ଗୋରୁ ନୁହେଁ ଶିଙ୍ଘ ଦୁଇଟା
ମଣିଷ ନୁହଁଇ ଚାଲଇ ବାଟ
ଛୁଇଁ ଦେଲେ ପଡ଼େ ତାଟି କବାଟ ।'

କଜଳୀ ମାଆ ଏତକ ପଚାରୁ ପଚାରୁ ଟିକିଏ ଅଟକି ଗଲା । ଗୋଟେ ନୁହଁ କି ଦି ଟା ନୁହଁ, ଦଶ କି ପନ୍ଦରଟା ଆଠ ଦଶ ବରଷର ପିଲା ତା ଚାରି ପଟରେ ଘେରି ରହିଥାନ୍ତି ଦୁଆରେ । ବରଷା କୁଣ୍ଡା ଝାଡୁଥାଏ । ଅଧା ଓଦା ଅଧା ଶୁଖିଲା ପିଣ୍ଡାରେ ବସି ରହିଥାନ୍ତି ସମସ୍ତେ । ବେଳେ ବେଳେ ପବନ ହେଲେ ବରଷା ଛିଟିକା ମାରୁଥାଏ ଉପରକୁ, ହେଲେ ସେ ଆଡ଼କୁ କାହାର ନଜର ନଥାଏ । କଜଳୀ ମାଆ ପୁଣି ଦୋହରାଇ ବସିଲା । ପିଲାମାନେ ପରସ୍ପରକୁ ଚାହାଁ ଚାହିଁ ହେଲେ । କେହି କେହି ପାଖ ପିଲା କାନରେ କଣ ଫୁସ୍ ଫୁସ୍ କଥା ହେଇ ହସା ହସି ହେଲେ ବହେ ।

ବାଟୁ ଥିଲା ଥିଲା କହିଲା, – 'କଜଳୀ ମାଆ, ମୁଁ କହିବି ?'

–'କିରେ କହୁନୁ, ତୋ ପାଟିରେ କିଏ ବାଡ଼ ବତା ଦେଇଛି ନା କଣ ?'

–'ଉଁ....ଗୁହାଳ'

ପୁନ ଫିକ୍ କିନା ହସି ଦେଲା ଆଉ କହିଲା.

–'ନା, ନା କଜଳୀ ମାଆ, ଗୁହାଳ ନୁହଁ, ଏଇଟା ହେବ ଗଛ ।'

ପାନ ଖିଆ ପାଟିରେ ଅଳପ ହସିଦେଲା କଜଳୀ ମାଆ, ଆଉ କହିଲା,

–'ଚନି ଚୁଆ ଠି ଗେଣ୍ଡା ଦେଖିନ, ଗେଣ୍ଡା ।'

'ହଁ, ହଁ... ମୁଁ ଦେଖିଛି , ମୁଁ ଦେଖିଛି...' କହି ପିଲାମାନେ ପାଟି କରିବାକୁ ଲାଗିଲେ ।

'ସେଇ ପରା ଯାର ଉ ? ? ?ର' – କଜଳୀ ମାଆ କହିଲା ।

ପିଲାଏ ନିଜ ନିଜ ଭିତରେ କଣ ଗୁଡ଼ାଏ ଗୁଣୁ ଗୁଣୁ ହେଲେ କେଜାଣି, ସୁମା ଥିଲା ଥିଲା ଆଉ ଗୋଟାଏ ପ୍ରଶ୍ନ ପଚାରିବାକୁ ଜିଦ୍ କରି କହିଲା କଜଳୀ ମାଆକୁ । କଜଳୀ ମାଆ ଆକାଶକୁ ଅନାଇଲା ଘଡ଼ିଏ, ମେଘ ଭାଙ୍ଗିଲାଣି ନା ନାହିଁ, ହୁଏତ ଅନୁମାନ କଲା ଆଉ ବୁଲି ପଡ଼ି ପୁଣି ତା ପ୍ରଶ୍ନ ପେଡ଼ି ଖୋଲି ବସିଲା ।

କହିଲ ଦେଖି...
'ଅର୍ଜୁନ ଗଛଟି ଝାମ୍ପୁଡ଼ା
ସେଠିକି ପାଏନି ଆଙ୍କୁଡ଼ା
ଯାର ଉ ? ? ?ର କଣ ହେବ ?'

ମାଣିକ କହିଲା, 'ଉଁ..., କଜଳୀ ମାଆ, ମୁଁ କହିବି ? ଉଁ...ଯାର ଉ ? ? ?ର ହେଲା ବରଗଛ ।'

ହେଁ ହେଁ ହୋଇ କେତେଟା ପିଲା ଦାନ୍ତ ଦେଖେଇ ହସିବାକୁ ଲାଗିଲେ ।

ଥିଲା ଥିଲା ବାସୁ କହିଲା, 'ନା, ନା... ଯାର ଉ ? ? ?ର ହେବ ବାଉଁଶ ଗଛ । ଆଙ୍କୁଡ଼ା ପାଏନି ପରା ?'

'ବାଉଁଶ ଗଛକୁ କଣ ଆଙ୍କୁଡ଼ା ପାଏନି ? ବାଉଁଶ ବତା ତ ପାଏ ।' – ବୁଝାଇ କହିଲା ଲିତୁ ।

କିଛି ସମୟ କେହି କିଛି କହିଲେନି । ଚୁପ୍‌ଚାପ୍

**କାହାଣୀ ପଛର କାହାଣୀ**

**ସତ କହିଲେ ବେଳେ ବେଳେ କାନରେ ବାଜେ ଅନେକ ଗୁଜବ । ସେ ଗୁଜବଗୁଡିକର ସତ୍ୟତା ଥାଏ କି ନଥାଏ କେହି ଜାଣନ୍ତିନି ବା କେବେ ଜାଣିବାର ପ୍ରୟାସ ମଧ୍ୟ କରନ୍ତିନି । କିନ୍ତୁ ଲୋକେ ତାକୁ ମାଠି ମୁଠି, ଘଷି ମାଜି ନିଜ ମନ ମୁତାବକ କହି ଚାଲିଥାନ୍ତି କାହାକୁ ନା କାହାକୁ । ଏପରିକି ପିଢି ପରେ ପିଢି ସେ ଗୁଜବ ଡେଣା ନ ଥାଇ ବି ଉଡି ଚାଲିଥାଏ । ମୁଁ ଏ ଭଳି ଅନେକ ଉଡା କଥା ଅନେକଙ୍କଠୁ ଶୁଣିବାର ସୁଯୋଗ ପାଇଛି । ଯେମିତିକି ଅମୁକର ଗେରସ୍ତ ବାଘ ପାଟିରେ ହାତ ପୂରାଇ ଛେଳିକୁ ଜୀଅନ୍ତା ଟାଣି ଆଣିଥିଲା, ସମୂକର ବାରି ପଟ ଖତ ଗାଡରେ ଗୋଟେ ସୁନା ମାଠିଆ ପୋତା ହୋଇଥିଲା, ସମୂକର ଜେଜେ ଓଟ ମାଉଁସ ଖାଇଥିଲା ବୋଲି ଶହେ ଆଠ ବର୍ଷ ଯାଏଁ ବି ତାର ଅଂଟା ନଇଁ ନ ଥିଲା ଆଦି ଆଦି ।**

**ମୋର ଏଇ ଗଳ୍ପଟି ମୁଁ କେବେ କୋଉଠି ଶୁଣିଥିବା ସେଇଭଳି ଏକ ଗୁଜବକୁ ଆଧାର କରି ଗଢି ଉଠିଛି କହିଲେ ଚଳେ । ତେବେ ଏହାର ଘଟଣାକ୍ରମ, ଚରିତ୍ର ଚିତ୍ରଣ, ନାମ କରଣ ଆଦି ସମ୍ପୂର୍ଣ୍ଣ କାଳ୍ପନିକ । ଅବିବାହିତା ମହିଳାଟିଏ ଏ ଗଳ୍ପର ମୁଖ୍ୟ ଚରିତ୍ର । ସେଇ ହିଁ କଜଳୀ ମାଆ । ତା ଭିତରେ ଲୋକତୁଣ୍ଡର ଅନେକ ପ୍ରହେଳୀ, ଅନେକ ପ୍ରଶ୍ନ । ଆଉ ତା ବାହାରେ, ପିଲା ଠୁ ବୁଢା, ତାକୁ ନେଇ ସବୁରି ଆଖିରେ ପ୍ରଶ୍ନ । ଅବିବାହିତା ଅଥଚ କଜଳୀ ମାଆ କେମିତି ? ଏ ରହସ୍ୟକୁ ଭେଦ କରି ପାରେନା ତା ଚାରି ପାଖର ନିତି ଦିନିଆ ସମାଜ, ଫଳତଃ ଟୁପୁରୁ ଟାପୁରୁ ଶୁଭେ ତା ଚାରି ପାଖରେ, ଡେଣା ମେଲି ବସେ ଅନେକ ଗୁଜବ ! ପଶ୍ନ ପଚାରି ଅନ୍ୟକୁ ନାକେଦମ୍ କରୁଥିବା କଜଳୀ ମାଆ ନିଜେ ପାଲଟି ଯାଏ ସଭିଙ୍କ ଲାଗି ଅସମାହିତ ପ୍ରଶ୍ନଟିଏ ସତେ କି !**

ଅଞ୍ଜଳି ସାହୁ

ହୋଇ ବସି ରହିଲେ ।

'ଆରେ ପିଲେ କହୁନ ? ଆକାଶକୁ ଅନେଇକି କୁହ ।' – କଜଳୀ ମାଆ ଉତ୍ସାହିତ କଲା ପରି କହିଲା ।

ବିଶୁ କହିଲା, 'ଉଁ... ସୂର୍ଯ୍ୟ...

ଅମିନ କହିଲା, 'ନା...ନା...ଇନ୍ଦ୍ରଧନୁ ହେବ ନା... । ଦେଖୁନ ଆକାଶକୁ ! ବର୍ଷା ଛାଡ଼ିଛି ବୋଲି କେତେ ବଡ଼ ଇନ୍ଦ୍ରଧନୁ ପଡ଼ିଛି ।'

ସମସ୍ତେ ଏକାଥରକେ ଆକାଶ ଆଡ଼କୁ ଅନେଇଲେ ।

କଜଳୀ ମାଆ କହିଲା- 'ଆଉ କଣ ଦିଶୁଛି ଆକାଶରେ ?'

ପୁନ କହିଲା, 'ମେଘ ।'

'ହଁ ...ପୁନଟା ଆମର ଏତେ ବେଳକୁ ଠିକ୍ କହିଲା । ମେଘ ତ ଯାଇ କେତେ ଉପରେ ! ତା ପାଖକୁ କଣ କାହାର ଆଙ୍କୁଡ଼ା, ହାତ କି କାତ ପାଏ ?'

ଠିକ୍ ଏତିକି ବେଳେ ସନ୍ତସନ୍ତିଆ ପିଣ୍ଡା ଉପରକୁ ତେଲୁଗୁଣି ପୋକଟିଏ ଧୀରେ ଧୀରେ ଚଢ଼ି ଆସୁଥିବାର ଦେଖି ସୁମା ପାଟି କରି ଉଠିଲା, 'ଏ...ପୋକ, ପୋକ... !'

ତିନି ଚାରି ଜଣ କାଉଲୁ ବାଉଲୁ ହୋଇ ଉଠି ପଡ଼ିଲେ ବସିବା ଥାନରୁ । କେମିତି ଏକ ରକମ କୋଳାହଳମୟ ହୋଇ ଉଠିଲା ସାରା ପରିବେଶ ।

କଜଳୀ ମାଆ ବସିବା ଜାଗାରୁ ଟିକେ ଘୁଂଚି ଆସିଲା ଶୁଖିଲା ପଟକୁ । ଚାଳ ଛପର ଘର । ଏ ସନ ଛାଆଣି ହେଇଥାଏ । ଓଳିରୁ ପାଣି ପଡୁଥାଏ ଟୋପା ଟୋପା । ଦାଣ୍ଡରେ ବର୍ଷାପାଣି ସୁଅ ଚାଲିଥାଏ ।

କହିଲା, 'ବସରେ ପିଲେ, ଆଉ ଗୋଟିଏ ପ୍ରଶ୍ନ ପଚାରୁଛି, ମନ ଦେଇ ଶୁଣ... ।'

ପିଲାମାନେ ପୁଣି କଜଳୀ ମାଆର ଚାରି ପଟେ ଗୋଲେଇ ହୋଇ ବସି ପଡ଼ିଲେ । କିଏ ଗାଲରେ ହାତ ଦେଇଥାଏ ତ କିଏ ମାଟି ପିଣ୍ଡାରେ ହାତ ଠେସ ଦେଇ ବସିଥାଏ ଏକା ଆଖିଆ ହେଇ । କଜଳୀ ମାଆ ପଚାରି ବସିଲା,

'ଅଶି ଗୋଡ଼ ଅଶି ହାତ ଅଶୋକ ବନରେ ଥାଆନ୍ତି'

ସୀତା ପଚାରିଲେ ରାମ ହେ କୁହ ତ, ଏ ଜନ୍ତୁ କି ଫଳ ଖାଆନ୍ତି ?'

କଜଳୀ ମାଆ ପାଟିରୁ କଥା ସରୁ ନସରୁଣୁ ଝଅଟ କିନା ବାଟୁ କହିଲା, 'ତେଲୁଗୁଣି ପୋକ'

'ବାଃ...ଏଇଆକୁ କହନ୍ତି ବୁଦ୍ଧିଆ ପିଲା' – କଜଳୀ ମାଆ ଟେକି ଚାକି ଦେଲା ବାଟୁକୁ ।

'ଆଉ ଥରେ ତୁ ପଚାରିଥିଲୁ ତ, ମୋର ମନେ ରହି ଯାଇଛି ସେଇ ଦିନଠୁ'– ବାଟୁ କହିଲା ।

'ଆମେ ବି ଏଥର ମନେ ରଖିବୁ କଜଳୀ ମାଆ, ଆଉ ଗୋଟେ ପ୍ରଶ୍ନ ପଚାରେ ନା...

'–ମାଣିକ କହିଲା ।

ତତ୍ କ୍ଷଣାତ୍ ବିଶୁ ଆଉ ଅମିନ ମାଣିକ କଥାକୁ ସମର୍ଥନ କଲେ ।

କଜଳୀ ମାଆ ପୁଣି ଖୋଲି ବସିଲା ତା ପ୍ରଶ୍ନ ପେଡ଼ି । କହିଲା,

'ଏ ଗଛ ନଣ୍ଡା ସେ ଗଛ ନଣ୍ଡା
ମଝିରେ ବସିଛି ମଦନ ପଣ୍ଡା
ମଦନ ପଣ୍ଡାର ଜମି ବାଟିଏ
ମୂଲିଆ ଖଟନ୍ତି ଶହେ ଷାଠିଏ
ରାତି ପାହୁ ପାହୁ ନାହିଁ ଗୋଟିଏ ।'

କିଏ ବୁଦ୍ଧିଆ ତୁମ ଭିତରୁ, କହିଲ ଦେଖି, ଯାର ଉ ? ? ?ର କଣ ହେବ ?'

ସମସ୍ତେ ବାଟୁ ମୁହଁକୁ ଅନାଇଲେ । ବାଟୁ କିନ୍ତୁ ଏଥର ନୀରବ । ଭାବିଲା ଘଡ଼ିଏ, ଉଁ... ରାତି ପାହୁ ପାହୁ ନାହିଁ ଗୋଟିଏ...ତା ମାନେ ଅନ୍ଧାର...ଉଁ... ନହେଲେ ତାରା...

ଅଜ୍ଞ ବଡ଼ ପାଟି କରି କହିଲା, 'କଜଳୀ ମାଆ, ତାରା ହବ କି ? ରାତି ପାହିଲେ ତାରା ତ ଆକାଶରେ ନଥାଏ ନା...'

'ହଁ...ଠିକ୍ କହିଛୁ... ଉ ? ? ?ର ହେବ ଜହ୍ନ ଆଉ ତାରା'– ପିଠି ଆଉଁସି କଜଳୀ ମାଆ କହିଲା । ସବୁ ପିଲା ଏଥର ବାଟୁ ଆଡ଼କୁ ଅଭିବାଦନ ଜଣାଇବା ପ୍ରାୟ ଅନାଇଲେ । ବାଟୁ ଅଜ୍ଞ ଉତ୍ଫୁଲ୍ଲିତ ମନେ ହେଲା ।

କଜଳୀ ମାଆ ଏଥର କହିଲା, 'ତମେ କେହି ମନେ ରଖୁନ କିଛି ବି, ଦେଖିଲ, ବାଟୁଟା ଆମର ସୁନା ପିଲା । କେତେ କଥା ମନେ ରଖି ପାରୁଛି । ତାର ପାଠ ଭାରି ଭଲ ମନେ ରହିବ । ଆଜି ମୁଁ ତମ ସମସ୍ତଙ୍କର ଗୋଟେ ଛୋଟ ପରୀକ୍ଷା କରିବି, ବୁଝିଲ ? । ମୁଁ ଆଗରୁ କହିଥିବା କିଛି ପ୍ରଶ୍ନ ଏବେ ପଚାରିବି, ଦେଖିବା କିଏ କେତେ ମନେ ରଖିଛ ? ଯିଏ ଉ ? ? ?ର ଠିକ୍ ଠିକ୍ ଦେବ ତାକୁ ମୁଁ ଗୋଟେ ବଢ଼ିଆ ଜିନିଷ ଦେବି ଖାଇବାକୁ ।'

ପିଲାଏ 'ହଉ, ହଉ, ଏଥର ପଚାରେ...' କହି ଏଡ଼େ ବଡ଼ ରଡ଼ି ଛାଡ଼ିଲେ ।

କଜଳୀ ମାଆ ଏଥର ଅନର୍ଗଳ ପଚାରି ଚାଲିଲା...

–'ଏଣେ ପରବତ ତେଣେ ପରବତ
ମଝି ପରବତେ ମଂଚା
ସଂସାର ଲୋକଙ୍କୁ ପଚାରି ଦେଖ
ନିଆଁରେ କି ଫଳ କଂଚା ?'

ପିଲାଏ କହିଲେ ଏକ ସ୍ୱରରେ, 'କୁଆ ପଥର'

କଜଳୀ ମାଆ ପାନଖିଆ ପାଟିରେ ଥରେ ହସିଦେଲା । ଆଉ ପୁନଶ୍ଚ ପଚାରି ବସିଲା,

–'କଂଚା ହଳଦିଆ ପାଚିଲେ କଳା
ନ କହି ପାରିଲେ ରାଜ୍ୟରୁ ପଳା ।'

ପିଲାଏ ପୁଣି କହିଲେ ଏକ ସ୍ୱରରେ, 'ଖଜୁରି କୋଳି'

କଜଳୀ ମାଆ ପାଟିରୁ ସ୍ୱତଃ ବାହାରି ଆସିଲା, 'ବାଃ...ହଉ ଏଇଟି କହିବ...'

–'କଟକରୁ ଆସିଲା ମାନସିଂହ
ତା ମୁଣ୍ଡରେ ତିନି ସିଂହ ।'

ପିଲାଏ କହିଲେ ଏକ ସ୍ୱରରେ, 'ଚୁଲି'

କଜଳୀ ମାଆ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା ଆଉ ପୁଣି ଅଜ୍ଞ ଭାବି ପଚାରିଲା, କହିଲ ଦେଖି...

–'ମଣିଷ ଗେଡ଼ି,
ଲୁଗା ପିନ୍ଧିଥିବ ଚଉଦ ପେଡ଼ି ।'

ଏଥର କେହି କହପାରିଲେନି, ମାଣିକ କିନ୍ତୁ ଭାବି ଭାବି ଏଣେ ତେଣେ ଅନାଇ ଚଟ୍ କିନା କହିଲା ପିଆଜ । କଜଳୀ ମାଆ ତା ଆଡ଼କୁ ଅନାଇ ନୀରବ ଅଭିବାଦନ ଜଣାଇଲା ଆଉ ପୁଣି ପଚାରିଲା,

– 'ଛଅଶ ବାଉଁଶ, ନଅଶ ଗଣ୍ଠି
ଘର ବଖରାକେ ଗୋଟାଏ ଖୁଂଟି ।'

କିଛି ପିଲା ଏଇଟା ଶୁଣି ଟିକେ ଭାବିବାକୁ ଲାଗିଲେ । କାହାର ମନେ ପଡୁନଥାଏ କି ମୁଣ୍ଡକୁ ଢୁକୁ ନଥାଏ । ଗାଲରେ ଆଙ୍ଗୁଠି ଦେଇ କେହି କେହି ଉପରକୁ ଅନାଇ ରହିଥାନ୍ତି ।

କଜଳୀ ମାଆ କହିଲା, 'ଗଲା,ସବୁ ସରିଲା ଏଇଠି ଆଉ କଣ ! ଏଇ ସହଜିଆ ପ୍ରଶ୍ନଟାର ଉ ? ? ?ର କହିପାରୁନ !'

ପିଲାମାନେ ମନମାରି ଟିକେ ବସିଲେ । କାହା ମୁଣ୍ଡରେ କିଛି ପଶୁ ନଥାଏ । ନୂଆ ପ୍ରଶ୍ନଟାତ !

ହଠାତ୍ ବର୍ଷାରେ ଛତା ଧରି ଦାଣ୍ଡରେ ଯାଉଥିବା ଅବନି ଦାଦାଙ୍କ ଆଡ଼କୁ ହାତ ଠାରି କଜଳୀ ମାଆ ଆଖିରେ ଇଶାରା ଦେଉ ଦେଉ ବାଟୁ ତତ୍ କ୍ଷଣାତ୍ ଧରି ପକାଇଲା କଥା ।

କହିଲା, 'କଜଳୀ ମାଆ ମୁଁ କହିବି ? ଛତା...'

କଜଳୀ ମାଆ ବେଶ୍ ଖୁସିରେ କହିଲା, 'ଠିକ୍ ଧରିଛୁ, ଠିକ୍ ଧରିଛୁ ରେ ବାଟୁ...'

ପିଲାଏ ତାଳି ମାରି ବାଟୁକୁ ଅଭିନନ୍ଦନ ଜଣାଇଲେ । କଜଳୀ ମାଆ ଉଠି ଘର ଭିତରକୁ ଗଲା । କଦଳୀ ପତ୍ର ଖଣ୍ଡିକରେ ଆମ୍ବ, ଲେମ୍ବୁ ଓ କରମଙ୍ଗା ଆଚାର ମେଂଚାଏ ଲେଖା ଆଣି ଆସିଲା, ତା ସାଥିରେ ବାରି ପାଚିଲା କଦଳୀରୁ ଦି ତିନି ଫେଣା । ସବୁ ପିଲାଙ୍କୁ ବାଂଟି ବସିଲା ମନ ଭରି । ପିଲାଙ୍କର ଖୁସି କାହିଁରେ କଣ ! କଦଳୀ ଖାଇ ସାରି ଆଚାର ଚୁଚୁମି ଚୁଚୁମି ଆଙ୍ଗୁଠି ଚାଟି ଚାଟି ଯିଏ ଯାହାର ଘର ମୁହାଁ ବାଗେଇଲେ । ଏଣେ ଅସୀମା ପାଟିରେ ଲାଳ ଆସି ଯାଉଥାଏ, କିନ୍ତୁ କଣ କରିବ ? କଜଳୀ ମାଆ ଯାଚି ଦେଇଥିଲେ ଖାଇଥାନ୍ତା ଆଚାର

ଟିକିଏ, ମାଗି ଖାଇବାକୁ ମନ ଡାକିଲାନି । ଖାଲି ଯାହା କଜଳୀ ମାଆର ପ୍ରଶ୍ନ ସାଥିରେ ଉ???ରସବୁକୁ ମେଳ କରୁଥିଲା ମନେ ମନେ ।

ପ୍ରଶ୍ନ ପଚାରି ନାକେଦମ୍ କରୁଥିବା ଏ ମହିଳାଟିକୁ ନେଇ କେତେ ବଡ଼ ପ୍ରଶ୍ନ ଯେ କେତେ କାହା ମନରେ, ଭାବିଲେ ଅସୀମା ମୁଣ୍ଡ ବି ଘୂରାଇ ଦିଏ ! ଅସୀମା କେତେ କାହା ତୁଣ୍ଡରୁ ଶୁଣିଛି, କଜଳୀ ମାଆ କାଳେ ଏ ଭୂମଣ୍ଡଳ ଗାଁଆର ଝିଅ ନୁହେଁ । ତା ବାପ ଦକ୍ଷିଣରୁ ଏଠିକି ଆସିଥିଲା କିଛି ବର୍ଷ ତଳେ ତା ଭାରିଯା ଆଉ ଝିଅକୁ ସାଥିରେ ନେଇ । ଗାଁଆ ମୁଣ୍ଡେ କମାର ଶାଳଟିଏ କରି ପେଟ ପୋଷୁଥିଲା । ବେଳ ପଡ଼ିଲେ ଟ୍ରଲି ଟାଣେ, ସିମେଂଟ୍ ବସ୍ତା, ଧାନ ବସ୍ତା ଆଦି ମାଲ୍‌ବାହୀ ଟ୍ରକ୍‌ରୁ ବୋହି ଆଣି ଟ୍ରଲିରେ ଲଦି ଦିଏ ଶୂନ୍ୟେ ଶୂନ୍ୟେ ! ଭାରି ବଳୁଆ ମରଦଟେ ! ସେତେବେଳେ ତା ଝିଅ ଥିଲା ଅବିବାହିତା କିନ୍ତୁ ଗର୍ଭବତୀ ! ସମସ୍ତେ ଦେଖି ଶୁଣି ନାକ କାନ ଛିଂଚାଡ଼ିଲେ ! ବାର କଥା ମାନ ଦାଣ୍ଡରେ ଘାଟରେ କହିଲେ ! ହାଟ ବଜାରରେ ତା ଚର୍ଚ୍ଚା ହେଲା କାହିଁରେ କଣ ! ତା ବାପର କିନ୍ତୁ କୋଉଥିକି ଖାତିରି ନଥିଲା ! ମାଆ, ଝିଅ ବି ବେଶି ପଦାକୁ ବାହାରୁ ନଥିଲେ । ମାଆକୁ କୁଆଡ଼େ କି ଗୋଟେ ଦୂରାରୋଗ୍ୟ ବ୍ୟାଧି ହୋଇଥିଲା କେଜାଣି ! କିନ୍ତୁ ଭଲ ମଣିଷ ପରି ତ ଦିଶୁଥିଲା ସେତେବେଳେ ! ଘର ପାଇଟି ଉଣା ଅଧିକେ ଯାହା ଯେମିତି କରି ପାରୁଥିଲା ! ସେ ଯାହା ହେଉ, ଠିକଣା ଦିନ ପ୍ରସବ ବେଦନା ଆରମ୍ଭ ହେଲା କ୍ଷଣି ତା ବାପ ଆସି ସାଇ ପଡ଼ିଶାଙ୍କୁ ସାହାଯ୍ୟ ଲାଗି ଗୁହାରି କଲା, କାକୁତି ମିନତୀ ହେଲା, ଗାଁଆ ମୁଖିଆଙ୍କ ଦୁଆରେ ଗୋଡ଼ ଭାଙ୍ଗି ବେକରେ ଗାମୁଛା ପକାଇ ଠିଆ ହେଲା, କିନ୍ତୁ କେହି କୁଆଡ଼େ ଶୁଣିଲେନି କି ସାଥିରେ ଟିକେ ଗଲେନି, ଖାଲି ଯାଉଣୁ ଆସୁଣୁ ଟୁପୁରୁ ଟାପୁରୁ ହେଲେ, ଏଇଟା କାଳେ ପାପ ଗର୍ଭ ! କଥା ଅନ୍ଧ, ଜଳ ଅନ୍ଧ, ଯୁଆଡ଼ିକି ନେବ ସିଆଡ଼େ ଯିବ ! ସେ କଥା ଛାଡ଼...ତା ବାପର ସାହସକୁ କିନ୍ତୁ ମାନିବାକୁ ପଡ଼ିବ, ରାତି ଅଧରେ ଭାରିଯା ଓ ଗର୍ଭିଣୀ ଝିଅକୁ ଟ୍ରଲିରେ ଧରି ଏକା ଏକା ଚାଲିଗଲା ଡାକ୍ତରଖାନା । ନାତୁଣିକୁ ଧରି ସକାଳକୁ ଗାଁଆକୁ ଫେରିଲା ! କୁନି ଝିଅଟିର ମୁହଁରେ ନାକ ତଳକୁ ବଡ଼ କଳା ଜାଇଟିଏ ଥିଲା ବୋଲି ତା ନାଁଆ ହେଲା କଜଳୀ ! ସେଇ ଦିନଠୁ ତା ମାଆ ନାଁଆ କୁଆଡ଼େ ହୋଇଗଲା କଜଳୀ ମାଆ !

ତା ପରେ ପରେ କିଛି ବର୍ଷ ଯାଏଁ ସେ ପରିବାରର କାହାକୁ କେହି ବି ଦେଖିଲେନି ! ସେମାନେ ଘର ଖାଲି କରି କୁଆଡ଼େ ଗଲେ, କୋଉଠି ରହିଲେ, କଣ କଲେ, କିଛି ଖୋଜ୍ ଖବର କାହା ପାଖରେ ନଥିଲା । ପାଖାପାଖି ପନ୍ଦର ବର୍ଷ ପରେ ଫେରିଲା ବେଳକୁ ଏକା ଫେରିଲା କଜଳୀ ମାଆ । କଜଳୀ ତ ସାଥିରେ ନାହିଁ ! କୁଆଡ଼େ ଗଲା କେଜାଣି ! ଦେଖିଲା ବେଳକୁ ଘର ଦୁଆର ଡିହ ପାଲଟି ଯାଇଥାଏ । କୁକୁର ପିଲା ଦେଇଥାଏ ଦାଣ୍ଡ ଘରେ । କଂଟା, ଝଂଟା, ଅନାବନାରେ ପୂରି ଯାଇଥାଏ ବାରି ପଟଟି । ମଝି ଘରଟାରେ ଉଠିଥାଏ ତିନି ହାତ ଉଚ୍ଚର ଗୋଟେ ଜବର ଉଇ ହୁଙ୍କା । ଉପରୁ ଉଡ଼ି ଯାଇଥାଏ ଚାଳ ଛପର । ହନୁ ନିଇତି ନାଟ କରୁଥାଏ ମଥାନକୁ ଲାଗି ରହିଥିବା ସଜନା ଡାଳରେ । କଜଳୀ ମାଆ ଅଂଟା ଭିଡ଼ିଲା । ପୁଣି ଘର ଦୁଆର ଲିପା ପୋଛା କଲା, ରୁଅ, ନଡ଼ା, ନଇ ଆଦି ଅଣାଇ ଛପର କଲା, ବାରି ଦୁଆରେ ଗୋଟେ ମଜବୁତିଆ ତାଟି କବାଟ ଲଗେଇଲା, ରହିଲା ସେ ଘରେ ଏକେଲା । ଦାଣ୍ଡ ଦୁଆରର କାଠ କବାଟଟି କାମଚଳା ଅବସ୍ଥାରେ ଥାଏ ।

> କଜଳୀ ମାଆ ଏଥର କହିଲା, 'ତମେ କେହି ମନେ ରଖୁନ କିଛି ବି, ଦେଖିଲ, ବାଟୁଟା ଆମର ସୁନା ପିଲା । କେତେ କଥା ମନେ ରଖି ପାରୁଛି । ତାର ପାଠ ଭାରି ଭଲ ମନେ ରହିବ । ଆଜି ମୁଁ ତମ ସମସ୍ତଙ୍କର ଗୋଟେ ଛୋଟ ପରୀକ୍ଷା କରିବି, ବୁଝିଲ ? । ମୁଁ ଆଗରୁ କହିଥିବା କିଛି ପ୍ରଶ୍ନ ଏବେ ପଚାରିବି, ଦେଖିବା କିଏ କେତେ ମନେ ରଖିଛ ? ଯିଏ ଉ???ର ଠିକ୍ ଠିକ୍ ଦେବ ତାକୁ ମୁଁ ଗୋଟେ ବଢ଼ିଆ ଜିନିଷ ଦେବି ଖାଇବାକୁ ।'

ଏଣେ ଗାଁଆଟା ସାରା ଲୋକଙ୍କ ମନରେ ସେଇ ଗୋଟାଏ ପ୍ରଶ୍ନ । ସେ କଜଳୀ ଏବେ କୋଉଠି କାହାକୁ ମାଲୁମ୍ ନାହିଁ । କେହି ଜାଣନ୍ତିନି ତା ଖବର । କଜଳୀ ମାଆ ଏତେ ବର୍ଷ ପରେ ବି କାହାକୁ ଖୋଲି କିଛି କହୁ ନ ଥାଏ । ଖାଲି ଦେଖି ଦେଲେ ହସିଦିଏ, ବାସ୍... । ଛୋଟ ପିଲାଙ୍କ ମେଳରେ ସବୁବେଳେ କିନ୍ତୁ ରହିବାକୁ ପସନ୍ଦ କରେ, ତାଙ୍କରି ସାଥିରେ ଚିଗିଲି ମିଗିଲି ହୋଇ ଲାଗେ, ତାଙ୍କୁ କୋଳରେ ବସାଏ, ହର ରକମର ପ୍ରଶ୍ନ ପଚାରେ, ଗପ କହେ, ହସ ଗମାତ ହୁଏ ।

ଅସୀମା ଲକ୍ଷ୍ୟ କଲା, କଜଳୀ ମାଆ ସେମିତି ଅବିବାହିତା ରହିଛି ! ହାତରେ ଶଂଖା ନାହିଁ, ପାଦରେ ଝୁଂଟିଆ ନାହିଁ କି ମଥାରେ ସିନ୍ଦୂର ବି ନାହିଁ ! ଶାଢ଼ୀ ପିନ୍ଧୁଛି, ବାସ୍ ସେତିକି । ଆଗ ପରି ଶ୍ୟାମଳୀ ତନୁ, ନାକ ଅଗରେ ଗୁଣାଟିଏ ନାଇଛି, ଚିତା କୁଟେଇଛି ଦି ହାତରେ ଆଉ କପାଳରେ । ତା ବାଁ ହାତର କହୁଣୀ ଏପଟକୁ ଓଡ଼ିଆରେ ଲେଖା ହୋଇଛି 'ଓଷି ଦେଇ' । ଅସୀମା ଅନୁମାନ କଲା ତା ନାଁଆ ହୁଏତ ଓଷି ହୋଇଥାଇପାରେ । କିନ୍ତୁ ହଠାତ୍ କିଛି ପଚାରି ପାରିଲାନି ଦାଣ୍ଡ ଦୁଆରେ ।

ଏମିତି କିଛି ଦିନ ଯାଇଛି, ଦିନେ ବେଳ ଦି ଘଡ଼ି ହେଲାଣି କଜଳୀ ମାଆର କବାଟ ତାଟି ସେମିତି ପଡ଼ିଥାଏ । ପିଲା କେତୋଟି ସ୍କୁଲ୍ ଯିବା ବାଟରେ ଆସି କବାଟ କଣା ପଟେ ଉଣ୍ଡି ଚାଲି ଗଲେଣି । କେହି କେହି କବାଟ ବାଡ଼େଇ ଧାଇଁ ଯାଉଛନ୍ତି । କଜଳୀ ମାଆ ତ ସକାଳୁ ଉଠି ବାସି ପାଇଟି ସାରି ସବୁ ଦିନ ଗୋବର ପାଣି ଛେରା ପକାଏ, ଦାଣ୍ଡ ଖରକେ, ଅଳିଆ ନେଇ ବାରି ମୁଣ୍ଡ ଖତଗାଡ଼ରେ ପକାଇ ଆସେ । ଦିଅଁଙ୍କ ଲାଗି ଟଗର ଆଉ ମନ୍ଦାର ତୋଳି ଆଣେ । ଆଜି ଏତେ ବେଳ ଯାଏଁ ଶୋଇଛି କାହିଁକି ! ଦେହ ଭଲ ନାହିଁ ନା କଣ !

ଅସୀମା ମନଟା ଭଲ ଲାଗିଲାନି । ବାରି ପଟେ ତାଟି କବାଟ ଆଡ଼େଇ ତା ଘର ଭିତରକୁ ଗଲା, ଦେଖିଲା ବେଳକୁ ତଳେ ମସିଣା ପାରି କଜଳୀ ମାଆ ଘୋଡ଼ିପୋଡ଼ି ହୋଇ ଶୋଇଛି । ଦେହ ମୁଣ୍ଡ ଥରି ଉଠୁଛି କାହିଁରେ କଣ ! ହାତ ମାରି ଦେଖିଲା ଦେହରେ ଭୀଷଣ ଜ୍ୱର । ତାତିରେ ଖଇ ଫୁଟୁଛି ସତେ କି ! ଅସୀମା ମୁଣ୍ଡରେ ବୁଦ୍ଧିଟିଏ ପଶିଲା । ତତ୍‌କ୍ଷଣାତ୍ ଚାଲିଆସି ଆଶା ଦିଦିଙ୍କୁ ଘରୁ ଡାକି ନେଇଗଲା । ଯାହା ଯେତିକି ଓଷଦ ତାଙ୍କ ନିକଟରେ ଥିଲା, ତାକୁ ଖାଇବାକୁ ଦେଲା କଜଳୀ ମାଆକୁ । ଟିକେ ଭଲ ଲାଗିବାରୁ ଉଷୁମ ପାଣି ଟିକେ ଫୁଟାଇ ଦେଇ ଆସିଲା ପୋଛା ପୋଛି ହେବା ଉଦ୍ଦେଶ୍ୟରେ । ଘରୁ ଶାଗୁ ଟିକିଏ ଆଉ କଡ଼ା ନାଲି ଚା ଅଧ ଗିଲାସେ ବି କରି ତାକୁ ନେଇ ଦେଇ ଆସିଲା । ସ ବେଳକୁ ପାଖ ଡାକ୍ତର ଖାନାର ଡାକ୍ତର ଗାଁଆ ବୁଲି ଆସିଲା ବେଳେ ତାଙ୍କୁ ଦେଖାଇ ଔଷଧ କିଛି କିଣି ଦେଲା । ତିନି ଦିନ ଖାଇବା ପରେ କ୍ରମଶଃ କଜଳୀ ମାଆ ଭଲ ହୋଇ ଆସିଲା ।

ଦିନେ ସେ ଗୋଡ଼ ଲମ୍ବାଇ ମୁଣ୍ଡ ଶୁଖାଉଥାଏ ବାରି ପଟେ ଖରାରେ ବସି । ପାଖରେ ଗୋଟେ ବଡ଼ ପଥର ପଡ଼ିଥିଲା, ଅସୀମା ଆସି ତା ଉପରେ ବସି ପଡ଼ି ଦେହ ପା, ଖିଆ ପିଆ ଆଉ ଭଲ-ମନ୍ଦ କଥା ପଚାରି ବୁଝିଲା । ଯାହା କୁହ, କଜଳୀ ମାଆକୁ ଅସୀମା ଯା ଭିତରେ ଭାରି ନିଜର ନିଜର ମନେ ହେଉଥାଏ ।

କହିଲା, 'ଅସୀ, ମୁଁ ତୋ ପାଖରେ ଧାରୁଆ ହେଇ ରହିବି, ବୁଝିଲୁ ? ତୁ ମୋର କେତେ ସେବା ଯତ୍ନ କଲୁ, ଓଷଦ ପତର ଆଣିଦେଲୁ, କିଏ କରିଥାନ୍ତା

କହିଲୁ ?'

କଜଳୀ ମାଆ କଥାରେ ଥିଲା କୃତଜ୍ଞତାର ସ୍ୱଷ୍ଟ ଆଭାସ ।

ବୁଝି ପାରି ଅସୀମା କହିଲା, 'ହଉ,ହେଲା ହେଲା, ଯାହାର କେହି ନଥାନ୍ତି ତାର ଠାକୁରେ ଥାଆନ୍ତି... ।'

–'ତୁ ବାହା ହେଇ ଚାଲି ଯାଇଥିଲେ କି ଗାଁଆରେ ନଥିଲେ କଣ ହେଇଥା'। ମୋ ଅବସ୍ଥା, ଏତେ ବେଳକୁ ମରି କି ଘାସ ଆଣ୍ଡିଏ ଉଠି ସାରନ୍ତାଣି ଏଠି । ତୁ ଥିଲୁ ବୋଲି ସିନା !'

'ମୋର ବାହାଘର କଥା ଖାଲି ତୋର ଚିନ୍ତା, ମୁଁ କାଇଁ ଏତେ ଜଲ୍‌ଦି ବାହା ହେଇ କୁଆଡ଼େ ଚାଲିଯିବି ଯେ...ତୁ ତ ଆଜି ଯାଏଁ ବାହା ହେଇନୁ... ।'

– ଅସୀମା ରୋକ୍ ଠୋକ୍ କହିଲା ।

ହଠାତ୍ ଏ କଥା ଶୁଣି କଜଳୀ ମାଆର ଆଖି ଦୁଇଟି ଝଲସି ଉଠିଲା । ଯେମିତି ଅନେକ ଅକୁହା କଥା ତା ଭିତରେ ମାଡ଼ି ମକଚି ହୋଇ ରହିଯାଇଛି, ସେ ଯେମିତି ଗୋଟେ ସହୃଦୟ ଲୋକ ଆଉ ପ୍ରକୃଷ୍ଟ ଦିନଟିଏ ଆଜି ଯାଏଁ ଖୋଜୁଥିଲା ଶୁଣାଇବାକୁ ଆଉ ଆଜି ତାକୁ ମିଳି ଯାଇଛି ଅଚାନକ !

'ମୁଁ ବାହା ହେଇନି ବୋଲି ତୁ କଣ ବାହା ହବୁନି ଅସୀ ?'

'ତୁ କାହିଁକି ବାହା ନ ହେଇ ରହିଛୁ ଆଗ ମତେ କହିସାରେ ତା ପରେ ଯାଇ ଯୋଉ କଥା... ।'

– ଅସୀମା ଅଧିକାର ସାବ୍ୟସ୍ତ କଲା ପରି ଜିଦ୍ କଲା ।

'ମୁଁ ବାହା ହେଇନି ନୁହେଁ, ମତେ ଏ ଲୋକଗୁଡ଼ା ବାହା କରେଇ ଦେଲେନି, ବୁଝିଲୁ ? ତୁଣ୍ଡ ବାଇଦ ସହସ୍ର କୋଶ ବ୍ୟାପିଗଲା...ମୁଁ ମିଛଟାରେ ସାଜିଲି ପାପୀନୀ...ଦୋଚାରୁଣୀ...ଚରିତ୍ରହୀନା... !'

'ମାନେ... ?'

– ଚକିତ ହୋଇ ପଚାରିଲା ଅସୀମା ।

'ମାନେ...ମୁଁ ବି ଦଶମ ଯାଏଁ ପାଠ ପଢ଼ିଥିଲି, ସ୍ୱପ୍ନ ଦେଖିଥିଲି ଦିନେ କନିଆଁ ସାଜି ବେଦୀକୁ ଯିବି, ମୋ ମନର ମଣିଷ ସାଥିରେ ମୋ ପସନ୍ଦର ଜୀବନ ବଂଚିବି, ପରକୁ ଆପଣା କରି ମୋ ପୃଥିବୀ ନିଜେ ନିଜ ହାତରେ ଗଢ଼ିବି କିନ୍ତୁ ଏ ଲୋକଗୁଡ଼ା କିଛି ନ ଜାଣି ନ ବୁଝି ମୋ ଚରିତ୍ର ସଂହାର କରି ବସିଲେ, ମତେ ଅକାରଣରେ ସଜାଇଦେଲେ ବ୍ୟଭିଚାରିଣୀ...ତିନି ତୁଣ୍ଡରେ ଛେଳି କୁକୁର ପାଲଟିଗଲା ପରି ମୁଁ ବି ପାଲଟିଗଲି ମାସ କେତେଟା ଭିତରେ କଳଙ୍କିନୀ...ସିନ୍ଦୂର ପିନ୍ଧିବା କପାଳରେ ପିନ୍ଧିଲି କଳଙ୍କର ଅଲିଭା ଟୀକା... !'

–'ତୁ ଏ କଣ ଗପି ଯାଉଛୁ କଜଳୀ ମାଆ ?'

–'ଗପୁନି ଲୋ ଅସୀ, ଯାହା ଅଙ୍ଗେ ନିଭେଇଛି, ତାହା କହୁଛି... ଆମେ ସେତେବେଳେ ଦାଦନ ଖଟିବାକୁ ଯାଇଥାଉ ଦକ୍ଷିଣକୁ, ଆମ ଗାଁଆରୁ କୋଡ଼ିଏ କି ପଚିଶି ପରିବାର । ଗୋଟିଏ ବସ୍ତି ଅଂଚଳରେ ଯିଏ ଯାହାର ପରିବାର ଧରି ପାଖାପାଖି ରହୁଥାଉ । ମୋ ମାଆର ଦେହ କିନ୍ତୁ ସେତେବେଳେ ବହୁତ ଖରାପ ଥାଏ, ଡାକ୍ତରଖାନାରେ ପଡ଼ିଥାଏ । ଡାକ୍ତର ବାବୁ ପରୀକ୍ଷା କରି କହିଥାନ୍ତି, ତାକୁ କୁଆଡ଼େ କ୍ୟାନ୍ସର୍ ହୋଇଛି ! ବାପା ଇଟା ଭାଟୀରେ ଖଟି ଯାହା ଆଣନ୍ତି, ତାହା ଆମ ପେଟକୁ ନିଅଂଟ । ଅଳପ ଧନ ବିକଳ ମନ । ମାଆର ଚିକିତ୍ସା ଖର୍ଚ୍ଚ ଲାଗି ଟଙ୍କାର ଘୋର ଅଭାବ । ଦିନ ରାତି ମୁଣ୍ଡରୁ ହାତ ବାହାରୁ ନଥାଏ, କଣ କରିବୁ ?'



ଏତକ କହି କଜଳୀ ମାଆ ଅଳ୍ପ ଅଟକି ଦୀର୍ଘଶ୍ୱାସଟିଏ ପକାଇଲା ।

'ତା ପରେ କଣ ହେଲା ?'– ଅସୀମା ଅଧୈର୍ଯ୍ୟ ହୋଇ ପଚାରିଲା ।

କଜଳୀ ମାଆ ପୁଣି ଆରମ୍ଭ କଲା ।

'ମୋର ବୟସ ସେତେବେଳକୁ ଚବିଶି ବର୍ଷ । ବାହାଘର ଲାଗି ଗୋଟିଏ ଦୁଇଟି ଜାଗାରୁ ପ୍ରସ୍ତାବ ଆସିଥାଏ କିନ୍ତୁ କୋଉଠି ସ୍ଥିର ହୋଇ ନଥାଏ । ଦିନେ ମୁଁ ଡାକ୍ତରଖାନାରେ ମାଆର ମୁଣ୍ଡ ପାଖରେ ବସି ଏଣୁ ତେଣୁ କଣ ସବୁ ଚିନ୍ତା କରୁଥାଏ । ହଠାତ୍ କାହାକୁ ହୁଏତ ଖୋଜୁ ଖୋଜୁ ଜଣେ ପୁରୁଷ ଓ ଦୁଇ ଜଣ ସ୍ତ୍ରୀ ଲୋକ ମାଆର ବିଛଣା ନିକଟରେ ଅଟକି ଗଲେ । ମତେ ଅନେଇଲେ, ମୁଁ କିଛି କହିଲିନି । ଭାବିଲି ଡାକ୍ତରଖାନାର କିଏ ଲୋକ ହୋଇଥିବେ । ସେମାନେ କିନ୍ତୁ ଦକ୍ଷିଣୀ ଭାଷାରେ କଣ ସବୁ କଥା ହେଲେ ସେଇଠି । ମୁଁ କିଛି ଠଉରେଇପାରିଲିନି । ତେବେ ସେମାନେ ଖୁସି ହେବା ପରି ଜଣା ପଡୁଥିଲା । ଆଉ ତା ପର ଦିନ ସକାଳେ...'

'କଣ ହେଲା ତା ପର ଦିନ ସକାଳେ, କଜଳୀ ମାଆ ?' – ଅସୀମା ପଚାରିଲା ।

–'ତା ପର ଦିନ ସକାଳେ ସେମାନେ ପୁଣି ଆସିଲେ ମୋ ପାଖକୁ । ମାଆକୁ ନିଦ ଲାଗିଯାଇଥାଏ । ମତେ ବାହାରକୁ ଡାକି ନେଲେ ଓ ମୋ ସହ ହିନ୍ଦୀରେ କଥା ହେବା ଆରମ୍ଭ କଲେ । ଜାଣିଲି ସେମାନଙ୍କ ଭିତରୁ ସ୍ୱାମୀ-ସ୍ତ୍ରୀ ହଳେ, ନିଃସନ୍ତାନ, ପେଷାରେ ବଡ଼ ସୁନା ବ୍ୟବସାୟୀ, ତୃତୀୟ ଜଣକ ଡାକ୍ତରାଣୀ । ଲୋକଟିର ସ୍ତ୍ରୀର ଭୀଷଣ ଶାରୀରିକ ସମସ୍ୟା ଥିବା କଥା ଡାକ୍ତରାଣୀ କହିବା ସହିତ ସେମାନେ ସନ୍ତାନଟିଏ ଚାହୁଁଥିବା କଥା ମତେ ସ୍ୱଷ୍ଟ ଭାବେ ଜଣାଇଦେଲେ । ମୁଁ ବୁଝି ପାରୁନଥାଏ, ସେମାନେ ଏ ସବୁ କଥା ମତେ କାହିଁକି କହୁଛନ୍ତି ! ତେଣୁ ସେଠାରୁ ଖସି ଆସିବାକୁ ମନେ ମନେ ଚେଷ୍ଟା କଲି । ଡାକ୍ତରାଣୀ ଜଣକ କିନ୍ତୁ ମୋ ହାତ ଧରି ଅଟକାଇ ଦେଲେ । ସ୍ୱାମୀ-ସ୍ତ୍ରୀ ହଳକ ଖୁବ୍ କାକୁତି ମିନତୀ ହୋଇ ମତେ ବାରମ୍ବାର ହାତ ଯୋଡ଼ିବାକୁ ଲାଗିଲେ ।'

'ସେଇଠୁ... ?

'– ଅସୀମା ପଚାରି ପୁଣି ମନ ଧ୍ୟାନ ଦେଇ କାନେଇ ରହିଲା ।

କଜଳୀ ମାଆ କହିଲା–'ସେଇଠୁ ମୁଁ ବିଚଳିତ ପ୍ରାୟ ଅଧା ହିନ୍ଦୀ ଅଧା ଓଡ଼ିଆରେ ପଚାରିଲି– ମୋ ଠାରେ ତମର କଣ କାମ ? ମତେ ଛାଡ଼ । ମୋ ମାଆର ଦେହ ଭୀଷଣ ଖରାପ । ତାର ଚିକିତ୍ସା ଖର୍ଚ୍ଚ ଦିନକୁ ଦିନ ବଢ଼ି ଚାଲିଛି । ଆମେ ଖୁବ୍ ଚିନ୍ତାରେ ଅଛୁ ଆଉ ଆପଣମାନେ ଏ ଅସମୟରେ ଏଭଳି ଅଖାଡୁଆ ଅକଥାମାନ କହି ମୋ ସମୟ ନଷ୍ଟ କରୁଛନ୍ତି... !'

ଡାକ୍ତରାଣୀ ଜଣକ ମତେ ହାତ ଧରି ବସାଇ ଦେଲେ ଏକ ଚଉକିରେ ଓ ଶାନ୍ତ ଭାବରେ କହିଲେ, 'ଶୁଣ, ଏବେ ଏସବୁ ଆଉ ଅଖାଡୁଆ ବା ଅକଥା ହୋଇ ରହିନାହିଁ । ଏକବିଂଶ ଶତାବ୍ଦୀରେ ଡାକ୍ତରୀ ବିଜ୍ଞାନ ବହୁତ ଆଗେଇଲାଣି । ଦେଶ ବିଦେଶର ଗବେଷଣାଳବ୍ଧ ଜ୍ଞାନକୁ ପ୍ରୟୋଗ କରି ଦମ୍ପତିଙ୍କ ଠାରୁ ସଂଗୃହୀତ ଶୁକ୍ରାଣୁ ଓ ଡିମ୍ବାଣୁକୁ ଅନ୍ୟ ଜଣେ ତୃତୀୟ ପକ୍ଷ ମହିଳାଙ୍କ ଠାରେ ସଫଳତାର ସହ ଖି ଦିଆ ଯାଇ ପାରୁଛି । ସବୁଠୁ ବଡ଼ ଚମତ୍କାର କଥା ହେଲା ବିନା ଶାରୀରିକ ମିଳନରେ ବି ସୁସ୍ଥ ଶିଶୁଟିଏ ଦୁନିଆର ଆଲୋକ ଦେଖି ପାରୁଛି । ମାଆଠୁ ଜନ୍ମ ନ ନେଲେ ମଧ୍ୟ ଏ ଭଳି କ୍ଷେତ୍ରରେ ଶିଶୁ ପିତା-ମାତାଙ୍କର ଗୁଣ ଓ ଗୁଣସୂତ୍ର ହିଁ ବହନ କରି ଆସିପାରୁଛି । ଏଥରେ କ୍ଷତି କଣ ? ତମେ ଯଦି ରାଜି ହୁଅନ୍ତ, ତେବେ... ମାନେ ...ମୋ କହିବାର

ଅର୍ଥ...ତମେ ଯାହା ଟଙ୍କା ଚାହାନ୍ତ, ସେମାନେ ତୁମକୁ ଦେବାକୁ ରାଜି କିନ୍ତୁ... ?'

ଟଙ୍କା କଥା ଶୁଣି ମୁଁ ଟିକେ ଆଗ୍ରହ ଦେଖାଇବା ଭଳି ପଚାରିଲି, 'କନ୍ତୁ... ?'

ଡାକ୍ତରାଣୀ ଜଣକ ଟିକେ ଦୂରରେ ସେ ଦମ୍ପତିଙ୍କ ସହ ଅଳ୍ପ ସମୟ କଣ ସବୁ କଥା ହେବା ପରେ ପୁଣି କହିବା ଆରମ୍ଭ କଲେ, 'ଗର୍ଭାବସ୍ଥା ନଅ ମାସ ଯାକ ସେ ଦୁହେଁ ତୁମର ଖାଦ୍ୟପେୟ, ସ୍ୱାସ୍ଥ୍ୟ ଓ ସୁରକ୍ଷା କଥା ଦୂରରେ ଥାଇ ବୁଝିବା ସହ ତମେ ଚାହୁଁଥିବା ସବୁତକ ଅର୍ଥ ତୁମକୁ ଅଗ୍ରୀମ ଦେବେ । କିନ୍ତୁ ଶିଶୁଟକୁ ଜନ୍ମ ଦେବା ପରେ ତା ଉପରେ ତମର କିଛି ବି ଅଧିକାର ରହିବ ନାହିଁ । ଏପରିକି ଜୀବନ ଚାଲିଗଲେ ବି ତମେ ଶିଶୁଟିର ପ୍ରକୃତ ପିତାମାତାଙ୍କ ନାମ କୋଉଠି ବି ପ୍ରଘଟ କରିବ ନାହିଁ । ଆଉ ଭବିଷ୍ୟତରେ ଶିଶୁ କିମ୍ବା ତା ପିତା-ମାତାଙ୍କ ସହିତ କୌଣସି ସମ୍ପର୍କ ରଖିବାକୁ କେବେ ବି ଚେଷ୍ଟା କରିବ ନାହିଁ । ଏ ସମସ୍ତ ଲାଗି ତୁମ ତିନି ଜଣଙ୍କୁ ମୋ ଉପସ୍ଥିତିରେ ଏକ ଚୁକ୍ତି ପତ୍ରରେ ଦସ୍ତଖତ କରିବାକୁ ହେବ । କଣ ରାଜି ତ ? ଯଦି ହଁ, ତା ହେଲେ ଆମେ ଆଗକୁ ଆଗେଇବା... ।'

'ମୁଁ ସେମାନଙ୍କ ଠାରୁ ଦୁଇ ଦିନ ସମୟ ମାଗି ଚାଲି ଆସିଲି' - କଜଳୀ ମାଆ କହିଲା ।

'ତା ପରେ ?'- ଅସୀମା ପଚାରିଲା ଦ୍ୱିଗୁଣ ଉତ୍ସାହର ସହ ।

'ତା ପରେ ମୁଁ ନିଜେ ସବୁ ଆଡ଼କୁ ଭାବିଲି, ହାନୀ-ଲାଭ, ଭଲ-ମନ୍ଦର ହିସାବ କଲି ମନକୁ ମନ । ମାଆକୁ ନଜଣାଇ ବାପାଙ୍କୁ ସବୁ କଥା ଆମୂଳ ଚୂଳ ବୁଝାଇ କହିଲି । ବାପା ପ୍ରଥମେ ଅରାଜି ଥିଲେ ବି ପରିସ୍ଥିତିର ଚାପରେ ଏକ ରକମ ରାଜି ହେବାକୁ ବାଧ୍ୟ ହେଲେ କହିଲେ ଚଳେ । ଠିକଣା ଦିନ ସେମାନେ କାଗଜ ପତ୍ର ପ୍ରସ୍ତୁତ କରି ଆଣିଥିଲେ, ଆମେ ତିନିହେଁ ଚୁକ୍ତିର ନିୟମ ମାନିବାକୁ ଡାକ୍ତରାଣୀଙ୍କ ସମ୍ମୁଖରେ ଦସ୍ତଖତ କଲୁ । ମୋ କହିବାମୁତାବକ ସେମାନେ ତିରିଶି ଲକ୍ଷ ଟଙ୍କା ମୋ ବ୍ୟାଙ୍କ୍ ବହିକୁ ପଠାଇବା ସହ ମୋ ମାଆର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କଲେ ।'

'ବାଃ...ଭାରି ବଢ଼ିଆ ହେଲା ତ ! ତୋ ମାଆଙ୍କର ଦେହ ବି ଭଲ ହୋଇ ଯାଇଥିବ, ନୁହେଁ ?'

- ଅସୀମା ଖୁସି ହୋଇ ପଚାରିଲା ।

'ପ୍ରାୟ ମାସେ ପରେ ମାଆ ତ ଭଲ ହୋଇ ଘରକୁ ଫେରିଲା । କଣ ପରୀକ୍ଷାନିରୀକ୍ଷା ପାଇଁ ମତେ କିଁ କିଛି ଦିନ ଡାକ୍ତରଖାନାରେ ରହିବାକୁ ପଡ଼ିଲା । ମୋ ଶରୀରରେ ଖି ଦିଆଗଲା ଏକ ନିଷ୍ପାପ ଭ୍ରୂଣ । ଯାହା କିଛି ଘଟୁଛି ବା ଘଟିବାକୁ ଯାଉଛି ସବୁ କିଛିକୁ ଠାକୁରଙ୍କ ଇଚ୍ଛା ବୋଲି ଜ୍ଞାନ କରି ମୁଁ ମୋ ଅନ୍ତର୍ମନକୁ କ୍ରମଶଃ ଦୃଢ଼ କରିବାର ପଣ ନେଲି । ତେବେ ତା ପରେ ପରେ ମୁଁ ସାମ୍ନା କଲି ଜୀବନର କଠିନତମ ପରୀକ୍ଷା । ମାସ ଯେତେ ଗଡୁଥାଏ, ମୁଁ ନିଜକୁ ସମାଜ ଠାରୁ ସେତେ ଦୂରେଇ ରଖିବାକୁ ଚେଷ୍ଟା କରୁଥାଏ । କିନ୍ତୁ ଅଧିକ ଦିନ ଲୁଚି ରହି ପାରିଲାନି କଥା । ସେଠି ବସ୍ତିରେ ଥିବା ସବୁ ଦାଦନ ପରିବାରଙ୍କ କାନରେ ପଡ଼ିଲା । ସବୁଆଡ଼େ ଚାଲିଲା ଟୁପୁରୁ ଟାପୁରୁ । କଥା ଖାଲି ଉଡ଼ିଲା କ୍ରମଶଃ ଏ ବସ୍ତିରୁ ସେ ବସ୍ତିକୁ । ଏ ଅଂଚଳରୁ ସେ ଅଂଚଳକୁ । ବାପାଙ୍କୁ ଭାଟୀରେ କେହି କେହି ଟାହି ଟାପରା କଲେ, ବେଇଜ୍ଜତ କରି ଏଣୁ ତେଣୁ କହିଲେ । ଭାଟୀ ମାଲିକ ବି ଦିନେ ଉଡ଼ା ଖବର ପାଇ ବାପାଙ୍କୁ ବୁଲେଇ ବାଙ୍କେଇ ପଚାରିଲା । ବାପାଙ୍କ ପାଖରେ କିଛି ପୂର୍ବ ପ୍ରସ୍ତୁତ ଉ ? ? ?ର ହିଁ ନଥିଲା । ସେ ନୀରବ ରହିଲେ କିନ୍ତୁ ବାର ପ୍ରକାରର କଟୁ କଥା ଆଉ ସମ୍ଭାଳି ପାରିବାର ମାନସିକ ସ୍ଥିତିରେ ନଥିଲେ । ଆମେ ସ୍ଥିର କଲୁ ଚାଲି ଆସିବୁ ଗୋଟେ ଅଜଣା ଅଶୁଣା ଇଲାକାକୁ, ଆଉ କେହି କିଛି ଜାଣିବା ଆଗରୁ ଜିନିଷ ପତ୍ର ଧରି ବାହାରି ଆସିଲୁ ରାତି ଅଧରେ । ଯୋଗକୁ କେମିତି କେଜାଣି ତମ ଗାଁଆରେ ଆସି ପହଂଚିଗଲୁ । କନ୍ତୁ ଏଠି ବି ସେଇ ଏକା ଦୁରାବସ୍ଥା । ଦଇବ ଦାଉ ସାଧିଲା, ଭାଗ୍ୟ ସାଥୀ ହେଲାନି । ଖୁବ୍ ଅପଦସ୍ତ ହେଲୁ ସମସ୍ତେ ।'

-ଏତକ କହି କଜଳୀ ମାଆ ସୁଁ ସୁଁ ହୋଇ ପଣତରେ ଆଖିରୁ ଲୁହ ପୋଛିଲା ।

'ତା ପର କଥା ମୁଁ କାହା କାହାଠୁ ଶୁଣିଛି, କଜଳୀ ମାଆ ! ଏ ମଣିଷଗୁଡ଼ା ନା ସମୟ ପାଇଲେ ଖାଲି କଥା ଚାଷ କରନ୍ତି, ପର ଚର୍ଚ୍ଚାରେ ସମୟ ବିତାନ୍ତି । ଦେଖିଲା ବେଳକୁ, ନିଜ ପଛରେ ହଜାରେ ଗୋହି, ବୁଲି ଯାଉଥିବେ ପଦାକୁ କହି ! ଛାଡ଼...ଏବେ ତୋ ବାପା-ମାଆ କୋଉଠି ଅଛନ୍ତି, ଆଉ ତୋ କଜଳୀ ?'

- ଅସୀମା ପ୍ରସଙ୍ଗ ବଦଳାଇବା ଉଦ୍ଦେଶ୍ୟରେ କହିଲା ।

'କଜଳୀ ମାତ୍ର ସାତ ଦିନର ହୋଇଥିଲା, ତାକୁ ନେଇ ତା ବାପା-ମାଆଙ୍କ ଜିମା ଦେଇ ଆସିଲି । ସେ ଏବେ କୋଉଠି ଅଛି, କେମିତି ଅଛି ଠାକୁରଙ୍କୁ ହିଁ ଜଣା । ଯୋଉଠି ଥାଉ, ଭଲରେ ଥିଲେ ସେଇ ମୋର ଖୁସି । ବାକୀ ରହିଲା ମୋ ବାପା-ମାଆଙ୍କ କଥା । କଜଳୀକୁ ଛାଡ଼ି ଆସିବା ପରେ ଆମେ ମାମୁଁ ଘର ଗାଁଆରେ ଜଣେ ସମ୍ପର୍କୀୟ ମାମୁଁଙ୍କ ଅବ୍ୟବହୃତ ଘରେ ରହୁଥିଲୁ ସମସ୍ତେ । କିଏ ସବୁ ଦିନ ରହିଛି ଯେ ସେମାନେ ରହିବେ? ବରଷେ ହେଲା ଆଗ ପଛ ହୋଇ ଦୁହେଁ ଚାଲିଗଲେ ଆର ପାରିକି । ସେମାନେ ଗଲା ପରେ ମତେ ଆଉ ସେଠି ରହିବାକୁ ଜମା ଭଲ ଲାଗିଲାନି । ଭାବିଲି ଶେଷ ସମୟଟା ବାପା କିଣିଥିବା ଏହି ଡିହ ଖଣ୍ଡିକରେ ପିଲାଙ୍କ ଗହଣରେ କାଟିଦେବି । ଆଉ କଣ କରିଥାନ୍ତି ?'

- କଜଳୀ ମାଆ ଅସୀମା ମୁହଁକୁ ଅନାଇ ଭାରି ଭାରି କଣ୍ଠରେ ପଚାରିଲା ।

'ତୁ ଠିକ୍ କରିଛୁ କଜଳୀ ମାଆ, ତୋର ଏଠି କିଛି ଅସୁବିଧା ହେବନି । କିନ୍ତୁ ଏ କଥା ତ କହିଲୁନି ଯେ ଏତେ ସବୁ କାହାଣୀ, ଲୋକ ଗପ, ପ୍ରଶ୍ନ ଓ ପ୍ରହେଳିକା ତୁ କୋଉଠୁ ଶିଖିଲୁ ସତରେ ?'

- ଅସୀମା ପରିବେଶକୁ ଟିକେ ହାଲୁକା କରିବା ଉଦ୍ଦେଶ୍ୟରେ ହସି ହସି ଆଶ୍ଚର୍ଯ୍ୟ ହେବା ପରି ପଚାରିଲା ।

'ମୋ ଆଇ ଆଉ ମୋ ମାଆଠୁ, ବୁଝିଲୁ ? ଛାଡ଼ ସେ କଥା...ଚାଲ୍ ଏଥର ଯିବା ଦାଣ୍ଡ ଦୁଆରକୁ, ପିଲାମାନେ ଆସିଲେଣି ନା କଣ ! ପାଟି ଶୁଭୁଛି !'

-କଜଳୀ ମାଆ ଏତକ କହି ହାତ ଧରି ଉଠାଇ ଦେଲା ଅସୀମାକୁ ପଥରଟି ଉପରୁ ।

ଦୁହେଁ ଗଲେ ଦୁଆରକୁ । କଜଳୀ ମାଆକୁ ଦେଖି ପିଲା କେତୋଟି ଖୁସିରେ ପାଟି କରି ଉଠିଲେ । ଅସୀମା ଗୋଟିଏ କଡ଼କୁ ଗୋଡ଼ ଲମ୍ବାଇ ବସି ଶୁଣୁଥାଏ । ପିଲାଙ୍କୁ ଚାରି ପଟରେ ବସାଇ କଜଳୀ ମାଆ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରି ବସିଲା,

'ପିଲେ, କହିଲ ଦେଖି,
ଟିଇଁ ଟିଆଁ ବଣି,
ହୁଡ଼ା ତଳେ ପେଟ ଦେଇ ପିଏ ବସି ପାଣି ।'

ପିଲାଏ ପାଟି କରି କହିଲେ, 'ମୁଗୁରା'

-'ଜୀବନ ନଥାଇ କରେ ଗର୍ଜନ
କରି ନ ପାରଇ ଇଚ୍ଛା ଗମନ
ଯୁଦ୍ଧରେ ମାରଇ ଶତ୍ରୁକୁ ହେଳେ
କେହି ଘେନିଗଲେ ତା ସାଥେ ଚଳେ ।'

ପୁଣି ପିଲାଙ୍କ ଉ ? ? ?ର ଶୁଭିଲା- 'ବନ୍ଧୁକ'

-'ନଈକି ଯାଏନି ପାଣିରେ ଖେଳେନି
ପଡ଼ି ରହିଥାଏ ଢିପରେ
ନାଙ୍ଗୁଡ଼ ଧରିଲେ କାମୁଡ଼ି ଉଠେ ସେ
ଦୁଇ ଆଖି ତାର ବେକରେ ।'

କେହି କେହି ପିଲା ବଡ଼ ପାଟି କରି କହିଲେ, 'ଶଣ୍ଢୁଆସୀ'

-'ଲମ୍ବା ପତର ପବନେ ଡର
ପୂଜାରେ ଖୋଜା ଭାରି
ମାଆ ମଲାଣି ଛମାସ ହେଲା
ପୁଅ ଜନମ କାଲି ।'

ପିଲାଏ ପୁଣି ପାଟି କରି କହିଲେ, 'କଦଳୀ ଗଛ'

ଧୀରେ ଧୀରେ ଏହା ପରଠୁ କଜଳୀ ମାଆ ପ୍ରତି ଥିବା କୁହୁଡ଼ି ଲୋକଙ୍କ ଆଖି ଆଗରୁ ହଟିବାକୁ ଲାଗିଲା । ଛକ ପେଣ୍ଠରେ ଅନେକଙ୍କ ତୁଣ୍ଡରେ ଶୁଣାଗଲା କଜଳୀ ମାଆର ପାରମ୍ପାରିକ ସାହିତ୍ୟ, ଲୋକ ଗପ ଓ ଢଗଢମାଳି ସମ୍ପର୍କିତ ଜ୍ଞାନକୁ ନେଇ ଚର୍ଚ୍ଚା ।

ମୋ ଗାଥା

# ଜଳଧରଙ୍କ ଜଳଛବି



# ବାପାଙ୍କ କବିତାର ପ୍ରଥମ ଶ୍ରୋତା ମୁଁ

**ଶୁଭ ନାରାୟଣ ସ୍ୱାଇଁ**

ପ୍ଲଟ୍ ନଂ - ୨୦୦୮/୧୦୧୪୫
ତାରିଣୀ ମନ୍ଦିର ପାଖ, କୋରାପୁଟ
ଫୋନ : ୮୪୮୦୧୯୬୫୩୨

ଫଟୋ ସୌଜନ୍ୟ : ଲେଖକ



ଲେଖକ ଶୁଭ ନାରାୟଣ ସ୍ୱାଇଁ

କଥାଟା ଅଣାନବେ ମସିହାର । ସେତେବେଳେ ମୋର ବୟସ ମାତ୍ର ଆଠ ବର୍ଷ । ରହୁଥାଏ ଗାଁରେ । ଜେଜେଙ୍କ ପାଖରେ । ବୟସାଧିକ୍ୟ କାରଣରୁ ଜେଜେଙ୍କର ଦେହ ଅଧିକ ଖରାପ ହେବାରୁ ବାପାଙ୍କ ପାଖକୁ ଟେଲିଗ୍ରାମ୍ କଲେ ମାଆ । ବାପା ରହୁଥାନ୍ତି କୋରାପୁଟ୍‌ରେ । ଖବର ପାଇ ବାପା ଆସିଲେ । କିନ୍ତୁ ବାପା ଆସିବା ପରେ ପରେ ହିଁ ଜେଜେ ଆଖି ବୁଜିଦେଲେ ସବୁଦିନ ପାଇଁ । ଜେଜେଙ୍କର କ୍ରିୟାକର୍ମ ସରିଲା ପରେ ଆମେ ଗାଁ ଛାଡ଼ି ବାପାଙ୍କ ସାଙ୍ଗରେ ଚାଲି ଆସିଲୁ କୋରାପୁଟ୍ । ମୋର ଏବେ ବି ମନେ ଅଛି ଗୋଟିଏ ସବୁଜ ରଙ୍ଗର କ୍ୟାଣ୍ଟର୍ ଦୀପକ ଟ୍ରାଭେଲ୍‌ରେ ବସି ଆମେ ଗାଁରୁ ଓଷକଣା ବାଲିକୁଦା ଦେଇ ଆସିଲୁ ବାଦାମବାଡ଼ି କଟକ ବସଷ୍ଟାଣ୍ଡ୍‌କୁ ଏବଂ ସେଠୁ ଗୋଟିଏ ସରକାରୀ ବସ୍‌ରେ କୋରାପୁଟ୍ । ପିଲାଦିନେ ମୋ ହାତ ଧରି ମୋତେ ଚାଲିବା ଶିଖାଇ ନ ଥିଲେ ମୋ ବାପା । ମୋ ବୟସ ଯେତେବେଳେ ଆଠ ବର୍ଷରୁ କମ୍ ଥିଲା ସେତେବେଳେ ବି ମୋତେ ନେଇ ବାପା ଦେଖାଇ ନଥିଲେ ଦୋଳ କି ମେଳଣ ଯାତ । କିନ୍ତୁ ଜେଜେ, ମୋ ହାତ ଧରି ମୋତେ ଚାଲିବା ଶିଖାଇଥିଲେ, ନିଜ କାନ୍ଧରେ ବସାଇ ମୋତେ ଯାତରା ଦେଖାଉଥିଲେ ଏବଂ ମୋ ପାଇଁ ଚେନାଚୁର ଆଉ ଘୁଘୁନି ବି କିଣି ଦେଉଥିଲେ । ଘରୁ ସେରେ ଚାଉଳ ଦେଇ ଚାରିଟା ଆଇସ୍କ୍ରିମ୍ କିଣୁଥିବା ବେଳେ ତାଙ୍କ ହାତରେ ଧରାପଡ଼ି ଯାଇଥିଲେ ବି ସେ ମୋ ଉପରକୁ ହାତ ଉଠାଇ ନଥିଲେ । ସେ ଜେଜେ ଚାଲିଯିବା ପରେ ମୋ ଆଖିଟା ଲୁହ ଛଳଛଳ ହୋଇ ଯାଉଥିଲା ବସ୍ ଭିତରେ । ମୋ ମନ ଭିତରେ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନ । କିଛି ପଚାରୁଥିଲି ବାପାଙ୍କୁ, କିଛି ପଚାରି ପାରୁ ନଥିଲି ।

ବସ୍ ଚାଲୁଥିଲା ଆଗକୁ ଆଗକୁ । ପଛରେ ରହି ଯାଉଥିଲା ଗାଁରେ ଛାଡ଼ି ଆସିଥିବା ମୋ ପିଲାଦିନ, ମାଛ ପୋଖରୀ, ଧାନବିଲ, ନଦୀପଠାର କାଶତଣ୍ଡୀ ଫୁଲ, ଦେବୀ ନଈର ଲୁଣାପାଣି, ମନ୍ଦିର ପଛର ନଡ଼ିଆ ଗଛ, ବରା ଆଉ ଘୁଘୁନି ବିକୁଥିବା ଦୋକାନୀର ଚୁଲ୍ଲୀ ଭିତରୁ ଉପରକୁ ଉଠୁଥିବା ପୋଡ଼ା ପଥର କୋଇଲାର ଗନ୍ଧଯୁକ୍ତ ଧୂଆଁ ଏବଂ ରାସ୍ତାକଡ଼ର କିଆବୁଦାସବୁ । ପଛରେ ରହି ଯାଉଥିଲା ଗୋଚର ଜମିରେ ଚରୁଥିବା କଅଁଳା ବାଛୁରୀର ହମ୍ବାରଡ଼ି, ସିଜୁ ଗଛରୁ ଝରି ପଡୁଥିବା କ୍ଷୀର । ସପ୍ତଫେଣୀ କଣ୍ଟାଗଛରେ ଫୁଟିଥିବା ହଳଦିଆ ଫୁଲକୁ ତୋଳିବା ପାଇଁ ହାତ ବଢ଼ାଉଥିବା ନାଲି ଫ୍ରକ୍ ପିନ୍ଧା ଝିଅ, ମଠ, ମନ୍ଦିର, ରାମମାଷ୍ଟ୍ରଙ୍କ ଚାହାଳି ଘର ଏବଂ ଆହୁରି ଅନେକ କିଛି । ଗାଡ଼ି ଆଗକୁ ବଢୁଥିବା ବେଳେ ପଛରେ ରହି ଯାଇଥିଲେ କଣିହା, ବାଲିକୁଦା, ମାଛଗାଁ, ତାଳଦଣ୍ଡା କେନାଲ୍ ବକ୍ସି ବଜାର ଛକର କଣ୍ଟ୍ରୋଲ୍ ଦୋକାନ ଏବଂ ଚିନି ଆଉ କିରୋସିନ୍ ପାଇଁ ଲାଗିଥିବ ଲମ୍ବା ଲମ୍ବା ଧାଡ଼ି ।

ମଝିରେ ଅଡ଼ବା ଠାରେ ଗାଡ଼ି ରହିଲା, ଢାବାରେ ରାତ୍ରି ଭୋଜନ ପାଇଁ । ଖାଇସାରି ସମସ୍ତଙ୍କ ସହ ଆମେ ପୁଣି ବସିଲୁ ଗାଡ଼ିରେ । କେତେବେଳେ ଆଖିକୁ ନିଦ ଆସି ଯାଇଥିଲା କେଜାଣି । ଆଖି ଖୋଲିଲା ବେଳକୁ ସକାଳ । ଗାଡ଼ି ରାୟଗଡ଼ା ପାର୍ କରି ଲକ୍ଷ୍ମୀପୁର ପାଖାପାଖି ହେଲାଣି । ରାସ୍ତାର ଦୁଇପଟେ ବହଳେ ମୋଟର ଜଙ୍ଗଲ, ଲମ୍ବା ଲମ୍ବା ଶାଳ ପିଆଶାଳ ଗଛ ।

ପାହାଡ଼ ଗୁଡ଼ାକ ଠିଆ ହେଉଛନ୍ତି ପରସ୍ପରକୁ କୁଣ୍ଢାକୁଣ୍ଢି ହୋଇ । ପାହାଡ଼ ଛାତିରେ ଅନେକ ଅନେକ କଣ୍ଟା ବାଉଁଶ, କେନ୍ଦୁ ଆଉ ଚନ୍ଦନ ଗଛ । ରାସ୍ତା କଡ଼ରେ ଆମ୍ବ ଆଉ ମହୁଲ ଗଛ । ଘାଟି ରାସ୍ତା । ପାହାଡ଼ ଉପରେ ଗାଡ଼ି ଚାଲୁଛି, ପାହାଡ଼ ତଳେ ହଜାରେ ଫୁଟର ଖାଲ ଆଉ ଝରଣା ପରି ଝରୁଥିବା ପାହାଡ଼ି ନଈ । ବାପା କହିଲେ, "ଡରୁଛୁ କି, ଡର୍‌ନା । ଏଠି ପାହାଡ଼ ଉପରେ ବି ଘର, ପାହାଡ଼ ତଳେ ବି । ଆଉ ମାତ୍ର ଦୁଇଘଣ୍ଟା ପରେ ଆମେ ଘରେ ପହଞ୍ଚିବା ।"

କୋରାପୁଟ୍‌ରେ ପହଞ୍ଚିଲା ପରେ ଗୋଟିଏ ଘର ସାମ୍ନାରେ ଗୋଟିଏ ସବୁଜ ରଙ୍ଗର କାଠର ଫାଟକ, ତା' ଉପରେ ତୋରଣ ଭଳି ଓହଳି ପଡ଼ିଛି କାଗଜଫୁଲ ଗଛର ଡାଳ । ଦୁଇ ପାଖରେ ଦୁଇଟି ଦେବଦାରୁ ଗଛ । ସେଇଠି ଅଟକିଲେ



ବାପା । ମୋ ବାପା ଜଳଧର ସ୍ୱାଇଁ । କବି ଜଳଧର ସ୍ୱାଇଁ । ଫାଟକ ଖୋଲି ଭିତରକୁ ପଶିଲେ । ବାପାଙ୍କ ପଛେ ପଛେ ମାଆ ଓ ମୁଁ । ରବି ମାଳି ଆସି ବାପାଙ୍କ ହାତରୁ ଆଟାଚି ଓ ବ୍ୟାଗ୍ ନେଇ ସାମ୍ନାରେ ଥିବା କୋଠାଘରେ ରଖିଲା ବେଳକୁ ବଡ଼ ମାଆ କହିଲେ ସେଗୁଡ଼ାକ ନେଇ ବାରିପଟର ଆଜ୍‌ବେଷ୍ଟସ୍ ଘରେ ରଖିଦେ । ଏବେ ସେମାନେ ସେଇଠି ରହିବେ । ରବି ମାଳିକୁ ବଡ଼ବାପା ରଖିଥିଲେ ଘରର ବୋଲହାକ କରିବା ପାଇଁ । ସେ କିଛି ବି ବୁଝି ପାରିଲାନି । ମୁଁ ବି ବୁଝି ପାରିଲିନି କିଛି । ବାପା କ'ଣ ବୁଝିଲେ କେଜାଣି ତାଙ୍କ ମୁହଁ କାନ୍ଦ କାନ୍ଦ ହୋଇଗଲା ଆଉ ଆଖି ଲୁହ ଛଳଛଳ । ମାଆ ମୋତେ କୁଣ୍ଢେଇ ଧରି କାନ୍ଦିବାକୁ ଲାଗିଲା ଏବଂ ମୋତେ ନେଇ ବାରିପଟକୁ ଚାଲିଗଲା । ପରେ ମୁଁ ଜାଣିବାକୁ ପାଇଲି କିଲେ ଚାଉଳ ଓ କିଛିଟା ବାସନ କୁସନ ନେଇ ବାପାଙ୍କୁ ଭିନ୍ନେ କରି ଦେଇଛନ୍ତି ବଡ଼ବାପା । ବାପା ଆଖିର ଲୁହକୁ ଆଖିତଳେ ଚାପିଦେଲେ । ମୁଁ ବାପାଙ୍କୁ ପଚାରିଲି, "ବାପା, କ'ଣ ହେଲା ?" ବାପା କହିଲେ, "ନା କିଛି ନାହିଁ, ବାରିପଟେ ଜାଗାକୁ ଦେଖାରେଖା କରିବା ପାଇଁ ଆମକୁ ସେଇଠି ରହିବାକୁ ହେବ ।"

ସେଦିନ ପ୍ରଥମଥର ପାଇଁ ଦେଖିଲି ବାପାଙ୍କର ନିରବତାର ଦମ୍ଭକୁ । ସେଦିନ ପ୍ରଥମଥର ପାଇଁ ଅନୁଭବ କଲି ବାପାଙ୍କର ଧୈର୍ଯ୍ୟ ଆଉ ସାହସକୁ । ଏମିତିକା ପରିସ୍ଥିତିରେ ଅନ୍ୟ ଯେକେହି ବି ଭାଙ୍ଗି ପଡ଼ି ଥାଆନ୍ତା, କିନ୍ତୁ ବାପା ଏଇଠୁ ହିଁ ପ୍ରକୃତରେ ଉଠିବାକୁ ଆରମ୍ଭ କଲେ । ଦଶ ବାଇ ଦଶ ସାଇଜ୍‌ର ଦୁଇଟି କୋଠରୀ ବିଶିଷ୍ଟ ଆଜ୍‌ବେଷ୍ଟସ୍ ଘରକୁ ଏମିତି ସଜାଇ ଦେଲେ ଯେ ଘରଟା ପୁରା ଆଗେଇଗଲା ଆଗକୁ । ପେସାରେ ବାପା ଜଣେ ଶିକ୍ଷକ ଥିଲେ ବି ନିଜ ସ୍କୁଲ୍‌ରେ ମୋତେ ନ ପଢ଼ାଇ, ମୋର ନାଁକୁ ଲେଖାଇ ଦେଲେ ଘରପାଖ ସରକାରୀ ସ୍କୁଲ୍‌ରେ ସିଧାସଳଖ ଚତୁର୍ଥ ଶ୍ରେଣୀରେ । ସନ୍ଧ୍ୟାରେ ସ୍କୁଲ୍‌ରୁ ଫେରି ବାପା ଶାଗ ପଟାଳିରେ ପାଣି ଦେଉଥିଲେ । ଭେଣ୍ଡି ଓ ବାଇଗଣ ଗଛ ମୂଳେ ସାର ଦେଉଥିଲେ । ଧିରେଧିରେ ମୁଁ ବାପାଙ୍କ ସାଙ୍ଗରେ ମିଶି ବାରିରେ ଅନେକ ପନିପରିବା ଗଛ ଲଗାଇଲି । ସାରୁ ଠାରୁ ଆରମ୍ଭ କର ଆଳୁ ଯାଏଁ ଶାଗଠୁଁ ଭେଣ୍ଡି ଆଉ କଲରା ଯାଏଁ ସବୁ ଲଗାଇଲି ବାରିରେ । ରାତି ହେଲେ ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ କେହିନା କେହି ଆସୁଥିଲେ ବାପାଙ୍କ ପାଖକୁ । କବି ୪ କୈଳାଶ ଷଡ଼ଙ୍ଗୀ, ରବି ଶତପଥି, ଜୟନ୍ତ ମିଶ୍ର, ଲଳିତ ମୋହନ ଜେନା, ୪ ଭାଗିରଥି ପାତ୍ର, ଲଳିତ ମୋହନ ପଟ୍ଟନାୟକ, ଡକ୍ଟର ବସନ୍ତ କିଶୋର ସାହୁ, ବିଜୟ ପ୍ରଧାନ ଆଦି ଲେଖକମାନେ ପ୍ରାୟତଃ ଆସନ୍ତି ବାପାଙ୍କ ପାଖକୁ । ସେମାନଙ୍କ ଭିତରେ ଢେର୍ ସମୟ ଯାଏଁ ଆଲୋଚନା ଚାଲେ ଏବଂ କବିତା ପଢ଼ା ହୁଏ । ପାଖରେ ବସି ମୁଁ କବିତା ଶୁଣେ । ବାପା ପ୍ରତ୍ୟେକ ରାତିରେ ବିଳମ୍ବିତ ରାତି ଯାଏଁ କିଛି ନା କିଛି ଲେଖନ୍ତି ଏବଂ ତାର ଆବୃତ୍ତି କରନ୍ତି, ତାକୁ ମଧ୍ୟ ମୁଁ ଶୁଣେ । ଅର୍ଥଗତ ଅଭାବ ଘରେ ଲାଗି ରହିଥିଲେ ବି ବାପା ଚଳେଇ ନେଉଥାନ୍ତି ସେସବୁକୁ । ମାଆ ସବୁବେଳେ ଗର ଗର ହେଉଥାଏ ବାପାଙ୍କ ଉପରେ । ମାଆ ବାରମ୍ବାର କହୁଥାଏ "ଚାକିରିର ସବୁ ପଇସାକୁ ତ ଦେଲ ଭାଇଭାଉଜଙ୍କୁ । ଏବେ ଭୋଗ...ଭଲ ଭାବେ ଭୋଗ ।" ବାପା କିନ୍ତୁ ସବୁ ଶୁଣି ନଶୁଣିଲା ପରି ରହିଯିବେ । ରାତିରେ କବିତା ଲେଖିଲା ବେଳେ ସେଥିରେ ଏମିତି ନିମଗ୍ନ ହୋଇ ଯାଇଥିବେ ଯେ, ବଢ଼ା ହୋଇଥିବା ଭାତ ଥଣ୍ଡା ହୋଇଗଲେ ବି ତାଙ୍କର ସେଥିପ୍ରତି ଧ୍ୟାନ ନଥିବ । ମାଆ ପୁଣି ଗାରୁ ଗାରୁ ହେବେ, ବାପା ଟେବୁଲ୍ ପାଖରୁ ଉଠି ଆସି ସେଇ ଥଣ୍ଡା ଭାତ ନହେଲେ ଥଣ୍ଡା ରୁଟି ଭଜା ଖାଇ ପୁଣି ଟେବୁଲ୍ ପାଖରେ ବସିବେ । ମୁଁ ଶୋଇ ନଥିଲେ, ମୋତେ ଲେଖିଥିବା କବିତାଟେ ଶୁଣେଇବେ । ସତକଥା କହିବାକୁ ଗଲେ ୧୯୯୦ରେ ମୁଁ ପଞ୍ଚମ ଶ୍ରେଣୀରେ ପଢ଼ିବା ବେଳ ଠୁଁ ବାପାଙ୍କ କବିତା ପ୍ରେମରେ ପଡ଼ି ଯାଇଥିଲି । ୧୯୯୦ ପୂର୍ବରୁ ଜହ୍ନ ଓ ଅରଣ୍ୟର କବି ହିସାବରେ ଲୋକେ ତାଙ୍କୁ ଜାଣି ସାରିଥିଲେ ତାଙ୍କର ପ୍ରଥମ ଆଧୁନିକ କବିତା ବହି 'ଜହ୍ନର ସହର' ଯୋଗୁଁ । ସେ କଥା ସେତେବେଳେ ମୁଁ ଜାଣିନଥିଲି । ଅବଶ୍ୟ ପରେ ଜାଣିଲି ।

ଏମିତିରେ ଦେଖିବାକୁ ଗଲେ ୧୯୯୦ରୁ ୨୦୦୫ ଯାଏଁ ବାପା ଲେଖିଥିବା ପ୍ରତ୍ୟେକଟି ଅପ୍ରକାଶିତ କବିତାର ପ୍ରଥମ ଶ୍ରୋତା ମୁଁ ଏବଂ ପ୍ରଥମ ସମୀକ୍ଷକ ବି । କାରଣ ଏହି ୧୫ବର୍ଷ ଭିତରେ ବାପା ଲେଖିଥିବା ତାଙ୍କର ପ୍ରତ୍ୟେକ କବିତାକୁ ପ୍ରଥମେ ମୋତେ ଶୁଣାନ୍ତି, ମୁଁ ମନ୍ତବ୍ୟ ଦିଏ କବିତାଟି ଭଲ ହୋଇଛି କି ଖରାପ ହୋଇଛି ବୋଲି । ଯେଉଁ କବିତାଟି ମୋତେ ଭଲ ନଲାଗେ, ସେ କବିତାଟି ଆଉ ଆଗକୁ ବଢ଼ି ପାରେନା ବା ଆଉ ବଳବଉରରେ କିଛିଟା ପରିବର୍ତ୍ତନ ଘଟେ । ଖାଲି ସେତିକି ନୁହେଁ, ଏହି ୧୫ ବର୍ଷ ଭିତରେ ବାପାଙ୍କ ନିଜ ହାତ ତିଆରି 'ସତ୍ତା ସାହିତ୍ୟ ସଂସଦ'ର ପ୍ରତ୍ୟେକଟି ସାହିତ୍ୟ ଆସରରେ ମୁଁ ଆଉ ଗୋଟେ କାମ କରୁଥିଲି । ହଁ, ସାହିତ୍ୟିକମାନଙ୍କୁ ଚାହା ଦେବାଟା ଥିଲା ମୋର ଅନ୍ୟତମ କାମ । ତେବେ ଏହି ୧୫ବର୍ଷ ଭିତରେ ବାପାଙ୍କ କବିତା ଆବୃତ୍ତି ଶୁଣୁ ଶୁଣୁ ଏବଂ ସାହିତ୍ୟିକମାନଙ୍କୁ ଚାଆ ପିଆଉ ପିଆଉ କେତେବେଳେ ଯେ ମୁଁ ନିଜେ ଜଣେ କବି ପାଲଟି ଗଲି ସେକଥା ମୁଁ ଜାଣେନା । ତଥାପି ମୋର ଯେତେଦୂର ମନେ ପଡୁଛି ୧୯୯୫ ଠୁ ମୁଁ ପ୍ରାୟତଃ ଲୁଚି ଲୁଚି କବିତା ଲେଖୁଥିଲେ ହେଁ ୧୯୯୯ରେ ଦୈନିକ 'କ୍ରାନ୍ତିଧାରା' ମୋର ପ୍ରଥମ କବିତା

## ସମ୍ମାନ ଓ ସ୍ୱୀକୃତି

- ରାଜ୍ୟ ଶିକ୍ଷକ ସମ୍ମାନ-୨୦୦୪ (ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ)
- ଆଦିବାସୀ ଭାଷା ସଂସ୍କୃତି ଏକାଡ଼େମୀ ସମ୍ମାନ-୨୦୦୪ (ଓଡ଼ିଶା ସରକାରଙ୍କ ଆଦିବାସୀ ହରିଜନ ଉନ୍ନୟନ ବିଭାଗ)
- ସୁଭଦ୍ରା କୁମାରୀ ଚୌହ୍ୱାନ ଜନ୍ମ ଶତାବ୍ଦୀ ସମ୍ମାନ (ପାନିପଥ, ହରିୟାନା ପ୍ରଦେଶ-ଭାରତ-୨୦୦୪)
- ଭାରତ ପ୍ରତିଭା ସମ୍ମାନଦ-୨୦୦୭ (ଫ୍ରେଣ୍ଡସିପ୍ ଫୋରମ୍ ଅଫ୍ ଇଣ୍ଡିଆ, ନୂଆଦିଲ୍ଲୀ, ଭାରତ)
- ରାଷ୍ଟ୍ରୀୟ ଜୁଏଲ୍ ସମ୍ମାନ-୨୦୦୭ (ପେଙ୍ଗୁଇନ୍ ପବ୍ଲିକେସନ୍, ନୂଆଦିଲ୍ଲୀ, ଭାରତ)
- ସୁଲେଖା ରଜତ ଜୟନ୍ତୀ ସମ୍ମାନ-୨୦୦୫ (ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ-ପୁରୀ) ଓ ଗଦାଧର ମିଶ୍ର ସ୍ମୃତି ସମ୍ମାନ
- ଶରଧା ସମ୍ମାନ-୨୦୦୫ (ଭକ୍ତ କବି ସ୍ମୃତି ସଂସଦ, ଭୁବନେଶ୍ୱର)

'ନିବେଦନ'କୁ ଛାପିଥିଲା । ପରେ ଏକଥା ବାପା ଜାଣିଲେ, ସେ ଖୁସି ନହେଲେ ବି ଏହାର ବିରୋଧ କରି ନଥିଲେ । ତେଣୁ ମୋଟାମୋଟି କହିବାକୁ ଗଲେ ବାପାଙ୍କ କବିତା ଆବୃତ୍ତିକୁ ଶୁଣି ଶୁଣି ମୁଁ ନିଜେ ପାଲଟି ଯାଇଛି କବିଟିଏ । ଅବଶ୍ୟ, ଏକଥା ଜାଣିନି କାହିଁକି ବାପାଙ୍କ କବିତା ଲେଖାର ଶୈଳୀ ଠାରୁ ମୋ କବିତା ଲେଖାର ଶୈଳୀଟା ପୁରାପୁରି ଅଲଗା । କିନ୍ତୁ ଆମ ଦୁଇଜଣଙ୍କ କବିତା ପଢ଼ିବା ଶୈଳୀ ପ୍ରାୟତଃ ଏକା ପ୍ରକାରର । ସତ କହିବାକୁ ଗଲେ, ବାପାଙ୍କ ପରି ଏମିତି ଜଣେ ନିଆରା ଲୋକକୁ ଆଜିଯାଏଁ ଅନ୍ୟ କେଉଁଠି ଭେଟି ପାରିନି । ମାଆ ବାରମ୍ବାର ବାପାଙ୍କୁ ଗାଳିଦିଏ; କୁହେ, ବାପା ଜଣେ ବୋକା ଲୋକ ବୋଲି । ଖାଲି ସେତିକି ନୁହେଁ ବେଳେବେଳେ ସେ ବାପାଙ୍କୁ ପାଗଳ ଓ ଜଣେ ନଷ୍ଟ ଲୋକ ବୋଲି ଆକ୍ଷେପ କରେ । ତଥାପି ବାପା କିଛି ନଶୁଣିବା ଭଳି ଆଗକୁ ବଢ଼ନ୍ତି, ବେଳେବେଳେ ନିଜର ଘରସଂସାର ଆଉ ପିଲାଛୁଆଙ୍କ କଥା ଭୁଲିଯାଇ ନିଜର କବିତା, ସାହିତ୍ୟ ସେବା ଓ ସଙ୍ଗଠନାତ୍ମକ କାମରେ ନିଜକୁ ହଜାଇ ଦିଅନ୍ତି । କେତେବେଳେ ସିଏ ନିଜେ ପ୍ରଶ୍ନର ବୃତ୍ତ ଭିତରେ ଠିଆ ହୋଇଛନ୍ତି ତ ଆଉ କେତେବେଳେ କୋରାପୁଟର ମାଟି, ପାଣି ଓ ପବନର ବାସ୍ନା ଭିତରେ ଠିଆ କରାଇଛନ୍ତି ପ୍ରଶ୍ନର ବୃତ୍ତରେ ମତ୍ସ୍ୟଗନ୍ଧାଙ୍କୁ । ପରବର୍ତ୍ତୀ ସମୟରେ ଚେଷ୍ଟା କରିଛନ୍ତି ପାଇବାକୁ 'ଉଜୁଡ଼ା ପ୍ରୀତିର ସଜଡ଼ା ଗୀତି' । ସେ ଦେଖିଛନ୍ତି ତାଙ୍କ ଆଖି ସାମ୍ନାରେ କେମିତି ନଷ୍ଟ ହୋଇ ଯାଉଛି କୋରାପୁଟର ପ୍ରାକୃତିକ ସୌନ୍ଦର୍ଯ୍ୟ, କେମିତି ମାଆ ଦେହରେ ଚରି ଯାଉଛି କାରଖାନାର ବିଷ । ଏଣୁ ଦୁଃଖରେ ମ୍ରିୟମାଣ ହୋଇ ସେ ଶୁଣାଇଛନ୍ତି 'ବିଷକନ୍ୟାର ବାର୍ତ୍ତା'ରେ 'ଋତୁ ଅଋତୁର ଗୀତ' । ଖାଲି ସେତିକି ନୁହଁ ସେ ମାଟିକୁ, ପାଣିକୁ, ପବନକୁ ଆହୁରି ନିକଟରୁ ଦେଖିବା ପାଇଁ ସେ ଖୋଜି ବାହାର କରିଛନ୍ତି 'କିମ୍ବଦନ୍ତୀରେ ଅବିଭକ୍ତ କୋରାପୁଟ୍ ଜିଲ୍ଲାର ନଦୀନାଳ ଓ ତା'ର ପ୍ରାଚୀନତାକୁ', 'କୋରାପୁଟ୍ ପରିଚୟକ', 'ପରି ଓ ପରିବେଶକୁ', କୋରାପୁଟର ଗାନ୍ଧୀ ରାଧାକୃଷ୍ଣ ବିଶ୍ୱାସ ରାୟଙ୍କୁ, 'ଇତିହାସର ପଟ୍ଟଭୂମିରେ କୀମ୍ବଦନ୍ତୀର କୋରାପୁଟ', 'କୋରାପୁଟର ଲୋକଗୀତ ଓ ଜନଜୀବନ'କୁ ଏବଂ ଶେଷରେ କୋରାପୁଟର ସାଂସ୍କୃତିକ ଧାରାକୁ...ଏସବୁକୁ ସାଉଁଟୁ ସାଉଁଟୁ ଯେତେବେଳେ ତାଙ୍କୁ ଏକୁଟିଆ ଲାଗିଛି ସେତେବେଳେ ସେ ଗାଇଛନ୍ତି 'ଏକଲା ମଣିଷର ପ୍ରୀତି', ଯେତେବେଳେ ଯେଉଁଠି ଝୁଣ୍ଟି ପଡ଼ିଛନ୍ତି ସେତେବେଳେ 'ପ୍ରୀତିପର୍ଣ୍ଣା'କୁ ଚିଠି ଲେଖି ଜଣାଇଛନ୍ତି ତାଙ୍କର ସୁଖଦୁଃଖ ଏବଂ ଯେତେବେଳେ ସିଏ ଶ୍ରାବଣର ମେଘରେ ଭିଜି ବିଭୋର ହୋଇ ଯାଇଛନ୍ତି ସେତେବେଳେ ଲେଖିଛନ୍ତି 'ବିଭୋର ଶ୍ରାବଣ'ର ଗୀତ । ଏବେ ମୁଁ ତାଙ୍କୁ ତାଙ୍କ ନିଜ ସମ୍ପର୍କରେ ପଚାରିଲେ ସେ ବିଶେଷ କିଛି କହୁ ନଥିଲେ ବି ନିଜ ସ୍ୱରରେ ନିଜେ ହିଁ ଗାଉଛନ୍ତି 'ନିଜ ଗୀତ' ।

## ପ୍ରକାଶିତ କୃତି ବା ସୃଷ୍ଟି ସଂଭାର

- ଶିଶୁ ସୁମନ (ଶିଶୁ କବିତା ପୁସ୍ତକ)-୧୯୮୩
- ଜହ୍ନର ସହର (କବିତା ସଙ୍କଳନ)-୧୯୮୫
- ପ୍ରଶ୍ନର ବୃତ୍ତରେ ମତ୍ସ୍ୟଗନ୍ଧା (କବିତା ସଙ୍କଳନ)-୧୯୮୮
- ଉଜୁଡ଼ା ପ୍ରୀତିର ସଜଡ଼ା ଗୀତି (କବିତା ସଙ୍କଳନ)-୧୯୯୩
- ବିଷକନ୍ୟାର ବାର୍ତ୍ତାରେ ଋତୁ ଅଋତୁର ଗୀତ (କବିତା ସଙ୍କଳନ)- ୧୯୯୪
- କିମ୍ବଦନ୍ତୀରେ ଅବିଭକ୍ତ କୋରାପୁଟ ଜିଲ୍ଲାର ନଦୀ ନାଳ ଓ ତାର ପ୍ରାଚୀନତା (ଗବେଷଣାଧର୍ମୀ ପ୍ରବନ୍ଧ ପୁସ୍ତକ)-୧୯୯୫
- ଇତିହାସର ପଟ୍ଟଭୂମିରେ କିମ୍ବଦନ୍ତୀର କୋରାପୁଟ (ଗବେଷଣାଧର୍ମୀ ପ୍ରବନ୍ଧ ପୁସ୍ତକ) -୧୯୯୬
- ଏକଲା ମଣିଷର ଗୀତ (କବିତା ସଙ୍କଳନ)-୧୯୯୬
- ପୁରୀ ଓ ପରିବେଶ କଥା (ଶିଶୁ କିଶୋର ଗଳ୍ପ ପୁସ୍ତକ)-୧୯୯୯
- ଇତିହାସର ପଟ୍ଟଭୂମିରେ କିମ୍ବଦନ୍ତୀର କୋରାପୁଟ (ଦ୍ୱିତୀୟ ଖଣ୍ଡ) ୨୦୦୪ (ଐତିହ୍ୟ ସଂସ୍କୃତିମୂଳକ ଆଲୋଚନା ପୁସ୍ତକ)
- କୋରାପୁଟର ଗାନ୍ଧୀ- ରାଧାକୃଷ୍ଣ ବିଶ୍ୱାସ ରାୟ (ଜୀବନୀ ପୁସ୍ତକ)- ୨୦୦୬



୨୦୦୪ରେ 'ରାଜ୍ୟ ଶିକ୍ଷକ ସମ୍ମାନ'ରେ ସମ୍ମାନିତ ହୋଇ ମୁଖ୍ୟମନ୍ତ୍ରୀଙ୍କ ହାତରୁ ପୁରସ୍କାର ଗ୍ରହଣ କରୁଥିବା ବେଳେ ବାପା ହୁଏତ ଟିକିଏ ଖୁସି ଥିଲେ । ମୁଁ କିନ୍ତୁ ଭାବୁଥିଲି ସେ ଶିକ୍ଷକ ନହୋଇ ଟ୍ୟୁରିଷ୍ଟ ଗାଇଡ଼ଟେ ହୋଇଥିଲେ କେମିତି ହୋଇଥାଆନ୍ତା ! ଭଲ ହୋଇଛି ପିଲାଦିନେ ମୋର ଆଙ୍ଗୁଠି ଧରି ସେ ମୋତେ ଚାଲିବା ଶିଖାଇ ନାହାନ୍ତି, ଭଲ ହୋଇଛି ଶୈଶବରେ ସେ ମୋତେ ଅଧିକ ସମୟ ଦେଇ ନାହାନ୍ତି । ବୋଧହୁଏ ସେଇଥିପାଇଁ, ଆଜି ଏତେ ଲୋକଙ୍କ ପାଖରେ ବାଣ୍ଟି ହୋଇଯାଇଛି ତାଙ୍କ ସମୟ ଏବଂ ତାଙ୍କର ପ୍ରତ୍ୟେକଟି ଗବେଷଣା ମୂଳକ ପୁସ୍ତକ । ଖାଲି ସଂସ୍କୃତି ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କୁ ନୁହେଁ ବରଂ କୋରାପୁଟର ମାଟି-ପାଣି-ପବନ ଉପରେ ଗବେଷଣା କରିବାକୁ ଆସୁଥିବା ପ୍ରତ୍ୟେକଟି ନବପିଢ଼ି ଯୁବକଯୁବତୀଙ୍କୁ ଆଙ୍ଗୁଠି ଧରି ରାସ୍ତା ଦେଖାଉଛି । କୋରାପୁଟକୁ ଯଦି ସାହିତ୍ୟର ପର୍ଯ୍ୟଟନ ସ୍ଥଳି ହିସାବରେ ଧରି ନିଆଯାଏ, ତେବେ ବାପା ନିଶ୍ଚିନ୍ତ ଭାବରେ ସାହିତ୍ୟ ପର୍ଯ୍ୟଟକମାନଙ୍କ ପାଇଁ ସାଥୀଟିଏ ହୋଇ ରହିବେ ସବୁଦିନ ପାଇଁ, କେହି ୰ ଗୋପୀନାଥ ମହାନ୍ତିଙ୍କୁ ଖୋଜିଲେ ସେ ଦେଖାଇ ଦେବେ 'ପରଜା'କୁ, ୰ କାହ୍ନୁ ଚରଣ ମହାନ୍ତିଙ୍କୁ ଖୋଜିଲେ ସେ ତାଙ୍କୁ ପହଞ୍ଚାଇ ଦେବେ 'ତମସା-ତୀରେ', 'ଝୁମା' ସମ୍ପର୍କରେ ପଚାରିଲେ ସେ କହିବେ ୰ ବଳରାମ ମିଶ୍ରଙ୍କ କଥା । ସେ ଦେଖେଇ ଦେଇ ପାରିବେ ବୃନ୍ଦାବନ ନାୟକଙ୍କ 'ଦେଶିଆ ନାଟ' ଏବଂ ଶୁଣେଇ ଦେଇ ପାରିବେ ସୁବାସ ଚନ୍ଦ୍ର ମିଶ୍ରଙ୍କ 'ଚୈତ୍ର ଗୀତ' ଏବଂ 'କାଜୋଡ଼ୀର ପ୍ରେମ ଗୀତ' ।


ସତରେ ବାପା, ଜଣେ ନିଆରା ଲୋକ । ଘର, ପରିବାର ଓ ପିଲାଛୁଆ ଅପେକ୍ଷା ସାହିତ୍ୟ ସେବା ଓ ସାହିତ୍ୟ ସାଧନାକୁ ଅଧିକ ଗୁରୁତ୍ୱ ଦେଉଥିବା ସେ ଏକ ଭିନ୍ନ ମଣିଷ । ସେ ସବୁବେଳେ କବିତା ମନସ୍କ । କବିତା ସମ୍ପର୍କରେ ପଚାରିଲେ ସବୁବେଳେ ତାଙ୍କର ସେଇ ଗୋଟିଏ ମନ୍ତବ୍ୟ ।

"କାଳିରେ ଲେଖା ଯାଏନି କାଳର କବିତା / କବିତା ତ ଲେଖିବାକୁ ହୁଏ ସମୟର ଲୁହ ଓ ଲହୁରେ / ଛାପ ଯାଇ ରହିଯାଏ ହୃଦୟର ପୃଷ୍ଠାରେ ।"
**(ପ୍ରୀତିପର୍ଣ୍ଣା, ପୃ.ସଂ.୫)**

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲାଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।





॥ ଭାଗ-୯ ॥

# ହନ୍ତୁଆଡ଼ରୁ ଶ୍ରୀମନ୍ଦିର




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

କାଳିଆ ଯଦି ନିଜ ଦୁଃଖ ନବୁଝିବ, କିଏ ବା ବୁଝି ପାରିବ ତା ଦୁଃଖ ?

ତା'ଭିନ୍ନ ଆଉ କିଏ ହରିପାରିବ ତା ଦୁଃଖ ?

କେବଳ କ'ଣ ତା ଦୁଃଖ, ସବୁ ଓଡ଼ିଆଙ୍କ ଦୁଃଖ ।

ଖାଲି ଦୁଃଖ ନୁହେଁ, ଅସହନୀୟ ଯନ୍ତ୍ରଣାରେ ଜର୍ଜରିତ ଥିଲେ ଓଡ଼ିଆଏ ।

ଭୋକ ସହି ହେବ, ଅତ୍ୟାଚାର ସହି ହେବ, ହେଲେ ପରିଚୟ ଟିକକ ହଜିଗଲେ କ'ଣ ସହି ହେବ ନା ରହି ହେବ ।

ପୁରୁଷୋତ୍ତମ ଦେବ ଚେଷ୍ଟା କରି କରି ସଂସାରରୁ ବିଦାୟ ନେଇଗଲେ ପଛକେ, କାଳିଆ ମନ୍ଦିରକୁ ଫେରିପାରିଲା ନାହିଁ, ତାଙ୍କ ମୃତ୍ୟୁରେ କୋଟି ଓଡ଼ିଆଙ୍କ ସ୍ୱପ୍ନ ଓ ଆକାଂକ୍ଷା ବି ସତେ ଅବା ସମାଧି ପାଇଗଲା ।

ଚାରିଆଡ଼ ଅନ୍ଧାର ।

ମୁକୁଳିବାର ସବୁ ବାଟ ବନ୍ଦ ।

ସତରେ କ'ଣ କାଳିଆ ଲେଉଟି ପାରିବ ତା ମନ୍ଦିରକୁ, ଓଡ଼ିଆଏ ଆଖି ପୁରେଇ ତା'କୁ ରତ୍ନସିଂହାସନରେ ଦେଖିବେ ? ?

କିଏ ଜାଣିଛି ?

ଯେଉଁଠି ଜଗତର ତ୍ରାଣକର୍ତ୍ତା କାଳିଆ ନିଜେ ବାସ୍ତୁହରା ହୋଇ ଏଠି ସେଠି ମୁଣ୍ଡ ଗୁଂଜୁଛି, ସେଠି ମାଟି କାମୁଡ଼ି ପଡ଼ିଥିବା ନିରାଶ୍ରୟ ଓଡ଼ିଆଙ୍କୁ କିଏ ବା ଆଶ୍ରୟ ଦେବ, ତାଙ୍କୁ ବିପଦରୁ ରକ୍ଷା କରିବ ?

ପୁରୁଷୋତ୍ତମ ଦେବଙ୍କ ପରେ ତାଙ୍କ ପୁଅ ନରସିଂହ ଦେବ ଖୋର୍ଦ୍ଧାର ଗଜପତି ଆସନରେ ବସିଲେ । ରାଜା ହଉ ନ ହଉଣ୍ଡୁ, ମୋଗଲ ତାଙ୍କୁ ନିର୍ଦ୍ଦେଶ ଜାରି କଲେ, ଖୋର୍ଦ୍ଧା ଛାଡ଼ି କଟକରେ ଆସି ରହିବା ପାଇଁ । ଜୀବନଯାକ ମୋଗଲଙ୍କ ବିରୁଦ୍ଧରେ ଲଢ଼ି ଲଢ଼ି ପ୍ରାଣ ଦେଇଥିବା ବୀର ପୁରୁଷୋତ୍ତମଙ୍କ ରକ୍ତ ଯାହା ଦେହରେ ପ୍ରବାହିତ, ସେ କ'ଣ ଏତେ ସହଜରେ ମୁଣ୍ଡ ନୁଆଁଇ ଦେଇ ଥାଆନ୍ତେ । ନରସିଂହ ସିଧା ସିଧା ମନା କରିଦେଲେ । ସେଇଠୁ ମୋଗଲ ସୁବେଦାର ଅହମ୍ମଦ ବେଗ ଖୋର୍ଦ୍ଧା ଆକ୍ରମଣ କଲେ । ନରସିଂହ ସବୁ ବଳ ଖଟେଇ ଆକ୍ରମଣର ପ୍ରତିରୋଧ କଲେ । ଚାଲିଲା ଘମାଘୋଟ ଲଢ଼େଇ ।

ଠିକ୍ ସେତିକିବେଳେ, ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ବିଦ୍ରୋହୀ ପାଲଟିଥିବା ପୁତ୍ର ଶାହାଜାହାନ ପାଖାପାଖି ଲକ୍ଷେ ସୈନ୍ୟଙ୍କୁ ଧରି ବାଣପୁର ସୀମା ଛତ୍ରଗଡ଼ ଘାଟି ଡେଇଁ ଓଡ଼ିଶାରେ ପ୍ରବେଶ କଲେ । ଅହମ୍ମଦ ବେଗ ଛତ୍ରଭଂଗ ଦେଇ ବର୍ଦ୍ଧମାନ ପଳେଇଲେ ।

ନରସିଂହଙ୍କ ପାଇଁ ଏ ପ୍ରକୃଷ୍ଟ ସୁଯୋଗ ଥିଲା ରାଜ୍ୟ ଫେରି ପାଇବା ପାଇଁ ଓ ଓଡ଼ିଆଙ୍କ ସମ୍ମାନ ଫେରେଇ ଆଣିବା ପାଇଁ ।

ସେ ଶାହାଜାହାନଙ୍କୁ ସମର୍ଥନ ବ୍ୟକ୍ତ କଲେ ଓ ତାଙ୍କ ବଶ୍ୟତା ମଧ୍ୟ ସ୍ୱୀକାର କଲେ ।

ପ୍ରଶ୍ନ ହେଉଛି, ନରସିଂହ ଯଦି ମୋଗଲ ସୁବେଦାର ଅହମ୍ମଦ ବେଗଙ୍କୁ ବିରୋଧ କରି ଯୁଦ୍ଧ କଲେ, ତା'ହେଲେ ମୋଗଲ ଶାହାଜାଦା ଶାହାଜାହାନଙ୍କ ଆଗରେ କାହିଁକି ମୁଣ୍ଡ ନୁଆଁଇଲେ ?

ସେ କ'ଣ ଶାହାଜାହାନଙ୍କ ବିଶାଳ ସେନା ଦେଖି ଡରିଗଲେ ? ନା ତାଙ୍କ ପାଖରେ ସାମର୍ଥ୍ୟ ନଥିଲା ? ? ନା ଯୁଦ୍ଧ ଲଢ଼ିବା ପାଇଁ ଅର୍ଥ ଓ ସୈନ୍ୟବଳର ଅଭାବ ଥିଲା ? ?

ପିତା ପୁରୁଷୋତ୍ତମ ତ ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ମୋଗଲମାନଙ୍କ ସହ ଲଢ଼ିଥିଲେ । ଯୁଝି ଯୁଝି ଗୋଟେ ଅପନ୍ତରା ଗାଁରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେଇ ପୁରୁଷୋତ୍ତମଙ୍କ ପୁତ୍ର ନରସିଂହ କାହିଁକି ହାତ ଟେକିଦେଲେ ।

ଏ ସବୁ ପ୍ରଶ୍ନର ଉତ୍ତର ନା ।

ନରସିଂହ ଭୀରୁ ନଥିଲେ କି କାପୁରୁଷ ନଥିଲେ । ନା ତାଙ୍କ ପାଖରେ ସାମର୍ଥ୍ୟର ଅଭାବ ଥିଲା, ନା ଦକ୍ଷତାର ।

ସେ ଲଢ଼ିଥାନ୍ତେ, ହେଲେ କେତେ ଲଢ଼ିଥାନ୍ତେ ? କାହାକୁ ନେଇ ଲଢ଼ିଥାନ୍ତେ ?

ବର୍ଷ ବର୍ଷ ଧରି ମୋଗଲ- ଆଫଗାନଙ୍କ ବିରୋଧରେ ଲଢ଼ି ଲଢ଼ି ସୈନ୍ୟମାନେ ଦେହ - ମନରେ ଭାଂଗି ପଡ଼ିଥିଲେ । ଖଣ୍ଡା ଧରି ଧରି ହାତରେ ବିଣ୍ଡି ହେଇଯାଇଥିଲା ।

ନା ଯଥେଷ୍ଟ ପାରିଶ୍ରମିକ ମିଳୁଥିଲା, ନା ବିଶ୍ରାମ । ଆଉ ଯୁଦ୍ଧ ଶେଷରେ ମୃତ୍ୟୁ ମିଳୁଥିଲା, ନ ହେଲେ ପରାଜୟର ପରାଭବ ।

ରାଜ୍ୟ ବି ଆଉ କଣ ଥିଲା ନା ରାଜ୍ୟରୁ ମିଳୁଥିଲା କିଛି ସମ୍ବଳ । ସବୁକିଛି ତ ଲୁଟି ନେଉଥିଲେ ମୋଗଲ ।

ଏ ପରିସ୍ଥିତିରେ ଯୁଦ୍ଧ ଲଢ଼ି ହଜାର ହଜାର ଓଡ଼ିଆ ବୀରଙ୍କୁ ମୃତ୍ୟୁମୁଖକୁ ଠେଲିଦବା ସତରେ କ'ଣ ଉଚିତ୍ ହେଇଥାନ୍ତା ?

ନରସିଂହ ଦେବ ଚତୁର ଥିଲେ, ଦୂରଦୃଷ୍ଟି ସଂପନ୍ନ ମଧ୍ୟ ଥିଲେ । ଶତ୍ରୁର ଶତ୍ରୁ ମିତ୍ର ନ୍ୟାୟରେ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ବିରୁଦ୍ଧରେ ବିଦ୍ରୋହ ଡାକରା ଦେଇଥିବା ତାଙ୍କ ପୁତ୍ର ଶାହାଜାହାନଙ୍କ ସହ ହାତ ମିଳେଇ ସେ କେବଳ ରାଜ୍ୟ ଫେରିପାଇବାକୁ ଚାହୁଁନଥିଲେ; ତାଙ୍କର ମୂଳ ଲକ୍ଷ୍ୟ ଥିଲା ଶ୍ରୀମନ୍ଦିରରେ ଜଗନ୍ନାଥ ମହାପ୍ରଭୁଙ୍କୁ ପୁନଃ ପ୍ରତିଷ୍ଠିତ କରାଇବା, ଯାହା କରିବାରେ ପିତା ପୁରୁଷୋତ୍ତମ ଶତଚେଷ୍ଟା ସତ୍ତ୍ୱେ ବିଫଳ ହୋଇଥିଲେ ।

ନରସିଂହ ଦେବଙ୍କ ଆମନ୍ତ୍ରଣରେ ଶାହାଜାଦା ଶାହଜାହାନ ବାରବାଟୀ କିଲ୍ଲାରେ ଦରବାରର ଆୟୋଜନ କଲେ । ମହମ୍ମଦ ତକିଖାଁ ଓଡ଼ିଶାର






ଉତ୍କର୍ଷ ଆମ ମାଟିର ସ୍ୱର

ସୁବାଦାର ଭାବେ ନିଯୁକ୍ତ ହେଲେ ।

ଖୋର୍ଦ୍ଧା ଆକ୍ରମଣରୁ ରକ୍ଷା ପାଇଲା ଏବଂ ନରସିଂହଙ୍କୁ ମଧ୍ୟ ଖୋର୍ଦ୍ଧା ଶାସନ ପାଇଁ ସଂପୂର୍ଣ୍ଣ ଅଧିକାର ମିଳିଲା ।

ଶାହାଜାହାନଙ୍କ ସମ୍ମତିରେ ବାଣପୁରର ହନ୍ତୁଆଡ଼ରେ ନିର୍ବାସନ ଭୋଗୁଥିବା ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରକୁ ଫେରିଲେ । ଏତେଦିନ ଧରି ଶୂନ୍ୟ ପଡ଼ିଥିବା ରତ୍ନସିଂହାସନ ଚତୁଃବିଗ୍ରହଙ୍କୁ ପାଇ ପୂର୍ଣ୍ଣ ହେଲା ।

ପିତା ପୁରୁଷୋତ୍ତମ ଯାହା ପାରିନଥିଲେ, ପୁତ୍ର ନରସିଂହ ନିଜର ଚମତ୍କାର କୂଟନୀତି ଓ ଗୋଟି ଚାଳନା ଯୋଗେ ତାହା ହାସଲ କଲେ ।

ଓଡ଼ିଆଏ ପୁଣିଥରେ ନିଜ ପ୍ରିୟ ପ୍ରଭୁଙ୍କୁ ଆଖି ପୁରେଇ ଦେଖିଲେ । ତାଙ୍କ ଆଗରେ ମୁଣ୍ଡ କୋଡ଼ି ନିଜର ସବୁ ଦୁଃଖ ଓ ସନ୍ତାପକୁ ଅଜାଡ଼ି ଦେଲେ । ଶୂନ୍ୟ ହେଲେ ପୂର୍ଣ୍ଣ ହେଇ ।

ରାଜ୍ୟ ଥାଉ ବା ନଥାଉ, ସାମ୍ରାଜ୍ୟ ଥାଉ ବା ନଥାଉ, ଆମ କାଳିଆ ଥାଉ ଆମ ସହ । କାଳିଆ ଥିଲେ ସବୁ ଅଛି, କାଳିଆ ବିନା ସବୁ ଅସାର ।

ରାଜନୀତିରେ କିଛି ସ୍ଥାୟୀ ନଥାଏ ।

ଘଡ଼ିକେ ଘୋଡ଼ା ଛୁଟେ ।

ମୁହୂର୍ତ୍ତକରେ ସବୁ କିଛି ବଦଳି ଯାଏ ।

ନରସିଂହ ଦେବଙ୍କ ବିରୋଧରେ ଯୁଦ୍ଧ କରିଥିବା ଅହମ୍ମଦ ବେଗ ୧୬୨୫ରେ ପୁଣିଥରେ ମୋଗଲ ସୁବାଦାର ହେଇ ଓଡ଼ିଶା ଫେରିଲେ ।

ହେଲେ, ଶାହାଜାହାନଙ୍କ ସହ ମିଶ୍ରଣ କରି ରାଜ୍ୟ ଫେରିପାଇଥିବା ନରସିଂହଙ୍କ ସହ ଶତ୍ରୁତା କରି ଅହମ୍ମଦ ଭାବୀ ମୋଗଲ ସମ୍ରାଟଙ୍କ ରୋଷର ଶୀକାର ହେବାକୁ ଚାହୁଁନଥିଲେ ।

ସେଇଆ ବୋଧେ ବିଧାତା ବି ଚାହୁଁଥିଲା ।

ଗଜପତି ରାମଚନ୍ଦ୍ର ଦେବଙ୍କ ସାନଭାଇ କହ୍ନାଇ ବିଦ୍ୟାଧର ବେଶ୍ କିଛି ମୂଲ୍ୟବାନ ଉପହାର ନେଇ କଟକ କିଲ୍ଲାରେ ସୁବାଦାର ଅହମ୍ମଦ ବେଗଙ୍କୁ ଦେଖା କଲେ ।

କୂଟନୀତିରେ ଧୂରୀଣ କହ୍ନାଇ ଠିକ୍ ବୁଝିଥିଲେ ଯେ, ଏଇଟା ହିଁ ଠିକ୍ ସମୟ ରାଜନୈତିକ ମୂଳଚାଲ ପାଇଁ । ଯେଉଁ ରାମଚନ୍ଦ୍ର ଦେବଙ୍କୁ ସ୍ୱୟଂ ସମ୍ରାଟ ଆକବର ଓ ତାଙ୍କର ଦୁଇ ସୁଦକ୍ଷ ସେନାପତି ରାଜା ତୋଡ଼ରମଲ୍ଲ ଓ ରାଜା ମାନସିଂହ ବଂଧୁ ଭାବରେ ବରଣ କରି ମାନ୍ୟତା ଓ ସମ୍ମାନ ପ୍ରଦାନ କରିଥିଲେ, କହ୍ନାଇ ତାଙ୍କ ଭାଇ ବୋଲି ଜାଣି ଅହମ୍ମଦ ବେଗ ବେଶ୍ ସମ୍ମାନର ସହ ତାଙ୍କୁ ପାଛୋଟି ନେଲେ ଓ ସମ୍ବର୍ଦ୍ଧନା ଦେଲେ ।



କେବଳ କୂଟନୀତି ନୁହେଁ, ରାଜନୀତି ଓ ଯୁଦ୍ଧନୀତିରେ ବି ବେଶ୍ ନିପୁଣ ଥିଲେ କହ୍ନାଇ । ବୟସ ସତାବନ କି ଅଠାବନ ଛୁଉଁଥିଲେ ବି ଟି'କେ ହେଲେ ବି ବଳ ଖସି ନଥିଲା ବାହୁରୁ କି ମନରୁ । ହାତରେ ଖଣ୍ଡା ଥିଲେ, ଏକା ଖେପାକେ ଦଶ ହାତ ଡେଇଁ ଶତ୍ରୁର ମୁଣ୍ଡକାଟ କରିବାର ସାମର୍ଥ୍ୟ ଥିଲା ତାଙ୍କ ପାଖରେ ।

ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ସାଂଗକୁ ଅତୁଟ ବାହୁବଳ, ଦୃଢ଼ ମନୋବଳକୁ ସ୍ୱୀକୃତି ଜଣେଇ ଅହମ୍ମଦ ବେଗ କହ୍ନାଇ ବିଦ୍ୟାଧରଙ୍କୁ ମୋଗଲ ସୁବାର ସେନାପତି ବା ବକ୍ସି ପଦରେ ନିଯୁକ୍ତି ଦେଇ କଟକରେ ରଖାଇଲେ ।


ଆରମ୍ଭ ହେଲା ବଂଧୁତା ଓ ସୌହାର୍ଦ୍ଦ୍ୟର ନୂଆ ପର୍ବ ।

ଗାଁର ନାଁ ଅହମ୍ମଦପୁର ।

କହ୍ନାଇ-ଅହମ୍ମଦଙ୍କର ଏଇ ବିରଳ ବଂଧୁତା ଓ ସଂପର୍କକୁ ସବୁଦିନ ପାଇଁ ସ୍ମରଣୀୟ ରଖିବା ଉଦ୍ଦେଶ୍ୟରେ ପିତାମହ ରାମଚନ୍ଦ୍ରଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରସିଦ୍ଧ ବୀରରାମଚନ୍ଦ୍ରପୁର ଶାସନ ଓ ପେଣ୍ଠପଡ଼ା ମୌଜାର ଦୋସୀମାଳୀରେ ଗଜପତି ନରସିଂହ ଦେବ 'ଅହମ୍ମଦପୁର' ନାଁରେ ଗାଁ ସ୍ଥାପନ କଲେ । ମହମ୍ମଦ ବେଗଙ୍କର କିଛି ଅନୁଗତ ସୈନ୍ୟ ଓ ସାମନ୍ତଙ୍କୁ ସେଇଠି ଥଇଥାନ କରାଗଲା । ଉଲ୍ଲେଖଯୋଗ୍ୟ ଯେ ବୀର ରାମଚନ୍ଦ୍ରପୁର ଓ ପେଣ୍ଠପଡ଼ା ମୌଜାର ଏକ ବିସ୍ତୃତ ଅଞ୍ଚଳକୁ ଆଜିସୁଦ୍ଧା ଲୋକେ 'କୋଟଉପର' ବୋଲି କହନ୍ତି । କୋଟ ଶବ୍ଦର ଅର୍ଥ ଦୁର୍ଗ । ଏବେ ସେଠାରେ କୌଣସି ଦୁର୍ଗର ଚିହ୍ନ ବା ଭଗ୍ନାବଶେଷ ଦେଖିବାକୁ ମିଳୁ ନଥିଲେ ମଧ୍ୟ ବହୁ ଶତାବ୍ଦୀ ପୂର୍ବେ, ସମ୍ଭବତଃ ଗଙ୍ଗବଂଶ ରାଜତ୍ୱକାଳରେ କିମ୍ବା ତା ପୂର୍ବରୁ ପ୍ରାଚୀନ ରାହାଙ୍ଗ ଦୁର୍ଗ ସ୍ଥାନରେ ଥିଲା ବୋଲି ଶହ ଶହ ବର୍ଷ ଧରି ଜନଶ୍ରୁତିରେ ରହି ଆସିଥିବା ଉକ୍ତ ସ୍ଥାନର 'କୋଟଉପର' ନାମରୁ ପ୍ରତିପାଦିତ ହୁଏ । ଅବଲୁପ୍ତ ରାହାଙ୍ଗକୋଟ ବା ରାହାଙ୍ଗଦୁର୍ଗର ବିସ୍ତୃତ ପ୍ରାନ୍ତର ଉପରେ ବୀରରାମଚନ୍ଦ୍ରପୁର ଓ ପେଣ୍ଠପଡ଼ା ଗାଁ ପ୍ରତିଷ୍ଠିତ ହେବାପରେ ଉଭୟ ଗାଁ ବା ମୌଜାର ଦୋସମାଳିରେ ଥିବା ଅବଶିଷ୍ଟ ଖୋଲା ପଡ଼ିଆ ଉପରେ ଗଜପତି ନରସିଂହଦେବ ଅହମ୍ମଦପୁର ଗାଁ ବସେଇଲେ ଏବଂ ବହୁ ପ୍ରାଚୀନ ମୁଆଁଖିଆ ମହାଦେବ ମନ୍ଦିର ନିକଟରେ ମହମ୍ମଦପୁରର ମସଜିଦ୍ ନିର୍ମାଣ କରାଇଲେ । ଉକ୍ତ ମନ୍ଦିର ଓ ମସ୍‌ଜିଦ୍ ପାଖରେ ଅବଶିଷ୍ଟ ସଂକୀର୍ଣ୍ଣ ପଡ଼ିଆ ସଂପ୍ରତି 'କୋଟଉପର ଲାଖବିନ୍ଧା ପଡ଼ିଆ' ନାମରେ ପରିଚିତ । ଦଶହରା ଦିନ ବୀର ରାମଚନ୍ଦ୍ରପୁର ଶାସନର ଅଧିଷ୍ଠାତ୍ରୀ ଦେବୀ ମଣିନାଗ ଦୁର୍ଗା ଓ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ସହିତ ଫୁଲଅଳସା ଓ ମୂଳ ଅଳସାର ମାଳେଶ୍ୱରୀ ଠାକୁରାଣୀ, ଅନନ୍ତେଶ୍ୱର ମହାଦେବ ଓ ଲକ୍ଷେଶ୍ୱର ମହାଦେବ ରଥାରୁଢ଼ ହୋଇ ବୀରରାମଚନ୍ଦ୍ରପୁର ଶାସନର ପଶ୍ଚିମମୁଣ୍ଡ ବାଲୁଙ୍କେଶ୍ୱର ମନ୍ଦିରଠାରୁ ମହାଡ଼ମ୍ବର ପୂର୍ଣ୍ଣ ଶୋଭାଯାତ୍ରାରେ ବୀରରାମଚନ୍ଦ୍ରପୁର ଓ ଅହମ୍ମଦପୁର ଗ୍ରାମ ଦାଣ୍ଡରେ ନଗର ପରିକ୍ରମା କରି କୋଟଉପର ଲାଖବିନ୍ଧା ପଡ଼ିଆକୁ ଯାଆନ୍ତି । ସେଠାରେ ମୁଆଁଖିଆ ମହାଦେବଙ୍କୁ ମୁଆଁ ଭୋଗ କରାଯାଏ । ସେଦିନ ଅହମ୍ମଦପୁରର ମୁସଲମାନ୍ ପାଇକମାନଙ୍କ ମୁଣ୍ଡରେ ଲାଲ ପଗଡ଼ି ବାନ୍ଧି ଦିଆଯାଏ ଏବଂ ସେମାନେ ଠାକୁରମାନଙ୍କ ଶୋଭାଯାତ୍ରାରେ ଖଣ୍ଡାଖେଳ ପ୍ରଦର୍ଶନ କରି କରି ଯାଆନ୍ତି । ଅହମ୍ମଦପୁର ଗାଁ ହେବା ଦିନୁ ସେହି ଗାଁର ମୁସଲମାନମାନେ ଶାସନୀ ବ୍ରାହ୍ମଣମାନଙ୍କ ସମେତ ସ୍ଥାନୀୟ ହିନ୍ଦୁ ଅଧିବାସୀମାନଙ୍କ ସହ ଭାଇ ଭଳି ଚଳି ଆସୁଛନ୍ତି ।



# ମୃତ୍ୟୁର ମହୋତ୍ସବ



# ହରିଶ୍ଚନ୍ଦ୍ର ଘାଟ, ବନାରସ, ୩୦ ଅପ୍ରେଲ ୨୦୧୭, ସନ୍ଧ୍ୟା- ୫.୩୦

ସକାଳୁ ସକାଳୁ ଲକ୍ଷ୍ନୌ ସହରରୁ ରେଳରେ ବସି ଦିନ ଦି'ପହର ବେଳକୁ ଦୀର୍ଘ ରେଳଯାତ୍ରାର ସମାପ୍ତି ପରେ ପରେ, ଶୀତତାପ ନିୟନ୍ତ୍ରିତ ଡବା ଭିତରୁ ବାହାରି ହଠାତ୍ ନିଷ୍ଠୁର ଏପ୍ରିଲ୍‌ର ଖରାଗରମ, ଧୂଳିଧୂଆଁ ତଥା ଷ୍ଟେସନ ଆଖପାଖର ପୂତିଗନ୍ଧମୟ ପରିବେଶ ଭିତରକୁ ଫିଙ୍ଗିହେବା କାରଣରୁ ହୁଏତ ପ୍ରଥମ ଦେଖାରୁ ହିଁ କେଜାଣି କାହିଁକି ବନାରସ ସହରଟି ମୋତେ ଆଦୌ ଭଲ ଲାଗିନଥିଲା । ଚାରିପଟକୁ ଅନେଇଲେ ଅନେକତ୍ର ଏକ ପ୍ରଚୀନ ପ୍ରାଚୀନ ଭାବ, ପୁରୁଣା ଜୀର୍ଣ୍ଣଶୀର୍ଣ୍ଣ ଘର, ପୁରୁଣା ଗଛ, ପୁରୁଣା ଗଳିକନ୍ଦି ଦେଖି ଲାଗୁଥାଏ ସତେକି କେଉଁ ଇତିହାସର ଗହ୍ୱର ଭିତରକୁ ପଶି ଆସିଛୁ ଆମେ । ପହଞ୍ଚିବାର କେଇଘଣ୍ଟା ପରେ ପ୍ରଶସ୍ତ ଗଙ୍ଗାନଦୀର ବକ୍ଷ ଉପରେ ଡଙ୍ଗା ବାହୁଥିବା ନାଉରୀଆ ଯୁବକଟି ଚଟୁଳ ଭାବରେ କହି ଦେଇଥିଲା : ବନାରସରେ ସାଧୁ, ଷଣ୍ଢ ଓ ବିଧବାଙ୍କ ଠାରୁ ଦୂରେଇ ରହିବା ପାଇଁ । ଶତାବ୍ଦୀ ଶତାବ୍ଦୀ ଧରି ଧର୍ମ, ଆଧ୍ୟାତ୍ମ ମୋକ୍ଷ, ପରମାର୍ଥ ଓ ଶାନ୍ତି ତଥା ଅଲୌକିକତାର ସନ୍ଧନରେ ଆସି ପହଞ୍ଚୁଥିବା ହଜାର ହଜାର ସାଧାରଣ ଓ ଅସାଧାରଣ ମଣିଷଙ୍କ ଯାଯାବରୀ ପାଦର ଧୂଳିରେ ବନାରସର ମାଟି ସମୃଦ୍ଧ ସମୃଦ୍ଧ ଲାଗୁଥିଲା ।

କ୍ୱଚିତ୍ ସୂର୍ଯ୍ୟାଲୋକ ପଡୁଥିବା ଅଣଓସାରିଆ, ଅନ୍ଧାରୁଆ, ସଂକୀର୍ଣ୍ଣ, ପୂତିଗନ୍ଧମୟ ଗଙ୍ଗାକୂଳ ସଂଲଗ୍ନ ଗଳି ଓ ଉପଗଳି ଭିତର ଦେଇ ଗଲାବେଳେ ଲାଗୁଥାଏ ସତେ ଯେପରି ସମୟର ପଛଦୁଆର ଦେଇ କେଇ ଶତାବ୍ଦୀ ତଳକୁ ଫେରନ୍ତା ରାସ୍ତା ଦେଇ ଓହ୍ଲାଇ ଯାଉଛୁ ଆମେ ସମସ୍ତେ ।


**ଦୁର୍ଗା ପ୍ରସାଦ ପଣ୍ଡା**

ଏମଆର୍-୧୪, ଜଗନ୍ନାଥ କଲୋନୀ
ବୁଢ଼ାରଜା, ସମ୍ବଲପୁର-୪
ଫୋନ : ୮୩୨୭୭୭୭୫୮୧


ଫଟୋ ସୌଜନ୍ୟ : ଲେଖକ



ମାତ୍ର ଠିକ୍ ସେଇ ଏକା ସମୟରେ କେହି ଜଣେ କୌପିନୀ ପିନ୍ଧା ସାଧୁବାବା ମୋବାଇଲ୍‌ରେ କାହା ସହ ପ୍ରାଞ୍ଜଳ ଓ ପୋଖତ ଇଂରାଜୀରେ କଥାବାର୍ତ୍ତା ହେଉଥିବା ଶୁଣି ମନେମନେ ଏଇ ନିଷ୍କର୍ଷରେ ପହଞ୍ଚିଲି ଯେ' ଆମେ ମଣିଷମାନେ ସମୟର ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ଥାଇ ବି ଏକା ସମୟରେ ଅନେକ ଯୁଗରେ ସମାନ୍ତରାଳ ଓ ସହଜ ଭାବରେ ବଂଚିପାରୁ । ସହରର ରାଜରାସ୍ତା ଉପରେ ଅତ୍ୟାଧୁନିକ ମର୍ସିଡିସ୍ କାର୍ ଓ ପରମ୍ପରାଗତ ବଳଦଗାଡ଼ି ଓ ସାଇକେଲ୍ ଆଦି ଏକା ସାଙ୍ଗରେ ଚଳପ୍ରଚଳ ହେବା ଭଳି ସ୍ଥିତି ।

ଆମେ ରହୁଥିଲୁ ବନାରସର ଗୋଦ୍‌ଭିଲା ଅଞ୍ଚଳରେ, ଯାହା ଠିକ୍ କେଦାର ଘାଟ ଓ ହରିଶ୍ଚନ୍ଦ୍ର ଘାଟର ପାଖାପାଖି ଜାଗା । ହରିଶ୍ଚନ୍ଦ୍ର ଘାଟକୁ ରାସ୍ତା ପାଇବା ଆଦୌ କଷ୍ଟକର ନଥିଲା- ସଦ୍ୟ ଆଗେଇ ଯାଇଥିବା ଏକ ଶବ ଶୋଭାଯାତ୍ରା ଓ ରାସ୍ତାରେ ପଡ଼ିଥିବା 'ଖଇ' ଆମ ପାଇଁ ପଥପ୍ରଦର୍ଶକ ହେଲା । ମୁଁ ନିଜେ ଇଚ୍ଛା କରିଥିଲି ଯେ' ବନାରସରେ ଆଉ କିଛି ଦେଖେ କି ନଦେଖେ ନିଶ୍ଚେ ଶବଦାହ ଦେଖିବି ।

ପୌରାଣିକ ଶାସ୍ତ୍ରରେ ବନାରସକୁ 'ଶବ' ଓ 'ଶିବ'ଙ୍କ ସହର ବୋଲି କୁହା ଯାଇଚି- ଏପରି ଏକ ସହର ଯାର ଅର୍ଦ୍ଧେକ 'ଶବ' ଆଉ ଆର ଅର୍ଦ୍ଧେକ 'ଶିବ' । ଲୋକକଥା, କିମ୍ବଦନ୍ତୀ ଓ ପ୍ରାଚୀନ ଇତିହାସରେ ମିଶାମିଶି ଗଢ଼ା ଏ ସହରକୁ ନେଇ ବିଦ୍ରୋହୀ-ସନ୍ଥ କବୀରଙ୍କ ଏକ ଚମତ୍କାର ଦୋହା ଅଛି ।

"ସାଧୋରେ, ୟେ ହେଁ ମୁର୍ଦ୍ଦୋଁ କା ଗାଓଁ
ପୀର୍ ମରେ, ପୟଗମ୍ବର୍ ମରି ହେଁ
ମର୍ ଗୟେ ଜିନ୍ଦା ଯୋଗୀ
ରାଜା ମରି ହେଁ, ପ୍ରଜା ମରି ହେଁ
ମର୍ ଗୟେ ବୈଦ୍ ଔର୍ ରୋଗୀ ।"

ଏତେବେଳେ ଶ୍ମଶାନଘାଟକୁ ନେଇ ଏକଦା ଓଶୋ ରଜନୀଷ କହିଥିବା କଥାଟି ମୋତେ ବେଶି ବେଶି ଘାରୁଥିଲା । ସେ ଗୋଟେ ପ୍ରବଚନରେ କହିଥିଲେ ଯେ ଶ୍ମଶାନଘାଟ ସବୁ ଗାଁ ଓ ସହରର ମଝାମଝି ସ୍ଥାନରେ ରହିବା ଉଚିତ- କେଉଁ ଅପନ୍ତରା ବା ଶେଷମୁଣ୍ଡରେ ନୁହେଁ । ମୃତ୍ୟୁକୁ ଜୀବନର କେନ୍ଦ୍ରରେ ରଖିବା ଉଚିତ, ପରିଧିରେ ନୁହେଁ । ସର୍ବଦୃଶ୍ୟମାନ ସ୍ଥଳରେ ପାଳିତ ହେଉଥିବା କୌଣସି ଉତ୍ସବ ପରି ହେବା ଉଚିତ 'ମୃତ୍ୟୁର ମହୋତ୍ସବ' । ମନରେ ଗଭୀର ଭାବରେ ରେଖାପାତ କରିଥିବା ଏ ମଞ୍ଜୀକଥା ପାଇଁ ମଶାଣି ଓ ଶବଦାହର ଦୃଶ୍ୟକୁ ମନଭରି ଦେଖିବାର ଏକ ଅହେତୁକ ଆଗ୍ରହ ରହିଥିଲା ମୋ ଭିତରେ । ଚାରିଆଡ଼େ ଆଖି ବୁଲେଇ ମୁଁ ଖୁବ୍ ଶୀଘ୍ର ବୁଝି ସାରିଥିଲି ବନାରସ ଭିତରର ଦ୍ୱନ୍ଦ୍ୱ ଓ ରହସ୍ୟକୁ । ଗୋଟେ ପଟେ ଦିଶି ଯାଉଥିଲା ନିରୁତା ଧାର୍ମିକତା ଓ ନିଷ୍ଠାପର ଆଧ୍ୟାତ୍ମର ପ୍ରବହମାନ ଧାରା, ବସ୍ତୁବାଦୀତାକୁ ଅତିକ୍ରମ କରି ଏକ ପରମାର୍ଥକୁ ଛୁଇଁବାର ଆଗ୍ରହ । ଅନ୍ୟପଟେ ଦିଶୁଥିଲା ପାଖଣ୍ଡ ଶଠତା ଓ ନିରୀହ ମୁକ୍ତିକାମୀ, ସତ୍ୟାନ୍ୱେଷୀର ଶୋଷଣ ପୂର୍ବକ ଯୁଗଯୁଗ ଧରି ଚାଲିଥିବା ଧୂର୍ତ୍ତ,



ଛଳନା ସର୍ବସ୍ୱ ଧର୍ମ ବେପାର, ତୁଚ୍ଛା ବ୍ୟବସାୟ । ଅନେକତ୍ର ଏଇ ଦୁଇ ଚରମ ସ୍ଥିତି ଭିତରେ ଥିବା ସୀମାରେଖାଟି ଦିଶୁଥିଲା ଅତ୍ୟନ୍ତ ଧୂଆଁଳିଆ ।

ଏପ୍ରିଲ୍ ଶେଷ ଭାଗରେ ଗଙ୍ଗାନଦୀ ଦିଶୁଥିଲା ନିହାତି ଶୁଷ୍କ, କ୍ଷୀଣ । ମଝି ନଈର ବାଲିପଠାରେ ଅନେକ ପିଲା ବ୍ୟସ୍ତ ଥିଲେ ଗୁଡ଼ି ଉଡ଼େଇବାରେ । ଯୁଗଯୁଗ ଧରି ମଣିଷ ପାପ ଧୋଇ ଧୋଇ ଥକି ଯାଇଥିବା ଗଙ୍ଗାପାଣିର ସ୍ରୋତ ଥିଲା ନିହାତି ଅପ୍ରଖର ତଥା ମୋଟାମୋଟି ଭାବେ ସ୍ଥିର । ସନ୍ଧ୍ୟା ସମୟର ମୃଦୁ ପବନ ଜଳସ୍ତରର ଉପରି ଭାଗକୁ ଯେତିକି ଚହଲେଇ ଦଉଥିଲା ବାସ୍ ସେତିକି ହିଁ ଥିଲା କମ୍ପନ ଜଳର ।

ହରିଶ୍ଚନ୍ଦ୍ର ଘାଟରେ ପହଂଚି ଏକ ଖାଲି ସିମେଣ୍ଟ୍ ବେଂଚ୍‌ରେ ବସି ଗଙ୍ଗା ନଦୀର ଅପର ପାର୍ଶ୍ୱ ଯାଏଁ ଦୃଷ୍ଟି ପହଁରାଇ ନେବା ବେଳେ କେଜାଣି କାହିଁକି ଆମେ ସମସ୍ତେ ହଠାତ୍ ନୀରବ ହୋଇଗଲୁ । ଆମ ପଛରେ ବହୁ ପୁରାତନ ଏକ ହାବେଳିର ଅର୍ଦ୍ଧଭଗ୍ନ, ଜରାଜୀର୍ଣ୍ଣ କାନ୍ଥ ଯାହାର ଫାଟ ଭିତରୁ ବଢ଼ି ଉଠିଚି କିଛି ଗଛ । ଶ୍ମଶାନକୁ ସାମ୍ନାରେ ଦେଖି ଦେଇ ଏକ ଭୟମିଶା ରୋମାଞ୍ଚ ଓ ଉତ୍ତେଜନା ତଥା ଏକ ଅଶ୍ୱସ୍ତିକର ଭାବ ବୋଧହୁଏ ଆମ ସମସ୍ତଙ୍କ ମନକୁ ଅକ୍ତିଆର କରି ନେଇଥିଲା । ସ୍ଥାନର ବି ଏକ ସ୍ୱତନ୍ତ୍ର ସ୍ପନ୍ଦନ ଥାଏ ଯାହା ପ୍ରଭାବିତ କରେ ଆମର ଅବଚେତନ ସତ୍ତାକୁ । କବଳିତ କରି ରଖେ ଦେହ ମନ ଓ ପ୍ରାଣର ଆବେଗକୁ ।

ମୋର ସଂସ୍କାର ଅର୍ଜିତ ମନତଳର ଅଦମ୍ୟ ଈଶ୍ୱର ବିଶ୍ୱାସ ଓ ବିଜ୍ଞାନ ପ୍ରଚୋଦିତ ଏକ ଯୁକ୍ତିସିଦ୍ଧ ସନ୍ଦେହର ଏକ ଫେଣ୍ଟାଫେଣ୍ଟି ଅବସ୍ଥା– ଜୀବନର ପ୍ରାତ୍ୟହିକତା ଓ ଅଲୌକିକତା ଭିତରେ ପୁଣି ଗୋଟେ ଅସ୍ତବ୍ୟସ୍ତ ଜୀବନର ଗତିଶୀଳତା– ପୁଣି ସେଇ ମନତଳେ ଚଳଚଞ୍ଚଳ ଚିତ୍ତବୃତ୍ତି– ଉଭୟ ବସ୍ତୁବାଦୀ ଆକାଂକ୍ଷା ଓ ପାରଲୌକିକ ଆସ୍ପୃହା । ଏଇଭଳି ପରସ୍ପର ବିରୋଧି ମନସ୍ଥିତିରେ ଥାଇ ମୌନ ହେଇ ଦେଖୁଥିଲୁ ଦିଗ୍‌ବଳୟକୁ ତଥା ଚାରିପାଖର ଗତିବିଧିକୁ, ଯେଉଁଠି କିଛିଟା ଶିଥିଳପଣ ଥିଲା, ନିରୁଦ୍‌ବିଗ୍ନତା ଥିଲା– ସେଇ ଜୀବନ ଯାହା ଇତିହାସର କାନ୍ଥକୁ ଆଉଜି ନିର୍ଲିପ୍ତ ଭାବ ଘଡ଼ିଏ ବସି ପଡ଼ିଥିଲା– କୁଆଡ଼େ ଗୋଟେ ପଳେଇବାର ହରବର ନଥିଲା, ଗନ୍ତବ୍ୟରେ ପହଞ୍ଚି ଯିବାର ଉଚ୍ଚାଟପଣ ନଥିଲା । ଗଙ୍ଗାକୂଳର ବ୍ୟାପ୍ତି ଓ ବିଶାଳତା, ବହିର୍ଦୃଶ୍ୟ, ଅନ୍ତର୍ଯାତ୍ରା କାହାକୁ ବି ନିର୍ବାକ୍ କରିଦେବା ପାଇଁ ସମର୍ଥ । ଏଇପରି ଏକ ସମାହିତ ସ୍ଥିତି ଯେଉଁଠି ଦୃଶ୍ୟ ଓ ଦ୍ରଷ୍ଟା ଏକାକାର ହେଇଯା'ନ୍ତି ।

ଯେଉଁ ଶବଟିର ପଛେ ପଛେ ଆମେ ଆସିଥିଲୁ ତାହାକୁ ରଖାଗଲା ପୁରାପୁରି ଗଙ୍ଗାତଟକୁ ଲାଗିକରି– ଅଧା ଭୂଇଁରେ ଅଧା ପାଣିରେ– ଯେମିତି କି ପାଣିର ହାବୁକା ଆସି ଭିଜେଇ ଦଉଥିବ ଶବର ଅଣ୍ଟାଯାଏଁ, ଛାତିଯାଏଁ । କାହିଁ କେତେ ଯୁଗରୁ ଶବ ପୋଡ଼ା ହେଇ ହେଇ ବୋଧହୁଏ ହରିଶ୍ଚନ୍ଦ୍ର ଘାଟର ମାଟିଟି କଳା– ସମୟଖଣ୍ଡରେ କେତେକେତେ ଲକ୍ଷ ମାନବ ଦେହ ଏଇଠି ହିଁ ଅଙ୍ଗାର ଓ ପାଉଁଶରେ ପରିଣତ ହେଇଚି । ଶୁଣିବାକୁ ମିଳେ ଯେ ଏକଦା ହରିଶ୍ଚନ୍ଦ୍ର ଘାଟର ଆକାର ଆହୁରି ବଡ଼ ଥିଲା । ଘାଟ ଚାରିକଡ଼େ ବେଢ଼ି ରହିଥିଲା ଛୋଟବଡ଼ କୁଡ଼ିଆ ଓ ଘରମାନ, ଯେଉଁ ଘର ଗୁଡ଼ିକରେ ଅସ୍ଥାୟୀ ଭାବରେ ରହୁଥିଲେ ମୃତ୍ୟୁ ଅପେକ୍ଷାରେ ଥିବା ଅନେକ ଲୋକ ତଥା ଦେଶର ଦୂରବର୍ତ୍ତୀ ସ୍ଥାନମାନଙ୍କରୁ ଆସି, ଜୀବନର ସାୟାହ୍ନରେ ପହଂଚି, ଗଙ୍ଗାକୂଳରେ ହିଁ ଦେହତ୍ୟାଗ କରିବାକୁ ଆଶାୟୀ ଧନୀମାନୀ, ଛୋଟବଡ଼ ରାଜା, ଜମିଦାର ଶ୍ରେଣୀର ଲୋକେ ।

ସେଇ ହରିଶ୍ଚନ୍ଦ୍ର ଘାଟରେ ବସି ମୋର ମନେପଡୁଥିଲା ପ୍ରସିଦ୍ଧ ଆମେରିକୀୟ ବିଟ୍ କବି ଆଲେନ୍ ଜନ୍‌ସ୍‌ବର୍ଗଙ୍କ କଥା ଯିଏ ସତୁରୀ ଦଶକରେ ଭାରତୀୟ ଜୀବନଦର୍ଶନ ଦ୍ୱାରା ଆକୃଷ୍ଟ ହେଇ ଭାରତକୁ ଆସି କଲିକତା ତଥା ବନାରସର ଗଳିକନ୍ଦି ଆଉ ଶ୍ମଶାନଗୁଡ଼ିକରେ ଉତ୍ସୁକତା ଓ କୌତୁହଳ ନେଇ ଘୂରି ବୁଲୁଥିଲେ । ନିଜର ଛିନ୍ନମୂଳ ଜୀବନ ଓ ଆଧ୍ୟାତ୍ମିକ ଆସ୍ପୃହା ନେଇ ଜନ୍‌ସ୍‌ବର୍ଗ ରହୁଥିଲେ ସାଧୁ ଓ ତନ୍ତ୍ରସାଧକଙ୍କ ସହ ତାଙ୍କ ଭିତରର ଜଣେ ହେଇ । ତନ୍ତ୍ରମନ୍ତ୍ର, ଗଞ୍ଜେଇ, ହାସିସ୍ ଓ ବୋହେମିଆନ୍ ଜୀବନଚର୍ଯ୍ୟା ଦ୍ୱାରା ପ୍ରଭାବିତ କାବ୍ୟକବିତା ଓ ବିଚିତ୍ର ଇନ୍ଦ୍ରିୟାନୁଭୂତିକୁ ନେଇ ତାଙ୍କ ପ୍ରୟୋଗର ଫଳସ୍ୱରୂପ ଏକ ବହି Indian Journals ପ୍ରକାଶିତ ଓ ବହୁ ଆଦୃତ ।

ଅନ୍ୟପଟେ ଶବଦାହର ପ୍ରସ୍ତୁତି, ଶୋକାର୍ତ୍ତ ମଣିଷର ନିରାଶ ମୁହଁ, ଘାଟର କର୍ମକର୍ତ୍ତାଙ୍କ ନିରୁଦ୍‌ବିଗ୍ନ କର୍ତ୍ତବ୍ୟବୋଧର ନିର୍ବାହନ ତଥା ଆମ ଭଳି କିଛି ପର୍ଯ୍ୟଟକଙ୍କ ଭାବପ୍ରବଣ ଉତ୍ସୁକତା ଭିତରେ ମୁଁ ଦେଖୁଥିଲି ଅଧଡ଼ଜନ ଛେଳିଙ୍କ ଆତଯାତ, ପଲେ କୁକୁରଙ୍କ ଦୌଡ଼ାଦୌଡ଼ି ଖେଳ, ସାତଆଠ ଷଣ୍ଢଙ୍କ ଦାର୍ଶନିକ ଢଙ୍ଗରେ ପାକୁଳି ଓ ଗତିବିଧି । ଛେଳିମାନେ ପରସ୍ପର ସହ ପ୍ରତିଯୋଗିତା କରି ଶବ ସହ ଆସିଥିବା ତାଜା ଫୁଲଗୁଡ଼ିକୁ ପରମ ଆନନ୍ଦରେ ଖାଇ ଯାଉଥିଲେ । ଗୋଟେ କଳା କିଟ୍‌କିଟ୍ ଷଣ୍ଢ ସଂଖୋଳିବାକୁ ଆସିଥିବା କେଉଁ ଚିହ୍ନାଲୋକ ପରି



ସଜା ହେଇଥିବା ଦୁଇ ପାଖରେ ସ୍ଥିତପ୍ରଜ୍ଞ ମୁରବୀଙ୍କ ପରି ଠିଆ ହୋଇଥିଲା- ବିଲ୍‌କୁଲ୍ ଶବର ମୁଣ୍ଡ ପାଖରେ ।

ଇତିମଧ୍ୟରେ ଆଉ ଏକ ଶବ ଆସି ପହଂଚିଗଲା ଚିକ୍‌ଚିକ ଜରି କପଡ଼ା ଗୁଡ଼ା ହେଇ । ଠିକ୍ ଆଗଭଳି ପ୍ରିୟଜନମାନେ ନେଇଯାଇ ଶବକୁ ଗଙ୍ଗାପାଣିରେ ବୁଡ଼େଇ ରଖିଲେ ଓ ଶୁଏଇ ଦେଲେ ଯେପରି ଶବର ଜଂଘ ଯାଏଁ ପାଣି ଛୁଉଁଥିବ । ପରେ ପରେ ସମସ୍ତେ ଆଞ୍ଜୁଳା ଆଞ୍ଜୁଳା ଗଙ୍ଗାଜଳ ନେଇ ଶବଟିର ମୁହଁରେ ଢାଳିଲେ ଆଉ ପରେ ପରେ ଆଣି ଇତିମଧ୍ୟରେ ସଜ୍ଜିତ କାଠଗଣ୍ଡି ଉପରେ ଶୁଏଇ ଦେଲେ ଆଉ ଅଗ୍ନିସଂଯୋଗ ପାଇଁ ଉପଚାରରେ ଲାଗି ପଡ଼ିଲେ ।

ଯାହା ମୋତେ ସେ ସମୟରେ ଆଶ୍ଚର୍ଯ୍ୟ ଲାଗିଥିଲା ତା' ହେଲା 'ମୃତ୍ୟୁ'କୁ କେନ୍ଦ୍ର କରି ଗଢି ଉଠିଥିବା ସେ ପରିବେଶରେ ଥିବା ଏକ ନିରୁଦ୍‌ବିଗ୍ନ ସ୍ୱାଭାବିକତା- ଏକ ଯନ୍ତ୍ରବତ୍ ପ୍ରକ୍ରିୟା । ଶବଟିର ଦାହସଂସ୍କାର ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଠିକ୍ ତା' ସାମନାରେ କିଛି ସ୍ଥାନୀୟ ପିଲା ପାଣିଭିତରକୁ ଦୌଡ଼ି ଯାଇ ଲଂଫ ପ୍ରଦାନ କରୁଥିଲେ, ତଥା ଖୁବ୍ ହର୍ଷଉଲ୍ଲାସ ଓ ପାଟିତୁଣ୍ଡ ଭିତରେ ସନ୍ତରଣ କରୁଥିଲେ ।

ହରିଶ୍ଚନ୍ଦ୍ର ଘାଟ ପାଖକୁ ଲାଗି ଆତଯାତ ହେଉଥିବା ନୌକାରେ ବସିଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଗଣ ମୁଣ୍ଡ ଉପରକୁ ହାତ ଉଠେଇ ଯୋଡ଼ହସ୍ତ ନମସ୍କାର କରୁଥିଲେ ଘାଟରେ ଜଳୁଥିବା ଚିତାକୁ ଅନେଇ । ବୋଧହୁଏ କିଛିଟା ଭୟ ସଂଭ୍ରମତାରେ ସ୍ୱୀକାର କରି ନେଉଥିଲେ ମୃତ୍ୟୁ ଭଳି ଗୋଟେ ଚିରନ୍ତନ ସତ୍ୟର ଅନିବାର୍ଯ୍ୟତା ଓ ଜୀବନର ଅଳୀକତାକୁ । ଗୋଟିଏ ଚିତା ହୁତ୍‌ହୁତ୍ ହେଇ ଜଳିବାକୁ ଆରମ୍ଭ କରିଥିଲା, କିଛିଟା ପୂଜାର୍ଚ୍ଚନା ସହିତ ଅନ୍ୟ ଗୋଟିକର ପ୍ରସ୍ତୁତି ଚାଲିଥିଲା । ଅଳ୍ପ ସମୟ ପରେ ଦେଖାଗଲା ସାମାନ୍ୟ ଧୂଆଁରୁ କୁହୁଳି କୁହୁଳି ଲାଗିଥିବା ନିଆଁ, ସନ୍ଧ୍ୟାର ନଈକୂଳିଆ ପବନର ତେଜ ପାଇ ବିରାଟ ଲେଲୀହାନ ଶିଖା ହେଇ ଶୂନ୍ୟରେ ଉପରକୁ ଲମ୍ଭି ଉଠୁଥିଲା, ଆସ୍ତେ ଆସ୍ତେ ସମଗ୍ର ଚିତାଟିକୁ ନିଜ ଅକ୍ତିଆରକୁ ନେଉଥିଲା । ଏଇ କିଛି ସମୟ ପୂର୍ବରୁ ଚଳଚଞ୍ଚଳ ଥିବା ରକ୍ତମାଂସର ଜୀବନ ପଞ୍ଚଭୂତରେ ବିଲୀନ ହେଇ ଯାଉଥିଲା । ପୂର୍ବରୁ ଦାହ ସରିଥିବା ଓ ତଥାପି ଉତ୍ତପ୍ତ ଥିବା ଚିତାଭସ୍ମ ଭିତରୁ 'ହାଡ଼' ସଂଗ୍ରହରେ ବ୍ୟସ୍ତ ଥିଲେ କିଛି 'ଚଣ୍ଡାଳ' । ଏଇ କାମରେ ସେମାନଙ୍କ ପିଲାଛୁଆ ବି ସାମିଲ ହୁଅନ୍ତି । ଏକ ଲମ୍ବା ପିତଳ ଡଙ୍କା ସାହାଯ୍ୟରେ ଉତ୍ତପ୍ତ ଅଙ୍ଗାର ଓ ପାଉଁଶ ଗଦା ଭିତରୁ 'ହାଡ଼' ଖୋଜି ବାହାର କରିବା ବି ଏକ ବୃତ୍ତିଗତ କୌଶଳ ହେଇଥିବ । 'ହାଡ଼' ବା 'ଅସ୍ଥି'ଟି ମିଳିଗଲା ପରେ ତାକୁ ଏକ କଂଚା ଅଟାଗୁଳା ଭିତରେ ରଖି ମୃତକର ପ୍ରିୟପରିଜନଙ୍କୁ ହସ୍ତାନ୍ତର କରି ଦିଆଯାଏ । ମୁଁ ଆଶ୍ଚର୍ଯ୍ୟ ହେଉଥାଏ ଯେ, ଶବ ଓ ଚିତା ଆଦିକୁ ନେଇ ଅନ୍ତିମ କର୍ମ ଚାଲିଥିବା ବେଳେ ଆଖପାଖର ଜୀବନ ବି ଥାଏ ଖୁବ୍ ସ୍ୱାଭାବିକ, ସତେ ଯେପରି ସେମିତି କିଛି ବିଚଳିତ ହେବା ଭଳି ଟଣା ଘଟୁ ନାଇଁ- ହୁଏତ ଏସବୁ ଦେଖିବାରେ ଅଭ୍ୟସ୍ତ ହେଇଗଲେଣି ଆଖପାଖର ଲୋକେ ।

ମୋତେ କିନ୍ତୁ ଚିନ୍ତାଗ୍ରସ୍ତ କରି ରଖିଥାଏ କିଛି କୋମଳମତି ପିଲାଙ୍କ ଇତସ୍ତତଃ ଉପସ୍ଥିତି । କେବଳ ଯେ ମୃତ୍ୟୁକୁ ସଦାସର୍ବଦା ସେମାନେ ଏତେ ପାଖରୁ ପ୍ରତ୍ୟକ୍ଷ କରୁଥିବେ ତା ନୁହେଁ- ମୃତ୍ୟୁ ସହ ସତେ ଯେପରି ସେମାନଙ୍କର ଚାଲିଥିବ ନିରନ୍ତର 'ସହବାସ' । ଅହରହ ଚାଲିଥିବା ଏ ପ୍ରକ୍ରିୟା ସେମାନଙ୍କ ଚିନ୍ତାଚେତନାକୁ କେଉଁଭଳି ପ୍ରଭାବିତ କରୁଥିବ ତାହା ଥିଲା ମୋ ସାମ୍‌ନାରେ ଏକ ମଞ୍ଜୀ ପ୍ରଶ୍ନ । ଘାଟ ସଂଲଗ୍ନ ରାସ୍ତାର ଦୁଇପାଖେ ଦୃଶ୍ୟମାନ କିଛି ପାରମ୍ପରିକ ମିଠା ଦୋକାନ- କୌଣସି ପ୍ରକାର ଆଡ଼ମ୍ବର ଓ ଚାକଚକ୍ୟ ବିହୀନ ! ଶବଦାହ ପରେ ପରେ ମାଲ୍‌ଭାଇ ଓ ପ୍ରିୟଜନ ମାନେ ଏକାଠି ବସି ଗରମ ଗରମ ଜିଲାପି ଖାଇବାର ପ୍ରଥା ଏଠି ରହିଚି ବୋଲି ଶୁଣିଥିଲି ।

ଗୋଟେ ପଟେ ସତତ ଗତିଶୀଳ ଜୀବନ- ସବୁ ପ୍ରକାର ସ୍ପନ୍ଦନ ଓ ବୈଚିତ୍ର୍ୟ ସହ ଅନ୍ୟପଟେ ହଠାତ୍ ଅଟକି ଯାଇ ସ୍ଥିର ହେଇଯାଉଥିବା ଜୀବନ- ଆଉ ସବୁରି ଉପରେ ପ୍ରବଳ ପରାକ୍ରମୀ ସମୟ । ଭାରି ଭାରି ଲାଗୁଥିବା ଏକ ଉଦାସୀ ସଞ୍ଜ, ଜଣ ଜଣ କରି ପୃଥିବୀ ପୃଷ୍ଠରୁ ବିଦାୟ ନେଉଥିବାର ଅବିଶ୍ରାନ୍ତ କ୍ରମ । ଆମର ଫେରନ୍ତା ଗଳିରାସ୍ତାରେ ଆଉ ଏକ ଶବ ଶୋଭାଯାତ୍ରା ଆମକୁ ଅତିକ୍ରମ କରି ଘାଟମୁହାଁ ହେଉଥିଲା । ପରେ ପରେ ମୋ ସ୍ତ୍ରୀ ସରିତା ଫିଙ୍ଗା ହେଇ ରାସ୍ତା ଉପରେ ପଡ଼ିଥିବା ଗୋଟେ ଏକ ଟଙ୍କିଆ ମୁଦ୍ରା ପାଇ ଖୁସି ହେଇ କହିଲେ, 'ଏହା ଶୁଭ ।'

ମୃତ୍ୟୁର ଇଲାକାକୁ ପଛରେ ଛାଡ଼ି ଦେଇ ଆମର କ୍ଲାନ୍ତ ପାଦ ଆଉ ମନ ପୁଣିଥରେ ଜୀବନ ମନସ୍କ ହେବାକୁ, ଚେଷ୍ଟା କରୁଥିଲେ- ସବୁ ଦହଗଞ୍ଜ ସତ୍ତ୍ୱେ, ହାହାକାର ସତ୍ତ୍ୱେ ସଂସାରର ଆକର୍ଷଣ ଓ ସୌନ୍ଦର୍ଯ୍ୟ ସବୁକାଳେ ନିଆରା ।

# Modern Engineering & Management Studies




NH-5, Banaparia, Kuruda, Balasore-756056, Odisha
Approved by AICTE and affiliated to BPUT
Ph: 06782-256911, 256134,256184 Cell : 9776001836, 6290456194
Visit us at www.mems.edu.in email: mems.bls@mems.edu.in




Modern Engineering & Management Studies (MEMS) has been established in the year 2008 for promoting technical education in the field of Engineering and Management etc. for the aspiring youth. It is built in a well-planned pollution-free environment. It is located in Balasore, the Sand City of Orissa and the Missile Test Centre of India. Built-in an area of about 1,00,000 square feet of technical infrastructure, it promises to provide the best possible technical education in Orissa. The campus is built at Banaparia on NH 5 near Kuruda, which is only 5 Km from Balasore Railway Station and the Bus Stand. The infrastructure comprises of huge air-conditioned well-furnished classrooms, seminar halls, and lecture halls, various laboratories with adequate equipment, workshop, a well-stocked library, and continuous power backup with internet facility. The lush green campus spreads over 12 acres with a spacious playground, fitness centre, outdoor sports facilities, indoor games, departmental store and canteen. The well-planed arboriculture has added to the beauty of the campus. The Wi-Fi network of the entire campus keeps the people connected at all times. The nicely planned hostels and the academic ambience of the campus offer an ideal environment for the pursuit of a professional career.

**Vision:** To emerge as a visionary institution and to become a dream boat for knowledge seekers in the field of technical and management education.

**Our Recruiters**: S.M. Consultants, Mind & Tech, Multimodous Venture, Oligoi Solution, New Prima Impact Informatics, WBG Services.



## ॥ ୭ ॥

# ନୀଳବର୍ଣ୍ଣ ଶୃଗାଳ କଥା




**ଡକ୍ଟର ବିବୁଧରଂଜନ**

ତଳମାଳି ସାହି, ପୁରୀ

ଫୋନ : ୯୯୩୭୬୪୯୮୯୪


ଗୋଟିଏ ଜଙ୍ଗଲରେ ଚଣ୍ଡରବ ନାମରେ ଏକ ଧୂର୍ତ୍ତ ବିଲୁଆ ରହିଥିଲା । ଦିନେ ଭୋକରେ ଆଉଟୁପାଉଟୁ ହୋଇ ବିଲୁଆ ଖାଦ୍ୟ ଅନ୍ୱେଷଣରେ ଯାଇ ପହଞ୍ଚିଲା ଲୋଭବଶ ନାମକ ଏକ ନଗରରେ । ନଗରରେ ପ୍ରବେଶ କଲା ମାତ୍ରକେ ସେଠାକାର କୁକୁର ମାନେ ମିଳିମିଶି ବିଲୁଆକୁ କାମୁଡ଼ି ଗୋଡ଼ାଇଲେ । କୁକୁରମାନଙ୍କ ଆକ୍ରମଣରୁ ରକ୍ଷା ପାଇବାକୁ ଯାଇ ବିଲୁଆ ଦୌଡ଼ି ଦୌଡ଼ି ଯେଉଁ ଘର ପ୍ରଥମେ ପାଇଗଲା ସେ ଘର ଭିତରକୁ ପଶିଗଲା । ତାହା ଥିଲା ଏକ ଧୋବାର ଘର । ଘର ଭିତରେ ଗୋଟିଏ ବଡ଼ କୁଣ୍ଡ ଭିତରେ ଧୋବା ତା ସଫା କରିଥିବା ଲୁଗାପଟାରେ ନୀଳରଙ୍ଗ ଦେବ ବୋଲି କୁଣ୍ଡରେ କୁଣ୍ଡେ ନୀଳପାଣି ଗୋଳାଇ ରଖିଥିଲା । ଭୟରେ ଜଡ଼ସଡ଼ ବିଲୁଆ ସିଧାଯାଇ ସେହି କୁଣ୍ଡ ଭିତରେ ଗଳି ପଡ଼ିଲା । ବିଲୁଆ ଯେବେ ସେହି କୁଣ୍ଡ ଭିତରୁ ବାହାରିଲା ସେତେବେଳକୁ ତା' ଦେହର ରଙ୍ଗ ପୁରାପୁରି ବଦଳି ଯାଇ ନୀଳରଙ୍ଗ ହୋଇ ଯାଇଥାଏ । ନୀଳରଙ୍ଗରେ ବିଲୁଆ ଯେବେ ତାର ନିଜ ଜଙ୍ଗଲକୁ ଫେରି ଆସିଲା କୌଣସି ପଶୁ ତାକୁ ଆଦୌ ଚିହ୍ନି ପାରିଲେ ନାହିଁ । ଏପରି ରଙ୍ଗର ପଶୁ ସେମାନେ ଆଜିଯାଏଁ କେବେ ଦେଖି ନଥିଲେ । ବିଲୁଆକୁ ଏକ ବିଚିତ୍ର ଜନ୍ତୁ ବୋଲି ଭାବି ବାଘ, ସିଂହ ମଧ୍ୟ ଡରିକରି ପଳାୟନ କଲେ ।

ବିଲୁଆ ଚଣ୍ଡରବ ଯେତେବେଳେ ସବୁ ପଶୁମାନେ ତାକୁ ଦେଖି ଭୟ ପାଉଛନ୍ତି ବୋଲି ଅନୁଭବ କଲା ସେତେବେଳେ ସେ ସମସ୍ତ ପଶୁକୁଳକୁ ତା ପାଖକୁ ଡାକି କହିଲା – "ଭାଇମାନେ, ମୋତେ ଦେଖି କାହିଁକି ଡରୁଛ ? ସ୍ୱୟଂ ସ୍ୱର୍ଗର ଦେବତା ବ୍ରହ୍ମା ଆଜି ମୋତେ ଡାକି କହିଲେ, ଏ ଜଙ୍ଗଲରେ କେହି ରାଜା ନାହାନ୍ତି । ତୁ ଯାଇ ସେଠାରେ ଶାସନ ଭାର ସମ୍ଭାଳ୍ । ତେଣୁ ମୁଁ ତୁମ ମାନଙ୍କର ରାଜା ହୋଇ ଆସିଛି । ମୋର ନାମ କୁକୁଦ୍ରୁମ ରାଜା ।" ଏ କଥା ଶୁଣି ସିଂହ, ବାଘ ଆଦି ପଶୁଗଣ ଚଣ୍ଡରବ ବିଲୁଆକୁ ରାଜା ଭାବରେ ସ୍ୱୀକାର କରି କହିଲେ, "ସ୍ୱାମୀ ! ଆମେ ସବୁ ଆପଣଙ୍କର ଦାସ । ଆଜ୍ଞା ପାଳକ ଅଟୁ । ଆଜିଠାରୁ ଆପଣଙ୍କର ଆଦେଶକୁ ପାଳନ କରିବୁ । ବିଲୁଆ ଚଣ୍ଡରବ ରାଜା ହେଲା ପରେ ସିଂହକୁ ନିଜର ପ୍ରଧାନମନ୍ତ୍ରୀ, ବାଘକୁ ନଗର ରକ୍ଷକ, ଗଧିଆକୁ ଅଙ୍ଗ ରକ୍ଷକ କରି ରଖିଲା । ନିଜ ଜାତିଭାଇ ସମସ୍ତ ଶୃଗାଳମାନଙ୍କୁ ସେ ଜଙ୍ଗଲରୁ ତଡ଼ିଦେଲା । ବାସ୍, ଏହାପର ଠାରୁ ସିଂହ, ବାଘ ଆଦି ପଶୁମାନେ ଛୋଟଛୋଟ ପଶୁମାନଙ୍କୁ ଶିକାର କରି ବିଲୁଆ ଚଣ୍ଡରବକୁ ଉପହାର ଦେବାକୁ ଲାଗିଲେ । ଚଣ୍ଡରବ କିଛି ମାଂସ ଖାଇ ବଳକା କିଛି ମାଂସ ନିଜର ଚାକର ନୌକର ମାନଙ୍କୁ ଦେଇ ଦିଏ । କିଛିଦିନ ଖୁବ୍ ଶାନ୍ତିରେ, ମଉଜ ମଜଲିସ୍‌ରେ ବିଲୁଆର ଶାସନ ଚାଲିବାରେ ଲାଗିଲା । କିନ୍ତୁ ଗୋଟିଏ ଦିନ ସବୁ ଅନର୍ଥ ହୋଇଗଲା ।


ସେହିଦିନ ସନ୍ଧ୍ୟାବେଳେ ରାଜକାର୍ଯ୍ୟ ଚାଲିଛି – ବିଲୁଆ ପାଖରେ ଅନେକ ପଶୁ ଘେରିକରି ରହିଛନ୍ତି । ଏତିକିବେଳେ ଦୂରରୁ ହଠାତ୍ ଅନେକ ବିଲୁଆଙ୍କର ମିଳିତ ସ୍ୱରରେ 'ହୁକେ ହୋ, ହୁକେ ହୋ' ରଡ଼ି ଶୁଭିଲା । ଏହି ରଡ଼ି ଶୁଣିବା ମାତ୍ରକେ ଚଣ୍ଡରବ ବିଲୁଆର ସମଗ୍ର ଶରୀର ରୋମାଞ୍ଚିତ ହୋଇ ଉଠିଲା । କାରଣ ଗୋଟିଏ ବିଲୁଆ ଯଦି ହୁକେ ହୋ ରଡ଼ି ଛାଡ଼େ ତେବେ ବଣର ସମସ୍ତ ବିଲୁଆ ମିଳିତ ରଡ଼ି ଛାଡ଼ନ୍ତି ! ଏହା ତାଙ୍କର ଧର୍ମ । କେହି ନିଜକୁ ରୋକି ପାରନ୍ତି ନାହିଁ । ଚଣ୍ଡରବ ବିଲୁଆ ଧରା ପଡ଼ିଯିବା ଭୟରେ ବହୁ ସମୟ ଧରି ନିଜକୁ ସମ୍ଭାଳି ନେଲା । ହେଲେ ଶେଷରେ ସେ ମଧ୍ୟ ଜାତି ଭାଇଙ୍କ ସହ ସ୍ୱର ମିଳେଇ ବଡ଼ ଖୁସିରେ 'ହୁକେ ହୋ' ରଡ଼ି ଛାଡ଼ିଲା । ସିଂହ, ବାଘ ଆଦି ପଶୁଗଣ ଯେବେ ବିଲୁଆର କିଳିକିଳା ରଡ଼ି ଶୁଣିଲେ ତତ୍‌କ୍ଷଣାତ୍ ଜାଣିଗଲେ ଯେ – ଏହି ନୀଳବର୍ଣ୍ଣିତ ଜନ୍ତୁଟି ବ୍ରହ୍ମାଙ୍କ ଦ୍ୱାରା ପଠାଯାଇଥିବା କୌଣସି ଦୂତ ନୁହେଁ ବରଂ ମାମୁଲି ଏକ ବିଲୁଆ । ନୀଳବର୍ଣ୍ଣ ଶୃଗାଳ ମଧ୍ୟ ଜାଣିଗଲା ଯେ – ତାହାର ଚାଲାକି ଧରା ପଡ଼ିଗଲାଣି । ସେ ନିଜର ପ୍ରାଣ ବଞ୍ଚାଇବା ପାଇଁ ସେଠାରୁ ଧାଇଁ ପଳାଇବାକୁ ବସିଲା । ହେଲେ ସିଂହ ତତ୍‌କ୍ଷଣାତ୍ ସେହିଠାରେ ଚଣ୍ଡରବ ବିଲୁଆକୁ ମାଡ଼ିବସି ତାକୁ ପ୍ରାଣରୁ ମାରିଦେଲା ।

କାହାଣୀ କହି ସାରି ବିଲୁଆ ସିଂହ ପିଙ୍ଗଳକୁ କହିଲା– "ମହାରାଜ, ଯିଏ ନିଜର ଆତ୍ମୀୟସ୍ୱଜନଙ୍କୁ ଦୂରେଇ ଦେଇ ପରଙ୍କୁ ନିଜର କରନ୍ତି ତାର ଅବିକଳ ନୀଳବର୍ଣ୍ଣ ଶୃଗାଳ ଚଣ୍ଡରବ ପରି ବିନାଶ ହିଁ ହୋଇଥାଏ । ଆପଣ ଥରେ ମହାରାଜ ଭାବି ଦେଖନ୍ତୁ, ବଳଦ ସଂଜୀବକ ବାହାରୁ ଆସିଥିବା ଏକ ପଶୁ । ତା ସହ





ଏତେ ଭାବଦୋସ୍ତି ଆପଣଙ୍କ ପାଇଁ ମଙ୍ଗଳ ହେବ ନାହିଁ । ତା ଛଡ଼ା ବଳଦ ସଂଜୀବକ ମଧ୍ୟ ଆପଣଙ୍କୁ ଏକ ଶତ୍ରୁ ଭାବରେ ଆଜିକାଲି ଦେଖୁଛି ।" ସିଂହ ମନରେ ବଳଦ ସଂଜୀବକକୁ ନେଇ ସଂଦେହର ମଂଜି ବୁଣିବାରେ ଲାଗିଲା ଦମନକ । ସିଂହ କହିଲା- "ଦମନକ ତୋ କଥା ଯଦି ଠିକ୍ ହୋଇଥାଏ ତାର ପ୍ରମାଣ କଅଣ ଯେ ବଳଦ ସଂଜୀବକ ମନରେ ମୋ ପ୍ରତି ବିଦ୍ୱେଷ ଭାବ ରହିଅଛି ବୋଲି ?" ଦମନକ- "ଏହାର ପ୍ରମାଣ ଆପଣ ନିଜେ ଦେଖିନେବେ । ଆଜି ସକାଳେ ବଳଦ ସଂଜୀବକ ନିଜେ ମୋ ଆଗରେ କହିଛି ଆସନ୍ତାକାଲି ସେ ଆପଣଙ୍କୁ ବଧ କରିବ । ଆସନ୍ତାକାଲି ଆପଣ ଯଦି ତାକୁ ଆପଣଙ୍କ ଦରବାରରେ ଭିନ୍ନ ଏକ ଅବସ୍ଥାରେ ଦେଖିବେ – ଯେମିତି ତାର ଆଖି ଯୋଡ଼ିକ ନାଲି ପଡ଼ିଥିବ, ଓଠ ଥରୁଥିବ, ଆପଣଙ୍କ ଆଡ଼କୁ ଚୋରେଇ ଚୋରେଇ ଚାହୁଁଥିବ ଆପଣ ନିଶ୍ଚିତ ହୋଇଯିବେ ଯେ ମୋ କଥା ସତ ।" ବାସ୍, ସିଂହ ପିଙ୍ଗଳକକୁ ବଳଦ ସଂଜୀବକ ବିରୁଦ୍ଧରେ ଉସୁକେଇଲା ପରେ ଦମନକ ବିଲୁଆ ଯାଇ ପହଞ୍ଚିଲା ବଳଦ ପାଖରେ । ବିଲୁଆକୁ ଦେଖି ବଳଦ ପଚାରିଲା- "ମିତ୍ର, ସବୁ କୁଶଳ ତ ? ବହୁତ ଦିନ ପରେ ମୁଁ ମନେ ପଡ଼ିଲି କେମିତି ?" ଦମନକ କହିଲା- "ଯେଉଁମାନେ ରାଜସେବକ ସେମାନଙ୍କର ଭଲମନ୍ଦ କଥା ନପଚାରିବା ଭଲ । ନିଜ ଇଚ୍ଛାରେ ଏମାନେ କୌଣସି କାର୍ଯ୍ୟ କରିପାରନ୍ତି ନାହିଁ ।" ବଳଦ ସଂଜୀବକ କହିଲା- "ମିତ୍ର, ଆଜି ତମ ଆଗରେ କୌଣସି କଥା କହିବାକୁ ଇଚ୍ଛା ହେଉଛି ।" "ନିଶ୍ଚିନ୍ତ ହୋଇ କୁହ । ଯଦିଓ ରାଜ କର୍ମଚାରୀମାନଙ୍କ ପାଖରେ ସବୁକିଛି ଗୁପ୍ତ ରଖିବା ଉଚିତ୍ । ତେବେ ମୋ ତୁମ ଭିତରେ କୌଣସି ଭେଦାଭେଦ ନାହିଁ ଯେତେବେଳେ ତୁମେ ବିନା ସଂକୋଚରେ ତୁମ ମନକଥା ମୋ ଆଗରେ କହିପାର ।"



ବଦଳକୁ ନିଜ ପ୍ରତି ଆସ୍ଥାଭାଜନ କଲା ପରେ ଦମନକ ତାର କୂଟବୁଦ୍ଧି ପ୍ରୟୋଗ କରି କହିଲା, "ବନ୍ଧୁ କ'ଣ କହିବି ? କଥା କ'ଣ କି ସିଂହ ପିଙ୍ଗଳକ ମନରେ ତୁମ ପ୍ରତି ପାପ ଭାବନା ଆସି ଗଲାଣି । ଆଜି ସିଂହ ମୋତେ ଏକାନ୍ତରେ ଡାକି କହିଲା ଆସନ୍ତାକାଲି ସକାଳେ ସେ ତୁମକୁ ମାରି ତୁମର ମାଂସକୁ ଅନ୍ୟ ପଶୁମାନଙ୍କୁ ଖୁଆଇବ । ତୁମେ ମୋର ପ୍ରିୟ ବନ୍ଧୁ ବୋଲି ଏକଥା ମୁଁ ତୁମକୁ ସତର୍କ କରାଇ ଦେବାକୁ ଚାଲି ଆସିଛି ।" ଦମନକର କଥା ଶୁଣି ବଳଦର ହଂସା ଉଡ଼ିଗଲା । ତା ପାଟି ଖନି ମାରିଲା । ଭୟରେ ତା ଦେହରୁ ଝାଳ ନିଗିଡ଼ିଲା । ଡରିମରି କହିଲା- "ରାଜାମାନଙ୍କର ହୃଦୟ ବୋଲି କିଛି ନଥାଏ । ମୁଁ ସିଂହ ସହ ବନ୍ଧୁତା କରି ବଡ଼ ଭୁଲ୍ କରିଛି । ନିଜ ସମାସ୍କନ୍ଧଙ୍କ ସହ ମୈତ୍ରୀ ସ୍ଥାପନା ହୋଇଥାଏ । କିନ୍ତୁ ମୁଁ ଭାବୁଛି ମୋ ବିରୁଦ୍ଧରେ କେହି ନିଶ୍ଚୟ କୌଣସି ଷଡ଼ଯନ୍ତ୍ର କରୁଛି । ସିଂହ ପାଖରେ କେହି ଈର୍ଷାଳୁ ପଶୁ ମୋ ବିରୁଦ୍ଧରେ କିଛି କହୁଛି । କାରଣ ରାଜାର ଆଦର ପାଇବାକୁ ସେବକ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥାଏ । ଜଣେ ଅନ୍ୟର ବୁଦ୍ଧିକୁ, ସଂପର୍କକୁ ସହ୍ୟ କରି ପାରନ୍ତି ନାହିଁ ।"

ବଳଦର କଥା ଶୁଣି ଦମନକ ବିଲୁଆ କହିଲା- "ମିତ୍ର, ଯଦି ତୁମ କଥା ଠିକ୍ ତେବେ ତୁମେ ମିଠା ମିଠା କଥା କହି ସିଂହର ମନକୁ ପୁଣିଥରେ ଜିଣିଯାଇ ପାରିବ ।" ବଳଦ ସଂଜୀବକ କହିଲା- "ନାଇଁ ଭାଇ ନାଇଁ । ଏ ଉପାୟ ଠିକ୍ ନୁହେଁ । କାରଣ ଗୋଟିଏ ଥର ହୁଏତ ମୁଁ ସିଂହର ମନକୁ ପ୍ରସନ୍ନ କରିଦେଇ ପାରିବି କିନ୍ତୁ ତା ପାଖରେ ଥିବା କୂଟ କପଟ ଲୋକେ ପୁଣି କୌଣସି ମିଛ କଥା କହି ସିଂହ ମନରେ ମୋ ପ୍ରତି ବିଷ ଭରି ଦେବେ ଏବଂ ମୋତେ ବଧ କରିବା ପାଇଁ ନୂଆ ଉପାୟ କରିବେ ଯେମିତି ବିଲୁଆ, କାଉ ମିଳିମିଶି ଓଟକୁ ସିଂହ ହାତରେ ମାରି ଦେଇଥିଲେ ।"

ଦମନକ ପଚାରିଲା- "କେମିତି ?"

ବଳଦ ସଂଜୀବକ କହିଲା- "ତେବେ ଶୁଣ, ଓଟ, କାଉ, ସିଂହର କାହାଣୀ ।"

# ହସଖୁସିର ପରିବାର - ୭

ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି। ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି। ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।



## ଡକ୍ଟର ହରପ୍ରସନ୍ନ ଦାସ

ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

### ସମସ୍ୟା: ୧

ମୁଁ ଜଣେ ଗୃହିଣୀ, ମୋର ବୟସ ୪୮ ବର୍ଷ। ମୋର ସ୍ୱାମୀ ଜଣେ କଂଟ୍ରାକ୍ଟର୍। ଆମ ଘର ବରଗଡ଼ ଜିଲ୍ଲାରେ। ଗତବର୍ଷ ମୋର ଗୋଟିଏ ବୋଲି ଝିଅର ବାହାଘର ହୋଇଯାଇଛି । ସେ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପାସ୍ କରିଛି । ମୋ ଝିଅ ଦେଖିବାକୁ ସୁନ୍ଦର ଓ ଭଲ ପଢୁଥିବାରୁ ବହୁତ ବାହାଘର ପ୍ରସ୍ତାବ ଆସିଲା । ଗୋଟିଏ ପ୍ରସ୍ତାବ ବହୁତ ଭଲ ଥିଲା ବୋଲି ଆମେ ତାର ବାହାଘର କରାଇଦେଲୁ । ଝିଅ ଜ୍ୱାଇଁ ହାଇଦ୍ରାବାଦରେ ରହୁଛନ୍ତି । ମୁଁ ବାହାହୋଇ ଆସିବା ପର ଠାରୁ ଆଜି ପର୍ଯ୍ୟନ୍ତ ଘରେ ସବୁକିଛି ଠିକ୍ ଚାଲିଥିଲା । କିନ୍ତୁ ଝିଅ ବାହାଘରର ବର୍ଷକ ପୂର୍ବରୁ ମୁଁ ଜାଣିବାକୁ ପାଇଲି ଯେ ମୋ ସ୍ୱାମୀଙ୍କର ଆଉ ଜଣେ ବିବାହିତା ମହିଳାଙ୍କ ସହିତ ସମ୍ପର୍କ ଅଛି । ମୋ ସ୍ୱାମୀ ସେ ପରିବାରର ରହିବା ପାଇଁ ଘରଭଡ଼ା ସହିତ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ପାଇଁ ଟଙ୍କା ଦେଉଛନ୍ତି । ଏହା ମଧ ଜାଣି ପାରିଲି ଯେ ସେ ମହିଳାଙ୍କ ସ୍ୱାମୀ ଏ ବିଷୟରେ ସବୁ ଜାଣନ୍ତି । ମୁଁ ସେ ବିଷୟରେ ସବୁ ଜାଣିବା ପରେ ମୋ ସ୍ୱାମୀଙ୍କୁ ପଚାରିଲି । ପ୍ରଥମେ ସେ ଏ କଥା ମିଛ ବୋଲି କହି ହସି ଉଡ଼ାଇ ଦେଲେ । ମୁଁ ତାଙ୍କୁ ଠିକ୍ ସମୟରେ ପ୍ରମାଣ ଦେଲାରୁ ସେ ମାନିଗଲେ । ଏପରିକି କହିଲେ ଯେ ସେ ମହିଳାଙ୍କୁ ଆଣି ଆମ ଘରେ ରଖିବେ । କାରଣ ତାକୁ ଛାଡ଼ି ସେ ରହି ପାରିବେ ନାହିଁ । ଆଗକୁ ଝିଅ ବାହାଘର ଥିଲା ବୋଲି ମୁଁ ଚୁପ୍ ରହିଲି। ବାହାଘର ପରେ ମୁଁ ପୁଣି ତାଙ୍କୁ ବୁଝାଇବାକୁ ଚେଷ୍ଟା କଲାବେଳକୁ ସେ ମୋତେ ଗାଳିଗୁଲଜ କରୁଛନ୍ତି ଓ ବାଡ଼ଉଛନ୍ତି । ଏବେ ମୁଁ କଣ କରିବି କିଛି ଜାଣି ପାରୁନି ।

**ରାନୀ ବେହେରା,** ବରରଡ଼

### ସମାଧାନର ସୂତ୍ର

ଆପଣ ଖୁସି ହେବା ଦରକାର ଯେ ଆପଣଙ୍କର ଏକମାତ୍ର ଝିଅର ବାହାଘର ହୋଇଯାଇଛି। ଝିଅ ଜ୍ୱାଇଁ ଏବେ ହାଇଦ୍ରାବାଦରେ ଭଲରେ ଅଛନ୍ତି । ଅନେକ ପରିବାରରେ ଠିକ୍ ସମୟରେ ଝିଅ ବାହାଘର ହେଉ ନ ଥିବାରୁ ସବୁବେଳେ ବିଭିନ୍ନ ପ୍ରକାର ଅଶାନ୍ତି ଲାଗି ରହୁଛି । ଅନେକ ପରିବାରରେ ଝିଅର ବାହାଘର ପରେ ବି ଅନେକ ଗଣ୍ଡଗୋଳ ଯୋଗୁଁ ଝିଅ ଆସି ବାପଘରେ ରହିଥାଏ । ସେ ଦୃଷ୍ଟିରୁ ଆପଣ ଖୁସିରେ ଅଛନ୍ତି । ଆପଣଙ୍କର ସ୍ୱାମୀଙ୍କର ରୋଜଗାର ଭଲ ଅଛି ବୋଲି ଆପଣଙ୍କର ରହିବା, ଖାଇବା, ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ମଧ୍ୟ ଅର୍ଥର ଅଭାବ ନାହିଁ। ଆପଣଙ୍କର ଏକମାତ୍ର ଦୁଃଖ ହେଲା ଯେ ଆପଣଙ୍କ ସ୍ୱାମୀଙ୍କର ଆଉ ଜଣେ ବିବାହିତା ମହିଳାଙ୍କ ସହିତ ଘନିଷ୍ଠ ସମ୍ପର୍କ ରହିଛି । ଆପଣଙ୍କ ସ୍ୱାମୀ ଛୋଟ ପିଲା ନୁହଁନ୍ତି । ଯାହା ସେ କରିଛନ୍ତି ତାହା ସେ ଗଭୀର ଭାବେ ଭାବିଚିନ୍ତି କରିଥିବେ । ସେ ବିଷୟରେ ତାଙ୍କର ଦୋଷ କାଢ଼ି ତାଙ୍କ ସହିତ ଯୁକ୍ତିତର୍କ କଲେ ଅଶାନ୍ତି ଆହୁରି ବଢ଼ିବ । ଆପଣଙ୍କୁ ସେ ମାଡ଼ ମାରି ସାରିଲେଣି । ଆଉ ବେଶି କଥା ବଢ଼ିଲେ ଆପଣଙ୍କ ଜୀବନ ପ୍ରତି ବି ବିପଦ ଆସିପାରେ । ଏଣୁ ଆପଣଙ୍କ ସ୍ୱାମୀଙ୍କୁ ଆପଣ ଆଉ ସେ ବିଷୟରେ କିଛି କୁହନ୍ତୁ ନାହିଁ କିମ୍ବା ଅନ୍ୟ କାହା ସହିତ ବି ସେ ବିଷୟରେ ଆଲୋଚନା କରନ୍ତୁ ନାହିଁ । ଅନେକ ସମୟରେ ସ୍ୱାମୀସ୍ତ୍ରୀ ସଂପର୍କରେ ଏଭଳି ପରିସ୍ଥିତିର ଫାଇଦା ବାହାର ଲୋକମାନେ ନିଅନ୍ତି । ତେଣୁ ଆପଣ ସେ କଥା ମୁଣ୍ଡରୁ କାଢ଼ି ଦେଇ ନିଜ କାମରେ ଲାଗି ଯାଆନ୍ତୁ । ସ୍ୱାମୀଙ୍କ ପ୍ରତି ଅସନ୍ତୁଷ୍ଟ ନ ହୋଇ ଭଲ ବ୍ୟବହାର କରନ୍ତୁ । ହୁଏତ ସେ ନିଜେ ଦିନେ ନିଜ କାମ ପାଇଁ ଅନୁତାପ କରି ପାରନ୍ତି । ଏହା ଅତି ଶୀଘ୍ର ସମାଧାନ ହେବା ସମ୍ଭବ ହୋଇ ନ ପାରେ । କିନ୍ତୁ ଧୈର୍ଯ୍ୟ ଧରିଲେ ହୁଏତ ସମାଧାନର କିଛି ସୂତ୍ର ମିଳି ଯାଇପାରେ ।

### ସମସ୍ୟା ପଠାଇବାର ଠିକଣା

ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଲୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ସମସ୍ୟା: ୨

ମୁଁ ବିବାହିତା ଘରେ ମୋର ସ୍ୱାମୀ ଓ ଗୋଟିଏ ପୁଅ ଅଛନ୍ତି । ମୋର ସ୍ୱାମୀ ଗୋଟିଏ ପ୍ରାଇଭେଟ୍ କମ୍ପାନୀରେ ଚାକିରି କରିଥିଲେ । ମୋର ବାପଘର ଓ ଶ୍ୱଶୁର ଘର ପାଖାପାଖି । ମୋର ଶ୍ୱଶୁର ମୋତେ ପସନ୍ଦ କରି ତାଙ୍କ ସାନ ପୁଅ ସହିତ ବାହାଘର କରାଇଥିଲେ । ମୋ ସ୍ୱାମୀ ଇଂଜିନିୟରିଂ ପାସ୍ କରିଥିଲେ ବି ଏକ ପ୍ରାଇଭେଟ୍ ଅନୁଷ୍ଠାନରେ କଂପୁଟର୍ ସମ୍ବନ୍ଧୀୟ ଚାକିରି କରିଥିଲେ । ସେଠାରେ ଦରମା ସେତେ ଭଲ ନଥିଲା । ତଥାପି ତାଙ୍କ ବଡ଼ ଭାଇମାନେ ବହୁତ ସହଯୋଗ କରନ୍ତି ତେଣୁ ଆମ ପରିବାର ଖୁସିରେ ଚଳିଯାଏ । ଏବେ ନିଜର କିଛି ବ୍ୟବସାୟ କରିବେ ବୋଲି ସେ ଚାକିରି ଛାଡ଼ିଦେଲେ । ତା ପରେ ନିଜର ବ୍ୟବସାୟ ମଧ୍ୟ ଆରମ୍ଭ କରିଲେ । ସବୁ ଠିକ ଥିବା ପରେ ବି ମୋର କିଛି ଦୁଃଖ ରହିଛି । ତାହା ହେଲା ସବୁବେଳେ ମୋ ସ୍ୱାମୀଙ୍କର ମୋ ଉପରେ ସନ୍ଦେହ । ମୁଁ କାହା ସହିତ କଥା ହେଲେ ସେ ଭାବନ୍ତ ମୁଁ ତାଙ୍କ ବିଷୟରେ କଥା ହେଉଛି । ତାଙ୍କୁ ଆଉ ପୁଅକୁ ଅଣଦେଖା କରୁଛି, ମୋର ଘର କାମରେ ମନ ନାହିଁ ଇତ୍ୟାଦି । ମୋର ବାହାଘର ୭ବର୍ଷ ହେଲାଣି । ଆଉ ସେ ସବୁ ଶୁଣିବାକୁ ଭଲ ଲାଗୁନି । ବେଳେ ବେଳେ ମୋତେ ବିରକ୍ତ ବି ଲାଗୁଛି । କିଛି କହିଲେ ଘରେ ଝଗଡ଼ା ହେଉଛି । କଣ କରିବି ଓ ତାଙ୍କୁ କେମିତି ବୁଝାଇବି ମୋତେ ବାଟ ବତାନ୍ତୁ ।

**କାବେରୀ ରଥ,** ଖୋର୍ଦ୍ଧା

## ସମାଧାନର ସୂତ୍ର

ଆପଣଙ୍କ ମନରେ ଏବେ ଯେଉଁ ଅଶାନ୍ତି ସୃଷ୍ଟି ହୋଇଛି ତାହା କେବଳ ଆପଣଙ୍କ ସ୍ୱାମୀଙ୍କର ବ୍ୟବହାର ସମ୍ପର୍କରେ । ଆପଣଙ୍କ ସ୍ୱାମୀ ଚାକିରି ଛାଡ଼ି ବ୍ୟବସାୟ ଆରମ୍ଭ କରିଛନ୍ତି । ଘର ପରିବାର ଠିକ ଚାଲୁଛି । ସେଥିରେ ଆପଣଙ୍କର କିଛି ଅସୁବିଧା ନାହିଁ । କେବଳ ଘଟଣା ଏତିକି ଯେ ସେ ଆପଣଙ୍କୁ ସନ୍ଦେହ କରୁଛନ୍ତି ଏବଂ ଆପଣଙ୍କର ଦୋଷ କାଢୁଛନ୍ତି । ଆପଣଙ୍କ ସ୍ୱାମୀଙ୍କୁ ଦୋଷ ଦେବା ଅବା ବିରକ୍ତ ହେବା ପରିବର୍ତ୍ତେ ଥଣ୍ଡା ମୁଣ୍ଡରେ ଏହାର ସମାଧାନ ବିଷୟରେ ଭାବନ୍ତୁ । ଆପଣଙ୍କର ବାହାଘର ୭ବର୍ଷ ହୋଇଗଲାଣି । ଆପଣଙ୍କର ପୁଅଟିଏ ବି ଅଛି । ସବୁକିଛି ଠିକ୍ ଚାଲିଥିଲା ବେଳେ ଏବେ ଏପରି କାହିଁକି ହେଲା । ତାହାର କାରଣ ଆପଣ ନିଜେ ଖୋଜି ବାହାର କରନ୍ତୁ । ପ୍ରତ୍ୟେକ ଘଟଣାର କିଛି ନିର୍ଦ୍ଦିଷ୍ଟ କାରଣ ରହିଥାଏ । ଏ ସବୁ ପଛରେ ଆପଣଙ୍କର ବି କିଛି ଭୁଲ୍ ଥାଇ ପାରେ । ଏଣୁ ପ୍ରଥମେ ନିଜର ଭୁଲ୍‌ଟା କାଢ଼ିବାରେ ଧ୍ୟାନ ଦିଅନ୍ତୁ । ନିଜର କିଛି ଭୁଲ୍ ନାହିଁ ବୋଲି ଯଦି ଆପଣ ଭାବିବେ ତେବେ ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । ଚାକିରି ଛାଡ଼ି ଆପଣଙ୍କ ସ୍ୱାମୀ ବ୍ୟବସାୟ କରୁଛନ୍ତି । ଆପଣ ସେଥିରେ ତାଙ୍କୁ ସହଯୋଗ କରନ୍ତୁ । ତାଙ୍କର ମନୋବଳ ବଢ଼ାନ୍ତୁ । ସେ ଯେଉଁ କାମକୁ ସନ୍ଦେହ କରୁଛନ୍ତି ସେ କାମ କରନ୍ତୁ ନାହିଁ । ସ୍ୱାମୀଙ୍କର ମନକୁ ବୁଝିବାକୁ ଚେଷ୍ଟା କରନ୍ତୁ । ଯେପରିକି ସେ ଆପଣଙ୍କ ଉପରେ ବିଶ୍ୱାସ ରଖିବେ । ଏବଂ କୌଣସି ପରିସ୍ଥିତିରେ ସନ୍ଦେହ କରିବେ ନାହିଁ । ବିରକ୍ତ ଭାବରେ ଦୋଷାରୋପ କଲେ ସମସ୍ୟା କେବେ ବି ସମାଧାନ ହୋଇ ପାରିବ ନାହିଁ ।

## ସମସ୍ୟା: ୩

ମୁଁ ମୋର ଯୁକ୍ତ ତିନି ପଢ଼ା ସାରିଛି । ଏବେ ଚାକିରି ଖୋଜୁଛି । ଆମର ବଡ଼ ପରିବାର । ବାପା ଦାଦା ସବୁ ଜେଜେବାପାଙ୍କ ଅମଳରୁ ଏକାଠି ରହି ଆସୁଛନ୍ତି । ତେଣୁ ଆମ ଘରେ ଆମେ ଭାଇଭଉଣୀ ପ୍ରାୟ କୋଡ଼ିଏ ଜଣ । ଭାଇଭଉଣୀଙ୍କ ଭିତରେ ମୁଁ ଅଷ୍ଟମ ହେଲେ ବି ମୋ ବାପାଙ୍କର ମୁଁ ତୃତୀୟ ଝିଅ । ମୋ ସାଙ୍ଗରେ ମୋର ଆଉ ଦୁଇଟି ଭାଇ ବି ଅଛନ୍ତି । ଯେଉଁମାନେ ମୋର ଦାଦାଙ୍କ ପୁଅ । ମୋର ତିନି ଭଉଣୀଙ୍କର ବିବାହ ସରିଛି । ତଥାପି ମୋ ଉପରେ ଆଉ ଦୁଇ ଭଉଣୀ, ଦୁଇ ଭାଇ ଅଛନ୍ତି ବିବାହ କରିବାକୁ । ତା ପରେ ମୋର ବିବାହ ହେବ । ମୁଁ କିନ୍ତୁ ପାଠ ପଢ଼ିବା ବେଳ ଠାରୁ ଗୋଟିଏ ପୁଅକୁ ଭଲ ପାଉଛି । ତାଙ୍କ ଘରେ ସମସ୍ତେ ରାଜି ଅଛନ୍ତି । କିନ୍ତୁ ଆମ ଘରେ କେହି ବି ସେ ବିଷୟରେ ଜାଣି ନାହାନ୍ତି । ସେ ବାହାରେ ଚାକିରି କରୁଛନ୍ତି । ଏବେ ତାଙ୍କର ଚାକିରି ହେଲା ପରେ ସେ ଓ ତାଙ୍କ ଘର ଲୋକ ମୋତେ ବାଧ୍ୟ କରୁଛନ୍ତି ବାହାଘର ପାଇଁ । କିନ୍ତୁ ମୁଁ ଘରେ ଏ କଥା କହି ପାରୁନି ଯେହେତୁ ମୋର ବଡ଼ ଦୁଇ ଭଉଣୀ ଓ ଦୁଇ ଭାଇ ବିବାହ ପାଇଁ ଅଛନ୍ତି । ମୁଁ ବି ଜାଣିଛି ମୁଁ ତାଙ୍କୁ ଛାଡ଼ି ରହି ପାରିବିନି । ଏପରିକି ମୋ ଘର ଲୋକ ଓ ମୋ ଭାଇଭଉଣୀଙ୍କୁ ଛାଡ଼ି ବି ମୁଁ ରହି ପାରିବିନି । ତେଣୁ ମୁଁ ଘରୁ ପଳାଇ ଯିବାକୁ ଚାହୁଁନି । ମୋତେ କିଛି ବୁଦ୍ଧି ବାଟ ଦିଶୁନି କଣ କରିବି ? ଦୟାକରି ଉପାୟ ବତାନ୍ତୁ ।

**ବିନୀତା ପଢ଼ିଆରୀ,** ଯାଜପୁର



ସୁରେଶ ନାୟକଙ୍କ ହସଖୁସିର ପରିବାର

▼ଦେବଯାନୀ ତ୍ରିପାଠୀଙ୍କ ହସଖୁସିର ପରିବାର



### ସମାଧାନର ସୂତ୍ର

ତୁମେ ଯାହା ସବୁ ଲେଖିଛ ସେଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ତୁମେ ହିଁ ନିଜେ ତୁମ ପାଇଁ ସମସ୍ୟା ସୃଷ୍ଟି କରିଛ । ତୁମର ପରିବାର ବିଷୟରେ ତୁମେ ଭଲ ଭାବରେ ଜାଣିଛ । ତୁମେ ଏ ପର୍ଯ୍ୟନ୍ତ ଚାକିରି କରିନ କିମ୍ବା ନିଜେ ରୋଜଗାରକ୍ଷମ ହୋଇନାହଁ । ଏବେ ବି ତୁମେ ଚଳିବା ପାଇଁ ତୁମ ବାପାମାଆଙ୍କ ଉପରେ ନିର୍ଭର କରୁଛ । ଯେତେବେଳେ ତୁମେ ନିଜେ ସ୍ୱାଧୀନ ନୁହଁ ସେପରି ସମୟରେ ତୁମେ ତୁମ ବାହାଘର ବିଷୟରେ କିପରି ନିଷ୍ପତି ନେଇ ପାରିବ ? ଦୁଇ ନାଆରେ ଗୋଡ଼ ଦେଲା ପରି ତୁମେ କାମ କରୁଛ । ତୁମେ ଯାହାକୁ ଭଲ ପାଉଛ ତାକୁ ଛାଡ଼ି ପାରିବ ନାହିଁ କିମ୍ବା ପରିବାର ଲୋକଙ୍କୁ ଧୋକା ଦେଇ ପାରିବ ନାହିଁ । ଏହା ଅତି ଭାବପ୍ରବଣତାର କଥା । ଏଣୁ ତୁମକୁ ବାସ୍ତବବାଦୀ ହେବାକୁ ପଡ଼ିବ । ଖାଲି ସ୍ୱପ୍ନ ଦେଖିଲେ କିଛି ଲାଭ ହୁଏ ନାହିଁ । ସ୍ୱପ୍ନକୁ ବାସ୍ତବିକତାରେ ପରିଣତ କରିବା ପାଇଁ  ଆମ ନିଜକୁ ହିଁ ବାଟ ଖୋଜିବାକୁ ପଡ଼ିବ । ଯଦି ତୁମେ ସେ ପିଲାକୁ ବାହା ହେବା ପାଇଁ ସିଦ୍ଧାନ୍ତ ନେଇଛ ତେବେ ମୁହଁ ଖୋଲି ତୁମ ଘରେ ଆଲୋଚନା କର ଏବଂ ସମସ୍ତଙ୍କୁ ବୁଝେଇବା ପାଇଁ ଚେଷ୍ଟା କର । ତାଙ୍କର ପରିବାର ଲୋକମାନେ ବି ଆସି ତୁମର ବାପାମାଆଙ୍କ ସହିତ ଆଲୋଚନା କରିବା ଦରକାର । ଚୁପ୍ ହୋଇ ରହିଲେ ସମସ୍ୟା ଆହୁରି ବଢ଼ିବ ତଥା ତୁମର ବି ମାନସିକ ଅଶାନ୍ତି ବଢ଼ିବ । ଆଉ ଡେରି ନ କରି ତୁମେ ଦୃଢ଼ ମନୋବଳ ନେଇ ନିଜେ ଘରେ ଏ ବିଷୟରେ ଆଲୋଚନା କରି ସମାଧାନର ବାଟ ବାହାର କର ।

### ସମସ୍ୟା: ୪

ମୁଁ ସରକାରୀ କାର୍ଯ୍ୟାନୁଷ୍ଠାନରେ ଏକ ଉଚ୍ଚ ପଦବୀରେ କାର୍ଯ୍ୟରତ, ବିବାହିତ । ମୋର ଦୁଇଟି ପୁଅ ଅଛନ୍ତି । ମୋ ସ୍ତ୍ରୀ ବି ବହୁତ ଭଲ । ମୋର ପରିବାର ବି ବହୁତ ହସ ଖୁସିରେ ଚାଲିଥିଲା । କହିବାକୁ ଗଲେ ଏବେ ବି ଚାଲିଛି । କିନ୍ତୁ ମୋ ମନରେ କିଛି ଦୁଃଖ ରହିଛି ଯାହା ଏବେ ବୟସ ଅନୁସାରେ ବଢ଼ି ବଢ଼ି ଚାଲିଛି । ମୁଁ ପାଠ ପଢ଼ିବା ବେଳେ ଜଣକୁ ଭଲ ପାଉଥିଲି । କିନ୍ତୁ ପରସ୍ପରକୁ କେବେ କିଛି କହି ନ ଥିଲୁ । ସ୍କୁଲ୍ ପରେ ଆଉ କେବେ ସାକ୍ଷାତ ହୋଇ ନ ଥିଲା । କିନ୍ତୁ ଏବେ ହଠାତ୍ ତାଙ୍କ ସହିତ ଦେଖା ହେଲା ଦୀର୍ଘ ୧୫ ବର୍ଷ ପରେ । ଏବଂ ପରୋକ୍ଷରେ ଜାଣିବାକୁ ପାଇଲି ସେ ଏବେ ବି ଅବିବାହିତା । ଆଉ ସେ ମୋତେ ଏବେ ବି ସେମିତି ହିଁ ଭଲ ପାଉଛନ୍ତି, ସମ୍ମାନ କରୁଛନ୍ତି । ଏଥିପାଇଁ ସେ ବିବାହ କରି ନାହାନ୍ତି । ମୁଁ ଜାଣିଛି ମୁଁ କିଛି କରି ପାରିବିନି । କିନ୍ତୁ ଏ ସବୁ ଶୁଣି ମୋର ମନ ବହୁତ ଦୁଃଖ ହେଉଛି । କେମିତି ତାଙ୍କୁ ବୁଝାଇବି ଯେ ଏବେ ଆମ ଦୁହିଁଙ୍କର ରାସ୍ତା ସମ୍ପୂର୍ଣ୍ଣ ରୂପେ ଅଲଗା । ସେ ନିଜ ପାଇଁ ଆଉ ଏକ ଜୀବନ ସାଥୀ ବାଛି ଖୁସିରେ ରୁହନ୍ତୁ । ତାଙ୍କୁ ଏକଥା ମୁଁ କହି ପାରୁନି କି ସହି ପାରୁନି । କେମିତି କଣ ତାଙ୍କୁ ବୁଝାଇବି ବା ନିଜକୁ ବୁଝାଇବି ଯେ ସବୁକିଛି ଭୁଲିଯିବା ପାଇଁ । ଦୟାକରି ମୋତେ ଉପାୟ ବତାନ୍ତୁ ।

**ରୀତେଶ ମହାପାତ୍ର,** ନୟାଗଡ଼

### ସମାଧାନର ସୂତ୍ର

ଆପଣ ଯେଉଁ ସମସ୍ୟା ବିଷୟରେ ଲେଖିଛନ୍ତି ତାହା ଆପଣଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ସୃଷ୍ଟି । ଆପଣ ହିଁ ନିଜେ ଏହାର ସମାଧାନ କରିବେ ଅନ୍ୟ କେହି ସମାଧାନ କରି ପାରିବେ ନାହିଁ । ଆପଣ ଯେଉଁ ମହିଳାଙ୍କ ପାଇଁ ବ୍ୟସ୍ତ ଅଛନ୍ତି ସେ ନିଜେ ସେଥିପାଇଁ ବ୍ୟସ୍ତ ନୁହଁନ୍ତି । ବରଂ ନିଜେ ନିଜ ଜୀବନର ସିଦ୍ଧାନ୍ତ ନେଇ ଖୁସିରେ ବଂଚିଛନ୍ତି । ଆପଣଙ୍କ ପାଇଁ ସେ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରି ନାହାନ୍ତି । ସେ ଆପଣଙ୍କୁ ଏପରି ଭଲ ପାଉଥିଲେ ଯେ ଆପଣଙ୍କୁ ହାସଲ କରିବା ପାଇଁ ବି କେବେ କଛି କହି ନ ଥିଲେ । ଆପଣଙ୍କ ବାହାଘର ପରେ ସେ ତାଙ୍କର ଭଲ ପାଇବାକୁ ସମ୍ମାନ ଦେଇ ନିଜେ ବାହା ହେଲେ ନାହିଁ । ଏଥିରୁ ପ୍ରମାଣୀତ ହେଉଛି ଯେ ତାଙ୍କର ମନୋବଳ ଅତି ଦୃଢ଼ । ଆପଣଙ୍କୁ ପାଇ ପାରିଲେ ନାହିଁ ବୋଲି ସେ ଭାଙ୍ଗିପଡ଼ି ନାହାନ୍ତି ଅବା ବିରକ୍ତ ଭାବ ପୋଷଣ କରି  ନାହାନ୍ତି । ଏଣୁ ୧୫ ବର୍ଷ ପରେ ଦେଖା ହେଲେ ବି ସେ ଭାବପ୍ରବଣ ହୋଇ କିଛି କରି ନାହାନ୍ତି କିମ୍ବା ଅସନ୍ତୋଷ ପ୍ରକାଶ କରି ନାହାନ୍ତି । କିନ୍ତୁ ଆପଣ ତାଙ୍କୁ ଦେଖିଲା ପରେ ଭାଙ୍ଗି ପଡ଼ିଛନ୍ତି । ମାନସିକ ଭାରସାମ୍ୟ ହରାଇଛନ୍ତି । ସଚେତନ ହୁଅନ୍ତୁ ଯେ ଏହାର

କୁ ପ୍ରଭାବ ଆପଣଙ୍କ ପରିବାର ଉପରେ ପଡ଼ିବ । ଭବିଷ୍ୟତରେ ଆପଣଙ୍କ ସ୍ତ୍ରୀ ବି ଏ କଥା ଜାଣି ପାରନ୍ତି । ଏବଂ ଆପଣଙ୍କ ଘରେ ବି ଏ ସବୁକୁ ନେଇ ଅଶାନ୍ତି ସୃଷ୍ଟି ହୋଇପାରେ । ଆପଣ ସେ ମହିଳାଙ୍କ ପାଇଁ ଆଦୌ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ । କାରଣ ସେ ତାଙ୍କ ଭବିଷ୍ୟତ ନିଜେ ହିଁ ସ୍ଥିର କରିଛନ୍ତି । ବରଂ ଭଲ ହେବ ଆପଣ ଦୁଇଜଣ ଦୁଇ ବନ୍ଧୁ ହିସାବରେ ଚଳିବାକୁ ଚେଷ୍ଟା କରନ୍ତୁ । ଏହା ହିଁ ଆପଣ ଦୁଇଜଣଙ୍କ ପାଇଁ ସୁବିଧା ଜନକ ହେବ ।

**ସମସ୍ୟା: ୫**

ମୁଁ ବାପାମାଆଙ୍କର ସାନ ଝିଅ । ମୋ ଉପରେ ଆଉ ଦୁଇ ଭଉଣୀ ଓ ଗୋଟିଏ ଭାଇ ଅଛନ୍ତି । ମୋତେ ମୋ ଘରେ ସମସ୍ତେ ବହୁତ ଭଲ ପାଆନ୍ତି । ମୁଁ ଭଲ ପାଠ ପଢୁଥିଲି, କାମ ବି କରୁଥିଲି । କିନ୍ତୁ ହଠାତ୍ ଗୋଟିଏ ପୁଅର ପ୍ରେମରେ ପଡ଼ିଗଲି । ଏବେ ମୁଁ ତାକୁ ବିବାହ କରି ସାରିଛି । କିନ୍ତୁ ବିବାହ ପରେ ଜାଣିଲି ଯେ ସେ ମୋତେ ଯାହା କହୁଥିଲେ ସବୁ ମିଛ । ଅନେକ ମିଛ କଥା କହି ସେ ମୋ ଆଗରେ ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିଥିଲେ । ଯାହା ମୁଁ ଏବେ ଜାଣିବାରୁ ମୋତେ ବହୁତ କଷ୍ଟ ହେଉଛି । ଏପରିକି ମୁଁ ଅନେକ ସମୟରେ ଜାଣି ପାରୁନି କଣ କରିବି । ନିଜେ ଭଲ ପାଇ ବିବାହ କରିଥିବାରୁ ମୁଁ ଘରେ ବି ଏକଥା କହି ପାରୁନି । ମନରେ ଅନେକ ଯନ୍ତ୍ରଣା ରହି ଥିବାରୁ ଅନେକ ସମୟରେ ମୋର ଦେହ ଖରାପ ହେଉଛି । ତେଣୁ ମୋତେ ଟିକିଏ ଠିକ୍ ମାର୍ଗ ଦର୍ଶାଇଲେ ଉପକୃତ ହେବି ।

**ସୁନୈନା ପାତ୍ର,** ଭୁବନେଶ୍ୱର

**ସମାଧାନର ସୂତ୍ର**

ତୁମେ ନିଜେ ଭଲ ପାଇକି ବାହା ହୋଇଛ । ବାହାଘର ପୂର୍ବରୁ ଓ ସେ ପୁଅ ବିଷୟରେ ସବିଶେଷ ବିବରଣୀ ଜାଣିବା ପାଇଁ ତୁମେ କୌଣସି ପ୍ରକାର ଚେଷ୍ଟା କଲନି । ତା କଥାରେ ଭାସିଯାଇ ତଥା ପ୍ରେମରେ ଅନ୍ଧ ହୋଇ ବାହା ହୋଇଗଲ । ଯେହେତୁ ତୁମେ ଘରେ ସବୁଠୁ ସାନ ଝିଅ ତେଣୁ ଘରେ ତୁମକୁ ସମସ୍ତେ ଭଲ ପାଆନ୍ତି । ତେଣୁ ତୁମ କଥାରେ ରାଜି ହୋଇ ସେ ପିଲା ସହିତ ତୁମର ବାହାଘର କରାଇ ଦେଲେ । ଏବେ ତୁମେ ପ୍ରକୃତ ସତ ଘଟଣା ସବୁ ଜାଣିଲା ପରେ କାହାକୁ ବି କହି ପାରୁନ । କାରଣ ତୁମ ଇଚ୍ଛା ଅନୁସାରେ ତୁମେ ବାହା ହୋଇଛ । ଘରେ କେହି ବି ତୁମର ଦୋଷ ଦେଇ ନାହାନ୍ତି ତେଣୁ ଏ କଥା ଘରେ କହିବାକୁ ନିଶ୍ଚିତ ଲାଜ ଲାଗିବ । ଅବା କହିବାକୁ ସାହସ ହେବ ନାହିଁ । ବାହାର ଲୋକମାନଙ୍କ ପାଖରେ ବି କହିବା ଆହୁରି କ୍ଷତିକାରକ । କିନ୍ତୁ କାହାକୁ କିଛି ନ କହି ଚୁପ୍ ରହିଲେ ତୁମେ ଆହୁରି ଯନ୍ତ୍ରଣା ପାଇବ । ତାହାଦ୍ୱାରା ସମସ୍ୟା ସମାଧାନ ହେବା ପରିବର୍ତ୍ତେ ଆହୁରି ବଢ଼ି ବଢ଼ି ଯିବ । ତେଣୁ ତୁମେ ମନରେ ସାହସ ଧରି ପରିବାର ଲୋକଙ୍କ ପାଖରେ ସବୁ ସତକଥା କହିଦେବା ଉଚିତ ହେବ । ଯେତେ ଡେରି ହେବ ଘଟଣା ଆହୁରି ଜଟିଳ ହୋଇପାରେ । ହଠାତ୍ ଏକଥା ଶୁଣିଲା ପରେ ଘରେ ହୁଏତ ସମସ୍ତେ ବ୍ୟସ୍ତ ହୋଇ ପଡ଼ିବେ । ମନଦୁଃଖ କରିବେ । କିନ୍ତୁ ତୁମେ ପ୍ରତିଦିନ ଯନ୍ତ୍ରଣା ଭୋଗିବା ଅପେକ୍ଷା ଘରେ ମନଖୋଲି କହି ଦେବାଟା ବୁଦ୍ଧିମାନର କାମ ହେବ । ସେହିମାନେ ହିଁ ତୁମକୁ ଏଥିରୁ ମୁକ୍ତି ପାଇବାର ବାଟ କାଢ଼ିବେ । ଏପରି ପରିସ୍ଥିତିରେ ତୁମେ ତୁମ ସ୍ୱାମୀଙ୍କୁ ଦୋଷାରପ କର ନାହିଁ କିମ୍ବା ଯୁକ୍ତି କର ନାହିଁ । ଏହାଦ୍ୱାରା ସମସ୍ୟା ଆହୁରି ବଢ଼ିବ । ଆଶା କରୁଛି ତୁମେ ଯେତେ ଶୀଘ୍ର ପାରିବ ଏଥିପାଇଁ ପଦକ୍ଷେପ ନେବ ।



# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।**



# ଡେଙ୍ଗୁଜ୍ୱରର କାରଣ ଓ ନିରାକରଣ



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ଆଦ୍ୟ ଶ୍ରାବଣର ବିହ୍ୱଳ ବାରିଧାରାରେ ପୃଥିବୀ ଆଜି ଆର୍ଦ୍ର - କେଉଁଠି ବିନ୍ଦୁ ବିନ୍ଦୁ ମେଘଫୁଲ ବର୍ଷି ଯାଉଛି ତ ଆଉ କେଉଁଠି ବାଦଲଫଟା ବର୍ଷାରେ ନଈ ନାଳ ଉଛୁଳି ଯାଉଛି । ବର୍ଷା ହେବାର ଆନନ୍ଦରେ କେଉଁଠି କୃଷକ ଧାନ ବିଲରେ ଶସ୍ୟ ଉତ୍ପାଦନରେ ବ୍ୟସ୍ତ ରହୁଛି ତ ଆଉ କେଉଁଠି କବି ତାର କଲମ ମୁନରେ କବିତା ଲେଖୁଛି, ଚିତ୍ରକର ତାର ତୂଳୀ ମୁନରେ ରଂଗ ଭରି ଚିତ୍ର ଆଂକୁଛି - ସଂଗୀତଜ୍ଞ ତାର ମଧୁର ସ୍ୱରରେ ମେଘ ମହ୍ଲାର ତୋଳି ବସୁଛି ଏବଂ ଆଉ କେହି କେହି ବର୍ଷଣ ମୁଖର ଅପରାହ୍ନରେ ଉଷ୍ଣ କଫି କପ୍‌ର ଧୂଆଁରେ ବର୍ଷାକୁ ମନଭରି ଉପଭୋଗ କରୁଛି - ସବୁଠାରେ ଆବାହନ କରାଯାଉଛି, ମୌସୁମୀକୁ ଏବଂ ବର୍ଷାର ମନୋମୁଗ୍ଧକାରୀ ଜଳ ବିନ୍ଦୁକୁ ।



କିନ୍ତୁ ମୌସୁମୀର ଏତେ ସବୁ ବିଚିତ୍ର ରଂଗ ଓ ବିଭିନ୍ନ ବର୍ଣ୍ଣ ମନକୁ ମଧୁର ଅନୁଭବରେ ଭରି ଦେଲେ ମଧ୍ୟ, ବର୍ଷା ଋତୁର ଆର୍ଦ୍ର ବାୟୁମଣ୍ଡଳ ଓ ପରିବେଶରେ ଏମିତି କେତେକ ରୋଗ ହୁଏ, ଯାହା ମଣିଷକୁ ଗୁରୁତର ଭାବେ ଅସୁସ୍ଥ କରିଦିଏ, ସେତେବେଳେ ନିରାପଦର ତରାଜୁରେ ବର୍ଷାର ସୌନ୍ଦର୍ଯ୍ୟ ଓ ତନ୍ମୟତା ଅପେକ୍ଷା ତାର ଭୀମକାନ୍ତ ରୂପ ବେଶୀ ଭୟଙ୍କର ହୋଇ ଉଠେ ।

ବର୍ଷାଋତୁରେ ମଶାଙ୍କର ବଂଶ ବୃଦ୍ଧି ସହ କେତେ ଗୁଡ଼ିଏ ଏମିତି ଆତଙ୍କକାରୀ ରୋଗ ସୃଷ୍ଟି ହୁଏ, ଯେଉଁଥିପାଇଁ ଟିକିଏ ସଜାଗ ନ ହେଲେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ, ତନ୍ମଧ୍ୟରୁ 'ଡେଙ୍ଗୁ ଜ୍ୱର' ଅନ୍ୟତମ । ଏହା ଏକ ଭୂତାଣୁଜନିତ ରୋଗ, ଯାହାର ଅନ୍ୟନାମ 'ଠେଙ୍ଗା ଜ୍ୱର' । ସାମାନ୍ୟ ଥଣ୍ଡାଜ୍ୱର ହୋଇଛି ବୋଲି କହି ଅନେକେ ତାକୁ ଅବହେଳା କରିଥାନ୍ତି ଏବଂ ଡାକ୍ତରଙ୍କ ପରାମର୍ଶ ନନେଇ କେବଳ ଜ୍ୱର କମିବା ପାଇଁ ପାରାସିଟାମଲ୍ ବଟିକା ଖାଇ ଦେଇଥାନ୍ତି, ଯେଉଁଥିରେ ବିପଦଜନକ ଅବସ୍ଥା ସୃଷ୍ଟି ହୋଇଥାଏ । ସେଥିପାଇଁ ଡେଙ୍ଗୁଜ୍ୱରର ଚିହ୍ନଟ ଓ ଚିକିତ୍ସା ପ୍ରାଥମିକ ଅବସ୍ଥାରୁ କରିହୁଏ ନାହିଁ - ତେଣୁ ବର୍ଷାଦିନରେ ଜ୍ୱର ହେବା ମାତ୍ରେ ଅନ୍ୟ ସବୁ ରକ୍ତ ପରୀକ୍ଷା ସହ ଡେଙ୍ଗୁର 'ଏଲାଇସା ଟେଷ୍ଟ' ମଧ୍ୟ କରିବା ଜରୁରୀ ।

ପ୍ରତିବର୍ଷ ୫ଶହ ଲକ୍ଷ ଲୋକ ଡେଙ୍ଗୁ ଜ୍ୱରରେ ଆକ୍ରାନ୍ତ ହେଉଛନ୍ତି ଓ ପାଂଚ ଲକ୍ଷ ଲୋକ ଚିକିତ୍ସାଳୟରେ ଭର୍ତ୍ତି ହେଉଛନ୍ତି । ସମଗ୍ର ଦକ୍ଷିଣ ଏସିଆ, ଆଫ୍ରିକା ଓ ଆମେରିକାରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଯାଏ । ପୁଣି ସେହି ଦେଶକୁ ଯେଉଁମାନେ ବୁଲିବାକୁ ଯାଆନ୍ତି ସେମାନେ ମଧ୍ୟ ଏ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଅଛି । ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ବର୍ଷ ବଢ଼ିବାରେ ଲାଗିଛି ।

ଲିଭର୍ ସଂକ୍ରମଣ ସାଧାରଣତଃ ମହିଳା ଓ ଶିଶୁମାନଙ୍କ ଠାରେ ବିଶେଷ ଭାବେ ଦେଖାଦିଏ ଏବଂ ଏମାନଙ୍କ କ୍ଷେତ୍ରରେ ଡେଙ୍ଗୁର ପ୍ରାଦୁର୍ଭାବ ବେଶି । ଡାଇବେଟିସ୍, ଆଜ୍‌ମା, କ୍ରୋନିକ୍ ଲିଭର୍ ଡିଜିସ୍ ଓ ଅନ୍ୟାନ୍ୟ ରୋଗୀଙ୍କୁ ଡେଙ୍ଗୁ ହେଲେ ଡେଙ୍ଗୁର ପ୍ରାଦୁର୍ଭାବ ବିଶେଷ ଭାବେ ଉପଲବ୍ଧ ହୁଏ ।

ମେଲେରିଆ ଓ ଡେଙ୍ଗୁ ଉଭୟେ ମଶା ଦ୍ୱାରା ସଂକ୍ରମିତ ହୁଏ । ଏହି ଜ୍ୱର ଫ୍ଲେଭିଭାଇରସ୍ ଭୂତାଣୁ ଦ୍ୱାରା ହୋଇଥାଏ । ଏହା ଏକ ଆରଏନ୍ଏ ଭୂତାଣୁ ଓ ଏହାର ଜିନୋମ୍ ଏକ ଧାରାବାହୀ । ସମ୍ପ୍ରତି ଡେଙ୍ଗୁର ଭୟାବହତା ରାଜ୍ୟର ବହୁ ସ୍ଥାନରେ ଦେଖା ଯାଇଛି । ଏହି ଭୂତାଣୁକୁ ବହନ କରୁଥିବା ମଶା ହେଉଛି ଏଡିଶ ଇଜିପ୍ଟି ଏବଂ ଏଡିଶ ଆଲବୋପିକଟସ୍ ।

ଏହି ମଶା କାମୁଡ଼ିବାର ପାଂଚ-ଛଅ ଦିନ ପରେ ଡେଙ୍ଗୁର ଲକ୍ଷଣ ଦେଖା ଯାଇଥାଏ । ଏହି ଭୂତାଣୁ ଶରୀରରେ ଚାରିରୁ ଦଶ ଦିନ ପର୍ଯ୍ୟନ୍ତ ରହିଥାଏ । ଡେଙ୍ଗୁ ଭୂତାଣୁ ଶରୀରର ବିଭିନ୍ନ ଅଙ୍ଗକୁ ଅଚଳ କରିଥାଏ । ଡେଙ୍ଗୁ ଯୋଗୁଁ ରକ୍ତଚାପ କମିଯାଏ, ଶରୀରରେ ପେଟ୍‌ଲେଟ୍ ହ୍ରାସ ପାଇଥାଏ । ଡେଙ୍ଗୁ ଭୂତାଣୁ ଜଣ୍ଡିସ୍ ରୋଗ ସୃଷ୍ଟି କରିବାର ସମ୍ଭାବନା ବି ରହିଛି । ଏହା ଯକୃତ, ବୃକକ୍, ମସ୍ତିଷ୍କ, ପେନ୍‌କ୍ରିୟାଜ୍ ଓ ହୃତ୍‌ପିଣ୍ଡ ଉପରେ ପ୍ରଭାବ ପକାଇଥାଏ । କେବଳ ସେତିକି ନୁହେଁ ଡେଙ୍ଗୁ ଯୋଗୁଁ ମଲ୍ଟି ଅର୍ଗାନ୍ ଫେଲ୍ୟୁଅର୍ ହେବାର ଆଶଙ୍କା ବି ରହିଛି । ଡେଙ୍ଗୁ ଭୂତାଣୁ ଯକୃତ ଉପରେ ବିଶେଷ ପ୍ରଭାବ ପକାଇଥାଏ । ଡେଙ୍ଗୁ ଯକୃତର ଏନ୍‌ଜାଇମ୍‌ଗୁଡ଼ିକ ବଢ଼ାଇଦିଏ । ଜଣ୍ଡିସ୍ ଦେଖାଦିଏ ଓ ଜଣ୍ଡିସ୍ ବଢ଼ିଗଲେ ଯକୃତ ପୁରାପୁରି ଅକାମୀ ହୋଇଯାଏ । ଏହାକୁ ଆକ୍ୟୁଟ୍ ଲିଭର୍ ଫେଲ୍ୟୁଅର୍ କୁହନ୍ତି ।


ବର୍ଷାଦିନେ ଖାଲଖମାରେ ପାଣି ଜମି ମଶା ବଂଶ ବୃଦ୍ଧି ଦ୍ୱାରା ଏହି ରୋଗ ବ୍ୟାପିଥାଏ । ବେଳେବେଳେ ଏଥିରେ କିଛି ଲକ୍ଷଣ ଦେଖାଦେଇ ନଥାଏ (ଆସିମଟୋମେଟିକ୍) । କିନ୍ତୁ ଲକ୍ଷଣ ସହ ଏହା ତିନି ପ୍ରକାରର ଦେଖା ଦେଇଥାଏ । (୧) କ୍ଲାସିକାଲ୍ ଡେଙ୍ଗୁଜ୍ୱର (୨) ଅଭିଘାତ ନଥିବା ହେମରେଜିକ୍ ଡେଙ୍ଗୁଜ୍ୱର (୩) ଅଭିଘାତ ସହ ହେମରେଜିକ୍ ଡେଙ୍ଗୁଜ୍ୱର ।

**୧. କ୍ଲାସିକାଲ୍ ଡେଙ୍ଗୁଜ୍ୱର:** ଏହାର ଅନ୍ୟନାମ ହେଉଛି ହାଡଭଙ୍ଗା ଜ୍ୱର

ବା ବ୍ରେକ୍‌ବୋନ୍ ଫିଭର୍ । ଡେଙ୍ଗୁଜ୍ୱର ଆରମ୍ଭ ହେବା ପୂର୍ବରୁ ଦୀର୍ଘ ୫ ଦିନ ପର୍ଯ୍ୟନ୍ତ ରୋଗୀର ଶରୀରରେ ଏହି ଭୂତାଣୁ ଥାଏ ଏବଂ ଏହି ସମୟରେ ରୋଗୀକୁ କାମୁଡ଼ିବା ଦ୍ୱାରା ମଶା ଦେହକୁ ଏହା ଯାଇଥାଏ । ମଶା ଦେହରେ ୮-୧୦ ଦିନ ରହିବା ପରେ ମଶାଟି ସାରା ଜୀବନ ସଂକ୍ରମିତ ହୋଇ ରହିଥାଏ ଏବଂ ଯେକୌଣସି ସୁସ୍ଥ ଲୋକକୁ କାମୁଡ଼ିଲେ ସୁସ୍ଥ ଲୋକଟି ଡେଙ୍ଗୁ ଜ୍ୱର ଦ୍ୱାରା ଆକ୍ରାନ୍ତ ହୋଇଥାଏ । ଏହା ସବୁ ବୟସର ଲୋକଙ୍କୁ ଏବଂ ସ୍ତ୍ରୀ ଓ ପୁରୁଷଙ୍କୁ ସମାନ ଭାବରେ ସଂକ୍ରମଣ କରିଥାଏ । ମଶା କାମୁଡ଼ିବାର ୫-୭ ଦିନ ପରେ ଡେଙ୍ଗୁ ଜ୍ୱରର ଲକ୍ଷଣ ଦେଖାଯାଏ । ଏଥିରେ ଅତ୍ୟଧିକ ଜ୍ୱର ସହ ମୁଣ୍ଡ ବିନ୍ଧା, ମାଂସପେଶୀ ବିନ୍ଧା ଓ ଆଣ୍ଠୁଗଣ୍ଠି ଦରଜ ହୋଇଥାଏ । ତେଣୁ ରୋଗୀ ଚାଲ ବୁଲ କରିପାରେ ନାହିଁ । ୨୪ ଘଂଟା ମଧ୍ୟରେ ଆଖିର ବ୍ୟଥା ଆରମ୍ଭ ହୋଇଯାଏ । ଆଖି ବୁଲାଇଲେ ଓ ଆଖି ଉପରେ ଚାପ ଦେଲେ ବ୍ୟଥା ହୋଇଥାଏ ଏବଂ ବେଳେବେଳେ ଆଲୁଅ ପଡିଲେ ରୋଗୀ କିଛି ଦେଖିପାରେ ନାହିଁ । (ଫଟୋଫୋବିଆ) । ଏଥିରେ ଅତିରିକ୍ତ ଦୁର୍ବଳ ଲାଗିବା ସହ, ଭୋକ ହୁଏ ନାହିଁ କି ରୋଗୀକୁ କିଛି ଖାଇବାକୁ ଇଚ୍ଛା ହୁଏ ନାହିଁ । ପେଟ ଦରଜ, ପେଟ ବ୍ୟଥା, କୋଷ୍ଠକାଠିନ୍ୟ ହୋଇଥାଏ । ଜ୍ୱର ୩୯° ରୁ ୪୦° ସେଂଟିଗ୍ରେଡ୍ ଯାଏ ହୋଇଥାଏ ଏବଂ ବେଳେବେଳେ ଜ୍ୱର ପ୍ରାୟ ଦିନେ ଦୁଇ ଦିନ ପରେ ଓହ୍ଲାଇ ଯାଇଥାଏ । (ବାଇଫେଜିକ୍ କର୍ଭ) । ମୋଟ୍ ଉପରେ ରୋଗୀ ଏକ ମାନସିକ ଅବସାଦ ସ୍ତରକୁ ଚାଲିଯାଏ । ରୋଗୀ ଦେହରେ ଛୋଟ ଛୋଟ ବିନ୍ଦୁ ବିନ୍ଦୁ ନାଲି ଚିହ୍ନ ଦେଖାଯାଏ । ଏଭଳି ନାଲି ଚିହ୍ନ ବିଶେଷ ଭାବରେ ଛାତି, ପିଠି ଓ ଅଂଟାରେ ହୋଇଥାଏ ଏବଂ ହାତ ଓ ଗୋଡ ଆଡକୁ ମାଡି ଯାଇଥାଏ । ଏହା କୁଣ୍ଡାଇ ହୋଇଥାଏ ଏବଂ ଛୁଇଁଲେ କଷ୍ଟ ହୋଇଥାଏ । ୨-୭ ଦିନ ଭିତରେ ଏହି ଦାଗ ଲିଭି ଯାଇଥାଏ ବା ବେଳେବେଳେ ଚୋପା ଛାଡ଼ିଥାଏ । ଜ୍ୱର ମଧ୍ୟ ୫-୭ ଦିନ ମଧ୍ୟରେ ଛାଡ଼ିଯାଇଥାଏ । କିନ୍ତୁ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହେବା ପାଇଁ ୨ ସପ୍ତାହ ଲାଗି ଯାଇଥାଏ ।


**୨. ଅଭିଘାତ ନଥିବା ହେମରେଜିକ୍ ଡେଙ୍ଗୁଜ୍ୱର:** ଗୋଟିଏରୁ ଅଧିକ ଡେଙ୍ଗୁ ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଲେ, ଗୁରୁତର ଡେଙ୍ଗୁ ଜ୍ୱର ବା ଡେଙ୍ଗୁ ହେମରେଜିକ୍ ଜ୍ୱର ହୋଇଥାଏ । ସାଧାରଣତଃ ଦୁଇ ଦୁଇ ଥର ଡେଙ୍ଗୁ ଭୂତାଣୁର ସଂକ୍ରମଣ ଦ୍ୱାରା ଏହା ହୋଇଥାଏ ।

**ଲକ୍ଷଣ**



CLASSICAL (SIMPLE) DENGUE FEVER

ମଶା କାମୁଡ଼ିବାର ୪-୬ ଦିନ ପରେ, ଭୀଷଣ ଜ୍ୱର ହେବା ସହ ମୁହଁ ଲାଲ୍ ପଡିଯାଏ ଏବଂ ମୁଣ୍ଡ ବିନ୍ଧା ସହ ଏହା ଆରମ୍ଭ ହୁଏ । ଏଥିରେ ଭୋକ ଲାଗେ ନାହିଁ, ବାନ୍ତି, ପେଟ ବ୍ୟଥା, ବେଳେବେଳେ ସାରା ପେଟ ଦରଜ ହୋଇ କଷ୍ଟ ହୁଏ । ଏଥିରେ ଛୋଟ ଛୋଟ ଲାଲ୍ ଲାଲ୍ ବିନ୍ଦୁ ସାରା ଶରୀରରେ ଦେଖା ଦିଏ । ଏହି ପ୍ରକାରର ଡେଙ୍ଗୁ ଜ୍ୱରରେ ରକ୍ତରେ ହିମାଟୋକ୍ରିଟ୍ ଲେଭେଲ୍ ବଢ଼ିଯାଏ ଏବଂ ପ୍ଲେଟ୍‌ଲେଟ୍ କମିଯାଏ (ଥ୍ରମ୍ବୋସାଇଟୋପିନିଆ ) । ଏହି ପ୍ଲେଟଲେଟ୍ କାଉଂଟ୍ ଏକ ଲକ୍ଷରୁ କମି କମି ବେଳେବେଳେ ୨୫-୩୦ ହଜାର ମଧ୍ୟ ହୋଇଥାଏ । ଏଥିରେ ଜ୍ୱର ହେବା ସହ, ଦେହର ଚାରିଆଡେ ନାଲି ନାଲି ରାସ୍ ହୋଇଯାଏ । କେତେକଙ୍କର ନାକରୁ ଓ ପାଟିରୁ ରକ୍ତସ୍ରାବ ହୁଏ ଏବଂ ରକ୍ତ ବାନ୍ତି ଓ କଳାଝାଡା ହୁଏ ଏବଂ ଯକୃତ (ଲିଭର୍) ବଢ଼ିଯାଏ । ଏହା ୪ ପ୍ରକାରର ଦେଖା ଦିଏ ।



HEMORRHAGIC FEVER

**ଗ୍ରେଡ୍ - ୧ :** ଏଥିରେ ଜ୍ୱର ହେବା ସହ ପଜିଟିଭ୍ ଟର୍ନିକେଟ୍ ଟେଷ୍ଟ୍ ଥାଏ । ବ୍ଲଡ୍‌ପ୍ରେସର୍ କଫ ରୋଗୀର ହାତରେ ବାନ୍ଧିଲେ ନାଲି ନାଲି ଚିହ୍ନ ଦେଖା ଦେଇଥାଏ ।

**ଗ୍ରେଡ୍ - ୨ :** ଗ୍ରେଡ୍ ୧ ର ଲକ୍ଷଣ ସହ , ଶରୀରର ଚାରିଆଡେ ନାଲି ଚିହ୍ନ ଦେଖାଦିଏ ।


**ଗ୍ରେଡ୍ - ୩ :** ନାଡିର ଗତି କ୍ଷୀଣ ହୋଇ ରକ୍ତଚାପ କମିଯାଏ ଏବଂ ଗୋଡ ହାତ ଥଣ୍ଡା ହୋଇଯାଏ ।

**ଗ୍ରେଡ୍ - ୪ :** ଏଥିରେ ରକ୍ତଚାପ କମିଯାଇ ନାଡି କ୍ଷୀଣ ହୋଇଯାଏ ଏବଂ ରୋଗୀକୁ ଅଭିଘାତ ବା ସକ୍ ହୁଏ ।

୩. ଅଭିଘାତ ସହ ହେମରେଜିକ୍ ଡେଙ୍ଗୁଜ୍ୱର (ଡେଙ୍ଗୁ ସକ୍ ସିଣ୍ଡ୍ରୋମ୍): ଏଥିରେ ଉପରୋକ୍ତ ସମସ୍ତ ଲକ୍ଷଣ ସହ, କ୍ଷୀଣ ନାଡି ଓ ରକ୍ତଚାପ କମିଯିବା ସହ ରୋଗୀର ଦେହ ଥଣ୍ଡା ହୋଇଯାଇ ଶକ୍ ହୁଏ ।

ବେଳେବେଳେ ଗର୍ଭବତୀ ନାରୀମାନେ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହେବାର ସମ୍ଭାବନା ଅଛି । ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିଯିବା ଯୋଗୁଁ ଡେଙ୍ଗୁ ଜ୍ୱର ହେଲେ ସେମାନେ ଖୁବ୍ ସିରିୟସ୍ ହୋଇଯାନ୍ତି । ଡେଙ୍ଗୁ ଭୂତାଣୁ ଦ୍ୱାରା ଆକ୍ରାନ୍ତ ଗର୍ଭବତୀ ମହିଳାଙ୍କର ଅତ୍ୟଧିକ ଜ୍ୱର ହେବା ଯୋଗୁଁ ପ୍ରଥମ ୩ ମାସରେ ଗର୍ଭପାତ ହେବାର ଭୟ, ୮ ମାସରେ ଅପରିଣତ ପ୍ରସବ ତଥା ଗର୍ଭରେ ଶିଶୁ ମୃତ୍ୟୁ ଏବଂ ପ୍ରସବ ସମୟରେ ମଧ୍ୟ ରୋଗିଣୀ ସିରିୟସ୍ ହେବାର ଭୟ ଅଛି । ତେଣୁ ଡେଙ୍ଗୁ ଆକ୍ରାନ୍ତ ଅଂଚଳରେ ଥିବା ଗର୍ଭବତୀ


ମହିଳାମାନେ ମଶାରି ଟାଙ୍ଗି ଶୋଇବା ଉଚିତ୍ ଏବଂ ଘର ଆଖପାଖ ପରିମଳ ବ୍ୟବସ୍ଥାକୁ ଉନ୍ନତ କରିବା ଜରୁରୀ ।




## ଚିକିତ୍ସା

କେବଳ ଡେଙ୍ଗୁ ଜ୍ୱର ହେଲେ ରୋଗୀକୁ ବିଶ୍ରାମ ଦେବା ସହ ଜ୍ୱର କମିବା ପାଇଁ ପାରାସିଟାମଲ୍ ଟାବ୍‌ଲେଟ୍ ଦେବା ଉଚିତ୍ । ଥଣ୍ଡା ପାଣିରେ ସ୍ୱିଂ କଲେ ବା ପୋଛି ଦେଲେ ଜ୍ୱର କମିଯାଏ । ଆସ୍‌ପିରିନ୍ ବଟିକା ଆଦୌ ଦେବା ଠିକ୍ ନୁହେଁ । ଏହାଛଡା ପାଟି ବାଟେ ପ୍ରଚୁର ପାଣି, ସୁପ୍ ବା ଇଲେକ୍‌ଟ୍ରାଲ୍ ପାଉଡର୍ ପାଣି ଦେବା ଉଚିତ୍ । ଡେଙ୍ଗୁ ହେମରେଜିକ୍ ଜ୍ୱରରେ ପ୍ଲାଜ୍‌ମା, ଟ୍ରାନ୍ସଫ୍ୟୁଜନ୍ ପରିମାଣ କମିଯାଇ ଥିବାରୁ ପ୍ଲାଜ୍‌ମା ଓ ଶିରାରେ ସାଲାଇନ୍ ଦେବା ଆବଶ୍ୟକ ପଡିଥାଏ । ତେବେ ଡେଙ୍ଗୁ ହେମ୍‌ରେଜିକ୍ ଭୟାବହତା ଦୃଷ୍ଟିରୁ ସେମାନଙ୍କୁ ହସ୍‌ପିଟାଲ୍‌ରେ ଆଡ୍‌ମିଶନ୍ କରି ଭେଷଜ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇବା ଜରୁରୀ ।

ତେବେ ପ୍ରତ୍ୟେକ ଜ୍ୱର ରୋଗୀଙ୍କର ମ୍ୟାଲେରିଆ ପରୀକ୍ଷା ସହ ଡେଙ୍ଗୁ ଜ୍ୱର ପାଇଁ ମଧ୍ୟ ଏଲାଇସା ଟେଷ୍ଟ୍ କରିବା ଜରୁରୀ । ଚିକିତ୍ସା ଅପେକ୍ଷା ନିରାକରଣ ପାଇଁ ପଦକ୍ଷେପ ମାନ ନେବା ଉଚିତ୍ । ବର୍ଷା ଦିନରେ ଘର ପାଖରେ ଥିବା ଖାଲ, ଅବ୍ୟବହୃତ ଟାୟାର୍ , ଘରେଥିବା ଭଙ୍ଗା ଟିଣ, ଗିନା, କୁଲର୍‌ରେ ପାଣି ଜମିବାକୁ ଦିଆଯିବା ଉଚିତ୍ ନୁହେଁ । ଏଥିରେ ମଶା ବଂଶ ବୃଦ୍ଧି ପାଇଥାଏ । ତେଣୁ ଘର ଆଖ ପାଖ ତଥା ଘର ଭିତର ପରିଷ୍କାର ରଖିବା ଦରକାର । ରାତିରେ ଶୋଇବା ସମୟରେ ମଶାରୀ ବ୍ୟବହାର କରିବା ଉଚିତ୍ । ଯେଉଁମାନେ ଦିନରେ ବିଶ୍ରାମ କରିବା ଦରକାର, ସେମାନେ ମଧ୍ୟ ମଶାରୀ ବ୍ୟବହାର କରିବା ସହ ମଶା ରିପେଲେଂଟ୍, କ୍ରିମ୍ ଓ ମଶା ଧୂଆଁ ଓ ଝୁଣା ଧୂଆଁ ଆଦି ଦେବା ଉଚିତ୍ । ମୋଟ୍ ଉପରେ ଘରର ଚାରି ପାଖରେ ମଶା ମାରିବା ତେଲ ବ୍ୟବହାର କରିବା ଦରକାର । ସରକାର ମଧ୍ୟ ଏ ପରିସ୍ଥିତିରେ ଗାଁ ଗହଳ ପରିଷ୍କାର ପରିଚ୍ଛନ୍ନ କରିବା ସହ ମଶା ତେଲ ପକାଇବା ଏବଂ ସମସ୍ତଙ୍କୁ ମଶାରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେବା ଉଚିତ୍ । ଏଥିପାଇଁ ଗାଁ ଗହଳରେ ତଥା ସହରରେ ଡେଙ୍ଗୁ ସଚେତନତା ପାଇଁ କାର୍ଯ୍ୟକ୍ରମ ହେବା ଉଚିତ୍ । ଡେଙ୍ଗୁ ରୋଗର ଭୟାବହତା ଦୃଷ୍ଟିରୁ ସ୍କୁଲ, କଲେଜ ଏବଂ ସବୁ ସ୍ତରରେ ସଚେତନ ଶୋଭାଯାତ୍ରା ବା ରାଲି ଚାଲିବା ଜରୁରୀ । ଏହାଛଡା ସରକାର ଜନସଚେତନତା ପାଇଁ 'ଡେଙ୍ଗୁ ରଥ' ମଧ୍ୟ ପ୍ରଚଳନ କରିଥାନ୍ତି । ଏହି ଡେଙ୍ଗୁ ରଥ ଦ୍ୱାରା ଲୋକେ ଡେଙ୍ଗୁ ଜ୍ୱର ବିଷୟରେ ଅନେକ ନୂତନ ତଥ୍ୟ ଜାଣି ପାରିଥାନ୍ତି । ଡେଙ୍ଗୁ ଜ୍ୱରର ସଚେତନତା ପାଇଁ ତଥା ସାରା ରାଜ୍ୟରେ ଆତଂକ ସୃଷ୍ଟି କରିଥିବା ଡେଙ୍ଗୁ ରୋଗର ନିୟନ୍ତ୍ରଣ ପାଇଁ ସବୁ ଜିଲ୍ଲା ସଦର ମହକୁମାରେ ଗୋଟିଏ ଲେଖାଏଁ ଡେଙ୍ଗୁ କଂଟ୍ରୋଲ୍ ରୁମ୍ ଖୋଲାଯିବା ଉଚିତ୍ ।



DENGUE SYOK SYNDROME

କଂଟ୍ରୋଲ ରୁମ୍ ସଂପୃକ୍ତ ଜିଲ୍ଲାରେ ଡେଙ୍ଗୁ ନିୟନ୍ତ୍ରଣ ଓ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ ଦିଗରେ କାର୍ଯ୍ୟ କରିବ । ଗାଁ ସ୍ତରରେ ଆଶା, ସ୍ୱୟଂସହାୟକ ଗୋଷ୍ଠୀ ଓ ପି.ଆର୍.ଆଇ. ସଦସ୍ୟମାନେ ଡେଙ୍ଗୁ ଜ୍ୱର ଉପରେ ନଜର ରଖିବେ । ସମସ୍ତ ମେଡିକାଲ୍ ଅଫିସର୍ ଏଥିପାଇଁ ସଜାଗ ରହିବେ । ଯେଉଁ ଗାଁ ଡେଙ୍ଗୁ ଦ୍ୱାରା ପ୍ରଭାବିତ ହୋଇଛନ୍ତି ସେଠାରେ ମଶା ବଂଶ ବିଲୋପ କରିବାକୁ ସଫେଇ କରାଯିବ ।




ଏଥିସହିତ ଲୋକମାନଙ୍କ ମଧ୍ୟରେ ଏହି ଜ୍ୱର ନେଇ ସଚେତନତା ସୃଷ୍ଟି କରିବାକୁ ମଧ୍ୟ ପଦକ୍ଷେପମାନ ଗ୍ରହଣ କରାଯିବ । ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ କମିଟି ଗଠନ କରି ଘରଘର ବୁଲି ସଫେଇ କାର୍ଯ୍ୟ କରିବା ସହ ତାହାର ତଦାରଖ କରାଯିବା ସହ ସପ୍ତାହରେ ଥରେ 'ଡ୍ରାଏ ଡେ' ପାଳନ କରିବା ମଧ୍ୟ ଜରୁରୀ । ଏହି ପରିମଳ ବ୍ୟବସ୍ଥା ଉଚିତ୍ ଢଙ୍ଗରେ କାର୍ଯ୍ୟକାରୀ ହେଲେ କେବଳ ଡେଙ୍ଗୁ ନୁହେଁ ମ୍ୟାଲେରିଆ ଓ ଚିକେନ୍‌ଗୁନିଆ ଭୟକୁ ମଧ୍ୟ ଦୂରେଇ ଦିଆଯାଇ ପାରିବ ।

ଡେଙ୍ଗୁର ଚିକିତ୍ସା, ରକ୍ତପରୀକ୍ଷା ନିମନ୍ତେ ରାଜ୍ୟର ସମସ୍ତ ଜିଲ୍ଲା ହସ୍‌ପିଟାଲ୍‌ରେ ଆବଶ୍ୟକ ବ୍ୟବସ୍ଥା ରହିଛି । ତିନୋଟି ମେଡିକାଲ୍ କଲେଜରେ ଡେଙ୍ଗୁ ରୋଗର ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ଭିତି ଭୂମି ଯୋଗାଇ ଦେବା ସହ ଭବିଷ୍ୟତରେ ଯେପରି ଡେଙ୍ଗୁରୋଗ ନ ବ୍ୟାପେ ସେଥିପାଇଁ ବ୍ୟାପକ ସଚେତନ କରିବା ପାଇଁ ପଦକ୍ଷେପ ନେବା ଉଚିତ୍ । ଡେଙ୍ଗୁ ପାଇଁ ଭାକ୍‌ସିନ୍ ବା ଟୀକା ଏଯାଏଁ ବାହାରି ନାହିଁ । ତେଣୁ କେବଳ ସଚେତନତା ଓ ପରିବେଶର ପରିଷ୍କାର ଓ ପରିଚ୍ଛନ୍ନତା ହିଁ ଏତେ ବଡ ଗୁରୁତର ରୋଗରୁ ସମସ୍ତଙ୍କୁ ରକ୍ଷା କରିପାରିବ ଏଥିରେ ସନ୍ଦେହ ନାହିଁ ।

# ମୌସୁମୀର ମୁଖଶ୍ରୀ



# ବର୍ଷାଋତୁରେ ଦହି ଫେସିଆଲ୍






**ସସ୍ମିତା ମେହେର**

ବିୟୁଟିସିଆନ୍, ସୋନ୍‌ପୁର

ଫୋନ : ୯୪୩୭୯୭୭୩୮୭


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ବର୍ଷାଋତୁରେ ଆର୍ଦ୍ର ଜଳବାୟୁ ଆଉ ମଶା, ମାଛି ଆଦି ଜୀବାଣୁ ଠୁ ନିଜକୁ ବଞ୍ଚେଇବା ପାଇଁ ଅଧିକ ଯତ୍ନଶୀଳ ରହିବା ନିହାତି ଜରୁରୀ । ଯଥାସମ୍ଭବ ପରିବେଶକୁ ସଫା ରଖି ନିଜ ଶରୀରର ଯତ୍ନ ନେବା ଦରକାର । ଏ ଋତୁରେ ଫଙ୍ଗାଲ୍ ଇନ୍‌ଫେକ୍‌ସନ୍‌ର ଡର ଅଧିକ । ଗାଧୋଇଲା ସମୟରେ ହାଲ୍‌କା ଉଷୁମ୍ ପାଣିରେ ନିମ୍ବପତ୍ର କେତୋଟି ପକେଇ ରଖି ସେଇ ପାଣିରେ ଗାଧୋଇବା ଉଚିତ । ଶରୀରକୁ ଭଲ ଭାବରେ ପୋଛି, ପାଉଡ଼ର ଲଗାଇବା ସହ ଯେତେ ସମ୍ଭବ ହାଲ୍‌କା ସୂତା ଲୁଗା ହିଁ ପିନ୍ଧିବେ ।

### ବର୍ଷାଋତୁରେ ମୁହଁର ତ୍ୱଚା ପାଇଁ କ'ଣ କରିବା ?

**୧. କ୍ଲିଞ୍ଜିଙ୍ଗ୍ ୨. ଟୋନିଙ୍ଗ୍ ୩. ମଏଶ୍ଚରାଇଜିଙ୍ଗ୍ ଠିକ୍ ଢଙ୍ଗରେ କରିବା ।**

୧. କ୍ଲିଞ୍ଜିଙ୍ଗ୍ : ମାର୍କେଟରୁ କ୍ଲିଞ୍ଜର୍ ଆଣି ବ୍ୟବହାର କରିବାକୁ ଚାହୁଁଥିଲେ ହିମାଳୟର ନିମ୍ ଫେସ୍‌ୱାଶ୍ ଆଉ ବାଇଓଟିକ୍ ଫେସ୍‌ୱାଶ୍ ଭଲ, ସବୁଠୁ ଭଲ ଟିଟ୍ରି ଫେସ୍‌ୱାଶ୍ । ଘରୋଇ କ୍ଲିଞ୍ଜର୍ ହିସାବରେ ଆମେ ଦୁଇ ଚାମୁଚ୍ ବେସନ, କିଛି ଗ୍ରିନ୍ ଟି, ଆଉ ଶୁଖିଲା ନିମ୍ବପତ୍ର ମିଶେଇ ବ୍ୟବହାର କରିପାରିବା ।

୨. ଟୋନିଙ୍ଗ୍: ଏଇ ଋତୁରେ ଟୋନର୍ ପାଇଁ ଆମେ ଗ୍ରିନ୍-ଟିର ପାଣିରେ ଗୋଲାପ ଜଳ ମିଶେଇ ବୋତଲରେ ରଖିବା । କ୍ଲିଞ୍ଜିଙ୍ଗ୍ କରିବା ପରେ ସେଇ ଟୋନର୍‌କୁ ତୁଳାରେ ଥାପି ଥାପି ଲଗାଇବା ।


୩. ମଏଶ୍ଚରାଇଜର୍: ଚାହିଁଲେ ଲାକୋକାଲାମାଇନ୍‌ର ମଏଶ୍ଚରାଇଜର୍ ବ୍ୟବହାର କରିବା ଭଲ ।

ଘରୋଇ ମଏଶ୍ଚରାଇଜର୍ ପାଇଁ ଏଲୋଭେରା ଜେଲ୍‌ରେ ମିଲ୍‌କ୍ ପାଉଡ଼ର ମିଶେଇବା । ଏଇ ମଏଶ୍ଚରାଇଜର୍ ବର୍ଷାରେ ଚିପ୍‌ଚିପ୍ ଲାଗିବନି, ଆଉ ଆଣ୍ଟି ଏଜିଙ୍ଗ୍‌ର କାମ ଦେବ ।

### ବର୍ଷାରେ କେଶର ଯତ୍ନ

ଏଇ ଋତୁରେ ହ୍ୟୁମିଡିଟି ପାଇଁ କେଶ ମୂଳ ଦୁର୍ବଳ ହେଇ ଚୁଟି ବେଶି ଉପୁଡ଼େ । କେଶମୂଳ ଶୁଖିଲା ନରଖି ତେଲ ମସାଜ୍ କରିବା ଭଲ । ଏଇ ଋତୁରେ କେଶକୁ ବେଶି ଲମ୍ବା ନରଖି ଛୋଟ କରିଦେବା ଭଲ । ରିବୋଣ୍ଡିଙ୍ଗ, ଷ୍ଟ୍ରେଟେନିଙ୍ଗ ଆଉ କଲର ନକରିବା ଭଲ । ବର୍ଷାରେ କେଶ ଓଦା ହୋଇଗଲେ ଶାମ୍ପୁ କରି ତଉଲିଆରେ ଶୁଷ୍କ କରିବା ଠିକ୍ । ହେୟାର୍ ଡ୍ରାୟର୍ କରିବାକୁ ଚାହିଁଲେ କୁଲ୍ ଡ୍ରାଏ କରିପାରିବେ । ଚୁଟିକୁ ଟାଇଟ୍ କରି ବାନ୍ଧିବା ଠିକ୍ ନୁହେଁ । ଢିଲା ରଖି ଯାହା ହେୟାର୍ ଷ୍ଟାଇଲ୍ କରିପାରିବେ । ଚୁଟି ମୂଳରେ ଲଟିଙ୍ଗ୍ ହେଲେ ଏଲୋଭେରା ଜେଲ୍ ଲଗାଇ ଟିକିଏ ପରେ ଧୋଇଦେବେ ।

**ଶେଷରେ:** ବର୍ଷାଋତୁରେ ଶୋଷ ନହେଲେ ବି ମନେ ପକେଇ ବେଶି ପାଣି ପିଇବା, ଛଣାଛଣି ଆଉ ବାହାର ଖାଇବା ବନ୍ଦ କରିବା ଉଚିତ । ମାସରେ ଥରେ କି ଦୁଇଥର ପେଡ଼ିକିଓର୍ କରେଇ ନେବା ଭଲ ।



# ସ୍ୱାସ୍ଥ୍ୟପ୍ରଦ ଓ ସ୍ୱାଦିଷ୍ଟ



# ଦୁଇଟି ବ୍ୟଞ୍ଜନ




**ରିମି ଦାସ**

ମାର୍ଫତ: ଡକ୍ଟର ଜୟନ୍ତ ଦାସ
ସହକାରୀ ପ୍ରଫେସର୍, ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ଫୋନ:୯୫୫୬୫୯୭୭୭୩


ଫଟୋ ସୌଜନ୍ୟ : ଲେଖିକା

## କଞ୍ଚା କଦଳୀର କୋଫ୍ତା



ଆବଶ୍ୟକ ଉପକରଣ: ସିଝା ହୋଇଥିବା କଂଚା କଦଳୀ- ୨ଟା, ସିଝା ଆଳୁ- ୨ଟା, ଅଦା, ରସୁଣ ଏବଂ କଂଚାଲଙ୍କା ଛେଚା- ୧ ଚାମଚ, ଲୁଣ- ସ୍ୱାଦ ଅନୁସାରେ, ହଳଦୀ, ଜିରା ଗୁଣ୍ଡ, ବେସନ ପରିମାଣ ଅନୁସାରେ, ରିଫାଇନ୍ ତେଲ ଅଳ୍ପ ।

ଅଦା, ରସୁଣ ଓ ପିଆଜ ବଟା ୨ ଚାମଚ, ୧ ଚାମଚ ଟମାଟୋ- ଚାର୍‌ମଗଜ( ୧ ଚାମଚ)- କାଜୁ ୬ଟା ଏକା ସାଂଗରେ ବଟା, ଲୁଣ, ହଳଦୀ, ଚିନି, ହେଙ୍ଗୁ, ଗୋଟା ଜିରା (ହାଫ୍ ଚାମଚ), ତେଜ ପତ୍ର ( ୨ଟା), ଶୁଖିଲା ଲଙ୍କା ( ୨ଟା), ଜିରା ଗୁଣ୍ଡ, ଗରମ ମସଲା ଗୁଣ୍ଡ, ଘିଅ, ଫ୍ରେସ୍ କ୍ରିମ୍, ରିଫାଇନ୍ ତେଲ ।

**ପ୍ରସ୍ତୁତି ପ୍ରଣାଳୀ :** ସବୁ ଉପକରଣ ଏକା ସାଂଗରେ ଭଲ କରି ମିଶେଇ ଚକଟି ଦେବା ପରେ ଗୋଲ୍ ଗୋଲ୍ କରି ରିଫାଇନ୍ ତେଲରେ ଛାଣନ୍ତୁ । ବାଦାମୀ ରଙ୍ଗ ହେଇ ଆସିଲେ ବାହାର କରିଦିଅନ୍ତୁ । ଏଥର କଡେଇରେ ତେଲ ଗରମ କରି ସେଥିରେ ଶୁଖିଲା ଲଙ୍କା, ଜିରା, ତେଜପତ୍ର, ଫୁଟଣ ଦେଇ ଅଦା, ରସୁଣ, ପିଆଜ ବଟା ପକାନ୍ତୁ । ଟିକିଏ ସମୟ କଷନ୍ତୁ । ୨/୩ ମିନିଟ୍ କଷିବା ପରେ ସେଥିରେ କାଜୁ, ମଗଜ ଓ ଟମାଟୋ ବଟା ପକାନ୍ତୁ । ଆବଶ୍ୟକ ଅନୁସାରେ ଲୁଣ, ହଳଦୀ, ଜିରା ଗୁଣ୍ଡ, ହେଙ୍ଗୁ ପକାଇ ଭଲ ଭାବେ କଷନ୍ତୁ । ମସଲା କଷା ହୋଇଯିବା ପରେ ସେଥିରେ ପାଣି ଓ ଅଳ୍ପ ଚିନି ଦିଅନ୍ତୁ । ପାଣି ଭଲଭାବେ ଫୁଟିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନେ ରଖିବେ, କୋଫ୍ତାଗୁଡିକୁ କଡେଇରେ ଦେଇ ଫୁଠାଇବେ ନାହିଁ । ମସଲାରୁ ପାଣି କମି ଆସିଲେ ଗ୍ୟାସ୍ ବନ୍ଦ୍ କରି କଡେଇରେ ଥିବା ମସଲାରେ କୋଫ୍ତାଗୁଡିକୁ ପକାନ୍ତୁ । ତା’ ଉପରେ ଘିଅ, ଗରମ ମସଲା ଓ ଫ୍ରେସ୍ କ୍ରିମ୍ ୨ ଚାମୁଚ୍ ଦେଇ କିଛି ସମୟ ଢାଙ୍କି ରଖନ୍ତୁ । କୋଫ୍ତାଗୁଡିକ ପ୍ରଥମେ ବାହାର କରି ତା ଉପରେ ମସଲା ଗ୍ରେଭିକୁ ଢାଳି ପରଷନ୍ତୁ ।

## ତାଳର ମୋହନକ୍ଷୀର

**ଆବଶ୍ୟକ ସାମଗ୍ରୀ :** ପାଚିଲା ତାଳ ରସ ୨ କପ୍, ସୁଜି ଅଧ କପ୍, କ୍ଷୀର ୧ ଲିଟର, ଚିନି- ୧ କପ୍, ତେଜ ପତ୍ର ୩ଟା, ଅଳେଇଚ ୩ଟା, କାଜୁ ୧୦୦ ଗ୍ରାମ, ଘିଅ ୨ ଚାମୁଚ୍ ।

**ପ୍ରଣାଳୀ :** ପ୍ରଥମେ ୨ ଚାମୁଚ୍ ଘିଅରେ ସୁଜିକୁ ଭଲ ଭାବେ ଭାଜି ବାହାର କରି ନେବେ । ଏହାପରେ ସେଇ କଡେଇରେ ସଂପୂର୍ଣ୍ଣ ତାଳ ରସ ଦେଇ ୫ ମିନିଟ୍ ଭଲ ଭାବେ ଘାଂଟି ସେଥିରେ ସୁଜି ଦେଇ ଆଉ ୨/୩ ମିନିଟ ଘାଂଟିବାକୁ ପଡିବ । ଏହାପରେ ତେଜପତ୍ର ଓ ଅଳେଇଚ ଫୁଟେଇ ଦେଇ ଦିଅନ୍ତୁ । ୧ ଲିଟର କ୍ଷୀରକୁ ଭଲ କରି ଫୁଟେଇ ଫୁଟେଇ ୭୦୦ ମିଲି କରି ତାକୁ ରୁମ୍ ତାପମାତ୍ରାରେ ରଖି ସେହି କ୍ଷୀରକୁ କଡେଇରେ ଥିବା ତାଳ ମିଶ୍ରଣରେ ଦେଇ ହାଲ୍‌କା ଆଂଚରେ ଘାଂଟନ୍ତୁ । ଏହାପରେ ଚିନି, କାଜୁ ଦେଇ ଘାଂଟନ୍ତୁ । ମିଶ୍ରଣ ଟିକିଏ ଶକ୍ତ ହେଲେ ଆଂଚ ବନ୍ଦ୍ କରି ଦିଅନ୍ତୁ । ଏହାକୁ ସଂପୂର୍ଣ୍ଣ ଥଣ୍ଡା କରି ପରିବେଷଣ କରନ୍ତୁ ।



# ଆଧୁନିକ ଖାଦ୍ୟର ପସରା



# ଦୁଇଟି ବ୍ୟଞ୍ଜନ




**ଶୁଭଶ୍ରୀ ମହାପାତ୍ର**

ଜି ଓଡ଼ିଶା ନିଉଜ୍‌, ନୟାପଲ୍ଲୀ,
ଭୁବନେଶ୍ୱର-୭୫୧୦୧୨


ଫଟୋ ସୌଜନ୍ୟ : ଲେଖିକା

## କ୍ରିସ୍‌ପି ବ୍ରେଡ୍‌



**ଆବଶ୍ୟକ ସାମଗ୍ରୀ :** ବ୍ରେଡ୍‌(ହ୍ୱାଇଟ୍‌ କିମ୍ବା ବ୍ରାଉନ୍‌ ବ୍ରେଡ୍‌), ଗୋଟିଏ କପ୍‌ ବେସନ, କଟା ପିଆଜ, ଧନିଆ ପତ୍ର, କଟା କ୍ୟାପ୍‌ସିକମ୍‌, କଟା ଟମାଟୋ, କଟା କଞ୍ଚା ଲଙ୍କା, ଅଦା ଓ ରସୁଣ ପେଷ୍ଟ୍‌, ଲଙ୍କା ଗୁଣ୍ଡ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ ପାତ୍ରରେ ବେସନ ଢାଳନ୍ତୁ । ଏଥିରେ କଟା ଟମାଟୋ, କଟା ପିଆଜ, ଧନିଆପତ୍ର, କଟା କ୍ୟାପ୍‌ସିକମ୍‌, କଟା ଟମାଟୋ, କଟା କଞ୍ଚା ଲଙ୍କା, ଅଦା ଓ ରସୁଣ ପେଷ୍ଟ୍‌, ସ୍ୱାଦ ଅନୁସାରେ ଲୁଣ, ହଳଦୀ, ଅଧା ଚାମୁଚ୍‌ ଲଙ୍କାଗୁଣ୍ଡ ଓ ପାଣି ମିଶାଇ ଭଲ ଭାବେ ଗୋଳାନ୍ତୁ । ସେପଟେ ତାୱାରେ ତେଲ ପକାନ୍ତୁ । ଏବେ ବ୍ରେଡ୍‌କୁ ବେସନରେ ବୁଡ଼େଇ ତାୱାରେ ପକାନ୍ତୁ । ଭଲ ଭାବେ ବ୍ରେଡ୍‌ର ଦୁଇ ପଟକୁ ଲାଲ୍‌ ହେବା ଯାଏଁ ଭାଜନ୍ତୁ । ଏଭଳି ଆପଣ ଆବଶ୍ୟକ ଅନୁସାରେ ବ୍ରେଡ୍‌ ତାୱାରେ ଗରମ କରି ପାରିବେ । ଏବେ ପ୍ରସ୍ତୁତ ହୋଇଗଲା କ୍ରିସ୍‌ପି ବ୍ରେଡ୍‌ । ଏହାସହିତ ଟମାଟୋ କିମ୍ବା ଚିଲି ସସ୍‌ ଦେଇ ଖାଇ ପାରିବେ ।

## ଫ୍ରାଏଡ୍‌ ରାଇସ୍‌

**ଆବଶ୍ୟକ ସାମଗ୍ରୀ :** ୧ କପ୍‌ ଚାଉଳ, ଲେମ୍ବୁ, କଟା ଲଙ୍କା, ପିଆଜ, ଗାଜର, ବିନ୍ସ, ରସୁଣ, ସୋୟା ସସ୍‌, ଟମାଟୋ ସସ୍‌ ଓ ଚିଲି ସସ୍‌ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚାଉଳକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହାପରେ ଅନ୍ୟ ଏକ ପାତ୍ରରେ ପାଣି ଗରମ କରନ୍ତୁ । ଗରମ ପାଣିରେ ସ୍ୱାଦ ପାଇଁ ଫାଳେ କଟା ଲେମ୍ବୁ ଚିପୁଡ଼ି ଦିଅନ୍ତୁ । ପାଣି ଫୁଟି ଆସିଲେ ବତୁରା ଯାଇଥିବା ଚାଉଳକୁ ପକାନ୍ତୁ । ଚାଉଳ ଭଲ ଭାବେ ସିଝିବା ପାଇଁ ଅଳ୍ପ କିଛି ସମୟ ଛାଡ଼ି ଦିଅନ୍ତୁ । ୧୫ ରୁ ୨୦ ମିନିଟ୍‌ ପରେ ଚାଉଳକୁ ଅନ୍ୟ ଏକ ପାତ୍ରକୁ ଛାଣି ଦିଅନ୍ତୁ । ଏହାପରେ ଏକ ପ୍ଲେଟ୍‌ରେ ଭାତକୁ ଖୋଲା ଛାଡ଼ି ଦିଅନ୍ତୁ । କଡ଼େଇରେ ୨ ଚାମୁଚ୍‌ ତେଲ ଗରମ କରନ୍ତୁ । ଏହାପରେ କଟା ପିଆଜ, କଟା ରସୁଣ, କଟା ଲଙ୍କା, ବିନ୍ସ ଓ ଗାଜରକୁ ଗରମ ତେଲରେ ଭଲ ଭାବେ ଭାଜନ୍ତୁ । ସ୍ୱାଦ ଅନୁସାରେ ଅଳ୍ପ ଲୁଣ ଦିଅନ୍ତୁ । ଭଲ ଭାବେ ଏସବୁ ଭାଜି ହୋଇଯିବା ପରେ ସୋୟା ସସ୍‌, ଟମାଟୋ ସସ୍‌ ଓ ଚିଲି ସସ୍‌ ଦିଅନ୍ତୁ । ଏହାପରେ ପ୍ଲେଟ୍‌ରେ ଥିବା ଭାତକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । କିଛି ସମୟ ପରେ ପ୍ଲେଟ୍‌କୁ ଫ୍ରାଏଡ୍‌ ରାଇସ୍‌ କାଢ଼ି ଦିଅନ୍ତୁ । ଏହାର ଚାରିପଟେ କାକୁଡ଼ି ଓ ଗାଜର ଦେଇ ଫ୍ରାଏଡ୍‌ ରାଇସ୍‌କୁ ସୁନ୍ଦର ଭାବେ ସଜେଇ ଦିଅନ୍ତୁ । ଏଥର ଫ୍ରାଏଡ୍‌ ରାଇସ୍‌ ତୟାର୍‌ । ନିଜେ ଖାଆନ୍ତୁ ଓ ଅନ୍ୟକୁ ଖୁଆନ୍ତୁ ।



# ମସଲା ଏକ : ତିଅଣ ଅନେକ



ମସଲା ପ୍ରସ୍ତୁତି

# ମସଲାରେ ନାନା ବ୍ୟଞ୍ଜନ






**ବିଶ୍ୱଭାରତୀ ଦାଶ**

ଜି- ୧, ୮ମ/୯ମ କ୍ରସ୍, ଭାନୁ ଶଙ୍କର ଆପାର୍ଟମେଣ୍ଟ୍, ଅଭୟାରେଡ଼ି ଲେଆଉଟ୍, ସି. ଭି. ରମଣ ନଗର, କାଗାଦାସାପୁରା, ବାଙ୍ଗାଲୋର-୫୬୦୦୯୩

ଫୋନ୍ : ୯୩୪୧୩୭୪୨୭୫


ଫଟୋ ସୌଜନ୍ୟ : ଲେଖିକା

## ମସଲା ପ୍ରସ୍ତୁତି

**ଆବଶ୍ୟକ ସାମଗ୍ରୀ :** ଭଜା ବଡ଼ି, ଗୋଟା ଜୀରା, ଗୋଟା ସୋରିଷ, ଶୁଖିଲା ଲଙ୍କା, ଛଡ଼ା ରସୁଣ, ଲୁଣ, ହଳଦୀ ଓ ସୋରିଷ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:** ଭଜା ବଡ଼ି(୧୦୦ ଗ୍ରାମ), ରସୁଣ(୧୦/୧୨କୋଳା / ପାଖୁଡ଼ା) ସୋରିଷ (୫୦ଗ୍ରାମ), ଶୁଖିଲା ଲଙ୍କା (୩/୪ଟା), ୧/୨ କପ୍ ପାଣିରେ ଗ୍ରାଇଣ୍ଡ୍ କରି କାଢ଼ିନେବା । ସେଥିରେ ଦୁଇ ଛୋଟ ଚାମୁଚ୍ ଲୁଣ, ୨ଛୋଟ ଚାମୁଚ୍ ହଳଦୀ ଓ ସୋରିଷ ତେଲ ୧୦/୧୨ ବୁନ୍ଦା ପକାଇ ଗୋଳାଇ ମସଲା (ପେଷ୍ଟ୍) ତିଆରି କରିନେବା । ବଳକା ରହିଯିବା ମସଲାକୁ ପାଣିରେ ଭିଜାଇ ନେଇ ବାଟିରେ ରଖିବା । ଯାହା ରାଇ ବା ବେସର ତରକାରୀରେ ପକାଇ ହେବ । ଏଇ ମସଲାରୁ ଅନେକ ତିଅଣ ପ୍ରସ୍ତୁତ କରିହେବ । ତେଣୁ ଥରୁଟିଏ ବାଟି ନେଲେ ପନ୍ଦର କୋଡ଼ିଏ ଦିନ ରହିପାରେ ଫ୍ରିଜ୍‌ରେ ।

## ଗୋଟା କଲରା କ୍ରିସ୍‌ପି ଭଜା:

ପ୍ରଥମେ କଲରାକୁ ଧୋଇ ଦୁଇ ମୁଣ୍ଡ କାଟି ନେଇ ମଝିରୁ ଗୋଟିଏ ପିଠି ଆଡୁ କଟା ହେବ । ଯେମିତି ତା ଭିତରେ ଖୋପଟିଏ ପକେଟ୍ ଭଳି ରହିବ । କରେଇରେ ହଳଦୀ ଓ ସାମାନ୍ୟ ଲୁଣ ପକାଇ ପାଣି ପକାଇ ଫୁଟାଇବାକୁ ପଡ଼ିବ । ପାଣି ଫୁଟିଗଲେ, ଅଧାଫାଳ କରିଥିବା ଗୋଟା କଲରାକୁ ଅଳ୍ପ ସିଝାଇ ନେବା । ପାଣିରୁ କାଢ଼ି, ସାମାନ୍ୟ ଚିପୁଡ଼ି, ପକେଟ୍ ସାଇଜ୍‌ରେ କଟା ହୋଇଥିବା ଜାଗାରେ, ପୂର୍ବରୁ ପ୍ରସ୍ତୁତ ମସଲାକୁ ଭର୍ତ୍ତି କରି ସଜାଡ଼ି ରଖିବା । ଏବେ କରେଇକୁ ଧୋଇ ସାମାନ୍ୟ ତେଲ ପକାଇ ଗରମ କରିବା । ତେଲ ଗରମ ହୋଇଗଲେ ପୁର ମସଲାରେ ଭର୍ତ୍ତି ହୋଇଥିବା କଲରା ପକାଇ ଭଲରେ ଭାଜିନେବା । ତା’ପରେ ଥାଳିରେ କାଢ଼ି ଗରମ ଗରମ କ୍ରିସ୍‌ପି ମସଲା କଲରା ଗୋଟା ଭଜା ପରଷି ଦେବା ଖାଇବାକୁ ।

## ଭେଣ୍ଡି ଗୋଟା ଭଜା:


ପ୍ରଥମେ ଭେଣ୍ଡିକୁ ଧୋଇ କପଡ଼ାରେ ପୋଛି, ଦୁଇପଟ କାଟି ମଝିରୁ ପକେଟ୍ ଚିରା କାଟି ରଖିବା । ପ୍ରସ୍ତୁତ ମସଲାକୁ କଟା ଅଂଶରେ ଭର୍ତ୍ତି କରିବା । କରେଇରେ ତେଲ ଗରମ କରି ଆଞ୍ଚ ଅଧିକ ଦେଇ ଭେଣ୍ଡି ସେଥିରେ ପକାଇବା । ଏପଟ ସେପଟ ଭଲରେ ଭାଜି ହୋଇଗଲା ପରେ, ପ୍ଲେଟ୍‌ରେ କାଢ଼ି ଖାଇବାକୁ ପରଷି ଦେବା ।

## ପୋଟଳ ଫାଳ ଭଜା :

ପୋଟଳକୁ ପ୍ରଥମେ ଦୁଇପଟ କାଟି, ସଂପୂର୍ଣ୍ଣ ଦୁଇଫାଳ କରିନେବା ପରେ ପାଣିରେ ଧୋଇନେବା । କରେଇରେ ତେଲ ଗରମ କରି ପୋଟଳକୁ ଭାଜିବା । ପୋଟଳ ଅଧାଭାଜି ହୋଇ ଆସିବା ବେଳକୁ ମସଲାକୁ ସାମାନ୍ୟ ପାଣିରେ ଭିଜାଇ ଗୋଳାଇବା, ପରେ ତାକୁ କରେଇରେ ବୁଲାଇ ଆଣିବେ । ଲଗାତାର ଭାଜିବାକୁ ପଡ଼ିବ କିଛି ସମୟ ଏଇ ପୋଟଳ ସହ ମସଲାକୁ । ମସଲା ସାମାନ୍ୟ ଭାଜି ହୋଇ ଆସିଲେ, କରେଇରୁ ସଂପୂର୍ଣ୍ଣ ଭଜାକୁ ପ୍ଲେଟ୍‌ରେ କାଢ଼ିନେଇ ପରଷି ପାରିବା ଖାଇବାକୁ ।

## ଛୁଇଁ ମସଲା ଭଜା:

ସଜନାଛୁଇଁକୁ ଆଙ୍ଗୁଠି ସାଇଜ୍‌ରେ କାଟି ଚୋପା ଛଡ଼ାଇ ରଖିବାକୁ ପଡ଼ିବ ପାଣିରେ । କରେଇରେ ଛୁଇଁ ମୁତାବକ ପାଣି, ହଳଦୀ ଓ ଲୁଣ ପକାଇ ସିଝାଇବାକୁ ପଡ଼ିବ । ଛୁଇଁ ଅଳ୍ପ ସିଝି ଆସିଲେ ଓହ୍ଲାଇ ପ୍ଲେଟ୍‌ରେ ରଖିବା । ଆଉ ଏକ କରେଇରେ ତେଲ ଗରମ କରି, ସାମାନ୍ୟ ଜୀରା ଫୁଟାଇ, ପ୍ରସ୍ତୁତ ମସଲାକୁ ବଘାରିବାକୁ ପଡ଼ିବ । ଛୁଙ୍କ ପ୍ରସ୍ତୁତ ହୋଇଗଲା ପରେ ସିଝା ହୋଇ ରହିଥିବା ଛୁଇଁକୁ ଭାଜିନେବା । କିଛି ସମୟ ଧରି ତାକୁ ଏପଟ ସେପଟ କରି ପ୍ଲେଟ୍‌ରେ କାଢ଼ି ଗରମ ଗରମ ପରଷି ଦେବା ।





## କଲରା-କଦଳୀ ସୁକ୍ତୋ

ଏଥିପାଇଁ ପ୍ରଥମେ କଲରା, କଦଳୀ, ଆଳୁ ଓ ଛୁଇଁକୁ କାଟି ରଖିବାକୁ ପଡ଼ିବ । ଗୋଟିଏ ଛୋଟ ପିଆଜକୁ ଗୁଣ୍ଡ କରି କାଟି ରଖିବା । କରେଇରେ ସାମାନ୍ୟ ତେଲ ଗରମ କରି ପଞ୍ଚଫୁଟଣ ପକାଇ ଛୁଙ୍କ ଦେବା । ଫୁଟଣ ଫୁଟିଲେ କଟା ହୋଇଥିବା ପିଆଜକୁ ପକେଇ ଭାଜିବା । ପିଆଜ ସାମାନ୍ୟ ଭାଜି ହୋଇଗଲେ, କଟା ପରିବା ପକାଇ ସିଝାଇବା । କିଛି ସମୟ ପରେ ଛୁଇଁ ପକାଇ ପ୍ରସ୍ତୁତ ହୋଇଥିବା ମସଲା ଓ ତା'ର ପାଣିକୁ ଏଥିରେ ପକାଇ ଆଉ କିଛି ସମୟ ଫୁଟାଇଲା ପରେ ଓହ୍ଲାଇ ଦେବା । ଏବେ ଏହାକୁ ପରଷି ପାରିବା ।

## ଡାଙ୍ଗ ବେସର(ଶାଗଡାଙ୍ଗ ବା କୋବି ଡାଙ୍ଗ)

ଏଥିପାଇଁ ପ୍ରଥମେ ଆଳୁ, ବାଇଗଣ ଓ କଖାରୁ ବା ବୋଇତାଳୁକୁ ଛୋଟ ଛୋଟ କାଟି ପାଣିରେ ଧୋଇବାକୁ ପଡ଼ିବ । ତାପରେ ବଛା ହୋଇଥିବା ଖଡ଼ାଶାଗର ଡାଙ୍ଗ ବା କୋବିର ଡାଙ୍ଗକୁ ଛୋଟ ଛୋଟ କାଟି ପରିବା ସହ ଧୋଇ ରଖିବାକୁ ପଡ଼ିବ । ଗୋଟିଏ ଛୋଟ ପିଆଜ ଓ ଟମାଟୋକୁ ମଧ୍ୟ କାଟି ରଖିବା । ଏଥର କରେଇରେ ସାମାନ୍ୟ ତେଲ ଗରମ କରି ପଞ୍ଚଫୁଟଣ ଓ ପିଆଜ ପକାଇ ଭାଜିବା । ପିଆଜ ସାମାନ୍ୟ ଭାଜି ହୋଇ ଆସିଲେ କଟା ଟମାଟୋ ପକାଇ ପୁଣିଥରେ ଭଲରେ ଭାଜିବାକୁ ପଡ଼ିବ । ଟମାଟୋ ସାମାନ୍ୟ ମିଶିଗଲା ପରେ କଟା ପରିବା ଓ ସାମାନ୍ୟ ଲୁଣ ଓ ହଳଦୀ ପକାଇ, ଏକ କପ୍ ପାଣି ଦେଇ ଘୋଡ଼ାଇ ସିଝାଇବାକୁ ପଡ଼ିବ । ପରିବାର ଅଧା ସିଝିଗଲା ପରେ ପ୍ରସ୍ତୁତ ହୋଇଥିବା ମସଲାକୁ ପକେଇ ଘାଣ୍ଟି ଦେବାକୁ ପଡ଼ିବ ପରିବା ସହ । କିଛି ସମୟ ଘୋଡ଼ାଇ ଦେବା । ପାଣି ସବୁ ଭଲଭାବେ ପରିବା ସହ ମିଶିଗଲେ ଓହ୍ଲାଇ ଆଣି ଧଣିଆପତ୍ର ଛୋଟ ଛୋଟ କାଟି ଗରମ ଗରମ ପରଷି ପାରିବା ।



## ଓଉ ଖଟା

ଓଉକୁ ଚୋପା ଛଡ଼ାଇ ସିଝାଇ ଦେବେ ହଳଦୀ ଓ ଲୁଣ ପକେଇ । ଓଉ ସିଝିଗଲା ପରେ, ତାକୁ କରେଇରୁ କାଢ଼ି, ପାଣି ଚିପୁଡ଼ି ରଖିବେ । ପ୍ରସ୍ତୁତ ହୋଇଥିବା ମସଲାରେ କଞ୍ଚା ଗୋଳେଇ ଆଉଟିକେ ଲୁଣ ଓ ସୋରିଷ ତେଲ ଦେଇ ଟାଣ ଖରାରେ ରଖିଲେ ସବୁଦିନ ଏହା ଆଚାର ପରି ଖାଇବା ସହ ସୁଆଦିଆ ରହେ ।

## ବିଶେଷ ଧ୍ୟାନ ରଖିବାକୁ ପଡ଼ିବ

ପ୍ରସ୍ତୁତ ମସଲାରେ ଯେହେତୁ ହଳଦୀ, ଲୁଣ ଓ ସୋରିଷ ତେଲ ପଡ଼ିଛି, ତେଣୁ ପ୍ରସ୍ତୁତ ହେବାକୁ ଥିବା ତରକାରୀରେ ଲୁଣ ଓ ତେଲ ପକାଇଲା ବେଳେ ଏ କଥାକୁ ମନେରଖିଲେ ଭଲ । ସ୍ୱାଦ ବେଶ୍ ଠିକ୍ ରହିବ । ପରିବାକୁ ଧ୍ୟାନ ରଖି ମସଲା ପକାଇବାକୁ ପଡ଼ିବ । ଏହି ମସଲାକୁ ବଡ଼ି ବିନା ବି ପ୍ରସ୍ତୁତ କରାଯାଇ ପାରିବ ଓ ମାସେ ପର୍ଯ୍ୟନ୍ତ ରହିପାରିବ ଫ୍ରିଜ୍‌ରେ ।


Best wishes from :-

NHSS

NEWTONIAN

HIGHER SECONDARY SCHOOL (NIST)

(A High Profile +2 Science & Arts Residential College)

NALAMGANJ, BALASORE
Phone No.- 06782-261140

E-mail : nist923@gmail.com
Website : nistresidentialcollege.in

## ସୁଖ୍ୟାତ କବି **ସୌଭାଗ୍ୟ କୁମାର ମିଶ୍ର**

## ରେବତୀ ପାଇଁ ସ୍ୱତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : ଆଦିତ୍ୟ ରାଉତ

**ଶୁଭେଚ୍ଛା ସହ...**

ସୌଭାଗ୍ୟକୁମାର ମିଶ୍ର



# ଲେଖକର ଜାତିଗୋତ୍ର

ସାମାଜିକ ଚଳଣିରେ ଯେପରି ଜାତିପ୍ରଥାର ପ୍ରଚଳନ ବହୁ ଆଗରୁ ଥିଲା ଓ ଏବେ ମଧ୍ୟ ସେଥିରେ ସାମାନ୍ୟ କୋହଳ ପଣ ଆସିଥିଲେ ସୁଦ୍ଧା ସଂପୂର୍ଣ୍ଣ ଦୂରେଇ ଯାଇନି, ଠିକ୍ ସେଇପରି ସାହିତ୍ୟ ଜଗତରେ ଆତଜାତ ଲେଖକଙ୍କର ବି କ'ଣ ଜାତିଗୋତ୍ର ଅଛି ? ଲେଖକଟିଏ କ'ଣ ତା'ର ଜାତିଗୋତ୍ର ଦ୍ୱାରା ଚିହ୍ନିତ ହୁଏ ? ଯଦି ହଁ, ତେବେ ଲେଖକର ଜାତିଗୋତ୍ର ପ୍ରକୃତରେ କଣ ? ଏମିତି ଏକ ପ୍ରଶ୍ନ ମୋ ଭିତରେ ବହୁଦିନରୁ ଆନ୍ଦୋଳିତ ହେଉଥିଲେ ହେଁ ମୁଁ ଏହାର ସଠିକ୍ ଓ ସନ୍ତୋଷଜନକ ଉତ୍ତର ପାଇପାରୁନି । ଏମିତିରେ ଜାତିଗତ ବିଚାରକୁ ସମାଜରୁ ମୂଳପୋଛ କରିବା ପାଇଁ ବାରମ୍ବାର ପ୍ରୟାସ ହୋଇଥାଏ । ଆମେ ଯେଉଁମାନେ ଲେଖାଲେଖି ଦିଗରେ ବ୍ରତୀ, ସେମାନେ ଯେ ଲେଖକର ଏକ ପରିଚୟ ନେଇ ସମାଜରେ ପରିଚିତ ହୋଇଥାନ୍ତି, ଏଥିରେ ଦ୍ୱିମତ ନାହିଁ । ଲେଖକ ଭାବରେ ଏକ ସ୍ୱତନ୍ତ୍ର ପରିଚୟ ଥିବା ସତ୍ତ୍ୱେ କାହିଁକି ତେବେ ଲେଖକ ଭିତରେ ଜାତିଗୋତ୍ରକୁ ନେଇ ପ୍ରଶ୍ନାକୁଳତା ଉଙ୍କି ମାରେ ? କାହିଁକି ଏ ପ୍ରକାର ଏକ ଶ୍ରେଣୀ ବିଭାଜନକୁ ନେଇ ଲେଖକମାନେ ମୁଣ୍ଡ ଖେଳାନ୍ତି ? କ'ଣ ଥାଏ ଏ ପ୍ରକାର ଏକ ମାନସିକତାରେ ?

ଲେଖକର କାମ ହେଲା ନିଜ ସୃଷ୍ଟି ଓ ସର୍ଜନା ପ୍ରତି ସର୍ବଦା ନିଷ୍ଠାପର ଭାବେ ମନୋନିବେଶ କରିବା । କାରଣ ତାର ଲେଖା ବା ସୃଷ୍ଟିଶୀଳତା ହିଁ ତାକୁ ଜନମାନସରେ ସ୍ମରଣୀୟ କରି ରଖିବ । ଏହାକୁ ବାଦ୍ ଦେଇ ଲେଖକ ଆଉ ଯାବତୀୟ କର୍ମରେ ନିଜକୁ ଯେତେ ଗମ୍ଭୀର ଭାବେ ନିୟୋଜିତ କଲେ ସୁଦ୍ଧା ପ୍ରସିଦ୍ଧି ମିଳିବା ତ ଦୂରର କଥା, ଆତ୍ମସନ୍ତୁଷ୍ଟି ବି ମିଳିବ ନାହିଁ । ଲେଖକ ଦ୍ୱାରା ରଚିତ ସୃଷ୍ଟି ହିଁ କାଳଖଣ୍ଡରେ ଖ୍ୟାତି ଅର୍ଜନ କରିବା ସହ କାଳୋତ୍ତୀର୍ଣ୍ଣ ପର୍ଯ୍ୟାୟକୁ ମଧ୍ୟ ଚାଲି ଯାଇଥାଏ । ପ୍ରକାରାନ୍ତରରେ ଏ 'ଖ୍ୟାତି' ଶେଷତଃ ଲେଖକକୁ ହିଁ ପ୍ରାପ୍ତ ହୋଇଥାଏ । ତେଣୁ ଲେଖକ ଯାହା ଲେଖେ ତାହା ହିଁ ତା'ର ଏକମାତ୍ର କର୍ମ । ଆଉ ଏହି କର୍ମ ଭିତରେ ହିଁ ନିହିତ ହୋଇଥାଏ ଜାତି ଧର୍ମ ବର୍ଣ୍ଣ ଗୋତ୍ର-ସବୁକିଛି ।

ଆମେ ଅନେକ ସମୟରେ ଜଣେ ଲେଖକର ସୃଷ୍ଟିଟିକୁ ପଢ଼ି ଏତେ ପ୍ରଭାବିତ ହୋଇଯାଉ ଯେ, ଅଗତ୍ୟା ଖୋଜି ବୁଲୁ ସେ ଲେଖକର ସବିଶେଷ ଜୀବନାବଳୀ । ମୁଖ୍ୟତଃ ସେ ଲେଖକଟିର ଜନ୍ମସ୍ଥାନ କେଉଁଠି ସେ ବିଷୟରେ ଆମର କୌତୁହଳ ବେଶି ଥାଏ । କିନ୍ତୁ ଜଣେ ଲେଖକର ଜନ୍ମସ୍ଥାନ ସହିତ ତା'ର ଲେଖକୀୟ ଭାବସତ୍ତାର ସମ୍ପର୍କ କ'ଣ ? ସେ ପୃଥିବୀର ଯେକୌଣସି ଭୂଭାଗରେ ଜନ୍ମିଥାଉ ନା କାହିଁକି, ଅସଲରେ ଲେଖକ ଭାବରେ ତ ସେ ଆମକୁ ପ୍ରଭାବିତ କରିପାରିଛନ୍ତି- ଏତିକି ଆମେ ଭାବିଦେଲେ ହିଁ ଜଣେ ଲେଖକର ଜାତିଗୋତ୍ର ବିଷୟକ ମୋର ବା ଆମର ମୂଳ ପ୍ରଶ୍ନବାଚୀଟି ରହିବନି ଆଉ ।

ଜଣେ ଲେଖକ ସ୍ଥାନୀୟତା ଦୃଷ୍ଟିରୁ କେଉଁଠି ଜନ୍ମ ଗ୍ରହଣ କରିଛି, ତାକୁ ନେଇ ଆମେ ସେ ଲେଖକର ପରିଚୟ ତିଆରିବା ଅନୁଚିତ । ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ଜନ୍ମିଥିବା ଲେଖକମାନେ ସମସ୍ତେ ଓଡ଼ିଆ ଲେଖକ ଭାବରେ ପ୍ରସିଦ୍ଧ । ସେମାନଙ୍କୁ ସ୍ଥାନୀୟତା ବିଚାରରେ ବାଲେଶ୍ୱରୀ ଲେଖକ କି କଟକୀ ଲେଖକ କୁହାଯିବା ଯୁକ୍ତିସଂଗତ ନୁହେଁ । କାରଣ ଓଡ଼ିଆ ସାହିତ୍ୟ ଓ ଭାଷାକୁ ନେଇ ହିଁ ଲେଖକଟିଏ ତା'ର ନିଜସ୍ୱ ସୃଜନ-ପୃଥିବୀ ତିଆରି କରେ । ତେଣୁ ସେ ଓଡ଼ିଆ ଲେଖକ ଏବଂ ପରେ ଭାରତୀୟ ଲେଖକ ବୋଲାଇବାରେ ଅସୁବିଧା କିଛି ନାହିଁ ।

ଜଣେ ଲେଖକର ଲେଖା ଛଡ଼ା ଅନ୍ୟ କୌଣସି ବିଷୟ ବିଚାରଣୀୟ ନୁହେଁ । ସେ ସଂଗ୍ରାମ କରୁଥାଇ ପାରେ । ସେ ବିଲରେ ଚାଷ କରୁଥାଇ ପାରେ । ସେ ଇଂଜିନିୟର୍ କି ଡାକ୍ତର ହୋଇଥାଇ ପାରେ । କିନ୍ତୁ ପରିଚୟ ହେଉଛି ତାର ଲେଖା । ତେଣୁ ଲେଖକକୁ 'ଲେଖା' ମାଧ୍ୟମରେ ହିଁ ଆମେ ତାକୁ ପରିଚିତି ଦେଇଥାଉ ବା ସମାଜରେ ସେ ସେହିଭଳି ଭାବରେ ଗ୍ରହଣୀୟ ହୋଇଥାଏ । 'ଲେଖା'କୁ ସର୍ବାଧିକ ଗୁରୁତ୍ୱ ଦେଲେ ହିଁ ଲେଖକଟିଏ ଭଲ ଲେଖି ପାରିବା ସହିତ ଅନ୍ୟର ଲେଖାକୁ ମଧ୍ୟ ବୁଝି ପାରିବ ।

ଆଜିର ସମୟରେ ଲେଖକ ଓ ଲେଖକ ମଧ୍ୟରେ ଉଦାରତାର ଅଭାବ ବେଶ୍ ବାରି ହୋଇପଡ଼େ । ଏ ଉଦାର-ଭାବଟି ଥିଲେ ଲେଖକଟିଏ ତା'ର ସମଧର୍ମା ଲେଖକକୁ ଠିକ୍‌ରେ ବୁଝି ପାରନ୍ତା । ଲେଖକ ଲେଖକ ଭିତରେ ଲଢ଼େଇ ହୁଅନ୍ତା ନାହିଁ । କେହି ଭାବନ୍ତେ ନାହିଁ, ମୁଁ ତା' ଠୁଁ ବଡ଼ ଲେଖକ କି ସେ ମୋ ଠୁଁ ସାନ ଲେଖକ । ମାନସିକତାରେ ଏକ ସାମ୍ୟଭାବ ଏବଂ ମୈତ୍ରୀଭାବ ଥିଲେ କୌଣସି ବି ପରିସ୍ଥିତିରେ ପାରସ୍ପରିକ ଲଢ଼େଇ ହୁଅନ୍ତା ନାହିଁ । ଆଜି ସାହିତ୍ୟ କ୍ଷେତ୍ରରେ ଆଞ୍ଚଳିକତାବାଦ ଏବଂ ଜାତିଗୋତ୍ରକୁ ନେଇ ଯେଉଁ ପ୍ରକାର ପରସ୍ପର ଦୋଷାରୋପ ଚାଲିଛି, ତାହା ଓଡ଼ିଆ ଜାତିର ଅସ୍ମିତା ପାଇଁ ଘୋର୍ ଲଜ୍ଜାର ବିଷୟ ।

ସର୍ବଶେଷରେ କହିବି, ଲେଖକ ତ ଲେଖକ । ତା'ର ପୁଣି ଜାତି କ'ଣ ଗୋତ୍ର କ'ଣ! ଆମେ ସମସ୍ତେ ଛୋଟ ଏକ ଭୌଗୋଳିକ ପରିସୀମା ଭିତରେ ଆତଯାତ ହେଉଛୁ । ଓଡ଼ିଆ ଭାଷା ଓ ସାହିତ୍ୟ ହେଉଛି ଆମର ପରିଚୟ । ସେ ପରିଚୟର ପରିସୀମା ଭିତରେ ଆମେ ଜଣେ ଜଣେ ଲେଖକ । ଆମେ ଖୋଜିବା ନାହିଁ ଜାତିଗୋତ୍ର । ଆମେ ଖୋଜିବା ନାହିଁ ଭାଙ୍ଗିବାର ସୂତ୍ର । ଆମେ ଖୋଜିବା ନାହିଁ ଘୃଣାର ଘୁଣପୋକ । ଆମର ଗୋଟିଏ ପରିଚୟ, ଆମେ ଲେଖକ ।





M P

Discover the magic of

*Antique Collection*

and create lasting impressions
of your special day




DIAMOND | GOLD | PLATINUM | SILVER

**MANHARLAL PALA**

*Jewellers*

V.N. MARG, NEAR HQ HOSPITAL, BALASORE.
Ph : (06782) 262424, Mob : 99408 19380
E-Mail : mpalajewellers@yahoo.co.in

www.mpalajewellers.com

The **REBATI AMA MATIRA SWARA** • August & September 2019 Vol - 1 Issue - 10/11 • R.N.I. Title Code : ODIODI 07916 • Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

Email : contactus@supratikgroup.com
Website : www.supratikgroup.com

Associate editor : **Krushna Kumar Mohanty**
Editor : **Subasini Jena**